୯୫ବର୍ଷ ପରେ ପୁଣି ଥରେ...

ଓଡ଼ିଆ ସାହିତ୍ୟର

# ମୁକୁର

www.mukura.co

ଫକୀରମୋହନ ସେନାପତି
ଗୋପୀନାଥ ମହାନ୍ତି
ପଣ୍ଡିତ ଗୋଦାବରୀଶ ମିଶ୍ର
ଚନ୍ଦ୍ରଶେଖର ରଥ
ରସ୍କିନ୍ ବଣ୍ଡ୍
ଅକ୍ଷୟ ମହାନ୍ତି
ଦେବଦାସ ଛୋଟରାୟ
ବନଜ ଦେବୀ
ରମେଶ ଚନ୍ଦ୍ର ପଟ୍ଟନାୟକ
ନିଜାର ଅଜୀମ
ବଲବିନ୍ଦର
ମାନସ କୁମାର ପାଢ଼ୀ
ଶାନ୍ତନୁ ମହାପାତ୍ର
ଅତନୁ ଭଟ୍ଟାଚାର୍ଯ୍ୟ
ଡ. ରଞ୍ଜନ ପ୍ରଧାନ
ସୁରେନ୍ଦ୍ର କୌର
ବିଚିତ୍ର ବିଶ୍ୱାଳ
ଗିରିଜା ଶଙ୍କର ମିଶ୍ର
ଶତପଥି ରୋଜାଲିନ୍ ବେହେରା
ସୁଜାତା ମହାପାତ୍ର
ସୁସ୍ମିତା ପଟେଲ
ଯୋଗେଶ୍ୱର ପଣ୍ଡା
ଅଶୋକ କୁମାର ମିଶ୍ର
ସୁଦର୍ଶନ ମହାପାତ୍ର
ଡ଼. ଚିତ୍ତରଂଜନ ବେହେରା
ଡ଼. ଅରବିନ୍ଦ ରାୟ



*Vol. 1 *Issue 1 * 1st Edition * Date of Publication : 14.06.2025, Published by Sector 11, Abasika Sangha CDA, Total Pages : 120 50/-

ଓଡ଼ିଆ ସାହିତ୍ୟର
ମୁକୁର
www.mukura.co

ବର୍ଷ ୧, ସଂଖ୍ୟା ୧, ଜୁନ୍ ୨୦୨୫

**ସମ୍ପାଦକ**
ଗୌତମ ସିଦ୍ଦିକ୍

**ସମ୍ପାଦନା ମଣ୍ଡଳୀ**
ପ୍ରଫେସର ଅକ୍ଷୟ ଦାଶ
ବିପିନ ବିହାରୀ ରାଉତ
ଶ୍ରୀମତୀ ଗୀତା ହକ୍

**ପ୍ରଚ୍ଛଦ**
ରବି ନାରାୟଣ ରଥ

**ଚିତ୍ରସଜ୍ଜା**
ପ୍ରଣବ ଅଖଣ୍ଡ

**ମୁଖ୍ୟ ଉପଦେଷ୍ଟା**
ପ୍ରଫେସର ଡାଃ ସତ୍ୟାନନ୍ଦ ରାଉତରାୟ

**ଉପଦେଷ୍ଟା ମଣ୍ଡଳୀ**
ଜଗବନ୍ଧୁ ମିଶ୍ର
ଗୁରୁ ଆଶିଷ ଦାସ
ଡକ୍ଟର ସମି ସଲିମ୍
ପ୍ରଫେସର, ଡଃ ଧୀରେନ୍ଦ୍ର କୁମାର ଦଳାଇ

**ବିଜ୍ଞାପନ ଏବଂ ପ୍ରସାରଣ**
ସରୋଜ କୁମାର ମିଶ୍ର

**ପ୍ରକାଶନ**
ଗୌତମ ସିଦ୍ଦିକ୍
ସାଧାରଣ ସମ୍ପାଦକ
ସେକ୍ଟର-୧୧ ଆବାସିକ ସଂଘ
ସି.ଡ଼ି.ଏ, କଟକ-୭୫୩୦୧୫, ଓଡ଼ିଶା
ଫୋନ୍ : ୦୬୭୧-୨୯୫୯୪୧୧

**ଯୋଗାଯୋଗ**
୨ଡି/ ୩୧୮, ସେକ୍ଟର-୧୧
ସି.ଡ଼ି.ଏ, କଟକ-୭୫୩୦୧୫, ଓଡ଼ିଶା
ଫୋନ୍ : ୦୬୭୧-୨୯୫୯୪୧୧
ମୋ : ୭୦୦୮୬୭୩୮୬୧
Email : mukura@mukura.co / mukurapatrika@gmail.com

**ମୂଲ୍ୟ : ୫୦ ଟଙ୍କା**

## ସମ୍ପାଦକୀୟ

### ଆପାତତଃ ଶତାବ୍ଦୀର୍ ନୀରବ୍‌ତା ପରେ୍ ପୁନଃ ମୁକୁର୍ .....

**ପ୍ରିୟପାଠକ/ପାଠିକା,**

ମୁକୁରର ପୁନର୍ଜନ୍ମରେ ଆପଣଙ୍କୁ ସ୍ୱାଗତ ! ଦିନଥିଲା, ମୁକୁର କଟକରୁ ପ୍ରକାଶିତ ହୋଇ ସମଗ୍ର ଓଡ଼ିଆ ଭାଷାଭାଷୀ ଅଂଚଳମାନଙ୍କରେ ଓଡ଼ିଆ ପରିଚୟ, ସାହିତ୍ୟ ଓ ଅସ୍ମିତାର ଏକ ଆଲୋକବର୍ତ୍ତିକା ଭାବରେ ଉଜ୍ଜଳି ଉଠୁଥିଲା । ନବେ ଦଶକ ପୂର୍ବେ, ୧୯୩୦ରେ, ଏହି ଐତିହାସିକ ପତ୍ରିକାର ଶେଷ ସଂସ୍କରଣ ଏକ ଉତ୍ତରାଧିକାରକୁ ଛାଡ଼ି ଶେଷଥର ପାଇଁ ପ୍ରକାଶିତ ହୋଇଥିଲା, ଯାହା ଏକଭାଷା, ଏକଜାତି ଓ ଏକରାଜ୍ୟକୁ, ଛବର୍ଷ ପରେ ୧୯୩୬ ମସିହାରେ ଅଖଣ୍ଡ ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଠନର ଆକାର ଦେଇଥିଲା । ଆଜି, ଏପ୍ରିଲ ୨୦୨୫ରେ, ଆମେ ସେହି ଜ୍ୟୋତିକୁ ପୁନର୍ବାର ପ୍ରଜ୍ୱଳିତ କରାଇବାର ସାହସ ଜୁଟେଇ ପାରିଛୁ । ମୁକୁର କେବଳ ଅତୀତର ପ୍ରତିଧ୍ୱନି ନୁହେଁ, ବରଂ ବର୍ତ୍ତମାନ ପାଇଁ ଏକ ସାହସୀ ସ୍ୱର ଓ ଭବିଷ୍ୟତ ପାଇଁ ଏକ ସେତୁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

୧୯୦୬ରେ ବ୍ରଜସୁନ୍ଦର ଦାସ ଯେତେବେଳେ ମୁକୁରର ପ୍ରତିଷ୍ଠା କରିଥିଲେ, ସେତେବେଳେ ଏହା କେବଳ ଏକ ପତ୍ରିକା ନଥିଲା, ଏହା ଥିଲା ଏକ ଆନ୍ଦୋଳନ । ଦୁଇ ଟଙ୍କା ମୂଲ୍ୟରେ ବିକ୍ରି ହେଉଥିବା ଏହି ମାସିକ ପତ୍ରିକା, ଏକ ଜାତିର ଆକାଂକ୍ଷାର ଭାରବହନ କରିବା ସହ ଗଳ୍ପ, କବିତା ଓ ଚିନ୍ତାଧାରାରେ ସମଗ୍ର ଓଡ଼ିଆ ଜାତିକୁ ଜାଗ୍ରତ କରାଉଥିଲା ।

ପ୍ରକାଶ କାଳରେ, ମୁକୁରର ପୃଷ୍ଠାଗୁଡ଼ିକ, ଜାତୀୟତାବାଦରୁ ନେଇ ଦର୍ଶନ, ଇତିହାସରୁ ବିଜ୍ଞାନ ପର୍ଯ୍ୟନ୍ତ ସମସ୍ତ ବିଷୟମାନଙ୍କରେ ତଥା ଏକ ଦୂରନ୍ତ ଲକ୍ଷ୍ୟ ନେଇ ସଜୀବ ହୋଇଉଠୁଥିଲା । "ସତ୍ୟବାଦୀଯୁଗ"ରେ ମୁକୁର, ଉତ୍କଳସାହିତ୍ୟ ସମାଜ ସହ କାନ୍ଧକୁ କାନ୍ଧ ମିଳାଇ ଠିଆ ହୋଇଥିଲା । ଗୋପବନ୍ଧୁ ଦାସ, ଫକୀରମୋହନ ସେନାପତି, ମଧୁସୂଦନ ଦାସ, ନୀଳକଣ୍ଠ ଦାସ, କୃପାସିନ୍ଧୁ ମିଶ୍ର, ମୃତ୍ୟୁଞ୍ଜୟ ରଥ, ଶ୍ରୀବତ୍ସ ପଣ୍ଡା ଓ କୁନ୍ତଳା କୁମାରୀ ସାବତଙ୍କ ପରି ସାହିତ୍ୟ ମହାରଥୀମାନଙ୍କୁ ପ୍ରେରଣା ଦେଇଥିବା ସାହିତ୍ୟର ସ୍ୱର ଆଜି ମଧ୍ୟ ଆମ ଓଡ଼ିଆ ଜାତିର ସାହିତ୍ୟରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ।

ପ୍ରାୟ ଏକ ଶତାବ୍ଦୀ ପରେ, ଜଗତ ନାଟକୀୟ ଭାବରେ ବଦଳି ଯାଇଛି । ଭାଷାକୋଷ ଗଳିର ହାତଚାଳିତ ମୁଦ୍ରଣ ଯନ୍ତ୍ର ଆଜି ଡିଜିଟାଲ ବିପ୍ଳବରେ ପରିଣତ ହୋଇଛି । ଓଡ଼ିଆ ପରିଚୟ, ଗର୍ବ ଆହୁରି ଦିଗନ୍ତ ବିସ୍ତାରି ହୋଇଯାଇଥିଲେ ମଧ୍ୟ, ନୂଆ ପରିବର୍ତ୍ତନର ଏବଂ ଆହ୍ୱାନର ସମ୍ମୁଖୀନ ହୋଇଛି । କିନ୍ତୁ ଆଜି ବି ଓଡ଼ିଆ କଥା-କାହାଣୀ, ଓଡ଼ିଆ ସ୍ୱପ୍ନ ବିଭବ ଏବଂ ଓଡ଼ିଆ ଚିନ୍ତା ଚେତନା ସହ ସୃଜନଶୀଳତାକୁ ପ୍ରୋତ୍ସାହନ ଦେଉଥିବା ଏକ ସାହିତ୍ୟିକ ମଞ୍ଚର ଆବଶ୍ୟକତା ଆଗ ପରି ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି । ଓଡ଼ିଆ ସାହିତ୍ୟର ମୁକୁରରଏହି ପୁନରୁତ୍ଥାନ, କେବଳ ଏକ ପ୍ରଗାଢ଼ ପୁରାତନ ପ୍ରେମଜନିତ (ନୋସ୍ଟାଲଜିକ) ପ୍ରତ୍ୟାବର୍ତ୍ତନ ନୁହେଁ, ବରଂ ନୂଆ ଏକ ଜୀବନର ପୁନର୍କଳ୍ପନା ମାତ୍ର ।

୯୫ ବର୍ଷପରେ, ଏହି ପ୍ରଥମ ସଂସ୍କରଣରେ, ଓଡ଼ିଆ ସାହିତ୍ୟର ମୁକୁରର ପୃଷ୍ଠା ଗୁଡ଼ିକ ଆଧୁନିକତା ସହ ଲଢୁଥିବା ଓ ପରମ୍ପରାକୁ ସମ୍ମାନ ଦେଉଥିବା ଗଳ୍ପ ସମ୍ଭାରକୁ ବହନ କରିଛି, ଯାହା ନିଜକୁ ପ୍ରଶ୍ନକରେ, ଉତ୍ସବ ମନାଏ, ଏକତ୍ରିତ କରାଏ ଓ ଉତ୍ତେଜନା ସୃଷ୍ଟିକରେ । ଯେମିତି ବ୍ରଜସୁନ୍ଦର ଦାସ କେବେ ଅତ୍ୟାଧୁନିକ ଲେଟ୍‌ଟାଇପ୍ ମେସିନ ମୁକୁର ମୁଦ୍ରଣାଳୟକୁ ଆଣିଥିଲେ, ସେହିପରି ଆମେ ଆଜିର ଉପକରଣକୁ ଆପଣାଇ, ପତ୍ରିକାର ମୂଳ ଉଦ୍ଦେଶ୍ୟ ଅକ୍ଷୁର୍ଣ୍ଣ ରଖି, ଆପଣ ଯେଉଁଠି ଥାଉନ୍ତୁନା କାହିଁକି, ଆପଣଙ୍କ ପାଖରେ ପହଂଚିବା ପାଇଁ ପ୍ରତିଶ୍ରୁତିବଦ୍ଧ ।

୯୫ବର୍ଷ ପରେ, ଆମେ ଅତୀତ ପାଇଁ କୃତଜ୍ଞତା ଓ ଭବିଷ୍ୟତ ପାଇଁ ସାହସ ସହ ଓଡ଼ିଆ ସାହିତ୍ୟର ମୁକୁରର ଏହି ପୃଷ୍ଠା ଗୁଡ଼ିକୁ ପୁଣିଥରେ ଓଡ଼ିଆ ଜାତିର କଥା ଓ କାହାଣୀରେ ସଜେଇବା ଆରମ୍ଭ କରିଛୁ । କାଲି ନୂଆ, କାହାଣୀ ସାଂପ୍ରତିକ ଓ ଯାତ୍ରା ଅନନ୍ତ । ଓଡ଼ିଆ ସାହିତ୍ୟର ମୁକୁରର ପୁନଃ ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ !

**ଜୟ ଓଡ଼ିଶା, ଜୟ ଓଡ଼ିଆ ....**

## ଏହି ସଂଖ୍ୟାରେ....

ଓଡ଼ିଆ ସାହିତ୍ୟର ମୁକୁର
www.mukura.co


| | | | |
|---|---|---|---|
| ୧. | ସଭ୍ୟ ଜମିଦାର | ଫକୀର ମୋହନ ସେନାପତି | ୩ |
| ୨. | ଅବିବାହିତର ଆରାମ ଚୌକି | ଗୋପୀନାଥ ମହାନ୍ତି | ୧୧ |
| ୩. | ଶ୍ରୀମତୀ | ପଣ୍ଡିତ ଗୋଦାବରୀଶ ମିଶ୍ର | ୧୫ |
| ୪. | ସ୍ୱପ୍ନଭଙ୍ଗ | ଚନ୍ଦ୍ରଶେଖର ରଥ | ୧୯ |
| ୫. | ଗୋଟିଏ ଚୋରର କାହାଣୀ | ଅନୁବାଦ : ଶ୍ରୁତକୀର୍ତ୍ତି ତ୍ରିପାଠୀ | ୨୨ |
| ୬. | ଗୀର୍ଜା | ଅକ୍ଷୟ ମହାନ୍ତି | ୨୫ |
| ୭. | ଦର୍ପଣ | ଦେବଦାସ ଛୋଟରାୟ | ୨୭ |
| ୮. | ଗଙ୍ଗଶିଉଳି | ବନଜ ଦେବୀ | ୩୩ |
| ୯. | ଦେବଶିଶୁ | ରମେଶ ଚନ୍ଦ୍ର ପଟ୍ଟନାୟକ | ୪୪ |
| ୧୦. | ଆଶ୍ରୟ | ଅନୁବାଦ : ସୁକୋମଳ ଦାଶ | ୪୮ |
| ୧୧. | ମାଆଙ୍କ ଶିକ୍ଷା | ଅନୁବାଦ : ସମ୍ବେଦନା ମିଶ୍ର | ୫୩ |
| ୧୨. | ବିଜୟ ପଥେ | ମାନସ କୁମାର ପାଢ଼ୀ | ୫୬ |
| ୧୩. | ଯନ୍ତ୍ରଣାର ରଙ୍ଗ | ଶାନ୍ତନୁ ମହାପାତ୍ର | ୫୮ |
| ୧୪. | ଗୋଟିଏ ଗୋଟିଏ ଶବ୍ଦ | ଅନୁବାଦ : ଶାନ୍ତନୁ କୁମାର ନାୟକ | ୬୧ |
| ୧୫. | ଦେବୀ ମୁହଁ | ଡକ୍ଟର ରଞ୍ଜନ ପ୍ରଧାନ | ୬୬ |
| ୧୬. | ପ୍ରକୃତ ସେବା | ଅନୁବାଦ : ନଗେନ୍ଦ୍ର ନାଥ ପଟ୍ଟନାୟକ | ୭୩ |
| ୧୭. | ଦେବୀ | ବିଚିତ୍ର ବିଶ୍ୱାଳ | ୭୪ |
| ୧୮. | ଶେଷ ଚିଠି | ଗିରିଜା ଶଙ୍କର ମିଶ୍ର | ୮୧ |
| ୧୯. | ମୂଳିଶାଗ୍ | ସତପଥି ରୋଜାଲିନ୍ ବେହେରା | ୮୬ |
| ୨୦. | କୁନି ମାତାଜୀ | ସୁଜାତା ମହାପାତ୍ର | ୮୯ |
| ୨୧. | ରଙ୍ଗ | ସୁସ୍ମିତା ପଟେଲ | ୯୪ |
| ୨୨. | ଅଭଦ୍ର ଲୋକ | ଯୋଗେଶ୍ୱର ପଣ୍ଡା | ୯୬ |
| ୨୩. | ଅଙ୍କ ଆତଙ୍କ | ଅଶୋକ କୁମାର ମିଶ୍ର | ୯୯ |
| ୨୪. | ବାପା | ସୁଦର୍ଶନ ମହାପାତ୍ର | ୧୦୩ |
| ୨୫. | ଅଚିହ୍ନା ଭୂଗୋଳ | ଡକ୍ଟର ଚିତ୍ତରଂଜନ ବେହେରା | ୧୦୬ |
| ୨୬. | ଗାନ୍ଧିବାଦୀ | ଡ. ଅରବିନ୍ଦ ରାୟ | ୧୧୨ |


❖



# ସଭ୍ୟ ଜମିଦାର

ଫକୀର ମୋହନ ସେନାପତି

**ବା**ବୁ ବଳରାମ ବଳ କଲିକତା ବଡ଼ବଜାରର ଜଣେ ଗଦିଆନ ମହାଜନ । ଉତ୍କଳର ସମସ୍ତ ବେପାରୀଙ୍କର ଦଣ୍ଡିଦାର । ସମସ୍ତ ମାଲ ଆମଦାନି ରପ୍ତାନୀ ତାଙ୍କ ହାତ ବାଟେ ହେଉଥିଲା । ଲକ୍ଷ ଲକ୍ଷ ଟଙ୍କାର କାରବାର । ଢେର ବର୍ଷ ତଳର କଥା । ରେଳ ନାମ ତ କେହି ଶୁଣି ନ ଥିଲେ, ଷ୍ଟିମର ମଧ୍ୟ ଚଳୁ ନଥିଲା । ବାଲେଶ୍ୱର ଜାହାଜରେ ମାଲ ଆମଦାନି ରପ୍ତାନି ହୁଏ । କଲିକତା ଆମଦାନି ମାଲ ମଧ୍ୟରେ ଧୂଆଁପତ୍ର ପ୍ରଧାନ । କଲିକତାରୁ ମାଲ ଆସି ବାଲେଶ୍ୱର ବନ୍ଦରରେ ଜାହାଜରୁ ଘାଟ ଭିଡ଼େ । ସେ ସ୍ଥାନରୁ ଶଗଡ଼ରେ ସମସ୍ତ ଉତ୍କଳକୁ ଚାଲାଣ ହୁଏ, ଏଥିପାଇଁ ସମସ୍ତ ଉତ୍କଳରେ କଲିକତା ଧୂଆଁପତ୍ରର ନାମ ବାଲେଶ୍ୱରୀ । ହେଲେ ବାଲେଶ୍ୱରୀ ଲୋକେ ଧୂଆଁପତ୍ର ଗଛ କେବେ ଦେଖି ନାହାଁନ୍ତି ।

ଧୂଆଁପତ୍ର କାରବାର ବଡ଼ କଠିନ । ଘୋଡ଼ାଚଢ଼ା ମହାଜନ କଥା ପଦକେ ଘାସ କାଟେ; ଘାସକଟା ଘୋଡ଼ା ଚଢ଼େ । ମହାଜନେ ବୋଲନ୍ତି, "ଦୋକ୍ତା କାରବାର ଆଉ ଗୋଖର ସାପ ଖେଳାଇବା ଏକା କଥା ।" ବାସନାରେ, ରଙ୍ଗରେ ମାଲ ସମାନ । ସେହି ମାଲ ମହଣ କୋଡ଼ିଏ ଟ' ସେହି ମାଲ ମହଣ ଚାଳିଶ ଟଙ୍କା । ଚିହ୍ନରା ଦଣ୍ଡିଦାର ନ ଧରି ଲୋକେ ଧୂଆଁପତ୍ର କିଣିବାକୁ ଭରସନ୍ତି ନାହିଁ । ବଳରାମ ବଳେ ଜଣେ ଭଲ ଚିହ୍ନରା, ଏଥିପାଇଁ ଓଡ଼ିଶାରେ ନାମ ଡାକ ।

ମହାଜନଙ୍କ ଘର ଯାଜପୁର ଅଞ୍ଚଳରେ । ଗ୍ରାମ ନାମ ଜଣା ନାହିଁ । ମହାଜନ ଥରେ ଗ୍ରାମକୁ ଆସିଥିଲେ । ଦଶ ବାର ବର୍ଷର ଛେଉଣ୍ଡ ପିଲା ଗୋପାଳିଆ ଗାଁରେ ବୁଲୁଥିଲା । ଜାତିପୁଅଟା ଅନାସ୍ଥା ହେଇ ବୁଲୁଛି, ଦୟାକରି ସାଙ୍ଗରେ ଘେନିଗଲେ । ଗୋପାଳ ଗଦିରେ ଥାଏ । ଖାଉଛି ତ ଖାଉଛି, ଅଛି ତ ଅଛି, ତାକୁ ଦେଖୁଛି କିଏ; ପଚରା ପଚରିର ଦରକାର କ'ଣ ? ଦିନେ ରାତିରେ କ'ଣ ହେଲା କି, ମହାଜନ ଜଣେ ସଉଦାଗର ପାଖରୁ ପାଞ୍ଚଟା ଆକବରୀ ମୋହର କିଣିଲେ । ବାବୁଙ୍କ ମନ ଭାରି ଖୁସି । ମିଳିବା ପଦାର୍ଥ ନୁହେଁ, ବାକ୍ସରେ ରଖି ପୂଜା କରିବେ । ମୋହର ପୁଟୁଳାଟି ଧରି ବସିଥାନ୍ତି, କେତେବେଳେ ତଳେ ରଖି ଦେଲେଣି । ପାଇକାର, ମହାଜନ, ମୋଟିଆ, ମକୁରିଆ ହିସାବପତ୍ର ଛିଡ଼ିବାକୁ ରାତି ଛ ଘଡ଼ି । ବାବୁଙ୍କର ହୋଶ୍ ନାହିଁ, ଗଦି ବନ୍ଦ କରି ଉଠିଗଲେ । ତହିଁ ଆରଦିନ ସକାଳେ ଗୋପାଳ ଯିମିତି ଉଠିଛି, ଗଦିରେ ମୋହର ପୋଟଳା ଉପରେ ନଜର ପଡ଼ିଗଲା । ହାତରେ ଧରି ବାବୁଙ୍କ ପାଖକୁ ଧାଇଁଲା । କୁକୁଡ଼ା ଡାକ ଆଗରୁ କଲିକତାରେ ଯିମିତି ତୋପ ପଡ଼େ, ଗଦିଆନ୍, ଧାର୍ମିକ ହିନ୍ଦୁ ମହାଜନମାନେ ଗଙ୍ଗାସ୍ନାନକୁ ବାହାରିଯାନ୍ତି । ଢେର ଜାଗାରେ ଠାକୁର ଠାକୁରାଣୀ ଦର୍ଶନ କରି ଗଦିକୁ ବାହୁଡ଼ିବାକୁ ବେଳ ଦୁଇ ଘଡ଼ି । ଧର୍ମକାର୍ଯ୍ୟ କରିବାକୁ ସେଇଟା ହେଲା ଅସଲ ବେଳ । ଫୁରସତ୍ ବା କାହିଁ ? ବାବୁଙ୍କୁ ନ ଭେଟି ଗୋପାଳ ତାଙ୍କ ପଲଙ୍କ ତକିଆ ତଳେ ପୋଟଳାଟି ଥୋଇଦେଲା । ତାହାର ବି ସେ କଥା ଆଉ ମନରେ ନାହିଁ । ବାବୁ ସ୍ନାନ ସାରି ଆସିବା ବେଳକୁ ଚାକର ବିଦିଆ ବାରିକ

ଗଦି ଝାଡ଼ଝୁଡ଼ କରି ଗଙ୍ଗାଜଳ ଛିଞ୍ଚି ଧୂପ ଗୁଗ୍‌ଗୁଳ ଧୂଆଁ ଜାଳିଦେଇ ସାରିଛି । ବାବୁ ବଡ଼ ମାଣ୍ଡିଆଟାକୁ ଆଉଜି ବସି ରୂପାବନ୍ଧା ହୁକାରେ ଭଡ଼ର ଭଡ଼ର କରି ଗୁଡ଼ାଖୁ ପିଇବାକୁ ବସିଲେ । ଆଗରେ ଦୁଇକଡ଼ା କଣା କଉଡ଼ି ବନ୍ଧା ବ୍ରାହ୍ମଣ ହୁକା, କାୟସ୍ଥ ହୁକା, ନବଶାଖ ହୁକା କଂସା ବଇଠକରେ ଥୁଆ ହୋଇଛି । ଏଇଟା ହେଲା କଲିକତା ସବୁ ଗଦିର ଦସ୍ତୁର ।

ବେଳ ଛ ଘଡ଼ି ବେଳକୁ ହଠାତ୍ ବାବୁଙ୍କର ମନରେ ପଡ଼ିଗଲା ମୋହର କଥା । ହଁ ମୋହର କାହିଁ ? ବାବୁ ଛିଡ଼ାହୋଇ ପଡ଼ିଲେ, ହୁକାଟା ହାତରୁ ଖସିପଡ଼ି ନିଆଁ ପାଣି ଗଦିଯାକ ବୁଣି ପଡ଼ିଲାଣି, ଦେଖୁଛି କିଏ ! ପାଞ୍ଚଟା ମୋହର । ବଡ଼ କଥା ନୁହେଁ, ଏ ଯେ ହେଲା ଆକବରୀ ମୋହର । ସେହିପରି କପାଳିଆ ଲୋକକୁ ଲକ୍ଷ୍ମୀ ଆଲିଙ୍ଗନ କରନ୍ତି, ଯାହାକୁ ଆକବରୀ ମୋହର ମିଳେ । ସେ ମୋହର ଗଲେ ଲକ୍ଷ୍ମୀ ଛାଡ଼ିଯାଏ । ବାବୁ ତ ମୁଣ୍ଡରେ ହାତଦେଇ ଗୁମ୍ ମାରି ବସିଗଲେ । ଗୋପାଳ ରୋଷେଇ ଘରେ ବସିଥିଲା, ମୋହର ଖୋଜା ଶୁଣି ଧାଇଁ ଆସିଲା । ବାବୁଙ୍କୁ ହସି ହସି କହିଲା, "ଆଜ୍ଞା ! ଆଜ୍ଞା ! ମୋହର ଅଛି ।" ବାବୁ ଧାଇଁ ଆସି ଗୋପାଳକୁ କୁଣ୍ଢେଇ ପକାଇଲେ । ଗୋପାଳ ମୋହର କାଢ଼ିଦେଇ ପାଇବାର ହାଲ ସବୁ କହିଲା, ବାବୁ ଦଣ୍ଡେଯାଏ ତାକୁ ଅନାଇ ନିଃଶ୍ୱାସଟାଏ ପକାଇଲେ ।

ସେହିଦିନ କତିରୁ ତୁଚ୍ଛାଟାରେ ହେଲେ ବାବୁ ଦଶଥର 'ଗୋପାଳ ରେ', 'ଗୋପାଳ ରେ' ଡାକ ପକାଉଥିବେ । ଭୋଜନ ବେଳେ ଥାଳି ପାଖରେ ଗୋପାଳ ଅବଖୁଆରେ ଜଳ ଥୋଇ ନଦେଲେ ବାବୁଙ୍କୁ ଆଉ ଜଳ ଭଲ ଲାଗେନାହିଁ । ବାବୁଙ୍କ ବିଡ଼ିଆ ପାନ ଗୋପାଳ ଭାଙ୍ଗିବ । ଶେଯ ପରାଟା ଗୋପାଳ ଜିମା । ବାବୁଙ୍କ ଶ୍ରଦ୍ଧା ଦେଖି ଗଦିର ଆଉ ପାଞ୍ଚଜଣ ବି ତାକୁ ମାନିଲେଣି । ବାବୁଙ୍କ ଇଚ୍ଛା, ବଡ଼ ଗୋଟାଏ କିଛି ପାଇଟିରେ ତାକୁ ଲଗେଇବେ । ହେଲେ ଓଡ଼ିଆ ପିଲା; ମଫସଲ ଗାଁରେ ଘର, ଏଣେ ତ କଲିକତାଟା ଠକ, ଗଣ୍ଠିକଟାଙ୍କ ଖଣି ! କ'ଣ ବୋଲି କ'ଣ ହୋଇଯିବ, ହେଉ ଆଉ ଟିକିଏ ପାରି ଯାଉ ।

ଦିନ ବେଳ ଛ' ଘଡ଼ିଯାଏ ଚୁଲୀରେ ଲୁଣ୍ଡା ପଡ଼ିନାହିଁ । ରୋଷେଇଆ ବ୍ରାହ୍ମଣ କାହିଁ ? ହଁ, ଦେଖ ଦେଖ, ବାବୁଙ୍କ ଟଙ୍କା ସିନ୍ଧୁକ ଚାବି ଭଙ୍ଗା, ପାଞ୍ଚସହ ଟଙ୍କାର ଥଳିଟା ନାହିଁ । ଢେର ଖୋଜ ତଲାସ ହେଲା, ଥାନାରେ ଏତାଲା ଦିଆଗଲା, ଆଉ ପୂଜାରୀ ଏକା ବେଳକେ ଗୁମ୍ ! ଗୋଳମାଳରେ ବେଳ ଗଡ଼ିଗଲାଣି, ବାବୁ ଉପାସ ବସିଛନ୍ତି । ବଙ୍ଗାଳୀ ବ୍ରାହ୍ମଣହାତରୁ ତ ଖାଇବେ ନାହିଁ, ଏତେ ଚଞ୍ଚଳ ଓଡ଼ିଆ ବ୍ରାହ୍ମଣ ବା କାହୁଁ ଘଟୁଛି ? ଗୋପାଳ ହାତଯୋଡ଼ି କହିଲା, "ଆଜ୍ଞା, ମୁଁ ତେବେ ଦିଟା ଚଢ଼େଇ ଦିଏଁ ?" ବାବୁ କହିଲେ, "ତୁ ପାରିବୁରେ ? ଆଚ୍ଛା ହେଉ, ଏ ଓଳିଟା ଚଳିଯାଉ ।" ବାବୁ ଠା ପିଢ଼ାରେ ବସି ଦେଖିଲେ, ଏତେ ଚଞ୍ଚଳ ପାଞ୍ଚ ତିଅଣ, ପୁଣି ବଡ଼ ଭଲ । ପଚାରିଲେ, "ଆରେ ଗୋପାଳ, ତୁ କିମିତି ରାନ୍ଧି ଶିଖିଲୁରେ ?" "ଆଜ୍ଞା ପୂଜାରୀ ରନ୍ଧା ଦେଖି ଦେଖି ଶିଖିଛି । ସେ ରାନ୍ଧୁଥିବାବେଳେ ମୁଁ ବସି ଦେଖୁଥାଏ ।"

ବାବୁ ଏଣିକି ଗୋପାଳ ହାତ ଛଡ଼ା ଆଉ କାହାରି ହାତରୁ ଜଳ ଛୁଅଁନ୍ତି ନାହିଁ । ପୁଣି ଦେଖିଲେ, ବଜାର ସଉଦା ଖର୍ଚ୍ଚ ଅଧାଅଧି ଊଣା, ପରିବାପତ୍ର ଦୁଇଗୁଣ ବେଶି, ପୁଣି ବଡ଼ ସୁନ୍ଦର ରନ୍ଧା । ବାବୁଙ୍କ ମନ ଜାଣି ମାଫିକେ ଗୋପାଳ ରନ୍ଧା ବଢ଼ାରେ ଲାଗିଥାଏ । ପୂଜାରୀ ତ ବଜାର ସଉଦା ଘିଅ ତେଲ ସବୁଥିରୁ ରେଷା କାଟିବ; ସବୁବେଳେ ଆପଣା ରୋଜଗାରରେ ଲାଗିଥାଏ । ବାବୁ ଭଲ ଖାଇଲେ, ମନ୍ଦ ଖାଇଲେ, ତା'ର କ'ଣ ଯାଏ ? ବାବୁ ଥରେ ଗାଁକୁ ଯାଇ ଗୋପାଳକୁ ଗୋଟିଏ ଘର ବନାଇ ଦେଇ ବିଭା କରାଇଦେଲେ । କନ୍ୟାଟି ଯେମିତି ଦେଖିବାକୁ ଟୌଲ ଡାଉଲ, ସେମିତି ଗୁଣ । ପହରା ପଡ଼ିବା ଦିନରୁ ଦିନକୁ ଦିନ ଗୋପାଳର ଘର ବଢ଼ୁଛି । ଗୋପାଳ ରନ୍ଧାବଢ଼ା ସାରି ସବୁବେଳେ ଗଦିରେ ବାବୁଙ୍କ ପାଖେ ପାଖେ ଥାଏ । ତୁଚ୍ଛା ବସି ଥାଏ ନାହିଁ, କେତେବେଳେ କଣ୍ଟା ଧରିଛି ତ କେତେବେଳେ ମାଲ ସାଇତାରେ ଅଛି ।

ମାଲ କିଣାବିକା ଛକଛାକ ଗୋପାଳ ବେଶ ଜାଣିଗଲାଣି । ବାବୁ ଢେର ଥର ବିଡ଼ିଲେଣି, ଆପେ ଏଡ଼େ ପୁରୁଖା ଲୋକ ହେଲେ ବି ଥରେ ଥରେ ଗୋପାଳ ବଳିପଡ଼େ, ତା' କଥାରେ ଚାଲିଲେ ଠକିବାକୁ ହୁଏ ନାହିଁ, ବେଶ ଦି ପଇସା ଲାଭ ହୁଏ । ଗୋପାଳ ଆଉ ରୋଷେଇଆ ନୁହେଁ, ବେପାରରେ ବାବୁଙ୍କ ଡାହାଣ ହାତ । ବାବୁ ବୁଢ଼ା ହେଲେଣି, ପାଞ୍ଚ ଜାଗାକୁ ଯାଇ ଆସି ପାରନ୍ତି ନାହିଁ । ଧାଁ ଧଉଡ଼ କାମ ଗୋପାଳ ଜିମା । ଏବେ ଆଉ ସେ

ଗୋପାଳ ନୁହେଁ, ଗଦିରେ ଡାକନାମ ସାନ ବାବୁ । କାଗଜପତ୍ରରେ ଗୁମାସ୍ତା ଲେଖେ, 'ବାବୁ ଗୋପାଳଚନ୍ଦ୍ର ମହାପାତ୍ର ।'

ବାବୁ ଗୋପାଳଚନ୍ଦ୍ର ମହାପାତ୍ରେ ସନ୍ଧାନ କରି ବୁଝିଲେ, ଯଶୋର, ମୋତିହାର, ପାବନା ଅଞ୍ଚଳରୁ ଯେଉଁ ସବୁ ହଳଦୀ, ଧୂଆଁପତ୍ର, ସରକ+ (+ବାଣିଜ୍ୟ ସକାଶେ ଦ୍ରବ୍ୟମାନ) ଆସେ, ପ୍ରଥମେ ଚାଷୀଠାରୁ କିଣେ ବୁଲାବେପାରୀ, ସେ ବିକେ ପାଇକାରକୁ, ପାଇକାର ହାତରୁ କିଣେ ଗୋଦାମ ବାଲା,ଦଣ୍ଡିଦାର ତା' ପାଖରୁ ମାଲ କିଣି ଚଲାଣ ଦିଏ । କଲିକତାରେ ମାଲ୍ ପହଞ୍ଚିବା ବେଳକୁ ତିନିଟା ହାତରେ ଲାଭ ଲାଗିଯାଏ । ମହାପାତ୍ରେ ଦିନେ ବେଳ ଉଣ୍ଡି ମହାଜନଙ୍କୁ ଜଣାଇଲେ, "ଆଜ୍ଞା ବେପାରର ଲାଭ ବିକା ଜାଗାରେ ନୁହେଁ, କିଣା ଜାଗାରେ । ଏହି ଯେ ଧୂଆଁପତ୍ର, ହଳଦୀ, ସରକ ଆସୁଛି, ମୁଁ ଥରେ ଯାଇ ଠିକଣା ଜାଗାଟା ବୁଝିଆସେ ।"

ମହାଜନଙ୍କ ଅନୁମତି ଘେନି ସାନବାବୁ ସଳଖେ ସଳଖେ ଠିକଣା ଜାଗାକୁ ଚାଲିଗଲେ । ମଝିରେ ଆଉ କାହାରିକୁ ନଗା ନ ରଖି ଚାଷମୁଣ୍ଡରେ ଚାଷୀମାନଙ୍କଠାରୁ ସଉଦା କଲେ । ଦୁଇବର୍ଷ ଏହିପରି କାମ ଚଳିବାରୁ ଦେଖାଗଲା, ପୂର୍ବଠାରୁ ଦୁଇଗୁଣ ଲାଭ ବେଶି । ମହାପାତ୍ରେ ଏବେ ବଳଙ୍କର ଚାକର ନୁହନ୍ତି, ଲାଭରେ ଚାରିପଣୀ ଅଂଶଭାଗୀ ।

ପାଞ୍ଚ ସାତ ବର୍ଷ ଏହିପରି କାମ ଚଳିଲାଣି- ମହାପାତ୍ରେ ବର୍ତ୍ତମାନ ଲକ୍ଷପତି । ସେ ମନା କରୁଁ କରୁଁ ମହାଜନ ବଳେ ଗ୍ରାମରେ ଦଶ ବାର ହଜାର ଟଙ୍କା ଲଗାଇ ଗୋଟାଏ ବଡ଼ ଦୋମହଲା ଘର ବନାଇଦେଲେ । ଖଣ୍ଡେ ତାଲୁକ ବି କିଣି ଦେଲେଣି । ମହାଜନଙ୍କର ଇଚ୍ଛା, ଗୋପାଳ ଖୁବ୍ ବଡ଼ ଲୋକ ହେଉ । ହେଲେ, ଗୋପାଳର ବଡ଼ଲୋକୀ ଚାଲିଚଳଣ ନାହିଁ, ଦିନରାତି କାମରେ ଲାଗିଥିଲେ ଆନନ୍ଦ । ଗଦିର ସବୁ ମାମଲତ ତହବିଲ ଚାବି ମହାପାତ୍ରଙ୍କ ହାତରେ । ବଳେ ଏବେ ତୁନି ହୋଇ ଗଦିରେ ମାଳା ଗଡ଼ାଇଥାନ୍ତି ।

ବାବୁ ଗୋପାଳଚନ୍ଦ୍ର ମହାପାତ୍ରଙ୍କର ଗୋଟିଏ ବୋଲି ପୁଅ, ନାମ ରାଜୀବଲୋଚନ । ପୁଅଟି ପାରିଗଲାଣି, ଚଉଦ ପୂରି ପନ୍ଦର ଚାଲିଛି । ଗୋପାଳ ବାବୁ ଗ୍ରାମକୁ ଯାଇଥିଲେ, ଅବଧାନେ ଦେବୀ ଓଝା ଆସି କହିଲେ, "ସାନବାବୁ ଖୁବ୍ ବୁଦ୍ଧିଆ, ଭାରି ପାଠୁଆ । ଖଡ଼ିପାଠ, ପୋଥିପାଠ ସବୁ ଛିଡ଼ିଲାଣି । ଆଉ ତାଙ୍କୁ ପଢ଼ାଇବାକୁ ପାଠ ନାହିଁ ।" ଅସଲ କଥା, ରାଜୀବଟା ଭାରି ଦୁଷ୍ଟ । ଚାଟଶାଳୀରେ ବଡ଼ ଉତ୍ପାତ କରେ, ଅବଧାନଙ୍କ ସଙ୍ଗରେ ବି ତୋଖଡ଼ ମୋଖଡ଼ ଲଗାଇଲାଣି । ବଡ଼ଲୋକ ପୁଅ, ଜମିଦାର ପୁଅ ବୋଲି ଅବଧାନେ ଶଙ୍କି ରହିଥାନ୍ତି, କିଛି କହି ପାରନ୍ତି ନାହିଁ । ବାବୁ ପୁଅର ପ୍ରଶଂସା ଶୁଣି ଭାରି ଖୁସି । ଅବଧାନେ ଗୋଟିଏ ମଠା, ପାଞ୍ଚୋଟି ଟଙ୍କା ପୁରସ୍କାର ପାଇ ଦଣ୍ଡବତଟା କରି ମେଲାଣି ଘେନିଲେ । ସାନ୍ତାଣୀ (ରାଜୀବଙ୍କ ମାତା) ସାନ୍ତଙ୍କୁ କହିଲେ, "ରାଜୀବ ମୋ ବୋଲ ମାନେ ନାହିଁ, ଦିନଯାକ ଗାଁ ଟୋକାଙ୍କ ସାଙ୍ଗରେ ଦାଣ୍ଡରେ ବୁଲୁଥାଏ । ତାକୁ ସାଙ୍ଗରେ ଘେନିଯାଅ ।" ରାଜୀବକୁ କଲିକତା ଘେନିଯାଇ କାମ ଶିଖାଇବାପାଇଁ ବାବୁଙ୍କର ବି ଇଚ୍ଛା ଥିଲା ।

କଲିକତା ବଳବାବୁ ମହାଜନ ଗଦି ସାଙ୍ଗରେ ବଡ଼ ବଡ଼ ଇଂରାଜ ସଉଦାଗର ହାଉସମାନଙ୍କର କାରବାର । ମହାପାତ୍ର ବାବୁ କୋଠିର ବଡ଼ ବଡ଼ ସାହେବଙ୍କ ପାଖକୁ ଗଲେ, ଗୋଟାଏ ଦୋଭାଷୀ ଜରିଆରେ କଥା ଚଳେ । ବାବୁ ଇଂରାଜୀ ଜାଣନ୍ତି ନାହିଁ- ସାହେବ ବି ଓଡ଼ିଆ ବୁଝେ ନାହିଁ । ବାବୁ ଢେର ଥର ବିଡ଼ିଲେଣି ମଝିରେ ଦୋଭାଷୀ ଖାବଳେ ମାରିନିଏ । ରାଜୀବ ଯେବେ ଇଂରାଜୀ ପାଠ ପଢ଼ି କାମରେ ଲାଗିବ, କେହି ଠକାଇ ପାରିବେ ନାହିଁ । ଗଦିର ସରକାର କେଲ୍‌କାଟା ଏଣ୍ଡୁ ଏକାଡେମୀରେ ରାଜୀବ ବାବୁଙ୍କ ନାମ ଲେଖାଇ ଦେଇ ଆସିଲା । ପଢ଼ା ଚାଲିଛି ତ ଚାଲିଛି । ମାସକୁ ଥରେ ସ୍କୁଲ ଦରମା ଓ କିତାପର ଦାମ ନେବା ବେଳେ ବାପା ପୁଅଙ୍କର ଭେଟ । ବାପେ ପାଠ ସଇ ନେବେ କଣ, କିପରି ପଢୁଛି ପଚାରିବାକୁ ବି ବେଳ ନାହିଁ । ତିନି ଚାରି ବର୍ଷ ବିତିଗଲାଣି, ମାସକୁ ମାସ ସ୍କୁଲ ଦରମା ଆଉ କିତାପର ଦାମ ପଚାଶ ଟଙ୍କାରୁ ବଳିଲାଣି । ଦିନେ ବାପେ ପଚାରିଲେ, "କିରେ ରାଜୀବ, ଏବେ ଏତେ ଖରଚ କ୍ୟାଁ ?" ରାଜୀବ ବାବୁ ଜବାବ ଦେଲେ, "ବାପା, ମୁଁ କିଲାସ ଢେର ଉପରକୁ ଉଠି ଗଲିଣି, ସେଥିପାଇଁ ଏତେ ଖରଚ ।" ବାପେ କହିଲେ, "ତେବେ ଆଉ ପଢ଼ ନା, ଆ କାମରେ ଲାଗ ।" ରାଜୀବ ବାବୁ କହିଲେ, "ନା ବାପା, ପାସ୍ ନକଲେ ଇଂରାଜୀ ପାଠ ହୁଏ ନାହିଁ ।" ମହାପାତ୍ରେ ବି ଶୁଣିଥିଲେ, ଇଂରାଜୀରେ ଗୋଟାଏ ପାସ ହୁଏ ।

କହିଲେ, "ହଁ ରେ, ସେ କଥା ମତେ ଜଣା ଅଛି, ତୁ ବେଶି ପାସ୍ କରି ପକା, ଯେତେ ଟଙ୍କା ଲାଗିବ ଲାଗୁ ।" ବାପା ପୁଅଙ୍କ ଦୁହିଁଙ୍କ ମନ ଖୁସି ।

ଚାରି ପାଞ୍ଚ ବର୍ଷ ମଧ୍ୟରେ ବାବୁଙ୍କ ଇଂରାଜୀ ପଢ଼ା କେତେଦୂର ଗଲା, ସେ କଥା ଜଣାନାହିଁ, ମାତ୍ର ଢେର ଢେର ସଭା ସମିତିରେ ଉପସ୍ଥିତି, ଥିଏଟର ଆଉ ସୁସ୍ଥାନ କୁସ୍ଥାନ ଭ୍ରମଣ ବିଷୟରେ ବାବୁ ପକ୍କା ହୋଇଗଲେଣି । ସ୍ୱଦେଶର ଉନ୍ନତି ସାଧନ ନିମନ୍ତେ କେତେଜଣ ବନ୍ଧୁ ମିଳି ଏକାବେଳକୁ ଯୋଡ଼ି, ସମିତି ସ୍ଥାପନ କଲେ । ମଙ୍ଗଳବାର ଦିନ 'କୁସଂସ୍କାର-ବିମର୍ଦ୍ଦିନୀ', ଶନିବାର 'ନାରୀ ସ୍ୱାଧୀନତା-ବିବର୍ଦ୍ଧିନୀ' ସଭାର ଅଧିବେଶନ ହୁଏ । ଦୁଇ ସଭାର ସମ୍ପାଦକ ନିଜେ ବାବୁ । ସଭାର ସମସ୍ତ ବ୍ୟୟ ବହନ କରିବା ତ ସମ୍ପାଦକ ପକ୍ଷରେ ଉଚିତ, ଏଇଟା ହେଲା କଲିକତାର ନିୟମ । ସଭାରେ ଢେର ଢେର ବକ୍ତୃତା ହୁଏ । ସମ୍ପାଦକ ଢେର ଥର ବକ୍ତୃତା କଲେଣି । ତାଙ୍କ ବକ୍ତୃତାରେ ଯେଉଁଦିନ ବେଶି ହାତତାଳି ପଡ଼େ, ସେଦିନ ହୋଟେଲବାଲାର ବେଶ୍ ଆୟ ।

ଆକସ୍ମିକ ଗୋଟାଏ ସନ୍ନିପାତ ବେମାରୀ ଆସିଲା, ଦିନ ତିନିଟା ଭିତରେ ସଜ୍ଞାନରେ ବାବୁ ଗୋପାଳ ଚନ୍ଦ୍ର ମହାପାତ୍ରଙ୍କ ଗଙ୍ଗାଲାଭ । ପିତାର ମୃତ୍ୟୁ ଡକା ପକାଇ କାନ୍ଦିବା ଗୋଟାଏ କୁସଂସ୍କାର । ଶୋକ ପ୍ରକାଶ ଲାଗି ସଭାରେ ତିନିଦିନ ବକ୍ତୃତା ହୋଇଗଲାଣି । ବାବୁ ଖଣ୍ଡେ କଳାକନା ହାତରେ ବାନ୍ଧିଲେ । ସ୍ଥିର ହେଲା, ବ୍ରାହ୍ମଣ ଡାକି ଶ୍ରାଦ୍ଧ କରିବାଟା କୁସଂସ୍କାର, କେବଳ ସଭାଗୃହରେ ଭୋଜି ଆଉ ଦରିଦ୍ରମାନଙ୍କୁ ଅର୍ଥ ବିତରଣ, ଡାକ୍ତରଖାନାମାନଙ୍କୁ ଚାନ୍ଦା ଦିଆଯିବ । ମାତ୍ର ମହାଜନ ବଳ ବାବୁଙ୍କ ଡରରେ ଏ ସମସ୍ତ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇପାରିଲା ନାହିଁ ।

ମହାଜନ ବଳ ବାବୁ ପିଲାଟିକୁ ଯତ୍ନରେ ପାଖରେ ରଖିଲେ । ଇଚ୍ଛା ପିତୃକାର୍ଯ୍ୟରେ ଉତ୍ତରାଧିକାରୀ ହେଉ । ମାତ୍ର ସେ ଇଂରାଜୀ ପାଠ ପଢ଼ିଛି ସତ, ବେପାର ବଣିଜ କାମ କିଛି ଶିଖିନାହିଁ । ଅଶା, କାମରେ ବାପଠାରୁ ବଳିପଡ଼ିବ, ଗୋପାଳ ଯେ ଅକ୍ଷର ଜାଣି ନଥିଲା । ଢେର ବର୍ଷଯାଏ ସ୍କୁଲ ପାଠ ପଢ଼ିଛି । ମହାଜନ ପାଖରେ ବସାଇ କାମ ଶିଖାଇବାକୁ ଲାଗିଲେ, ମଧ ଶିଖାଇବାପାଇଁ କର୍ମଚାରୀମାନଙ୍କୁ ଉପଦେଶ ଦେଲେ । ଏଣେ ରାଜୀବ ବାବୁର ଗଦିରେ ବସିବାକୁ ମନ ନାହିଁ । ମହାଜନେ ଧରାଧରି କରି ବସାଇଲେ । କାମରେ ମନ ନାହିଁ, କଣଟାଏ ବସି ଭାବୁଥାଏ, ମଙ୍ଗଳ ବାର ଶନିବାର ରାତିରେ କୁଆଡ଼େ ଚାଲିଯାଏ । ବଳ ବାବୁ ମନରେ ଗଲେ, ହାତରେ ପାଇଟି ପଡ଼ିଲେ ବା ବାଟକୁ ଆସିବ । ଯେ କାମ ଦେଲେ, ଲାଭ ଥାଉ ମୂଳରୁ ତୁଟି କରି ବସେ ।

ଲାଗ ଲାଗ ଯୋଡ଼ାଏ ସଭାରେ ସମ୍ପାଦକ ଅନୁପସ୍ଥିତ ହେବାରୁ ସଭ୍ୟମାନେ ବଡ଼ ଖପା ହୋଇଗଲେଣି । ଅନୁପସ୍ଥିତିର କାରଣ ସନ୍ଧାନ କରି ଦିନେ ଜଣେ ସଭ୍ୟ ସ୍ୱାଧୀନତା ବିଷୟରେ ଭାରି ଗୋଟାଏ ବକ୍ତୃତା କଲେ । ସେଥିର ମର୍ମ, "ଶିକ୍ଷିତ ଜମିଦାର ସନ୍ତାନ ପକ୍ଷରେ ପର ଅଧୀନରେ ଚାକିରି କରିବା ଉଚିତ ନୁହେଁ ।" ବକ୍ତୃତା ସଙ୍ଗେ ସଙ୍ଗେ ଗୋଟିଏ କବିତା ପାଠ କରିଥିଲେ,

'ଯାହାର ଅଛି ଧନ ଜ୍ଞାନ ଅଧିକ,

ଚାକିରି କଲେ ତା ଜୀବନେ ଧିକ ଧିକ ।'

ସଭାରେ ଖୁବ୍ ହାତତାଳି ପଡ଼ିଲା । ରାଜୀବ ବାବୁଙ୍କ ମନରେ କଥାଟା ଲାଖିଗଲା ।

ତହିଁ ଆରଦିନ ଦିନଯାକ ରାଜୀବ ବାବୁଙ୍କୁ ଢେର ଖୋଜତଲାସ୍ ହେଲା, ଭେଟ ମିଳିଲା ନାହିଁ । ମହାଜନ ଆଗରୁ ଭାରି ଖପା ହୋଇଥିଲେ, କେବଳ ଗୋପାଳକୁ ମନରେ କରି କିଛି କହିପାରୁ ନଥିଲେ । ସଞ୍ଜବେଳେ ଭେଟ ପାଇବାରୁ ତାକୁ କାରବାରରୁ ଜବାବ ଦେଲେ । ରାଜୀବ ବାବୁ ତ ତାହାହିଁ ଲୋଡୁଥିଲେ । ଇଚ୍ଛା ଥିଲା, ଅନ୍ୟ ଜାଗାରେ ବସା କରି ସଭା ସମିତି ଚଳାଇବେ, ମାତ୍ର ପାରିଲେ ନାହିଁ । ମହାଜନ ବଳ ବାବୁ ଧରାଧରି କରି ଗ୍ରାମକୁ ପଠାଇ ଦେଲେ ।

ପାଞ୍ଜିଆ ଗୁମାସ୍ତା ପ୍ରଜାପାଟକଙ୍କ ମନ ଭାରି ଖୁସି । ନୂଆ ଜମିଦାରଙ୍କୁ ଅଧାବାଟରୁ ପାଛୋଟି ନେଲେ । ଶୁଣିଥିଲେ, ନୂଆ ଜମିଦାର ସ୍କୁଲରେ ଢେର ପାଠ ପଢ଼ି ତାଲିମ ହୋଇଛନ୍ତି । ଭୋଟିବାପାଇଁ ତହିଁ ଆରଦିନ ସକାଳେ ଗୋଟିଏ ସଭା ହେବାର ସ୍ଥିର ହେଲା । ସଭା ନାମ ଶୁଣି ଜମିଦାରଙ୍କ ମନ ଭାରି ଖୁସି । ଠିକ୍ ନିରୂପିତ ବେଳରେ ପୁରୁଣା ବୁଢ଼ା ପାଞ୍ଜିଆ ରଙ୍ଗାଧର ମହାନ୍ତି

ଜମିଦାରଙ୍କୁ ଗଦିରେ ବସାଇଦେଲେ । ତାଲୁକ କିଣା ଦିନଠାରୁ ମହାନ୍ତି ଶେଠ ପାଞ୍ଜିଆ କାମରେ ଅଛନ୍ତି । ଲୋକଟି ବଡ଼ ବିଶ୍ୱାସୀ, କାମଦାର ଲୋକ, ସାନ୍ତାଣୀଙ୍କ ଡାହାଣ ହାତ । ତାଙ୍କ ଯତ୍ନରେ ଜମିଦାରୀ ଆୟ ଖୁବ୍ ବଢ଼ିଛି । ଜମିଦାର ତ ସବୁଦିନେ କଲିକତାରେ । ଏହାଙ୍କୁ ଧରି ସାନ୍ତାଣୀ ସବୁ ମାମଲତ ବୁଝାସୁଝା କରୁଥିଲେ ।

ତାଲୁକ ମଧ୍ୟରେ ଶାମପୁର ଗ୍ରାମଟି ସବୁଠାରୁ ବଡ଼, ଥିଲାଲୋକ ଢେର । ଗୋପାଳ ବାବୁ ଗ୍ରାମରୁ ଢେର ଲୋକଙ୍କୁ କଲିକତାରେ ନାନା କାମରେ ଲଗାଇ ଦେଇ ରୋଜଗାର କରାଇ ଦେଇଥିଲେ । ବାବୁଙ୍କ ସାହାଯ୍ୟ ଓ ଯତ୍ନରେ ଢେର ପିଲା କଟକରୁ ଶିକ୍ଷିତ ହୋଇ ଆସିଛନ୍ତି । ବଡ଼ ବଡ଼ ଚାଷୀ, ସରକାରୀ ଚାକିରିଆ, ମହାଜନ ଲୋଡ଼ିଲେ ଊଣା ଅଧିକ ଚାଳିଶ ପଞ୍ଚାଶ ସରିକି ବାହାରି ପାରିବେ । ନୂଆ ଜମିଦାର ବାବୁ ଖୋଜି ବସିଲେ ଗ୍ରାମ ମଧ୍ୟରେ ଶିକ୍ଷିତ କୁସଂସ୍କାର ବର୍ଜିତ ଲୋକ ଅଛନ୍ତି କି ନାହିଁ । ପ୍ରାଇମେରୀ, ଅପର ପ୍ରାଇମେରୀ ପାସ୍, ଛାତ୍ରବୃତ୍ତି ଫେଲ ଢେର ଶିକ୍ଷିତ ସ୍ୱାଧୀନମନା ଲୋକ ଗ୍ରାମରେ ବୁଲୁଥିଲେ । ଜମିଦାରଙ୍କ ଆହ୍ୱାନରେ ତୁରନ୍ତ ହାଜର ହୋଇଗଲେ । ଜମିଦାରୀ କଚେରୀ ଘରେ ସନ୍ଧ୍ୟା ସମୟରେ ପ୍ରଥମ ସଭା ବସିଲା । ନିଜେ ଜମିଦାର ବାବୁ ଢେର ବକ୍ତୃତା କଲେ । ସେଥିର ସାରମର୍ମ , 'ହେ ସଭ୍ୟ ମହୋଦୟଗଣ ! ଏ ଦେଶର ଦୁଃଖ ଦୁର୍ଦ୍ଦଶାର କାରଣ ଲୋଡ଼ିଲେ ଦିନ ଆଲୁଅ ପରି ଜଣାଯିବ । ମୂର୍ଖତା, କୁସଂସ୍କାର, ଅବଳା, ଭଗିନୀମାନଙ୍କୁ ଘର ଭିତରେ ଲୁଚାଇ ରଖିବା ସମସ୍ତର ମୂଳ । ଏ ସମସ୍ତ ଦୂର କରିବା ସର୍ବାଗ୍ରେ ଉଚିତ ।' ଆଉ ସମସ୍ତେ କିଛି ନ ବୁଝି ପାରି ମୁହଁ ଚାହାଁଚାହିଁ ହେଲେ । ବାବୁ ହରିବୋଲ ପଟ୍ଟନାୟକେ ଚଞ୍ଚଳ ଛିଡ଼ା ହୋଇ ପଡ଼ି କହିଲେ, "ସୁଶିକ୍ଷିତ ଜମିଦାର ମହୋଦୟଙ୍କ ପ୍ରସ୍ତାବ ଦ୍ୱିତୀୟ କରୁଛି । ଉଚିତ, ଖୁବ୍ ଉଚିତ, ନିଶ୍ଚୟ ଉଚିତ, ଶୀଘ୍ର ଉଚିତ ।" ଜମିଦାର ବାବୁ ଭାରି ଖୁସିହୋଇ ବାବୁଙ୍କର ପରିଚୟ ପଚାରିଲେ । ହରିବୋଲ ବାବୁଙ୍କ ଘର ଏଇ ଗ୍ରାମରେ, ଇଂରାଜୀ ମାଇନର ପାସ୍ । ବିଦୁପୁର ପୋଷ୍ଟ ଅଫିସ୍‌ରେ ସବ୍ ପୋଷ୍ଟମାଷ୍ଟର ଥିଲେ, ଅନ୍ୟାନ୍ୟ କର୍ମଚାରୀ ଅର୍ଥାତ୍ ପିଅନମାନେ ବଡ଼ ଚୋର ଓ ଅଯୋଗ୍ୟ ଲୋକ ଥିଲେ । ବାବୁ ସେମାନଙ୍କୁ ଶାସନ କରିବାରୁ ସେମାନେ ସରକାରୀ ତହବିଲ ଟ ୧୬୨୫୯ ଚୋରି କରି ବାବୁଙ୍କ ନାମରେ ଗଡ଼ାଇଦେଲେ । ମେଜେଷ୍ଟର ସାହେବ ତାଙ୍କୁ ଛ'ମାସ କଟକରେ ଅଟକାଇ ରଖିଲେ, ସତ୍ୟ; ମାତ୍ର ପଛକେ ଅସଲ ହାଲ ଜାଣିପାରି ନିର୍ଦ୍ଦୋଷ ବୋଲି ଛାଡ଼ିଦେଇଥିଲେ । ବାବୁ ବିରକ୍ତ ହୋଇ ପର ଅଧୀନରେ ଚାକିରି ଛାଡ଼ି ଦେଇଛନ୍ତି ।

ଜମିଦାର ବାବୁ ଭାରି ଖୁସି । ଗ୍ରାମ ମଧ୍ୟରେ ତାଙ୍କୁ ଯୋଗ୍ୟ ଲୋକ ବୋଲି ସ୍ଥିର କଲେ । ଆପାତତଃ ଜ୍ଞାନବର୍ଦ୍ଧିନୀ ଓ ସ୍ତ୍ରୀ ସ୍ୱାଧୀନତାବର୍ଦ୍ଧିନୀ ଯୋଡ଼ିଏ ସଭା ବସିବାର ସ୍ଥିର ହେଲା । ଦୁଇ ସଭାର ସମ୍ପାଦକ ହରିବୋଲ ବାବୁ । ପ୍ରତିଦିନ ନିୟମିତ ରୂପେ ସଭାକାର୍ଯ୍ୟ ଚଳିଲା । ସଭାକାର୍ଯ୍ୟ ଶେଷ ହେବାକୁ ଅଧିକ ରାତ୍ରି ହୋଇଯାଏ । ସଭ୍ୟମାନେ ଘରକୁ ଯାଇ ପାରନ୍ତି ନାହିଁ, କଚେରି ଘରେ ସେମାନଙ୍କ ଭୋଜନ ପାନର ବନ୍ଦୋବସ୍ତ ହୁଏ । ଗୋଟି, ବାଳିକା ବିଦ୍ୟାଳୟ ଓ ଜନାନା ସ୍କୁଲ ବସିବାର ବନ୍ଦୋବସ୍ତ ହେଲା ।

ରୋଜ ରୋଜ ଟଙ୍କା ଦାଖଲ କରି କରି ବୁଢ଼ା ପଟ୍ଟନାୟକ ହଇରାଣ । ଟିକିଏ ବିଳମ୍ବ ବା ମୋଡ଼ ମୋଡ଼ ହେଲେ ବାବୁ ଭାରି ଖପା । ଟଙ୍କାଗୁଡ଼ାକ କୁଆଡ଼େ ଯାଏ, କି କାରବାର ହୁଏ, ଇଦମଥି ନାହିଁ । ଦିନେ ସନ୍ଧ୍ୟାବେଳେ ମା' ସାନ୍ତାଣୀ ଓ ପଟ୍ଟନାୟକଙ୍କ ମଧ୍ୟରେ କଥା ହେଲା ।

ପଟ୍ଟନାୟକେ- ଆଜ୍ଞା, ସବୁ ବୁଡ଼ି ବସିଲା ।

ମା ସାନ୍ତାଣୀ - ରହିବ ପରା, ନିଜେ ମୂର୍ଖ, କିଛି ବୁଝିବାର ନାହିଁ, ମୁଲକର ଚୋର ଗୁଣ୍ଡ, ଟିକିଏ ଧର୍ମଭାବ ଭଲା ଥାଆନ୍ତା । ଏହି ଘରେ ମଦମାଂସ ! ରାଧେ କୃଷ୍ଣ, ରାଧେ କୃଷ୍ଣ ! ପଟ୍ଟନାୟକେ ତମେ ଅଲଗା ହୋଇଯାଅ ।

ପଟ୍ଟନାୟକେ ନିଃଶ୍ୱାସଟାଏ ପକାଇଲେ ।

ପଟ୍ଟନାୟକଙ୍କୁ କିଛି କହିବାକୁ ହେଲା ନାହିଁ । ରାତି ସଭାରେ ସ୍ଥିର ହୋଇଗଲା, 'ବୁଢ଼ାଟା ଅଯୋଗ୍ୟ, କୁସଂସ୍କାରୀ, ସଭାର ବିଘ୍ନକାରୀ- ସେ ବରଖାସ୍ତ । ହରିବୋଲ ବାବୁ ଭାରି ଯୋଗ୍ୟ ଲୋକ, ସଭା ଏବଂ ଜମିଦାରୀ ଦୁଇ କାର୍ଯ୍ୟ ତୁଲେଇ ପାରିବେ ।' ଏଣିକି ସୁନ୍ଦର କାର୍ଯ୍ୟ ଚଳିଲା, ଟଙ୍କାର ଅଭାବ ନାହିଁ, ବାଧା ଦେବାକୁ କେହି ନାହିଁ । ଅମଲା ପଧାନମାନଙ୍କ ପ୍ରତି ସାଫ ହୁକୁମ, ଟଙ୍କା

ଦାଖଲ । ପ୍ରଥମ ପ୍ରଥମ ସେମାନଙ୍କୁ ଅଡୁଆ ଲାଗୁଥିଲା, ଏଣିକି ସାଫ ବୁଝିଲେଣି । ଦଶ ଖମାର ଧାନ, ଛ ସାତଟା ଗୋରୁ ମଇଁଷି ପଲ, ପଞ୍ଚବାଟୀ ହାତ ଚାଷ, ଯେଣିକି ଅନେଇଲେ ଟଙ୍କା; ରୋଜଗାରର ଦାଁଓ କିଏ ଛାଡ଼େ ?

ବାବୁ ଗୋପାଳ ଚନ୍ଦ୍ର ମହାପାତ୍ରେ ଉଆସ ଆଗରେ ପକା ମନ୍ଦିର ତୟାର କରାଇ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ପ୍ରତିଷ୍ଠା କରାଇଥିଲେ । ମା ସାନ୍ତାଣୀ ବର୍ତ୍ତମାନ ଘରୁ ବାହାରି ଯାଇ ସେହି ମନ୍ଦିରରେ ଅଛନ୍ତି, ପ୍ରତିଦିନ ସନ୍ଧ୍ୟା ସମୟରେ ବଖତେ ଠାକୁର ପ୍ରସାଦ ହବିଷ୍ୟାନ୍ନ । ବୁଢ଼ା ଛାମୁକରଣ ବି ସେହିଠାରେ ଥାନ୍ତି । ପ୍ରତିଦିନ ସନ୍ଧ୍ୟାଠାରୁ ଅଧରାତିଯାଏଁ ଭାଗବତ ପାଠ ହୁଏ । ମା ସାନ୍ତାଣୀ ଦିନଯାକ ଠାକୁର ଆଗରେ ଆଖି ବୁଜି ବି ମାଳି ଗଡ଼ାଉଥାନ୍ତି । ଦିନେ ପଟ୍ଟନାୟକେ ସାନ୍ତାଣୀଙ୍କୁ କହିଲେ, "ଆଜ୍ଞା, ଶୁଣିଛନ୍ତି, ବାବୁଙ୍କ ମଙ୍ଗଳକୃତ୍ୟ ବଢ଼ିବାର ସଭାରେ ସ୍ଥିର ହେଲା । ମୁଁ କହୁଛି, ହେଉ, ବୋହୂ ସାନ୍ତାଣୀ ଆସିଲେ ଅବା ଘରକରଣାଟା ସମ୍ଭାଳି ସମ୍ଭାଳି କରିବେ ।" ମା ସାନ୍ତାଣୀ ଆଁଟା କରି ପଟ୍ଟନାୟକ ମୁହଁକୁ ଘଡ଼ିଏ ଯାଏ ଚାହିଁଲେ, ତହିଁ ଉତ୍ତାରେ ପଚାରିଲେ, "-ଆ -କନ୍ୟା, ?" ପଟ୍ଟନାୟକେ କହିଲେ, "ଆଜ୍ଞା, ମୁଁ ନିଜେ ସେ କଥା ବୁଝିବାକୁ ଯାଇଥିଲି, ବାବୁ ଜବାବ ଦେଲେ, ଦେଶୀ କନ୍ୟାଗୁଡ଼ିକ ଅଶିକ୍ଷିତା, କୁସଂସ୍କାର ଅସଭ୍ୟତାରେ ବୁଡ଼ିଛନ୍ତି, ଲୁଗା ଖଣ୍ଡେ ପିନ୍ଧି ଜାଣନ୍ତି ନାହିଁ, ଅଧାଲଙ୍ଗଳା ହୋଇଥାନ୍ତି, ମୁହଁ ଢାଙ୍କି ମୂଷା ପରି ଗାତରେ ଲୁଚିଥାନ୍ତି । କଲିକତାରେ ପରା କନ୍ୟା ଠିକ୍ ହେଲାଣି ।" ମା ସାନ୍ତାଣୀ ପାଟି କରି 'ରାଧେକୃଷ୍ଣ, ରାଧେକୃଷ୍ଣ' କହି ତୁନି ହେଲେ । ହାତ ଯୋଡ଼ି ଠାକୁରଙ୍କୁ ଅନାଇଥାନ୍ତି, ଦୁଇ ଆଖିରୁ ଯୋଡ଼ାଏ ଧାର ବହିଯାଉଛି । ପଟ୍ଟନାୟକେ ପୁନର୍ବାର କହିଲେ, "କଲିକତାକୁ ବରଯାତ୍ରୀ କିଏ କିଏ ଯିବେ, କି କି ରୋଶନି କେତେ ତୟାର ହେବ, ପଚାରିଥିଲି । ବାବୁ ଠୋ ଠୋ ହସିଉଠି କହିଲେ, 'ଅସଭ୍ୟତା, ଅସଭ୍ୟତା, କୁସଂସ୍କାର । ତୁମେ ତ ଇଂରାଜୀ ଜାଣନା, ଦେଖି ବି ନାହିଁ, ସଭ୍ୟ ବିବାହ କଥା କିପରି ଜାଣିବ ? ରୋଶନି ଆଉ ଆଉ ଖରଚ କଥା ଯେ କହିଲ, ତୁମ୍ଭମାନଙ୍କ ପରି ଅଶିକ୍ଷିତ ଲୋକେ କେତେ ଜମିଦାର ଘର ବୁଡ଼ାଇଦେଲେଣି । ବିହାର- ବିବାହ-ବ୍ୟୟ-ସଂକ୍ଷେପଣୀ ସଭାକୁ ଇଂରାଜୀ ଅଫିସିଆଲ ଚିଠି ଯାଇଛି, ସେଠାରୁ ଯେପରି ବ୍ୟବସ୍ଥା ଆସିବ, ସେହିପରି ବିଭା ହେବ ।' ମୁଁ ଆଉ କିଛି କହିଲି ନାହିଁ, ସବୁବେଳେ ମିଜାଜଟା ଚଢ଼ି ରହିଛି, କାଚ କୁମ୍ଭାଗୁଡ଼ାକ ଓଳିତଳେ ଗଣ୍ଡା ଗଣ୍ଡା ଗଡୁଛି ।"

ସଭାର ସଭ୍ୟମାନଙ୍କୁ ସାଙ୍ଗରେ ଧରି ବାବୁ କଲିକତା ଚାଲିଗଲେଣି । କଲିକତା ଗୋଟିଏ ବିଚିତ୍ର ଜାଗା । ଟଙ୍କା କାଢ଼, ମା ବାପ ଛଡ଼ା ସବୁ ମିଳିବ । ଖିଦିରପୁର ଗାଡ଼ନରିଚରେ ଗୋଟାଏ ବଡ଼ ଦୋତାଲା ଘରେ ଝାଡ଼ ଲଣ୍ଠନ ଦେବାଲଗିରି ଶହେଖଣ୍ଡ ଦିନ ଆଲୁଅ ପରି ଜଳୁଛି, ତଳେ ଗାଲିଚା, ସତରଞ୍ଜି ବିଛଣା । ରାତିରେ ଦୁଇ ତରଫା ଖେମଟା ନାଚ । ଦୀୟତାଂ- ପୀୟତାଂ ଲାଗିଛି । ଆଖପାଖ ବଜାର ଲୋକେ ଜାଣିଲେ, ଓଡ଼ିଶାର ଗୋଟିଏ ରଜାପୁଅର ବିଭାଘର ।

କନ୍ୟାଟିର ନାମ ନୟନତାରା- ଦୁଃଖ ପାସୋରା । ବାବୁ ଶୁଣିଥିଲେ, ମଧ୍ୟ ପ୍ରତ୍ୟକ୍ଷ ଦେଖିଲେ- କନ୍ୟା ସୁନ୍ଦରୀ, ସଭ୍ୟା, ସ୍ୱାଧୀନା, ଶିକ୍ଷିତା । ଜମିଦାର ବାବୁ ବିମୋହିତ ହୋଇ ଗଲେଣି । ମନେକଲେ, ସ୍ୱର୍ଗରୁ ଦେବକନ୍ୟାଟିଏ ଓହ୍ଲାଇ ଆସିଛି । ଦିନ ରାତି ଗିଲାସ ହାତରୁ ଛାଡ଼ ନାହିଁ । ଚାରିଦିନ ହେଲା ବରକନ୍ୟା ମଧ୍ୟରେ ପୂର୍ବାଳାପ ଅର୍ଥାତ୍ Courtship ଚାଲିଛି । ବଗି ଚଢ଼ି କେତେ ଜାଗା ବୁଲି ଆସିଲେଣି । କନ୍ୟା ବାପ ମାଙ୍କୁ ଏଇଟା ଭଲ ଲାଗୁନାହିଁ । କାଳେ ଜମିଦାର ପୁଅଟା ହାତରୁ ଖସିଯିବ, ସେହି ଡରରେ କିଛି କହି ପାରୁନାହାନ୍ତି । କନ୍ୟାର ଜାତି କୁଳ ଘର ବିଷୟ କେହି ସନ୍ଧାନ କରି କିଛି ଠିକଣା ପାଇଲେ ନାହିଁ ।

ଗଳ୍ପ ଲେଖକମାନଙ୍କୁ ସମସ୍ତ ବିଷୟ ସନ୍ଧାନ କରି ନିରୋଳ ସତ୍ୟ କଥାଗୁଡ଼ିକ ଲେଖିବାକୁ ହୁଏ । ଆମ୍ଭେମାନେ ବହୁତ ଅନୁସନ୍ଧାନ ଯୋଗରେ ଏହିପରି ପରିଚୟ ପାଇଅଛୁଁ- ଆସାମ ଚା ବଗିଚା ମେନେଜର ସାହେବ ଗୋଟାଏ କୁଲି ଟୋକାକୁ ବବୁର୍ଚ୍ଚି କାମରେ ବାହାଲ କରିଥିଲେ, ତା ନାମ ମକ୍ରା ମଲିକ । ସେ ବଢ଼ି ବଢ଼ି ପଦୋନ୍ନତିରେ ହେଲା ଖାନସମା । ସେହି ବଗିଚାରେ ୩୦/୪୦ ବର୍ଷ ହେଲା ସାହେବମାନଙ୍କ ପାଖରେ ଅଛି । ଗ୍ରାମ ଘର ଜାତି କୁଳ କିଛି ଜଣା ନାହିଁ- କୁଆଡ଼େ ବା ଯିବ ? ସେହିଠାରେ ଗୋଟିଏ କୁଲିଆଣୀକୁ ବାହାହେଲା । ବାହା ହେଲା ହଁ, ଢେର ଦିନଯାଏ ସନ୍ତାନ ମୁଖ ଦେଖିଲା ନାହିଁ । ତ୍ରିନାଥ ମେଳା, ସୁକୁଟିନିପୂଜା, ଗ୍ରାମଦେବତୀ ମାଜଣା, ଦୁଇଜଣଯାକ ଢେର ଢେର ଧର୍ମକାର୍ଯ୍ୟ କଲେ ଦରବୁଢ଼ା ବୟସରେ ଗୋଟିଏ କନ୍ୟା

ଜାତ ହେଲା, ବୁଢ଼ାବୁଢ଼ୀ ଭାରି ଖୁସି । ମା' ଝିଅର ନାମ ଦେଲେ, ନୟନତାରା- ବାପ ଡାକିଲେ ଦୁଃଖପାସୋରା, ଶେଷରେ ନାମ ହେଲା ନୟନତାରା- ଦୁଃଖପାସୋରା ।

କନ୍ୟାଟି ଦିନକୁ ଦିନ ବଢ଼ିଲା । ଟା ବଗିଚା ପାଖରେ ଗୋଟିଏ ସ୍କଟିଶ୍ ବ୍ୟାପ୍‌ଟିଷ୍ଟ ଅର୍ଫେନ ବାଳିକା ସ୍କୁଲ ଥିଲା । ମିସ୍ ଡଗଲସ ମିଷ୍ଟ୍ରେସ୍ । ମା' ବାପ ଭାରି ଶ୍ରଦ୍ଧା, ଭାରି ଖୁସିରେ କନ୍ୟାଟିକୁ ମୋଜା ଜୋତା ସେମିଜ୍ ଜାକେଟ୍ ପିନ୍ଧାଇ ଦେଇ ସ୍କୁଲ ଛାଡ଼ିଲେ । କନ୍ୟାଟି ବଢ଼ି ବଢ଼ି ପାଠ ପଢ଼ି ପଢ଼ି ତେର ବା ଚଉଦ ବର୍ଷ ହେଲାଣି । କନ୍ୟାଟି ସ୍କୁଲରୁ ଆସି ମା ବାପା ପାଖରେ ଢେର ଇଂରାଜୀ କଥା କହେ, ମୋଜା ବୁଣା ଦେଖାଏ, ଗୀତ ଗାଏ, ନାଚେ । ଖୁବ୍ ସ୍ୱାଧୀନା । ପୁରୁଷଗୁଡ଼ାଙ୍କୁ ଖାତର କରେ ନାହିଁ । ଏଣେ ମା ବାପ ମୁଣ୍ଡରେ ଉକୁଣି, କାମୁଡ଼ିଲାଣି, କିମିତି ବାହାଦେବେ । ଛୁଟିନେଇ କଲିକତା ଆସିଲେ, ଢେର ଖୋଜାଖୋଜି କଲେ; ମାତ୍ର ବାପ ମାର ଜାତି କୁଳ, ଦେଶର ପତ୍ତା ନ ଲାଗିବାରୁ ବର ଯୁଟିଲା ନାହିଁ । ପ୍ରଜାପତି ଘଟସୂତ୍ର, ଜଣେ ଦଲାଲ ଠିକଣା ଲଗାଇ ଦେଲା । ସେହି ଦଲାଲ ବାବୁଙ୍କୁ ଜଣାଇଲା, "ଆପଣ ଜମିଦାର, କଲିକତା ସହରରେ ଭାରି ନାମ ଡାକ । ସେହିପରି ମର୍ଯ୍ୟାଦାରେ ବିଭାଘର ହେବ । ବାବୁ ଝୁଙ୍କି ଝୁଙ୍କି କହିଲେ, "ଅବଶ୍ୟ, ଅବଶ୍ୟ, ନିଶ୍ଚୟ ।" ମେନେଜର ବାବୁ କହିଲେ, "ଟଙ୍କା ନାହିଁ ଯେ ।" ଦଲାଲ କହିଲା, "ଏ କଣ ଗୋଟାଏ କଥା । ବାବୁଙ୍କର ପୁଣି ଟଙ୍କାର ଅଭାବ । ବାବୁ ଆଜ୍ଞା କରନ୍ତୁ, ଏଇଲାଗେ ଦଶ ହଜାର ଟଙ୍କା ଆଣିଦେବି ।" ଟଙ୍କା ନାମ ଶୁଣି ବାବୁଙ୍କର ଟିକିଏ ହୋସ୍ ହେଲା, ଶୁଣି ମନ ଖୁସି, ସଳଖି ବସିଲେ । କଲିକତାରେ ମହାଜନ, ଅଭାବ କ'ଣ ? ଖୁବ୍ କାଏଦା କଟକଣାରେ ଜମିଦାରୀ ଲେଖି ନେଇ ଦଶ ହଜାର ଟଙ୍କା ଦେବାକୁ କହିଲା । ଦଲିଲ ରେଜିଷ୍ଟରୀ କରିବାକୁ ତର ସହୁନାହିଁ, ଜଲଦି ଟଙ୍କା ଆଣ । କଲିକତାରେ ଅନେକ ବାବୁ ଅର୍ଥାତ୍ ପୂର୍ବ ସଭାର ସଭ୍ୟମାନେ, ଆଉ ଖିଦିରପୁର ବଜାରର ଛୁଟକୁରିଆ ବଢ଼ିଆ ସମସ୍ତ ଦୋକାନୀ ନିମନ୍ତ୍ରିତ ହୋଇଗଲେ । ନାନା ପ୍ରକାର ମିଷ୍ଟାନ୍ନ, ନାନାପ୍ରକାର ପେୟ, ଆସନ, ଦାନ୍ତଖୁଣ୍ଟା ପର୍ଯ୍ୟନ୍ତ ଧରି ଠିକାଦାର ହାଜର । ତିନିଦିନ ଯାଏ ନାଚ ତାମସା ପିଆର ଖୁବ୍ ଧୂମ୍ ଲାଗିଛି ।

କରଜ ଦଶ ହଜାର ଟଙ୍କାରୁ କାହିଁରେ କେତେ ଟଙ୍କା ଖରଚ ହେଲା, ଆମ୍ଭେମାନେ ସେଥିର ହିସାବ ଦେଇପାରିବୁ ନାହିଁ, କାରଣ ସେଥିର କିଛି ଲେଖାଲେଖି ନାହିଁ । ମେନେଜର ହରିବୋଲ ବାବୁଙ୍କ ହାତରେ ତହବିଲ୍ । ନାନା କାର୍ଯ୍ୟରେ ବ୍ୟସ୍ତ ଏବଂ ଜମିଦାରଙ୍କ ସ୍ୱାସ୍ଥ୍ୟ ନିମନ୍ତେ ସଭ୍ୟଦେଶ ନିୟମାନୁସାରେ ପାନର ମାତ୍ରା କିଛି ବଳି ପଡ଼ିବାରୁ ଖର୍ଚ୍ଚ ଟଙ୍କାର ହିସାବ ରଖିବାକୁ ବେଳ ପାଇନାହାନ୍ତି ।

ବିବାହ ଶେଷ । ଜମିଦାର ଜମିଦାରାଣୀ ଦେଶସ୍ଥ ସଭ୍ୟମାନଙ୍କୁ ଧରି ଦେଶକୁ ବାହୁଡ଼ିଲେ । ବର କନ୍ୟା ଉଆସ ମଧ୍ୟକୁ ପ୍ରବେଶ ବେଳେ ଉଆସର ପୋଇଲି, ପଞ୍ଚା, ଗ୍ରାମର ଭଲ ଭଲ ଲୋକ ଘର ବୋହୂ ଝିଅମାନେ ଗୋଟିଏ ନୂଆକୁଲାରେ ସେରେ ଅରୁଆ ଚାଉଳ, ଦୂବ, ବରକୋଳିପତ୍ର ଦେଇ ତାହା ଉପରେ ଘିଅ ଦୀପଟିଏ ଥୋଇ ବରକନ୍ୟା ବନ୍ଦାଇ ନେବାକୁ ଆସିଲେ । ଶଙ୍ଖ ହୁଳହୁଳି ଶୁଣି ଜମିଦାର ଭାରି ରାଗିଯାଇ 'କୁସଂସ୍କାର, କୁସଂସ୍କାର, ଅସଭ୍ୟତା' କହି ଭାରି ଗୋଟାଏ ପାଟି କଲେ । ସ୍ୱାମୀଙ୍କ ଦେଖାଦେଖି କନ୍ୟା ମଧ୍ୟ 'ଏହା ନିତାନ୍ତ ବଡ଼ କୁସଂସ୍କାର ଅଛି, ଏହା ଅସଭ୍ୟତା' କହି ଠୋ ଠୋ କରି ହସି ଉଠିଲେ । ଗାଁ ଭୁଆସୁଣୀ ଗୁଡ଼ାକ ଏ ସବୁ ଦେଖି ଶୁଣି ଛାନିଆରେ ଡରରେ ଅଗଣାରେ କୁଲାଟା ତଳେ ଥୋଇଦେଇ ଯେ ଯାହା ଘରକୁ ପଳାଇଲେ ।

ପୁଅ ବୋହୂ ହାତ ଧରାଧରି ହୋଇ ମା' ସାନ୍ତାଣୀଙ୍କ ସହିତ ସାକ୍ଷାତ୍ କରିବାକୁ ବାହାରିଲେ । ମା' ସେତେବେଳେ ଠାକୁରଙ୍କ ଆଗରେ ମାଳିଟି ହାତରେ ଧରି ଆଖି ବୁଜି ବସି ଫୁସ୍ ଫୁସ୍ 'ହରେକୃଷ୍ଣ' ନାମ ଜପୁଛନ୍ତି । ବୋହୂର ଗୋଡ଼ରେ ଲେଡ଼ିଯୋତା ଏଡ଼ିର ଠକ୍ ଠକ୍ ଶବ୍ଦ ଶୁଣି, ଚମକି ପଡ଼ି ଠିଆ ହୋଇଗଲେ । ବୋହୂ ଟିକିଏ ହସି ହସି 'ଓ ଆମ୍ଭର ପ୍ରିୟ ଶାଶୁ ! ନମସ୍କାର-ନମସ୍କାର । କେମନ୍ତ କର ଆପଣ କର' କହି ହାତ ବଢ଼ାଇ ଯେମନ୍ତ ଶାଶୁ ପାଖକୁ ଚାଲିଗଲେ, ବୁଢ଼ୀ ତ 'ଛୁଁ - ନା - ଛୁଁ - ନା - ଛୁଁନା- ଆରେ କିଏ ଅଛିରେ, ମନ୍ଦିର ଅପ୍ରତିଷ୍ଠା ହେଲା ରେ, ବାହାର କରିଦିଅ ରେ, ବାହାର କରି ଦିଅରେ' ବୋଲି ରଡ଼ି ଛାଡ଼ିଲେ । ଜମିଦାର ବାବୁ ମିସେସ୍ ମହାପାତ୍ରଙ୍କ ହାତ ଧରି ଭିଡ଼ିନେଲେ । ଭାରି ଖପାଟାଏ ହୋଇ କହିଲେ, "ଅସଭ୍ୟତା, ମୂର୍ଖତା, ଭାରି କୁସଂସ୍କାର ! ଓହୋ ! ଲେଡ଼ିଜକୁ ଇନ୍‌ସଲ୍ଟ୍ !" ସେହି ମୁହୂର୍ତ୍ତରେ ମା' ସାନ୍ତାଣୀ ବିଶ୍ୱାସୀ ପୋଇଲୀ ରାଧି ଆଉ ଗୋଟିଏ ପୁଟୁଳି ଧରି ଘରୁ ବାହାରି ଗଲେ ପୁରୀ । ମାତା ମଠରେ ରହିଥିବାର ଆଠ ଦିନ ବାଦ ସମ୍ବାଦ ଆସିଲା ।

କେହି ବାଧା ଦେବାକୁ ନାହିଁ, କେହି କିଛି କହିବାକୁ ନାହିଁ, ସ୍ୱାଧୀନ ଭାବରେ କୁସଂସ୍କାର ନିବାରଣ ଆଉ ଦେଶ ଉଦ୍ଧାର ବିଷୟରେ ଲାଗି ପଡ଼ିଛନ୍ତି । ରାତିସାରା ବକ୍ତୃତା ଓ ପାନାହାରରେ କଟିଯାଏ, ଶୋଇବାକୁ ବେଳ କାହିଁ ? ମିସେସ୍ ମହାପାତ୍ର ବି ସଭାରେ ଛିଡ଼ା ହୋଇ କେତେଥର ବକ୍ତୃତା କଲେଣି । ଦିନଯାକ ଶୋଇଥାନ୍ତି, ପ୍ରଜା ପାଟକ କେହି ଗୁହାରିଆ ଆସିଲେ ଭେଟ ପାଏ ନାହିଁ । ଯଦି ଭେଟ ମିଳେ, ଏକ ଜବାବ, "ମେନେଜର ପାଖକୁ ଯାଅ ।"

କେହି ବୋହୂ ସାଆନ୍ତାଣୀ ବୋଲି କହିଲେ ଜମିଦାର ବାବୁ ଭାରି ଖପା ହୋଇଯାଆନ୍ତି । ନାମ ହୋଇଛି, ମିସେସ୍ ମହାପାତ୍ର । ମାତ୍ର ପୋଇଲୀମାନେ ଆଉ ମୂର୍ଖ ଚାକର ଗୁଡ଼ାକ ଠିକ୍ ନାମ ଧରି ଡାକି ପାରନ୍ତି ନାହିଁ । କେହି କେହି କିସ୍‌ମିସ୍ ମହାପାତ୍ର– କେହି କହେ ମିସ୍ତ୍ରୀ ମହାପାତ୍ର – କେହି ଡାକେ ଫିସ୍‌ଫିସ୍ ମହାପାତ୍ର । କିନ୍ତୁ ସେଥିରେ ମନା ନାହିଁ, ବରଞ୍ଚ ମିସେସ୍ ମହାପାତ୍ର ହସି ପକାଇ ବଡ଼ ଖୁସି ହୁଅନ୍ତି ।

ମିସେସ୍ ମହାପାତ୍ର ପ୍ରାତଃକାଳରେ ଚା ଖାଇଲା ବାଦ ପୋଷାକ ପିନ୍ଧି ଉଆସ ଚଉପିଠି ବଗିଚା ଆଉ ଆଗ ଦାଣ୍ଡରେ ପ୍ରାତଃଭ୍ରମଣ କରି ଆସନ୍ତି । ଦିନେ ବବୁର୍ଚ୍ଚିଖାନା ତଦାରଖ କରିବାକୁ ଚାଲିଗଲେ । ସେତେବେଳେ ପୋଇଲୀ ପଦୀ ହାଣ୍ଡିଏ ଗୋବର ପାଣି ଧରି କନା ଖଣ୍ଡିକରେ ଚୁଲୀ ଲିପୁଥିଲା, ଯୋତାର ଠକଠକ ଶବ୍ଦ ଶୁଣି ଯିମିତି ମୁହଁ ବଙ୍କାଇ ପଛକୁ ଚାହିଁ ଦେଇଛି, ଭାରି ପାଟିଟାଏ କଲା, "ଆଲୋ ମୋ ମା' ଲୋ ! ଆଲୋ ମୋ ବାପା ଲୋ ! ଯୋତା ମାଡ଼ି ହାଣ୍ଡିଶାଳରେ ପଶିଲା ଲୋ ! ହାଣ୍ଡିଶାଳ ମାରୁ ଗଲା ଲୋ !" କନାଖଣ୍ଡ ଫୋପାଡ଼ି ଦେଇ ଏକମୁହାଁ ଧାଇଁଛି । ଆଉ ଉଆସରେ ତାକୁ କେହି କେବେ ଦେଖିନାହିଁ । ଏଣେ ମିସେସ୍ ମହାପାତ୍ର 'ଉଆ ଉଆ, ଉଆ' କହି ଅନ୍ୟ ଆଡ଼କୁ ଧାଇଁଛନ୍ତି, ମୁହଁରେ ରୁମାଲ ଯାକି ନ ଥିଲେ, କେଜାଣି ବାନ୍ତି କରିପକାଇଥାନ୍ତେ । ଏକାବେଳକୁ ଶିଶିଏ ଲେଭେଣ୍ଡର ଦେହଯାକ ଢାଳି ହେବାରୁ ଟିକିଏ ସାଷ୍ଟମ ହେଲେ । ଗୋରୁଗୁହ ବବର୍ଚ୍ଚିଖାନାରେ ଢଳା ହୋଇଛି, ଜମିଦାର ଶୁଣି ଭାରି ଖପା । ମୂର୍ଖତା, ଅସଭ୍ୟତା, କୁସଂସ୍କାର । ସେ ଘରେ ରୋଷେଇ ହେଲେ ଲେଡ଼ିଙ୍କୁ ଖାନା ରୁଚିବ ନାହିଁ, ବାନ୍ତି କରିପକାଇବେ । ଚାରି ବୋତଲ ଫେନାଇଲ ଘରସାରା ଢଳାଗଲା ।

ଏହିପରି ଆଠ ଦଶ ମାସ ଗଲା ବାଦେ ଦିନେ କରଣମାନେ ମେଳି ବାନ୍ଧି ଆସି ମେନେଜର ପାଖରେ ଜଣାଇଲେ, "ଖମାର ସବୁ ଖାଲି ପଡ଼ିଛି, ଗୋରୁ ମଇଁଷି ପଲରେ ଲାଙ୍ଗୁଡ଼ ଖଣ୍ଡେ ବି ନାହିଁ, ପାଞ୍ଚବାଟି ହାତ ଚାଷ ପ୍ରଜା ଲଗାଇଦେଲେ ଯେଉଁ ସଲାମୀ ମିଳିଥିଲା ତାହା ଆସି ସରିଲାଣି, ଆଉ ଏବେ କାହୁଁ ଖରଚ ଯୋଗାଇବୁଁ ।" ମେନେଜର ତୁରନ୍ତ ଜବାବ ଦେଲେ, "ମାରିପିଟି ପ୍ରଜାଙ୍କଠାରୁ ଆଗତୁରା ବର୍ଷକର ଖଜଣା ଅସୁଲ କର ।" କୁମ୍ଭୀର ଖୋଜେ ଗୋଳିଆ ପାଣି', ଅମଲାମାନେ ଆନନ୍ଦରେ 'ଆଜ୍ଞା' କହି ଦଣ୍ଡବତ ହୋଇ ଚାଲିଗଲେ ।

ଆଉ ଦୁଇ ମାସ ବାଦେ କାର୍ତ୍ତିକ କିସ୍ତି ଟଙ୍କା ଦାଖଲ ନ ଦେବାରୁ ତାଲୁକ ନିଲାମରେ ଚଢ଼ିବାର କଟକରୁ ଜବାବ ଆସିଲା । ଠିକ୍ ସେହିଦିନ କଲିକତା ମହାଜନ ଦଶ ହଜାର ଟଙ୍କା ମୂଳକୁ କଳନ୍ତର ଖର୍ଚ୍ଚ ଓଗେର ଭିଡ଼ି କୋଡ଼ିଏ ହଜାର ଟଙ୍କା ପାଇଁ ଡିକ୍ରୀଜାରୀ ପିଆଦା କଲିକତା ହାଇକୋର୍ଟରୁ ଆସି ଚଳନ୍ତି ଅଚଳନ୍ତି ଯାନାସନ ସମସ୍ତ କ୍ରୋକ କରି ପକାଇଲା ।

ସକାଳୁ ଉଠି ମିଷ୍ଟର ଓ ମିସେସ୍ ମହାପାତ୍ର ବଗଲା ବଗଲୀ ପରି ବସିଛନ୍ତି; ଜନ ପ୍ରାଣୀ ପାଖରେ ନାହିଁ । ସଭାର ସଭ୍ୟମାନେ ଆଗରୁ ଏକଘରିଆ ହୋଇଥିଲେ, ଗୋବରପାଣି ପିଇ ଜାତିରେ ଉଠିଛନ୍ତି । ଆଉ କି ଆସିବେ ? ବେଳ ବୁଡ଼ିବାକୁ ବସିଲାଣି । ମିଷ୍ଟର ଓ ମିସେସ୍ ଦୁଇଜଣ ଭୋକରେ ଛଟପଟ ହେଉଛନ୍ତି । ସଞ୍ଜ ଲାଗିଲାବେଳକୁ ମିସେସ୍ ମହାପାତ୍ର ବହୁକଷ୍ଟରେ ଖଣ୍ଡେ ଅଳଙ୍କାର କାଢ଼ିଦେଲେ, ବିକିବାକୁ ଯାଇ ଦେଖିଲେ ପିତଳ ଗିଲ୍‌ଟି । ଖଣ୍ଡିଏ, ଆଉ ଖଣ୍ଡିଏ ଦେଖାଗଲା, ସବୁଗୁଡ଼ାକ ଗିଲ୍‌ଟି । ବିଭାଘର ସମୟରେ ଅଢ଼େଇ ହଜାର ଟଙ୍କାର ଗହଣା କିଣା ଯାଇଥିଲା, ସବୁଗୁଡ଼ାକ ଗିଲ୍‌ଟି । ଏତେବେଳେ ଦୁଇ ଜଣଙ୍କର ଚେତା ପଶିଲା । ଆଉ ଡିକ୍ରୀଜାରି ପିଆଦା ଜୁଲମରେ ଘରେ ରହିପାରିଲେ ନାହିଁ । ରାତି ଅନ୍ଧାରରେ କାହିଁ ଅନ୍ତର୍ଦ୍ଧାନ ।

ପାଞ୍ଚ ଛ ବର୍ଷ ବାଦେ ଜମିଦାର ବାବୁ ତାଙ୍କ ଶ୍ୱଶୁର କାମରେ ଆସାମରେ ଖାନସମାଗିରି କାମ କରୁଥିବାର ଦେଶରେ ଶୁଣାଗଲା ।

❖

# ଅବିବାହିତର ଆରାମ ଚୌକି

ଗୋପୀନାଥ ମହାନ୍ତି



**ସ**ଞ୍ଜ ହୁଏ, "ଗୋଟି ଗୋଟି କରି କୋଟି ତାରା ତୁମେ ଫୁଟି ଉଠ ନୀଳ ଗଗନେ" । ବାଦୁଡ଼ି ପଲ ଆକାଶ ମଝିରେ ଚାନ୍ଦୁଆ ଟାଣନ୍ତି, ବିଲୁଆ ଗାଆନ୍ତି ଆଗମନୀ, ଗୁଲିଆ ଟାଣନ୍ତି ଗୁଲି, ଗାଲୁଆ ନଈ କୂଳରେ ମେଲନ୍ତି ଗପ । ତଥାପି ମୋର ଆଶା ରହେ ଅମେଣ୍ଟା, ମୋର ଶୋଷ ରହେ ଯେମିତି ସେମିତି ।

ଅଦ୍ୟାବଧି ଅଭିଆଡ଼ା ଚଗଲା ମନଟା ମୋର ପଥର ଚକି ପରି କେତେ ଆଡ଼କୁ ବୁଲୁଛି, କେତେ ଓଢ଼ଣା ତଳେ ତଳେ, କେତେ ଧଡି କରେ କରେ, ଚଉଁରୀଭୁଣ୍ଡିରେ, ଗଭାରେ, 'ଖୋଷାରେ' ଗୁମ୍ଫାରେ, ବବ୍ ହେୟାର୍‌ରେ, କେତେ ହାତର ସୁନାକାଚରେ, କେତେ ହାତର କତୁରିଆ ବିନ୍ଦୁରିରେ, ମୁଣ୍ଡର ସିନ୍ଦୂରରେ, ଗୋଡର ମୁଦିରେ, କେତେଠିଁ କାହିଁ କେହି ତ ଟିକିଏ ପଚାରିଲେ ନାହିଁ । ମୋର ଛାତି ଯେ ପୋଡିଲା । ମୋ ପେଟ ଯେ ବଥାଇଲା- ରାଃ-ଆଃ !

ଫେସନ୍ ଦେଖାଇଲେ କାମ ହାସଲ ହୁଅନ୍ତା ? ଫେସନ କ'ଣ ? ଦଶ ଲୋକଙ୍କ ଭିତରେ ଜଣେ ବୋଲାଇବାର ଚିହ୍ନ ତ ? ସେତ ଅନେକ କରିଥାନ୍ତି ହରେକ ଉପାୟରେ । ସମସ୍ତେ ରଖିଲେ ତୋରାଣିଛଣା ନିଶ, ଜଣେ ଯଦି ପ୍ରଜାପତିଆ ରଖିଲା, ତେବେ ତ ଆଖି ପଡ଼ିଲା । ସମସ୍ତେ ତ ପାନ ଖାଆନ୍ତି । ପାନବାଲୀ ଏକା ନଜର ଦିଏ ମତେ, ମୁଣ୍ଡ ନ ଟେକି କଣେଇ ଚାହେଁ । କାରଣ ମୁଁ ଖାଏ ଅଖଇରିଆ ସାଦା । ସବୁ ଝିଅ ନଈ କୂଳରେ ସବୁ ଟୋକାଙ୍କୁ ଦେଖନ୍ତି, ଆଖି ଲାଖେ କାହାଠି ନା ମୋଠି; ଏ ବିଂଶ ଶତାବ୍ଦୀର ଓଡିଶାରେ ଖାଲି ଧିଅରେ ଖଦଡ଼ ବେଗ୍ ପକାଇ ମୋ ଛଡା ଆଉ ଟୋକା ମହଲରେ କିଏ ବୁଲେ ? ଏତେତ ଉପାୟ କଲି, ସବୁହେଲା ମାଟି । ବଂଧୁମାନେ କହିଲେ ଲିଭିଂ ଆନାକ୍ରୋନିକ୍, ଟିକିପିଲାଏ କହିଲେ ପାଳଭୂତ, ସ୍ନେହୀମାନେ କହିଲେ ପାଗଳାଗବ, ଶତ୍ରୁମାନେ କହିଲେ ବିକଳପାଡିଆ ଗବ, କି ସବୁ ମାଟି । ପ୍ରିୟେଷୁ ସୌଭାଗ୍ୟ ଫଳତି ଚାରୁତା, ମୋର ଏତେ ଆଡ୍ମ୍ବ ସବୁ ମାଟି । କାହିଁର ଦିଫାଳିଆ ରାଜୁରାୟଟା ଦିଦିନେ ହୁଲସ୍ଥୁଲ ପକାଇଲା, ଆଉ ମୁଁ ହାୟ !

କାହିଁ ପ୍ରିୟେ, କଣ ନ କଲି ତୁମ ଲାଗି ? ଶେଷରେ ହଂଗର୍ ଷ୍ଟ୍ରାଇକ୍ ବି କଲି । କିନ୍ତୁ, ତୁମେ ପାଷାଣୀ, ତୁମେ ମଶାଣି, ତୁମେ ପାହାଡୀ, ତୁମେ ଜଙ୍ଗଲୀ । ମୋର କବି କଳ୍ପନାରେ ଅହ୍ଲାଦିନୀ ନୁହଁ ତୁମେ, ତୁମେ କଟକକିଆଣୀ, ମନ୍ଦାକିନୀ ନୁହଁ ତୁମେ, ତୁମେ ଟକଟକଫୁଟିଣା, ସ୍ୱର୍ଗର ପାରିଜାତ ନୁହଁ ତୁମେ, ମୌଜା ପୋକପୁର ୪ଭଗି ମହାନ୍ତି ତଳବାରିର ତୁମେ ଓଲୁଅ ଫୁଲ, ପ୍ରିୟେ, ନା, ଅପ୍ରିୟେ, ତୁମେ-

ମୁଁ ନିଶାଖୋର-କବିତାର ନିଶା, ଆଖି ନାଲି ହୁଏ-କବିତାର ରଙ୍ଗ, ନିଶାଭୋଳରେ ନିଦ ହୁଏ-କବିତାର ନିଦ । ସ୍ୱପ୍ନ ଦେଖେଁ-

କବିତାର ସ୍ୱପ୍ନ । ଭୁଲ କରେ ଲମ୍ୱାଚିଡ଼ା ଫାଙ୍କା ଆବାଜ୍ କଥା ବକେ କବିତାର ହାଣ୍ଡିଆ ପିଇ ।

ଅଧରାତି ନିଶା ସାଇଁ ସାଇଁ; ସ୍ୱପ୍ନ ଦେଖୁଥିଲି, ମୋର ପ୍ରିୟ "ସବୁଜକଳାମଣ୍ଡଳ"ର । ତାରି ଦ୍ୱାହିରେ କେତେ ପରଶ ମୁଁ ପାଇବି- କବିତାର ଅସରନ୍ତି ଦରିଆ । ଓଡ଼ିଶାର ଯେତେ ଯେଉଁଠି ହୁଏ ପିଠାପଣା ଜାତି ବଡି, ଚିଡ଼ା, ସବୁ ମୁଁ ଖୋଜି ବୁଲିବି । ଧୋବଲା ପିଠୋଉ ମାନସୀ ପଲ୍ଲୀବାଳାର ହାତବାଜି, ଜୀଇ ଉଠିଛି, ପିଠୋଉ ଗୋଲୁ ଗୋଲୁ ବିରହଣୀର ଲୁହ ଢ଼ଳି ପଡ଼ିଛି, ଅଭିସାରିକାର ମଥାରୁ ପଡ଼ିଛି ଫୁଲ (ସେ ଥିଲା କାଳିଦାସଙ୍କ ଅମଳରେ), ଏ କାକରା ପ୍ରେମଛଣା, ଏ ଚିଡ଼ା ପ୍ରେମକଟା । ଢ଼ଳଢ଼ଳ ଆଖି, ଥରିଲା ଓଠ, ସରୁ ସରୁ ଆଙ୍ଗୁଠି, ଚିଡ଼ା କାଟୁଛି ବିଜୁଳି ପରି, ଫୁଲ ପାଖୁଡ଼ା ପରି ଦୋହଲୁଛି, ନଖ ହକାରିଫୁଲ ପଟା । ମୋର ଅଭିଆଡ଼ା ଟଗଲା ମନ ପାଗଳ ପରି ଓର ଉଣ୍ଡେ । ଲୁଗା କେଉଁଠି ଉଡୁଛି, କେଉଁଠି ଚିରିଛି, ତାରି ଉପରେ ପ୍ଲେଟୋଙ୍କ ନୀତିରେ ମୁଁ ଖୁସି ପାଏ, କଳା ପାରେଁ ।

ହୁଏତ ଚୂନା କୁଟିଛି ମାଧିଆ-ଜେଠି, ତା ଗୋଡ଼ ଗୋଦର, ମାତ୍ର ଲଗା ଖାମ୍ବ ଆଳୁ ପରି, ପିଠୋଉ ବାଟି ଫେଣଇଛି ହୀରା, ତା ନାକରୁ ପଡେ ସର ନହୁଣୀ ମୁଣ୍ଡରୁ ପଡେ ଜିରା, ହୁଏ ତ ଝିଅଟିର ହାତରେ ଯାଦୁ, ଦାନ୍ତ ବାହାଡ଼ା, ମୁଣ୍ଡରେ ଉକୁଣି, ଲୁଗା ଗନ୍ଧ, ପିଠା ଆଉ ବଡ଼ିରେ ଏ ସବୁର ଗଭୀର ଛାପା ମରିଛି; କିନ୍ତୁ ମୋ କବିତା-ମଦୁଆ ସପନ ରାଇଜ ଏମିତି ଜନ୍ତୁଙ୍କୁ ଖିଆଲ ରଖେ ନାହିଁ ।

ସ୍ୱପ୍ନରେ-ଝିଅଟି ଆସିଲା- "ଭଉଣୀ ।" ହଁ, 'ଭଉଣୀ' ତ ପହିଲି ପରିଚୟ, ଗୋଟିଏ ଗୋଟିଏ ଆସିଲା- ସ୍ୱପ୍ନରେ-ମୋ ଆଡ଼କୁ, ଦେହଟା ମୋର ଥରିଲା, ସବୁ ରକ୍ତ ଜମା ହେଲା ଛାତିରେ ।

ହଠାତ୍ । ଖୁଡୁ ଖୁଡୁ ! - ଧୁଡୁ ଧୁଡୁ । କିଏ ସେ ଆସିଲା ମୋର ବଡୁଆ ଟୁଙ୍ଗିକୁ ଏ ମଶାଣି-ନିର୍ଜନତା ଭାଙ୍ଗିବାକୁ - ପ୍ରିୟା । ମାନସୀ ।

ଖୁଡୁ ଖୁଡୁ । ଧୁଡୁ ଧୁଡୁ ।

ନିଦଟା ମୋର ଚାଉଁକିନା ଭାଙ୍ଗିଗଲା । ମଲା, ଏ କିଟିକିଟିଆ ଅନ୍ଧାରରେ କିଏରେ ବାପ ?

ଚୋରକୁ ମୋର ଭାରି ଡର, ଆଖି ବୁଜି ଶୋଇ ପଡ଼ିଲି, ଯଦି କିଏ- ! ନା, ଏତେ କାମ ଯେ ବାକି ପଡ଼ିଲା, ମୁଁ ଫଲଣା ହେଲେ ସଭା ସମିତି କରିବ କିଏ, ହଙ୍ଗରଷ୍ଟ୍ରାଇକ୍ କରି ଖାନ୍‌କୀ ପୋଇଲି ପ୍ରଥା ଉଠାଇବ କିଏ ? ମୋର ସାଧେର' ଓଡ଼ିଶା, ମୋ ବିନା ତୁ ଯେ ଓସ୍ତତଳିନୀ, ସତୀଚୌରାବାସିନୀ, ମଧୁଦାସ ଯାଇଛି ଟବ (ଗବ) ଦାସ ଅଛି, ଦାସୁକୁ ଦାସ, ଦେଶର ଦାସ, ନା, ମୁଁ ବଞ୍ଚେ ।

ହଠାତ୍ ଛାତି ଉପରେ ଦାଉ କିନା ପାହାରେ ପଇଲା, ଢ଼ିଙ୍କି ଥଣ୍ଟପରି, ଥରେ ଦିଥର, ତିନିଥର ମାଇଲା ତ । ମୋ ନାହା ଏଇଠି ଡୁବିଲା, ମୋ 'ସବୁଜକଳାମଣ୍ଡଳ' ଶନି ଉତ୍ପାତରେ ପାଉଁଶ ହେଲା । କିଲ୍‌କାଲିଆ ହୋଇ ଉଠି ପଡ଼ିଲି ।

"ଗବ ବାବୁ !"

ନା, ମଲି ଏଥର ।

'କୋ'ବି, ଗବ ବାବୁ ।'

ଘରତ ଖାଲି, ଏଣେ ଗୋଡ଼ ଦିଟା ଯେ ବରଡ଼ା ପତର ପରି ଥରୁଛି, ଲୁଚିବି କେଉଁଠି ? ଭାବିଲି ମିଛ କହିବି ।

କହିଲି - 'ମୁଁ ଗବ ବାବୁ ନୁହେଁ, ମୁଁ ତାଙ୍କ ପୂଝାରୀ' ଉତ୍ତର ହେଲା, 'ଡରିଲ କି, ମୁଁ ପରା ଅବିବାହିତର ଆରାମ୍‌ଚୌକି ।" ଅନ୍ଧାର ଭିତରେ ଖଟ୍‌ଖଟ୍ ଖଟ୍‌ଖଟ୍ କରି କଣ ଗୋଟାଏ ଚାଲି ବୁଲିବା ପରି ଜଣାଗଲା ।

'ଗବବାବୁ, ମୋତେ ରକ୍ଷା କର, ଅବିବାହିତର ଆରାମଚୌକି ବୋଲି ଏ ନୀରବ ନିଶୀଥରେ ମୋର ଗାତ୍ରଦାହ ହେଉଛି, ଥର୍ମୋମିଟର ଆଣି ଦେଖ, ମତେ କାମଜର ହେଲାଣି-ବୋଧହୁଏ । ତହିଁରେ ପୁଣି ଛାରପୋକ ।'

କିଏ ଯେ ? କଣ ଭୂତ ପ୍ରେତ ? ସବୁ ପ୍ରଶ୍ନ ତଣ୍ଟିପାଖେ ଅଟକି ଗଲା । ବିଷ୍ଣୁନାମ ଜପି ଜପି ଧଇଲି ଝକମକି । ମୁଁ ଖାଣ୍ଟି ସ୍ୱଦେଶୀ, ତେଣୁ ଦେଶର ମାଟି, ଦେଶର ପଦାର୍ଥ ଭଲ ପାଏ । ଲଣ୍ଠନ ବିଦେଶୀ, ତେଣୁ ମାଟିର ଦୀପ ଜାଳେ, ତହିଁରେ 'କଳା' ବେଶି, ଦିଆସିଲି ପରିବର୍ତ୍ତେ ସ୍ୱଦେଶୀ ଝକମକି ବ୍ୟବହାର କରେ ।

ହୁ ଧଇଲି ଝକମକି, ଲାଗିଲା, ଦୀପ । ଯେ କଣରେ ବାପ, ସତକୁ ସତ ଆରାମଚୌକିଟା, ଚାଲି ବୁଲୁଛି, ଭାବିଲି, ସ୍ୱପ୍ନ ନୁହେଁ ତ, ମୁନିଆଁ ମୁନିଆ ନଖରେ ଆପେ ଆପେ କଷିକରି ଚୁମୁଟି ହେଲି, କାଟିଲା, କହିଲି ଦେଇଁଛି ।

ଆରାମ ଚୌକି ହାକିଲା - 'ଗବବାବୁ, ତମ ଧ୍ୱଅର ଝାଳ ଲାଗି ମତେ ସର୍ଦ୍ଦି ଧଇଲାଣି, ତହିଁରେ ପୁଣି ସେ ଜରଟା-ତା ଉପରେ ଛାରପୋକ ।'

ଫମ୍ପା ଗଳାରେ କହିଲି, 'ଆଚ୍ଛା, କାଲି ଖରାରେ ଥୋଇବି । ଆରାମ୍‌ଚୌକି - ତୁମେ ମୋ ଉପରେ ସବୁଦିନ ବସୁଛ, ଉପରେ ବସିବାର ମଜା ମୁଁ କେବେ ପାଇଲି ନାହିଁ । ମୁଁ ତୁମ ଉପରେ ବସିବି ।"

ଆତଙ୍କ ଛାଡି ନ ଥାଏ, ମୋର ଢ଼ଙ୍ଗଢ଼ାଙ୍ଗ ଦେଖି ଦେହ ଓ ପୋଷାକର ଗୋଟାଏ ଅବସ୍ଥା ବୋଧହୁଏ ତା ଆଖିରେ ପଡ଼ିଲା, ସେ ଥିର ହେଲା ।

ଆରାମଚୌକି ପୁଣି କହିଲା- "ଗବବାବୁ ତୁମେ କବି, ତୁମେ ମୋ ଗୋପନ କଥା ବୁଝିବ, ମୁଁ ବାହା ହେବି ।"

ମୁଁ- "ହଉ, କାଲି ସେ ଅଢ଼େଇ ଗୋଡ଼ିଆ ଟୁଲଟା ରାମବାବୁଙ୍କ ହୋଟେଲ ପିଣ୍ଡାରୁ ନେଇ ଆସିବି ।'

ଆରାମଚୌକିର ଉଦ୍‌ବେଗ ବଢ଼ିଗଲା, କହିଲା, "ନା, ନା, ନା, ଭଣ୍ଡାନା ଗବବାବୁ, ଯୁବତୀର ସ୍ପର୍ଶ ପାଇଲି ନାହିଁ, ମୁଁ ଅଧୀର ପାଗଳ ।" ଗୋଟାଏ ବିକଟ ଦୀର୍ଘଶ୍ୱାସ ତାର ଦେହଗୋଟା ଥରେଇ ଥରେଇ ଚାଲିଗଲା, କଟକଟ ଶୁଭିଲା ଘରଯାକ । ତା'ପରେ ସେ ଆରାମ୍‌ଚୌକିଟାର ଭଙ୍ଗା ହାତ ଦିଟା ବାଡେଇ ହେଲା । ଚୌକିଟା ଟଳିଲା, ଗଡ଼ିଲା, ପଡ଼ିଲା, ଡେଇଁଲା, ମାତିଲା, ତାତିଲା, ମୋର ଖଦଡ଼ ଝୁଲାମୁଣି, ମାଟି ଦୁଆତ, ଚିଲପକ୍ଷୀ କଲମ (ମୁଁ ଖାଣ୍ଟି ସ୍ୱଦେଶୀ) ସବୁ ଏକାକାର କଲା । ମୋର ଅପ୍ରକାଶିତ ପାଣ୍ଡୁଲିପି, ଅଣଆଖିଫିଟା ଶାବକ, ସବୁ ଦଳିପେଷି ପକାଇଲା । ତା'ପରେ ଆରାମ୍ ଚୌକିଟା ଗୋଟାଏ କଣରେ ବସି ପଡ଼ିଲା ନଥ୍ କରି ।

ତାର ଗୋଟାଏ ହାତ ସିଧା ପଏଣ୍ଟ କଲା ମୋ ଆଡ଼କୁ, କହିଲା- 'ବାସ୍, ଆଜି ତମର ଆମର ସଫା କଥା ହେବା । ଆହା ଟଂଟଂ ହଉଛ କିଆଁ, ଥିର ହୁଅ, ମତେ ମାନିନିଅ 'ଦରଦୀ' ବୋଲି, ମୋଠି ତୁମର ଲାଜ କଣ ? ରୂପ, ରସ, ଗନ୍ଧ, ସବୁ ତ ତମର ମୋରି ଉପରେ ।'

ମୁଁ କହିଲି, ଢ଼ୋକ ଗିଳି- "ତୁମେ କଣ ବୁଝିବ ?"

ଆରାମ୍‌ଚୌକି- "କ'ଣ ମୁଁ ନ ବୁଝେଁ ? ତୁମେ ଯେତେଯେତେ କବିତା ଲେଖିଛ ସବୁ ତ ମୁଁ କର୍ଣ୍ଣପିଶାଚ ପରି ତୁମ କାନେ କାନେ କହିଛି, ମୋର ନିରୋଳା କାଠର ଆତ୍ମା ତୁମର କେଉଁ ଲେଖାରେ ନାହିଁ କହିଲ ?"

ମୁଁ କହିଲି- "ସେ କଥା ମାନୁଛି, ମୁଁ ଯେ ବିଶ୍ୱର କବି । ଯେତେ ଆରାମ୍ ଚୌକି, ଯେତେ ଶିଳ, ଯେତେ ଚକି, ଯେତେ ଢ଼ିଙ୍କି, ଯେତେ କୁଲା, ଯେତେ ମୁର୍ଦ୍ଦାର, ଯେତେ କୁକୁର, ଯେତେ ବଗ, ସମସ୍ତଙ୍କର ।"

ସେ- "କେବଳ ମଣିଷର କବି ନୁହଁ, କାରଣ ଦି ଗୋଡ଼ିଆକୁ ବିଶ୍ୱାସ ନାହିଁ, ଏଇ ନୀତିଟି ତୁମର ଜୀବନ ଗଢୁ...."

ମୁଁ "ମନ ମୋର ଉତଲା, ତା'ର କିଛି ଖବର ରଖ ।"

ଆରାମ୍‌ଚୌକି- "ଉତଲା ନୁହେଁ, ତତଲା, ମୋର ବି । କଅଁଳିଆ ସୁନ୍ଦରମୁହଁଟିଏ ଦେଖିଲେ ଉତୁରି ପଡ଼ିବାକୁ ଇଚ୍ଛାହୁଏ । ହେଇ ସେଦିନ ଯେ ମୁଁ ଛଇଳା ଦେଈଙ୍କ ଉପରେ ପଡ଼ିଗଲି ସେ କଣ ଖାଲି ମୋର ଗୋଟାଏ ଗୋଡ଼ ଭଙ୍ଗା ବୋଲି, ନା-ତୁମର ଅଭିଆଡା ମନର ଚଗଲା contagion ମତେ ଭେଦିଛି, ବେତେ ବେତେ କାଠେ କାଠେ ।"

ମୁଁ - "ମୋର କେତେ ଚିନ୍ତା...."

ଆରାମଚୌକି- "ଚିନ୍ତା ନୁହେଁ, ଦୁଃଖ, ଅଭିଆଡ଼ା ବୋଲିଏ ମୋର ବି ଯେଉଁଦିନୁ କଲିକତାରୁ ସେ ଚିଠି ପାଇ ତୁମେ ମାତିଲ, ସେ ଦିନୁ ବିଷ ଭେଦିଛି ।"

ମୁଁ- "ସେ ବିଦେଶିନୀ ଭଉଣୀଟି ନା ?"

ଆରାମଚୌକି ବ୍ୟଙ୍ଗ କରି କହିଲା, "ହଁ, ଭଉଣୀ ।" ଆଉ ଅଭିକା ଯାହା ଲାଗି ତୁମେ ଝୁରୁଛ, ଝଡୁଛ, ତା କଥା ବି ମୁଁ

ଜାଣେ, ସେ ଠିକ୍ "ତୁମ ମୁଣ୍ଡରେ ଆଘାତ କରିଛି ।"

ମୁଁ ଚମକି ପଡ଼ିଲି - "ଆହା, ମୋର କାଠର ବନ୍ଧୁ, ତା କଥା ତୁମେ ଜାଣିଲ କାହୁଁ ?"

ଆରାମଚୌକି ହସିଲା, ମୂଳାପରି ଦାନ୍ତ ବାହାର କରି, ସେ ହସ ଏକା ମୁଁ ଦେଖିଛି ।

କହିଲା - "ଏ ତ ଗଲା ତୁମ ଜୀବନର ପହିଲି ଭିତିରି ନୀତି, ଆରଟି ହେଉଛି ନେତା ହେବାକୁ, ଗବବାବୁ । ନା, ମାନି ଯା, ଆଉ ତ କେହି ଶୁଣିବ ନାହିଁ । ବଡ଼ ଭଲ ନୀତି, ତହିଁରେ ପୁଣି ତୁମେ ଭାବ ସ୍ୱପ୍ନଟା ଅସଲ, ସତଟା ମିଛ । ଲାଗିପଡ, ଲାଗିପଡ଼, ଘରୋଇ କାମ ପରି ଆପଣା ଅକ୍ତିଆରରେ ସମ୍ମିଳନୀ ସରିଛି, ସରୁକଳାମଣ୍ଡଳ ଚାଲିବ, ସମାଜ ତ ଲାଗିପାଗି ଖାଉଛି, ଆଉ ଭାବନା କିଆଁ ?"

ଦେଖିଲି, ସବୁ କଥା ମୋ "ବୁକୁ" ଭିତରର ଏ ଆରାମଚୌକିଟା ଜାଣିଛି, ତେବେ- ଏ କଣ ମୋରି ପ୍ରତିଧ୍ୱନି । ସ୍ୱପ୍ନ ବି ମଣିଷମନର, ସତ ବି ଏଇ ମନର; ତେଣୁ ମୁଁ ଆଗରୁ କହିଛି ସ୍ୱପ୍ନ ଆଉ ସତ ଭିତରେ ପ୍ରଭେଦ କଣ ? ସେଇ ଯୁକ୍ତିରେ, ମୋର "ବୁକୁ ତଳର ଫୁଲଗୁଡ଼ାକ" ଗଛର ଫୁଲ, ଗଛ ତ କାଠ, କାଠ ତ ଆରାମ୍‌ଚୌକି, ତେବେ ତ ମୋର ବୁକୁତଳର ଫୁଲଗୁଡ଼ାକ ଆରାମଚୌକି ।"

ଦେଖିଲି, ଆରାମଚୌକିଟାକୁ କେମିତି ଅସଜ ଲାଗୁଛି, ହଠାତ୍ ସେଇଟା ପଛ ଗୋଡେରେ ଠିଆ ହେଲା, ଆଗ ହାତ ଦିଟାକୁ ଉପରକୁ ଟେକି ଚିତ୍କାର କରି ଉଠଇଲା - "ସ୍ପର୍ଶ ଦିଅ, ସ୍ପର୍ଶ ଦିଅ, ଯୁବତୀର ସ୍ପର୍ଶ", ନ ହେଲେ ବିକି ଦିଅ ମୋତେ, ମୁଁ ଆଉ ଅବିବାହିତର ଆରାମଚୌକି ହେବି ନାହିଁ । ଓଃ, କି କଷ୍ଟ ।" ବୁଢ଼ାଳିଆ, ମୋଟା, ସରୁ, ଡାଗଡ଼ା, ନରମା, କେତେ ପାଟି, ଖାଲି ରାଗ ଆଉ ଅଭିଯୋଗ - "ଏ ଅଭିଆଡ଼ା ଚଗଲା ଘରେ ରହି ଆଉ ଅବିବାହିତର ସରଞ୍ଜାମ ହେବାନାହିଁ । ଯୁବତୀର ସ୍ପର୍ଶ, ମାନସୀର ସ୍ପର୍ଶ, ଚାଲ, ଆଜି ଆମର ଅଭିସାର । କିଟିକିଟି ଅନ୍ଧାର ଭିତରେ ତରା ଆଲୁଅ ପଶିଥିଲା । ଦେଖିଲି ସମସ୍ତଙ୍କ ସର୍ଦ୍ଦାର ପରି ଆଗେ ଆଗେ ଚାଲିଲା ଆରାମ୍‌ଚୌକି, ତା ପଛକୁ ଘସର ପସର ହୋଇ ପେଟ୍ରାଟା (ମୁଁ ଖାଣ୍ଟି ସ୍ୱଦେଶୀ, ଧର୍ମୁ-ଅଜାଙ୍କ ସଂସ୍କାର ଭଲ ପାଏ), ତା ପଛକୁ ଷଡଙ୍ଗୀ ପେଟ ପରି ନାଚି ନାଚି ମୋ ଖଦଡ଼ ଝୁଲାମୁଣି, ତା ପଛକୁ କଉମାଛ ପରି ଫକ ଫକ କରି ଡେଇଁ ଡେଇଁ ମୋ ଲ-ବହିଗୁଡ଼ାକ; ତା ପଛକୁ ଉଡ଼ି ଉଡ଼ି ମୋର ସମଗ୍ର ଖାତାପତ୍ର, ଲେଖାଲେଖି, ସରୁକଳାମଣ୍ଡଳର ନିୟମାବଳୀ, ସମ୍ମିଳନୀର ଏକାଉଣ୍ଟ, ଏତେ ଅପବ୍ୟୟରେ ଭୁଲଭଟକା କରି ଛପା ପ୍ରୋଗ୍ରାମ୍, ମୋ ମାଟି ଦୁଆତଟା (ମୁଁ ଖାଣ୍ଟି ସ୍ୱଦେଶୀ) ଚଢ଼ିଥିଲା ଆରାମଚୌକି ହାତରେ, ଆଉ ପକ୍ଷି କଲମଟା ଉଡୁଥିଲା କଙ୍କିପରି । ମୋ ଶପ ଶେଯ ଆପେ ଆପେ ଗୁରେଇ ହେଇଗଲେ, ତାପରେ ଯାତ୍ରାରେ ବୁଢ଼ାବୁଢ଼ୀ ସାହାଦ ସାହାବାଣୀ ଖୋଳ ନାଚି ନାଚି ଚାଲିଲା ପରି ଚାଲିଲେ । ଅବିବାହିତର ସପ, ଅବିବାହିତର ଶେଯ, ଅବିବାହିତର ତକିଆ, ଅବିବାହିତର ଛାଞ୍ଚୁଣୀ, ଅବିବାହିତର ବାସନକୁସନ, ଅବିବାହିତର ବସନ ଆସନ, ସମସ୍ତେ ମୋହିଁଲେ ଦୁଆର ମୁହଁକୁ । ତା'ପରେ ଥାକୁଲୁ ଥାକୁଲ ତିନିକିତିନା ଧିନିକିଧିନା ନାଚି ନାଚି ଗଡ଼ି ପଡ଼ିଲେ ମାଣିକଚାନ୍ଦ ବଜାରର ନାଲି ଧୂଳି ଉପରକୁ । ମୁଁ ତ କାଠ, ପୁଣି ଥରେ ଚ୍ୟୁମୁଟଇ ହେଲି, ମୁଣ୍ଡବାଳ ଝିଙ୍କି ହେଲି, ବୁଝିଲି ମୁଁ ଚେଇଁଛି ।

ଭାବିଲି - "ମୁଁ ତ ସ୍ୱପ୍ନ ଭଲ ପାଏଁ, ଏ ସତ କାହିଁକି ହେଲା ?"

ମୁଁ ଆଜି ଏକା, ଏକା, ଏକା-

ପଡରରେ ଖାଇଲି, ତଳେ ଶୋଇଲି, ଘରର ସବୁ ଜିନିଷ ତ ଜୀବନ ପାଇଁ ଯାଇଛି ଅଭିସାରରେ । ପୁଣି କହୁଛି - "ପ୍ରିୟେ, ତୁମେ କାହଁ, କେବେ ଯୌତୁକ ଘେନି ଆସିଲେ ମୋ ଶୂନ୍ୟ ଘର ପୂର୍ଣ୍ଣ ହେବ ? ହଙ୍ଗରଷ୍ଟ୍ରାଇକ୍ ତ କରିଥିଲି, ଏଥର ସଫା ଦଉଡ଼ି ଦେବି ।"

❖

# ଶ୍ରୀମତୀ

ପଣ୍ଡିତ ଗୋଦାବରୀଶ ମିଶ୍ର



ଗୋବିନ୍ଦ ଘର ଚଳାଇବାର ଏକମାତ୍ର ଲୋକ । ବୟସ ବାଇଶି । ଚାରି ପାଞ୍ଚ ବର୍ଷ ହେଲା ବିବାହ କଲାଣି; କିନ୍ତୁ ସନ୍ତାନ ଆଦି କିଛି ହୋଇ ନାହାନ୍ତି । ବିବାହିତ ଲୋକର ସନ୍ତାନଟିଏ ପାଇବାପାଇଁ, ପ୍ରାଣରେ ବଡ ଆକୁଳତା ଦେଖାଯାଏ । ଗୋବିନ୍ଦଙ୍କର ସେ ଆକୁଳତା ମଧ୍ୟ କିଞ୍ଚିତରେ ନାହିଁ । କଚେରିରେ କିରାନି କାର୍ଯ୍ୟ କରନ୍ତି । ଯାହା ଦରମା ପାଆନ୍ତି, ସେଥିରେ ଘରଖର୍ଚ୍ଚ ଚଳୁଥାଏ । ସାଧାରଣ କିରାନିଙ୍କର ଦରମା ଛାଡି ଉପୁରି ଅନେକ ହୋଇଥାଏ । 'ଉପୁରି' କିନ୍ତୁ କେବେ ଗୋବିନ୍ଦଙ୍କ ହାତ ଅଳଙ୍କୃତ କରି ନାହିଁ । ଅତଏବ, ତାଙ୍କ ଘରର ଅବସ୍ଥା ବଡ଼ ସ୍ୱଚ୍ଛଳ ନୁହେଁ ।

କାହିଁକି ବୁଝାଯାଏ ନାହିଁ, ଗୋବିନ୍ଦ ସର୍ବଦା ବିଷର୍ଣ୍ଣ । ଅନୁତାପର ମଳିନ ଜ୍ୟୋତିରେ ତାଙ୍କ ମୁଖ ଆଚ୍ଛାଦିତ । ସେ କଚେରିରୁ ଆସି ଦାଣ୍ଡରେ ବୁଲୁଥାନ୍ତି । ସବୁବେଳେ ଏକାକୀ, ଜନତା ତାଙ୍କୁ ଭଲ ଲାଗେ ନାହିଁ । ବନ୍ଧୁମାନଙ୍କ ମେଳରେ ସେ କେବେ ବସିବାକୁ ଯାଆନ୍ତି ନାହିଁ । ନଈବନ୍ଧରେ ପୋଖରୀକୂଳରେ ବସି କ'ଣ ଭାବୁଥାନ୍ତି । ଦେଖିଲେ ଜଣାଯାଉଥାଏ, ପେଟରେ ଭାରି ଭୋକ ଏବଂ ଅନ୍ୟ କିଛି ପାଇଁ ପ୍ରାଣରେ ଗଭୀର ଚିନ୍ତା । ସେ ଏଠାରେ, ସେଠାରେ ଲକ୍ଷ୍ୟହୀନ ଭାବରେ ବୁଲୁଥାନ୍ତି । ଦେଖିଲେ ଜଣାଯାଏ, ତାଙ୍କୁ ଆଶ୍ରୟ ଦେବା ନିମନ୍ତେ ଜଗତରେ ବୋଧହୁଏ ସ୍ଥାନ ନାହିଁ । ଆପଣା ଘରକୁ ସେ ପ୍ରାୟ ଆସନ୍ତି ନାହିଁ । ଆସିଲେ ବାହାର ଘରେ ମୁଠିଏ ଖାଇଦେଇ ପୁଣି ଚାଲିଯାନ୍ତି । ବାହାର ବାହାର ଘରେ ସେ ମୁଠାକ ମଧ କୌଣସି କୌଣସି ଦିନ ନ ଥାଏ । ଖାଲି ପେଟରେ ଗୋବିନ୍ଦ କେତେଦିନ କଚେରିରେ ଲେଖାପଢ଼ି କରୁଥିବାର ଦେଖାଅଛି । ଶରତବାବୁ ତାଙ୍କ ସାଙ୍ଗରେ ପଢୁଥିଲେ । ଆଜି ସେ ଡେପୁଟି । ଗୋବିନ୍ଦ ତାଙ୍କ ପାଖକୁ କାଗଜପତ୍ର ଘେନି ଯାଆନ୍ତି । ସେତେବେଳେ ତାଙ୍କୁ ଟିକିଏ ଲାଜ ମାଡ଼ିବାର ମଧ ଦେଖାଅଛି । ତାଙ୍କ ସାଙ୍ଗରେ କିଏ ଡେପୁଟି, କିଏ ଓକିଲ, କିଏ ପ୍ରଫେସର, କିଏ ବକ୍ତା, କିଏ ଅବା ସେସବୁ ଛାଡି ଦେଶର କାର୍ଯ୍ୟରେ ଜୀବନ ଦେଇଛନ୍ତି । ଗୋବିନ୍ଦଙ୍କର ଦୁଃଖ; ସେ ଏତେ ତଳେ ପଡ଼ି ରହିଲେ । 'କ'ଣ ପାଇଁ ? କି ଆଶାରେ ? ତାହା ତ ମଧ ହେଲା ନାହିଁ ।' ଏହିପରି ଚିନ୍ତା କରୁ କରୁ ଦୀର୍ଘଶ୍ୱାସ ବହିଯାଏ । ବିନ୍ଦୁ ବିନ୍ଦୁ ଆଖି ପତାକୁ ଉଠି ଆସେ ।

ଶ୍ରୀମତୀଙ୍କର ବୟସ ଅଠର ବର୍ଷରୁ ଟିକିଏ ଅଧିକ । ଘରେ ସେ ଗୋଟିଏ ଚାକିରିଆଣୀ, ଆଉ ଜଣେ ସମ୍ଭବତଃ ଚାକର । ଖାଇବାକୁ ତିନି ପେଟ, ମାତ୍ର କାମରେ ଅଢ଼େଇ । ମାତ୍ରକୁ ପଚିଶଟା ଟଙ୍କା ଖର୍ଚ୍ଚକୁ ଅଣ୍ଟୁନାହିଁ ବୋଲି ଶ୍ରୀମତୀଙ୍କର ସର୍ବଦା ରାଗ; ଦେହକୁ ଅଳଙ୍କାର ହେଲା ନାହିଁ ବୋଲି ପ୍ରତି ମୁହୂର୍ତ୍ତରେ ବିରକ୍ତି; ମାଟି ଘରେ ରହି ତାଙ୍କ ଦେହ ମାଟିଆ ପଡ଼ିଗଲାଣି, ହାଣ୍ଡିଶାଳର ଧୂଆଁରେ ଲୁଗାପଟା କଳା ହୋଇଯାଉଛି, ଆଖି ଫୁଟି ଜଳିଯାଉଛି, ଏସବୁ ନିମନ୍ତେ ଘର ଭିତରୁ ବକ୍ତୃତା ଉଠୁଥାଏ- "ନ ମରି କାହିଁକି ରହିଛି, ଜାଣି ନ ଥିଲା କି, ଡେପୁଟିଙ୍କର ଝିଅ ବୋଲି, ଜମିଦାରଙ୍କ ଘରର ପିଲା ବୋଲି ମଲା, ମୋ ବର ଲୋ

ବର, ନ ପୋଷି ପାରିବ ତ ଏ ମୋ ହାତ ଧରିଥିଲା କାହିଁକି ମ ? "ହାତ ନ ପାଏ ମୁଣ୍ଡକୁ, ନା ମନ ଯାଉଥାଏ ଜହ୍ନକୁ ।" ପୃଥିବୀରେ ଅନେକ ବକ୍ତୃତା ଦିଆଯାଏ ଜଣେ ଯୁବତୀର ବକ୍ତୃତାରେ ବା କ'ଣ ଏତେ ଅଧିକ ମୂଲ୍ୟ ଅଛି ଯେ ଆମ୍ଭେମାନେ ଏହାର ରହସ୍ୟ ବୁଝିବାକୁ ଚେଷ୍ଟାକରିବା ? ତେବେ ଶ୍ରୀମତୀ ସାଧାରଣ ଯୁବତୀଙ୍କ ପରି ନୁହନ୍ତି । ସେ ଶିକ୍ଷିତା ଓଡ଼ିଆ, ଇଂରାଜୀ ପଢ଼ନ୍ତି, ବଙ୍ଗଳା ବେଶ୍ ଜାଣନ୍ତି । ଡିଟେକ୍‌ଟିଭ୍ ଉପନ୍ୟାସରୁ ଖଣ୍ଡିଏ ତାଙ୍କର ବାକି ପଡି ନାହିଁ । ଶିକ୍ଷିତା ଯୁବତୀଙ୍କର ଦୁଃଖ ଯେ, ତାଙ୍କର ନିର୍ବାସନରେ ସକଳ କଷ୍ଟ ଯନ୍ତ୍ରଣା ମଧ୍ୟରେ ଖଣ୍ଡିଏ ବହି ପଢ଼ି ମନ ଭୁଲାଇବାକୁ ମଧ୍ୟ ମିଳିଲା ନାହିଁ । ତେବେ ସେ ବେଳେବେଳେ ବାପାଙ୍କ ଘରକୁ ଯାଇ ପକ୍କା ଘରେ ଦୁଇ ଚାରିଦିନ ରହି ଆସନ୍ତି, ସକଳ ଶ୍ରେଣୀର ପ୍ରଚୁରତା ମଧ୍ୟରେ ନିଜ ଦରିଦ୍ର ଜୀବନର ଦୁଇ ଚାରିଦିନ ପୁହାଇ ଦେଇ ଆସନ୍ତି । ବାପାଙ୍କ ଘରେ ସବୁ ସୁଖ, ସମସ୍ତ ବିଳାସପୂର୍ଣ୍ଣ; କିନ୍ତୁ ସେଠାରେ ବହୁତ ଦିନ ରହିଯିବାକୁ ତାଙ୍କର ଇଚ୍ଛା ହୁଏନାହିଁ । ଇଚ୍ଛାହେଲେ ରହିପାରନ୍ତେ କି ନାହିଁ, ସେ କଥା ପୃଥକ୍ । ଶ୍ରୀମତୀଙ୍କର ଗୋଟିଏ ନୂତନ ବିଳାସ ସାମଗ୍ରୀ କେବଳ ପତିଙ୍କ ଗୃହରେ ମିଳିପାରେ । କୃପଣ ଧନ ବିନା, ପଣ୍ଡିତ ଜ୍ଞାନ ବିନା, କବି ସଙ୍ଗୀତ ବିନା ରହିପାରନ୍ତି । ବକ୍ତା; କିନ୍ତୁ ଥରେ ବକ୍ତୃତା କରି ଶିଖିଲେ, ଆଉ ପାଟି ବନ୍ଦ କରି ହୁଏ ନାହିଁ । ଶ୍ରୀମତୀ ପ୍ରକୃତିର ନିବନ୍ଧନରେ ପଡ଼ି ବାପାଙ୍କ ରାଜଭବନରୁ ପତିଙ୍କ କୁଡ଼ିଆ ଘରକୁ ଅତିଶୀଘ୍ର ପଳାଇ ଆସନ୍ତି ।

ଦିନେ ଶ୍ରୀମତୀ ଠିକ୍ ବାପାଙ୍କ ଘରୁ ଫେରିଆସିଛନ୍ତି - ଏପରି ସମୟରେ ଗୋବିନ୍ଦ ଘରେ । ଶ୍ରୀମତୀଙ୍କ ସଙ୍ଗରେ ଗୋବିନ୍ଦଙ୍କର ବହୁ ଦିନରୁ ଦେଖା ହୋଇ ନ ଥିଲା । ଦେଖା କରିବାର ଇଚ୍ଛା ମଧ୍ୟ ଗୋବିନ୍ଦଙ୍କର ନ ଥିଲା । ଶ୍ରୀମତୀଙ୍କର ମନ ଅଧେ ବାପଘରେ, ଅଧେ ନିଜ ଘରେ । ଗୋବିନ୍ଦଙ୍କ ମନ ତାଙ୍କର ସୁଖ ଦୁଃଖର ସହଚର, ସେହି ନଈ, ପୋଖରୀ କୂଳରେ, ଦାଣ୍ଡରେ । ପତି ପତ୍ନୀଙ୍କର ଦେଖା ହେଲା । ବହୁତ ପ୍ରେମ ସମ୍ଭାଷଣ ପରେ ଶ୍ରୀମତୀଙ୍କର ସ୍ନେହ ଆଲିଙ୍ଗନ ଗୋଟିଏ ଛାଞ୍ଚୁଣି ମଧ୍ୟଦେଇ ଗୋବିନ୍ଦଙ୍କ ଅଧଶୁଖିଲା ପ୍ରାଣକୁ ଆସି ଛୁଇଁଲା । ଗୋବିନ୍ଦ ସେଦିଦ ରାତିରେ ତାଙ୍କର ପରିଚିତ ଦାଣ୍ଡଟି ଠାରୁ, ପୋଖରୀ କୂଳରୁ, ନଈ ବନ୍ଧନରୁ ମେଲାଣି ଘେନି ଜୀବନର ଶୂନ୍ୟ ଲକ୍ଷ୍ୟହୀନ ମାର୍ଗରେ ବାହାରିଲେ ।

ଶ୍ରୀମତୀ ବର୍ତ୍ତମାନ ଘରେ ଏକା । ପତି ଘରକୁ ନ ଆସୁଥିଲେ ମଧ୍ୟ ପତିଙ୍କ ସ୍ମୃତି ସର୍ବଦା ତାଙ୍କ ମନରେ ଥାଏ । ଆଉ ସେ ସ୍ମୃତି ଆସିବାର ସୁବିଧା ସୁଯୋଗ ଘଟୁ ନାହିଁ । ଅତଏବ୍ ସେ ପ୍ରାଣରେ ଗୋଟାଏ ନିର୍ଜନତା ଅନୁଭବ କରୁଛନ୍ତି । ଗୋବିନ୍ଦ ଯିବାର ଦଶ ପନ୍ଦର ଦିନ ପରେ ତାଙ୍କ ଦରମା ପଚିଶ ଟଙ୍କା ସରିଗଲା । ଶ୍ରୀମତୀ ବାପାଙ୍କ ଘରକୁ ଗଲେ । କିଛିଦିନ ପତି ଗୃହରେ ରହି ତାଙ୍କ ସ୍ୱଭାବରେ ଗୋଟାଏ ନୂତନ ଉପାଦାନ ମିଶିଅଛି । ତା'ର ପରିତୃପ୍ତି ବ୍ୟତୀତ ସେ ରହି ନ ପାରନ୍ତି । ଶ୍ରୀମତୀ ଅତି ଶୀଘ୍ର ବାପାଙ୍କ ଘରକୁ ଆପଣା ପ୍ରତି ଗରମ କରିପକାଇଲେ । ଚାକର, ଚାକରାଣୀଙ୍କ ପ୍ରକାଶିତ ପ୍ରସ୍ତାବ ଓ ବାପା ମାଆଙ୍କ ଅନୁମୋଦନରେ ଠିକ୍ ହେଲା, ଶ୍ରୀମତୀ ପତି ଗୃହକୁ ଫେରିବେ । ଶ୍ରୀମତୀ ଫେରି ଆସିଲେ । ବାପାଙ୍କ ଘରୁ ପ୍ରଥମେ ପ୍ରଥମେ କିଛି ଧାନ ଚାଉଳ ଆସୁଥାଏ । କ୍ରମେ କ୍ରମେ ତାହା ମଧ୍ୟ ଖୁବ୍ ବେଶି ଆସିଲା ନାହିଁ ।

ଶ୍ରୀମତୀ ପ୍ରାଣରେ ବଡ଼ ଆଶା ପୋଷିଥିଲେ, ହସି ଖେଳି ସୁଖ ସମ୍ପଦରେ, ସକଳ ପ୍ରକାର ବିଳାସ ମଧ୍ୟରେ ଜୀବନଟା ପୁହାଇ ଦେବେ । ଆହା, ମନୁଷ୍ୟର କଳ୍ପନାର କି ପରିବର୍ତ୍ତନ ଘଟେ, ଭାଗ୍ୟ ଘଡ଼ି ଘଡ଼ିକେ କିପରି ଫେରେ । ଜୀବନ ଆଜି ଶ୍ରୀମତୀଙ୍କୁ ଭାରି ବୋଧ ହେଉଅଛି । ପଚିଶ ଟଙ୍କା ଅଣ୍ଟୁ ନ ଥିଲା ବୋଲି ସେ ବ୍ୟସ୍ତ ହୋଇ ପଡୁଥିଲେ; ଆଜି ମୁଠାଏ ଭାତ ପାଇଁ ପର ହାତକୁ ଚାହିଁବାକୁ ହେଲା । ମାଟି ଘରରେ ଶ୍ରୀମତୀଙ୍କ ଦେହ ମାଟିଆ ହୋଇଯାଉଥିଲା; ସେ ଘର ଆଜି ଭାଙ୍ଗି ପଡ଼ିଗଲାଣି, ଭଙ୍ଗା କାନ୍ଥ ତଳେ ଧୂଳିମାଟିରେ ପଡ଼ିଲେ ସୁଦ୍ଧା ତାଙ୍କ ହୃଦୟରେ ଟିକିଏ ମଳି ଲାଗୁନାହିଁ । ହାଣ୍ଡିଶାଳ ଧୂଆଁରେ ଲୁଗା କଳା ହୋଇଯାଉଥିଲା । ଆଜି କ'ଣ କଳା ହେବ, କାହିଁରେ ବା କଳା ହେବ, ଚୁଲି ଲାଗିବାର ଦରକାର ପଡୁନାହିଁ । ଆହା, ବିଧାତା ମନୁଷ୍ୟକୁ ଜୀବନର କି ଲୋଭ, ସଂସାରର କି ମାୟା ଦେଇଛି । ଶ୍ରୀମତୀ ଏ ମଧ୍ୟରେ ଆଠ ଦଶଥର ନଈକୂଳରେ, ପୋଖରୀ କୂଳରେ, କୂଅ ମୂଳରେ ଆପଣା ଜୀବନର ଅସାର୍ଥକତା ଆପଣାକୁ ବୁଝାଇ ସାରିଲେଣି । ପୁଣି ସେ ଭଙ୍ଗା କାନ୍ଥ ତଳେ ସେହି ମୁଠାକର ଚିନ୍ତା । ଗୋବିନ୍ଦଙ୍କର ଆବଶ୍ୟକତା ସେ ବେଶ୍ ବୁଝି ସାରିଲେଣି । ବାପା, ମା'

ଜୀବନରେ ମୁକ୍ତି ନୁହନ୍ତି । ଧନ ସମ୍ପତ୍ତି ନୁହେଁ, ବିଳାସ ସମ୍ଭୋଗ ମଧ୍ୟ ନୁହେଁ; ଗୋବିନ୍ଦ ହିଁ ତାଙ୍କ ପ୍ରାଣର ପରଶମଣି । ସେ କ'ଣ ଆଉ ଆସିବେ ? ଆଉ ଅଛନ୍ତି ? ଆହା, ସେ କ'ଣ ଆଉ କେଉଁଠି ଅଛନ୍ତି ?

ଗୋବିନ୍ଦ ଏଣେ ବହୁଦିନ ବହୁ ସ୍ଥାନ ବୁଲି ବୁଲି ଶେଷରେ କାନପୁର ସହରରେ ପହଞ୍ଚିଲେ । କାନପୁରର ଜୋତା କାରଖାନା ଭାରତରେ ପ୍ରସିଦ୍ଧ । ତାହାର ପରିଚାଳକ ଗୋବିନ୍ଦଙ୍କୁ ଦେଖି, ତାଙ୍କର ସରଳ ସ୍ୱଭାବରେ ବିମୋହିତ ହୋଇ, ତାଙ୍କୁ କାରଖାନାରେ କାମ ଦେଲେ । ଗୋବିନ୍ଦ କାରଖାନାରେ କାମ କରୁଥାନ୍ତି ସତ, ସର୍ବଦା ସେ ଶ୍ରୀମତୀଙ୍କ ପାଇଁ ଭାବିତ ଥାନ୍ତି । ଶ୍ରୀମତୀ ଦୁଷ୍ଟା ହେଲେ ସୁଦ୍ଧା ତାଙ୍କର ଧର୍ମପତ୍ନୀ । ପିଲାଲୋକ କଅଣ ଖାଉଥିବେ, କିପରି ରହୁଥିବେ ? କର୍ମବେଳେ ଅବସରରେ, ଶୟନରେ ଜାଗରଣରେ ତାଙ୍କର ଏହି ଚିନ୍ତା । ଏହି ଚିନ୍ତା ଘେନି ସେ କାରଖାନାରେ କାମ କରୁଥାନ୍ତି । ଦୁଇ ବର୍ଷରେ ସେ ଜୋତା ତିଆରି ବିଷୟରେ ସମସ୍ତ ଜ୍ଞାନ ଲାଭ କଲେ । କ୍ରମେ କ୍ରମେ କାରଖାନାର ପରିଚାଳକଙ୍କ ସଙ୍ଗେ ତାଙ୍କର ଘନିଷ୍ଠତା ଜନ୍ମିଲା । ଗୋବିନ୍ଦ ନିଜ ଜୀବନର ବିବରଣ ତାଙ୍କୁ କହୁ କହୁ ଦିନେ ଶ୍ରୀମତୀଙ୍କ ବିଷୟରେ ଅନେକ କଥା କହି ପକାଇଲେ । ଆହୁରି ମଧ୍ୟ କହିଲେ - "ମୋର ଶଶୁର ଗରିବ ଘରେ ଜନ୍ମ ଲଭିଥିଲେ ସୁଦ୍ଧା, ଶିକ୍ଷା ଲାଭ କରି ସରକାରଙ୍କ କର୍ମରେ ମାସିକ ବେତନ ଓ 'ଉପୁରି ଲାଭ' ଦ୍ୱାରା ପ୍ରଭୂତ ସମ୍ପତ୍ତି ଅର୍ଜନ କରିଅଛନ୍ତି । ମୋତେ ପାଠ ପଢ଼ାଇବେ ବୋଲି ପ୍ରତିଶ୍ରୁତିଦେଇ ତାଙ୍କ କନ୍ୟା ସାଙ୍ଗରେ ମୋତେ ବିବାହ କରାଇଲେ । କିଛିଦିନ ମୋତେ ପଢ଼ାଇ ଅଛନ୍ତି, ଆଉ ଟଙ୍କା ଦେଲେନାହିଁ । ଅତଏବ ମୋର ପଢ଼ା ବନ୍ଦ ହେଲା । ଶିକ୍ଷା ଅନୁରୂପ ମୋର ସାମାନ୍ୟ ବେତନରେ ଶ୍ରୀମତୀ ଘର ଚଳାଇ ନ ପାରି ସର୍ବଦା ବ୍ୟସ୍ତ ହେଉଥାନ୍ତି । ଆହା, ସେ ବର୍ତ୍ତମାନ କେଉଁଠି ଥିବେ, କ'ଣ କରୁଥିବେ ?" ଗୋବିନ୍ଦଙ୍କ ଆଖିରୁ ଲୁହ ବହିଗଲା; ମୁହଁରୁ ଆଉ କଥା ବାହାରିଲା ନାହିଁ । କାରଖାନାର ପରିଚାଳକ ପରଦିନ ତାଙ୍କୁ ଖଣ୍ଡିଏ ଚିଠି ଦେଇ କଲିକତାକୁ ପଠାଇ ଦେଲେ ।

କଲିକତାରେ ୟଙ୍ଗ୍ କମ୍ପାନୀ ଜୋତା କାରଖାନା । ଉପଯୁକ୍ତ ଚାଳକ ଅଭାବରୁ ଭଲ ଚଳୁ ନଥିଲା । ଗୋବିନ୍ଦ ମାସିକ ପାଞ୍ଚଶତ ଟଙ୍କା ବେତନରେ ସେଠାରେ ରହିଲେ । ଶୀଘ୍ର ଗୋବିନ୍ଦଙ୍କ ନାମ କଲିକତାରେ ଖ୍ୟାତ ହେଲା । 'ୟଙ୍ଗ କମ୍ପାନି' କଥା ଚାରିଆଡ଼େ ସୋର ହୋଇଗଲା । 'ୟଙ୍ଗ କମ୍ପାନୀ'ର ଜୋତା ଏତେ ଭଲ ହୋଇଉଠିଲା ଯେ, 'ଉତ୍କଳ ଟ୍ୟାନେରୀ'କୁ ଆଉ କେହି ପଚାରିଲେ ନାହିଁ । ମଧୁବାବୁ ଗୋବିନ୍ଦଙ୍କୁ ମାସକୁ ହଜାରେ ଟଙ୍କା ଦରମାରେ ଚାଉଳିଆଗଞ୍ଜ କାରଖାନାକୁ ଅଣାଇବାକୁ ଯୋଗାଡ଼ କଲେ । ଗୋବିନ୍ଦ ସମସ୍ତ ଖ୍ୟାତି, ସମସ୍ତ ଉପାର୍ଜନ ମଧ୍ୟରେ ଶ୍ରୀମତୀଙ୍କ ବିଷୟ ସର୍ବଦା ବିଚାରୁଥାନ୍ତି । ପ୍ରଥମ ମାସର ଦରମାରୁ ତାଙ୍କଠାକୁ ମନିଅର୍ଡରରେ ତିନିଶ ଟଙ୍କା ପଠାଇଦେଲେ । ତେଣିକି ପ୍ରତି ମାସରେ ମଧ୍ୟ ଦୁଇଶ ତିନିଶ କରି ପଠାଇଲେ ।

'ୟଙ୍ଗ କମ୍ପାନୀ' ଜୋତା ଦୋକାନ ନିକଟରେ 'ଲଙ୍ଗ' କମ୍ପାନି ମଦଦୋକାନ । ଡାକବାଲା ଚିଠି ଦେବାରେ ଅନେକ ସମୟରେ ଭୁଲ କରିଦିଏ । ଅତଏବ 'ଲଙ୍ଗ୍ କମ୍ପାନୀ'ର କେତେ ଚିଠି ଆସି 'ୟଙ୍ଗ କମ୍ପାନୀ' ଚିଠି ବାକ୍ସରେ ଆସି ପଡ଼ିଥିବାର ଦେଖାଯାଏ । ଗୋବିନ୍ଦ ଦେଖନ୍ତି, ସେଥିମଧ୍ୟରେ ଅନେକ ଚିଠି ତାଙ୍କ ଶ୍ୱଶୁରଙ୍କଠାରୁ ଆସୁଥାଏ । ମାସରେ ପ୍ରାୟ ଚାରିଶ ଟଙ୍କାର ଅର୍ଡ଼ର । ଅତୀତ ଭବିଷ୍ୟତର ଅନେକ କଥା ମନରେ ସୁମରି ଗୋବିନ୍ଦ ଭୁଲରେ ଆସିଥିବା ଚିଠିଗୁଡ଼ିକ 'ଲଙ୍ଗ୍ କମ୍ପାନୀ'କୁ ପଠାଇ ଦିଅନ୍ତି ।

ଏଣେ ଶ୍ରୀମତୀ ଆଶା ପ୍ରାୟ ସବୁ ଛାଡିଦେଇ ଜୀବନକୁ ଘୋର କଷ୍ଟ ମଧ୍ୟରେ କୌଣସି ପ୍ରକାରେ ଟାଣି ନେଉଥାନ୍ତି । ଟଙ୍କା ଆସି ପହଞ୍ଚିଲା । ଟଙ୍କା ତ ବର୍ତ୍ତମାନ ତାଙ୍କର ଲୋଡ଼ା ନୁହେଁ । ପ୍ରାଣ ଯେପରି ପୃଥିବୀର ସମସ୍ତ ଟଙ୍କା, ପଇସା, ସୁନା, ରୂପାଠାରୁ ଦୂରରେ କୌଣସି ଦ୍ରବ୍ୟ ପାଇବାକୁ ବ୍ୟଗ୍ର, ଆକୁଳ । ପୁଣି ଶହଶହ ହୋଇ ଟଙ୍କା । ଏତେ ଗୁଡ଼ାଏ ମଧ୍ୟ ତାଙ୍କର ଦରକାର ନାହିଁ । ପ୍ରାୟ ସମସ୍ତ ଟଙ୍କା ପଇସା ସେ ଦୁଃଖୀ ଭିକାରୀଙ୍କୁ ବାଣ୍ଟି ଦେଇ ସେହି ଭଙ୍ଗା କାନ୍ଥ ତଳେ ସେହିପରି ପଡ଼ିଥାନ୍ତି ।

ଶ୍ରୀମତୀ ବାପାଙ୍କର ବିଷୟ ସମ୍ପତ୍ତି ଶୀଘ୍ର ସରି ଆସିଲା; ଜମିଦାରୀ ବିକ୍ରି ହୋଇଗଲା । ଶେଷକୁ ପକ୍କା ଘର ଖଣ୍ଡି ମଧ୍ୟ ନିଲାମ ହେଲା । ସରକାରୀ ପେନସନ୍‌ଟା ସୁଦ୍ଧା ନାନା କାରଣରୁ ବନ୍ଦ ହୋଇଗଲା । ବୁଢ଼ା ବୁଢ଼ୀଙ୍କର ମୁଣ୍ଡ ଗୁଞ୍ଜିବାକୁ

ସ୍ଥାନ ନାହିଁ । ପେଟକୁ ମଧ ଦାନା ମୁଠାଏ ନାହିଁ । ସେମାନେ ଦାଣ୍ଡର ଭିକାରୀ । ଲୋକମାନଙ୍କ ମଧ୍ୟରେ ଶ୍ରୀମତୀଙ୍କ ନାମ ଜଣାଶୁଣା ହୋଇଗଲାଣି । ବାପ ମା ଶ୍ରୀମତୀ ପ୍ରତି ବଡ଼ ନିଷ୍ଠୁର ଆଚରଣ କରିଛନ୍ତି । ସେ କଥା ବର୍ତ୍ତମାନ ମନେ ପଡୁଛି । ଗୋବିନ୍ଦଙ୍କୁ କୁକୁର ପରି ଅନାଦର, ଭର୍ତ୍ସନା, ନିରାଶ କରିଛନ୍ତି । ସେ କଥା ବର୍ତ୍ତମାନ ମନେ ପଡୁଛି । ଏବେ ପେଟର ଜ୍ୱାଳା, ତେତେ ପୁଣି ଆପଣାର ନିର୍ଦ୍ଦୟତା ପାଇଁ ଅନୁତାପ ।

ଗୋବିନ୍ଦ ଟଙ୍କା ପଠାଇ ଦେଇ ନିଶ୍ଚିତ ନୁହଁନ୍ତି । ଘର ଛାଡି ଯିବାର ଆଠ ବର୍ଷ ହେଲାଣି । ଆଠ ବର୍ଷ କାଳ ଶ୍ରୀମତୀ ଏକା । କିପରି ଥିବେ, କ'ଣ କରୁଥିବେ ? ଟିକିଏ ଦେଖିବାକୁ ବଡ଼ ଅଭିଳାଷ । କିଛି ଭଲ ଲାଗୁନାହିଁ । ନିତି କେତେ କେତେ ଚିଠି ପା'ନ୍ତି । ଦିନେ ଖଣ୍ଡିଏ ଚିଠି ପାଇଲେ । ବେଶି କିଛି ଲେଖାନାହିଁ । ଦିଓଟି ଧାଡିରେ ଚିଠି ଖଣ୍ଡି ଶେଷ । ଗୋବିନ୍ଦ ଦେଖିଲେ- ଆଖିରୁ ଲୁହ ବହିଗଲା । କିଛିକ୍ଷଣ ପରେ ପଢ଼ିଲେ-

"ଟଙ୍କା ପଇସା ବହୁତ ଅଛି, ଟିକିଏ ଦର୍ଶନ ପାଇଲେ ସବୁ ପୂର୍ଣ୍ଣ ହୋଇଯାନ୍ତା ।

ଇତି

"ଶ୍ରୀମତୀ"

ଶ୍ରୀମତୀଙ୍କ ବାପ, ମା, ବୁଢ଼ାବୁଢ଼ୀ ଦୁଇଜଣ ଆସି ଶ୍ରୀମତୀଙ୍କ ପାଖେ ପହଞ୍ଚିଲେଣି । ଶ୍ରୀମତୀ ତାଙ୍କ ଝିଅ । ଝିଅ ପରି ସେବା କରିବାରେ ଦୀର୍ଘ ଦିନ ବିତି ଯାଉଛି । ସର୍ବଦା କିନ୍ତୁ ଚିତ୍ତରେ ଅନ୍ୟ କି ଭାବନା-କାହାପାଇଁ ଯେପରି ପ୍ରାଣରେ ଗଭୀର ଅନ୍ୱେଷଣ, ହୃଦୟରେ ପ୍ରବଳ ଆବେଗ । ଶ୍ରୀମତୀଙ୍କର ଜଗତରେ କେହି ନ ଥିଲେ । ବାପା ମା' ଆସିଲେଣି । ସେ ଜଗତରେ କାହାର କିଛି ନ ଥିଲେ । ଏବେ ଝିଅ ହୋଇ ପାରିଲେଣି । ବାପା ମା' ଝିଅ ବୋଲି ଡାକିଲା ବେଳେ ପିଲା ଦିନର ସେହି ମଧୁର ସୁଖ ସ୍ମୃତି ଆସି ଟିକିଏ ପ୍ରାଣରେ ଲାଗିଯାଏ । ତେବେ ବାପା ମାଙ୍କୁ ପାଇ ଆଉ ଯେପରି କାହାକୁ ପାଇବାକୁ ପ୍ରାଣରେ ପ୍ରବଳ ପିପାସା; ଝିଅ ହୋଇ ଯେପରି ଆଉ କିଛି ହେବାକୁ ବଡ଼ ଅଭିଳାଷ ।

ଗୋବିନ୍ଦ 'ୟଙ୍ଗ୍ କମ୍ପାନୀ' ରୁ ବିଦାୟ ଘେନି ଗ୍ରାମରେ ପହଞ୍ଚିଲେ ଆଠ ବର୍ଷ ପରେ । ସେ ଫେରି ଆସିଛନ୍ତି । ସେ ପରିଚିତ ନଈ ପୋଖରୀ ବାଟେ ଆସିଲେ । ଦାଣ୍ଡରୁ ଦେଖନ୍ତି ଘରଭଙ୍ଗା । ଶ୍ରୀମତୀ ଆଉ ଶାଶୂ ଶ୍ୱଶୁର ଗୃହର ଭଗ୍ନାବଶେଷ ମଧ୍ୟରେ । ସେ ମିଳନର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ହେବାର ନୁହେଁ । ଗୋବିନ୍ଦର ପିଲାଦିନର ସ୍କୁଲ ସାଙ୍ଗ ଗୋପାଳ, ମଧୁ, ମୋହନ, ଆନନ୍ଦ ପାଠଶାଠ ପଢ଼ି ଦେଶର ସେବାରେ ଜୀବନ ଦେଇଛନ୍ତି । ତାଙ୍କର ବଡ଼ ଇଚ୍ଛା ଥିଲା, ସେହିପରି କିଛି କରିବେ । ଏବେ ସେ ଶୀଘ୍ର ଆପଣାର କର୍ମଭୂମି ଖୋଜିନେଲେ-ସେଥିରେ ଶ୍ରୀମତୀ ବର୍ତ୍ତମାନ ତାଙ୍କ ପ୍ରଧାନ ସହାୟ । ଯାହା ସାମାନ୍ୟ ରୋଜଗାର ହୁଏ, ସେଥିରେ ବୁଢ଼ାବୁଢ଼ୀ, ଶ୍ରୀମତୀ ଏକରକମ ଚଳିଯାନ୍ତି ।

❖

ସ୍ଥାପିତ : ୧୯୮୭ ଫୋନ୍ : ୭୮୭୯୦୦୨୫୦୯, ୯୪୩୭୧୨୮୩୦୪

# ଶିଶୁ ଭାରତୀ ଉଚ୍ଚ ବିଦ୍ୟାଳୟ

## ନର୍ସରୀ ଠାରୁ ଦଶମ ଶ୍ରେଣୀ

ନାମଲେଖା ଆରମ୍ଭ

ଫୋନ୍-୯୪୩୭୧୨୮୩୦୪

ସେକ୍ଟର-୬, ପ୍ଲଟ୍ ନଂ-ପି.ଆଇ-୭୪୭ (ରାମ ମନ୍ଦିର ପାଖ), ସି.ଡି.ଏ.

ଓ

ତେଲେଙ୍ଗା ବଜାର, କଟକ-୭୫୩୦୦୯

ନାମଲେଖା ଆରମ୍ଭ

- ଶିଶୁ ପିଲାଙ୍କ ପାଇଁ ଖେଳ ଓ ଖେଳନା ଘର ସୁବିଧା
- ଖେଳ ମାଧ୍ୟମରେ ପାଠପଢ଼ା
- ନାଟକ, ଗୀତ, ଚିତ୍ରାଙ୍କନ ଓ ନୃତ୍ୟ ଶିକ୍ଷାର ସୁବିଧା ଦିଆଯାଏ
- ୫ମ ଶ୍ରେଣୀରୁ କମ୍ପ୍ୟୁଟର ଶିକ୍ଷା ଦିଆଯାଏ
- ପ୍ରତି ପିଲାଙ୍କ ଉନ୍ନତି ପାଇଁ ବ୍ୟବସ୍ଥା କରାଯାଏ ।



# ସ୍ୱପ୍ନଭଙ୍ଗ

ଚନ୍ଦ୍ରଶେଖର ରଥ

**ସା**ନପୁଅର ନୂଆ ଗଜେଇଥିବା ଦାଢ଼ି ଉପରେ ଢ଼ୋ କିନି ଗୋଟାଏ ଚାପୁଡ଼ା ପକେଇଦେଇ ଗର୍ଜି ଉଠିଲେ ବଳଭଦ୍ର ରାୟଗୁରୁ-

'ଚୋପ୍ ବେ ନାଲାଏକ୍ ଇଡ଼ିଅଟ୍ କାହାଁକା । ତତେ ଅଲବତ୍ ମେଡ଼ିକାଲ୍ ନେବାକୁ ହେବ । ଡାକ୍ତର ତ ହବୁ ନାଇଁ ଆଉ କ'ଣ କୁଲୋଜି ପଢ଼ି ମାଷ୍ଟ ହବୁ ? ମା'ରିବି ଚଟକଣା ଧରି ଯେ ଦାନ୍ତ ଝାଡ଼ିଦେବି । ଯା', ଆଜି ଦରଖାସ୍ତ ଦାଖଲ୍ କରି ଆସିବୁ ।'

ଧୋତି, ମଠା ପଞ୍ଜାବି ଏବଂ ମାନ୍ଧାତା ଅମଳର କାଳିଆ ଚମଡ଼ା ପାଣ୍ଡୋଇ ପିନ୍ଧି ଦୁମ୍‌ଦୁମ୍ ହୋଇ ତାଙ୍କ ଶୋଇବା ବଖରାକୁ ସେ ଚାଲିଗଲେ । ବୁବୁ ଅଧିକାଂଶ ଦିନ ବାଘ ସପନ ଦେଖେ । ପଟାଳିଆ ଚାଦର ଘୋଡେଇ ହୋଇ ସେ ବାଘ ମୁହଁ, ମେଲେଇ ମାଡ଼ି ଆସେ । ଦିନେଦିନେ ସେ ପାନ ଚୋବାଇଲା ପରି ତାକୁ ଦିଶିଯାଏ । ପାଟି ଭିତରଟା ତା'ର ଗୋଟିଏ ହିଙ୍ଗୁଳ ଗୁମ୍ଫା । ତା' ଭିତରୁ କଡ଼କଡ଼ ହୋଇ ବଜ୍ର ଭାଙ୍ଗି ପଡ଼ୁଥାଏ । ଝାଳ ସରସର ହୋଇ ବୁବୁ ଧାଇଁଥାଏ ଅନ୍ଧାରର ଆଢୁଆଳକୁ । ପଛରେ ଦୁମ୍‌ଦୁମ୍ ଗୋଡ଼େଇଥାଏ ବାଘ । କେତେଥର ସେ ଦେଖିଛି ଯେ ବାଘ ପାହୁଲରେ ଏମିତି କଳା କଳା ପାଣ୍ଡୋଇ ।.... ଏତେଦିନ ତା'ଧାଇଁବା ରାସ୍ତାରେ ଆସିଗଲା ଜିମ୍‌ନାସିୟମ୍ । ସେ ସେଇଠୁ ଭିଡ଼ି ଆଣିଲା ଲୁହାର ଗୋଟିଏ ଶାବଳ । ଗୋଟାଏ ହୁଁକାରରେ ସେ ବୁଲିପଡ଼ି ଚାହିଁଲାବେଳକୁ ବାଘ ପେଟେଇ ଶୋଇଯାଇଛି । ତା'ଆଗଗୋଡ଼ ଯୋଡ଼ାକ ଶରଣ ପଶିବା ଢ଼ଙ୍ଗରେ ଲମ୍ବିଯାଇଛି । ଆଖିବୁଜି କୁଁ କୁଁ କରୁଚି ପଡ଼ିଶା ଘରର ଦୋ-ମିଶା କୁକୁର 'ଲିଲି' । ବୁବୁ ଶାବଳ ଆଗରେ ତାକୁ ଟେକି ଦେଉଛି ! ସେ ଲେଉଟି ପଡୁଛି ପ୍ଲେଟରେ ବଢ଼ା ହୋଇଥିବା ଗୋଟିଏ ମାଛର ପୁଟାପରି । ଛୁରୀରେ ତା'ମୁଣ୍ଡ କାଟିଦେଇ ବୁବୁ ତାକୁ ପାଟିରେ ପୂରେଇ ଦଉଚି କଂଟା ସାହାଯ୍ୟରେ ।

ନିଦ ଭାଙ୍ଗିଗଲା । ନିରାମିଷ ଛେପ କଳେ ଢ଼ୋକିଦେଇ ବୁବୁ ଦାନ୍ତ ଯାବି ବାହାରିଲା ଘରୁ । ମେଡ଼ିକାଲରେ ନାଁ ଲେଖେଇବାକୁ ହେବ । ହଉ ଶାଳା, ବି.ଏସ୍.ସି. ପରେ ଡାକ୍ତର ହେବି-ତ ହଉ, ଆଉ ପାଞ୍ଚବର୍ଷ । ତା'ପରେ ଖାଲି ଫୋପାଡ଼ି-କଥା କଥାକେ ଇଞ୍ଜେକ୍‌ସନ୍ ଛୁରୀ-ମର୍ ଶାଳା ଆରସେନିକ୍, କେ.ସି.ଏନ୍. ଖା ।

ଝରକା ପାଖରୁ ଦେଖୁଥାନ୍ତି ବଳଭଦ୍ର ରାୟଗୁରୁ । ଗେଟ୍ ବନ୍ଦ କରି ବୁବୁ ରାସ୍ତାକୁ ବାହାରିଲା । ପଛରେ ହାତ ଛନ୍ଦି ସେ ତଳକୁ ଚାହିଁ ରହିଲେ କିଛି ସମୟ । ଭିଡ଼ିହୋଇ ରହିଥିବା ତାଙ୍କର ନାଡ଼ି ଭିତରୁ ଗୋଟାଏ ଦୀର୍ଘଶ୍ୱାସ ଓହ୍ଲେଇ ଗଲା । ସେ ସେହିଭଳି ତଳକୁ ଚାହିଁ ଆସ୍ତେ ଫେରିଲା । ଦୁଇ ଚାରି ପାହୁଣ୍ଡ ପରେ ମନକୁ ମନ କହିଲେ, "ଉଲ୍ଲୁ !....ଭାବିଛି ସବୁବେଳେ ଏମିତି ବାପ ବସିଥିବ... ଭାତ ଡାଲମା ସିଝେଇ ଖୁଆଉଥିବ । ବେ, ତୁ କ'ଣ ଆଉ ମଣିଷ ହବୁନି ? ଉଲ୍ଲୁ କାହାଁକା-କହିଲା କ'ଣ ନା ଡାକ୍ତର ହବନି । ହବନି ତ ଆଉ କ'ଣ ତୋ ମା' ସେ ହାସ୍‌ପାତାଳ ପିଣ୍ଡାରେ ବଲ୍ ବଲ୍ ଅନେଇ ସବୁବେଳେ ମରୁଥିବ ? ତୋ ବାପ ବୁଢ଼ୁବାଡ଼େଇ ସେଗୁଡ଼ାକର ପାଦ ଧରୁଥିବ । ସେଗୁଡ଼ାଙ୍କୁ ଠିକଣା ଜବାବ୍ ଦବ କିଏ ? ତାଙ୍କ ଉପରେ ହାକିମ ହୋଇ ତାଙ୍କ ପାଟିରେ ଲଗାମ ଭିଡ଼ି କିଏ ତାଙ୍କୁ ଚାବୁକ୍ ମାରି କହିବ-ମନେପକାଅ ଶଳେ, ସେଦିନ ସେ ମାଇକିନିଆକୁ ଟିକିଏ ଦେଖିବାକୁ ତୁମର

ତର ନଥିଲା ପରା-ଚା' ଭୋଜି କରୁଥିଲ-ସିଗ୍ରେଟ ଶୋଷି ଖେଁ ଖେଁ ହସୁଥିଲ-ଚାହିଁ ଦେଲ ନାହିଁ ଟିକିଏ । ମାଛ ମଞ୍ଜି କାଢ଼ିଲା ପରି ମଶାଣିରେ ତା'ପେଟ ଉଲାରି ମୋତେ କଢ଼ା ହୋଇଚି । ମୁଁ ଆସିଚି ବୁଟ୍‌ମାରି ତୁମ ଦାନ୍ତ ଝାଡ଼ିବାକୁ । ତୁମ ପାପର ପ୍ରାୟଶ୍ଚିତ୍ତ କରାଇବି ମୁଁ । ମୁଁ ଡାକ୍ତର ବିବେକାନନ୍ଦ ରାୟଗୁରୁ ।

ବଳଭଦ୍ର ବାବୁ ନିଛାଟିଆ ଘରେ ଚାରିଆଡ଼କୁ ଟିକିଏ ଚାହିଁଲେ । ଆଉ ଯୋଡ଼ାଏ ବର୍ଷ ଚାକିରି । ପୁରୁଣା ଡିହ ଉପରେ ବହୁ କଷ୍ଟରେ ଏ ଘର ଖଣ୍ଡ ସେ ଉଠେଇଛନ୍ତି । 'ବଗୁଲି' ଇଞ୍ଜିନିୟର ହୋଇ କିଛି ଆଉ କରିପାରିଲା ନାହିଁ । ସେ ଭାବିଥିଲେ ବଡପୁଅ ଇଞ୍ଜିନିୟର ହେଲେ କାହୁଁକାହିଁ ସବୁ ଟଙ୍କା ଆସିଯିବ । ଯେମିତି ଯାମିନୀ ବାବୁ, ରମଣୀ ବାବୁ, ଗାଙ୍ଗୁଲି ବାବୁ, ମହାରଣା ବାବୁଙ୍କର ଆସୁଚି । ସବୁଦିନ ଫେଣାଏ ଚନ୍ଦନପୁରୀ କଦଳୀ ଜଳଖିଆ ହେବ । ସୁଜି ହାଲୁଆ, ପୁରି, କଚୋଡ଼ି, ଅଣ୍ଡା, ମାଂସ କ୍ଷୀର, ଫଳ-ଘରେ ପିଲାଙ୍କୁ ପଢ଼େଇଲାବେଳେ ତାଙ୍କ ବହିରୁ ଖାଦ୍ୟପ୍ରାଣ ପ୍ରସଙ୍ଗ ତାଙ୍କର ମୁଖସ୍ଥ ଥାଏ; ସେ ଭାବିଯାନ୍ତି ।

ଇଞ୍ଜିନିୟର ହେବା କିଛି କମ୍ କଥା ନୁହେଁ । ଓଃ, ସେଦିନ ଗୁଡ଼ାକ- "ଆରେ ବଗୁଲିଆ, ଖାଇଦେଇ ଯା' ପରୀକ୍ଷା ଦବୁ ପରା । ଓପାସରେ କାହିଁକି ଯାଉଛୁ ? ଉପରୁ ଉପରୁ ତାଲମାଟା ନେଇଆସିଛି-ପୋଡା ଗନ୍ଧେଇବ ନାହିଁ ।"

'ବଗୁଲି' ଶେଷରେ ଇଞ୍ଜିନିୟର ହେଲା । ହେଲେ କ'ଣ ହେଲା ? ବଳଭଦ୍ର ବାବୁ ଘଣ୍ଟାକୁ ଅନେଇଦେଲେ । ଦଶଟା ବାଜିବାକୁ ଆଉ ଦଶମିନିଟ୍-ଭାତଟା ଓହ୍ଲେଇ ରଖିଦେଲା ପରେ ସାଇକେଲ ମାରି ସେ ଠିକ୍ ପହଞ୍ଚିଯିବେ । ଆଜି କ'ଣ ଇଲେକ୍ସନ ହବ ପରା । ଅଧେ ତ ଅଫିସ୍ ଆସିବେ ନାହିଁ-ଏ ପୁଣି ଯେଉଁ ବିଭାଗ, ଏଠି କିଏ କାହାକୁ ପଚାରେ ?

ଅନେକ ଦିନରୁ ଅଭ୍ୟସ୍ତ ହାତଗୁଡ଼ିକ ଭୁଲ୍ କରିବାର ନୁହେଁ । ଭାତ ଗଳା ହେଲା । ଘରେ କୋଳପ ପଡିଲା । ସାଇକେଲ ଧରି ବଳଭଦ୍ର ବାବୁ ରାସ୍ତାକୁ ବାହାରିଗଲେ । ମନ ଭିତରକୁ କିନ୍ତୁ ଗୁଡ଼ାଏ ନରମ ପାଦ ଶବ୍ଦ ଚାଳିଶ କି ପଚାଶ ବର୍ଷର ଧୂଳି ଉପରେ ଚଞ୍ଚଳ ହୋଇଉଠୁଥାନ୍ତି ।

ଛକ ପାଖରେ ସବୁଦିନ ପରି ଶ୍ରୀକାନ୍ତ ବେହେରା ଆସି ଯୋଗ ଦେଲେ । ବୟସ ତାଙ୍କରି ପରି । ମୁହଁ ଉପରେ ଥୋଲାଥୋଲା ଅତୀତ । ଆଖି ଗହୀର । ହସିଦେଲେ ମାଉଁସିଆ ମୁହଁ ଓସାରିଆ ହୋଇଯାଏ । ପାଟି ଭିତରେ କାଁ-ଭାଁ କେତୋଟି ଦାନ୍ତ ପାନପିକ ବୋଳରେ କଳା ମଚମଚ ଦିଶିଯାନ୍ତି ।

"କ'ଣ ବଳିଭାଇନା, ଆଜି ତ' ବଜାର ଗଲ ନାହିଁ ସକାଳୁ ।"

"ଏ.... ହଁ.... ଆଜି ଯାଇ ନାହିଁ ।"

"ଆଜି ନୂଆହୋଇ କୋବି ପଡ଼ିଥିଲା-କିଲୋ ଆଠଟଙ୍କା ।"

"ଶୁଣିଲ ନା ନାଇଁମ-କିଲୋ ଆଠଟଙ୍କା ।"

"ଶୁଣିଲ ।"

"ମୁଁ ଅନେଇଥାଏ-ଯାମିନୀ ବାବୁଙ୍କ ସେ ଯେଉଁ ନୌକର ଟୋକା ନୁହେଁ - ସୁଦର୍ଶନ, ତା' ଅଖା ମୁଣାରେ କିଲେ ଭର୍ତ୍ତିକରି ନେଲା....କିନ୍ତୁ ଏ ନୂଆ କୋବି ଗୁଡ଼ାକ ଯାହା ଟିକିଏ ପାଣିଚିଆ ।"

"କାଶ୍ମୀର ସେଓ ଆସିଛି ମିଆଁ ଫଳ ଦୋକାନକୁ । ମୂଳରୁ ଶଳା ହାଙ୍କୁଚି ବାର ଟଙ୍କା । ଯାହା କହ, ସେଗୁଡ଼ାଙ୍କ ବାସ୍ନାରେ ଅଧେ ପେଟ ପୂରିଯାଏ ।"

ଏମିତି ପ୍ରାୟ ବଜାରର ସମସ୍ତ ମହାର୍ଘ ବସ୍ତୁର ତାଲିକା ଶ୍ରୀକାନ୍ତ ବେହେରା ବାଢ଼ି ଦେଇଗଲେ । ସବୁଗୁଡ଼ିକ ଅପହଂଚ ତାଙ୍କର ଫଳ-ସବୁ କେବଳ ଚର୍ଚ୍ଚାର ବସ୍ତୁ । ତା'ରି ଉପରେ ସମୟ ସମୟରେ ଜୋର୍-ସୋର୍ ତର୍କ ହୁଏ, ବିତଣ୍ଡା ହୁଏ । ଉଭୟ ପକ୍ଷ ସେଥିରେ ଅପ୍ୟାୟିତ ବୋଧ କରନ୍ତି । ଆଜି ସେସବୁ କିଛି ନାହିଁ । ଶ୍ରୀକାନ୍ତ ବାବୁ କେତେବେଳକୁ ଅନୁଭବ କଲେ ଯେ ବାଲି ଉପରେ ସେ ଏକୁଟିଆ ଚାଲିଛନ୍ତି । ପାଦ ଶବ୍ଦ ବି ଶୁଭୁନାହିଁ ।

ସେ ସାଇକେଲ ପାଖେଇ ଆଣି ପଚାରିଲା - "କଣ କିଏ - ଆଜି ଏମିତି ଗମ୍ଭୀର କାହିଁକି ?"

ବଳଭଦ୍ର ରାୟଗୁରୁ ଭ୍ରୂ କୁଂଚେଇ ଆଡ଼ ହୋଇଗଲେ । ଘାଇଁ ଧଡ଼ଧଡ଼ ହୋଇ ଗୋଟାଏ ଟ୍ରକ ପାରିହୋଇଗଲା । ଧୂଳିରେ ଆଖି ନାକ ରୁନ୍ଧି ହୋଇଗଲା । ଇଆଡ଼େ ଚଢ଼ାଣି ରାସ୍ତା-ଦୁହେଁ ନିରବରେ ଲଇଁପଡ଼ି ସାଇକେଲ୍ ଠେଲିଲେ । ବୁଝିଗଲେ ପରସ୍ପରକୁ ।

ଅଫିସ୍ ପାଖରେ ସାଇକେଲ୍ ରଖି ଓହ୍ଲେଇଲା ବେଳକୁ ବଳଭଦ୍ର ବାବୁ ଖଣ୍ଡେ ପାନ ପାଟିରେ ଦେଇ କହିଲେ- "ଆଜି ବାବୁଆ ମେଡ଼ିକେଲ୍‌ରେ ନାଁ ଲେଖେଇଲା ।"

"ସତେନା ?.... ବାଃ, ଏଥର ଆପଣଙ୍କ ଦୁଃଖ ଗଲା । ବଡ଼ଟିକୁ ତ ଇଞ୍ଜିନିୟର କରିଦେଲେ-ଏଇଟି ଡାକ୍ତର ହୋଇଯିବ....ଆପଣଙ୍କର ଆଉ ଚିନ୍ତା କ'ଣ ? ଆରେ ହଁ, ଆପଣଙ୍କ ବଡ ପୁଅ ପାଇଁ କ'ଣ ପାତ୍ରୀ ପ୍ରସଙ୍ଗ ସବୁ ଆସିଚି ପରା ? ମତେ କିଏ ତ କହୁଥିଲା ଚିଫ୍ ଇଞ୍ଜିନିୟର ପ୍ରଭାତ ରଞ୍ଜନ ମିଶ୍ରଙ୍କର ସାନ ଝିଅଟିଏ ଅଛି - ତା'ପାଇଁ ତୁମକୁ ପଚାରିବାକୁ ।"

"ଓଃ.... ପ୍ରଭାତ ରଞ୍ଜନ ? ଯେ ବ୍ରହ୍ମପୁର ମହାପାତ୍ର ଘରେ ବିଭା ହୋଇଛନ୍ତି ? ତାଙ୍କ ଶ୍ୱଶୁରଙ୍କ କୋଠା ଚାରିଆଡ଼େ ଆଇଭି ଲତା ମାଡ଼ି ରହିଛି ? ମୁଁ ଜାଣେ ତାଙ୍କୁ । ତାଙ୍କ ସ୍ତ୍ରୀଙ୍କ ନାଁ ସୁଲୋଚନା । ଅସାମାନ୍ୟା ସୁନ୍ଦରୀ । ଗୋଲାପି ଶାଢ଼ୀ ଆଉ ମୁକ୍ତାମାଳ ପିନ୍ଧି ଗଜଦନ୍ତର ଗଜରା ଜୁଡ଼ା ଉପରେ ଖୋସିଦେଲେ ସେ ଅତି ଅଦ୍ଭୁତ ଦେଖାଯାଏ ।" ଶ୍ରୀକାନ୍ତ ବାବୁ ରସିକତାରେ ହୋ-ହୋ ହସିଉଠିଲେ । "କ'ଣ ଭାଇନା-ଘଟଣା କ'ଣ ?"

ଏ ତ ଭାରି ପୁରୁଣା ପରିଚୟ ପରି ଜଣାଯାଉଚି ।

ବଳଭଦ୍ର ରାୟଗୁରୁ ଖୁବ୍ ଗମ୍ଭୀର

"ତାଙ୍କର କୋଉ ଝିଅ ପ୍ରସଙ୍ଗ ପଡ଼ିଚି ?"

ଶ୍ରୀକାନ୍ତ ବାବୁ ମଧ୍ୟ ସ୍ୱାଭାବିକ ସ୍ୱରରେ କହିଲେ, "ସବା ସାନଝିଅ-ଏବେ କଲେଜରେ ବି.ଏ ପଢୁଚି । ଦେଖିବାକୁ କୁଆଡ଼େ ଭାରି ସୁନ୍ଦରୀ ।"

" 'ସେଇଠି ବିଭାଘର ହେବ ବୋଲି କହିଦେଇ ପାର ।"

"କିଓ ଏମିତି କ'ଣ ହୁଏ ? ସେ ପିଲା ଟିକିଏ ଦେଖାଦେଖି କରୁ ।"

ହଠାତ୍ ଚିଡ଼ିଯାଇ ରାୟଗୁରୁ କହିଲେ - "ସେ ଆଉ କ'ଣଟାଏ ଦେଖିବ ? କହିଦିଅ ଆମର ରାଜି ।"

ଶ୍ରୀକାନ୍ତ ବାବୁ ବିସ୍ମୟରେ ଟିକିଏ ଚାହିଁ ଚାଲିଗଲେ ବାଁଆଡ଼େ ତାଙ୍କ ଅଫିସ୍‌କୁ । ରାୟଗୁରୁ ଦୃଷ୍ଟିହୀନ ଆଖିରେ ଶୂନ୍ୟକୁ ଚାହିଁ ରହିଥାନ୍ତି । 'ସୁଲୋଚନାର ଝିଅକୁ ମୋ ପୁଅ ବିଭା ହେବ ନାହିଁ ତ ଆଉ କାହାକୁ ବିଭାହେବ ? ତିରିଶ ବର୍ଷ ତଳେ ରାୟଗୁରୁ ପରିବାରରେ ଇଞ୍ଜିନିୟର ନ ଥିଲେ ବୋଲି ସିନା ଅପମାନ ସହିବାକୁ ପଡ଼ିଥିଲା-ଏବେ ସେ ମହାପାତ୍ର ବୁଢ଼ା ନାତୁଣୀ ବିଭାଘରକୁ ଆସିବ ନା ନାହିଁ । ଯାହା ମୁଁ ପାରିଲି ନାହିଁ । ମୋ ପୁଅ କ'ଣ ପାରିବ ନାହିଁ ?

ସେଇ ମାନ୍ଧାତା ଅମଳର କଳା ପାଣ୍ଟୋଇ ଆଉ ଚାଦର-ଦୁମ୍‌ଦୁମ୍ ହୋଇ ଡାହାଣ ଆଡେ ଚାଲିଗଲେ ।

ଅଫିସ୍‌ରେ କାମ ପ୍ରାୟ ନାହିଁ କହିଲେ ଚଳେ । ଦି'ଚାରିଜଣଙ୍କୁ ଛାଡି ଆଉ ସମସ୍ତେ ପ୍ରାୟ ଆସିନାହାନ୍ତି । ଆସିବେ ସେଇ ତିନିଟା ବେଳକୁ । ଭୋଟ ଦେବାବେଳକୁ ତାଙ୍କୁ ଅନ୍ୟମାନେ ଅଣେଇ ଆଣିବେ ।

ବଳଭଦ୍ର ବାବୁ ଭାରି ଗମ୍ଭୀର ହୋଇ ତାଙ୍କ ଚୌକିରେ ବସିଗଲେ । ଅନ୍ୟମନସ୍କ ହୋଇ ଟେବୁଲ୍‌ରେ ଜାହାଜ ଖୋଳାଉଥାନ୍ତି । ଆଖିରେ ଆଉ ଗୋଟାଏ ରାଜ୍ୟ, ଆଉ ଗୋଟାଏ ସମୟର ଛାଇ ପହଁରୁଥାଏ । କିଏ ଜଣେ ସେ କଡ଼ରୁ କହିଲା, "ଆପଣଙ୍କର ଚିଠି ଅଛି । ସେଇଠି ରଖି ଦେଇଛି, ଦେଖିବେ ।"

ଆଖି ମିଟିକା ମାରିବାରୁ ଟେବୁଲ୍ ଦିଶିଗଲା । ଅଫିସ୍‌ର କାନ୍ଥ, ପଙ୍ଖା ଫାଇଲ୍ ଚିହ୍ନା ଚିହ୍ନା ମୁହଁ କେତୋଟି ସବୁ ଦିଶିଗଲା । ବଳ ଭଦ୍ର ବାବୁ ନିଃଶ୍ୱାସଟିଏ ମାରି ଡାକ ଘାଣ୍ଟିଲେ । ଖଣ୍ଡିଏ ଅନ୍ତର୍ଦ୍ଦେଶୀୟ ପତ୍ରରେ ଅପରିଚିତ ହସ୍ତାକ୍ଷରରେ ତାଙ୍କ ଠିକଣା ଲେଖାଥାଏ । ସେ ଲେଉଟେଇ ଦେଖିଲେ ରବର ଷ୍ଟାମ୍ପ ଠିକଣାଟିଏ - 'କେ ଭାଦୁରୀ, କାଠ କଣ୍ଟ୍ରାକ୍ଟର, ଯଶିପୁର, ମୟୂରଭଞ୍ଜ ।" ଏ କିଏ ? ଯଶିପୁରରେ ତ ବଗୁଲି ଅଛି କ'ଣ ଦେହପା' ଅସୁଖ ହେଲା କି କଣ ?

ଚିଠି ଚିରିଲା ବେଳକୁ ଓଲଟା ବାଗେ ଚିରିଗଲା । ଚିଠିଟି ମଝିରୁ ଦୁଇଖଣ୍ଡ ହୋଇଗଲା । କାଚ ଟେବୁଲ ଉପରେ ସେ ତାକୁ ଯୋଡ଼ି ପଢ଼ିଲେ 'ଆପଣ, ଚିଠି ପଢ଼ି ବିସ୍ମିତ ହେବେ'.... ଓ.... ଛାଡ ।

'ଆପଣଙ୍କ ପୁଅ ପ୍ରିୟଦର୍ଶନ ଭାରି ଚମତ୍କାର, ଅଦ୍ଭୁତ ପ୍ରତିଭାଶାଳୀ'.... ଓ ବଗୁଲିକୁ ମୋ ଠୁ ତମେ ବେଶି ଜାଣିଲ ନା କ'ଣ ?

'ତାଙ୍କର ଏଠି ଅନେକ ସୁନାମ । ସମସ୍ତେ ତାଙ୍କୁ ପ୍ରଶଂସା'... ଓହୋ ତମର କ'ଣ ମତଲବ କହୁନା । ସେ ଡେଇଁ ଯାଉଯାଉ ହଠାତ୍ ଝୁଙ୍କି ପଡ଼ିଲେ ଗୋଟାଏ ନାଁ ଉପରେ-ସିପ୍ରା ଭାଦୁରୀ...ପଛକୁ ଫେରିଲେ ।

ଚମକି ପଡ଼ିଲେ । ଆମୂଳଚୂଳ ପୁଣି ପଢ଼ିଲେ । ତାଙ୍କ ଦେହ କେବଳ ଝାଳେଇଗଲା ।

'ପ୍ରିୟଦର୍ଶନ ଆପଣଙ୍କୁ ଜଣାଇବାକୁ କହିଛନ୍ତି ଯେ ସେ ସିପ୍ରାକୁ ବିବାହ କରିବେ । କନ୍ୟାପିତା ହିସାବରେ...ତା'ପରେ କେବଳ ଧୂଆଁ ଢ଼ଳଢ଼ଳ ପାଣି । କେତେବେଳେ ଶ୍ରୀକାନ୍ତ ବାବୁ ଆସି ପାଖରେ ଠିଆ ହୋଇ କ'ଣ ସବୁ କହୁଥାନ୍ତି, ବହୁ ଦୂରରୁ ତାଙ୍କୁ ଶୁଭୁଥାଏ- 'ବୁବୁଆ ଫୋନ୍ କରିଛି.... ।'

"ବାବୁଆ ପରା ଫୋନ୍ କରିଛି ଯେ ତା'ର ମେଡ଼ିକଲ୍ ହେଲା ନାହିଁ । ଶେଷ ତାରିଖ ଚାଲିଯାଇଛି । ତମେ ଯାଇ ଟିକିଏ ନ କହିଲେ ହବ ନାହିଁ ।"

ଉଠିବାର କିମ୍ବା ଶୁଣିବାର କୌଣସି ଲକ୍ଷଣ ନାହିଁ । ଅନେକ ସମୟ ପରେ ମନକୁମନ ବୋଧହୁଏ କହିଲେ, 'ବାବୁଆ କାହିଁକି ମେଡ଼ିକେଲ୍‌ରେ ପଶିବ ? ମୁଁ କହୁଛି ବୋଲି ? ମୁଁ କିଏ କି ?'

❖

# ଗୋଟିଏ ଚୋରର କାହାଣୀ




ମୂଳଲେଖା : ରସ୍କିନ୍ ବଣ୍ଡ(ଇଂରାଜୀ)

ଅନୁବାଦ : ଶ୍ରୁତକୀର୍ତ୍ତି ତ୍ରିପାଠୀ


ମୁଁ ସେ ପର୍ଯ୍ୟନ୍ତ ଗୋଟିଏ ଚୋର ଥିଲି, ଯେବେ ମୁଁ ରୋମୀକୁ ପ୍ରଥମ ଥର ଭେଟିଥିଲି । ଯଦିଓ ମୋତେ ସେତେବେଳେ ୧୫ ବର୍ଷ ହୋଇଥିଲା, ମୁଁ ଜଣେ ଅନୁଭବୀ ଏବଂ ବେଶ୍ ସଫଳ ଚୋର ଥିଲି । ଯେବେ ମୁଁ ତା ନିକଟକୁ ଗଲି, ସେ ଗୋଟିଏ ମଲ୍ଲଯୁଦ୍ଧ ଦେଖିବାରେ ବ୍ୟସ୍ତ ଥିଲା । ତା'ର ବୟସ ପାଖାପାଖି ୨୫ ବର୍ଷ ହେବ, ମୋ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ସେ ସହଜ,ଦୟାଳୁ ଏବଂ ବେଶ ସରଳ ପ୍ରତୀୟମାନ ହେଉଥିଲା ।

"ଆପଣ ନିଜେ ତ ଜଣେ ମଲ୍ଲଯୋଦ୍ଧା ପରି ଲାଗୁଛନ୍ତି", ମୁଁ କହିଲି । ମିତ୍ରତା ଆରମ୍ଭ କରିବା ପାଇଁ ଟିକେ ତ ଚାପଲୁସି ଦରକାର ହୁଏ । "ତୁମେ ବି" ସେ ଉତ୍ତର ଦେଲା, ଯାହା କ୍ଷଣିକ ପାଇଁ ମୋତେ ବିଚଳିତ କଲା, କାରଣ ସେ ସମୟରେ ମୁଁ ନିହାତି ପତଳା ଓ ହାଡୁଆ ଥିଲି ।

"ଆଚ୍ଛା", ମୁଁ ବିନମ୍ରତାର ସହ କହିଲି, "ମୁଁ ଅଳ୍ପବହୁତ କୁସ୍ତି କରିପାରେ ।"

"ତୁମର ନାଁ କ'ଣ ?"

"ହରି ସିଂହ", ମୁଁ ମିଛ କହିଲି, ମୁଁ ପ୍ରତି ମାସରେ ନିଜର ଗୋଟିଏ ନୂଆ ନାଁ ରଖୁଥିଲି, ଯାହା ମୋତେ ପୋଲିସ୍ ଏବଂ ପୂର୍ବ ମାଲିକଙ୍କ ପହଞ୍ଚରୁ ଦୂରେଇ ରଖୁଥିଲା । ଏହିପରି ପ୍ରାଥମିକ ପରିଚୟ ପରେ, ରୋମୀ ନିଜକୁ ମଲ୍ଲଯୋଦ୍ଧାଙ୍କ ବିଷୟରେ ଟିପ୍ପଣୀ ଦେବାରେ ବ୍ୟସ୍ତ ରଖିଲା । ସେମାନେ କର୍କଶ ସ୍ୱରରେ ପାଟି କରୁଥିଲେ, ଜଣେ ଅନ୍ୟକୁ ଉଠାଇ ଏପଟ ସେପଟ ଫୋପାଡ଼ି ଦେଉଥିଲେ । ରୋମୀ ଦୂରକୁ ଚାଲିଗଲା ଏବଂ ମୁଁ ମଧ୍ୟ ତାକୁ ଅନୁସରଣ କଲି ।

"ପୁଣିଥରେ ନମସ୍କାର", ସେ କହିଲା । ମୁଁ ମୋର ସର୍ବାଧିକ ଆକର୍ଷଣ ହସ ତାକୁ ଫେରାଇଲି ।

"ମୁଁ ତୁମ ପାଇଁ କାମ କରିବାକୁ ଚାହେଁ", ମୁଁ କହିଲି ।

"କିନ୍ତୁ ମୁଁ ତୁମକୁ ଦରମା ଦେଇପାରିବି ନାହିଁ, ଅଳ୍ପ ସମୟ ପାଇଁ ମଧ୍ୟ ନୁହେଁ ।"

ମୁଁ ଗୋଟିଏ ମିନିଟ୍ ପାଇଁ ତା ବିଷୟରେ ଭାବିଲି । ବୋଧହୁଏ ମୁଁ ଲୋକଟି ବିଷୟରେ ଭୁଲ ଅନୁମାନ ଲଗେଇଛି, "ଆପଣ ମୋତେ ଖାଇବାକୁ ଦେଇପାରିବେ ?" ମୁଁ ପ୍ରଶ୍ନ କଲି ।

"ତୁମେ ରୋଷେଇ କରିପାରିବ ?"

"ହଁ, ମୁଁ ରୋଷେଇ କରି ପାରିବି ।" ମୁଁ ପୁଣି ମିଛ କହିଲି ।

"ଯଦି ତୁମେ ରୋଷେଇ କରିପାରିବ, ତା'ହେଲେ ମୁଁ ତୁମକୁ ହୁଏତ ଖାଇବାକୁ ଦେଇପାରିବି ।"

ସେ "ଦିଲ୍ଲୀ ମିଠା ଦୋକାନ" ଉପରେ ଥିବା ତା' କୋଠରିକୁ ମୋତେ ନେଇଗଲା ଏବଂ କହିଲା ଯେ ମୁଁ ବାଲ୍‌କୋନୀରେ ଶୋଇପାରିବି । ସେଦିନ ରାତିରେ ମୁଁ ପ୍ରସ୍ତୁତ କରିଥିବା ଖାଦ୍ୟ, ନିଶ୍ଚିତ ଭାବରେ ବହୁତ ସ୍ୱାଦହୀନ ହୋଇଥିଲା, କାରଣ ରୋମୀ ସେହି ଖାଦ୍ୟକୁ ଗୋଟିଏ ବୁଲା କୁକୁରକୁ ଦେଇଥିବାର ମୁଁ ଦେଖିଥିଲି । ରୋମୀ ମୋତେ ଶୋଇବାକୁ କହିଲା । ମୋତେ ଦେଖି ମଧ୍ୟ ନ ହସି ରହି ପାରିଲା ନାହିଁ । ପରେ ସେ ମୋତେ କହିଲା, "ବ୍ୟସ୍ତ ହୁଅ ନାହିଁ ।" ସେ ମୋତେ ରୋଷେଇ କରିବା ଶିଖେଇ ଦେବ ବୋଲି କହିଲା । ଏହା ବ୍ୟତୀତ ମୋ ନାଁ ଲେଖିବା ଏବଂ ଖୁବ୍ ଶୀଘ୍ର ପୂରା ବାକ୍ୟ ଲେଖିବା ମଧ୍ୟ ଶିଖେଇ ଦେବ ବୋଲି କହିଲା । ମୁଁ ରୋମୀ ପାଖରେ

କୃତଜ୍ଞ ଥିଲି କାରଣ ମୁଁ ଜାଣିଥିଲି ଯେ ମୁଁ ଥରେ ଯଦି ଶିକ୍ଷିତ ବ୍ୟକ୍ତିଙ୍କ ଭଳି ଲେଖିପାରିବି; ତେବେ ମୁଁ ଜୀବନରେ କ'ଣ ଯେ ନ କରି ପାରିବି ତା'ର ସୀମା ନାହିଁ ।

ରୋମୀ ପାଇଁ କାମ କରିବା ବହୁତ ସୁଖଦ ଥିଲା । ମୁଁ ସକାଳେ ଚା' ତିଆରି କରୁଥିଲି ଏବଂ ତା'ପରେ ଦୈନନ୍ଦିନର ଆବଶ୍ୟକତା ପୂରଣ କରିବାରେ ସମୟ ବିତାଉଥିଲି । ଅଧିକାଂଶ ଦିନ ଟଙ୍କେ କିମ୍ବା ଦୁଇ ଟଙ୍କାର ଲାଭ ମୁଁ ମୋ ପାଖରେ ରଖିଦିଏ । ମୁଁ ଭାବେ ଯେ ରୋମୀ ଜାଣେ ଯେ ମୁଁ ଏଭଳି ନିତି କିଛି ପଇସା ସଞ୍ଚୟ କରୁଛି, ମାତ୍ର ଏ କଥାକୁ ସେ ଧ୍ୟାନ ଦିଏ ନାହିଁ ।

ରୋମୀ ଅନିୟମିତ ରୂପେ ପଇସା ରୋଜଗାର କରୁଥିଲା । ଗୋଟିଏ ସପ୍ତାହ ଟଙ୍କା ଋଣ ଆଣୁଥିଲା ତ, ତା'ପର ସପ୍ତାହରେ କାହାକୁ ଉଧାର ଦେଉଥିଲା । ନିଜର ଆଗାମୀ ଚେକ୍ ପାଇଁ ସେ ବହୁତ ଚିନ୍ତା କରେ; ମାତ୍ର ଯେବେ ବି ଚେକ୍ ପହଞ୍ଚିଯାଏ, ସେ ବାହାରକୁ ଯାଏ ଏବଂ ସେହି ସମୟକୁ ଉତ୍ସବ ଭଳି ପାଳନ କରେ । ସେ ଦିଲ୍ଲୀ ଓ ବମ୍ବେର କିଛି ପତ୍ରିକା ପାଇଁ ଲେଖୁଥିଲା : ଯାହା ଜୀବିକା ନିର୍ବାହର ଏକ ବିଚିତ୍ର ଉପାୟ ଥିଲା ବୋଲି ମୁଁ ଭାବୁଥିଲି ।

ଦିନେ ସନ୍ଧ୍ୟାରେ ସେ ଘରକୁ ଛୋଟ ନୋଟ୍ ବିଡ଼ାଟିଏ ନେଇ ଆସିଲା, କହିଲା ଯେ ସେ ଏବେ ଗୋଟିଏ ପ୍ରକାଶକକୁ ତା'ର ବହି ବିକ୍ରି କରିଛି । ସେଦିନ ରାତିରେ ଗୋଟିଏ ଲଫାପାରେ ସେଇ ପଇସାତକ ଖଟର ଗଦିତଳେ ଲୁଚାଇ ରଖିବା ମୁଁ ଦେଖୁଥିଲି ।

ମୁଁ ସେତେବେଳକୁ ରୋମୀ ପାଇଁ ଗୋଟିଏ ମାସରୁ ଅଧିକ କାମ ସାରିଥିଲି ଏବଂ କିଣାକିଣି ସମୟରେ କରୁଥିବା ଛୋଟ ମୋଟ ଠକାମି ବ୍ୟତୀତ ମୋର ସ୍ୱଭାବ ଓ ବୃତ୍ତି ଅନୁଯାୟୀ କିଛି ବଡ଼ କାମ କରି ନଥିଲି । ସେମିତି କିଛି କରିବା ପାଇଁ ମୋ ପାଖରେ ଏବେ ଗୋଟିଏ ବଡ଼ ଅବସର ଆସିଯାଇଥିଲା । ମୁଁ ମୋ ଖୁସି ଅନୁସାରେ ଯେତେବେଳେ ଯେଉଁଆଡ଼େ ଇଚ୍ଛା ଯିବା ଆସିବା କରୁଥିଲି । ମୁଁ ଆଜି ପର୍ଯ୍ୟନ୍ତ ଭେଟିଥିବା ଅନେକ ଲୋକଙ୍କ ଭିତରେ ରୋମୀ ହିଁ ଏମିତି ଜଣେ ବ୍ୟକ୍ତି ଥିଲା ଯେ ଅନ୍ୟମାନଙ୍କ ଉପରେ ଗଭୀର ବିଶ୍ୱାସ କରୁଥିଲା ।

ସେଥିପାଇଁ ତାକୁ ଲୁଟିବା ମୋ ପାଇଁ କଷ୍ଟକର ଥିଲା । ଗୋଟିଏ ଲୋଭୀ ଲୋକକୁ ଲୁଟିବା ସହଜ, କିନ୍ତୁ ଜଣେ ଭଲଲୋକକୁ ଲୁଟିବାରେ ସମସ୍ୟା ଥିଲା । ବିଶେଷ କରି ଯେବେ ସେ ଧ୍ୟାନ ଦେଉନି ଯେ ତାର ଟଙ୍କା ଲୁଟ ହୋଇଛି, ସେତେବେଳେ ସେହି ଚୋରି କରିବାର ଆନନ୍ଦ ଆଉ ରହେ ନାହିଁ ।

ଠିକ୍ ଅଛି, ଏବେ ସମୟ ଆସିଯାଇଛି, ମୁଁ ସତରେ କିଛି କାମ କରିବି, ମୁଁ ନିଜକୁ କହିଲି । 'ଯଦି ମୁଁ ଏହି ପଇସା ଚୋରୀ କରିବି ନାହିଁ, ରୋମୀ ଏହାକୁ ସାଙ୍ଗମାନଙ୍କ ଉପରେ ଖର୍ଚ୍ଚ କରି ନଷ୍ଟ କରିଦେବ । ଏମିତି ବି, ସେ ଆଜିପର୍ଯ୍ୟନ୍ତ ମୋତେ ଦରମା ଆକାରରେ କିଛି ପଇସା ଦେଇନାହିଁ ।'

ରୋମୀ ଶାନ୍ତିରେ ଶୋଇଥିଲା । ଚନ୍ଦ୍ରମାର ଧାରେ କିରଣ ବାଲ୍‌କୋନୀ ଉପର ଦେଇ ତା' ଶୋଇଥିବା ଖଟରେ ପଡୁଥିଲା । ପରିସ୍ଥିତିକୁ ଅନୁଧ୍ୟାନ କରି, ମୁଁ ଚଟାଣ ଉପରେ ବସି ପଡ଼ିଲି । ବିଚାର କଲି ଯେ, ମୁଁ ଏବେ ଟଙ୍କାତକ ଚୋରି କରି ୧୦.୩୦ ସମୟରେ ଯାଉଥିବା ଲକ୍ଷ୍ନୌ ଏକ୍‌ପ୍ରେସ୍‌କୁ ଧରି ପାରିବି । ମୋ କମ୍ବଳରୁ ବାହାରି ମୁଁ ଧୀରେ ଧୀରେ ତା' ପଲଙ୍କ ଆଡ଼କୁ ଅଗ୍ରସର ହେଲି ।

ନୋଟ୍ ବିଡ଼ାଟିକୁ ଖୋଜ ଖୋଜୁ, ମୋର ହାତ ଖଟର ଗଦି ତଳକୁ ଚାଲିଗଲା । ମୁଁ ତାକୁ ଛୁଇଁଲା ମାତ୍ରେ, ବିନା କୌଣସି ଶବ୍ଦକରି ତାକୁ ଧୀରେ ଟାଣି ନେଇଆସିଲି । ଠିକ୍ ସେତେବେଳେ ରୋମୀ ନିଦରେ ଲମ୍ବା ନିଃଶ୍ୱାସଟିଏ ଭିତରକୁ ନେଲା ଓ କଡ଼ ଲେଉଟାଇଲା । ମୁଁ ଚମକି ପଡ଼ିଲି ଏବଂ ଯେତେ ଶୀଘ୍ର ସମ୍ଭବ ସେହି କୋଠରିରୁ ବାହାରି ଆସିଲି । ମୁଁ ରାସ୍ତା ଉପରକୁ ଆସିଲାମାତ୍ରେ ଦୌଡ଼ିବା ଆରମ୍ଭ କଲି । ଟଙ୍କାତକ ମୋର ପାଇଜାମା ପକେଟରେ ସାର୍ଟ ତଳେ ଗୁଞ୍ଜି ହୋଇ ରହିଥିଲା । ରୋମୀ ଘରଠାରୁ ଟିକେ ଦୂରକୁ ଚାଲିଆସିଲା ପରେ ମୁଁ ଦୌଡ଼ିବା ବନ୍ଦକରି ଚାଲିବାକୁ ଲାଗିଲି ଏବଂ ପକେଟରୁ ଲଫାପା କାଢ଼ି ପଇସା ଗଣିବାକୁ ଲାଗିଲି । ତାହା ସମୁଦାୟ ପଚାଶ ଟଙ୍କିଆ ନୋଟରେ ସାତ ଶହ ଟଙ୍କା ଥିଲା । ସେହି ପଇସାରେ ମୁଁ ଗୋଟିଏ କିମ୍ବା ଦୁଇ ସପ୍ତାହ ରାଜାଭଳିଆ ଚଳି ପାରିଥାନ୍ତି ।

ମୁଁ ଷ୍ଟେସନ୍‌ରେ ପହଞ୍ଚିଲି, ହେଲେ ଟିକେଟ୍ କାଉଣ୍ଟର ପାଖକୁ ଗଲିନାହିଁ (ମୁଁ ଜୀବନରେ କେବେ ଟିକେଟ କିଣି ନଥିଲି), କିନ୍ତୁ ସିଧା ଯାଇ ପ୍ଲାଟଫର୍ମରେ ଛିଡ଼ା ହେଲି । ଠିକ୍ ସେତେବେଳେ ଲକ୍ଷ୍ନୌ ଏକ୍‌ପ୍ରେସ୍ ବାହାରୁଥିଲା । ଟ୍ରେନ୍‌ଟି ତା'ର ନିର୍ଦ୍ଧାରିତ ଗତିରେ ଯିବା ଆରମ୍ଭ କରି ନଥିଲା ଏବଂ ମୁଁ ଅନାୟାସରେ ଡେଇଁ ଗୋଟିଏ ରେଳଡବା ଭିତରକୁ ପଶି ଯାଇ ପାରିଥାନ୍ତି, ମାତ୍ର ମୁଁ ଦ୍ୱନ୍ଦ୍ୱରେ ପଡ଼ିଗଲି । କେଉଁ କାରଣରୁ ତାହା ବର୍ଣ୍ଣନା କରିହେବ ନାହିଁ, କିନ୍ତୁ ମୁଁ ଦୂରକୁ ପଳେଇଯିବାର ମଉକାଟି ହରେଇ ସାରିଥିଲି ।

ରେଳଗାଡ଼ିଟି ଚାଲିଗଲା ପରେ ମୁଁ ସେହି ଶୂନଶାନ ପ୍ଲାଟଫର୍ମରେ ଏକୁଟିଆ ଛିଡ଼ା ହୋଇଥିଲି । ରାତି କେଉଁଠି କଟେଇବି, ସେ

ବିଷୟରେ ମୋର କୌଣସି ଧାରଣା ନଥିଲା । ମୋର କୌଣସି ସାଙ୍ଗ ବି ନ ଥିଲେ କାରଣ ସାଙ୍ଗମାନେ ସାହାଯ୍ୟ କରିବା ଅପେକ୍ଷା ସମସ୍ୟା ଅଧିକ ସୃଷ୍ଟି କରନ୍ତି ବୋଲି ମୋର ଧାରଣା ଥିଲା । ଷ୍ଟେସନ ପାଖରେ ଥିବା କୌଣସି ଛୋଟ ହୋଟେଲରେ ରହି ମୁଁ କାହାରି ମନରେ କୌତୂହଳ ସୃଷ୍ଟି କରିବାକୁ ଚାହୁଁ ନଥିଲି । ବର୍ତ୍ତମାନ ପରିସ୍ଥିତିରେ ଏକମାତ୍ର ବ୍ୟକ୍ତି ଯାହାକୁ ମୁଁ ପ୍ରକୃତରେ ଭଲ ଭାବରେ ଜାଣିଥିଲି ସେ ହେଉଛି ରୋମୀ; ଯାହାକୁ ମୁଁ ଏଇ ଅଳ୍ପ ସମୟ ପୂର୍ବରୁ ଲୁଟିଥିଲି । ଷ୍ଟେସନକୁ ପଛରେ ଛାଡ଼ି ମୁଁ ଧୀରେ ଧୀରେ ବଜାର ଦେଇ ଚାଲିବା ଆରମ୍ଭ କଲି ।

ପେଶାଦାର ଚୋରର ଛୋଟିଆ ଜୀବନଟିଏ ବଞ୍ଚିବା ଭିତରେ ମୁଁ ନିଜର ଆବଶ୍ୟକୀୟ ବସ୍ତୁ ହରେଇବା ବ୍ୟକ୍ତିର ଚେହେରା ପଢ଼ିବାରେ ଅଭ୍ୟସ୍ତ ହୋଇଯାଇଥିଲି । ଲୋଭୀ ବ୍ୟକ୍ତି ବସ୍ତୁ ହରେଇ କାତର ହେଉଥିବା ବେଳେ, ଧନୀମାନେ କ୍ରୋଧ କରନ୍ତି ଏବଂ ଗରିବମାନେ ନିଜର ଅସହାୟପଣକୁ ସ୍ୱୀକୃତି ପ୍ରଦାନ କରନ୍ତି ବୋଲି ମୁଁ ଜାଣି ସାରିଥିଲି । ହେଲେ ମୁଁ ଜାଣିଥିଲି ଯେବେ ରୋମୀ ଏହି ଚୋରି ବିଷୟଟି ଆବିଷ୍କାର କରିବ, ତା' ଚେହେରାରେ ଦୁଃଖର ଝଲକ ଦେଖାଯିବ- ସେ ଦୁଃଖ ପଇସା ହରେଇବାକୁ ନୁହେଁ, ବରଂ ବିଶ୍ୱାସ ହରେଇବାର ହୋଇଥିବ ।

ସେ ରାତିଟି ବହୁତ ଥଣ୍ଡା ଥିଲା । ଉତ୍ତର ଭାରତରେ ନଭେମ୍ବର ମାସ ରାତିଗୁଡ଼ିକ ଥଣ୍ଡା ହିଁ ଥାଏ ଏବଂ ସେଥିରେ ଝିପ୍ ଝିପ୍ ବର୍ଷାର ସଂଯୋଗ ମୋର ଅସୁବିଧାକୁ ଆହୁରି ବଢ଼େଇବାରେ ଲାଗିଲା । ମୁଁ ଘଣ୍ଟାଘର ତଳେ ଆଶ୍ରୟ ନେଲି । କିଛି ଭିକାରୀ ଓ ବାସହୀନ ବ୍ୟକ୍ତି ମୋ ପାଖରେ ସେମାନଙ୍କ କମ୍ବଳକୁ ଜାବୁଡ଼ି ଶୋଇଥିଲେ । ଘଣ୍ଟା ମଧ୍ୟରାତ୍ର ହେବାର ସମୟ ସୂଚାଉଥିଲା । ମୁଁ ଅନୁଭବ କଲି ମୋ ପାଖରେ ଥିବା ନୋଟ୍ ବିଡ଼ାଟି ବର୍ଷାରେ ଓଦା ହୋଇଯାଇଛି । ରୋମୀର ପଇସା ! ତା' ପରଦିନ ସକାଳେ ବୋଧହୁଏ ସେ ମୋତେ ଏଥିରୁ ପାଞ୍ଚଟଙ୍କା ସିନେମା ଦେଖିବାକୁ ଦେଇଥା'ନ୍ତା, କିନ୍ତୁ ମୋ ପାଖରେ ଏବେ ସବୁତକ ଟଙ୍କା ଥିଲା । ଯା ପରେ ମୋତେ ରୋଷେଇ କରିବାକୁ ପଡ଼ିବ ନାହିଁ, ବାରମ୍ବାର ବଜାର ଯିବାକୁ ହେବ ନାହିଁ କିମ୍ବା ବାକ୍ୟ ଲେଖିବା ଶିଖିବାକୁ ମଧ୍ୟ ପଡ଼ିବ ନାହିଁ ।

ସମ୍ପୂର୍ଣ୍ଣ ବାକ୍ୟ ! ଚୋରି କରିବାର ଉତ୍ତେଜନା ଭିତରେ ମୁଁ ଏ ବିଷୟଟି ପୂରା ଭୁଲି ଯାଇଥିଲି । ମୁଁ ଜାଣିଥିଲି ସଂପୂର୍ଣ୍ଣ ବାକ୍ୟ ଲେଖିବା ଶିଖିଗଲେ ମୁଁ ଶତାଧିକ ଟଙ୍କା ରୋଜଗାର କରିପାରିବି । ଚୋରି କରିବା ଗୋଟିଏ ସାଧାରଣ କଥା, ମାତ୍ର ଗୋଟିଏ ବଡ଼ଲୋକ ହେବା, ଗୋଟିଏ ବୁଦ୍ଧିମାନ ଓ ଆଦରଣୀୟ ବ୍ୟକ୍ତି ହେବା ସମ୍ପୂର୍ଣ୍ଣ ରୂପେ ଭିନ୍ନ କଥା । ମୁଁ ନିଜେ ନିଜକୁ କହିଲି, ଯଦି ପଢ଼ିବା ଓ ଲେଖିବା ଶିଖିବାର ଅଛି, ତେବେ ରୋମୀ ପାଖକୁ ଫେରିଯିବାକୁ ହେବ ।

ମୁ ଚିନ୍ତାଗ୍ରସ୍ତ ହୋଇ ଖୁବ୍ ତରତରରେ କୋଠରିକୁ ଫେରିଲି, କାରଣ କାହାର ଅଜାଣତରେ ଚୋରି ଜିନିଷକୁ ଯଥାସ୍ଥାନରେ ରଖିବା ଅପେକ୍ଷା ଜିନିଷଟିକୁ ଚୋରି କରିବା ସହଜ । ମୁଁ ଧୀରେ କବାଟ ଖୋଲିଲି ଏବଂ ହାଲକା ମେଘୁଆ ଚନ୍ଦ୍ରକିରଣ ପଡୁଥିବା ଦ୍ୱାରରେ ଯାଇ ଛିଡ଼ାହେଲି । ରୋମୀ ଏ ପର୍ଯ୍ୟନ୍ତ ଶୋଇଥିଲା । ମୁଁ ତା' ଶୋଇବା ଖଟର ମୁଣ୍ଡ ଆଡ଼କୁ ଧୀରେ ଗୁରୁଣ୍ଡିକି ଗଲି, ମୋ ହାତର ନୋଟ ବିଡ଼ାଟି ଖଟ ଉପରେ ଥିଲା । ମୋ ହାତରେ ତା' ନିଃଶ୍ୱାସ ଅନୁଭବ କରି ପାରିଲି । କିଛିକ୍ଷଣ ପାଇଁ ମୁଁ ନିଶ୍ଚଳ ହୋଇଗଲି । ତାପରେ ହାତମାରି ଗଦିର କଣକୁ ଖୋଜି, ଧୀରେ ସେ ନୋଟ ବିଡ଼ାକୁ ଗଦି ତଳକୁ ଖସାଇଦେଲି ।

ପରଦିନ ସକାଳେ ମୁଁ ଡେରିରେ ଉଠିଲି ଏବଂ ଦେଖିଲି ଯେ ରୋମୀ ଚା' ତିଆରି କରି ସାରିଛି । ସେ ତା'ର ଗୋଟିଏ ହାତ ମୋ ଆଡ଼କୁ ବଢ଼େଇଲା । ତା'ର ଆଙ୍ଗୁଠି ସନ୍ଧିରେ ଗୋଟିଏ ପଚାଶ ଟଙ୍କିଆ ନୋଟ୍ ଥିଲା । ମୁଁ ଭୟରେ ସଂକୁଚିତ ହୋଇଗଲି ।

"ମୁଁ କାଲି କିଛି ଟଙ୍କା ରୋଜଗାର କରିଥିଲି' ସେ କହିଲା । ପର ମୁହୂର୍ତ୍ତରେ ମୁଁ ଯେବେ ରୋମୀ ହାତରୁ ସେ ନୋଟଟି ନେଲି, ତାହା ଓଦା ହୋଇ ରହିଥିଲା । ପୂର୍ବ ରାତିର ବର୍ଷା ଯୋଗୁଁ ନୋଟ ଓଦା ହେବା କଥା ମୋର ମନେ ପଡ଼ିଗଲା । ତାହେଲେ ରୋମୀ ଜାଣିସାରିଥିଲା ଯେ ମୁଁ କ'ଣ କରିଥିଲି । ମାତ୍ର ତା'ର ଆଖି ବା ଓଠରେ ଏହାର କିଛି ପ୍ରଦର୍ଶନ ନଥିଲା ।

'ଆଜି ଆମେ ବାକ୍ୟ ଲେଖିବା ଆରମ୍ଭ କରିବା', ସେ କହିଲା ।

ମୁଁ ପୁଣିଥରେ ମୋର ସର୍ବାଧିକ ଆକର୍ଷକ ଢଙ୍ଗରେ ରୋମୀ ଆଡ଼କୁ ଚାହିଁ ହସିଲି । ହେଲେ ଏଥରକ ମୋର ସେହି ହସଟି ବିନା କୌଣସି ପ୍ରୟାସରେ ସ୍ୱତଃ ଆସିଥିଲା ।

❖



# ଗୀର୍ଜା

**ଅକ୍ଷୟ ମହାନ୍ତି**

**ସେ** କାହୁଁ ଜାଣିବ ଯେ, ଭଗବାନ ବୋଲି ନାମକୁ ନିହାତି ଆପଣାର କରିବାପାଇଁ ସେ ଧଳା ଆଲଖାଲା ପିନ୍ଧା ପାଦ୍ରୀ ସାହେବଟି ତାଙ୍କର ଜୀବନକୁ ଗୀର୍ଜାର ଚାରିକାନ୍ଥ ଭିତରେ ପୋତି ରଖିଛନ୍ତି ! ସେ ତ ଜାଣେ ଡେକ୍‌ଚି ଧୋଇ ପାଣି ଫିଙ୍ଗିଲେ ଗୀର୍ଜା କାନ୍ଥରେ ପଡ଼େ । କାନ୍ଥ ସେପାଖରେ ସୁନ୍ଦର କୃଷ୍ଣଚୂଡ଼ା ଗଛଟିଏ, ତା'ର ଅଳ୍ପ ଦୂରକୁ କାଞ୍ଚନ ଗଛଟିଏ- ସେ ପାଖରେ ତୀରପରି ଉଠିଯାଇଛି ଗୀର୍ଜାଟା-ରାତିରେ ମେଘପରି ଦିଶେ, ଦିନରେ ଗୋଟାଏ ବଡ଼ ଚୂଲିପରି । ବହୁତ ଥର ମନ କରିଛି ଗୀର୍ଜାକୁ ଯାଇ ଭଗବାନଙ୍କୁ ଥରେ ଦେଖି ଆସନ୍ତା । କିନ୍ତୁ ତା'ର ବା ବେଳ କାହିଁ ? ଘର କାମକୁ ଦିନଟା ଭଗାରୀପରି ଆସି ଚାଲିଯାଏ । ତା' ଛଡ଼ା ସେ ଅଛୁବ ବୋଲି ହିନ୍ଦୁ ଘରେ କାମ ପାଏନା । ମଇଳା ସଫା କରିବାକୁ ସେ ଘୃଣା କରେ । ସେ ଛକପାଖ ସ୍କୁଲ୍‌ରେ କାମ କରୁଥିଲା ବେଳେ ଦିଦିଙ୍କ ସଙ୍ଗରେ ଦେଖା । ସେତେବେଳେ ସେ ବାହାହୋଇ ନଥିଲେ । ଦିଦି କହନ୍ତି 'କନକ ଲୋ'- ଆମ ଧର୍ମରେ ଛୁଆଁ ଅଛୁଆଁ ନାହିଁ । ପ୍ରଭୁ ସମସ୍ତଙ୍କୁ ପ୍ରେମ କରନ୍ତି । ସେଇଦିନଠୁ କନକ ସ୍କୁଲ୍ ଛାଡ଼ି ଦିଦି ଘରେ ।

ସେ କାହୁଁ ଜାଣିବ ଯେ, ତା'ର ବୟସ ଓ ଦେହକୁ ବେଳେବେଳେ ତା' ଦିଦି ଈର୍ଷା କରନ୍ତି । ସେ ତ ଜାଣେ ସେ କନକ, ସବୁବେଳେ କନକ, ସେ ପୁଣି ପିଲା କି ବୁଢ଼ୀ ସେ କଥା ଚିନ୍ତା କରିବାକୁ ତା'ର ବେଳ କାହିଁ ? ଦିନ ତ ଭଗାରୀ ପରି ଆସୁଛି ଯାଉଛି । ଲୁଗାଖଣ୍ଡେ ପିନ୍ଧି ରବିବାର ସକାଳେ କ'ଣ ଗୀର୍ଜାକୁ ଯିବାପାଇଁ ବେଳ ମିଳୁଛି ? ଦିଦି କହିଛନ୍ତି ତାକୁ ଦିନେ ନେଇଯିବେ । କିନ୍ତୁ ରବିବାର ଦିନ ଯେତେବେଳେ ଦିଦି ବାବୁଙ୍କ ସଙ୍ଗରେ ଚାଲି ଯାଆନ୍ତି, ସେତେବେଳେ କନକ କଥା ଭୁଲିଯାଆନ୍ତି । ଘରକୁ ବାହାରିବା ବାଟରେ ନିରୋଳା ଗଳିଟିଏ । ଏ କଡ଼ରେ ଗୀର୍ଜାର ପାଚେରୀ, ଅନ୍ୟକଡ଼େ ଜଣେ ସାହେବଙ୍କ କୋଠିର ମେହେନ୍ଦିବାଡ଼ । ବାବୁ ଦିଦିଙ୍କ କାନ୍ଧରେ ହାତ ପକେଇ ଦିଅନ୍ତି । ଦିଦି ଚିଡ଼ନ୍ତି ନାହିଁ, ଦିଦି ପାଖକୁ ଲାଗି ଯାଆନ୍ତି । ଦିଦି ଗଳି ବାହାରକୁ ଚାଲିଗଲେ ଦୂରକୁ ଘୁଞ୍ଚିଯାଆନ୍ତି । କନକ ଜାଣେ ସେ ଯେଉଁଦିନ ଗୀର୍ଜା ଯିବ, ବାବୁ ବୋଧହୁଏ ତା' କାନ୍ଧରେ ହାତ ପକେଇବେ । ସେ ଉଲୁସି ଉଠେ ବୟସ ଶୀତରେ ଅଜାଣତରେ ।

ସେ କାହୁଁ ଜାଣିବ ଯେ, ଗୀର୍ଜାକୁ ଗଲେ ମୁଣ୍ଡ ନୁଆଁଇ ପ୍ରାର୍ଥନା କରିବାକୁ ପଡ଼ିବ, ଗୁଣୁଗୁଣୁ ହୋଇ ବହି ଖୋଲି ପୃଷ୍ଠା ଓଲଟାଇ ସମସ୍ୱରରେ ଗୀତ ଗାଇବାକୁ ପଡ଼ିବ ଓ ଗୋଟିଏ ଛୋଟ କାଠ ଟ୍ରେରେ କିଛି ପଇସା ପକେଇବାକୁ ପଡ଼ିବ ବୋଲି । ସେ ତ ଜାଣେ ମନ୍ଦିରକୁ ଗଲାବେଳେ ଯେମିତି ଭକ୍ତମାନେ ବାହାରର ଘଣ୍ଟାଟାକୁ ଟଂ ଟଂ କରି ଚାଲିଯାଆନ୍ତି; ସେମିତି ସମସ୍ତେ ଥରେ ଘଣ୍ଟା ବଜେଇ ଚାଲି ଯାଆନ୍ତି ଗୀର୍ଜାରେ । ତା'ର ଭାରି ଇଚ୍ଛା ହୁଏ ଗୀର୍ଜାକୁ ଯିବାକୁ । କିନ୍ତୁ ତାକୁ ବେଳ କୁଆଡ଼ୁ ? ଦିନ ତ ଭଗାରୀ ପରି ।

ଦିଦି ଓ ବାବୁ ଫେରି ଆସନ୍ତି ଦି' ଘଣ୍ଟା ପରେ । ସେଦିନ ରବିବାର ଓ ସେମାନେ ଗପସପ କରନ୍ତି । ଦିଦି ବସି ସ୍ୱେଟର ବୁଣନ୍ତି । ବାବୁ ପାଖରେ ବସନ୍ତି । ବାବୁ ବେଳେ ବେଳେ ଦିଦିଙ୍କ କାନ୍ଧରେ ହାତ ପକେଇ ଗୀର୍ଜା ଆଡ଼କୁ ଅନେଇ ରହିଥାନ୍ତି ଅନେକ ସମୟ ଧରି । କନକ ବଲବଲ କରି ଅନେଇଛି । ଦେଖିଲେ ଦିଦି କାନ୍ଧଟାକୁ ଆସ୍ତେ ଖସେଇ ନିଅନ୍ତି । ନିରୋଳାରେ କନକକୁ କହନ୍ତି, "ତୁ ସେମିତି ଅନେଇବୁନି । ସେମିତି ଅନେଇଲେ ତାଙ୍କୁ ଖରାପ ଲାଗିବ । ତୁ ଆମେ ବସିଲାବେଳେ ନ ଡାକିଲେ ପାଖକୁ ଆସିବୁ ନାହିଁ ।" କନକ ବୁଝି ପାରେନା । ତାକୁ ବା ବୁଝିବାକୁ ବେଳ କାହିଁ ? ଦିନତ....

ସେ କାହୁଁ ଜାଣିବ ଯେ ଦିଦି ଓ ବାବୁଙ୍କ ଭିତରେ କେତେ ପ୍ରେମ ଅଛି । ସେ ତ ଖାଲି ଜାଣେ ଗୋଟାଏ ଛୋଟ କଥା ନେଇ ଦି'ଜଣ ଭାରି କଳି କରନ୍ତି । ଦିଦି କହନ୍ତି 'ପୁଅ', ବାବୁ କହନ୍ତି 'ଝିଅ' (ଦିଦିଙ୍କର କ'ଣ ପିଲାପିଲି ହେବ) । ମଲାରେ; ପୁଅ ହେଉ କି ଝିଅ ହେଉ, କଳିଗୋଳ କରି କି ଲାଭ ? ଏଥିରେ କ'ଣ ଶାନ୍ତି ତାଙ୍କର ହୁଏ, କିନ୍ତୁ ବାବୁଙ୍କ ଏକା ଜିଦ୍ ଝିଅଟିଏ ପାଇବାକୁ । ଆଉ ସେ ଦିଦିଙ୍କ ପରି ସୁନ୍ଦର ହୋଇଥିବ (ଆଉ ସେ ଝିଅ କାନ୍ଧରେ କ'ଣ ବାବୁ ହାତ ପକେଇ ଯିବେ ଗୀର୍ଜାକୁ ରବିବାର ଦିନ) ଦିଦି ସିନା ଉପରେ ପୁଅ ପୁଅ ହୁଅନ୍ତି ହେଲେ ମନେ ମନେ ସେ ବାବୁଙ୍କୁ ଭାରି ଭଲ ପାଆନ୍ତି- ବାବୁଙ୍କ ମନ କଷ୍ଟ ସେ ଜମା ସହି ପାରନ୍ତିନି । ଦିନେ ଦିନେ ତା'କୁ କୁହନ୍ତି- "କନକ ଲୋ ଝିଅଟିଏ ହୁଅନ୍ତା କି ?" ପ୍ରଭୁ ମୋ ଡାକ ଶୁଣନ୍ତେ କି । ସେ କେତେ ଖୁସି ହୁଅନ୍ତେ । ବାବୁ କିନ୍ତୁ ପ୍ରଭୁଙ୍କୁ ପୁଅପାଇଁ କେବେ ଡାକିବାର ସେ ଶୁଣିନାହିଁ । ବାବୁମାନେ ବଡ଼ ସ୍ୱାର୍ଥପର- ଦିଦିମାନେ ଭଲ; କିନ୍ତୁ ତାକୁ ଯଦି କୁହାଯାଏ ପ୍ରଭୁଙ୍କୁ ଡାକିବାକୁ କେବେ ସେ କ'ଣ ପାଇଁ ପ୍ରଭୁଙ୍କୁ ଡାକିବ ? ଦିଦିଙ୍କର ପୁଅପାଇଁ ନାଁ ବାବୁଙ୍କର ଝିଅପାଇଁ ? ତାକୁ ବା ପ୍ରଭୁଙ୍କୁ ଡାକିବାକୁ ବେଳ କାହିଁ : କିନ୍ତୁ ବେଳେବେଳେ ପ୍ରଭୁଙ୍କୁ ଡାକିବାକୁ ତାର ଭାରି ଇଚ୍ଛା ହୁଏ ।

ରାତି ଅଧରେ କନକର ନିଦ ଭାଙ୍ଗିଗଲା । ଶୁଣିଲା ଆଉ ଘରୁ ବାବୁ ଓ ଦିଦି ସେଇ କଳି ଲଗେଇଛନ୍ତି । ପୁଅ ନା ଝିଅ । କନକ କାହୁଁ ଜାଣିବ ସେ କଳି ଭିତରେ କେତେ ପ୍ରେମ ଅଛି ? ତା' ଦୁଃଖ ତାକୁ ବଳେଇଛି । ପାଦ ଟିପି ଟିପି ସେ ଗଳି ପାଖରେ ପହଞ୍ଚିଲା । ଏ କଡ଼ରେ ମେଘପରି ଗୀର୍ଜାଟିଏ । ସେ ପାଖରେ ପର୍ବତ ପରି ସାହେବର କୋଠି । ମଝିରେ ବକଟେ ରାସ୍ତା ।

ପାଦ ଟିପି ଟିପି ସେ ଗୀର୍ଜାଯାଏ ପହଞ୍ଚିଲା । ଅନ୍ଧାର ଆଉ ଅନ୍ଧାର । ଫାଟକ ଖୋଲି ଭିତରକୁ ପଶିଲା । ବାରଣ୍ଡାକୁ ଉଠି ଏଣେତେଣେ ଚାହିଁଲା ଚାରିଆଡ଼େ..... । ସବୁ କବାଟ ବନ୍ଦ । ଭିତରେ ଭଗବାନ୍ ଅଛନ୍ତି କି ? କବାଟ ପାଖକୁ ଯାଉ ଯାଉ ମୁଣ୍ଡରେ ତା'ର ଗୋଟିଏ ଭାରି ଜିନିଷ କ'ଣ ବାଜିଲା । କଣଟା ଓ, ଦଉଡ଼ିର ମୁଠିଆଟା । ଏଇଟା କ'ଣ ? ଟିକେ ଧରି ଓଟାରିଲା । କଂସା ବାଡ଼େଇଲା ପରି ଶୁଭୁଛି । ଓହୋ ଏଇଟା ତେବେ ସେ ଘଣ୍ଟା ଟଣା ଦଉଡ଼ି । କନକ ଥରେ ଟାଣି ଦେଲା ଜୋର ଖଟେଇ । ଅନ୍ଧାରଟା ଗର୍ଜି ଉଠିଲା ଯେମିତି । ତାଙ୍କ ଘର ବାରଣ୍ଡାକୁ ତ ଏମିତି ଶୁଭେନା ଘଣ୍ଟାଟା । ଘଣ୍ଟାର ଆବାଜଟା ଜମା ମିଠା ନୁହେଁ । ଛିଃ ଗୀର୍ଜାର କୁକୁରଟା ଭୁକି ଉଠିଲା । କନକ ଦଉଡ଼ି ଗଲା, ମାଳି ପାଟିକଲା କିଏ କିଏ କିଏ ।

ସେ କାହୁଁ ଜାଣିବ ଯେ ଠିକ୍ ସେତିକିବେଳେ ଧଳା ଆଲଖାଲା ପିନ୍ଧି ପାଦ୍ରୀ ଗୀର୍ଜା ପାଖରେ ନିଜ କୋଠରୀରେ ନିଜ ବୟସ ହିସାବ କରି ଭାବୁଥିଲେ ସେ ବୋଧହୁଏ । ବିଚାରୁଥିଲା କାଲି ସକାଳେ ପାଦ୍ରୀକୁ କହିବ ଦରମା ବଢ଼େଇବାକୁ ଚେଷ୍ଟା କରିବେ ବୋଲି । ଆଉ ସେ କାହୁଁ ଜାଣିବେ ଯେ, ଠିକ୍ ସେତିକିବେଳେ ବାବୁ କହୁଥିଲେ "ମୁଁ କହୁଛି ଝିଅ" ଆଉ ଘଣ୍ଟାର ଠନ୍‌ଟା ଶୁଣି ମାଆ ଟିକେ ଅଭିମାନ କଲେ ବି ମନେ ମନେ ଖୁସି ହେଉଥିଲେ । ବାବୁ ଖୁସି ମନରେ ଶୋଇବା ଘର ଭିତରୁ ବାହାରି ଆସୁଥିଲେ ଗୀର୍ଜାକୁ ଦେଖିବାକୁ ଓ ପରମେଶ୍ୱରଙ୍କୁ ଧନ୍ୟବାଦ ଜଣେଇବାକୁ । ମାଳିର ପାଟି ଓ କୁକୁର ଭୁକିବା ଶୁଣି ସେ ଗଳି ପାଖରେ ଟିକେ ଛିଡ଼ା ହେଲେ ।

ଆଉ ଅନ୍ଧାରରେ କନକ ଧଇଁସଇଁ ହଉଥିଲା ପ୍ରାଣ ବିକଳରେ । ବାବୁ କହିଲେ "କିଏ କନକ" ? ବାବୁ ତା' କାନ୍ଧରେ ହାତ ପକେଇଦେଲେ- ନହେଲେ କନକଟା ଯେ, ତଳେ ପଡ଼ିଯାଉଥିଲା ।

❖



# ଦର୍ପଣ

ଦେବଦାସ ଛୋଟରାୟ

ମୁଁ କଟକରେ ରହୁଥିଲାବେଳେ (ସେତେବେଳେ ମୋର ଅଳ୍ପ ବୟସ, ମୁଁ ରେଭେନ୍ସା କଲେଜ୍‌ର ଛାତ୍ର) କୌଣସି କବିତାରେ 'ବିଲୋମପାଦ' ବୋଲି ଗୋଟିଏ ଅଭିବ୍ୟକ୍ତିର ବ୍ୟବହାର କରିଥିଲି। କବିତାରେ ନାୟିକାର ଶରୀରର ବହୁବିଧ ଯୌନ ଆବେଦନର ଏହା ଥିଲା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଦେହର ବିଭିନ୍ନ ଭାଗରେ କେଶ ବା ଲୋମର ପରିମାଣ ଅନୁଯାୟୀ, ଯୌନତାରେ ହ୍ରାସ ଓ ବୃଦ୍ଧି ହୁଏ କି ନା, ତା'କିଛିଦିନ ଆମ କବିତା ପାଠଚକ୍ରରେ ତର୍କର ବିଷୟ ହୋଇରହିଲା । କେହି ଅବଶ୍ୟ ଜାଣି ପାରିଲେନି ଯେ 'ବିଲୋମପାଦ'ର ଉତ୍ପତ୍ତି ହୋଇଥିଲା ଛବିର ଚାନ୍ଦିନିଚୌକରେ ଥିବା ଦୁଇମହଲା ହଳଦିଆ କୋଠାଘରର ଶିଡ଼ିର ଲ୍ୟାଣ୍ଡିଂରେ ।

ମସୃଣ ଓ ରେଡ୍‌ଅକ୍ସାଇଡ୍‌ମିଶା ଲାଲ୍‌ରଙ୍ଗର ସିମେଣ୍ଟ ଶିଡ଼ିଟିର ମଝିରେ ଥିବା ଲ୍ୟାଣ୍ଡିଂଟି ଥିଲା ପ୍ରଶସ୍ତ ଓ ଆୟତାକାର । ସେଠି ଦୁଇଜଣ ଲୋକ ଠିଆହୋଇ କଥା କହୁଥିଲାବେଳେ ମଧ୍ୟ, ଆଉ ଜଣେଲୋକ ସୁରୁଖୁରୁରେ ଯିବାଆସିବା କରିପାରିବ। ଆଉ ସେ ପରିବେଶକୁ ଆହୁରି ଫର୍ଚ୍ଚା ଓ ଆଲୋକିତ କରି, ସେ ଲ୍ୟାଣ୍ଡିଂରେ ଲାଗିଥିଲା ଗୋଟିଏ ବିରାଟ ଫୁଲ୍‌ସାଇଜ୍ ଦର୍ପଣ, ଯେଉଁଥିରେ ଜଣେ ନିଜକୁ ଆମୂଳଚୂଳ ଦେଖିପାରିବ। ଆଉ ଆଡ଼ ନଜରରେ ଦେଖିପାରିବ, ତଳୁ କି ଉପରୁ ଅନ୍ୟ କିଏ ଆସୁଚି କି ନାହିଁ ।

ଛବି ଥିଲା ଯୌଥ ପରିବାରର ଝିଅ । ଯୌଥ ପରିବାରରେ ପ୍ରେମ କରିବାରେ ଅନେକ ଅସୁବିଧା। ତା'ର ଦଳେ ଭାଇଭଉଣୀ, ଦାଦା ମଉସାଙ୍କ ପିଲାମାନେ ବି, ସେ ଘରସାରା ଦିନରାତି ହାଉଯାଉ ହେଉଥାନ୍ତି। ତେଣୁ ଛବିର ସାନ୍ନିଧ୍ୟ ମିଳେ କେବଳ ତାଙ୍କ ଶିଡ଼ିଲ୍ୟାଣ୍ଡିଂରେ। ଆଉ ଦର୍ପଣ ସତର୍କ କରିଦିଏ ଆମ ସ୍ନେହର ବଳୟ ଭିତରେ, ଅନ୍ୟ କାହାର ଆକସ୍ମିକ ପ୍ରବେଶକୁ। ଦିନେ 'ପାକିଜା' ଫିଲ୍ମ ଦେଖିଲା ପରେ ଶିଡ଼ିଲ୍ୟାଣ୍ଡିଂର ତଳ ପାହାଚରେ ଆଣ୍ଠୁମାଡ଼ି, ମିନିସ୍କର୍ଟପିନ୍ଧା ଛବିର ଗୋଡ଼ ଆଙ୍ଗୁଳିରେ ହାପଚୁମା ଦେଉଦେଉ ଦେଖିଥିଲି, ତା'ର ନିଟୋଳ ମସୃଣ ଦୁଇ ଲୋମହୀନ ପାଦର ସ୍ୱାସ୍ଥ୍ୟ ସଂଭାର। ମୁଁ ସେତେବେଳକୁ ନିଜର ସେଫ୍‌ଟି ରେଜର୍ କିଣି ପ୍ରତିଦିନ ଦାଢ଼ିକଟା ଆରମ୍ଭ କରିଦେଇଚି, ଆଉ ଛବି ପାର୍ଲରର ଯାଇ ହାତ ଗୋଡ଼ ୱାକ୍ସିଂ କରିବା ଜାଣିଗଲାଣି ।

ସେ ପ୍ରାୟ ପଚାଶ ବର୍ଷ ତଳର କଥା। ମୁଁ ଗତ ଚାଳିଶ୍ ବର୍ଷ ହେଲା ଓଡ଼ିଶା ଛାଡ଼ି ବିଦେଶରେ ରହୁଚି। ଆଜି ଲଣ୍ଡନରେ, ପ୍ରଖ୍ୟାତ ଓଡ଼ିଆ ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତିଙ୍କ ସ ସେକ୍ସଷ୍ଟ୍ରୀଟ୍ ଘରେ, ଶିଡ଼ି ଚଢୁଚଢୁ ଲ୍ୟାଣ୍ଡିଂରେ ଦେଖିଲି, ସେଠି ବି ଲାଗିଚି ଠିକ୍ ଛବିର ଘରପରି, ରୋଜ୍ ଉଡ୍‌ଫ୍ରେମ୍‌ରେ ବନ୍ଧା, ସମୁଜ୍ଜ୍ୱଳ ଦର୍ପଣ। ସେତିକିବେଳେ ସେ ମୋ କଡ଼ଦେଇ ଖୁବ୍ ତରତର ହୋଇ ଓହ୍ଲେଇଗଲା । ମୁଁ ଠିକ୍ ଜାଣି ପାରିଲିନି, ସେ କେତେବେଳେ ଉପର ମହଲାରୁ ଓହ୍ଲେଇଲା। ବେଶ୍ ଅଳ୍ପ ବୟସର ଚଷମା ପିନ୍ଧା ସୁଦର୍ଶନ ଯୁବକ। ଗୋଟେ ଝଲକ ଖରାପରି ସେ' ମୋ ଆଖିରେ ପଡ଼ିଲା, ଆଉ ତଳକୁ ଚାଲିଗଲା। ମତେ ଲାଗିଲା, ସେଇ ମୁହୂର୍ତ୍ତରେ ମୁଁ

ଯାହାକୁ ଦେଖିଲି, ସେ କ'ଣ ଦର୍ପଣରେ କାହାର ପ୍ରତିଫଳନ, ନା ସେ ସତକୁସତ ମୋ' ଆଖି ଆଗରେ ଦର୍ପଣ ଭିତରୁ ବାହାରି ଆସିଲା, ଯେମିତି ଦର୍ପଣ ବି ଯିବାଆସିବା କରିବାର ଗୋଟେ ଦୁଆର ।

ପ୍ରଫୁଲ୍ଲ ମହାନ୍ତି କିମ୍ବା ତାଙ୍କ ଇଂରେଜ୍ ବନ୍ଧୁ ଡେରେକ୍ ମୁର୍ ଘରେ ନଥିଲେ। ଅଗଷ୍ଟ ମାସର ରୌଦ୍ରୋଜ୍ଜ୍ୱଳ ଦିନସବୁରେ ଲଣ୍ଡନରେ କ୍ୱଚିତ୍ କେହି ଘର ଭିତରେ ରୁହନ୍ତି। ମୁଁ ଆମେରିକାର କର୍ଣ୍ଣେଲ୍ ଇଉନିଭର୍ସିଟିରେ ପଢ଼ିଲାବେଳୁ ମୋ'ର ପ୍ରଫୁଲ୍ଲବାବୁଙ୍କ ସହିତ ପରିଚୟ । ଗତ କେତେ ଦଶକ ହେଲା, ଯେତେବେଳେ ମୁଁ ଆମେରିକାରୁ ଭାରତ କି ଇଉରୋପ୍ ଯାଏ, ବାଟରେ ଲଣ୍ଡନ୍‌ରେ ପ୍ରଫୁଲ୍ଲ ବାବୁଙ୍କ ଘରେ ରହେ। ସେ ଓ ଡେରେକ୍ ମତେ ନିଜ ଲୋକପରି ସ୍ନେହ କରନ୍ତି। ତାଙ୍କ ଘର ସତରେ ବହୁ ମଣିଷଙ୍କ ଚିଡ଼ିଆଖାନା । ଖାଲି ଓଡ଼ିଆ କାହିଁକି, ଅନ୍ୟ ପ୍ରଦେଶର, ଏମିତି କି ଅନ୍ୟଦେଶର ଲୋକ ମଧ୍ୟ ତାଙ୍କର ଆତିଥ୍ୟ ଗ୍ରହଣ କରିଥାନ୍ତି । କ୍ଷୀପ୍ର ଗତିରେ ଦର୍ପଣ ପାଖରୁ ଓହ୍ଲାଇ ଯାଇଥିବା ଯୁବକଟି ନିଶ୍ଚୟ ତାଙ୍କର ଆଉ ଜଣେ ଅତିଥି ।

ଯୁବକଟି ଅବଶ୍ୟ, ମୁଁ ଆଉଥରେ ମୁହଁ ବୁଲାଇ ଦେଖିଲା ପୂର୍ବରୁ, ଉଭାନ୍ ହୋଇଯାଇଥିଲା । ମୁଁ ଉପର ମହଲାରେ ମୋ' ରୁମ୍‌କୁ ଯାଇ ବିରାଟବଡ଼ ଝର୍କାବାଟେ ବାହାରର ରାସ୍ତାକୁ ଚାହିଁଲି। ଦିନ ପ୍ରାୟ ଦଶଟାରୁ ବେଶି ହୋଇସାରିଥିଲା। କେମିଷ୍ଟ ଓ ଗ୍ରୋସରୀ ଦୋକାନସବୁ ଖୋଲି ସାରିଥିଲା। କିନ୍ତୁ ତାଙ୍କ ଘରର ଠିକ୍ ସାମ୍ନାରେ 'କୁଇନ୍ ଅଫ୍ ହାର୍ଟ୍‌ସ' ପାନ୍ଥଶାଳା, ରାତ୍ରିର ବିନିଦ୍ର ପ୍ରହର ପର୍ଯ୍ୟନ୍ତ କାର୍ଯ୍ୟବ୍ୟସ୍ତ ଥିଲା ବୋଲି, ଏଯାଏଁ ଖୋଲିନି। ପ୍ରଫୁଲ୍ଲ ମହାନ୍ତି ଓ ଡେରେକ୍ ମୁରଙ୍କ ଘର ଲଣ୍ଡନର ସଂଭ୍ରାନ୍ତ ଓ୍ୱେଷ୍ଟ୍‌ଏଣ୍ଡରେ। ବେସ୍‌ମେଣ୍ଟକୁ ମିଶେଇ ବିରାଟ ଚାରି କି ପାଞ୍ଚ ମହଲାର ଘର, ଦ୍ୱିତୀୟ ମହାଯୁଦ୍ଧ ବେଳର, ଜର୍ଜିଆନ୍ ଶୈଳୀରେ ତିଆରି। ଯିଏ ସେ ଘରେ ରୁହେ, ପ୍ରଫୁଲ୍ଲ ବାବୁ ତାଙ୍କୁ ଦାଣ୍ଡ କବାଟର ଗୋଟିଏ ଅଲଗା ଚାବି ଦେଇଥାନ୍ତି। ଦର୍ପଣ ଭିତରୁ ବାହାରି ଆସିଲା ପରି ସେଇ ଯୁବକଟି, ଯିଏ ସେଇ ଗୋଟିଏ ଝଲକ୍‌ରେ ବି ଚିହ୍ନାଚିହ୍ନା ଲାଗିଲା, କିନ୍ତୁ ଜାଣିହେଲାନି, ତା'ର ନିଶ୍ଚୟ ଗୋଟିଏ ଅଲଗା ଚାବି ଥିଲା।

ଲଞ୍ଚ୍‌ରେ କିଛିଲୋକ ଆସିବାର ଥିଲା। ପ୍ରଫୁଲ୍ଲ ମହାନ୍ତି ଓ ଡେରେକ୍ ଅଳ୍ପ ସମୟ ଭିତରେ ଫେରିଆସିବେ ନିଶ୍ଚୟ । ପ୍ରଫୁଲ୍ଲ ବାବୁ ବହୁତ ସୁନ୍ଦର ରାନ୍ଧନ୍ତି। ଯେହେତୁ ରଙ୍ଗପ୍ରିୟ ଶିଳ୍ପୀ, ତାଙ୍କ ହାତରନ୍ଧା ଖାଦ୍ୟରେ ସବୁ ଜିନିଷର ରଙ୍ଗ ଅକ୍ଷୁର୍ଣ୍ଣ ଥାଏ । ମୁଁ ସମୟ କାଟିବାପାଇଁ ପ୍ରଫୁଲ୍ଲ ବାବୁଙ୍କ ବେସ୍‌ମେଣ୍ଟର ଷ୍ଟୁଡିଓ ଭିତରକୁ ଓହ୍ଲେଇଗଲି । ବିରାଟ ବଡ଼ ଓ୍ୱାକ୍‌ଇନ୍ ଷ୍ଟୁଡିଓ, ତା' ଭିତରେ ବି ଭର୍ତ୍ତି ହୋଇଚି ଅଗଷ୍ଟର ଖରା । ଆଉ ସବୁଆଡ଼େ ତାଙ୍କର ନିଜର ତିଆରି ରଙ୍ଗୀନ୍ ଓ ମଣ୍ଡଳାକାର ଚିତ୍ରପଟ ସବୁ, ଅନେକ ସଂପୂର୍ଣ୍ଣ ଆଉ କିଛିଟା ଅସମାପ୍ତ, ଇଜେଲ୍‌ରେ ଟଙ୍ଗା, ଚାରିଆଡ଼େ ଅସ୍ତବ୍ୟସ୍ତ ତୂଳୀ ଆଉ ଠିପିଖୋଲା ରଙ୍ଗର ଟ୍ୟୁବ୍ ।

ବଡ଼ ଅଦ୍ଭୁତ ସେ ବେସ୍‌ମେଣ୍ଟର ଲେ'ଆଉଟ୍। ଦୁଇଟି ସମାନ୍ତର ସ୍ଥାପତ୍ୟ ଶୈଳୀରେ ତିଆରି। ଆରମ୍ଭରୁ ବୋଧହୁଏ ଥିଲା ଏକ ବାରୋକ୍ ଢଙ୍ଗରେ ତିଆରି ସୌଖୀନ୍ ସାଲୁନ୍ । ଝର୍କା, କାନ୍ଥ ଆଉ ଛାତରେ ପୁଣି ବସିବାର ଆସ୍‌ବାବ୍‌ପତ୍ରରେ, ଅନେକ ନାଟକୀୟତା । କିନ୍ତୁ ଘରର ଏକଚତୁର୍ଥାଂଶକୁ ଭାଙ୍ଗି ଆଉଥରେ ଆଧୁନିକ ଢଙ୍ଗରେ ଯାହା କରାଯାଇଚି, ତା'ର ସବୁକିଛି ବର୍ଗାକାର ଆଉ ବୃତ୍ତାକାରରେ । ଏଇଠି ହିଁ ପ୍ରଫୁଲ୍ଲ ବାବୁ କାମ କରନ୍ତି ଆଉ ଅନ୍ତରଙ୍ଗ ବନ୍ଧୁମାନେ ଏଇ ନୂଆ ତିଆରି ଅଂଶକୁ ହିଁ ଡ୍ରିଙ୍କ ପାଇଁ ଆସନ୍ତି। ଯେଉଁଠି ଝର୍କାର କାଚ ଟପି ଖରାପଡ଼ିଥିଲା, ମୁଁ ସେଇଠି ଏକୁଟିଆ ବସିଗଲି । ମୋ' ନିଜର ଦୃଷ୍ଟି କ୍ରମଶଃ ରାସ୍ତାରୁ ଫେରି, କାନ୍ଥର ଟଙ୍ଗା ଚିତ୍ରସବୁ ଦେଇ, ବେସ୍‌ମେଣ୍ଟର ସେଇ ଅଂଶକୁ ଗଲା, ଯାହାର ଢାଞ୍ଚା ଓ୍ୱେଷ୍ଟମିନିଷ୍ଟର୍ ପରି ବା ଲୁଇ ଫୋର୍ଟିନ୍‌ଥଙ୍କ ଅମଳର ଘରର ଅନ୍ତର୍ଭାଗ ପରି । ସେଇଠି ସେ ବସିଥିଲା, ଆଜି ସକାଳେ ଦର୍ପଣ ଭିତରୁ ବାହାରିଥିବା ସେଇ ସୁଦର୍ଶନ ଯୁବକ, ଗୋଟେ ବହିଭର୍ତ୍ତି ଆଲ୍‌ମୀରା ପାଖରେ, ସେ ଅନ୍ଧାରୁଆ କୋଣରେ । ଆଖିରେ ଚଷମା ଆଉ ହାତରେ ଖଣ୍ଡେ ବହି । ଛାତ ପର୍ଯ୍ୟନ୍ତ ଲାଗିଥିଲା ସରୁ ଝର୍କା ଓ ତା' ଉପରେ ମୋଟା ସିଲ୍‌କର ଲମ୍ବା ପର୍ଦ୍ଦା । ତା' ଫାଙ୍କରେ ଯେତିକି କ୍ଷୀଣ ଆଲୁଅ ବେସ୍‌ମେଣ୍ଟର ସେଇ ଅନ୍ଧାରୁଆ ଅଂଶକୁ ଆସୁଥିଲା, ସେତିକିରେ ସେ ନିବିଷ୍ଟ ହୋଇପଢୁଥିଲା। ଆଉଜଣେ ଲୋକ ଯେ ଘର ଭିତରେ ଅଛି, ତା'ର ସାମାନ୍ୟତମ ଖିଆଲ ନାହିଁ । ବହି ପ୍ରତି ତା'ର ଏ ଦୁର୍ବାର ଆକର୍ଷଣ ଦେଖି ମତେ ଲାଗିଲା, ଯେମିତି ସେ ନୁହେଁ, ମୁଁ ସେଠି ବସିଚି ।

ଯେଉଁଠି ଯାହା ଘରେ ପହଞ୍ଚିଲେ ବି, ସେଠି ବହି ଥିଲେ, ତାକୁ ଛୁଇଁବା ବା ଅନ୍ତତଃ ନିରେଖି ହେବା ମୋ'ର ରକ୍ତଗତ ଅଭ୍ୟାସ ।

ଏଠି ବେସ୍‌ମେଣ୍ଟର ସବାପଛ କାନ୍ଥରେ, ଓ୍ୱାଲନଟ୍ ରଙ୍ଗର ବିରାଟ ବହି ଆଲମୀରାକୁ, ଏ ପର୍ଯ୍ୟନ୍ତ ଲକ୍ଷ୍ୟ ନ କରିପାରିଥିବାର ଅପରାଧରୁ ମୁଁ ମୁକ୍ତ ହୋଇ ପାରୁନଥିଲି। ମୁଁ ଧୀରପାଦରେ କୋଠରିର ଅପର ପାର୍ଶ୍ୱକୁ ଗଲି। ସେତିକି ଚାଲିବା ଭିତରେ ଯେମିତି କେତେ ଶତାବ୍ଦୀର ବ୍ୟବଧାନ ଥିଲା। ମୁଁ ବହି ଆଲମୀରା ପାଖରେ ପହଞ୍ଚିଲା ମାତ୍ରେ, ସେ ପୁସ୍ତକମଗ୍ନ ଯୁବକଟି ମୁହଁ ଉଠାଇ ମୋ'ଆଡ଼େ ଚାହିଁ ହସିଲା। ସେଇ ଚିହ୍ନା, କିନ୍ତୁ ପରିଚୟ ସ୍ପଷ୍ଟ ନ ହେଉଥିବା ମୁହଁ, ଉଜ୍ଜ୍ୱଳ ଆଖି, ଈଷତ୍ କହରା ନିଶ, ଆଉ ସଦ୍ୟ କଟାଫଳ ପରି ଓଠ।

'ହ୍ୟାଲୋ', ମୁଁ ତା'ର କମ୍ ବୟସର ସୁବିଧା ଉଠାଇ ପଚାରିଲି, 'ତୁମେ କ'ଣ ଓଡ଼ିଆ ? 'ସେ ତା' ହସ ବଜାୟ ରଖି ସମ୍ମତି ଜଣାଇଲା। 'ଓଡ଼ିଶାର କେଉଁଠୁ ?' ମୁଁ ଅନିସନ୍ଧିତ୍ସୁ ହୋଇ କହିଲି। 'କଟକ, କେବଳ କଟକ, କଟକଛଡ଼ା ଓଡ଼ିଶାର ଅନ୍ୟକିଛି ମୁଁ ଏ ପର୍ଯ୍ୟନ୍ତ ଜାଣିନି', ସେ କହିଲା, କିନ୍ତୁ ସେ'ଟା ତା'ର ପ୍ରତ୍ୟୟ ନା ନିରୂପାୟ ତା' ମୁଁ ସ୍ପଷ୍ଟ ଜାଣିପାରିଲିନି। 'ମୋ ଘର ବି କଟକ', ମୁଁ ଆଉ ଟିକେ ଆତ୍ମୀୟତା ବଢ଼େଇ କହିଲି, "କିନ୍ତୁ ତୁମେ ରୁହ କେଉଁଠି ?' "ଆଲାମଚାନ୍ଦ ବଜାର୍, ଠିକ୍ ଗୋସ୍ୱାମୀ ପ୍ରେସ୍‌ର ସାମ୍ନାରେ।' 'ତୁମ ବାପା ?' ମୁଁ ଏଥର ପରିଚୟ ପଚାରିଲି, ଯେମିତି ଓଡ଼ିଶାରେ ପଚାରନ୍ତି। 'ଓଃ', ସେ ଟିକେ ଏଡ଼ାଇଦେଇ କହିଲା, "ସେ ଜଣେ ଲେଖକ।' ମୋ'ଭିତରେ ଗୋଟିଏ ବଡ଼ ଧରଣର ହଲଚଲ୍ ହୋଇଗଲା। ତା'ମୁହଁ ଭିତରୁ ଯେଉଁ ମୁହଁର ବିସ୍ମୟ ମତେ ଦେଖାଗଲା, ସେ ଅନୁଭବ ଯେମିତି ଆଧିଭୌତିକ। ମୁଁ ତାକୁ ସିଧା ଅନେଇ କହିଲି 'ତୁମେ ତା'ହେଲେ ଦେବଦାସ ଛୋଟରାୟ।' ତା' ମୁହଁରୁ ହସ ଲିଭିଗଲା।

'ତୁମକୁ ଆଶ୍ଚର୍ଯ୍ୟ ଲାଗିପାରେ, କିନ୍ତୁ ମୋ ନାଁ ବି ଦେବଦାସ ଛୋଟରାୟ। ତୁମେ ଯେଉଁ ଘରକଥା କହୁଚ, ସେ'ଟା ବି ମୋ ଘର। ଖାଲି ଏତିକି ଅଦ୍ଭୁତ ଯେ ଆମେ ଦୁଇଜଣ ଆଜି ପ୍ରଥମ ଥରପାଇଁ ପରସ୍ପରକୁ ଭେଟୁଚେ, ଆଉ ତା'ପୁଣି ୨୦୧୧ ମସିହାରେ, ଲଣ୍ଡନରେ।' ସେ ଏଥର ବହି ବନ୍ଦ୍‌କରି ମତେ ନିଷ୍ପଲକ ଆଖିରେ ଚାହିଁଲା, ଆଉ କହିଲା, "ନା, ଏଇଟା ୧୯୬୪ ମସିହା। ମୁଁ ଲଣ୍ଡନ କେବେ ବି ଦେଖିନି। ମୁଁ କଟକରେ ଅଛି। ଏଇଟା ଜୁନ୍ ମାସ, ଖରାଛୁଟି। ମୁଁ କନିକା ଲାଇବ୍ରେରିର ରିଡିଂରୁମର ଲମ୍ବାଝର୍କା ପାଖେ ବସି ବହିପଢୁଚି। 'ଡଷ୍ଟୋଭସ୍କିଭ' ହଁ', ଟିକେ ଅପ୍ରତିଭ ହୋଇ ସେ କହିଲା, "କ୍ରାଇମ୍ ଆଣ୍ଡ୍ ପନିସ୍‌ମେଣ୍ଟ୍'। 'କ'ଣ ରାସ୍‌କୋଲ୍‌ନିକଭ୍ ତାନିଆକୁ ଭେଟିଲଣି ? ମୁଁ ଅଳ୍ପହସି ପଚାରିଲି। 'ନା', ସେ କହିଲା, "ଏଇତ ବର୍ତ୍ତମାନ ଆରମ୍ଭ କରୁଚି। ପ୍ରଥମ ପୃଷ୍ଠା। ରାସ୍‌କୋଲନିକଭ୍‌କୁ ଜର ହୋଇଚି। ସେ ଓଭରକୋଟ୍ ପିନ୍ଧି ବ୍ରିଜ୍ ଉପରେ ଛିଡ଼ାହୋଇ ଅପରାହ୍ନର ନଦୀକୁ ଦେଖୁଚି।' ମୁଁ ଜାଣିକି ବି ତାକୁ କହିଲିନି ଯେ ଡଷ୍ଟୋଭସ୍କିର ନିଶା ଆଉ ତାକୁ ଜୀବନସାରା ଛାଡ଼ିବନି। ଖାଲି ଏତିକି କହିଲି, ମୁଁ ଜୀବନରେ ଏପର୍ଯ୍ୟନ୍ତ 'କ୍ରାଇମ ଆଣ୍ଡ ପନିସ୍‌ମେଣ୍ଟ'କୁ ତିନିଥର ପଢ଼ିଚି, ଆଉ ଯେତେବେଳେ ପଢ଼ିଚି, ସେତେବେଳେ ମୋ ଜୀବନର ମୋଡ଼ ବଡ଼ ନିର୍ମମଭାବେ ବଦଳିଯାଇଚି। ମୋ'ର ସେ ବହିକୁ ଆଉଥରେ ପଢ଼ିବାର ସାହସ ନାହିଁ।

ସେ ଏଥର ବହିକୁ ହାତରେ ଧରିଛି ? ହେଲା। ମୁଁ ଦେଖିଲି, ଉଚ୍ଚତାରେ ପ୍ରାୟ ମୋ'ର ପାଖାପାଖି ହେବ। ମୋ ପରି ସେଲ୍‌ଫ୍ରେମ୍‌ର ମୋଟା କାଚର ଚଷମା। ସେ କହିଲା, "ମୁଁ ମାନୁଚି, ଆମ ଦୁଇଜଣଙ୍କ ଭିତରେ କିଛିଟା ସାଦୃଶ୍ୟ ଅଛି। କିନ୍ତୁ ଆପଣ ମୋ ଅପେକ୍ଷା ଯଥେଷ୍ଟ ବୟସ୍କ, ତଥାପି କଥା କହି ଇନ୍ଦ୍ରଜାଲ ତିଆରି କରି ଜାଣନ୍ତି।' ବୟସ୍କ କଥାଟା ଶୁଣି, ମୋ ହାତ ମୋ ଅଜାଣତରେ ନିଜ ମସ୍ତିଷ୍କର କ୍ଷୀଣତର କେଶାଂଶ ଉପରେ ଆଉଥରେ ବୁଲିଆସିଲା। 'ଇନ୍ଦ୍ରଜାଲର ପ୍ରଶ୍ନ କେଉଁଠି ଉଠୁଛି ?' ମୁଁ କହିଲି, "ଏ'ତ କେବଳ ମୋ'ର ସ୍ମରଣଶକ୍ତି। ତୁମେ ପରୀକ୍ଷା କରିପାର। ଆମ ଦାଣ୍ଡଘରେ, ଯାହାର ଚଟାଣ ନାଲିସିମେଣ୍ଟରେ ତିଆରି, ଯେଉଁଘରେ ବାପା ବସି ଲେଖନ୍ତି, ତା'ର ବହି ସେଲଫ୍‌ରେ ଥିବା ସେକ୍ସପିୟର ଗ୍ରନ୍ଥାବଳୀର ପ୍ରଥମ ପୃଷ୍ଠାରେ ମୋ ସାନଭଉଣୀ ଓଡ଼ିଆରେ ତା ନାଁ ଲେଖି କାଳି ପକେଇ ବାପାଙ୍କଠୁ ଗାଳି ଖାଇଥିଲା। ଆମ ଶୋଇବାଘରେ ଯେଉଁ ୧୯୫୫ ମଡେଲର ଏଚ୍‌ଏମ୍‌ଭି ରେଡିଓ ଅଛି, ଯାହାର କ୍ୟାବିନେଟ୍ କାଠ ତିଆରି, ତା'ର ମ୍ୟାଜିକ୍ ଆଉ ରାତିରେ ବିଲେଇ ଆଖିପରି ଜଳେ କି ନାହିଁ ? ଆଉ ବୋଉର ପୂଜାଘରେ ଯେଉଁକାଚ ଆଲମୀରା ଅଛି, ତା'ରି ଭିତରେ ତ ଅଛି ବାପାଙ୍କର 'ପରକଲମ' ନାଟକ ଦିଲ୍ଲୀରେ ମଞ୍ଚସ୍ଥ ହେବାର ସ୍ମାରକୀ ରୌପ୍ୟଫଳକ। ପୁଣି ସବା ଶେଷ ଘରର ସିଂନ୍ଦୁକ ପାଖରେ

ଥିବା ଲୁଗା ଅଲଗୁଣିରୁ ଟଙ୍ଗାହେଇ ଝୁଲୁଚି, ମୋ ଜେଜେଙ୍କର ବ୍ରୋଞ୍ଜ ବେଣ୍ଟବାଲା ୱାକିଂଷ୍ଟିକ୍, ଯାହା ଭିତରେ ଅଛି ସାଢ଼େଚାରି ଫୁଟ୍ ଲମ୍ବର ଏକ କଳଙ୍କିଲଗା ତୀକ୍ଷ୍ଣ ଲୁହାର ଗୁପ୍ତି, ଯାହାର କିଛି ରକ୍ତାକ୍ତ ଇତିହାସ ରହିଚି ବୋଲି ଆମେ ପିଲାଦିନେ ଶୁଣିଚୁ।'

ମୁଁ ଭାବିଲି ମୋ ଯୁକ୍ତିର ନିର୍ଭୁଲ୍ ଅବତାରଣାରେ ସେ ଅଭିଭୂତ ହୋଇଯାଇଥିବ। ସେ କିନ୍ତୁ କହିଲା, "ଚମକିବାର, କିଛି ଲୋକ ଦିବାସ୍ୱପ୍ନ ଦେଖନ୍ତି। ହେଲେ, ଆପଣ ଯେ ଛିଡ଼ାହୋଇ ସ୍ୱପ୍ନ ଦେଖିପାରନ୍ତି, ଏ କଥାର ପ୍ରମାଣ ମିଳିଲା। କିଏ ଜାଣେ, ହେଇପାରେ ମୁଁ ଆପଣଙ୍କର ସ୍ୱପ୍ନ, ଆଉ ମତେ ଆପଣ ନିଜର ପ୍ରଶସ୍ତ ମସ୍ତିଷ୍କ ଭିତରେ ତିଆରି କରିଚନ୍ତି।' 'ଏ ଯୁକ୍ତି ତୁମକୁ ବି ଲାଗୁହେବ', ମୁଁ କହିଲି, "ହୁଏତ ତୁମେ ସତ ଆଉ ମୁଁ ତୁମର ସ୍ୱପ୍ନ।' ସେ ମୋ କଥାକୁ ଅସ୍ୱୀକାର କଲାପରି ଲାଗିଲାନି ।

ତଥାପି ପ୍ରଫୁଲ୍ଲ ବାବୁ ଓ ଡେରେକ୍ ଫେରିନଥିଲେ। ଲଞ୍ଚର ଅତିଥିମାନେ ଆସିନଥିଲେ। ବାହାରେ ସ୍ୱାସ୍ଥ୍ୟକର ଖରା। 'ଚାଲ, ଆମେ ଟିକେ ବାହାରୁ ବୁଲିଆସିବା', ମୁଁ ପ୍ରସ୍ତାବ ଦେଲି। ସେ ରାଜିହୋଇ ଆସିଲା। ବେସ୍‌ମେଣ୍ଟର ଝାପ୍‌ସା ଆଲୁଅରୁ ରାସ୍ତାର ଉଜ୍ଜ୍ୱଳ ଖରାକୁ ଆସିଲାମାତ୍ରେ ମୁଁ, ଦେଖିଲି ଯେ ସେ ପିନ୍ଧିଚି ଗୋଟାଏ ଧଳାସାର୍ଟ ଯାହାର ପୂରା ହାତ ଅସ୍ତିନ୍ ପାଖେ ମୋଡ଼ା, ଆଉ କଳା କଲରର ପ୍ୟାଣ୍ଟ, ଯେମିତି ପିନ୍ଧିଥିଲା ମୋ'ର ସ୍କୁଲ ବେଳର ଇଂରାଜି କବିତା ବହିର କାସାବିଏଙ୍କା, ଗୋଟିଏ ଜଳୁଥିବା ଜାହାଜ ପାଖରେ, ଆଉ ଯେଉଁ କମ୍ବିନେସନ ମୋ'ର ପ୍ରିୟ। ପ୍ରଫୁଲ୍ଲ ବାବୁଙ୍କ ଘରପାଖରୁ ଟେମ୍‌ସ୍‌ନଦୀ ପାଞ୍ଚମିନିଟ୍‌ର ଚଲାବାଟ। ମୁଁ ତାକୁ ବାଟର୍‌ସି ପାର୍କଆଡ଼କୁ ନେଇଗଲି ।

ଆଲ୍‌ବର୍ଟ୍ ବ୍ରିଜ୍ ଉପରଦେଇ ଗଲାବେଳେ ମୁଁ କହିଲି, "ମୋ'ର ଅତୀତ ହେଉଚି ତୁମର ଭବିଷ୍ୟତ। ତୁମେ ଶୁଣିବାକୁ ଚାହଁ?' ତା'ର ଉତ୍ତରକୁ ଅପେକ୍ଷା ନକରି ମୁଁ କହି ଚାଲିଲି, "ବୋଉତ କେବେଠୁ ମରି ଯାଇଥିଲା, ବାପା ଏବେ ଚାଲିଗଲେ। ଶେଷବେଳକୁ ତାଙ୍କର ସ୍ମରଣଶକ୍ତି ଆଉ ନଥିଲା। ଯେଉଁ ବୋଉର ଫଟକୁ ଅନେଇ ସେ ପଚିଶ ବର୍ଷକାଳ ବଞ୍ଚିଲେ, ଶେଷଆଡ଼କୁ ତା'ର ନାଁ ବି ମନେପକେଇ ପାରିଲେନି। କେବଳ ମତେ ଚିହ୍ନୁଥିଲେ। କଟକରେ ଥିଏଟର୍ ସବୁ କେବେଠୁ ବନ୍ଦ୍ ହୋଇଯାଇଚି। ଯେଉଁ କଟକ ରେଡିଓ ବାପାଙ୍କର ଜୟଯାତ୍ରାର ଦୁର୍ଗ ଥିଲା, ଟି.ଭି ଚ୍ୟାନେଲ୍ ଆଉ ଏଫ୍‌ଏମ୍‌ର ଭିଡ଼ରେ ଆଉ ତାକୁ କେହି ଶୁଣୁନାହାଁନ୍ତି। ନାଟକ ଲେଖିବାର ସୁଯୋଗ ନପାଇ, ବାପା ଶେଷବେଳକୁ ପତ୍ରପତ୍ରିକାରେ ଗଳ୍ପ ଲେଖିଲେ। ମହାନଦୀ ଆଉ କାଠଯୋଡ଼ିର ପାଣି କୂଳରୁ ବହୁତ ଦୂରକୁ ଘୁଞ୍ଚିଯାଇଚି ବୋଲି ଶୁଣିଚି। ଶୁଣୁଚି, ଦରଘାବଜାରରୁ ଜେଲ୍ ଉଠିଯାଇ ସେଠି ସୁପରମଲ୍ ହେଇଚି । ବାଲିଯାତ୍ରା ଆଜିକାଲି ମହାନଦୀ ପଠାଭିତରେ ହେଲାଣି, ଆଉ କିଶୋର ପିଲାମାନେ ପାନଦୋକାନ ବନ୍ଦ୍‌କରି ବେବିଫୁଡ୍ ବିକିବାର ଲାଇସେନ୍ସ ଆଣିଚନ୍ତି। ଶୁଣୁଚି, ରେଭେନ୍‌ସା କଲେଜ ଆଜିକାଲି ଗୋଟିଏ ଇଉନିଭରସିଟି ହେଇଯାଇଚି। ମୁଁ ଅବଶ୍ୟ ବହୁବର୍ଷ ହେଲା କଟକ ଯାଇନି। ଆଉ ଅକ୍ଷୟ ମହାନ୍ତି ମରିଗଲା ପରେ ମୋ'ର କଟକ ଯିବାର କିଛି ଅର୍ଥନାହିଁ। ହଁ, ଆହୁରି ଶୁଣ, ଯେଉଁ ସାନଭଉଣୀ ସେକ୍ସପିୟରଙ୍କ କଲେକ୍‌ଟେଡ୍ ୱାର୍କସର ପ୍ରଥମ ପୃଷ୍ଠା କାଳି ପକେଇ ନଷ୍ଟ କରିଦେଇଥିଲା, ତା'ର ଝିଅର ଝିଅ ଆମେରିକାରେ ଜନ୍ମ ହୋଇଛି। ତା ନାଁ ଆରିଆନା ।

ଏଥର ସେ ତା'ର ଧୀର ଆଉ ସ୍ୱଷ୍ଟଗଳାରେ, ମତେ ନ ଚାହିଁ, ତା' ନିଜ ବକ୍ତବ୍ୟ କହିଲା। 'ଆପଣ କ'ଣ କହୁଚନ୍ତି, ମୁଁ ଠିକ୍ ବୁଝିପାରୁନି। କଟକରେ, ଆମଘରେ ସବୁ ଠିକ୍‌ଠାକ୍ ଅଛି। ବାପଙ୍କର ଦୁଇଦୁଇଟା ନାଟକ ଥିଏଟରରେ ଚାଲିଚି। ବୋଉ ଅବଶ୍ୟ ଏପର୍ଯ୍ୟନ୍ତ ଦେଖିବାକୁ ଯାଇନି। ବାପାଙ୍କର ନାଟକରେ କମ୍ୟୁନିଷ୍ଟମାନଙ୍କ ପ୍ରତି ଭୟଙ୍କର ବିଦ୍ରୂପ ଅଛି। ମତେ କିନ୍ତୁ ସାମ୍ୟବାଦ ଭଲଲାଗେ। ମୁଁ ଏବେ 'କମ୍ୟୁନିଷ୍ଟ ମାନିଫେଷ୍ଟୋ' ପଢ଼ିଲି। ମାର୍କ୍ସଙ୍କ ଯୁକ୍ତିର କୌଣସି ପଟାନ୍ତର ନାହିଁ। ଦୁନିଆରେ ଏତେ ବୈଷମ୍ୟ, ଏତେ ଶ୍ରେଣୀ-ସଂଘର୍ଷ, ଜୀବନରେ ଏତେ ବିଷର୍ଣ୍ଣତା, ମୁଁ ବାରମ୍ବାର ଅସ୍ଥିର ହୋଇପଡୁଚି। ମୁଁ ବାପାଙ୍କୁ ପଚାରିଲି, ବାପା, ଆଜିକାଲି ସକାଳେ ନିଦଭାଙ୍ଗିଲେ ଏତେ ଛଟ୍‌ପଟ୍ କାହିଁକି ଲାଗୁଚି ? ସେ କହିଲେ, ତୁ ବଡ଼ ହୋଇଯାଉଚୁ । ଅକ୍ଷୟ ମହାନ୍ତି ଏବେ ଗୋଟିଏ ନୂଆ କୋରସ୍ କରୁଚନ୍ତି, "ଯୌବନ'। ମୁଁ ତା'ର ସ୍କ୍ରିପ୍ଟ ଲେଖୁଚି। କଟକ ଯେମିତି ସେମିତି ଅଛି। ଆପଣ କୋଉ ନଈପାଖରେ ଅଛନ୍ତି କେଜାଣି, ମୁଁ କିନ୍ତୁ କାଠଯୋଡ଼ି କୂଳରେ ଚାଲିଚି। ଯେଉଁ ନଈର ଆରକୂଳ ଦିଶେ, ସେ ନଈ ବହୁତ ସୁନ୍ଦର। ଏଇ ମୋ' ଘଣ୍ଟାକୁ ଦେଖୁଛି, ବର୍ତ୍ତମାନ ସାଢ଼େ ପାଞ୍ଚଟା ବାଜିଲାଣି। କେତେ ଶାନ୍ତ ଏଇ ନଈକୂଳର ସଂଧ୍ୟା ବେଳ।'

ଟେମ୍ସ ନଦୀ କେତେ ଜାଗାରେ କାଠଯୋଡ଼ିଠୁ ବି' ଅଳ୍ପ ଓସାର । ତା'ର ମଧ୍ୟ ଅନ୍ୟକୂଳ ଦିଶେ । ଏଠି କିନ୍ତୁ ବିଗ୍‌ବେନ୍‌ରେ ଦିନ ବାରଟା ବାଜିଲା। ଆମକୁ ଫେରିବାକୁ ହେବ। ଲଞ୍ଚର ସମୟ ହୋଇଆସୁଚି। ପଚାଶବର୍ଷର ବ୍ୟବଧାନ କିଛି କମ୍ ସମୟ ନୁହେଁ । ହୁଏତ ଆମେ ଏକାଲୋକ, ହୁଏତ ଆମେ ଜମଜ, କିନ୍ତୁ ପାଞ୍ଚଦଶକ ଭିତରେ କଥାବାର୍ତ୍ତାର, ବୁଝାମଣାର ଅନେକ ଯୋଗସୂତ୍ର ହଜିଯାଇଚି। ମୁଁ ତା'ର ହାତର ଘଣ୍ଟାକୁ ଆଉଥରେ ଚାହିଁଲି ଆଉ ଚିହ୍ନିପାରିଲି । ଏ'ଟା ଭାରତରେ ଏଚ୍‌ଏମ୍‌ଟି ତିଆରି ପ୍ରଥମ ବ୍ୟାଚ୍‌ର ଘଣ୍ଟା । ବାପା ନବେ ଟଙ୍କା ମନିଅର୍ଡର କରି ମୋ ପାଇଁ ମଗେଇଥିଲେ, ମୁଁ ବି.ଏ ପଢୁଥିଲାବେଳେ। ମୁଁ ତାକୁ କହିଲିନି ଯେ ଆଉ କିଛିବର୍ଷ ପରେ, ତା'ର ଏ ଘଣ୍ଟା ଦିଲ୍ଲୀର ଗୋଟିଏ ହୋଟେଲ୍ ଭିତରେ ଚୋରି ହୋଇଯିବ । ମୁଁ ତାକୁ ପଚାରିଲିନି ଯେ ରେଡ଼ିଓରେ 'ଏକ ଅଙ୍ଗେ ଏତେରୂପ' ଗୀତଟା ସେ କାହାପାଇଁ ଲେଖିଥିଲା ? କାହାପାଇଁ ସେ ଗ୍ରୀଷ୍ମଛୁଟିର ବନ୍ଦ୍ ଆଉ ଫାଙ୍କା କଲେଜ ବାରନ୍ଦାରେ ଏକା ଏକା ବୁଲେ, କାହାକୁ ସେସନ୍ ଡାଏଲ୍ ପାଖରେ ଖୋଜେ, କାହାକୁ ସେ କନିକା ଲାଇବ୍ରେରୀର ବହି ଭିତରେ ପାଇବାକୁ ଚେଷ୍ଟା କରେ। ମୁଁ ଜାଣିଚି, ଖୁବ୍ ଚଞ୍ଚଳ ତା'ର ଅନେକ ସ୍ୱପ୍ନ ଭାଙ୍ଗିଯିବ। ମୁଁ କେବଳ ତାକୁ ସସ୍ନେହ ଦୃଷ୍ଟିରେ ଚାହିଁଲି ।

ବେଶ୍ କିଛି ସମୟ ଆମେ ଚୁପ୍‌ଚାପ୍ ଚାଲୁଥିଲୁ। ସେ ମୋ' ପାଖରେ ଥିଲା, କିନ୍ତୁ ବେଳେବେଳେ କେତେ ସେକେଣ୍ଡ୍ ପାଇଁ ମୋ ଆଖି ଆଗରୁ ଉଭାନ୍ ହୋଇ ଯାଉଥିଲା। ଯେମିତି ଶତ୍ରୁ ଦୃଷ୍ଟିପଥରୁ, ଜେମ୍‌ସ ବଣ୍ଡ ସିନେମାରେ, ୦୦୭ ଚଳାଉଥିବା ଶକ୍ତିଶାଳୀ ଆଷ୍ଟନ୍‌ମାର୍ଟିନ୍ ଗାଡ଼ି ସିଲ୍‌ଭର ଘୋଷ୍ଟପରି ଅଦୃଶ୍ୟ ହୋଇଯାଏ। ଫେରିଲା ରାସ୍ତାରେ ସେ ତା'ର ନିଜ ଲେଖାଲେଖି ବିଷୟରେ ସ୍ୱତଃପ୍ରବୃତ୍ତ ହୋଇ କହିଲା, "ମୁଁ ଏ ବର୍ଷ ସବୁଠୁ ବେଶି କବିତା ଲେଖିଚି। ପ୍ରାୟ ପ୍ରତିଦିନ କିଛି ନା କିଛି । ମୋର ଗୋଟିଏ ବହି ହୋଇଯିବ। 'ମୁଁ ତା'ର ଉଦ୍ଦୀପନା ବୁଝିପାରିଲି। ମୋର ପାବ୍ଲୋନେରୁଦା ମନେପଡ଼ିଲେ। ସେ ବର୍ତ୍ତମାନ ସେହି ବୟସରେ ପହଞ୍ଚିଛି, ଯେତେବେଳେ କବିତା ଜଣକୁ ଖୋଜିଖୋଜି ଆସେ। ଆଉ ମନ ଯେତେବେଳେ କାରଣ ହୀନ ବିଷାଦରେ ଭରିଯାଏ, କବିତା ସେତେବେଳେ ପାଖ ଟେବୁଲରେ ବସେ। 'ବହି ଛପେଇଲେ ନାଁ କ'ଣ ଦେବ ?' ମୁଁ ପଚାରିଲି। 'ନୀଳ ସରସ୍ୱତୀ' ସେ ଫଟ୍ କରି କହିଲା, "ଅନେକ ଦିନରୁ ଠିକ୍‌କରି ରଖିଚି, ଯଦିଓ ତା'ର ସଠିକ୍ ଅର୍ଥ ଜାଣିନି।' ମୁଁ ତାକୁ କହି ପାରିଲିନି ଯେ ତା' ବହି ବାହାରିବାକୁ ଆଉ ଅନେକ ବର୍ଷ ଡେରିହେବ। ଅନେକ ଅଗଭୀର ସମ୍ପର୍କ ଆଉ ଅନ୍ୟମନସ୍କତା ତାକୁ ଏତେ ବେଶି ବାଣ୍ଟିଦେବ ଯେ ତା'ର ନିଜକୁ ଖୋଜିପାଇବା କଷ୍ଟ ହେବ। ଆଉ ଯେତେବେଳେ ସେ ବହି ବାହାରିବ, ଏଇ ପ୍ରଫୁଲ୍ଲ ମହାନ୍ତିଙ୍କ ହାତ ତିଆରି ଏକ ନୀଳ ବଳୟର ଚିତ୍ରପଟ, ଯାହା ତଳେ ସେ ଆଜି ବସି ବହି ପଢୁଥିଲା, ତା'ର ପ୍ରଚ୍ଛଦ ହେବ । ଏଥର ସେ ମୋ ଲେଖାଲେଖି ବିଷୟରେ ପଚାରିଲା। ମୁଁ କେମିତି ତାକୁ ବୁଝେଇଥାନ୍ତି ଯେ ଏମିତି ବୟସ ଆସେ, ଯେତେବେଳେ କବି ତାକୁ ଯେତେ ଖୋଜିଲେ, ଯେତେ ଅନୁନୟ କଲେବି ସେ ଆଉ ଆସେନି । ଯାହାବି ଲେଖିଲେ, ଯାହା ଲେଖିଥିଲି, କେବଳ ତା'ରି ପୁନରାବୃତ୍ତି ହୁଏ। ମୁଁ କିଛି ନକହି କେବଳ ଗୋଟିଏ କବିତାର ଆବୃତ୍ତି କଲି ।

ମୁଁ ସିଏ, ଯିଏ ଜାଣେ ତା' ଆତ୍ମବଡ଼ିମା

ତିଳେମାତ୍ର ଊଣା ନୁହେଁ
ଦର୍ପଣ ଭିତରେ ତା'ର ପ୍ରତିବିମ୍ବଠାରୁ
ଯିଏ କାଚ ଆଉ ସ୍ୱଚ୍ଛତା ଭିତରେ
ଖୋଜୁଥାଏ ଦୋସରର ପ୍ରତିକୃତି

ମୁଁ ସିଏ, ହେ ମୋ'ର ନୀରବ ବନ୍ଧୁଗଣ,

ଯିଏ ଜାଣେ, ନା ହିଂସା ନା କ୍ଷମା
କେହି ବେଶି ଶକ୍ତିଶାଳୀ ନୁହେଁ
ବିସ୍ମୃତି ଅପେକ୍ଷା
ଈଶ୍ୱର ପ୍ରଦତ୍ତ ଏଇ ଗୋଟିଏ ନିଷ୍କୃତି
ମଣିଷର ସକଳ ଘୃଣାର
ମୋର ଏତେ ଆଶ୍ଚର୍ଯ୍ୟ ଭ୍ରମଣ ସତ୍ତ୍ୱେ
ମୁଁ ସିଏ, ଯେ କରିନିଅ ନବଗୁମ୍ଫିତ
ସମୟର ଅନ୍ତର୍ଗଳି, ଏକକ, ବିବିଧ
ଅନ୍ତର୍ଦଟ ଓ ଅଦ୍ଭୁତ, ନିଜର ଅନ୍ୟର
ମୁଁ ସତରେ କେହି ନୁହେଁ
ମୁଁ କେବେ କରିନି ନିଜେ ଉତ୍ତୋଳନ
ତରବାରୀ କୌଣସି ଯୁଦ୍ଧରେ
ମୁଁ କେବଳ ପ୍ରତିଧ୍ୱନି
ଫାଙ୍କା, ଅକୃତ୍ରିମ

'ଆପଣ ଲେଖିଚନ୍ତି ?' ସେ ମୋ ଆଡ଼କୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲା । ଏକ ନୂଆ ସମ୍ମାନର ବ୍ୟଞ୍ଜନା ତା' ଆଖିରେ। 'ନା, ମୁଁ କେବଳ ଅନୁବାଦ କରିଚି।' 'କାହାର କବିତା ?' ତା'ଗଳାରେ ବ୍ୟସ୍ତ କୌତୂହଳ। 'ଜୋରେଲୁଇ ବୋର୍ହେସ୍'। 'ଓଃ, ଇୟେସ୍, ସେ ଏ ଆବିଷ୍କାରରେ ଯେମିତି ନାଚିଉଠିଲା। 'ମତେ ସେମିତି ଲାଗୁଥିଲା । ମୁଁ ବୋର୍ହେସ୍ଙ୍କର ବଡ଼ ଭକ୍ତ । ମତେ ତାଙ୍କ କବିତା, ଗଦ୍ୟ, ପ୍ରବନ୍ଧ, ସବୁ ଭଲ ଲାଗେ । ବଡ଼ ଶକ୍ତିଶାଳୀ ଲେଖକ। ସେ ଶେଷ ଜୀବନକୁ ଅନ୍ଧ ହୋଇ ଯାଇଥିଲେ ନା ?', "ହଁ, ମିଲ୍‌ଟନ୍‌ଙ୍କ ପରି', ମୁଁ କହିଲି 'ବୋର୍‌ହୋସ୍‌ଙ୍କ ଦୃଷ୍ଟି କ୍ରମଶଃ କ୍ଷୀଣ ହୋଇଗଲା, ଯେମିତି ଆସ୍ତେଆସ୍ତେ ସଂଧ୍ୟା ଆସେ ।' ଆମେ ଦୁଇଜଣ ପୁଣି ଚୁପ୍ ହୋଇଗଲୁ ବାକିଟା ରାସ୍ତା । ସବାଶେଷରେ ଜଣେ କବିର କବିତା ହିଁ ଆମକୁ ଏକାଠି କରିଦେଲା ।

ଘର ଭିତରେ ପଶିଲା ମାତ୍ରେ, ବେସ୍‌ମେଣ୍ଟ୍‌ର ଅନୁଚ୍ଚ କୋଳାହଳ ଶିଡ଼ି ପର୍ଯ୍ୟନ୍ତ ଭାସିଆସିଲା। ଲଞ୍ଚ୍ ନିଶ୍ଚୟ ଆରମ୍ଭ ହୋଇ ଯାଇଥିଲା । 'ଚାଲ, ଆମେ ଟିକେ ରୁମ୍‌ରୁ ଫ୍ରେସ୍ ହୋଇ ଆସିବା,' ମୁଁ କହିଲି। ଆମେ ଦୁଇଜଣ ଏକାଠି ଶିଡ଼ି ଚଢ଼ିଲୁ । ଲ୍ୟାଣ୍ଡିଂର ଦର୍ପଣ ପାଖରେ ମୋର ନାର୍ସିସସ୍ ଅଭ୍ୟାସ ଅନୁଯାୟୀ ମୁଁ ମତେ ଚାହିଁଲି। କିନ୍ତୁ ସେଠି ମୋର ପ୍ରତିବିମ୍ବ ନଥିଲା। ଥିଲା ଦର୍ପଣ ଭିତରେ କ୍ଷିପ୍ର ଗତିରେ ତା'ର ଅଭ୍ୟନ୍ତରକୁ ଚାଲିଯାଉଥିବା ସେଇ ଯୁବକର ପଶ୍ଚାତ୍‌ଦେଶ । ସେଇ କାସାବିଏଙ୍କାର ପରିଧାନ। କହୁଣୀ ପାଖରେ ମୋଟା ଧଳା ସାର୍ଟ ଆଉ କଳା ଟ୍ରାଉଜର୍ । ମଧ୍ୟାହ୍ନର ଖରା ଆଉ ଆଲୁଅର ପ୍ରତିଫଳନ ଭିତରେ ସେ ଜଳୁଥିଲା, ଗୋଟିଏ ନିଆଁ ଲାଗିଥିବା ଜାହାଜ ପରି ।

ସୌଜନ୍ୟ :
ରମାକୁ ମାରିବାର ପାଞ୍ଚଟି ଉପାୟ
(ପ୍ରକାଶକ : ଟାଇମ୍ ପାସ)

❖


ସେକ୍ଟର - ୧୧ ଆବାସିକ ସଂଘ

SECTOR-11 RESIDENTS' ASSOCIATION

SECTOR-11 ABASIKA SANGHA

PLOT NO- 2D/ 318, SECTOR-11, CDA, CUTTACK-753015, DIST-CUTTACK
sector11abasikasangha@gmail.com
Regd.No. 19265/75 of 2023-24 Under Societies Registration Act 1860

ପ୍ରଫେସର ଅକ୍ଷୟ ଦାସ
ସଭାପତି

ମହମ୍ମଦ ଇନାମୁଲ ହକ୍
ଉପସଭାପତି

ସରୋଜ ମିଶ୍ର
ଉପସଭାପତି

ଗୌତମ ସିଦ୍ଦିକ୍
ସାଧାରଣ ସମ୍ପାଦକ

ପ୍ରଣବ ଅଖଣ୍ଡ
ସାଂସ୍କୃତିକ ସମ୍ପାଦକ

ଅଶୋକ ପଣ୍ଡା
ସାଙ୍ଗଠନିକ ସମ୍ପାଦକ

କୁମାର ରାଜମନ୍ୟୁ
ସହ ସମ୍ପାଦକ

ପ୍ରଫେସର ସରୋଜ କୁମାର ପଣ୍ଡା
ଯୁଗ୍ମ ସମ୍ପାଦକ

ରାଜକିଶୋର ଦାଶ
କୋଷାଧ୍ୟକ୍ଷ

ବି.ରଞ୍ଜନ ପାତ୍ର
ଯୁଗ୍ମ ସମ୍ପାଦକ

ପ୍ରଫେସର ଡ଼ଃ ଧିରେନ କୁମାର ଦଳେଇ
ଆବାହକ

କାର୍ଯ୍ୟକାରିଣୀ କମିଟି ସଦସ୍ୟ

ନିରଞ୍ଜନ ମହାନ୍ତି, ଶଶୀଶେଖର ସାମନ୍ତ, ଜନାର୍ଦ୍ଦନ ବଳ, ପ୍ରଫେସର ସମରେନ୍ଦ୍ର ଦେଓ, ବନମାଳୀ ବିଶୋଇ, ନରହରି ମିଶ୍ର, ଶାନ୍ତନୁ କୁମାର ଦେ, ଗଜେନ୍ଦ୍ର ଦାଶ, ପ୍ରଶାନ୍ତ କୁମାର ଦାସ, ରଞ୍ଜନ କୁମାର ଦତ୍ତ, ଶ୍ରୀମତୀ ଲିଲି ପରିଡ଼ା, ଇଂ ମନୋରଞ୍ଜନ ମହାନ୍ତି, ମୃତ୍ୟୁଞ୍ଜୟ ମଲ୍ଲିକ, ଜୟନ୍ତ ସାହୁ, ଶ୍ରୀମତୀ ଛବି ରାଉତ, ରେବତୀ ମହାନ୍ତି, ଦୋଳ ଗୋବିନ୍ଦ ଜେନା, ଶିବଶଙ୍କର ମିଶ୍ର, ପ୍ରଫେସର ଦୀପକ କୁମାର ମହାନ୍ତି. ପବିତ୍ର ମୋହନ ରଣା

ଉପଦେଷ୍ଟା ମଣ୍ଡଳୀ

ଜଗବନ୍ଧୁ ମିଶ୍ର, ଚିତ୍ତରଞ୍ଜନ ମହାନ୍ତି, କୈଳାଶ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, କିଶୋର ଚନ୍ଦ୍ର ଶତପଥି, ଜଗବନ୍ଧୁ ସାହୁ



# ଗଙ୍ଗଶିଉଳି

ବନଜ ଦେବୀ

**ବା**ବୁ ଆଜି ସେହି ଉପବାସୀ ବନ୍ଧୁଟି କଥା କହେଁ ।

ଯାହାର ଉପବାସଟିର ନିଷ୍ଠା ସକାଳର ସୂର୍ଯ୍ୟକିରଣ ପରି ଝଲମଲ, ଯାହାର ଦାରିଦ୍ର୍ୟ ଟିକକ ସନ୍ଧ୍ୟା ଦୀପର ପବିତ୍ରତାରେ ଉଜ୍ଜ୍ୱଳ, ଯାହାର ଅଭାବ ଏକ ଅନବଦ୍ୟ ଭାବର ଐଶ୍ୱର୍ଯ୍ୟରେ ଭରପୂର; ତାକୁ ସ୍ମରଣ କଲା ମାତ୍ରେ ହିଁ ମୁଁ ଅଭିଭୂତ ହୋଇଯାଏ । ମୋର ସମଗ୍ର ସତ୍ତାରେ ଯେମିତି ଛାଇଯାଏ ଏକ କମନୀୟ ଶରତ ଋତୁ । ଏକ ଅଶିଣ ମାସ । ସଜଫୁଟା ସକାଳ କଅଁଳ କଅଁଳ ଖରାରେ ଥିରିଥିରି ପବନରେ ମୁଁ ଯେମିତି ନିଜକୁ ଖୋଜି ପାଏ ନାହିଁ ।

ଆଜି ଏଇ ବିଚିତ୍ର ଉପଲବ୍ଧିର ଚିତ୍ର ସବୁ ମନ ଭିତରେ ଉକୁଟି ଉଠିଲେ ମୁଁ ବିସ୍ମୟରେ ଅବାକ ହୋଇପଡ଼େ । ମୋର ନିଜତ୍ୱ ଉପରେ ମୋର ଘୋର ସନ୍ଦେହ ହୁଏ । ମୋର ତେଲ ଚିକିଟା ହୃଦୟର ସଚେତନତା ଉପରେ ଦାରୁଣ ଅବିଶ୍ୱାସ୍ୟ ଆରୋପ କରେ । ନିଜକୁ ଉଖାରି ଉଖାରି ଦେଖିବାକୁ ଭାରି ଇଚ୍ଛାହୁଏ । ମୁଁ ମୋର ଦର୍ପଣଟିକୁ ଘୂରାଇ ଘୂରାଇ (ଯେହେତୁ ମୋର ଡ୍ରେସିଂ ଟେବୁଲ ନାହିଁ) ନିଜକୁ ଦେଖେ । କେଉଁଠି ମୋର ପରିବର୍ତ୍ତନ ? ମୁଁ ତ ସେଇ..... ସେଇ ନୀଳାମ୍ବର ସୁବୁଦ୍ଧି । ଟିକିଏ ବୟସ ହେଇଯାଇଛି ଯାହା; ଆଉ ତ କିଛିନାହିଁ । ତେଲ ବେଉସା ମୋର କୁଳ ବେଉସା । ଆମ କୁଳରେ ଏତେ ପାଠ ପଢ଼ିଲେ ମଧ୍ୟ କୁଳ ଧର୍ମକୁ ମୁଁ ଛାଡ଼ି ପାରିନାହିଁ । ସକାଳୁ ରାତି ଅଧଯାଏ (ଏପରିକି ସ୍ୱପ୍ନରେ ମଧ୍ୟ) ତେଲ ଉତ୍ପାଦନ, ବଣ୍ଟନ ଓ ସଂରକ୍ଷଣ ବିଷୟରେ ମୋର ଚିନ୍ତାଧାରା ଭାରାକ୍ରାନ୍ତ ହୋଇ ରହିଥାଏ । ମୋର ଅଭାବ ଏତେ ବେଶୀ ଯେ ମାସକୁ ମାସ ବ୍ୟାଙ୍କ ଆକାଉଣ୍ଟ୍ ବଢ଼ି ଚାଲିଲେ ମଧ୍ୟ ସେ ଅଭାବ ମେଣ୍ଟେ ନାହିଁ । ସେଇ ବ୍ୟାପକ ଅଭାବ ମଧ୍ୟରେ 'ଭାବ' ପରି ଦୁର୍ଲ୍ଲଭ ଜିନିଷ ପାଇବି କୁଆଡୁ ? ବେଗବାନ୍ ମୁହୂର୍ତ୍ତଗୁଡ଼ାକର ତାଡ଼ନାରେ ଆଗକୁ ଆଗକୁ ଧାଇଁ ଚାଲିବାହିଁ ତ ମୋର ଜୀବନ ଧର୍ମ । ଆବେଗ ମୁହୂର୍ତ୍ତର ବଳୟ ମଧ୍ୟରେ ସ୍ଥିର ହୋଇ ରହିବାର ଜଡ଼ତା ଓ ସୁବିନ୍ୟସ୍ତତା ମୋର କାହିଁ ? ମୁଁ ତ ସେଇ ନୀଳାମ୍ବର ସୁବୁଦ୍ଧି । କୃପଣଭାବେ ମୋର ଭାରି ନାଁ ଡାକ । ସାଇ ପିଲାଏ ମୋତେ ତେଲଚିକିଟା କୁମୁଟି ବୋଲି ଡାକନ୍ତି । ସେଇ ତ' ମୁଁ । ମୋର ସେହିଦିନ ରାତ୍ରିର ତୈଳାକ୍ତ ନିରନ୍ଧ୍ର ବୃତ୍ତମଧ୍ୟକୁ ଏଭଳି ଉପଲବ୍ଧିର ବିଚିତ୍ର ଭ୍ରମରଟିଏ ଗୁଣୁଗୁଣୁ ଗୁଞ୍ଜନର ସାହାନାଇ ତୋଳି ଅନୁପ୍ରବେଶ କଲା କିପରି ?

ମୁଁ ଆଚମ୍ବିତ ହୁଏ । ଉଲ୍ଲସିତ ହୁଏ । ନିଜ ଭିତରେ ଆଉ ଏକ ନୂଆ ମଣିଷର ସ୍ୱର ଶୁଣି ପୁଲକିତ ହୁଏ । ସେଇ କ'ଣ ଜୀବନର ସଙ୍ଗୀତ । ଯେଉଁ ବନ୍ଧୁ ନିଜର ଉପବାସ ଓ ଦାରିଦ୍ର୍ୟ ଦେଇ ମତେ ଏତେ ଭାବରେ ଭରପୂର କରେ, ମୁଁ ତାକୁ ସେଇଭାବରେ ବାନ୍ଧି ରଖେ ।

ଆଜି ତାର କଥା କହେଁ......

ପ୍ରେମାଂଶୁ ସହିତ ମୋର ବନ୍ଧୁତ୍ୱ ଜମା ଦିନ ଅଧିକର ନୁହେଁ । ନିମ୍ନପ୍ରାଥମିକରୁ

ଆମେ ଏକତ୍ର ପଢ଼ି ଆସିଥିଲୁ ଯେ କଲେଜର ଶେଷବର୍ଷ ପର୍ଯ୍ୟନ୍ତ । ପରେ ପରେ କର୍ମକ୍ଷେତ୍ର ପୃଥକ୍ ହେଲେ ମଧ୍ୟ ଗୋଟିଏ ସହରରେ ଅବସ୍ଥାନ କରୁଥିବାରୁ ସେ ବନ୍ଧୁତ୍ୱ ସଂପୂର୍ଣ୍ଣ ଥିଲା । ଆମେ ପରସ୍ପରକୁ ନ ଦେଖିଲେ ଅସ୍ୱସ୍ତି ଭୋଗ କରୁଥିଲୁ । ଅଥଚ ସେଇ ପିଲାଦିନୁ ଆମର ଚରିତ୍ରଗତ, ନୀତିଗତ, ଆଦର୍ଶଗତ ମେଳ ଆଦୌ ନଥିଲା । ତା'ସତ୍ତ୍ୱେ ବି ଆମେ ଦୁହେଁ ପରସ୍ପରକୁ ସୁଖ ପାଉଥିଲୁ ।

ପ୍ରେମାଂଶୁ ଥିଲା ଶାସନୀ ବ୍ରାହ୍ମଣ । ତା'ର ବାପା ଥିଲେ ବ୍ରିଟିଶ୍ ସରକାରଙ୍କ ରାୟବାହାଦୁର । ବାପାଙ୍କର ଏକମାତ୍ର ପୁଅ ଭାବେ ବିଶାଳ ସମ୍ପତ୍ତିର ଉତ୍ତରାଧିକାରୀ ଥିଲା ପ୍ରେମାଂଶୁ । ପ୍ରେମାଂଶୁର ପିଲାଦିନୁ ଅନେକ ଖିଆଲ ଥିଲା । ଚାକିରି ଜୀବନରେ ଏବେ ସେ ଖିଆଲ ସବୁ ଦୂର ହୋଇ ନଥିଲା । ବୟସ ବଢ଼ିବା ସତ୍ତ୍ୱେ ବି ସେ ଖୁସିବାସିଆ ହୋଇ ରହିଥିଲା । ବିଳାସବ୍ୟସନରେ, ମଉଜ ମଜଲିସ୍‌ରେ ଜୀବନ ବିତାଇବାକୁ ଯେତିକି ସୁଖ ପାଉଥିଲା, ସେତିକି ନିଜର ଆକ୍ଟିଭିଟିଜ୍‌ରେ ନିଜକୁ ବୁଡ଼ାଇ ରଖୁଥିଲା, କୋଳାହଳ ଥିଲା ତା'ର ଅତି ପ୍ରିୟ । ଅଭାବ ତ ନଥିଲା, ସାଙ୍ଗରେ ଥିଲା ସୁନ୍ଦରୀ ସ୍ତ୍ରୀ । ତାକୁ ଧରି ସେ ଖାଲି ପ୍ରଜାପତି ପରି ଠା'କୁ ଠା' ଉଡ଼ି ବୁଲୁଥିଲା ।

ପ୍ରେମାଂଶୁ ଠାରୁ ସବୁଥିରେ ମୁଁ ଥିଲି ଭିନ୍ନ । ପ୍ରେମାଂଶୁ ପଇସା ଉଡ଼ାଉଥିଲା, ମୁଁ କିନ୍ତୁ ପଇସାକୁ ଠିକ୍ ଚିହ୍ନିଥିଲି । ପଇସାକୁ ନ ଚିହ୍ନିଲେ ଜୀବନକୁ ଓ ଦୁନିଆକୁ ଚିହ୍ନି ହୁଏନା ବୋଲି ପିଲାଟି ଦିନୁ ମୋର ସ୍ପଷ୍ଟ ଧାରଣା ଥିଲା । ତେଣୁ ମୋ ବାପାଙ୍କର ତେଲ ପସରା ମୋ ହାତରେ ବର୍ଷ କେତେଟାରେ ସହରର ବଡ଼ ତେଲ ହୋଲ୍‌ସେଲର୍ ଭାବେ ଗଢ଼ି ଉଠିଥିଲା । ମୁଁ ବେଶ୍ ସୁସ୍ଥ, ସନ୍ତୁଷ୍ଟ ଓ ସୁଖୀ ଥିଲି । ନିଜକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ନିଷ୍ଠା ଓ ଏକାଗ୍ରତା ସହକାରେ ହଜାଇ ଦେଲେ, ନିଜର ଆଉ କ'ଣ ଦୁଃଖ ଥାଏ ? ତେଣୁ ମୁଁ ଖୁବ୍ ଖୁସୀ ଥିଲି । ଆଉ ଏଇଠି, ନ କହିଲେ, ନ ଚଳେ ଯେ ମତେ ତ ବେଶୀ ସୁଖୀ କରି ପାରିଥିଲା ମୋର ସ୍ତ୍ରୀ । ବିନା ଜାତକ ମେଳରେ, ଆମର ମନ ମିଳନ ଏପରି ଭାବରେ ହୋଇଥିଲା, ତା' ଦେଖି ଅନେକ ଆଶ୍ଚର୍ଯ୍ୟ ହୁଅନ୍ତି । ମୋଠାରୁ ସେ ବେଶୀ ମାତ୍ରାରେ ପଇସାକୁ ଚିହ୍ନିଥିଲା । ତା' ଦେଖି ଅନେକ ଆଶ୍ଚର୍ଯ୍ୟ ହୁଅନ୍ତି । ତେଣୁ ମୁଁ ତାକୁ ଚିହ୍ନି ପାରିଥିଲି । ସେ କେମିତି ବଡ଼ି, ଆଚାର କରି ଦୋକାନକୁ ପଠଉଥିଲା, ଅଳ୍ପ ପଇସାରେ ଘର ଚଳଉଥିଲା, ଏହାଛଡ଼ା ତା'ର କେଶ କେଡ଼େ ଦୀର୍ଘ ଓ କୁଞ୍ଚୁକୁଞ୍ଚିଆ, ତା'ର ମୁହଁଟି କେଡ଼େ ସୁଢ଼ଳ । ତା'ର ଓଠ ଦିଓଟି କିପରି ଗୋଲାପ ପାଖୁଡ଼ା ପରି, ଏକଥା ଦେଖିଲା ଭଳି ଫୁରୁସତ୍ ମୋର କେବେ ଦିନେ ହୋଇନାହିଁ ।

ପ୍ରେମାଂଶୁ ଓ ମୁଁ ଗୋଟିଏ ସହରରେ ଅବସ୍ଥାନ କଲେ ମଧ୍ୟ ଆମେ ଦୁହେଁ ପରସ୍ପରକୁ ପ୍ରତ୍ୟହ ଦେଖା ସାକ୍ଷାତ୍ କରିପାରୁ ନଥିଲୁ । ପ୍ରେମାଂଶୁ ସଦାବେଳେ ତା'ର ଖିଆଲ ନେଇ ବ୍ୟସ୍ତ ରହୁଥିଲା । କେଉଁଦିନ କ୍ରିକେଟ ମ୍ୟାଚ୍ ଦେଖିବାକୁ କଲିକତା ଯାଉଥିଲା ଓ କେବେ ସାହିତ୍ୟ ସମ୍ମିଳନୀ ପାଇଁ ଦିଲ୍ଲୀ ଯାଉଥିଲା । କେଉଁଦିନ ଜଳସା, କେଉଁଦିନ ନାଟକ, ଏଇମିତି କିଛି ନା କିଛି କାମ ସର୍ବଦା ତା' ହାତରେ ରହୁଥିଲା । ତା' ଛଡ଼ା ତା'ର ନିତ୍ୟ ନୈମିତିକ କ୍ଲବ୍ ଆସର ଯେଉଁଠି ମଦ ପିଇବା, ଗଞ୍ଜେଇ ଟାଣିବା ଇତ୍ୟାଦି ଇତ୍ୟାଦିରେ ସେ ସନ୍ଧ୍ୟାଟା କଟାଉଥିଲା । ତା' ସତ୍ତ୍ୱେ ବି ସେ ମୋ ଦୋକାନକୁ ଆସି ମୋ ସହ ସୁଖ ଦୁଃଖ ହେଉଥିଲା । ନ' ଆସିଲେ ଫୋନ୍ କରି ମୋର ଖବର ବୁଝୁଥିଲା । ମୁଁ କିନ୍ତୁ କେବେ ଦିନେ ତା' ପାଖକୁ ଯାଉନଥିଲି । ବ୍ୟବସାୟରେ ମୋର ନିଷ୍ଠା ଥିଲା; ତେଣୁ ମୁହୂର୍ତ୍ତେ ବି ମୁଁ କୁଆଡ଼େ ଯାଇପାରୁ ନଥିଲି । ପ୍ରତି ସନ୍ଧ୍ୟାରେ କେବଳ ରାମ ଚଣ୍ଡୀ ମନ୍ଦିର ଯାଇ ମୁଣ୍ଡିଆଟିଏ ମାରି ଆସିବା ବ୍ୟତୀତ ଅନ୍ୟ କୁଆଡ଼େ ମୋର ଯିବାର ପ୍ରୋଗ୍ରାମ ନଥିଲା । ମୁଁ ପ୍ରେମାଂଶୁକୁ ଭଲ ପାଉଥିଲି, ତା'ର ଅନେକ ବଦଗୁଣ ସତ୍ତ୍ୱେ । କିନ୍ତୁ ଦିନେ ବି ତା' ଘରକୁ ଯିବାପାଇଁ ସମୟ ମୁଁ ବାହାର କରିପାରୁ ନଥିଲି । ସେ ସର୍ବଦା ଅଭିମାନ କରୁଥିଲା । ଅଭିଯୋଗ ମଧ୍ୟ । ମୁଁ କଥାକୁ ହସରେ ଉଡ଼େଇ ଦଉଥିଲି ।

ଆମେ ଦୁଇବନ୍ଧୁ ପରସ୍ପର ଦୀର୍ଘଦିନ ଧରି ଘନିଷ୍ଠ ହେଇଥିଲେ ମଧ୍ୟ, ପରସ୍ପରର ପାରିବାରିକ ଜୀବନରେ, ଅପରିଚିତ ହିଁ

ଥିଲୁ । ମୁଁ ସମୟ କରି ନ ପାରି(ବ୍ୟବସାୟ କଲା ଦିନଠୁଁ) ପ୍ରେମାଂଶୁକୁ ନିଜ ଘରକୁ ଆଣିପାରି ନଥିଲି । ଦିନେ ଦିନେ ପ୍ରେମାଂଶୁ କହେ, ପାଞ୍ଚଟା ପିଲାର ବାପ ହେଲୁ; ଅଥଚ ଦିନେ ବି ଏକୋଇଶା କରି ଖାଇବାକୁ ଡାକିଲୁନି ? ମୁଁ ଏ କଥାରେ ହସେ । ସେ ମତେ ଡାକିଲେ ମୁଁ ବି କହେ ତୋ ପୁଅ ଏକୋଇଶାକୁ ଯିବି । ଯଦିଓ ମୁଁ ଜାଣିଥିଲି ଦଶବର୍ଷର ବିବାହିତ ଜୀବନରେ ପ୍ରେମାଂଶୁର ସନ୍ତାନ ନଥିଲା । ମୋ କଥାରେ ସେ ହସେ । କହେ ମିସେସ୍‌ଙ୍କୁ ନେଇ ଏବେ ବି ହନିମୁନ୍ ପାଇଁ ପ୍ରୋଗ୍ରାମ ମୋର ଶେଷ ହୋଇନି । ଆଜିଠୁଁ ସନ୍ତାନ ? ଦିନା କେତେ ଯାଉ.... ।

ପ୍ରେମାଂଶୁର ଏହିକଥାରେ ମୁଁ ଆଶ୍ଚର୍ଯ୍ୟ ହୁଏ ତା'ର ଅତ୍ୟାଧୁନିକ ସ୍ତ୍ରୀ କଥା ଭାବି । ଯିଏ ଖାଲି ମନଲୋଭା ରୂପଧରି, ପ୍ରଜାପତି ପରି ଉଡ଼ି ସ୍ୱାମୀଙ୍କ ସଙ୍ଗେ ଫୁର୍ତ୍ତି କରୁଛି, ମାଆ ହେବାର ଗୌରବ ପାଇଁ ଟିକେ ବି ତା'ର ଉତ୍କଣ୍ଠା ନାହିଁ ?

ସେଇ ପ୍ରେମାଂଶୁ ଅତ୍ୟାଧୁନିକ । ମଦ୍ୟପ । ତଥାପି ମୁଁ ତାକୁ ଅନ୍ତର ଦେଇ ଭଲ ପାଉଥିଲି । ସେଇ ମତେ ଉପବାସର, ଦାରିଦ୍ର୍ୟର ଏକ କାବ୍ୟ ଲୋକ ଉପହାର ଦେବ, ଏ କଥା କ'ଣ ମୁଁ କେବେ ଭାବିଥିଲି ?

ଦିନେ ସନ୍ଧ୍ୟାରେ ରାମଚଣ୍ଡୀ ମନ୍ଦିରରେ ପ୍ରଣାମ କରି ଉଠୁଚି, ପିଠିରେ ଜୋରରେ ଚାପଡ଼ା ଖାଇ ଚମକି ପଡ଼ିଲି । ବୁଲିପଡ଼ି ଦେଖେ ତ... ପ୍ରେମାଂଶୁ ଠିଆହୋଇ ହସୁଚି । ହାତରେ ଜଳିଜଳି ଶେଷ ହେଇ ଆସୁଚି ତା'ର ସିଗାରେଟ୍ । ମନ୍ଦିରରେ ବି ସେ ସିଗାରେଟ୍ ଖାଏ ।

ମୁଁ କହିଲି- କିରେ ଲଙ୍କାରେ ଆଜି ହରିଶଦ୍ଦ ! ଆଜି କ'ଣ ମଦଖଟି ବନ୍ଦ ନା କ'ଣ ?

ପ୍ରେମାଂଶୁ ହସି ଉଠିଲା । ତା'ର ପାର୍ଶ୍ୱବର୍ତ୍ତିନୀଙ୍କୁ ଇଙ୍ଗିତ କରି କହିଲା- ଦେଖୁନୁ, ମତେ କେମିତି ଜବରଦସ୍ତ ଟାଣି ଟାଣି ଆଣିଛନ୍ତି !

ପ୍ରେମାଂଶୁ ଇଙ୍ଗିତ କରିଥିବା ସେ ମହିଳାଙ୍କୁ ମୁଁ ଚାହିଁଲି । ମଠା ଶାଢ଼ୀ ପିନ୍ଧି ବଡ଼ ଏକ ସିନ୍ଦୂର ଟୋପା ନାଇ ସୁନ୍ଦରୀ ନାରୀଟିଏ ଫୁଲ ଡାଲା ଧରି ପ୍ରେମାଂଶୁ ପାଖରେ ଉପବିଷ୍ଟା ।

ମୋ ଆଖିରେ ବିସ୍ମୟର ପ୍ରଶ୍ନବାଚୀ ଦେଖି ହସି ହସି କହିଲା ପ୍ରେମାଂଶୁ- ଚିହ୍ନି ପାରୁନୁ ? ମୋ ମିସେସ୍- ନୀଳିମା, ଓରଫ ନୀଳ ଜ୍ୟୋସ୍ନା ଓରଫ ରାକା- । ତା'ପରେ ସ୍ତ୍ରୀକୁ ଚାହିଁ କହିଲା-ଇଏ ସେଇ କୁଖ୍ୟାତ କୃପଣ ।

ମୁଁ ନମସ୍କାର କରି ହସି ଉଠିଲି । ପ୍ରତି ନମସ୍କାର କରି ଭଦ୍ରମହିଳା ଯେମିତି ଈଷତ୍ ଲଜ୍ଜା ପାଇଲେ । ଆଉ ମୁଁ ଲକ୍ଷ୍ୟ କଲି ଲାଜଟା ତାଙ୍କୁ ଖୁବ୍ ମାନୁଛି ।

ମୋର ମନେ ପଡ଼ିଲା ପ୍ରେମାଂଶୁ କହୁଥିଲା- ବାହାଘର ପରେ ତା' ସ୍ତ୍ରୀ ନୀଳିମାକୁ ସୋହାଗରେ କେମିତି ନୀଳଜ୍ୟୋସ୍ନା ଡାକୁଥିଲା...... ସେଥିରେ ତୃପ୍ତି ନ ଆସିବାରୁ ପରେ ପରେ ରାକା ବୋଲି ଡାକିଲା । ଆଜିଯାଏଁ ଏହି ଡାକଟା ରହିଆସିଛି । ମୁଁ ଏଡ଼େ ଅରସିକ ତେଲଚିକିଟା ଯେ ସତେ ସେହିଦିନ ପ୍ରେମାଂଶକୁ ପଚାରି ପକାଇଥିଲି, ରାକା ମାନେ କ'ଣରେ ।

ମୁଁ କବି ନୁହେଁ; କି କବି ସୁଲଭ ଭାବପ୍ରବଣତା ମଧ ମୋର ନାହିଁ । ରାକାର ଅର୍ଥ ପ୍ରେମାଂଶୁ ପାଖରୁ ଜାଣି ମଧ ସେ ତା' ସ୍ତ୍ରୀକୁ କାହିଁକି ରାକା ବୋଲି ଡାକୁଛି ତା' ବି ମୁଁ ବୁଝି ପାରିନଥିଲି । କିନ୍ତୁ ଆଜି ସାମ୍ନାରେ, ହସହସ ମୁହଁରେ ଚାହିଁଥିବା ନାରୀଟିର, ସେଇ ଢଳଢଳ ଆଖି ଦୁଇଟିରେ ମୁଁ ଯେମିତି ଅବିଷ୍କାର କଲି । ସୁଦୂର ଅତୀତରେ ସମୁଦ୍ର ତୀରରେ ପରିପୂର୍ଣ୍ଣ ରାକା ଭିତରେ ଯେଉଁ ବେଦନାଭରା ଆନନ୍ଦ ପାଇଥିଲି.... ଏ ଯେମିତି ତାରି ସ୍ପର୍ଶ ।

ଆଖି ଦିଓଟି ଏତେ ସୁନ୍ଦର ହୋଇପାରେ, ମୁଁ ବିଶ୍ୱାସ କରିପାରୁ ନଥିଲି ।

ଜୀବନରେ କେବେହେଁ ଜଣେ ସ୍ତ୍ରୀ ଲୋକକୁ ଏଭଳି ସିଧାସଳଖ କାବା ହୋଇ ଚାହିଁ ରହି ନଥିଲି । ମୁଁ ଯେ ରାକାର ରୂପରେ ମୁଗ୍ଧ ହୋଇଥିଲି ଠିକ୍ ତା' ନୁହେଁ- ତା'ର ଆଖି ଦିଓଟିରେ କ'ଣ ଥିଲା କେଜାଣି ଯାହା ମୋର ମନ ଛୁଇଁଥିଲା । ମତେ ନିବିଡ଼ ଗଭୀର ଭାବେ ଆବିଷ୍ଟ କରୁଥିଲା । ମୁଁ ଗୋଟିଏ ଅପୂର୍ବ ଚିଜ ପାଉଥିଲି । ଆଜି ବି

ତା'ର ନାମକରଣ କରିବାପାଇଁ ବି ମୋ ପାଖେ ଶବ୍ଦ ନାହିଁ ।

ମୁଁ ସେଇ ଯେ ଚାହିଁ ରହିଲି ପ୍ରେମାଂଶୁର ସ୍ତ୍ରୀ ରାକା ଆଡ଼କୁ । ଆଉ ଆଖି ଫେରାଇ ପାରିଲି ନାହିଁ । ରାକା କେମିତି ଟାଙ୍ଗୁଡ଼ି ଭର୍ତ୍ତିକରି ଆଣିଥିବା ଫୁଲର ମାଳ ମା'ଙ୍କୁ ଦେଲା, ତା'ର ସେହି ନିବେଦନ ଭାବଟି, ଆଣ୍ଠୁମାଡ଼ି ପ୍ରାର୍ଥନା କରିବାର ମୁଦ୍ରାଟି, ସ୍ତବ୍ଧ ଚକିତ କରିଦେଲା ମୋତେ । ମୋ ନିଜର ଏହି ଆଶ୍ଚର୍ଯ୍ୟ ସ୍ୱଭାବରେ ଚକିତ ବି ହଉଥିଲି ମୁଁ ।

ପ୍ରେମାଂଶୁ ସେତେବେଳକୁ ଦୂରରେ ଠିଆହୋଇ, ଲକ୍ଷ୍ମୀ ଟକିଜ୍‌ରେ ଚାଲିଥିବା ସିନେମାର ଗୀତଟାକୁ, ସିଗାରେଟ୍ ଟାଣି ଟାଣି ଶୁଣୁଥିଲା ଓ କୋଡାରେ ତା'ର ତାଳ ଦେଉଥିଲା । ଠାକୁରାଣୀଙ୍କ ପାଖେ ରାକା କିପରି ପୂଜା କରୁଥିଲା ସେଥିପ୍ରତି ତା'ର ଲକ୍ଷ୍ୟ ନଥିଲା ।

ରାକା ପୂଜାସାରି ଉଠିଲା । ତା'ପରେ ମତେ ଚାହିଁ କହିଲା- ଆପଣଙ୍କ କଥା ସବୁବେଳେ ୟାଙ୍କଠୁ ଶୁଣେ । ଘରଆଡ଼େ ଆସନ୍ତି ନାହିଁ କାହିଁକି ? ଆପଣ ସତେ ବ୍ୟତିକ୍ରମ ।

ମୁଁ ଅଳ୍ପ ହସି କହିଲି- କୃପଣମାନେ ହିଁ ତ ବ୍ୟତିକ୍ରମ ହୋଇଥାନ୍ତି । ମୁଁ ଆଜି ଆପଣଙ୍କୁ ଦେଖି ଖୁସିହେଲି । ଏଠିକୁ ସବୁଦିନ ଆସନ୍ତି ?

ରାକା ଉତ୍ତରଦେବା ପୂର୍ବରୁ ପ୍ରେମାଂଶୁ ଚାଲି ଆସିଥିଲା । ରାକାକୁ ଚାହିଁ କହିଲା- କ'ଣ ପୂଜା ସରିଲା ତ ? ମୋର ଯେ ବେଳ ହୋଇଗଲାଣି । ଆସ ।

ରାକା ସିନ୍ଦୂର ଟିକେ ପ୍ରେମାଂଶୁର ବେକରେ ମାରି ଦେଇ ନିଜର କାଚରେ ମାରି, ସେତକ ମତେ ଦେଇ କହିଲା- ନିଅନ୍ତୁ ମା'ଙ୍କ ସିନ୍ଦୂର ଶ୍ରୀମତୀଙ୍କୁ ଦେବେ । ହେଇ.... ଭୋଗ ବି ନିଅନ୍ତୁ ।

ମୁଁ ହାତ ବଢ଼ାଇ ଭୋଗ ଓ ସିନ୍ଦୂର ଆଣିଲି । ପ୍ରେମାଂଶୁ କହିଲା- ମୋର ଖୁବ୍ ଡେରି ହୋଇଗଲାଣି । ମୁଁ ଯାଉଛି ନୀଲୁ । କାଲି ଦେଖାହେବ ।

ରାକା ଓ ପ୍ରେମାଂଶୁ ଯାଉଯାଉ ରାକା ପଛକୁ ଚାହିଁ କହିଲା.... ନୀଳାମ୍ବର ବାବୁ ଘରଆଡ଼େ ନିଶ୍ଚୟ ଆସିବେ । ପ୍ରେମାଂଶୁ ସ୍କୁଟରରେ ଷ୍ଟାର୍ଟ ଦେଲା । ରାକା ପଛଆଡ଼େ ବସି ଶାଢ଼ୀ ସଜାଡୁ ସଜାଡୁ ମତେ ପୁଣି ମନେ ପକାଇଲା ଆସିବେ, ଆସିବେ ।

ତାଙ୍କର ସେହି ଦ୍ରୁତଗତିକୁ ଚାହିଁ ଚାହିଁ ମୁଁ ଫେରିଲି ।

ଠିକ୍ ତା' ପରଦିନଠାରୁ ରାମଚଣ୍ଡୀ ମନ୍ଦିରରେ ଦୀପ ଓ ଫୁଲ କିଣିଲା ବେଳେ, ଅକାରଣେ ମୁଁ ଚାରିପାଖକୁ ଚାହୁଁଥିଲି । ମା'ଙ୍କୁ ନମସ୍କାର କଲାବେଳେ, ପଛରେ କେହି ଠିଆହୋଇ ରହିଲାଭଳିଆ ଯେମିତି ଚମକି ପଡୁଥିଲି । ମୋର ସେହି ସ୍ଥିର, ଅବିଚଳ, ମନୋବୃତ୍ତି ମଧ୍ୟରେ ଅସ୍ଥିରତା ଆରମ୍ଭ ହୋଇଯାଇଥିଲା ।

କିଛିଦିନ ପରେ ମୁଁ ଆବିଷ୍କାର କଲି ରାମଚଣ୍ଡୀ ମନ୍ଦିରରୁ ଦର୍ଶନ ସାରି ମୁଁ ସିଧାସଳଖ ମୋ ଦୋକାନକୁ ନ ଯାଇ ଆର୍ମଷ୍ଟ୍ରଙ୍ଗ ରୋଡ୍‌ରେ ଥିବା ପ୍ରେମାଂଶୁର କୋଠା ସାମ୍ନାରେ ଆସି ଠିଆହୋଇଛି ।

ସନ୍ଧ୍ୟା ଗଡ଼ି ଯାଇଥିଲା । ପ୍ରେମାଂଶୁର ଘର ସାରା ଆଲୋକର ଇନ୍ଦ୍ରଜାଲ ଭିତରେ ରେଡ଼ିଓ ବାଜୁଥିଲା । ପର୍ଦ୍ଦା ସବୁ ଉଡ଼ିଯାଉଥିଲା ପବନରେ । ରେଡ଼ିଓରେ ଗୀତ ଛଡ଼ା ଆଉ କିଛି ବି ଶୁଭୁ ନ ଥିଲା । ମୁଁ ଠିଆହୋଇ କିଛି ସମୟ ଚାହିଁଲି । ତାପରେ ସାଇକେଲ ଡେରିଦେଇ ସିଧାସଳଖ ପିଣ୍ଡାକୁ ଉଠି କଲିଂବେଲ୍ ନ ଟିପି ଡାକ ପକାଇଲି ପ୍ରେମା- ପ୍ରେମା..... ।

ପ୍ରେମାଂଶୁ କୁଆଡ଼େ ବାହାରିଥିଲା କି କ'ଣ ପୋଷାକରେ ଫିଟ୍‌ଫାଟ୍ ହୋଇଥିଲା । ଧାଇଁଆସି ମତେ କୁଣ୍ଢାଇ ପକାଇ କହିଲା- କି ଭାଗ୍ୟ । ତୁ କେମିତି ଆଜି ଏତେବେଳେ ? ପୁଣି ଏତେ ବର୍ଷ ପରେ । କ'ଣ ସବୁ ତେଲ କମ୍ପାନୀଗୁଡ଼ିକ ବନ୍ଦ ହେଇଗଲା ।

ମୁଁ ଜୋରରେ ହସି ଉଠିଲି । ପ୍ରେମାଂଶୁ ମତେ ବସାଇ ଦେଇ କହିଲା କ'ଣ ହେଲାରେ ନୀଲୁ ? କ'ଣ ଦରକାର ଥିଲା ? ସବୁ ଭଲ ତ ? କେମିତି ହଠାତ୍ ଆସିଲୁ ଯେ, ମୁଁ ଚମକି ଗଲି ।

ମୁଁ ହସି ହସି କହିଲି- ନାଃ ନାଃ ସବୁ ଭଲ । ମନ ହେଲା ଟିକେ ଚାଲି ଆସିଲି । ତୁ ବସ୍ ନାଁ ଆଜି ମନଭରି ଗପିବା ।

ପ୍ରେମାଂଶୁ ଡାକ ପକାଇଲା- ରାକା-

ଘର ଭିତରୁ ଛୁଟିଆସି ହଠାତ୍ ଅପ୍ରସ୍ତୁତ ହୋଇଗଲା ରାକା । ମୁଣ୍ଡରେ ଓଢ଼ଣା ନ' ଥିଲା । କେଶ ଫୁର ଫୁର ଉଡୁଥିଲା । ମତେ ଦେଖି ଓଢ଼ଣା ଟାଣି କହିଲା- ଆଜି କେମିତି ଆମେ ସବୁ ମନେ ପଡ଼ିଗଲୁ ? ମୁଁ ତ ସବୁଦିନେ ୟାଙ୍କୁ କୁହେ-

ପ୍ରେମାଂଶୁ ହସିଲା । ରାକାଆଡ଼େ ଚାହିଁ କହିଲା- ସତରେ ରାକା ସବୁବେଳେ ତତେ ଆସିବାକୁ କହେ । ମୋର ବନ୍ଧୁମାନଙ୍କ ତାଲିକାରେ ତୋର ନାମ ଉଲ୍ଲେଖଯୋଗ୍ୟ ଭାବେ ରହିଲେ ମଧ୍ୟ ତୁ ଯେ ଏ ଘରେ ହେଉଥିବା କୌଣସି ପାର୍ଟି, ଜଲସା ଓ ମଜଲିସ୍‌ରେ ଯୋଗ ଦେଉନା, ତୁ ଡ୍ରିଙ୍କ୍ କରୁନା, ସିନେମା ଦେଖୁନା, ଏଭଳି ଗୁଡ଼ିଏ କଥା ଶୁଣି ତୁ କିଭଳି ଜୀବଟିଏ ହେଇଥିବୁ, ଅନ୍ତତଃ କୌଣସି ଚିଡ଼ିଆଖାନାରେ ରହିଲାଭଳିଆ ଜୀବ କି ନାଁ, ସେଥିପାଇଁ ତତେ ଦେଖିବାକୁ ସେ ଡକାଏ ।

ପ୍ରେମାଂଶୁ ଓ ମୁଁ ଦୁହେଁ ହୋ ହୋ ହୋଇ ହସିଉଠିଲୁ । ଆମ ହସ ମଧ୍ୟରେ ରାକା ଲାଜେଇଯାଇ କହିଲା- କଣଗୁଡ଼ାଏ କହିଯାଉଛ ମିଛରେ ଏଣୁତେଣୁ । ନୀଳାମ୍ବରବାବୁ ! ଆପଣ ଜମା ତାଙ୍କ କଥା ଶୁଣିବେ ନାହିଁ । କେବଳ ଆପଣଙ୍କୁ ଯେ ଡାକେ, ଏଇ କଥାଟି ସତ, ଆଉ ସବୁ ମିଛ ।

ମୁଁ ରାକାକୁ ଚାହିଁ ହସି କହିଲି- ଆପଣ ଏଥିରେ ଲଜ୍ଜା ପାଉଛନ୍ତି କାହିଁକି ? ଆଜି ପରୀକ୍ଷା କରି ଦେଖନ୍ତୁ ନାଁ, ମୁଁ ଚିଡ଼ିଆଖାନାରେ ରହିଲା ଭଳିଆ ଜୀବ କି ନାଁ ।

ପ୍ରେମାଂଶୁ ହସିଲା- ରାକା କିନ୍ତୁ ଏଥର ଲାଜେଇ ଯାଇ ଉଠି ଚାଲିଗଲା । ଗଲାବେଳେ ତା'ର ସେହି ଅମୃତଭରା ଦୃଷ୍ଟିଟିକୁ ମୋରି ଆଖିରେ ହିଁ ଭରିଦେଇଗଲା ।

ମୁଁ ତା'ର ନୃତ୍ୟାୟିତ ଗତିକୁ ଦେଖୁଥିଲି । ତା'ର ସାମ୍ନାଠାରୁ ତା'ର ପ୍ରୋଫାଇଲ୍ ଆହୁରି ସୁନ୍ଦର ଦିଶୁଥିଲା । ପ୍ରେମାଂଶୁର ସୁସଜ୍ଜିତ ବୈଠକଖାନା, କାନ୍ଥରେ ଥିବା ନାନାବିଧ ଆର୍ଟ ସବୁ । ଏ ସବୁକୁ ଉପେକ୍ଷା କରି ମୁଁ ରାକାକୁ ହିଁ ଦେଖୁଥିଲି ।

ପ୍ରେମାଂଶୁ ବାରମ୍ବାର ଘଡ଼ି ଦେଖୁଥିଲା । ମୁଁ ତାକୁ କହିଲି- କୁଆଡ଼େ ଯିବାର ଅଛି ନାଁ କ'ଣ ? ମୁଁ ବୋଧେ ତତେ ଅସୁବିଧାରେ ପକାଇଲି ।

ପ୍ରେମାଂଶୁ କହିଲା- ନା, ନା, ଅସୁବିଧା କ'ଣ ? ତୁ ନ ହେଲେ ରାକା ସହିତ ଗପିବୁ । ସବୁଦିନେ ତ ଯାଏ, ନହେଲେ ଆଜି ଏକ ବିଶେଷ ଧରଣର କାର୍ଯ୍ୟକ୍ରମ ଅଛି । ଜଣେ ନର୍ତ୍ତକୀ ଆସିଛନ୍ତି ଆନ୍ଧ୍ରରୁ । ତାଙ୍କରି ନାଚ ଅଛି । ଆଉ ଖିଆପିଆଟା ତ ନିଶ୍ଚୟ ।

ପ୍ରେମାଂଶୁ ସେହି ନର୍ତ୍ତକୀର ନୃତ୍ୟ ବିବରଣୀ ଦଉଚି- ରାକା ଆସିଲା ହସି ହସି ଟ୍ରେ ଭର୍ତ୍ତି ଜଳଖିଆ ଧରି । ମୋ ସାମ୍ନାରେ ପ୍ଲେଟଗୁଡ଼ା ସଜାଡ଼ି ରଖି କହିଲା- ଆଜି ପ୍ରଥମ ଆସିଛନ୍ତି, ତେଣୁ ସବୁ ଖାଇବେ- ନଚେତ୍ ଶ୍ରୀମତୀଙ୍କ ରାଣ ଦେବି ।

ମୁଁ ରାକାକୁ ଚାହିଁ ହସି କହିଲି- "ଏଗୁଡ଼ା ଏତେ ଖାଇବି ? ତେବେ ନିଶ୍ଚୟ ଭାବୁଛନ୍ତି ମୁଁ ଚିଡ଼ିଆଖାନାରେ ରହିବା ଜୀବ ?"

ପ୍ରେମାଂଶୁ ହସିଲା- ରାକା ତାକୁ ଚାହିଁ କହିଲା, ତମେ ଗୋଟେ ମିଠା ନିଅନାଁ ।

ପ୍ରେମାଂଶୁ ଚେଆରଟିକୁ ପଛକୁ ପେଲିଦେଇ କହିଲା- ନା, ନା, ମୁଁ ଏତେବେଳେ କ'ଣ ଖାଏ ? ନୀଲୁ, ତୁ ସବୁ ଖାଇବୁ । ମୋ ପାଇଁ ବି ।

ରାକା ବସିଲା ମୋ ସାମ୍ନାରେ ନିଃସଙ୍କୋଚରେ । ମତେ ବଳେଇ ବଳେଇ ଖୁଆଇବାକୁ ଲାଗିଲା । ମୁଁ ଦେଖୁଥିଲି ତା' ମୁହଁକୁ । ଗୋରା ମୁହଁଟା ଆନନ୍ଦର ଔଜ୍ଜଲ୍ୟରେ ଝଲମଲ, ଆଖି ଦିଓଟି ଦପ୍ ଦପ୍ ହେଉଥିଲା ଏକ ଅବ୍ୟକ୍ତ ଉଲ୍ଲାସରେ । ବାହାଘରର ଦଶବର୍ଷ ପରେ ବି ଯୌବନ ଓ ସ୍ୱାସ୍ଥ୍ୟ ଅତୁଟ ଅଛି । ରାକାର ସାରା ଦେହରେ ଯେମିତି କୁଳୁକୁଳୁ ଝରଣା ।

ପ୍ରେମାଂଶୁ କହିଲା- ନୀଲୁ, ଆଜି ଚାଲ ନା ମୋ ସାଙ୍ଗେ । ଗୋଟାଏ ଦିନ ହେଲେ ଟିକେ ବୁଲିଆସିବୁ । ଚାଲ ନାଁ । ଆମେ ସମସ୍ତେ ତତେ ଆଶାକରୁ ।

"ମୁଁ ଖାଉ ଖାଉ ମୁହଁଟେକି ଚାହିଁଲି ପ୍ରେମାଂଶକୁ- ଥରେ ରାକାକୁ, ତା'ପରେ କହିଲି, ଦେଖ୍ ପ୍ରେମା, ମୁଁ ଏତେ ନିଃସ୍ୱ ନୁହେଁ, ଏତେ ଶୂନ୍ୟ ବି ନୁହେଁ ଯେ ବାହାର ଦୁନିଆରୁ ରଙ୍ଗ ସାଉଁଟିବାକୁ ଯିବି । ବାହାରର ଏହି କୋଳାହଳରେ ସ୍ନାୟୁ ଉତ୍ତେଜନା ମିଳେ । ପ୍ରକୃତ ଶାନ୍ତି ମିଳେ କି ?"

ପ୍ରେମାଂଶୁ ହସିଉଠି କହିଲା- "ଆବେ ରଖ ତୋ ଦର୍ଶନ । ସମୟ ନାହିଁ ତୋ ଦର୍ଶନ ଶୁଣିବାକୁ । ଆଉ ଦିନକୁ ରହିଲା- ମୁଁ ଏଥର ଉଠେ-" ପ୍ରେମାଂଶୁ ଉଠିଯାଇ ଟେବୁଲ୍‌ରୁ ଗୁଡ଼ାଏ ବିଦେଶୀ ପାନୀୟର ବୋତଲ ସବୁ ଗୋଟିଏ ଚମଡ଼ା ବ୍ୟାଗ୍‌ରେ ଭର୍ତ୍ତିକଲା ।

ମୁଁ କହିଲି- "ଆଜି ରାତିରେ ଏସବୁ ଗୁଡ଼ା ଶେଷ କରିଦେବ ! କ'ଣ ଯେ ଏଥିରୁ ସବୁ ପାଉଛ ? ପ୍ରେମାଂଶୁ ଯାଉ ଯାଉ କହିଲା- "ତୁ ଶଳା କ'ଣ ବୁଝିବୁ । ନିଜକୁ ଭୁଲିବାରେ ଯେଉଁ ଆନନ୍ଦ.... ।"

"ନିଜକୁ ଭୁଲିବାରେ..... ? କାହିଁକିରେ ?" ମୁଁ ପ୍ରଶ୍ନ କଲି । ନିଜକୁ ଭୁଲିବାରେ ଏ ଆକୁଳ ପ୍ରୟାସ କାହିଁକି ? ନିଜର ଏମିତି କ'ଣ ଭୟଙ୍କର ରୂପ ଅଛି, ଯାହାକୁ ସହିଲା ଭଳିଆ ଛାତି ନାହିଁ ? ସୁଧାରିଲା ଭଳିଆ ବାଟ ନାହିଁ ? ମଣିଷ ତା'ର ମଣିଷତ୍ୱକୁ ଭୁଲିଯିବାକୁ ଚାହିଁଲେ ଆଉ ରହେ କ'ଣ ? ନିଜକୁ ନ ଚିହ୍ନି, ଭୁଲିଯିବାଟା କେତେବଡ଼ ଆତ୍ମ ପ୍ରବଂଚନା ? ତମେ ସବୁଗୁଡ଼ା ଆତ୍ମ ପ୍ରବଞ୍ଚକର ଦଳ ।"

ରାକା ଏକା ଆଖିରେ ମତେ ଚାହିଁଥିଲା । ପ୍ରେମାଂଶୁ କହିଲା- "ତୋ ସାଙ୍ଗେ ଯୁକ୍ତି କରିବାରେ ବେଳ ନାଇଁ । ମୁଁ ଯାଉଚି କାଲି ଦେଖା ହେବ ।"

ତାପରେ ରାକାକୁ ଚାହିଁ କହିଲା- "ନୀଲୁ ପାନ ଖାଏ, ତାକୁ ପାନ ଦବ ।"

ପ୍ରେମାଂଶୁ ଚାଲିଗଲା । ସ୍କୁଟର ଷ୍ଟାର୍ଟ ହେବାର ଶବ୍ଦ ହେଲା । ଚାଲିଯିବାର ମଧ୍ୟ । ପ୍ରେମାଂଶୁ ଚାଲିଗଲା ପରେ ଆମେ ଦୁହେଁ ବସିଥିଲୁ ସାମ୍ନାସାମ୍ନି ।

ମୁଁ ଖାଇ ସାରିଥିଲି । ହଠାତ୍ ଉଠି ଠିଆହେଲି, କହିଲି- "ମୁଁ ଏଥର ଯାଏଁ- ଆଉ କେବେ ଆସିବି ।"

ରାକା ବ୍ୟସ୍ତହୋଇ କହି ଉଠିଲା- ନା, ନା, ଏତେ ଶୀଘ୍ର ଯାଇପାରିବେନି, ବସନ୍ତୁ ନାଁ । ଖୁବ୍ ଭଲ ଲାଗୁଛି ଶୁଣିବାକୁ । ଆପଣ ଯେ ବ୍ୟତିକ୍ରମ ସତରେ । ଆପଣ ଏଇଯୁଗର ଲୋକ, କିନ୍ତୁ ଆପଣଙ୍କର ଯନ୍ତ୍ରଣା ନାହିଁ ।

ମୁଁ ରାକାକୁ ସ୍ପଷ୍ଟ ଚାହିଁ କହିଲି- "ଓଃ, ସେଇ ବହୁ ପ୍ରଚଳିତ ଯୁଗଯନ୍ତ୍ରଣା କଥା କହୁଛ ପରା ? ସେ ଶବ୍ଦଟା ଆଜିକାଲି ସର୍ବତ୍ର ଚରିଯାଇଛି । ଯନ୍ତ୍ରଣା ଭଲା କାହାର ନାହିଁ ? ସବୁ ଯୁଗରେ ତତ୍‌କାଳୀନ ସମସ୍ୟାକୁ କେନ୍ଦ୍ରକରି ଯନ୍ତ୍ରଣା ଥିଲା, ତା'ର ମୁହାଁମୁହିଁ ହେବାର, ସହ୍ୟ କରିବାର ଶକ୍ତି ବି ଥିଲା । ଆଜିକାଲିର ମଣିଷ ନିଜକୁ ଏତେ ଅସହାୟ, ଏତେ ଦୁର୍ବଳ ଭାବେ ଯେ ଟିକେକଥାରେ ଭାଙ୍ଗିପଡ଼ି, ଯୁଗର ଦୋଷ ଦିଏ । ଆଜିର ମଣିଷକୁ କ୍ଲୀବତ୍ୱ ଗ୍ରାସି ଯାଉଚି । ସେଥିପାଇଁ ବାହାର ଦୁନିଆରୁ ଉତ୍ତେଜନା ସାଉଁଟିବାରେ ସେ ବ୍ୟସ୍ତ । ଏ କ୍ଲୀବତ୍ୱ ଛୋଟ ଛୋଟ ପିଲାଙ୍କୁ ବି ଗ୍ରାସିବାକୁ ଆରମ୍ଭ କଲାଣି । ବାହାରକୁ ଦୃଷ୍ଟିଦେଇ ଦେଇ, ସମସ୍ତେ ହୋଇଗଲେଣି ଏକାବେଳକେ ଅନ୍ତଃସାର ଶୂନ୍ୟ । ଭିତରଟା ପୂରା ଫମ୍ପା ।"

ରାକା ଏକଲୟରେ ମତେ ହିଁ ଚାହିଁଥିଲା । ଅପୂର୍ବ ଏକ ଦୃଷ୍ଟିରେ । ତା' ଆଖିର ସେହି ଛମ୍‌ଛମ୍ ଭାବ ମୁଁ ଦେଖୁଥିଲି ।

କୌଣସି ଝିଅର ମନ ଛୁଇଁଲା ଭଳିଲା ଚେହେରା ମୋର ଜମା ନଥିଲା । ପରିପାଟୀ ବା ମୋର କ'ଣ ଥିଲା । ମୁଁ ପିନ୍ଧିଥିଲି ସାଧାରଣ ଖଣ୍ଡେ ଧୋତି । କଣ୍ଟ୍ରୋଲ କନାରେ ଖଣ୍ଡେ ସାର୍ଟ । ପାଦରେ ସାଧାରଣ ଚଟି ହଳେ । ମୁଁ ଯେ କଳା । ଅସୁନ୍ଦର ଅଡ଼ଙ୍ଗର । ଅଥଚ ରାକାପରି ଏତେ ସୁନ୍ଦରୀ ମତେ ହିଁ ଚାହିଁ ରହିଥିଲା ଏକା ଆଖିରେ ।

କେତେବେଳ ନୀରବରେ କଟିଯିବା ପରେ ରାକା କହିଲା.... ଆପଣ ନିଜେ ସତରେ ପରିପୂର୍ଣ୍ଣ ନାଁ.... ?

: ମାନେ... ? ମୁଁ ହଠାତ୍ ପ୍ରଶ୍ନ କଲି ।

: ଆପଣ ଖୁବ୍ ସୁଖୀ ?

: ନିଶ୍ଚୟ । ଅନ୍ତତଃ ମୁଁ ନିଜକୁ ତାହାହିଁ ଭାବେ ।

ରାକା ଏଥର ଚୁପ୍ ହୋଇଗଲା । ତଳକୁ ମୁହଁ ପୋତିଲା । ତାପରେ ହଠାତ୍ କହିଲା- ଆପଣଙ୍କୁ ପାନ ଦିଏ । ସେ ଚାକରକୁ ଡାକ ଦେଲା ।

ମୁଁ କହିଲି- ନାଁ ନାଁ, ମୁଁ ମିଠାଦିଆ ବଜାର ପାନ ଖାଏନା । ଥାଉ ।

ସେ କହିଲା- ତେବେ ମୋରି ପାନ ଖା'ନ୍ତୁ ନାଁ । ମୁଁ ବି ମିଠା ମସଲାପାନ ଖାଏନା ।

ରାକା ମତେ ନିଜର ପାନ ଦେଲା । ମୁଁ ଖାଇ ସେଥିରୁ ଲବଙ୍ଗର ବାସ୍ନାଟା ପାଇଲି । ଲବଙ୍ଗର ବାସ୍ନାଟା ଗୋଟିଏ କ୍ଲାସିକ୍ ବାସ୍ନା ଭଳି ମତେ ଆଚ୍ଛନ୍ନ କଲା ।

ମୁଁ ଉଠି ଠିଆହେଲି.... ପ୍ରେମାଂଶୁକୁ କହିଦେବେ । ମୁଁ ଏଥର ଯାଏଁ ।

: ଆଉ କେବେ ଆସିବେ ? କିନ୍ତୁ ନିଶ୍ଚୟ ଆସିବେ ।

ମୁଁ ରାକାକୁ ଚାହିଁ କହିଲି, "ଜାଣନ୍ତି ତ ବେପାରୀ ମଣିଷ । ଦିନ ରାତି ଖଟେ । ଆଚ୍ଛା ଦେଖିବି ।"

ପ୍ରେମାଂଶୁର ଘର ଡେଇଁ ମୁଁ ଆସିଲା ପରେ ବି ରାକା ଯେ ମତେ ପଛରୁ ଚାହିଁଥିଲା, ଏ କଥା ମୁଁ ଲକ୍ଷ୍ୟ କରି ପାରିଲି ।

ସେ ଦିନ ରାତିରେ ମୁଁ ମୋ ସ୍ତ୍ରୀ ସୁନୀତିକୁ କହିଲି, "ଜାଣ, ଆଜି ପ୍ରେମାଂଶୁ ଘରକୁ ଯାଇଥିଲି । ତା'ର ସ୍ତ୍ରୀ ଖୁବ୍ ସୁନ୍ଦର । ବ୍ୟବହାର କେତେ ଭଲ । ଘରଦ୍ୱାର ଯେମିତ ସଜେଇଛି, ନିଜେ ବି ସେମିତି । ତମେ ଯିବ ଥରେ ?"

ସୁନୀତି ନାକ ଟେକି କହିଲା- ପିଲାଛୁଆ ନ ଥିବା ସ୍ତ୍ରୀଲୋକ, ନିଜକୁ ସଜେଇବେନି ତ ଆଉ କ'ଣ ? ମତେ ସେଗୁଡ଼ା ଭଲ ଲାଗେନା ।

ମୁଁ ଆଉ ବିଶେଷ କିଛି କହିଲି ନାହିଁ । କହି ପାରିଲି ନାହିଁ । ମୋର ବ୍ୟବସାୟ ପ୍ରସଙ୍ଗକୁ ପୁଣି ଫେରିଆସିଲି ।

ଦିନ ଗଡ଼ି ଚାଲିଲା ସ୍ୱଚ୍ଛନ୍ଦ ଗତିରେ । ମୋର କାରବାର ଚାଲିଥିଲା ଯଥାରୀତି ମୋର ଶ୍ରମ ନିଷ୍ଠାରେ । କିନ୍ତୁ ମୁଁ ଲକ୍ଷ୍ୟ କରୁଥିଲି ଭିତରେ ଏକ ଅନ୍ତଃସ୍ରୋତ । ଅନେକ ସମୟରେ ମୋର ନିଜ ଭିତରୁ ମୁଁ ଶୁଣିପାରୁ ନଥିଲି ତା'ର କଳଧ୍ୱନି । ପ୍ରେମାଂଶୁର ସ୍ତ୍ରୀ ରାକା ମତେ ଅନେକ ସମୟରେ, ଏମିତି ମୋ ନିଜ ଭିତରେ, ପୀଡ଼ନଭରା ଆହ୍ୱାନ ଦଉଥିଲା । ମୁଁ ସଂଯତ, ସୁସ୍ଥ । ମୁଁ ଜୋର କରି ତାକୁ ଭୁଲିଯାଇ ନିଜକୁ ଭୁଲାଇ ରଖୁଥିଲି । ସେଠାକୁ ଆଉ ଯିବିନାହିଁ ବୋଲି ପ୍ରତିଜ୍ଞା କରୁଥିଲି ।

ଆଉ ଦିନେ ସନ୍ଧ୍ୟାବେଳେ-

ମୁଁ ରାମଚଣ୍ଡୀ ମନ୍ଦିରରେ ଦୀପ ବସାଇ ମୁଣ୍ଡିଆ ମାରି ଉଠୁଛି । ପଛରୁ ଶୁଣିଲି କୋମଳ କଣ୍ଠର ଆହ୍ୱାନ "ନୀଳାମ୍ବର ବାବୁ । ନମସ୍କାର ।"

ମୁଁ ମୁହଁ ଫେରାଇ ଦେଖିଲି । ରାକା ଠିଆ ହୋଇଚି । ଚାଙ୍ଗୁଡ଼ି ଭର୍ତ୍ତି ଫୁଲମାଳ ଧରି । ଆଖିରେ ହସ । ମୁଣ୍ଡରେ ଓଢ଼ଣା ନାହିଁ । ପ୍ରଶସ୍ତ କପାଳରେ କେରି କେରି ଉଲୁରା କେଶ ମଝିରେ ଝଟକି ଉଠିଚି ସିନ୍ଦୂର ବିନ୍ଦୁ । ହାତରେ ଭର୍ତ୍ତି ସୁନାର କାଚ, ଚୂଡ଼ି, ଗୁଲି ।

ମୁଁ ପ୍ରତି ନମସ୍କାର କରି କହିଲି- "ଏକା ଯେ ! ପ୍ରେମାଂଶୁ କାହିଁ ?"

ରାକା କହିଲା, "ଦେଖନ୍ତୁ ତ ! ସେ କେମିତି ଲୋକ । ଏଇ ଆସୁଚି କହି କୁଆଡ଼େ ଛୁ । ମୁଁ ଏବେ ଘରକୁ ଫେରିବି କେମିତି ?"

ମୁଁ ହସିଲି । କହିଲି- "ପ୍ରେମାଂଶୁ ଭଳି ଅତ୍ୟାଧୁନିକ ସ୍ୱାମୀର ସ୍ତ୍ରୀ ଆପଣ । ଏଇ ସଞ୍ଜ ହେଉହେଉ ଘରକୁ ଫେରି ପାରିବେନି ?"

ମୃଦୁ ହସି ରାକା କହିଲା- "ନାଃ ଏକା ଫେରି ପାରିବି ନାହିଁ । ଆପଣଙ୍କୁ ମତେ ଛାଡ଼ି ଦେଇ ଆସିବାକୁ ହେବ ।"

ମୁଁ ବିସ୍ମିତ ହୋଇ କହିଲି..... "ମୁଁ ?"

ରାକା କହିଲା- "ମହାଭାରତ ଅଶୁଦ୍ଧ ହୋଇଯିବ ? ଚାଲନ୍ତୁ ନାଁ ।"

ରାକାର ଆଦେଶ ମାନି ଗଲି କି ନିଜର ଅନ୍ତଃ ପ୍ରେରଣାରେ ଗଲି ମୁଁ ନିଜେ ହିଁ ବୁଝିପାରୁ ନଥିଲି । ଅନେକ କାମ ଯେ ମୋର ବାକି ଅଛି । ସବୁ ଭୁଲି ଯନ୍ତ୍ରଚାଳିତ ପରି ରାକାର ଅନୁସରଣ କଲି ।

ଘରେ ପହଞ୍ଚି ମତେ ବସିବାକୁ କହି ଫୁଲ୍ ସ୍ପିଡ଼୍‌ରେ ରାକା ଫ୍ୟାନ୍ ଖୋଲିଦେଲା । ଝର୍କାର ପର୍ଦ୍ଦା ଖୋଲିଦେଲା । ପବନରେ ଆସିଲା ସଂଲଗ୍ନ ବଗିଚାରୁ ଅନେକ ଫୁଲର ବାସ୍ନା । ମୋ ସାମ୍ନାରେ ବସିପଡ଼ି ରାକା କହିଲା- "ସେଦିନ ଯେ ଆସିବେ ବୋଲି କହି ପୂରା ଫାଙ୍କିଦେଲେ । କେତେଦିନ ହେଲା କହିଲେ, ପୂରା ଦୁଇମାସ ।"

ମୁଁ କହିଲି... "ବେପାରୀ ମଣିଷ, ଖୁବ୍ କାମ ।"

ରାକା ଏଥର କଟାକ୍ଷ ହାଣି କହିଲା... ଖାଲି ବେପାରୀ, ବେପାରୀ । ଏମାନେ କ'ଣ ହୃଦୟର ଧାର ଧାରନ୍ତି ନାହିଁ, କ'ଣ ନେଇ ତେବେ ପୂର୍ଣ୍ଣ ହେଇଛନ୍ତି । ସବୁ ନିଜପାଇଁ କରିବେ । ଅନ୍ୟପାଇଁ ଟିକେ ବି ପାରିବେ ନାହିଁ ?

ମୁଁ ହଠାତ୍ କିଛି ବୁଝି ପାରିଲି ନାହିଁ । ରାକାକୁ ଚାହିଁଲି । ତା'ର ସେଇ ସୁନ୍ଦର ଆଖି ଦିଓଟି, ବିଜୁଳି ଆଲୋକ ତଳେ, ଛମଛମ କରୁଥିଲା, ଏକ ନୀଳ ନିର୍ଜନତାରେ । ମୁଁ ହଠାତ୍ କହିଲି-ପ୍ରେମାଂଶୁ ଫେରିଲା ନାହିଁ ତ ?

ରାକା ହସି ଉଠିଲା କହିଲା, "ସେ ଯାଇଛନ୍ତି କଟକ । ଗସ୍ତରେ ନୁହେଁ, ସିନେମା ଦେଖି । ମିଛ କହି ଆପଣଙ୍କୁ ଟାଣି ଆଣି ନଥିଲେ ଆଉ କ'ଣ ଦେଖା ପାଇଥାନ୍ତି ?"

ମୁଁ ରାକା ମୁହଁକୁ ସ୍ପଷ୍ଟ ଚାହିଁଲି । ଗୋରା ମୁହଁଟି ତା'ର ଦାଉ ଦାଉ ଦିଶୁଥିଲା । କହିଲି- "ମତେ ଦେଖିବାକୁ କ'ଣ ଇଚ୍ଛା ହୁଏ ?"

"ବିଶ୍ୱାସ ହୁଏନା ?" ରାକା କହିଲା ।

ଦୀର୍ଘଶ୍ୱାସ ଛାଡ଼ି ମୁଁ କହିଲି- "ବିଲକୁଲ ନାହିଁ ?" ତା'ପରେ ଢୋକଗିଳି କହିଲା- ସମସ୍ତଙ୍କ ପାଖରେ ଯାହା ନାହିଁ ଆପଣଙ୍କ ପାଖରେ ତାହାହିଁ ଅଛି ନୀଳାମ୍ବର ବାବୁ । ଆଉ ସେଇ ତ ମୋ'ଭଳି ଉପବାସୀ ପାଇଁ ଅମୃତ ।"

ମୁଁ କିନ୍ତୁ ଆଶ୍ଚର୍ଯ୍ୟ ଅଖିରେ ରାକାକୁ ଚାହିଁଲି । ରାକାର ଏ ବିଚିତ୍ର କଥା ସବୁ ମତେ ରହସ୍ୟମୟ ବୋଧହେଲା । ମୁଁ କିଛି ବି ବୁଝି ପାରିଲି ନାହିଁ । ହଠାତ୍ ସାମ୍ନାରୁ ଉଠି ଭିତରକୁ ଚାଲିଗଲା । ମୁଁ ଥକାହୋଇ ଚେଆରକୁ ଆଉଜି ବସିଲି ।

କିଛି ସମୟ ପରେ ରାକା ଆସିଲା ପ୍ଲେଟରେ ଜଳଖିଆ ଧରି । ଘର ତିଆରି ପିଠା ଓ ବଡ଼ ବଡ଼ ଦି'ଟା ବୁନ୍ଦି ମିଠେଇ । ଦୁଇଟା ଦେଶୀ ବାରି କଦଳୀ । ମୋ ସାମ୍ନାରେ ବସି କହିଲା- "ଏଇତକ ଖା'ନ୍ତୁ ।"

ମୁଁ ଜଳଖିଆ ପ୍ଲେଟ୍‌କୁ ନ ଚାହିଁ ରାକା ମୁହଁକୁ ଚାହିଁଲି । ଯାହାକୁ ଦେଖିଲା ମାତ୍ରେ ମୋର ମନ ଭରି ଭରି ଯାଇଥିଲା, ସେଇ ମୁହଁ ମତେ ପ୍ରଚ୍ଛନ୍ନତାର ଆବରଣ ତଳେ ଝାପ୍‌ସା ଦିଶୁଥିଲା ମୁଁ ବୋଧେ ଭାବୁଥିଲି । ଅନେକ କିଛି ଭାବୁଥିଲି । ରାକାର ଉଜ୍ଜ୍ୱଳ ମୁହଁରୁ ଉପବାସ ଖୋଜୁଥିଲି ।

ରାକା କହିଲା- "ଏମିତି ଚୁପହୋଇ ବସିଲେ ଯେ ? ଖାଇବେ ନାହିଁ ? ତେବେ ଚା' ଟିକେ ଆଣେ ? ଆଜି ତାହେଲେ ଏଇଠି ଖାଇକିଯିବେ ? ପୂଝାରୀକୁ କହେ....."

ମୁଁ ଏଥର ରାକାର କଥା ସ୍ପଷ୍ଟ ଶୁଣି ପାରିଲି । କହିଲି... ଏମିତି ସବୁଦିନେ ଖାଇବାକୁ ଦେଲେ ମୁଁ ଆଉ ଆସିବିନି ।

"ସତେ- ?" ରାକା ହସିଲା- କହିଲା, "ଖୁଆଇବାରେ ଯେ ଆନନ୍ଦ ଥାଏ, ଏ କଥା ଆପଣଙ୍କ ଭଳି ମରମୀ ଲୋକ ବୁଝି ପାରୁନାହାଁନ୍ତି ? ଜଣକୁ ଖୁସି କରିବା ପାଇଁ ଯଦି ଆପଣଙ୍କୁ ଟିକେ ପଥ ଶ୍ରମ ପଡ଼େ, ଟିକେ ହଇରାଣ ହେବାକୁ ପଡ଼େ, ସେଥିରୁ ଆପଣ ତାକୁ ବଞ୍ଚିତ କରିବେ ?" ରାକା କଣ୍ଠ ଭାଙ୍ଗି ପଡ଼ିଲା ।

ମୁଁ ମିଠେଇଟା ଉଠାଇ ନେଇ କଳେ କାମୁଡ଼ି ନେଇ କହିଲି- "କିନ୍ତୁ କାହିଁକି ?"

ରାକା ଢୋକ ଗିଳିଲା- ଶୂନ୍ୟଦୃଷ୍ଟିରେ ଚାହିଁଲା- ବାହାରକୁ କେତେବେଳଯାଏ । ତାପରେ କହିଲା ବାଷ୍ପରୁଦ୍ଧ ଅନୁଚ୍ଚ କଣ୍ଠରେ- "ମୁଁ ଭୀଷଣ ଏକାକୀ ।"

ମୁଁ ମିଠେଇଟା ଅଗତ୍ୟା ଗିଳିଲି । ରାକା କଥାରେ ମୋର ଚମକଟାକୁ ଲୁଚାଇନେବା ପାଇଁ ତଳକୁ ମୁହଁ ପୋତି ଖାଇ ଚାଲିଲି । ହଠାତ୍ ଦୃଷ୍ଟି ଟେକି ତାକୁ ଚାହିଁଲି । ସେ ମତେ ହିଁ ଚାହିଛି । ଆଖିରେ ଆଖି ମିଶିଯିବା ପରେ ମୁଁ ହଠାତ୍ କହି ପକାଇଲି ଏକାକୀ ? ପ୍ରେମାଂଶୁ ଯେ ଅଛି-

ରାକା ହସିଲା- ବଡ଼ ମନଛୁଆଁ ସେ ହସ, କିନ୍ତୁ କାନ୍ଦଠାରୁ ଆହୁରି କରୁଣ । ଶାଢ଼ୀର କାନି ମୋଡୁ ମୋଡୁ କହିଲା- ଭୂରୁ ଟେକି- "ସ୍ୱାମୀ କେବେ ବନ୍ଧୁ ହେଇପାରେ ?"

ମୁଁ ଏଥର ଆହୁରି ବିସ୍ମିତ ହୋଇ ଚାହିଁଲି ରାକାକୁ । ରାକାର ଏଭଳି ନାଟକୀୟ କଥାବାର୍ତ୍ତା ସହ ମୋର ଆଦୌ ପରିଚୟ ନଥିଲା । ମୁଁ ତ ବେପାରୀ ମଣିଷ । ତେଲ ବେପାର କରେ । ନାଟକର ସଂଳାପ ଭଳି କଥା ଶୁଣିଲା କହିଲା ଭଳି ଅଭ୍ୟାସ ମୋର

କାହିଁ ? ରାକାର ଏହି ପଦକ କଥା ମତେ କିନ୍ତୁ ଜୋର ଆଘାତ କଲା । ମୁଁ ନିଜକୁ ଚାହିଁଲି । ସକାଳୁ ଯେ ସୁନୀତି ମତେ ଜଳଖିଆ ବଢ଼ାଇଦିଏ । ଦିପହରେ ଭାତ ବାଢ଼ି ଦିଏ । ରାତିରେ ସବୁ ପଇସା ପକେଟରୁ କାଢ଼ିସାରି ହିସାବ ବୁଝିସାରିଲେ ଖାଇବାକୁ ଦିଏ । ତାପରେ ଅନ୍ଧାର ଘରେ । ଆମେ ଯେ ଏକତ୍ର ହେଉ ଏ ସବୁକୁ ବାଦ୍‌ଦେଇ, ବନ୍ଧୁତ୍ୱ ଆଉ କି ରକମ ? ମୁଁ କ'ଣ ସୁନୀତିର ବନ୍ଧୁ ହେଇଛି ? ସୁନୀତି କେବେ ମୋର ବନ୍ଧୁତ୍ୱ ଚାହିଁଛି ?

ମୁଁ ରାକାର ଆନତ ମୁହଁକୁ ଚାହିଁଲି । ବେପାରୀ ହେଲେ ବି ହଠାତ୍ କେମିତି ବୁଝି ପାରିଲି । ସ୍ୱାମୀକୁ ବନ୍ଧୁଭାବରେ ପାଇବାକୁ ଆଶାକରି ବସୁଥିବା ହୃଦୟବତୀ ନାରୀର ତ ଉପବାସ ହିଁ ଭାଗ୍ୟ ଲେଖା । କାରଣ ଏ କି ଦୁର୍ଲଭ ଆକାଂକ୍ଷା ।

ମୁଁ ଦୀର୍ଘଶ୍ୱାସ ଛାଡ଼ିଲି । କଥାର ମୋଡ଼ ଘୂରାଇ କହିଲି, "ପ୍ରେମାଂଶୁ କେବେ ଫେରିବ ?"

ରାକା କହିଲା ଦୀର୍ଘଶ୍ୱାସ ଛାଡ଼ି.... "ଫେରିବାଟା ତାଙ୍କ ପାଖେ ଜରୁରୀ ନୁହେଁ । ବାହାରର କୋଳାହଳରେ ମାତିବାରେ ତାଙ୍କର ଆନନ୍ଦ । ଘର ତାଙ୍କ ପାଇଁ କଏଦୀଖାନା । ଅଫିସରୁ ଫେରି ସିଧାସଳଖ କ୍ଲବ୍, ଖେଳ । ଆଜିକୁ ଏକବର୍ଷ ହେବ ସେ ଘରେ ରାତିରେ ରହନ୍ତି ନାହିଁ । କେଉଁଠି ଖେଳ ଚାଲେ, ଗପ ଚାଲେ ସେ ସାରା ରାତି, ଫେରି ଫେରୁ ସିନ୍ଦୂରା ଫାଟି ଯାଇଥାଏ । ଦଶବର୍ଷ କାଳ ଏତେବଡ଼ ଘରେ ମୁଁ...."

ମୁଁ ହଠାତ୍ କିଛି ପଦେ କହିପାରିଲି ନାହିଁ । ରାକାକୁ ସାନ୍ତ୍ୱନା ଦେଲାଭଳି ମୋର ଭାଷା ନଥିଲା । ପ୍ରେମାଂଶୁ ମୋର ଅନ୍ତରଙ୍ଗ ବନ୍ଧୁ । ତା'ର ସ୍ତ୍ରୀର କଥା ମୁଁ ଶୁଣିଲି ହୃଦୟ ଭରି ।

ରାକା ଚମକିଲା ଭଳି କହିଲା- "ଆରେ ପାନ ଦେଇ ନାହିଁ ଯେ, ବସ ମୁଁ ପାନଆଣେ....." ରାକା ତା'ର ସେହି ଲବଙ୍ଗଦିଆ ପାନ ଚାରି ଖଣ୍ଡ ଆଣି ମତେ ଦେଲା । ମୁଁ ଉଠିବା ବେଳେ ସେ ହଠାତ୍ ମୋର ହାତ ଧରି ପକାଇ କହିଲା- "ନୀଳାମ୍ବରବାବୁ ! ଆପଣ ମୋର ଏକମାତ୍ର ବନ୍ଧୁ । କାରଣ ଆପଣ ହିଁ ମୋ ଧ୍ୱନିର ପ୍ରତିଧ୍ୱନି ଦେଇଛନ୍ତି । ମତେ କଥା ଦିଅନ୍ତୁ..... ମତେ କେବେ ବଞ୍ଚିତ କରିବେ ନାହିଁ । ମୁଁ କେବଳ ଏକାକିନୀ ନୁହେଁ, ମୁଁ ବଡ଼ ଦରିଦ୍ର, ମୋ ଦାରିଦ୍ର୍ୟ ମୋଚନ କଲାଭଳି ...." କହୁ କହୁ ରାକା କଣ୍ଠ ଭାଙ୍ଗି ପଡ଼ିଲା । ତା'ର ସୁନ୍ଦର ମୁହଁରେ ଅଶ୍ରୁର ଛିଟା ଲାଗିଲା ।

ପ୍ରକାଣ୍ଡ ବଡ଼ କୋଠାରେ, ବିଳାସବ୍ୟସନରେ ଆକଣ୍ଠ ବୁଡ଼ିଥିବା, ବୁଦ୍ଧିଜୀବୀ ମହଲରେ ନା କରିଥିବା, ପଦସ୍ଥ ଅଫିସର ପ୍ରେମାଂଶୁର ଅତି ସୋହାଗର ସ୍ତ୍ରୀ ରାକାର ଦାରିଦ୍ର୍ୟ ମୋଚନ କରିବାକୁ ଚେଷ୍ଟା କରିବି ବୋଲି ମୁଁ କଥାଦେଲି । ତାପରେ ରାକା ମୋର ହାତ ଛାଡ଼ିଦେଲା ।

ତାପରେ ରାକା ଘରକୁ ଅନେକଥର ଯାଇଛି । ଅନେକ ଗପିଛି । ରାକା ମତେ ଖୁଆଇବାରେ କେତେ ଯେ ଆନନ୍ଦ ପାଏ, ସେ କଥା ଦେଖି ମୁଁ ଅଭିଭୂତ ହେଇପଡ଼ିଛି । ମୋ ମନଲାଖି ଖାଦ୍ୟ ନିଜେ ରାନ୍ଧି ଟିଫିନ୍ କ୍ୟାରିୟରରେ ପଠାଇ ଦେବାରେ, ତା'ର ଯେ କେତେ ତୃପ୍ତିଥାଏ, ତା' ମୁଁ ଭଲଭାବେ ବୁଝିପାରିଛି ରାକା ମୋତେ ବନ୍ଧୁ ବୋଲି ଭାବେ । ମୋର ପିଲାଙ୍କୁ ଶ୍ରଦ୍ଧା କରେ । ମୋର ଦେହର ଯତ୍ନ ନିମିତ୍ତ ଉପଦେଶ ଦିଏ । ଦିନେ ନ ଗଲେ ଅଭିମାନ କରେ । ଟିକେ ମୁହଁ ଶୁଖାଇଲେ କ'ଣ ହେଲା ବୋଲି ଅଥୟ ହେଇପଡ଼େ । ଏସବୁ ନେଇ ମୁଁ କ'ଣ କେବଳ ଭାବିବି- ମୁଁ ରାକାର ବନ୍ଧୁ ; କେବଳ ବନ୍ଧୁ ? ଆଉ କିଛି ନୁହେଁ ?

ନିଜ ନିଜ ଅଜାଣତରେ, ସୁନୀତି ଓ ପ୍ରେମାଂଶୁର ଅଜାଣତରେ ଆମେ ଦୁହେଁ ଘନିଷ୍ଠ ହେଇ ଆସିଥିଲୁ । ଏତେ ଘନିଷ୍ଠତା ମଧ୍ୟରେ କେଉଁଠି ଏକ ଅତୃପ୍ତି ମତେ ବିନ୍ଧ କରୁଥିଲା । ଏଇଟା ବୋଧେ ଆମ ପୁରୁଷ ଜାତିର ଲକ୍ଷଣ । ଆମେ ଖୁବ୍ ଲୋଭ କରୁ । ଅଳ୍ପକରେ ଆଦୌ ସନ୍ତୁଷ୍ଟ ହେଉନା । ଅବଶେଷରେ ମୋର ତାହାହିଁ ହେଲା । ରାକା ମୋର ବନ୍ଧୁତା ଚାହିଁଥିଲା- ସେତିକିର ସୁଯୋଗ ନେଇ ମୁଁ ପୂରାପୂରି ତାକୁ ଚାହିଁ ବସିଲି ।

ଦିନେ ସନ୍ଧ୍ୟାରେ ପହଞ୍ଚି ଦେଖେ- ରାକା ଆଶ୍ଚର୍ଯ୍ୟ ଭାବେ ସଜ ହୋଇଛି । ତା'ର ସରଳ ସୌନ୍ଦର୍ଯ୍ୟ ପରିପାଟୀ ମଧ୍ୟରେ ଝଟକି ଉଠୁଛି । ମୁଁ ହଠାତ୍ କହି ପକାଇଲି, କୁଆଡ଼େ ଯିବ କି ? ରାକା ନାହିଁ କଲା ଅଳ୍ପ ଲାଜେଇ ଯାଇ । ତା'ପରେ ବସିବାକୁ କହି ନିଜେ ଭିତରକୁ ଗଲାବେଳେ ମୁଁ ତା' ହାତ

ଧରି ପକାଇ କହିଲି- ରାକା ! ବାହାରେ ଖୁବ୍ ଜହ୍ନ ପଡ଼ିଛି, ଚାଲ ଯିବା, ସମୁଦ୍ର କୂଳେ ବସି ବସି ଖୁବ୍ ରାତି କରି ଫେରିବା ।

ରାକା ଛଡ଼ାଇ ନେଇ କହିଲା- "ତମେ ପାଗଳ ନା କ'ଣ ? ତମ ସହିତ ଯାଇ ସମୁଦ୍ର କୂଳରେ ବୁଲିବି ? ପୁଣି ରାତିକରି ଫେରିବି ?" ସେ କହିଲା ।

ମୁଁ କହିଲି- "କିନ୍ତୁ ତୁମେ କ'ଣ ନିଜେ ମତେ ଅବିଶ୍ୱାସ କର ? ତମେ ନିଜେ ସହସ୍ର ଥର କହିଛ- ମୁଁ ତମର ଏକମାତ୍ର ଆପଣାର ବନ୍ଧୁ । ମତେ କ'ଣ ତମର ଭୟ ହୁଏ ?"

ମତେ ସ୍ଥିର ଓ ଅବିଚଳିତ କଣ୍ଠରେ ଚାହିଁ ରହି କହିଲା- "ଯେଉଁମାନେ ନିଜକୁ ଭୟ କରିଥାନ୍ତି, ସେଇମାନେ ହିଁ ଅନ୍ୟକୁ ଭୟ କରନ୍ତି । ମୋ ନିଜକୁ ମୁଁ ଚିହ୍ନେ । ମୋର ଭୟ ନାହିଁ । ତମକୁ ଭୟ କରିବି କାହିଁକି ? ତେବେ-"

....ତେବେ ? ମୁଁ ତୀବ୍ର ଦୃଷ୍ଟିରେ ଚାହିଁଲି ।

.... ଅନେକ କଥା ରୁଚିକି ବାଧେ..... ସଂସ୍କାରକୁ ବି ।

..... ରୁଚିକୁ ବାଧେ ମାନେ ?

ରାକା ହସିଉଠି ମୋର ହାତଧରି କହିଲା, କ'ଣ ସବୁକଥାର ଅର୍ଥ ବୁଝାଇବାକୁ ହବ ତମକୁ ? ମୁଁ ତମର ବନ୍ଧୁପତ୍ନୀ । ତମେ ମୋର ବନ୍ଧୁ । ବନ୍ଧୁତ୍ୱର ଏହି ତିନିଗାର ଡେଇଁ, ଏକା ରିକ୍ସାରେ ତମ ସହ ବସି ସମୁଦ୍ର କୂଳରେ ରାତ୍ରିଯାପନ କରି ଫେରିଲେ ବି ମୋର ଆଧୁନିକ ସ୍ୱାମୀ କିଛି ମନେ ନ କରିପାରନ୍ତି; ମାତ୍ର ଏଇଟା ମୋ ନିଜକୁ ବାଧେ । ଯାହା ସୁନ୍ଦର ଓ ଉଜ୍ଜ୍ୱଳ ନୁହେଁ ତାହା ବନ୍ଧୁତ୍ୱକୁ ଅକ୍ଷୁର୍ଣ୍ଣ ରଖି ପାରେନା ।

ମୁଁ ଅପମାନିତ ହେଲି । ଅପମାନରେ ମୋର ରକ୍ତ ତାତି ଉଠିଲା । କହିଲି- "ସ୍ୱାର୍ଥପର ନାରୀ ତମେ, ଘରେ ବସି ଘଣ୍ଟା ଘଣ୍ଟା ମୋ ସହ ଆଳାପ କରି, ହସଖୁସି ହୁଅ, ବନ୍ଧୁତ୍ୱର ଜୟ ପତାକା ଉଡ଼ାଅ, ଆଉ ପଦାକୁ ଟିକେ ବାହାରିଲେ ତମର ରୁଚିକି ବାଧେ ? ବେଶ୍ ଚିହ୍ନିଛି ତମକୁ ।"

ତମର ସ୍ୱାମୀ ଯେମିତି, ତମେ ବି ସେମିତି । ଜୀବନଟା ତମପାଇଁ ଖିଆଲ ହୋଇପାରେ । ତମେ କେବେ ନୀଳିମା, କେବେ ନୀଳଜ୍ୟୋତ୍ସ୍ନା, କେବେ ରାକା ହୋଇପାର । ଅନେକ ରୂପ ତମର । ମୁଁ ଏଥର ଉଠେ ।"

ରାକା ସ୍ଥିର ହୋଇଗଲା । ଚାହୁଁ ଚାହୁଁ ତା' ମୁହଁ ଜ୍ୟୋତି ଲିଭିଗଲା । ସେ ମଳିନତାରେ ବିଷର୍ଣ୍ଣତାରେ କଳାକାଠ ପଡ଼ିଗଲା । ତଥାପି ଖୁବ୍ ଚେଷ୍ଟା କରି ଭଙ୍ଗା କଣ୍ଠରେ ସେ କହିଲା- "ତମେ ରାଗିଗଲ ନାଁ ? କିନ୍ତୁ କ'ଣ ଖାଲି ବନ୍ଧୁ ? ମୁଁ ନାରୀ, ତମକୁ ଅସୁନ୍ଦର ପାଖରୁ, ମଳିନତାରୁ ଦୂରେଇ ରଖିବା ମୋର ତ କର୍ତ୍ତବ୍ୟ ।"

ସେ ମତେ ବସିବାକୁ ଚେଷ୍ଟା କଲା । ମୁଁ ତା'ର ହାତ ଛିଞ୍ଚାଡ଼ି କହିଲି- "ଆଗୋ ଛଳନାମୟୀ, ସ୍ୱାର୍ଥସର୍ବସ୍ୱା ବାନ୍ଧବୀ, କହିପାରିବ ତମର ବନ୍ଧୁତ୍ୱର ଡେଫିନେସନ୍ କ'ଣ ?"

ମୋର ଏହି ତୀବ୍ର କଥାରେ ରାକା ଅଧୀର ହୋଇ ପଡ଼ିଲା । ଖୁବ୍ ଚେଷ୍ଟାକରି କହିଲା- "ବନ୍ଧୁତ୍ୱର ସଂଜ୍ଞା କ'ଣ ହୋଇପାରେ । ଆମର ଏତେ ଦିନର ଘନିଷ୍ଠତା କ'ଣ ସେ କଥା କହୁନାହିଁ । ସେ କଥା ଆଉଦିନେ କହିବି । ଆଜି ବସ । ତମ ପାଇଁ ନିଜେ ରାନ୍ଧିଛି- ନ ଖୁଆଇ ଛାଡ଼ିବି ନାହିଁ ।"

ମୁଁ ରାକାର ହାତ ଛିଞ୍ଚାଡ଼ି ଚାଲିଆସିଲି । କହିଲି- "ନାଃ ଆଉ ନୁହେଁ ରାକା- ଆଉ ନୁହଁ- ମୋର ସୁନୀତି ଭଲ । ମୋର ତେଲ ବେଉସା ଭଲ ।" ମୁଁ ତୀବ୍ର ଗତିରେ ସେଠୁ ଚାଲି ଆସିଲି ।

ପଛରେ ରାକା ଡାକୁଥିଲା ନୀଳାମ୍ବର ବାବୁ ଶୁଣ । ଶୁଣ ।

ମୋ ଦେହ ଥରୁଥିଲା । କ୍ରୋଧରେ ଉତ୍ତେଜନାରେ । କାହିଁକି ମୁଁ ଏମିତି ତାତି ଉଠିଥିଲି ? କାହା ଉପରେ ? କାହା ଉପରେ ? କାହା ଉପରେ ପ୍ରତିଶୋଧ ନେବାକୁ ଅସ୍ଥିର ହୋଇ ଯାଉଥିଲି ? ରାକା ଉପରେ ନା ନିଜ ଉପରେ ? ମୁଁ ନିଜେ ନିଜ ଉପରେ ରାଗୁଥିଲି । ନିଜେ ନିଜକୁ ସହ୍ୟକରି ପାରୁ ନଥିଲି । ନିଜେ ନିଜକୁ ଅପମାନିତ କରି ଯନ୍ତ୍ରଣାରେ ଫାଟି ପଡୁଥିଲି । ରାକା ଥିଲା ଏହାର କେତେ ଉର୍ଦ୍ଧ୍ୱରେ । ମୁଁ ସମୁଦ୍ର କୂଳକୁ ଆସିଲି । ଆକାଶ ଓ ସମୁଦ୍ରକୁ ଏକାକାର କରିଛି, ପୂର୍ଣ୍ଣିମାର ରାକା । ସମୁଦ୍ରଭରା ଅନମ୍ବରା

ରାକା । ମୁଁ ସ୍ତବ୍ଧ ହୋଇ ଚାହିଁଲି । ଅକାରଣେ ଛାତି ଭିଜିଗଲା । ସମୁଦ୍ର ଭୂମିରେ ବିକ୍ଷୁରିତ ହୋଇ ପଡ଼ିଥିବା ରାକାର ବିପୁଳ ଦାରିଦ୍ର୍ୟ ମତେ ବେଷ୍ଟନ କରି ରଖିଲା ।

ତାପରେ କିଛିଦିନ ବିତିଗଲା । ମୁଁ ହଠାତ୍ ମୌନ ହୋଇ ଯାଇଥିଲି । ବ୍ୟବସାୟରେ ମନ ପ୍ରାଣ ଦେଇ ପାରୁ ନଥିଲି । ସୁନୀତି ବ୍ୟସ୍ତ ହଉଥିଲା । ମୋର କି ରୋଗ ହେଇଛି ଜାଣିବାକୁ ସେ ଡାକ୍ତର ଡାକିବାକୁ ଜିଦ୍ ଧରୁଥିଲା । ମୋର କିଛି ରୋଗ ନ ଥିଲା- ମୁଁ କେବଳ ନିଜକୁ ଘୃଣା କରୁଥିଲି ।

ଦିନେ ସକାଳେ ହଠାତ୍ ମୋ ଶାଳୀ ଓ ସଢୁ ଆସି ପହଞ୍ଚିବାରୁ ସୁନୀତି ମତେ ମାଂସ ଆଣିବାକୁ ପାଞ୍ଚଶ ଟଙ୍କା ଦେଲା । ମୁଁ ଟଙ୍କା ଓ ବ୍ୟାଗ୍ ନେଇ ମାର୍କେଟ ଆଡ଼େ ଛୁଟିଲି ।

କେତେବେଳ ପରେ ମୁଁ ନିଜେ ଆବିଷ୍କାର କଲି.... ମୁଁ ପ୍ରେମାଂଶୁର ଫାଟକ ପାଖରେ ଠିଆ ହେଇଚି- ଆଉ ଏକା ଆଖିରେ ଚାହିଁଛି ସାମ୍ନାରେ ଗଙ୍ଗଶିଉଳି ଗଛ ତଳେ ବିଛାଡ଼ି ହୋଇ ପଡ଼ିଥିବା ଗଙ୍ଗଶିଉଳିର ଅରଣ୍ୟକୁ ।

କେତେବେଳେ ମଧୁର କଣ୍ଠର ଆହ୍ୱାନ ଶୁଣିଲି.... "ନୀଳାମ୍ବର ବାବୁ ! ଭିତରକୁ ଆସନ୍ତୁ ।"

ମୁଁ ଯନ୍ତ୍ରଚାଳିତ ପରି ରାକା ସାମ୍ନାରେ ଠିଆ ହେଲି । ରାକାର ଏ କି ସନ୍ନ୍ୟାସିନୀ ବେଶ । ଦେହରେ ନାଳିଧଡ଼ିଆ ଧଳା ଶାଢ଼ୀ । ପିଠିରେ ଓଦା କେଶ ମୁକୁଳା ହୋଇ ପଡ଼ିଛି । ମୁହଁଟି ତ ସଜ ଫୁଟିଲା ଫୁଲଟିଏ ସତେ ଯେପରି ଗଙ୍ଗଶିଉଳିର ଏକ ମୂର୍ତ୍ତିମନ୍ତ ସ୍ୱପ୍ନ !

ରାକା ଟାଙ୍ଗୁଡ଼ି ଭର୍ତ୍ତିକରି ତଳୁ ଫୁଲ ଗୋଟାଉଥିଲା । ଆମେ ପରସ୍ପରକୁ କିଛି ସମୟ ଚୁପ୍ ହେଇ ଚାହିଁ ରହିଲୁ । କେତେବେଳକେ ରାକା କହିଲା- ଗଦ୍‌ଗଦ୍ ସ୍ୱରରେ.... ଆପଣ ମୋ ଉପରେ ରାଗି ପାରିଲେ ? ସବୁ ପୁରୁଷଙ୍କଠାରୁ ଆପଣ ବ୍ୟତିକ୍ରମ ହୋଇ ପାରିଲେ ନାହିଁ ? ତା'ପରେ ପାଗଳପରି ଢୋକଗିଳି କହିଲା- ଆପଣ ବଡ଼ଲୋକ । ସଂପୂର୍ଣ୍ଣ ମୋ ଉପରେ ରାଗିଲେ ଆପଣଙ୍କର କିଛି କ୍ଷତି ହେବନାହିଁ । କେବଳ ମୋର ଦାରିଦ୍ର୍ୟ ବଢ଼ିଯିବ ସିନା । କହୁ କହୁ ରାକା କାନ୍ଦି ପକାଇଲା । ତା' ଗୋରା ମୁହଁରେ, ଢଳଢଳ ଆଖିରେ ଅଶ୍ରୁ ଫୁଟିଲା । ଗଙ୍ଗଶିଉଳିରେ ଶିଶିରକଣା ପରି ।

ମୁଁ ଏକ ଭାବବିହ୍ୱଳ ଚାହାଣୀରେ ରାକାକୁ ଚାହିଁଥିଲି । ପ୍ରବଳ କୋହ ମୋର ପାଟି ବାନ୍ଧି ରଖିଥିଲା । କେତେବେଳେ ରାକା କହିଲା- "ଆପଣ କହୁଥିଲେ ନାଁ, ମୋର ବନ୍ଧୁତ୍ୱର ଡେଫିନେସନ୍ କ'ଣ ? କ'ଣ ହୋଇପାରେ ? ସେ କଥା ଆଜି କହିବି ।" ରାକା ନଇଁପଡ଼ି ଆଞ୍ଜୁଳାଏ ଗଙ୍ଗଶିଉଳି ଆଣି ମୋର ମୁହଁ ସାମ୍ନାରେ ଟେକି ଧରିଲା । ଚୁପ୍ ଚୁପ୍ କହିଲା- "ଏଥିରୁ ଯାହା ପାଇବ ତାହାହିଁ ମୋର ବନ୍ଧୁତ୍ୱର ସଂଜ୍ଞା ।" ମୁଁ ରାକାର ଦୁଇହାତ ଆଞ୍ଜୁଳାକୁ ମୋର ମୁହଁପାଖକୁ ଟେକି ଆଣିଲି । ତା'ପରେ ପାଗଳପରି ସେ ଫୁଲତକ ମୋର ସାଇଡ୍ ପକେଟରେ ଭର୍ତ୍ତିକରି ରାକା ଆଗରେ ମୋର ସାର୍ଟର ଛାତି ପକେଟ ମେଲେଇ ଧଇଲି । ରାକା ମୃଦୁ ହସି ମୋର ହାୱାଇନ୍‌ର ଦୁଇ ପକେଟ ଫୁଲରେ ଭରିଦେଲା । ପରମ ବିହ୍ୱଳତାରେ ମୁଁ ରାକାକୁ ଚାହିଁ, ଧାଇଁଧାଇଁ ସାଇକେଲରୁ ବ୍ୟାଗ୍‌ଟା ଟାଣିଆଣି ମେଲାଇ ରଖିଲି । ରାକା ତା'ର ଟାଙ୍ଗୁଡ଼ି ଯାକର ସବୁଫୁଲ ସେ ବ୍ୟାଗ୍‌ରେ ଭରିଦେଲା । ତା'ପରେ ମୁଁ ଏକା ନିଃଶ୍ୱାସରେ ସାଇକେଲ୍ ଛୁଟାଇ ଦେଲି । ମତେ ଲାଗୁଥିଲା ମୁଁ ଫୁଲପରି ଉଡୁଛି ଗଙ୍ଗଶିଉଳିର ସାମ୍ରାଜ୍ୟରେ ।

ମୁଁ ପ୍ରକୃତିସ୍ଥ ହୋଇ ଦେଖିଲି । ମୁଁ ବସିଛି ମୋର ବାରଣ୍ଡାର ଆର୍ମଚେୟାରରେ । ଭିତର ଖଞ୍ଜାରେ ପାଟିଗୋଳ ଶୁଭୁଛି । ସୁନୀତି ବ୍ୟସ୍ତ ହୋଇ କହୁଛି, "ତାଙ୍କ ମୁଣ୍ଡ ଖରାପ ହୋଇଗଲାଣି । ଖାଲି ଖଟି ଖଟି । ତୁ ମଣ୍ଟୁ ଗଲୁ କବିରାଜଙ୍କୁ ଖବର ଦେବୁ । ଆଉ ମୀନା ତୁ ବାରିରୁ ଘିକୁଆଁରି କାଟି ଆଣିଲୁ, ମୁଁ ତାଙ୍କ ମୁଣ୍ଡରେ ଘଷେ ।"

ମୁଁ କିନ୍ତୁ ଗଙ୍ଗଶିଉଳି ଶେଜରେ ଶୋଇ ଶୋଇ ନିଜକୁ ଖୋଜି ପାଉ ନଥିଲି । ଚାରିପାଖରେ ମୋର କମନୀୟ ଶରତ ଋତୁ ।

❖



# ଦେବଶିଶୁ

## ରମେଶ ଚନ୍ଦ୍ର ପଟ୍ଟନାୟକ

**ତୁ**ମେ ଶୀଘ୍ର ଘରେ ପହଞ୍ଚ, ଅନେକ ବେଳୁ ଆମ ମୁନା ଦିଶୁନି । ତାର ଖେଳିବା ସ୍ଥାନ, ରାସ୍ତାଘାଟ, ସାଇ ପଡ଼ିଶା ସବୁଠି ଖୋଜି ସାରିଲିଣି, ତାକୁ ପାଉନି । ଖଟତଳେ, ଠାକୁର ଘରେ, ଗାଧୁଆ ଘରେ କିମ୍ବା ଛାତ ଉପରେ ଲୁଚିଥିବ ଭାବି ଭଲ କରି ଖୋଜି ଦେଖିଲି, ସେଇଠି କୋଉଠି ଥିବ ବୋଲି । କୌଣସି ଜାଗା ଛାଡ଼ିନି । ପଡ଼ୋଶୀମାନେ ସମଗ୍ର ଅଞ୍ଚଳ ବୁଲି ନିରାଶ ହୋଇ ଫେରିଲେଣି । ତୁମେ ଆସିଲେ ପୋଲିସ୍‌ରେ ଖବର ଦେବାକୁ ସେମାନେ ଅପେକ୍ଷାରେ ଅଛନ୍ତି । ମୋ ମୁନାରେ....

ପତ୍ନୀଙ୍କର ବ୍ୟସ୍ତ ବିବ୍ରତ ଓ କରୁଣ କ୍ରନ୍ଦନ ଶୁଣି ତରୁଣ ବାବୁ ଘରମୁହାଁ ହେଲେ । ଘର ସାମନାରେ ଭିଡ଼ ଜମି ସାରିଥାଏ । ଅଫିସ ବାହାରିବା ବେଳେ ସାଥୀମେଳରେ ମୁନା ଖେଳୁଥିବା ସେ ଦେଖିଥିଲେ । କିନ୍ତୁ ବାସ୍ତବରେ କ'ଣ ଘଟିଛି ଜଣା ପଡୁ ନଥାଏ । ଶିଶୁଟି ଅଚାନକ ଅଦୃଶ୍ୟ ହୋଇଯିବା ବିଷୟ କେହି ବିଶ୍ୱାସକୁ ନେଉ ନଥାନ୍ତି । ଏ ଅଞ୍ଚଳରେ ବୁଲୁଥିବା ପିଲାଚୋର ମୁନାକୁ ଉଠାଇ ନେଇଥିବା ଅସମ୍ଭବ ନୁହଁ । ଚୋରିକରି ଆଣି ପିଲାଙ୍କୁ ବିଦେଶ ଚାଲାଣ କରୁଥିବା ସମ୍ବାଦ ସବୁଦିନ ଆସୁଛି । ଗହଳି ଭିତରେ କିଏ ଜଣେ କହୁଥାନ୍ତି । ଖବର ଜାଣି ସୁଦ୍ଧା ସାବଧାନ ଅବଲମ୍ବନ ନ କରିବାର ଫଳ ଇଏ । ଏଭଳି ପିଲାଚୋରଙ୍କ ଦୌରାତ୍ମ୍ୟକୁ ପୋଲିସ୍ ଦେଖି ନ ଦେଖିଲା ଭଳି ଅଭିନୟ କରୁଛି । ଏତେବଡ଼ ସ୍ପର୍ଶକାତର ବିଷୟ ପ୍ରତି ପୋଲିସ୍‌ର ଭ୍ରୁକ୍ଷେପ ନାହିଁ ବରଂ ଉପଦେଶ ଦେଇ ନିଜ ମୁଣ୍ଡରୁ ଅଠା ଧୋଇ ଦିଅନ୍ତି । ଯିଏ ଯାହା ପାରିଲା କହୁଥାନ୍ତି ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ।

ପ୍ରାୟ ଅଢ଼େଇ ବର୍ଷର ଶିଶୁ ମୁନା । ଅସ୍ପଷ୍ଟ କଥା କହିବା ଆରମ୍ଭ କରିଥାଏ । ସକାଳ ବେଳା ମୁନାକୁ ଖେଳିବାକୁ ଛାଡ଼ିବାର କାରଣ ଘରର ଯାବତୀୟ କାମ ଉକ୍ତ ସମୟ ଭିତରେ ମୁନାବୋଉଙ୍କୁ ସାରିବାକୁ ହୁଏ । କିଏ ଜାଣିଥିଲା ଆଜି ଏଭଳି ଅଘଟଣ ଘଟିବ ବୋଲି । ଖେଳରେ ମାତିଥିବା ପିଲାଏ ମୁନା ସମ୍ପର୍କରେ କିଛି କହିପାରୁ ନଥାନ୍ତି । ଗୋଟିଏ ଡାକରେ ଯିଏ ଦୌଡ଼ି ଆସୁଥିଲା ତା'ର ଦେଖା ନାହିଁ । ତରୁଣବାବୁ ନିଜପଟୁ ମୁନା ଆତଯାତ କରୁଥିବା ସମସ୍ତ ପରିସର ଖୋଜି ହତାଶ । କୁଆଡ଼େ ଗଲା ମୁନା- ଏ ବଡ଼ ପ୍ରଶ୍ନବାଚୀ ।

ପୋଲିସ୍ ଆସି ସ୍ୱାଭାବିକ ଢଙ୍ଗରେ ମୁନାବୋଉ, ତରୁଣବାବୁ, ସାଇ ପଡ଼ିଶାଙ୍କୁ ଚିରାଚରିତ ପ୍ରଶ୍ନ ପଚାରି ଡାଏରୀରେ ଉତ୍ତର ଲିପିବଦ୍ଧ କଲା । ମୁନାର ବୟସ, ଫଟୋ, ଓଜନ, ଦେହରେ ଥିବା କଳାଜାଇ, କେଉଁ ରଙ୍ଗର ଜାମା ପିନ୍ଧିଥିଲା, ଉଚ୍ଚତା ସହ ପରିବାରର କାହା ସହ ପୂର୍ବ ଶତ୍ରୁତା ଥିଲା କି ଅଛି, ଏପରିକି ନିଜ ଗାଁରୁ କିଏ ଆସିଥିଲେ କି ଆଦିର ବିବରଣୀ ବୁଝି ଟିପି ରଖିଲା । ଆମେ ଦେଖିବୁ, ତଦନ୍ତ କରି ମୁନାକୁ ଖୋଜି ଆଣିବାକୁ ଚେଷ୍ଟା କରିବୁ ଇତ୍ୟାଦି ଇତ୍ୟାଦି ମଧୁର ବଚନ ଶୁଣାଇ ଫେରିଗଲେ ।

ମୁନାର ଫଟୋ ସମ୍ବାଦପତ୍ରରେ ଛପାହେଲା । "ଯଦି କୌଣସି ସହୃଦୟ ବ୍ୟକ୍ତି ମୁନାର ସନ୍ଧାନ ପାଆନ୍ତି, ତେବେ ପ୍ରଦତ୍ତ ମୋବାଇଲ ନମ୍ବରରେ ଜଣାଇବାକୁ ଅନୁରୋଧ ସହ ଉକ୍ତ ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ପୁରସ୍କାର ଦିଆଯିବା ବିଷୟ ଘୋଷଣାନାମାରେ ତରୁଣବାବୁ ଉଲ୍ଲେଖ କରିଥିଲେ ।" ଦୁଇ ଦିନ ଲଗାତର ନିରୁଦ୍ଦିଷ୍ଟ ମୁନାର ଫଟୋ ଛାପିଥିଲେ ସମ୍ବାଦପତ୍ର । ଏହା ବ୍ୟତୀତ ସ୍ଥାନୀୟ ଟିଭି ଚାନେଲରେ ମୁନାର ଅଦୃଶ୍ୟ ସଂପର୍କିତ ଖବର ଫଟୋ ସହ ପ୍ରସାରଣ ହୋଇଥିଲା । ଏତେସବୁ ସତ୍ତ୍ୱେ ମୁନାର କୌଣସି ଖବର ଆସୁନଥାଏ । ପୋଲିସ୍ ମଧ୍ୟ ଚୁପ୍ । ମୁନାର ଫଟୋକୁ ଦେଖି ଦେଖି ଲୁହ ଗଡ଼ାଉଥାନ୍ତି ବାପମା ଦୁହେଁ ।

ବିତିଗଲା ଦିନ, ମାସ, ବର୍ଷ । ତଦନ୍ତକାରୀଙ୍କ ହସ୍ତଶୂନ୍ୟ । କ୍ରମଶଃ ମୁନା ସ୍ମୃତି ପାଲଟିଗଲା । ଆଉ ଅଧିକା କ'ଣ ବା କରାଯାଇପାରେ ? ଏଣିକି ମଣିଷପଣିଆକୁ ଆପଣାଇ ଦୁଃଖ ହେଉ କି ସୁଖ ହେଉ ସବୁ ସହ୍ୟ କରିବାକୁ ପଡ଼ିବ, ଗ୍ରହଣ କରିବାକୁ ହେବ ନିୟତିର ନିୟମକୁ । ମୁନାଶୋକରୁ ବାହାରି ଭବିଷ୍ୟତ ଚିନ୍ତା କରିବା ସର୍ବାଦୌ ବାଞ୍ଛନୀୟ ପରିବାର ପାଇଁ । ଅତଏବ ତରୁଣ ବାବୁ ଓ ମୁନାବୋଉ ଦ୍ୱିତୀୟ ସନ୍ତାନ ପାଇଁ ଆଗାନ୍ତି ।

ସନ୍ତାନ ଭୂମିଷ୍ଠ ହେବା ଦିନକ ପୂର୍ବରୁ ହାସପାତାଲରେ ମୁନାବୋଉ ଭର୍ତ୍ତି ହେଲେ । ତରୁଣବାବୁ ଛୁଟି ନେଇ ମୁନାବୋଉଙ୍କ ସେବାରେ ଲାଗିଥାନ୍ତି । ଅଭିନନ୍ଦନ, ଆପଣଙ୍କର ଝିଅ ହୋଇଛି; ଓଟିରୁ ଶୁଭଖବର ଆସିଲା । ଖୁସିରେ ଉଚ୍ଛୁଳି ଉଠିଲେ ତରୁଣବାବୁ ।

ପୁଣି ବଜ୍ରପାତ, ଭଗବାନ ଏତେ କ୍ରୁର କାହିଁକି ହୋଇଗଲେ ? ତରୁଣବାବୁଙ୍କ ଖୁସି କିଛିକ୍ଷଣ ଭିତରେ ମିଳେଇଗଲା । କନ୍ୟା ପରିବର୍ତ୍ତେ ପୁତ୍ରଟିଏ ଦେଖି ଆଶ୍ଚର୍ଯ୍ୟ ମୁନାବୋଉ । ତରୁଣବାବୁଙ୍କ ହାସପାତାଲ କର୍ତ୍ତୃପକ୍ଷଙ୍କ ସହ ଆରମ୍ଭ ହେଲା ଯୁଦ୍ଧ । ମୁନାବୋଉ ଝିଅ ହୋଇଥିବା କଥା ଓଟିରେ ଶୁଣିବାକୁ ପାଇଥିଲେ । ବାରମ୍ବାର ଉତ୍ତେଜିତ ହୋଇ କହୁଥାନ୍ତି ଏ ଶିଶୁପୁତ୍ର ମୋର ନୁହଁ, ମୋ ଝିଅକୁ ଫେରାଇ ଦିଆଯାଉ । ହାସପାତାଲର ସବୁ କର୍ମଚାରୀ, ଡାକ୍ତର କେହି ପାଟି ଖୋଲୁନଥାନ୍ତି । 'ଅନେକ ତର୍କ ବିତର୍କ ପରେ ଶିଶୁଟିର ଡିଏନ୍ଏ ପରୀକ୍ଷା ପାଇଁ ସ୍ଥିର ହେଲା ।'

ଏ ଅପ୍ରତ୍ୟାଶିତ ଦାରୁଣ କଷ୍ଟ ମଧ୍ୟ ସହ୍ୟ କରିବାକୁ ହେବ ଭାବୁଥାନ୍ତି ପତିପତ୍ନୀ । ଡିଏନ୍ଏ ପରୀକ୍ଷାରୁ ଯେଉଁ ତଥ୍ୟ ଆସିବ ତାର ବିଶ୍ୱସନୀୟତା ମଧ୍ୟ ପ୍ରଶ୍ନବାଚୀ । ଏଇଟା ବେସରକାରୀ ହାସପାତାଳ; ଯାହାର ନିୟମ କାନୁନ ତା'ର ନିଜସ୍ୱ । ତାହା ତରୁଣବାବୁ ପୂର୍ବରୁ ସ୍ୱୀକାରୋକ୍ତି ମାଧ୍ୟମରେ ମାନି ସାରିଛନ୍ତି । ଶିଶୁ ଅଦଳ ବଦଳ ବିଷୟ କର୍ତ୍ତୃପକ୍ଷ କଦାଚିତ ସ୍ୱୀକାର କରିବେନି ବରଂ ନିଜ ସପକ୍ଷରେ ସମସ୍ତ ନିୟମ ଲେଖିନେବେ । ଏ ପ୍ରକାର ସନ୍ଦିହାନ ଭିତରେ ପଡ଼ି ତରୁଣବାବୁ, ମୁନାବୋଉଙ୍କ ମନରେ ଦ୍ୱନ୍ଦ୍ୱ, କାହିଁକି ଏ ଶିଶୁପୁତ୍ରକୁ ଗ୍ରହଣ କରିବେ । ଭଗବାନ ଏଭଳି ଖେଳ କାହିଁକି ରଚିଛନ୍ତି କେଜାଣି ? ମୁନାର ଦୁଃଖ ଏଯାବତ୍ ଯାଇନି; ଅଥଚ ପରିବାରକୁ ଏ ପ୍ରକାର ଅଭିଶାପ କାହିଁକି ମିଳିଛି ? ଆହୁରି କେତେ ଦୁଃଖ ଦେଇ ଭଗବାନ ଖୁସି ହେଉଥିବେ ? "ନିଜ ନାରୀ ହୃଦୟର ଭାବ ପ୍ରବଣତାକୁ ସମ୍ମାନ ଜଣାଇ ଭାବନ୍ତି ଏ ଶିଶୁପୁତ୍ର କି ପାପ କରିଛି, ତା' ଦୋଷ କ'ଣ, ଏହି ସନ୍ତାନ ବଦଳ ପଛରେ ଭବିଷ୍ୟତ ପାଇଁ କିଛି ବାର୍ତ୍ତା ଲୁଚି ଥାଇପାରେ" ! କିନ୍ତୁ ଝିଅ ଏଇନା କେଉଁଠି କିଭଳି ଥିବ, କେଉଁ ଅଜଣା ମାତୃକୋଳରେ କିମ୍ବା କେଉଁ ପରିସ୍ଥିତିରେ ଥାଇ କାନ୍ଦୁଥିବ, ଝୁରି ହେଉଥିବ ନିଜ ମାଆକୁ ବାହୁନି ଏ ଚିନ୍ତା ମଧ୍ୟ ତାଙ୍କୁ ଗ୍ରାସୁଥାଏ । ମନ ଭର୍ତ୍ତି ପ୍ରଶ୍ନମାଳା । ସ୍ୱାମୀଙ୍କ ବ୍ୟସ୍ତ ବିବ୍ରତ ମୁଖମଣ୍ଡଳ ଦେଖି ମୁନାବୋଉ କିଛି କହି ପାରୁନଥାନ୍ତି ।

"ଯେଉଁ ସମ୍ଭାବନାକୁ ନେଇ ତରୁଣବାବୁ ଚିନ୍ତିତ ଥିଲେ ତାହାହିଁ ଘଟିଲା । ଡିଏନ୍ଏ ରିପୋର୍ଟ ଦର୍ଶାଇଥିଲା ଶିଶୁପୁତ୍ରଟି ତରୁଣବାବୁଙ୍କର । ଅତଏବ ମୁନାବୋଉ ଶିଶୁପୁତ୍ରର ଜନନୀ ।" ଏଭଳି ଅଗ୍ରହଣୀୟ ଫଳାଫଳ ବିରୁଦ୍ଧରେ ନ୍ୟାୟିକ ଲଢ଼େଇ ପାଇଁ

ତରୁଣବାବୁଙ୍କର ଧୈର୍ଯ୍ୟ, ସାହସ ଓ ମନୋବଳ ନଥାଏ । ଏକ ବାଧ ବାଧକତାରେ ପଡ଼ି ଉକ୍ତ ଶିଶୁକୁ ପୁତ୍ରଭାବେ ଗ୍ରହଣ କରିନେଲେ ହୁଏତ ମୁନାର ପ୍ରତିନିଧି ଭାବି । ତଥାପି ମୁନାବୋଉଙ୍କ ମନ ମାନୁନଥାଏ ।

କ୍ରମଶଃ ଶିଶୁଟି ଯେତିକି ବଡ଼ ହେଉଥାଏ ତା'ର କୌଣସି ଗୋଟିଏ ହେଲେ ଚରିତ୍ର ଓ ଗୁଣ ସେମାନଙ୍କ ସହ ତାଳମେଳ ଖାଉ ନଥିଲା । ସେ ଯାହାହେଉ ସମୟଚକ୍ରରେ ପୁତ୍ରର ଦେଖାଶୁଣା କରି ଝିଅକୁ ମନ ପକାନ୍ତି ଉଭୟେ । ବେଳେବେଳେ ମନରେ ଦ୍ୱନ୍ଦ୍ୱ ଆସେ, ମୁନା, ଝିଅ କଥା ମନେ ପଡ଼ିଲେ ହୃଦୟର କୋହ ଚାପି ନିଅନ୍ତି । ଶିଶୁ ବଦଳ, ହାସପାତାଳର କାରସାଦୀ, ଡିଏନଏ ରିପୋର୍ଟ ସବୁ ମନୁଷ୍ୟକୃତ କେବଳ ଏହି ଶିଶୁପୁତ୍ର ହିଁ ବର୍ତ୍ତମାନର ଏକମାତ୍ର ସତ୍ୟ । କାହାକୋଳରେ ଛୋଟ ଝିଅଟିଏ ଦେଖିଲେ ଅମାନିଆ ଆଖିରୁ ଲୁହ ଆସିଯାଏ ମୁନାବୋଉଙ୍କର । ତରୁଣବାବୁ ତ ଆପଣା ହୃଦୟକୁ ପଥର କରି ସାରିଥାନ୍ତି । ମୁନାବୋଉଙ୍କୁ ପରିସ୍ଥିତି ଗ୍ରହଣ କରି ନେବାକୁ ବୁଝାନ୍ତି । ହୁଏତ ଆଗାମୀ ଦିନମାନଙ୍କରେ ଆହୁରି କେତେ ପ୍ରକାର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିପାରେ ସେହି ଭାବନାରେ ସ୍ୱାମୀସ୍ତ୍ରୀ ଦୁହେଁ ଚିନ୍ତାମଗ୍ନ । ମନ ସନ୍ତୁଳିତ କରି ଏହି ଶିଶୁଟିକୁ ପୋଷ୍ୟ ସନ୍ତାନ ଭାବନ୍ତି ଦୁହେଁ । ତାଙ୍କରି ଝିଅ ଯେଉଁଠି ଥାଉ ଭଲରେ ଥାଉ କହି ପରୋକ୍ଷ ଆଶୀର୍ବାଦ ଦିଅନ୍ତି । ମଣିଷ ଜୀବନରେ କେତେବେଳେ କି ପ୍ରକାର ମୋହମାୟା ଜାଗରିତ ହୁଏ ତାହା ଅନିର୍ଦ୍ଦିଷ୍ଟ । ମଣିଷ ଚିନ୍ତା କରେ ଗୋଟିଏ ଏବଂ ଫଳ ହୁଏ ଅନ୍ୟ ପ୍ରକାରେ । ଜଣେ ଦୋଷ କଲେ ଶାସ୍ତି ପାଏ ଅନ୍ୟ ଜଣେ । ତା ସତ୍ତ୍ୱେ ସବୁକିଛି ସଂଚରି ଚାଲିଛି । ସବୁକ୍ଷେତ୍ରରେ ଏ ପରମ୍ପରା କିନ୍ତୁ ଅଗ୍ରହଣୀୟ । ଆଜି ଈଶ୍ୱର ବିଶ୍ୱାସ ନା ବିଜ୍ଞାନ କାହାକୁ ଭରସା କରିବ ? ଏ ରକମର ମୌଳିକ ସମସ୍ୟା ଭିତରେ ମଣିଷ ସମାଜ ଗତି କରୁଛି । ସେହି ଧାରାରେ ତରୁଣବାବୁ ଓ ମୁନାବୋଉଙ୍କ ଦିନଚର୍ଯ୍ୟା ବଢ଼େ, ଏହି ଅପତ୍ୟ ଭିତ୍ତିକ ସାମାଜିକ ବନ୍ଧନରେ ଦୁହେଁ ବାନ୍ଧିହୋଇ ରହିଛନ୍ତି ।

ପୁଅ ତିନିବର୍ଷର ହେଲାଣି । ଅସହ୍ୟ କରେ ତା' ଦୁଷ୍ଟାମୀ । ତାକୁ ଏଣିକି ପ୍ଲେ ସ୍କୁଲରେ ଭର୍ତ୍ତି କରିଦବା ଯୋଜନା ହେଲା । ସେ ପୋଷ୍ୟ ସନ୍ତାନ ହେଉ କିମ୍ବା ଅବୈଧ ସନ୍ତାନ ହେଉ ପଛେ ମଣିଷ ସନ୍ତାନ ତ ! ତାର ପାଠପଢ଼ାରୁ ଚାକିରି, ବିବାହ ସବୁ କର୍ତ୍ତବ୍ୟାନୁଯାୟୀ ସମୟାନୁସାରେ ବୁଝିବାକୁ ହେବ ଦାୟିତ୍ୱବାନ ମା ବାପା ହିସାବରେ । ଆସ୍ତେ ଆସ୍ତେ ପୁଅର ପରିଚୟ ବଦଳିଯିବ । ଅପରପକ୍ଷେ ଏକ ମାଆର ମନ ଖୋଜୁଥାଏ ସ୍ୱାର୍ଥସମ୍ବଳିତ ପରିଚୟ । ଝିଅ ମଧ ତିନିବର୍ଷର, ସ୍କୁଲ ଯାଉଥିବ ? କୌଣସ ଭଲ ଘରେ ଯଦି ବଢୁଥିବ ତେବେ ତା'ର ଚାଲିଚଳଣ ଓ ଠାଣୀ କିଭଳି ହୋଇଥିବ, ଯଦି କୌଣସି ଗରିବର ବସ୍ତି ଘରେ ଅଛି, ତେବେ ଝିଅର ଅବସ୍ଥା ଅକଳନୀୟ ଭାବି ଭାବି ମୁନାବୋଉଙ୍କ ମନ ଭାରାକ୍ରାନ୍ତ ।

ବେଳେବେଳେ ପରିବେଶ ବଦଳି ଯାଏ, ସବୁକିଛି ଓଲଟ ପାଲଟ କରିଦିଏ । ସେଦିନ ଉଦୁଉଦିଆ ଖରାବେଳ, ଖାଇ ସାରି ଗଡ଼ତଡ଼ ହେଉଥାନ୍ତି ମୁନାବୋଉ । କବାଟରେ ମୃଦୁ କରାଘାତ ଶବ୍ଦ । କବାଟ ଖୋଲିବା ପୂର୍ବରୁ ଝରକା ଫାଙ୍କ ଦେଇ ଦେଖିପାରିଲେ ଏକ ଛୋଟ ଝିଅକୁ ତାଙ୍କ ଦୁଆର ମୁହଁରେ ଛାଡ଼ିଦେଇ ଅଜଣା ସ୍ତ୍ରୀଟିଏ କ୍ଷିପ୍ରଗତିରେ ଚାଲିଯିବାର ଦୃଶ୍ୟ । ଝିଅଟି ହାତରେ ଚିଠା ଖଣ୍ଡିଏ ଧରି ବିକଳ ହୋଇ କାନ୍ଦୁଥାଏ । ପୁଣି ଦ୍ୱନ୍ଦ୍ୱରେ ପଡ଼ି ମନେ ମନେ ମୁନାବୋଉ କହି ଉଠିଲେ ହେ ପ୍ରଭୁ କାହିଁକି ଆଉ ଏକ ଅଗ୍ନି ପରୀକ୍ଷାର ସଙ୍କଟ ଦେଉଛ । ଏହି ସୁଯୋଗରେ ପୁଅ ତା' ଖେଳଣା ଧରି ଝିଅପାଖେ ହାଜର, ଖେଳଣା ଦେଖୁ ଦେଖୁ ଝିଅର କାନ୍ଦ ବନ୍ଦ । ତା' ହାତରୁ ଚିଠାଟାକୁ କାଢ଼ି ଆଣି ମୁନାବୋଉ ପଢ଼ିଲେ । ସମଗ୍ର ଶରୀରରେ ଶିହରଣ, ସତରେ ଏହା କ'ଣ ସମ୍ଭବ ? ପୁନର୍ବାର ଚିଠାଟି ପଢ଼ି ଶିଶୁକନ୍ୟାକୁ

ବାରମ୍ବାର ନିରୀକ୍ଷଣ କରୁଥାନ୍ତି । ଝିଅକୁ ଭିତରକୁ ନେଇ କବାଟ କିଳିଦେଲେ । ତରୁଣବାବୁଙ୍କୁ ସଙ୍ଗେ ସଙ୍ଗେ ମୋବାଇଲ ଲଗାଇଲେ । ହେଇଟି ଶୁଣ, ଆମ ଝିଅ ଆମ ଘରକୁ ଫେରି ଆସିଛି । ମୁଁ ନିଶ୍ଚିତ ଯେ ଆମରି ହିଁ ଝିଅ । ତୁମେ ଶୀଘ୍ର ଆସ ଦେଖିଲେ ଜାଣିବ ।

"ତୁମେ କ'ଣ ପାଗଳ ହୋଇଯାଇଛ ମୁନାବୋଉ ? ମୁନା ଫେରି ଆସିଛି କହିଥିଲେ ବିଶ୍ୱାସ କରିଥାନ୍ତି । ଦିବା ସ୍ୱପ୍ନ ଦେଖିବା ବନ୍ଦ କର । ଝିଅ ବଦଳରେ ପୁଅ ପାଇଛେ, କିଏ ହୃଦୟବନ୍ତ ଅଛି ଯେ ଆମ ଝିଅକୁ ଫେରାଇଦେବ ?" "ନାଁ ମୁଁ ମିଛ କହୁନି, ତୁମେ ଦେଖିଲେ ଜାଣି ପାରିବ ଏହି ଆଗତ ଶିଶୁ ଆମ ଝିଅ ବ୍ୟତୀତ ଅନ୍ୟ କେହି ହୋଇ ନପାରେ ।"

ତରୁଣବାବୁ ଘରେ ପହଞ୍ଚି ଦେଖିବାକୁ ପାଇଲେ ସେହି ଅଭୂତପୂର୍ବ ଦୃଶ୍ୟ । ପ୍ରାୟ ସମବୟସ୍କ ଶିଶୁ ଦୁହେଁ ଖେଳରେ ମାତିଥାନ୍ତି । ଆଶ୍ଚର୍ଯ୍ୟ ହୋଇ ମୁନାବୋଉଙ୍କ ମୁହଁ ଦେଖୁଥାନ୍ତି ତରୁଣବାବୁ । ଚିଠିର ବିଷୟବସ୍ତୁ ପଢ଼ି ପଲକହୀନ ମୁଦ୍ରାରେ ଝିଅଟିକୁ ଦେଖୁଥାନ୍ତି ତରୁଣବାବୁ । ମୁନାର ଅଦୃଶ୍ୟ ହେବା ଓ ଝିଅ ଫେରିଆସିବା ସ୍ୱପ୍ନଭଳି ଲାଗୁଥାଏ । ମନ ଭିତରେ ଉତ୍କଣ୍ଠା ଓ ଦ୍ୱନ୍ଦ୍ୱ ।

**ମହାଶୟ/ମହାଶୟା,**

ବିଶ୍ୱାସ କରନ୍ତୁ ଶିଶୁଟି ଆପଣଙ୍କ ଝିଅ । ହାସପାତାଳରେ ସେହି ମୁହୂର୍ତ୍ତ ମନେ ଥିବ । ଆପଣଙ୍କର କନ୍ୟାଜାତ ହୋଇଥିଲା ସେଦିନ ।

ଓଟିରୁ ଶିଶୁଟିକୁ ପୁତ୍ରଭାବି ଭୁଲବଶତଃ ଅପହରଣ କରି ନିଆଯାଇଥିଲା । ଏହି କାର୍ଯ୍ୟକଳାପରେ ଲିପ୍ତ ଥିବା ଛଦ୍ମବେଶୀ ନର୍ସ ସବୁକିଛି ଗଡ଼ବଡ଼ କରିଦେଇଥିଲା । ଅନ୍ୟସ୍ଥାନରୁ ସଦ୍ୟ ଅପହୃତ କରି ଆଣିଥିବା ପୁଅକୁ ଝିଅ ଭାବି ଓଟିରେ ରଖି ଦେଇଥିଲା । ମୋଟା ଅର୍ଥ ବିନିମୟରେ ଏହିସବୁ କାର୍ଯ୍ୟ ହାସପାତାଲ, ନର୍ସିଂହୋମରେ ଜ୍ଞାତସାରରେ ଅତ୍ୟନ୍ତ ତଡ଼ିତ ବେଗରେ କରାଯାଏ, ଯଦ୍ୱାରା କିଛି ଭୁଲ ହୋଇଥାଏ । ଏପରି ଭୁଲ ପ୍ରକ୍ରିୟା ଯୋଗୁଁ ଆପଣଙ୍କ ଝିଅ ଓ ସେହି ପୁଅ ଅଦଳ ବଦଳ ହୋଇଯାଇଥିଲେ । ସେହି ଛଦ୍ମବେଶୀ ନର୍ସ ଏ ଘଟଣା ପରେ ହରଡ଼ଘଣାରେ ପଡ଼ି ଯାଇଥିଲା । ସେହି ନର୍ସର ସଦ୍ୟଜନ୍ମିତ ସନ୍ତାନ ବଦଳ ହୋଇ ଯାଇଥିଲା ହାସପାତାଲରେ । ସେହି ମୁହୂର୍ତ୍ତରେ ସେ ବୁଝି ପାରିଥିଲା ସନ୍ତାନ ବଦଳ କିମ୍ବା ଅପହୃତ ହେଲେ ପିତାମାତାଙ୍କୁ କି ଭଳି ମାନସିକ ସ୍ଥିତି ଉପୁଜେ । ସେଦିନୁ ଅର୍ଥ ଲାଳସା ଓ ହୀନକର୍ମ ଛାଡ଼ି କିଛି ସୁକର୍ମ କରିବା ପାଇଁ ପଣ କରିଥିଲା । ଅପହରଣ ଓ ବଦଳ କରିଥିବା ଶିଶୁଙ୍କୁ ସେ ତୀକ୍ଷ୍ଣ ନଜରରେ ରଖିଥାଏ । ଯାହାର ପ୍ରଭାବରେ ଆଜି ଆପଣ ନିଜର ଝିଅକୁ ଫେରି ପାଇଛନ୍ତି । "ମୁଁ ସେହି ଛଦ୍ମବେଶୀ ନର୍ସ । ଯେ କୌଣସି ମୁହୂର୍ତ୍ତରେ ମୁଁ ପୋଲିସ୍ ହାତରେ ଧରା ପଡ଼ିଯିବି । ତା' ପୂର୍ବରୁ କୌଶଳ କରି କିଛି ଶିଶୁଙ୍କୁ ସେମାନଙ୍କ ନିଜ ମାଆ କୋଳକୁ ଫେରାଇ ସାରିଲିଣି । ଆପଣଙ୍କ ଝିଅକୁ ଫେରାଇ ମୁଁ ଆଶ୍ୱସ୍ତ ।" ନିଜ ସନ୍ତାନକୁ ଚିହ୍ନିବାରେ ଜନ୍ମ ଦେଇଥିବା ମାଆ କଦାଚିତ ଭୁଲ କରିପାରିବ ନାହିଁ । ଏ ଝିଅର କୌଣସି ଡିଏନ୍‌ଏ ପରୀକ୍ଷଣ ଦରକାର ନାହିଁ । ତା'ର ଚାଲିଚଳଣ ଭବିଷ୍ୟତରେ ଆପଣଙ୍କ ରକ୍ତର ଯଥାର୍ଥ ପରିଚୟ ଦେବ । ଆପଣଙ୍କ ପାଖେ ଥିବା ପୁଅର କେହି ଦାବିଦାର ନାହାଁନ୍ତି । ଆପଣଙ୍କୁ କୌଣସି ଅର୍ଥ ଦାବି କରିବି ନାହିଁ କି ଭବିଷ୍ୟତରେ କୌଣସି ଅସୁବିଧାରେ ପକାଇବିନି; କାରଣ ମୁଁ ମଧ୍ୟ ଆପଣଙ୍କ ଭଳି ଏକ କ୍ଷୁବ୍ଧ ଜନନୀ । ମୋତେ ନିଃସର୍ତ୍ତ କ୍ଷମା କରିଦିଅନ୍ତୁ ।"

ଚିଠାଟାକୁ ବାରମ୍ବାର ପଢ଼ି ତରୁଣବାବୁ ନିଜ ପ୍ରଥମ ସନ୍ତାନକୁ ସ୍ମରଣ କରୁଥାନ୍ତି ଏବଂ ଦେଖୁଥାନ୍ତି ଶିଶୁକନ୍ୟାର ମୁହଁକୁ । ତାଙ୍କପାଖେ ଆଜି ଦୁଇଟି ନିରୀହ ଦେବଶିଶୁ । ମୁନାବୋଉ ତୁରନ୍ତ ଝିଅକୁ କୋଳେଇ ନେଇ ମୋ ଝିଅ, ମୋ ଝିଅ କହି ଚୁମ୍ବନ ପରେ ଚୁମ୍ବନ ଦେଇ ଚାଲିଥିଲେ । ମୁନାକୁ କାଖେଇ ଗେଲ କରିବା ଅବସରରେ ତରୁଣବାବୁଙ୍କ ଆଖିରୁ ଝରି ପଡୁଥାଏ ଆନନ୍ଦାଶ୍ରୁ । ଝିଅଟି ବୋଧେ ତା' ମାଆକୁ ଚିହ୍ନି ପାରିଥିଲା ।

❖

# ଆଶ୍ରୟ

**ମୂଳଲେଖା : ନିଜାର ଅଜୀମ**
**ଅନୁବାଦ : ସୁକୋମଳ ଦାଶ**



**ମା**ଡ୍ରାସ୍ ସେଣ୍ଟ୍ରାଲ ଷ୍ଟେସନ ନିକଟସ୍ଥ ପୁନାମଲୀ ହାଇରୋଡ୍‌ରେ ହୋଟେଲ ନିଳାମ୍ବରର ପଞ୍ଚମ ମହଲାରେ ଆମର ରହଣୀ ଥିଲା । କଲେଜର ପନ୍ଦର ଜଣ ଛାତ୍ରଛାତ୍ରୀଙ୍କୁ ନେଇ ମୁଁ ଓ ମୋର ଦୁଇଜଣ ସହକର୍ମୀ ବିଭୁ ଓ ଅଭିମନ୍ୟୁ ଏଜୁକେସନାଲ ଟୁର୍‌ରେ ବାହାରିଥିଲୁ । ସମସ୍ତ ଛାତ୍ରଛାତ୍ରୀ, ମୁଁ ଓ ମୋର ଦୁଇ ସହକର୍ମୀ ସେଇ ଗୋଟିଏ ଫ୍ଲୋରରେ ପାଞ୍ଚୋଟି କୋଠରିରେ ବାଣ୍ଟିକୁଣ୍ଟି ରହିଥିଲୁ । ହୋଟେଲରେ ସମସ୍ତ ସୁବିଧା ସୁଯୋଗ ସତ୍ତ୍ୱେ ଓ କେବଳ ବେଡ୍-ଟି ଛାଡ଼ିଦେଲେ, ଜଳଖିଆ, ଲଞ୍ଚ ଏବଂ ଡିନରର ସୁବିଧା ନଥିଲା । ଯଥାଶୀଘ୍ର ହୋଟେଲରୁ ଅଳ୍ପ ଛାଡ଼ି ଏକ ସଫାସୁତୁରା ପ୍ରଶସ୍ତ ହୋଟେଲ ଖୋଜିନେଲୁ ଯେଉଁଠି ଜଳଖିଆ, ଲଞ୍ଚ୍, ଡିନର ସବୁ କିଛିର ସୁବ୍ୟବସ୍ଥା ଥିଲା । ଭୋଜନରେ ଡାଲି, ଭଜା, ତରକାରୀ, ମାଂସ, କୁକୁଡ଼ା, ମାଛ, ସବୁକିଛି ମିଳୁଥିଲା । ହୋଟେଲର ନାଁ, ଇଂରାଜୀ ଉଚ୍ଚାରଣ ହିସାବରେ 'ଖାଜା' ଲେଖାଥିଲା ଯାହାକୁ ଉର୍ଦ୍ଦୁରେ 'ଖ୍ୱାଜା' ବୋଲି ପଢ଼ିବାକୁ ଆମକୁ କିଛିଦିନ ଲାଗିଯାଇଥିଲା ।

ଭୋର୍ ସକାଳୁ ସମସ୍ତେ ଗାଧୋଇ ପ୍ରସ୍ତୁତ ହୋଇଯାଉଥିଲୁ, ବାହାରକୁ ବାହାରୁଥିଲୁ ଓ ଟହଲ ମାରିଲା ଭଳିଆ ଚାଲିଚାଲି ହୋଟେଲରେ ପହଞ୍ଚି ଯାଉଥିଲୁ । ସଭିଏଁ ମିଳିମିଶି ଜଳଖିଆ ଖାଇନେଇ, ଭ୍ରମଣ ଉଦ୍ଦେଶ୍ୟରେ ବାହାରି ପଡୁଥିଲୁ । ଲଞ୍ଚ୍ ବେଳକୁ ଯେଉଁଠି ଥାଉ, ସେଇ ପାଖାପାଖି ସାରିନେଉ । ଥରେ ଅଧେ ଏଭଳି ବି ହେଲା, ଲଞ୍ଚ୍ ପ୍ୟାକ୍ କରି ନେଇଛୁ ଓ ଫେରିଲାବେଳକୁ ସେଇଠି ଡିନର୍ ସାରିଦେଇ ଆସୁ ଓ ଗପସପ କରି ଦଶମିନିଟ୍‌ରେ ରହିବା ହୋଟେଲରେ ପହଞ୍ଚିଯାଉ । ହୋଟେଲର କମନ୍ ଏରିଆରେ ସମସ୍ତେ ଏକାଠି ବସି ସାରାଦିନର ଭ୍ରମଣ ବାବଦରେ ଆଲୋଚନା କରୁ, କ୍ୟାମ୍ପ୍ ଫାୟାର ହୁଏ, ପରବର୍ତ୍ତୀ ଦିନର କାର୍ଯ୍ୟକ୍ରମ ଆଲୋଚନା କରିନେଉ । କୋଠରିରେ ପହଞ୍ଚି ଛାତ୍ରଛାତ୍ରୀମାନେ ଡାଏରୀ ଲେଖନ୍ତି ଏବଂ ସାରାଦିନର କ୍ଲାନ୍ତି ଯୋଗୁଁ ସଭିଏଁ ଶୋଇଯାଉ । ପ୍ରାୟତଃ ବେଡ୍‌ରୁମ୍‌ରୁ ଖୋଲୁଥିବା ଛୋଟିଆ ବାଲକୋନିରେ ଛିଡ଼ାହୋଇ ଏଇ ସହରର ଗହଳି ବ୍ୟସ୍ତତାକୁ ଚାହିଁ ରହିଲେ, ପୁରୁଣା ମାଡ୍ରାସ ଓ ଏବକାର ଚେନ୍ନାଇ ମଧ୍ୟରେ ପ୍ରଭେଦ ଆପଣାଛାଏଁ ମୋର ଅନୁମାନ ହୋଇଯାଏ ।

ତିରିଶ ବର୍ଷର ଏକ ସୁଦୀର୍ଘ ବ୍ୟବଧାନ ଅନ୍ତେ ସେଇ ସହରକୁ ଆସିବାର ମତେ ସୁଯୋଗ ମିଳିଥିଲା । ସେତେବେଳେ ବି ମୁଁ କଲେଜରୁ ଏଜୁକେଶନାଲ ଟୁର୍‌ରେ ଆସିଥିଲି । ସେତେବେଳେ ଷ୍ଟେସନ ନିକଟସ୍ଥ ଏଇ ସମସ୍ତ ରାସ୍ତାଯାକ ନିକଟରେ ଖୋଲା ବିସ୍ତୀର୍ଣ୍ଣ ପ୍ରାନ୍ତର ସବୁ ଥିଲା । ଏଇ ଗୋଟେ ଯୋଡ଼ିଏ ଉଚ୍ଚ ଅଟ୍ଟାଳିକା ଦିଶୁଥିଲା, ଛୋଟିଆ ଛୋଟିଆ ବୈଷ୍ଣବ ହୋଟେଲ ଓ କେତୋଟି ଢାବା ଦିଶୁଥିଲା । ରହଣୀ ସକାଶେ ଧର୍ମଶାଳା ଓ ଚଟ୍ଟିଘରମାନ ମିଳୁଥିଲା । ଝୁମ୍ପୁଡ଼ି ଭଳିଆ ପକ୍କା ଢାଲୁ ଛାତର ନୁଆଁଣିଆ ଛୋଟିଆ ଛୋଟିଆ ଘରମାନ ଥିଲା । ଆଉ ମଣିଷମାନେ ଅତି ସାଧାରଣ ଜୀବନଯାପନ କରିବାରେ ଅଭ୍ୟସ୍ତ ଥିଲେ । କିନ୍ତୁ, ସ୍ନେହ ପ୍ରେମ ସରଳତା ଓ ସଦ୍‌ଭାବନା ସତ୍ତ୍ୱେ ଧାର୍ମିକ ଛୁଆଁ ଅଛୁଆଁ ଜାତି ଅଜାତିର ଭେଦଭାବ

ମାଡ୍ରାସୀ ସମାଜର ଏକ ବିଶିଷ୍ଟ ଅଙ୍ଗ ଥିଲା । ତେଲୁଗୁ, କନ୍ନଡ଼ ଓ ମାଲାୟାଲାମ ଭାଷାଭାଷୀଙ୍କ ଗହଣରେ ଭିନ୍ନ ପ୍ରାନ୍ତର ଯାତ୍ରୀମାନେ ଅଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ । ହେଲେ ଏବେକାର ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ସେ ସମସ୍ତ ଆବରଣ ଉତୁରି ସାରିଥିଲା । ଉର୍ଦ୍ଦୁ, ହିନ୍ଦୀ ଓ ଇଂରାଜୀ ଭାଷାଯାକ ମାଡ୍ରାସୀ ସଂସ୍କୃତିକୁ ଗୋଟିଏ ନୂତନ ରଙ୍ଗରେ ରଙ୍ଗେଇ ଦେଇଥିଲା । ଏବେ ସବୁକିଛି ଏଇଠି କୌଣସି ବ୍ୟାବସାୟିକ ସଂସ୍ଥାର ପଣ୍ୟ ସାମଗ୍ରୀ ଭଳି ଜଣାପଡୁଥିଲା । ସଡ଼କର ଉଭୟ ପାର୍ଶ୍ୱସ୍ଥ ନଭଷ୍ଚୁମ୍ବୀ ଅଟ୍ଟାଳିକାଗୁଡ଼ିକ ଓ ରଙ୍ଗ ବେରଙ୍ଗ ଗାଡ଼ି ସମୂହରେ ସୁସଜ୍ଜିତ ସଡ଼କ ସେଇ ସୁପ୍ରସସ୍ତ ସଡ଼କମାନଙ୍କୁ ଗିଳିନେଇ ସାରିଥିଲେ । ସେଇ ଅଟ୍ଟାଳିକାମାନଙ୍କରେ ଅଧିକାଧିକ ବ୍ୟାବସାୟିକ ଅଫିସ, ବିଶାଳକାୟ ସପିଂ ମଲ୍, ରେସ୍ତୁରାଁ, କଫି ଦୋକାନ, ମଦ ଦୋକାନ ସବୁ ସଦାସର୍ବଦା ଗହଳି ମଣ୍ଡିତ ହୋଇ ରହୁଥିଲା । ଯେଉଁ ଅଳ୍ପ କେତୋଟି ପୁରୁଣା ଢାବା ଆଦି ରହିଯାଇଥିଲେ, ସେମାନେ ବି ଆଧୁନିକ ପ୍ରଗତିଶୀଳ ବେଶଭୂଷାରେ ନିଜକୁ ସଜେଇ ନେଇଥିଲେ । ପୁରୁଷ ମହିଳା, ଯୁବକ ଯୁବତୀ ସମସ୍ତଙ୍କ ଜୀବନଶୈଳୀ, ପୋଷାକ ପରିଚ୍ଛଦ ଓ ଜୀବନ ଧାରଣ, ପୁରୁଣା ମାଡ୍ରାସକୁ ଅନେକ ପଛରେ ଛାଡ଼ି ଆସିଥିଲା । ସେଇ ସାମାଜିକ ବିଦ୍ୱେଷ ଓ ପକ୍ଷପାତ ଯାହା ତିରିଶ ବର୍ଷ ତଳେ ଫୁଟି ଦିଶୁଥିଲା; ତାହା ଏବେ ଖୋଜିଲେ ବି ମିଳୁନଥିଲା ।

ଜାନୁୟାରୀ ମାସର ପ୍ରଥମ ସପ୍ତାହ ପାଗ ଖରାଛାଇର ଲୁଚକାଳି ଖେଳୁଥିଲା । ମୋର ଆବେଗ ସମୂହ ଓ ଭାବନାରାଜି ବି ପୂରବୀ ପବନର ଗତି ସହ ସମଲୟରେ ନିଜର ବାଟ ଓ ବେଗ ନିରନ୍ତର ବଦଳାଉଥିଲେ । ମୋର ଓ ନଳିନୀର ପ୍ରେମ ବି ଏଇଠି ଉତ୍କର୍ଷ ଲଭିଥିଲା । ନଳିନୀର ପ୍ରଥମ ଚୁମ୍ବନର ସ୍ପର୍ଶ ପାଇବାର ସୌଭାଗ୍ୟ ବି ଏଇ ମାଟିରେ ହିଁ ମତେ ପ୍ରାପ୍ତ ହୋଇଥିଲା । ମୋର ସେଇ ଅସଫଳ ପ୍ରେମର ପ୍ରତିଟି ସ୍ପର୍ଶର ଅନୁଭବ, ମୋର ଅନ୍ତରରେ ଆଜି ବି ଜୀବନ୍ତ ରହିଥିଲା, କିନ୍ତୁ ଏଇକ୍ଷଣରେ ମୋର ସ୍ମୃତି ପଟଳରେ ନଳିନୀ ନୁହେଁ, ବରଂ ପୂନାମଲୀ ହାଇ ରୋଡ଼ ଫୁଟ୍‌ପାଥର ସେଇ ଭିକାରୁଣୀ କରାଘାତ କରୁଥିଲା, ଯାହାକୁ ବିଗତ ଚାରିଦିନରେ ଅନ୍ତତଃ ଦଶରୁ ବାର ଥର ମୁଁ ଭେଟିଥିବି ।

ପ୍ରକୃତରେ ମାଡ୍ରାସ ପହଞ୍ଚିବାର ଦ୍ୱିତୀୟ ଦିନକୁ ହିଁ ସୁଖାଦ୍ୟ ମୁଠାକର ଖୋଜାରେ ମୁଁ ଓ ବିଭୁ ସେଇ ରାସ୍ତାରେ ଘୂରି ବୁଲୁଥିଲୁ । ସହସା "ଦୟାକର ଭାଇ" ପୁରୁଷ ସ୍ୱରଟିଏ କାନରେ ବାଜିଲା । ଆମ ହିନ୍ଦୁସ୍ତାନର ଯେକୌଣସି କୋଣ ଅନୁକୋଣରେ ଏଭଳି ସ୍ୱର ଏବେ ତା'ର ପ୍ରଭାବ ହରାଇ ସାରିଛି । ଅତଃ ଶୁଣା ସ୍ୱରକୁ ଅଶୁଣା କରି ମୁଁ ଆଗକୁ ବଢ଼ିଚାଲିଲି । କିନ୍ତୁ କେଇ ପାହୁଣ୍ଡ ଆଗକୁ ବଢ଼ିଥିବି, ସେଇ ସ୍ୱରର ଅଧିକାରୀ ଉପରେ ଆଖି ପଡ଼ିଯିବାରୁ ଅପଣାଛାଏଁ ମୋର ପାଦ ଅଟକିଗଲା । ସେ ଜଣେ ବୃଦ୍ଧ ଥିଲା, ପ୍ରାୟ ସତୁରୀ ବର୍ଷର । ଉଜ୍ଜ୍ୱଳ ଶୁକ୍ଳ ଶ୍ମଶ୍ରୁଧାରୀ, ଲୋଟାକୋଟା ମଇଳା କୁର୍ତ୍ତା ପାଇଜାମା ପିନ୍ଧି, ଲାଠି ଖଣ୍ଡକର ସାହାରା ନେଇ ଏଯାଏଁ ମୋ ପଟେ ଅନାଇ ରହିଥିଲା । ହେଲେ, ମୋର ଦୃଷ୍ଟି ତା ଉପରୁ ଖସିଯାଇ, ସେଇ ନବଯୁବତୀ ଉପରେ କେନ୍ଦ୍ରୀଭୂତ ହେଲା, ଯିଏ କି ସେଇ ବୃଦ୍ଧର ଶୀର୍ଣ୍ଣ ବାହୁକୁ ଧରି ତା' ସାଥିରେ ଲାଖି ରହିଥିଲା । କ୍ଷଣିକେ ସେଇ ବୃଦ୍ଧ ପ୍ରତି ମୋର ଅନ୍ତର ଅସହିଷ୍ଣୁତାରେ ଭରି ଉଠିଲା ଓ ମନେ ମନେ ମୁଁ ବିଡ଼ିବିଡ଼ି ହେଲି, "ପଇସାଟିଏ ଲୋଭରେ ମଣିଷମାନେ ନିଜ ଝିଅବୋହୂଙ୍କୁ ବି......" କିଛି ପଇସା ସେଇ ବୃଦ୍ଧର ଖୋଲାହାତରେ ଥୋଇଦେଇ ମୁଁ ସେଠୁ ବାହାରି ଗଲି । ଏହା ତ ମାତ୍ର ଏକ ସଂଯୋଗ ଥିଲା । ତାପରେ ଜଳଖିଆ, ଲଞ୍ଚ୍ ଓ ଡିନର୍ ପାଇଁ ଗଲା ଆସିଲାବେଳେ ସେ ଦୁହେଁ ପ୍ରତିଥର ମତେ ଦିଶୁଥିଲେ । ଅତି ନିରୀହ, ବିଶାଳ ଲୋଚନା, ସାବନା ଲୋଭନୀୟା ଝିଅଟି ସେ ଥିଲା । ଅତି ଶୃଙ୍ଖଳିତ ଢଙ୍ଗରେ ସର୍ବଦା ତା'ର କେଶ ମୁଠାକ ବେଣୀ ବନ୍ଧା ହୋଇ ରହୁଥିଲା । ଫୁଲଦାର୍ ସୂତା ଶାଢ଼ି ଖଣ୍ଡେ ସେ ପିନ୍ଧୁଥିଲା ଓ ବୟସ ଅତି ବେଶୀରେ ଟାଣିଟୁଣି ଏଇ ତିରିଶ ଯାକେ ହେବ । ତାକୁ ଦେଖିଲାବେଳୁ ଅନେକ ଗୁଡ଼ିଏ ପ୍ରଶ୍ନ ମୋର ଚିତ୍ତ ହୃଦୟକୁ ଦୋହଲାଇ ଦେଇଥିଲେ । ବୃଦ୍ଧ ଜଣକ ମୁସଲମାନ ଓ ଝିଅଟି ହିନ୍ଦୁ, ଆଉ ଏ ଅବସ୍ଥାରେ ରାସ୍ତା ଉପରେ,.... ହେଲେ ଏହା ବି ଅବିଶ୍ୱାସଯୋଗ୍ୟ ନଥିଲା, କାରଣ ବିଭିନ୍ନ ପ୍ରାନ୍ତରେ ମୁସଲମାନ ମହିଳାମାନେ ବି ସିନ୍ଦୂର ଓ ମଙ୍ଗଳସୂତ୍ର ପିନ୍ଧନ୍ତି । ସେ ଯଦି ବିବାହିତା ଥିଲା ତେବେ ତା'ର ସ୍ୱାମୀ ଗଲା କୁଆଡ଼େ ? ଯଦି.... ଏଇ ବୃଦ୍ଧ ତା'ର ସ୍ୱାମୀ ହୋଇଥିବ

ତେବେ..... ଯା'ପରେ ମୋର ବୁଦ୍ଧି ଆଗକୁ ଆଉ ଖସିଲାନି ।

କିନ୍ତୁ, ଏଇ ଝିଅଟିରେ ଆଉ ବି କିଛି ନୂତନତା ଭରି ରହିଥିଲା । ସାଧାରଣତଃ ଭିକାରୁଣୀମାନେ ଯେଭଳି ଦିଶନ୍ତି, ସେ ସେଭଳି ନଥିଲା । ବିଚିତ୍ର କଥାଟା ଏହା ହିଁ ଥିଲା, ଭିକ ମାଗିବା ତାକୁ ମୁଁ ଥରେ ହେଲେ ଦେଖିନି କି ତା'ର ସ୍ୱର ଥରେହେଲେ ଶୁଣିନି । ନା, ଭିକରେ ପଇସାଟି ପ୍ରତି କେବେ ସେ ହାତ ପାତୁଥିଲା । ବାସ୍, ଯେତେବେଳେ ବି ସେଇ ବୃଦ୍ଧ ଜଣକ ଛିଡ଼ା ରହୁଥିଲା, ତା'ର ବାହୁ ଦୁଇଟି ତା'ର ପାପୁଲିର କବ୍ଜାରେ ରହୁଥିଲା ଓ ସେ ବସିଥିଲା ବେଳେ ତା'ର ଆଣ୍ଠୁ ଧରି ଜାକିଜୁକି ହୋଇ ସତେକି ତା ସହ ଏକୀଭୂତ ହୋଇ ବସି ରହୁଥିଲା । ଅଭାବନୀୟ ଥିଲା ଏଇ ଯୋଡ଼ିଟା । ହଁ, ତାର ଆଖିର ଗଭୀରତା ଦ୍ୱିବାର ମୋଡ଼ି ଦେଖିବାକୁ ମତେ ପ୍ରଚୋଦିତ କରାଉଥିଲା । କିନ୍ତୁ, ମୁଁ ବା ତା' ବାବଦ ଏତେ ଚିନ୍ତା କରୁଛି କାହିଁକି ? ସମ୍ଭବତଃ ମୋ ଅନ୍ତରସ୍ଥ ପୌରୁଷ ସେଇ ସରଳ ଶ୍ୟାମଳୀ ମନୋହରୀ ଯୁବତୀ ପ୍ରତି ଆକୃଷ୍ଟ ହୋଇଥିଲା କାରଣ, ମୋର ହାତ ଏବେ ଦଶ କୋଡ଼ିଏ ଛାଡ଼ି ପଚାଶ ଟଙ୍କା ଯାକେ ଅଜାଡ଼ି ବସୁଥିଲା । ନୋଟ୍ ଦେଲାବେଳକୁ ମତେ ଏକ ଅଦ୍ଭୁତ ଦୃଷ୍ଟିରେ ସେ ଚାହିଁ ରହେ । ହୁଏତ ମୋର ଅଭିସନ୍ଧିରେ ମୁଁ ସଫଳ ହେଉଥିଲି । ସେ କାଳେ ମୋର ହୋଟେଲ କୋଠରିକୁ..... ?

ଅଚାନକ ହେମାଳିଆ ପବନ ସହ ବରକୋଳିଆ ଟୋପା ମୋର ଉତ୍ତପ୍ତ ଶରୀରକୁ ସ୍ପର୍ଶ କରିବାରୁ ମୋର ଭାବନାର ଶିକୁଳି ଛିଣ୍ଡିଗଲା । ଦରଜା ବନ୍ଦକରି ମୁଁ ମୋର ଶେଜକୁ ଫେରି ଆସିଲି, କିନ୍ତୁ କେଜାଣି କେତେବେଳ ଧରି କଡ଼ ଲେଉଟି ଲେଉଟି ଛଟପଟ ହେଉଥିଲି ଯେ ।

ସକାଳୁ ଛାତ୍ରଗୋଷ୍ଠୀ ସହ ଯେତେବେଳେ ମୁଁ ଜଳଖିଆ ଖାଇବାକୁ ବାହାରିଲି, ତାକୁ ତା'ର ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ମୋର ଆଖି ଚାରିପଟେ ପହଁରାଇ ଆଣିଲି । ଶୂନ୍ୟତାର ଅନୁଭବ ସହ ବେଶ୍ ନିରାଶ ହୋଇ ଜଳଖିଆ ଖାଇଲି । ସେଦିନ ମାଡ୍ରାସ ମିଉଜିଅମ୍ ଦେଖିବାର କାର୍ଯ୍ୟକ୍ରମ ରହିଥିଲା । ଏଣୁ, ହୋଟେଲରୁ ବାହାରୁ ବାହାରୁ ସାରାଟା ଗୋଷ୍ଠୀ ବସ୍ ଷ୍ଟାଣ୍ଡ ପଟେ ଆଗେଇଗଲେ । ସହସା ସେ ଦୁଇଜଣଙ୍କ ଉପରେ ମୋର ଆଖି ପହଞ୍ଚିଗଲା । ପାକିଟରୁ ସାଥେସାଥେ ପଚାଶ ଟଙ୍କିଆ ନୋଟ୍ କାଢ଼ି ସେମାନଙ୍କୁ ବଢ଼େଇ ଦେଲି । ନିତାନ୍ତ ଅର୍ଥପୂର୍ଣ୍ଣ ତଥା ବିସ୍ମୟ ଚକିତ ଦୃଷ୍ଟିରେ ସେ ଦୁହେଁ ମତେ ଚାହିଁ ରହିଥିଲେ ବି ଝିଅଟି ନୋଟ୍ ଖଣ୍ଡିକ ପ୍ରତି ତିଳେ ହେଲେ ଦୃଷ୍ଟିପାତ କଲାନି । ବୃଦ୍ଧଜଣକ ନୋଟ୍ ଖଣ୍ଡିକ ଗ୍ରହଣ କଲାବେଳକୁ କିଛି କହୁଥିଲା ଯାହାକି ମୁଁ ତରତରରେ ଥିବାରୁ ଶୁଣି ପାରିଲିନି ଏବଂ ଯଥାଶୀଘ୍ର ମୋର ଗୋଷ୍ଠୀ ପଛେ ପଛେ ଗୋଡ଼ାଇ ଗଲି ଯେଉଁମାନେ ବେଶ୍ କିଛି ଆଗକୁ ବଢ଼ି ସାରିଥିଲେ ।

ଗୋଟା ଦିନଟା ମିଉଜିଅମ୍ ଦେଖାରେ ଉତ୍ସର୍ଗୀକୃତ ହୋଇଗଲା । ଅନେକ ମହଲା ଓ ଭିନ୍ନ ଭିନ୍ନ ଅଂଶରେ ପରିବ୍ୟାପ୍ତ ମିଉଜିଅମରେ ସମସ୍ତଙ୍କ ଗଭୀର ଆଗ୍ରହ ଥିଲା । ପ୍ରକୃତରେ ଅତୁଳନୀୟ ମିଉଜିଅମ୍ । ଶାର୍କମାଛର ସଂପୂର୍ଣ୍ଣ କଙ୍କାଳ ଆମେ ପ୍ରଥମ ଥର ଦେଖୁଥିଲୁ । ଏଇ ମାଛଟି ତା'ର ଦୈର୍ଘ୍ୟ ପ୍ରସ୍ଥ ଦୃଷ୍ଟିରୁ ଗୋଟିଏ ହଲରୁ ଅନ୍ୟ ହଲ୍ ଯାଏ, କୌଣସି ଜାହାଜଟି ଭଳି ଦର୍ଶକମାନଙ୍କ ମୁଣ୍ଡ ଉପରେ ବିସ୍ତାରି ରହିଥିଲା, ଯାହାକୁ ଏକ ନିଖୁଣ କଳାତ୍ମକ କୌଶଳରେ ଝୁଲାଇ ଦିଆଯାଇଥିଲା । ଛାତ୍ରଛାତ୍ରୀବୃନ୍ଦ ତା'ର ଦୈର୍ଘ୍ୟ, ପ୍ରସ୍ଥ, ଓଜନ ଏବଂ ଅନ୍ୟାନ୍ୟ ସୂଚନାମାନ ପଢ଼ିପଢ଼ି ନିଜ ନିଜ ଭିତରେ ଆଲୋଚନା କରି ଟିପି ରଖୁଥିଲେ । ସହସା ମୋର ମନରେ ଛନକା ପଶିଲା, ସେଇ ଶାର୍କ କଙ୍କାଳରେ ମତେ ସେଇ ଭିକାରୁଣୀ ଦିଶିଗଲା । ମାଛର ବିଶାଳ ଡିମାଡିମା ଆଖି ଅବିକଳ ତା'ରି ଆଖି ମନେ ହେଲା । ବିମୂଢ଼ ହୋଇ ମୁଁ ପରବର୍ତ୍ତୀ କୋଠରିକୁ ଚାଲିଗଲି । ଏଇଠି ଅପେକ୍ଷାକୃତ ଅଧିକ ପକ୍ଷୀମାନେ ଥିଲେ ଯିଏକି ଅତ୍ୟନ୍ତ ସୁନ୍ଦର ଓ ନିରୀହ ଥିଲେ । ସେମାନଙ୍କ ପ୍ରକୃତ ସ୍ୱରୂପରେ ସେମାନଙ୍କ ଶରୀରକୁ ସୁରକ୍ଷିତ କରି ରଖାହୋଇଥିଲା । ମୋର ଦୃଷ୍ଟି ଗୋଟିଏ ମାଟିଆ, ଗାଢ଼ ବାଦାମୀ ରଂଗର ଛଞ୍ଚାଣ ଉପରେ ଲାଖି ରହିଲା, ଯିଏକି ଉଡ଼ିବାକୁ ଉଦ୍ୟତ ସ୍ଥିତିରେ ନିଜର ଡେଣା ହଳକ ପ୍ରସାରି ରହିଥିଲା । ତା'ର ଶ୍ୟେନଦୃଷ୍ଟି ସଂପନ୍ନ ଆଖି ପିତୁଳା ହଳକ, ସୁତୀକ୍ଷ୍ଣ ଚଞ୍ଚୁ ଏବଂ ଶରୀରର ଭାଷା ଓ ମୁଦ୍ରା ସମୂହରୁ ଅନୁମାନ ହେଉଥିଲା, ବାସ୍ କେବଳ କ୍ଷଣିକେ ସେ ତା'ର ଶିକାରକୁ ଝାମ୍ପି ଉଠାଇନେବ । ତାକୁ ଦେଖି ଏକ ଅପରିଚିତ ପରାକ୍ରମ, ଏକ ସାମର୍ଥ୍ୟର ଅନୁଭବ ମୋର ହେଲା । ଫେରିଲାବେଳକୁ ଡିନର୍ ନିମନ୍ତେ ସେଠିକି ଆମର ଯିବା ହେଲାନି କାରଣ ସ୍ୱାଦ ପରିବର୍ତ୍ତନ

ଆଧାରରେ ଭିନ୍ନ କୋଉଠି ଡିନର୍ ଖାଇବାକୁ ସମସ୍ତଙ୍କ ପ୍ରସ୍ତାବ ଥିଲା, ଯାହାକି ଊଁ କି ଚୁଁ ବିହୁନେ ମତେ ମାନିନେବାକୁ ପଡ଼ିଥିଲା । ଫେରିବାକୁ ଏବେ ଆମର ଆଉ ତିନି ଦିନ ବାକି ଥିଲା ଏବଂ ତାକୁ ହାସଲ କରିବାର ଏକ ଅଦମନୀୟ ଇଚ୍ଛା ମୋର ଅନ୍ତରରେ ଭିଡ଼ିମୋଡ଼ି ହେଉଥିଲା । ଅନେକ ବିଚାର ବିମର୍ଶ ଅନ୍ତେ ବି ଏଇ ଦୁର୍ବାର ଇଚ୍ଛାର କାରଣ ବୁଝିବାରେ ମୁଁ ଅସମର୍ଥ ଥିଲି ଅଥବା, ବୁଝିବାକୁ ଚାହୁଁ ନଥିଲି । ଏଭଳି କଦାପି ନଥିଲା ଯେ, ନାରୀ ମୋର ଦୁର୍ବଳତା ଅଟେ । ଏକ ଅଜ୍ଞାତ ଆବେଗର ତୀବ୍ରତା ମତେ ସେତେବେଳେ ଦୁର୍ବଳ କରିଦେଉଥିଲା । ସମ୍ଭବତଃ ଆବେଗର ଏଇ ତୀବ୍ରତା କାରଣରୁ ମୁଁ ସିଗାରେଟ୍ କିଣିବା ବାହାନାରେ ତଳକୁ ଓହ୍ଲାଇଗଲି ଏବଂ ମୋର ପାଦ ବି ସ୍ୱତଃ ମତେ ସେଇ ଦିଗରେ କଢ଼େଇ ନେଉଥିଲେ । ଅଳ୍ପ କିଛି ଦୂରରୁ ମତେ ଏକ ହଟ୍ଟଗୋଳର ଶବ୍ଦ ଶୁଭିଲା । ପାଦମାନ ମୋର ରହିଗଲେ କାରଣ ସକାଳେ ଯେଉଁସ୍ଥାନରେ ସେମାନଙ୍କୁ ମୁଁ ଛାଡ଼ି ଯାଇଥିଲି, ଠିକ୍ ସେଇସ୍ଥାନରେ ହିଁ ଗହଳି ଲାଗିଥିଲା । ପାଖେଇ ଆସି ଦେଖିଲି ଯେ ଯିଏ ହିଁ ବିକଳ, ଆର୍ତ୍ତ ଚିତ୍କାର ଛାଡୁଥିଲା– "ଛାଡ଼, ଛାଡ଼ ମତେ ମତେ ଛାଡ଼ ।" ଲୋକ କେତୋଟି ତାକୁ ଟାଣି ଓଟାରି, ଟେକିଟାକି ନେଇଯିବାର ଚେଷ୍ଟା କରୁଥିଲେ, ସାଙ୍ଗରେ ପୋଲିସ୍ ପୋଷାକଧାରୀ ଜଣେ ରହିଥିଲା, ଯାହାକୁ ସେମାନେ ନିଜ ସାଥିରେ ନେଇ ଆସିଥିଲେ ଅଥବା କୋଳାହଳ ଶବ୍ଦ ଶୁଣି ସେ ଆପେ ଆପେ ଚାଲି ଆସିଥିଲା ବୃଦ୍ଧ ଜଣକ; ଝିଅଟିକୁ ରକ୍ଷାକରିବାକୁ ଆପ୍ରାଣ ଚେଷ୍ଟା କରୁଥିଲା ଯାହାଙ୍କୁ ଲୋକ ଦଳକ ଗାଳିମାଡ଼ ଦେଇ ଦୂରକୁ ଫୋପାଡ଼ି ଦେଇଥିଲେ । ଘାବରେଇ ଯାଇ ମୁଁ ସେଠୁ ଧାଇଁ ଫେରିଆସିଲି, କେଜାଣି କି ଝାମେଲା ହୋଇଥିବ ! ଏଇ ଟୋକୀମାନଙ୍କ କି ଭରସା, ନା ପ୍ରକୃତିର ସ୍ଥିରତା ନା ପ୍ରବୃତ୍ତିର । ନିଶ୍ଚିତ କୌଣସି ଗ୍ରାହକ ହୋଇଥିବ । ବୃଦ୍ଧଜଣକ ବି ମତେ ଏବେ ପୂରାପୂରି ଦଲାଲ ଭଳି ଜଣା ପଡୁଥିଲା । କାହାର ଟଙ୍କା ପଇସା ଖାଇ ଯାଇଥିବ । ନହେଲେ ଏଭଳି ଟାଣି ଓଟାରି କେହି କାହାକୁ ଉଠେଇ ନିଏ ନା କ'ଣ ? ରକ୍ଷା ହେଲା ମୁଁ ତ୍ରାହି ପାଇଗଲି, ନହେଲେ ଏଭଳିଆ ଝାମେଲାରେ ପଡ଼ି, ସାରା ଜୀବନ ନିଜର ମର୍ଯ୍ୟାଦା ଟିକକ ହରାଇବା କଥା । ହୋଟେଲର କୋଠରିରେ ପହଞ୍ଚି ମୋର ଶେଜରେ ମୁଁ ଲୋଟି ପଡ଼ିଲି । ମନେମନେ କେବଳ ସେଇ ଘଟଣାଟି ଘାରି ହେଉଥିଲି । ବାରମ୍ବାର ସେଇ ଚେହେରାଟି ଆଖି ଆଗରେ ନାଚି ଯାଉଥିଲା । କେତେ ନିରୀହ, ନିର୍ବୋଧ, ନିରପରାଧ ଚେହେରା ଖଣ୍ଡେ । ସ୍ୱରଟା ବି ଆଜି ପ୍ରଥମ ଥର ଶୁଣିବାକୁ ମିଳିଲା । କେବେ ତ ଆଗରୁ ପଦୁଟେ କହୁ ନଥିଲା, ସତେକି ବୋବା, 'ଆଖି ବୁଜି ଦୁଧ ପିଉଥିଲା' । ଏବେ, ସବୁ ଗୋଇ ଫିଟିଗଲା । ହୁଏତ, ଏଇ ବୁଢ଼ାଟା ସୂତ୍ରଧର ଥିଲା, ତା'ର ଧନ୍ଦା ବ୍ୟବସାୟ, ଯୋଗାଡ଼ ଯନ୍ତ୍ର, ମୂଳଚାଲ ସବୁ ସିଏ କରୁଥିବ । ସକାଳେ ତ କିଛି ଗୋଟେ କହୁ ବି ଥିଲା । ତା' ସହ ମିଶିବାକୁ ଅନେକଟା ଉପାୟ ମୁଁ ବି ତ କରୁଥିଲି । ଭାବିଥିଲି କାଲି ସକାଳୁ ମୁଣ୍ଡ ବିନ୍ଧା ବାହାନା କରି ହୋଟେଲରେ ରହିଯିବି ଆଉ.... ଆଉ.... ସବୁ ଗଡ଼ବଡ଼ ହୋଇଗଲା । ଏବେ ଆଉ ଜଣା ନାହିଁ କେବେ ସେ ଫେରିବ ଯେ । ଫେରିବ ତ ନିଶ୍ଚୟ.... ଗୋଟିଏ ସମ୍ପୂର୍ଣ୍ଣ ନିଃସ୍ୱ ପରିଚିତ କୁଆଡ଼ିଠୁ ବି ଦୟନୀୟ ସେତେବେଳେ ମୋର ଅବସ୍ଥା ଥିଲା । କୋଠରିରୁ ବାଲକୋନୀ ଓ ବାଲ୍‌କୋନୀରୁ କୋଠରି କେଜାଣି କେତେଥର ମୁଁ ଟହଲି ସାରିଥିବି । ଅସହ୍ୟ ବ୍ୟଥାରେ ମୁଣ୍ଡ ଫାଟି ପଡୁଥିଲା ଓ ମୋର ଉଦ୍‌ବେଳନ ପ୍ରତି ମୁହୂର୍ତ୍ତରେ ଆହୁରି ଆହୁରି ବଢ଼ି ଯାଉଥିଲା । ନିଜର ସମ୍ମାନ ରହିଯାଇଥିବାର ଆଶ୍ୱସ୍ତି ବି ଅବଶ୍ୟ ମତେ ଭିତରେ ଭିତରେ ମଚ୍ଛି ପକାଉଥିଲା । ଘଣ୍ଟାର କଣ୍ଟା ସତେକି ସ୍ଥିର ରହିଯାଇଥିଲା । ଏବେ କେବଳ ଦେଢ଼ଟା ବାଜିଥିଲା ଏବଂ ପୂରା ରାତିଟା ବାକି ରହିଥିଲା । ନିରବ ନିଥର ସମୟ, ଶାନ୍ତିମୟ ପରିବେଶ । ହୋଟେଲରୁ ମୁଁ ତଳକୁ ଓହ୍ଲାଇ ଆସିଲି ଓ ରାସ୍ତା ଉପରକୁ ବାହାରି ଆସିଲି । ଅନ୍ତତଃ ଜଣା ତ ପଡୁ, ପରିସ୍ଥିତି ପରକୁ କ'ଣ ହେଲା ଯେ ! ମୁଁ ଖ୍ୱାଜା ହୋଟେଲ ସମ୍ମୁଖ ଦେଇ ଚାଲିଗଲା ବେଳକୁ ତା'ର ମାଲିକ ବାହାରେ ହିଁ ଛିଡ଼ାଥିବା ଦିଶିଲେ–

"ବାବୁଜୀ ! ଆଜି ଭୋଜନ ପାଇଁ ଆସିବେନି ?" ସେ ପଚାରିଲା ।

"ହଁ, ଆଜି ଅନ୍ୟ ସ୍ଥାନରେ ଖାଇନେଲୁ । ଚା' କପେ ମିଳି ପାରିବ ଏବେ ?"

"ନିଶ୍ଚୟ, ଆସନ୍ତୁ ନା !" ସେ ଚା' ପାଇଁ ଆଦେଶ ଦେଇଦେଲେ । ଆଉ ସେତବେଳକୁ ହୋଟେଲ ପ୍ରାୟ ଖାଲି ହୋଇ ସାରିଥିଲା ।

"ଆଜିର ଏଇ ଝାମେଲା କ'ଣ ଥିଲା ?"

"ଝାମେଲା ? କୋଉ ଝାମେଲା ? ଆଚ୍ଛା ଆଚ୍ଛା, ସେଇ ଫଜଲୁ ବାବା ପାଖରେ ତ ?"

"ଏଇ ଫଜଲୁ ବାବା କିଏ ?"

"ହଁ.. ଏ ସବୁ ତ ଥୟ ଥିଲା । ମାମଲାଟି ଏଇମିତି କିଛି ଥିଲା ।"

"ମାମଲା ? କିଭଳି ମାମଲା ?"

"ଫଜଲୁ ବାବାକୁ ବହୁତ ବୁଝାଇଥିଲୁ, ତାକୁ ଦୂର କର, ହେଲେ ସେ ବୁଝିଲେନି । କିଭଳିଆ ମଣିଷମାନେ ଏ ସଂସାରରେ ରହିଛନ୍ତି ଯେ ! ଗୋଟେ ପଟେ ଫଜଲୁ ବାବା ଆଉ ଅନ୍ୟପଟେ..."

"ହେଲେ, ହେଇଛି କ'ଣ କିଛି କହନ୍ତେ ହେଲେ ?"

ମୋର ପାଖକୁ ଲାଗିଆସି ସେ ବଡ଼ ରହସ୍ୟଭରା ସ୍ୱରରେ କହିଲେ, "ମାଇକିନା ଝାମେଲା ।"

"ଫଜଲୁ ବାବା ସହ..... ?"

"ନାଇଁ ନାଇଁ.. ତା'ର ବର ସହ ।"

"ଇଏ ବା କି ରହସ୍ୟହେଲା ? ତାର ପତି ସହ ?"

"ହଁ ପତିର ଘର ଛାଡ଼ି ସେ ପଳେଇ ଆସେ । ଶ୍ୱଶୁର ଘର ଆସି ଧରି ବାନ୍ଧି ନେଇଗଲେ ପୁଣି ପଳାଇ ଆସେ । ଏଥର ପୁଣି ଥରେ ଭିଡ଼ି ନେଇଛନ୍ତି । ଆଉ ପତିପତ୍ନୀ ମାମଲାରେ କିଏ ପାଟି ଖୋଲିବ ?"

"ହେଲେ ସେ ପଳାଇ ଆସେ କାହିଁକି ? ଆଉ ଏଇ ଫଜଲୁ ବାବା ତା'ର କିଏ ହୁଅନ୍ତି ?"

"ଫଜଲୁ ବାବା ତା'ର କିଏ ହୁଅନ୍ତେ ? ଏଇମିତି ଦିନେ ଭୋକ ଉପାସରେ ତାଙ୍କୁ ମିଳିଗଲା । ଦୟାକରି ସେ ତାକୁ ରୋଟି ଦିଖଣ୍ଡ ଖୋଇଦେଲେ, ବାସ୍ । ଫଜଲୁ ବାବାକୁ ମୁଁ ଖାଇବାକୁ ଦେଉଥିଲି, ମୋର ହୋଟେଲରେ କିନ୍ତୁ, ଯେଉଁଦିନୁ ଏଇ ଟୋକୀଟା ଫଜଲୁ ବାବାର ଅଣ୍ଟିରେ ପଡ଼ିଛି, ଫଜଲୁ ବାବାକୁ ଭିକ ମାଗିବାକୁ ପଡୁଛି, କେବଳ ତା'ରି ସକାଶେ..... । ତା'ର ଖାଇବା ଗଣ୍ଡାକର ଟଙ୍କା ବାବା ସବୁଦିନ ମତେ ବାଧ କରି ଦେଇଦିଅନ୍ତି ।"

"ଚା ପିଇ ନିଅନ୍ତୁ, ଥଣ୍ଡା ହୋଇଗଲାଣି ।"

"ପ୍ରଥମେ ଆସିଥିଲା ବେଳକୁ କେବେ ପାଟି ଖୋଲୁ ନଥିଲା, ମନେ ହେଉଥିଲା ଘୁଙ୍ଗିଟା । ଦିନେ ଏଇଭଳି ଟାଣି ଭିଡ଼ି ସେମାନେ ନେଇଗଲେ । ମାସଟେ ଯାଇନଥିବ, ପୁଣି ହାଜର । ଫଜଲୁ ବାବା କୁହନ୍ତି, ତାକୁ ଢେର୍ ବୁଝାଇ 'ଘରକୁ ଯା' ଏସବୁ ଭଲ କଥା ନୁହଁ,' ମାନିଲାନି । କିଛି କହେନି । ପଳାଇ ଆସିବାର କାରଣ ପଚାରିଲେ, ପାଟି ବନ୍ଦ । ପୁଣି ଫଜଲୁ ବାବା ଡରାଇଲେ, 'ପାଟି ଖୋଲିବୁନି ଯଦି, ପୋଲିସ୍ ଡାକି ଦେଇଦେବି' । ତାପରେ ଯାଇ ପାଟି ଖୋଲିଲା, କାନ୍ଦି କାନ୍ଦି ଶ୍ୱଶୁର ଘରର ଜୁଲମ କାହାଣୀ କହିଲା, ଆଘାତ ଚିହ୍ନଯାକ ଦେଖାଇଲା, ଶାଶୁଘର ଲୋକେ ବହୁତ ମାରଧର କରିଥିଲେ । ହେଲେ ସେମାନେ ଯାହା ଚାହୁଁଥିଲେ, ସେ ବି ପୂରା ଅନ୍ୟାୟ ଥିଲା । କେଜାଣି କୋଉ ଜାତିର ଯେ, ହେଲେ ଏଭଳି କୋଉଠି ହୁଏ ? ଆପଣ ହେଲେ କୁହନ୍ତୁ !"

"କିଭଳି..... ?"

"ନିଜର ପତିଠୁ ସନ୍ତାନଟିଏ ହେଲାନି ବୋଲି ଦେଢ଼ଶୁର ସହ..... ଏ ସବୁ ତ ମହାଘୋର ପାପ, ଅନ୍ୟାୟ କଥା..... କ'ଣ ବାବୁଜୀ, କୋଉଠି ହଜିଗଲେ ?

ସେଇ ରାତିରେ ମୋର ନିଷ୍ପ୍ରାଣ ଶରୀରକୁ ଭିଡ଼ି ଓଟାରି, ଅତି କଷ୍ଟରେ ମୁଁ ହୋଟେଲ କୋଠରୀଯାକେ ଘୋଷାଡ଼ି ଘୋଷାଡ଼ି ଆଣି ପହଞ୍ଚିଥିଲି ।

ଅନେକ ବର୍ଷ ପରେ ସେଇ ସହରର ସେଇ ହୋଟେଲରେ ଆଉ ଥରେ ଏବେ ବସିଛି । ମୋର ପଚରା ଉଚୁରା କରୁ କରୁ ହୋଟେଲ ମାଲିକ କହିଲେ, ସେଇ ଘଟଣାର ଅଳ୍ପ ମାସ ପରେ ଫଜଲୁ ବାବା ଚାଲିଗଲେ ଏବଂ ସେଇ ଝିଅଟାକୁ ଆଉ କେହି ଦେଖିନାହାନ୍ତି ।

ଏବେ, ଆଉ ମୁଁ କ'ଣ ବା କାହାକୁ କହନ୍ତି ଯେ, ସେଇ ଘଟଣା ପରେ ପରେ ଝିଅଟା, ସେଇ ଶାର୍କ ମାଛ ଭଳି ମୋର ସମ୍ପୂର୍ଣ୍ଣ ସତ୍ତାକୁ ଗିଳି ଦେଇଥିଲା । ଏବେବି, ନିଜକୁ ମୁଁ ଅପରାଧୀ ମଣେ । ବିଶାଳ ଲୋଚନା ସେଇ ଝିଅଟା ମୋର ଉଠିଲା ବସିଲା ବେଳେ ସଦା ସର୍ବଦା ଖାଲି ମନେ ପଡୁଥାଏ ।

❖

# ମାଆଙ୍କ ଶିକ୍ଷା

ମୂଳଲେଖା : ବଲବିନ୍ଦର
ଅନୁବାଦ : ସମ୍ବେଦନା ମିଶ୍ର



**ର**ଜନୀଙ୍କ ସ୍ୱାମୀ ଉଚ୍ଚ ପଦାଧିକାରୀ ଥିଲେ । ସେ ବିବାହର ମାତ୍ର ଦଶ ବର୍ଷ ଭିତରେ ହିଁ ହୃଦ୍‌ଘାତରେ ପରଲୋକ ଗମନ କରିଥିଲେ । ଯେହେତୁ ସେ ଜଣେ ଉଚ୍ଚପଦାଧିକାରୀ ଥିଲେ, ତେଣୁ ତାଙ୍କର ଘରର ପରିବେଶ, ଚାଲିଚଳଣ ଆଦି ମଧ୍ୟ ଉଚ୍ଚକୋଟୀର ଥିଲା । ରଜନୀ ଶିକ୍ଷିତା ହୋଇ ମଧ୍ୟ କୌଣସି ଚାକିରି କରି ନଥିଲେ ।

ରଜନୀଙ୍କର ଏକମାତ୍ର ପୁଅ ରାଜେଶକୁ ପିତାଙ୍କ ମୃତ୍ୟୁ ସମୟରେ ମାତ୍ର ଆଠବର୍ଷ ବୟସ ହୋଇଥିଲା । ନିଜର ମନପ୍ରାଣ ଲଗାଇ ରଜନୀ ନିଜ ପୁଅର ଦେଖାଶୁଣା କରୁଥିଲେ । ପୁଅର ସୁଖସୁବିଧା ପାଇଁ ସେ ନିଜର ଆତ୍ମାକୁ ଲଗାଇ ସବୁକାମ ଭଲରେ କରିବାକୁ ଚେଷ୍ଟା କରୁଥିଲେ । ନିଜ ପୁଅର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆର୍ଥିକ ସମସ୍ୟାର ସମାଧାନ ପାଇଁ ସେ ଗୋଟିଏ ବେସରକାରୀ କଲେଜରେ ଚାକିରି ମଧ୍ୟ କରିନେଲେ । ରାଜେଶର ଖୁସି ହିଁ ତାଙ୍କର ଖୁସି ଥିଲା । ଜଣେ ମାଆର ଦାୟିତ୍ୱ ସହିତ ଜଣେ ବାପାଙ୍କର କର୍ତ୍ତବ୍ୟ ମଧ୍ୟ ସେ ହସଖୁସିରେ ନିର୍ବାହ କରିନେଉଥିଲେ । ରାଜେଶ ହିଁ ତାଙ୍କର ଜୀବନ ଥିଲା ।

ସମୟ ଚକ୍ର ଅନୁସାରେ ରାଜେଶ ବଡ଼ହୋଇ ନିଜର ଉଚ୍ଚଶିକ୍ଷା ସମାପ୍ତ କରିବା ପରେ ସରକାରୀ ଚାକିରିରେ ଉଚ୍ଚ ପଦବୀରେ ଆସୀନ ହୋଇଗଲେ । ତାପରେ ରଜନୀ ଦେବୀ ନିଜର ପୁଅର ବିବାହ ବହୁତ ଧୁମ୍‌ଧାମ୍‌ରେ ନିଜର ସ୍ତରଠାରୁ ଅଧିକରେ କରିଥିଲେ । ରାଜେଶର ସ୍ତ୍ରୀ ଦେଖିବାକୁ ସୁନ୍ଦର ଓ ସୁଶୀଳା ଥିଲା । ସେ ମଧ୍ୟ ସରକାରୀ ପଦବୀରେ କାର୍ଯ୍ୟରତ ଥିଲା ।

ପାଖାପାଖି ବର୍ଷକ ପରେ ରଜନୀ ଦେବୀଙ୍କର ନାତି ହେବା ପରେ ତାଙ୍କର ଘରଦ୍ୱାର ହସଖୁସିରେ ପୂରି ଉଠିଥିଲା । ରଜନୀଙ୍କ ଖୁସି ମଧ୍ୟ ଆକାଶକୁ ଛୁଉଁଥିଲା । ନିଜର ଜୀବିତାବସ୍ଥାରେ ନିଜର ପରପିଢ଼ି ଦେଖିବାର ସୁଯୋଗ ଦେଇଥିବାରୁ ସେ ଭଗବାନଙ୍କୁ ମଧ୍ୟ ନିଜର କୃତଜ୍ଞତା ଜଣାଉଥିଲେ । ନାତି ନିଜର ଜେଜେବାପାଙ୍କର ଦ୍ୱିତୀୟ ଜନ୍ମ ହୋଇଥାଏ ବୋଲି ବିଶ୍ୱାସ କରାଯାଏ । ସେଥିପାଇଁ ସେ ନିଜର ନାତିର ନାମ ରବି ରଖିଥିଲେ ଯେ କି ତାଙ୍କର ଜୀବନର ନୂଆ ସକାଳ ପରି ନିଜର ନାମକୁ ସାର୍ଥକ କରୁଥିଲା ।

ହରିଣ ଲମ୍ଫ ଡିଆଁ ମାରିବା ପରି ସମୟ ମଧ୍ୟ ଆଗକୁ ଆଗକୁ ଡିଆଁ ମାରି ଚାଲିଥିଲା । ତା' ଭିତରେ ରଜନୀଙ୍କ ନାତି ମଧ୍ୟ ଦଶବର୍ଷର ହୋଇଯାଇଥିଲା । ସେ ନିଜର ନାତିକୁ ସବୁଠାରୁ ଅଧିକ ଭଲ ପାଉଥିଲେ । ହୁଏତ ତାଙ୍କ ସ୍ନେହ ସବୁ ଜେଜେମାଆ ଓ ନାତି ମଧ୍ୟରେ ଥିବା ସ୍ନେହ ଠାରୁ ମଧ୍ୟ ଅଧିକ ହୋଇପାରେ ବୋଲି ପ୍ରତୀୟମାନ ହେଉଥିଲା । ସେ ନିଜର ନାତିର ସବୁ ଇଚ୍ଛା ପୂରଣ କରୁଥିଲେ । ତା' ସହିତ ଘରର ପ୍ରତ୍ୟେକ କାମରେ ରଜନୀ ଦେବୀ ସହଯୋଗ କରିଥାନ୍ତି । କିଛିଦିନ ପରେ ରଜନୀ ଦେବୀ ଚାକିରିରୁ ଅବସର ଗ୍ରହଣ କଲେ । ବୃଦ୍ଧା ହେବା ସତ୍ତ୍ୱେ ସେ ଘର ବାହାରର ସବୁ ପ୍ରକାରର ଅନିବାର୍ଯ୍ୟ କାର୍ଯ୍ୟ ପାଇଁ ସହଯୋଗ ବିନା ଥକିବାରେ ପ୍ରଦାନ କରିଥାନ୍ତି । ସେମିତିରେ ହୃଦୟରେ ଖୁସି ରହିଥିଲେ ଥକ୍କାପଣ ଡେଣା ଲଗାଇ ଉଡ଼ି ଯାଇଥାଏ । ସେ ନିଜର ସମସ୍ତ ଅବସରକାଳୀନ ପାଣ୍ଠିକୁ ନିଜର ପୁଅ ରାକେଶକୁ ଦେଇଦେଲେ । ବର୍ତ୍ତମାନ ତାଙ୍କୁ ପଞ୍ଚଷଠି ବର୍ଷ ହେବା ସହିତ ବିଭିନ୍ନ ପ୍ରକାରର ରୋଗ ଯେପରିକି ଉଚ୍ଚ ରକ୍ତଚାପ, ଶର୍କରା, ଦୃଷ୍ଟିଶକ୍ତି କମ୍ ହେବା

ପରି ସମସ୍ୟା ଘେରି ରହିଥିଲା । ଏବେ ତାଙ୍କୁ ଚଲାବୁଲା କରିବା ମଧ୍ୟ କଷ୍ଟ ହେଉଥିଲା । ତେଣୁ ଅଧିକାଂଶ ସମୟରେ ସେ ଖଟ ଉପରେ ଶୋଇ ରହୁଥିଲେ ।

ଏମିତି ଗୋଟିଏ ଦିନ ରାକେଶକୁ ତା'ର ପତ୍ନୀ କହିଲା, "ମାଆ ! ଦିନସାରା କାଶୁଛନ୍ତି । ତାଙ୍କର ବହୁତ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଅଛି । ରବି ତାଙ୍କରି ପାଖରେ ହିଁ ରହୁଛି, ଖେଳୁଛି । ସେ ରବିକୁ ବହୁତ ଥର ଗେଲରେ ଚୁମ୍ବନ କରୁଛନ୍ତି । ଏହା ବିଲକୁଲ୍ ଠିକ୍ ନୁହେଁ । ମୋର ଇଙ୍ଗିତ ତୁମେ ଭଲଭାବରେ ବୁଝି ସାରିଥିବ । ଆମେ ଦୁହେଁ ନିଜର କର୍ମସ୍ଥଳକୁ ଚାଲିଯାଉଛେ । ରବି ମଧ୍ୟ ସ୍କୁଲକୁ ଚାଲିଯାଉଛି । ମାଆଙ୍କୁ ଏସବୁ ସମ୍ଭାଳିବା ଭିତରେ କେତେ କଷ୍ଟ ହେଉଛି । ସେ ଅଯଥା ଥକି ପଡୁଛନ୍ତି । ତାଙ୍କ ଜାଗାରେ ମୁଁ ରହିଥିଲେ ବିଲକୁଲ୍ ଏସବୁ ସମ୍ଭାଳି ପାରନ୍ତି ନାହିଁ । ମନୁଷ୍ୟର ନିଜର ମଧ୍ୟ କିଛି ନିଜସ୍ୱ ମନୋରଂଜନ ରହିବା ଆବଶ୍ୟକ । ଆଜିକାଲି ଚାକର ରଖିବା ବି ଠିକ୍ ନୁହେଁ । ସେମାନେ ବହୁତ ଦରମା ମଧ୍ୟ ମାଗୁଛନ୍ତି । ସେଥିପାଇଁ ମୁଁ କହୁଛି ମାଆଙ୍କୁ ନେଇ ବୃଦ୍ଧାଶ୍ରମରେ ଛାଡ଼ିଦେବା । ସେଠାରେ ତାଙ୍କର ଭଲରେ ଦେଖାଶୁଣା ମଧ୍ୟ ହୋଇପାରିବ । ଆମେ ମଧ୍ୟ ତାଙ୍କଠାରୁ ସ୍ୱାଧୀନ ହୋଇଯିବା । ସେଠାରେ ସେ ବହୁତ ଭଲରେ ସମୟ କଟାଇପାରିବେ ।"

ତା'ର କଥା ଶୁଣି ରାକେଶ କହିଲା, "ମାଆ କେତେ କଷ୍ଟ କରି ଆମକୁ ଏଠାରେ ପହଞ୍ଚାଇଛନ୍ତି । ଏବେ ତାଙ୍କୁ ଏହି ବୟସରେ ବୃଦ୍ଧାଶ୍ରମରେ ଛାଡ଼ିବା କ'ଣ ଠିକ୍ ହେବ ? ଏହା ଭଲ କଥା ନୁହେଁ । ସମାଜ କ'ଣ କହିବ ? ବନ୍ଧୁବାନ୍ଧବ କ'ଣ କହିବେ ? ନାତି ସହିତ ତାଙ୍କର ବହୁତ ସ୍ନେହ-ମୋହ ରହିଛି । ସେ ତାଙ୍କର ଜୀବନ । ମାଆଙ୍କୁ ଆଶ୍ରମ ପଠାଇବା ଠିକ୍ ନୁହେଁ ।" କିନ୍ତୁ ତା'ର ପତ୍ନୀ ତାକୁ ଏମିତି ବାଧ୍ୟ କରିଥିଲା ଯେ ରାଜେଶକୁ ତା'ର କଥାରେ ରାଜି ହେବାକୁ ପଡ଼ିଲା ।

ଗୋଟିଏ ଦିନ ସନ୍ଧ୍ୟାରେ ରାଜେଶ ତା'ର ମାଆଙ୍କ ପାଖରେ ଯାଇ ବସିଲା ଏବଂ କହିଲା, "ମାଆ ! ଗୋଟିଏ କଥା କହିବାର ଥିଲା ।"

"ହଁ ! କହରେ ପୁଅ କ'ଣ କହିବାର ଅଛି ।"

"ମାଆ ! କଣ କହିବି ?"

"କହୁନୁ କ'ଣ କହିବାର ଅଛି । ମନ ଖୋଲାରେ କହ । ଏମିତି ଡରି ଡରି କାହିଁକି କଥା ହେଉଛୁ ? ଆଜିଯାଏଁ କେବେ ମଧ୍ୟ ତୁ ମୋ ସହିତ ଏମିତି ଡରି ଡରି କଥା ହୋଇନାହୁଁ । କହ କଥା କ'ଣ ?"

ସେତେବେଳେ ରାଜେଶର ପତ୍ନୀ ସେଠାକୁ ଆସି କହିଲା, "ଆମେ ଚାହୁଁଛୁ ଆପଣ ବୃଦ୍ଧାଶ୍ରମ ଚାଲିଯାଆନ୍ତୁ । ସେଠାରେ ଆପଣଙ୍କର ଭଲ ଦେଖାଶୁଣା ହୋଇପାରିବ । ବୃଦ୍ଧାଶ୍ରମର ଖର୍ଚ୍ଚ ଆମେ ଦେଇଦେବୁ । ଘରେ ଆପଣଙ୍କର ଭଲ ଦେଖାଶୁଣା ହୋଇପାରୁନାହିଁ । କିଛିଟା ଅଭାବ ନିଶ୍ଚୟ ରହିଯାଉଛି । ଘରେ ଆପଣଙ୍କର ଦେଖାଶୁଣା କରିବା ମଧ୍ୟ କଷ୍ଟକର ହେଉଛି । ତେଣୁ ଆମେ ଚାହୁଁଛୁ ଆପଣଙ୍କୁ ବୃଦ୍ଧାଶ୍ରମରେ ଭଲ ସୁବିଧା ମିଳୁ । ଆପଣଙ୍କର ସମୟ ସେଠାରେ ଭଲରେ କଟିଯିବ । ମଝିରେ ମଝିରେ ଆମେ ଆପଣଙ୍କୁ ଦେଖା ସାକ୍ଷାତ୍ କରିବାକୁ ସେଠାକୁ ଯିବୁ ।"

ମାଆ ହସିକରି କହିଲେ, "ଠିକ୍ ଅଛି । ମୋର ଏଥିରେ କିଛି ଆପତ୍ତି ନାହିଁ ।" କିନ୍ତୁ ମାଆଙ୍କ ଆଖିରେ ଲୁହ ଭରିଗଲା । ସେ ନିଜର ଚତୁର୍ଦ୍ଦିଗକୁ ଆଖି ବୁଲାଇ ଚାହିଁଲେ ଓ ନିଜର ପୁଅବୋହୂ ନାତିକୁ ଦେଖି ମୁହଁକୁ ତଳକୁ କରି ଲୁହ ଝରାଇଲେ । ସେତେବେଳେ ଲାଗୁଥିଲା ସତେ ଯେପରି ତାଙ୍କର ହୃଦୟରେ ନିଆଁ ଲାଗିଥିଲା ଓ ତା'ରି ଧୂଆଁ ତାଙ୍କର ଲୁହ ଭାବରେ ବୋହିଯାଉଥିଲା । ହୁଏତ ସେ ନିଜର ସ୍ୱାମୀଙ୍କୁ ମନେ ପକାଉଥିଲେ । ଯେମିତି ତାଙ୍କର ସ୍ୱର୍ଗବାସୀ ସ୍ୱାମୀ ତାଙ୍କୁ ଏପରି କଠୋର ପରିସ୍ଥିତିରେ ସାନ୍ତ୍ୱନା ଓ ଶକ୍ତି ଦେଉଥିଲେ ।

"ଆଜି ଶନିବାର । ଆମେ ଆପଣଙ୍କୁ ସୋମବାର ଦିନ ଆଶ୍ରମରେ ଛାଡ଼ିଦେବୁ । ଆପଣଙ୍କର ସେଥିପାଇଁ ଆବଶ୍ୟକ ଜିନିଷର ପ୍ରସ୍ତୁତି ମଧ୍ୟ ଆମେ କରିଦେବୁ ।" ରଜନୀ ଦେବୀ ନିଜର ସ୍ୱାମୀଙ୍କୁ ମନେ ପକାଇ ଦୁଃଖୀ ଥିଲେ । ବର୍ତ୍ତମାନ ପୁତ୍ରବଧୂର ଖୁସି ଓ ଶାଶୁଙ୍କର ଲୁହ ଦୁଇ ବିପରୀତ ଦିଗରେ ପ୍ରବାହିତ ହୋଇ ଗୋଟିଏ ନୂତନ ଇତିହାସ ଲେଖିବାକୁ ଯାଉଥିଲେ ।

ସାରାରାତି ଖଟ ଉପରେ ପଡ଼ିରହି ରଜନୀ ଦେବୀ ଭାବୁଥିଲେ, "ହୁଏତ ଆଜି ମୋର ସ୍ୱାମୀ ବଞ୍ଚିଥାନ୍ତେ କି !...... ତେବେ ମୋ ପ୍ରତି ଏପରି ଅନ୍ୟାୟ କରିବାକୁ କାହାର ସାହସ ହୋଇ ନଥାଆନ୍ତା । ଏଘର ମଧ୍ୟ ମୋର ହୋଇ ରହିଥାଆନ୍ତା ଯାହା ଏବେ ମୋର ନାହିଁ । ସେମିତିରେ ଦେଖିବାକୁ ଗଲେ ମୋର ଆଜି ଏଠାରେ କିଛିବି ନାହିଁ ।" ତାପରେ ପୁଣି ସେ ମନରେ ଭାବିଲେ, "ପୁଅବୋହୂ ଠାରୁ ଦୂରରେ ସେ ରହିଯିବେ । କିନ୍ତୁ ନିଜର ନାତିଠାରୁ ଦୂରକୁ ଯିବା ମୃତ୍ୟୁବରଣ କରିବା ସଙ୍ଗେ ସମାନ..... ।" ସେତେବେଳେ ସେ ଆହୁରି ମଧ୍ୟ ଭାବିଲେ, "ହେ ଭଗବାନ ! ଆପଣ ମୋର କେଉଁ ଜନ୍ମର ପାପର ହିସାବ

କରୁଛନ୍ତି ? ବଞ୍ଚିଥିବା ସମୟରେ ହିଁ ମୁଁ ମୋର ସବୁକିଛି ହରାଇଦେଲି । ବାପାମାଆ ପିଲାମାନଙ୍କୁ ସଂସ୍କାର ଦେଇପାରିବେ, ସ୍ନେହ ଦେଇପାରିବେ, ଶିଷ୍ଟାଚାର ଶିଖେଇପାରିବେ । କିନ୍ତୁ ବ୍ୟାବହାରିକ ଜୀବନ ତ ପିଲାମାନେ ନିଜେ ନିଜେ କିମ୍ବା ସମାଜ ଠାରୁ ହିଁ ଶିଖିପାରିବେ । ଏହା କଦାପି ଜରୁରୀ ନୁହେଁ କି ବ୍ୟବହାରିକ ଜୀବନରେ ଶିକ୍ଷିତ ପିଲାମାନେ ଭଲ ହୋଇଥିବେ !"

ସୋମବାର ଦିନ ସେମାନେ ରଜନୀ ଦେବୀଙ୍କୁ ନେଇ ବୃଦ୍ଧାଶ୍ରମରେ ଛାଡ଼ିଦେଲେ । ନାତି ତାଙ୍କର ଦୁଃଖୀ ଥିଲା । ଯେପରିକି ତା'ର ସବୁଠାରୁ ପ୍ରିୟ, ଜୀବନଠାରୁ ଅଧିକ ଖେଳନା ତା'ଠାରୁ ଦୂର ହେଉଥିଲା । ସେ କିଛି ବି କହୁ ନଥିଲା । ସେତେବେଳେ ସେ ନିଜର ମାଆଙ୍କୁ ଦୁଃଖୀ ହୋଇ କହିଲା, "ଜେଜେ ମାଆ ସେଠାକୁ କାହିଁକି ଯାଉଛନ୍ତି ?" ବାସ୍ ! ସେ ଏତିକି କହିଛି କି ନାହିଁ ତା'ର ମାଆ ଗୋଟିଏ ଶକ୍ତ ଚାପୁଡ଼ା ତା'ର ଗାଲକୁ ମାରିଦେଲେ । ସେ ଜୋରରେ କାନ୍ଦିବାକୁ ଲାଗିଲା ଓ କାନ୍ଦି କାନ୍ଦି ଚୁପ୍ ହୋଇଗଲା । ଜେଜେମାଆ ବୃଦ୍ଧାଶ୍ରମ ଯିବାପରେ ସତେ ଯେପରି ତା'ର ଦୁନିଆ ସମ୍ପୂର୍ଣ୍ଣ ବଦଳିଯାଇଥିଲା ।

ରଜନୀ ଦେବୀ ଏବେ ବୃଦ୍ଧାଶ୍ରମରେ ରହିଲେ । ସେଠାରେ ସେ ସବୁଦିନ ସକାଳୁ ଓ ସନ୍ଧ୍ୟାରେ ମନ୍ଦିରକୁ ଯାଉଥିଲେ । କୃଷ୍ଣ ଭଗବାନଙ୍କ ମୂର୍ତ୍ତିରେ ନିଜର ନାତିକୁ ଦର୍ଶନ କରୁଥିଲେ । ଭଗବାନ କୃଷ୍ଣଙ୍କର ମୂର୍ତ୍ତିକୁ ସେ କୋଳ କରନ୍ତି, ଦେଖି ଦେଖି କାନ୍ଦନ୍ତି, ପୂଜାର୍ଚ୍ଚନା କରନ୍ତି । ନିଜର ସବୁ ବାତ୍ସଲ୍ୟ ମମତା ସେ ଭଗବାନ କୃଷ୍ଣଙ୍କୁ ସମର୍ପଣ କରିଦିଅନ୍ତି । ଆଶ୍ରମରେ ରହି ସେ ଧାର୍ମିକ ପ୍ରବଚନ ଦେବା ମଧ୍ୟ ଆରମ୍ଭ କରିଦେଲେ । ଉଚ୍ଚଶିକ୍ଷିତ ଥିବାରୁ ତାଙ୍କର ଧାର୍ମିକ ଜ୍ଞାନ ବହୁତ ଅଧିକ ଥିଲା । ପୂରା ଆଶ୍ରମ ତାଙ୍କର ଶିଷ୍ୟ ହୋଇଯାଇଥିଲେ ।

କେତେବେଳେ କେମିତ ପୁଅବୋହୂ ଓ ନାତି ତାଙ୍କୁ ଦେଖାକରିବାକୁ ଆସିଲେ, ସେ ନାତି ମନର ସ୍ନେହ ଭାବନାକୁ ଠିକ୍ ବୁଝିଯା'ନ୍ତି, କିନ୍ତୁ ଚୁପ୍ ରହି ସେଗୁଡ଼ିକୁ ପ୍ରଘଟ କରନ୍ତି ନାହିଁ । ନାତିଠାରୁ ଯଥାସମ୍ଭବ ଦୂରତା ଅବଲମ୍ବନ କରନ୍ତି । ତାଙ୍କୁ ଗୋଟିଏ ଚିନ୍ତା ଥାଏ କି ତାଙ୍କର ମୋହ ମମତା ତା'ର ମନର ଦୁଃଖ ହୋଇ ତା'ର ପାଠପଢ଼ା କିମ୍ବା ତା'ର ଶାରୀରିକ ସୁସ୍ଥତାକୁ ନଷ୍ଟ ନ କରୁ । ଯେତେବେଳେ ନାତି ତାଙ୍କ ଆଖି ଆଗରୁ ଚାଲିଯାଏ, ସେ ନିଜର କୋଠରିରେ କବାଟ ବନ୍ଦକରି ଏକୁଟିଆ କାନ୍ଦିଥା'ନ୍ତି ।

ଏମିତି ବୃଦ୍ଧାଶ୍ରମରେ କିଛି ବର୍ଷ ରହିବା ପରେ ଥରେ ରଜନୀ ଦେବୀଙ୍କର ଦେହ ବହୁତ ଖରାପ ହୋଇଗଲା । ସେତେବେଳେ ସେ ବୃଦ୍ଧାଶ୍ରମର ମୁଖ୍ୟ କାର୍ଯ୍ୟନିର୍ବାହୀ ମହିଳାଙ୍କୁ ଅନୁରୋଧ କରି କହିଲେ, "ମୁଁ ମୋର ପୁଅକୁ ଦେଖିବାକୁ ଚାହୁଁଛି ।" ରଜନୀଙ୍କର ପୁଅକୁ ଫୋନ୍ ମାଧ୍ୟମରେ ବାର୍ତ୍ତା ଦିଆଗଲା କି, "ରାଜେଶ ! ଆପଣଙ୍କ ମାଆ ବହୁତ ଅସୁସ୍ଥ ଅଛନ୍ତି । ସେ ଆପଣଙ୍କୁ ଦେଖା କରିବାକୁ ଚାହୁଁଛନ୍ତି ।"

ରାଜେଶ ତାଙ୍କୁ କହିଲା, "ଆଜି ବୁଧବାର । ମୁଁ ଆଗାମୀ ଛୁଟିଦିନ ରବିବାରରେ ଦେଖା କରିବାକୁ ଆସିବି ।"

ରବିବାର ଦିନ ରାଜେଶ ଏକୁଟିଆ ହିଁ ମାଆଙ୍କୁ ଦେଖା କରିବାକୁ ଆସିଲା । ମାଆଙ୍କୁ ଦେଖିବା ସଙ୍ଗେ ସଙ୍ଗେ କହିଲା, "ମାଆ ! ଆପଣ ମୋତେ ଖୋଜୁଥିଲେ । ଦେହ ଭଲଅଛି ତ ?"

"ହଁରେ ପୁଅ ଠିକ୍ ଅଛି । ମୁଁ ତୋତେ କିଛି କହିବାକୁ ଚାହୁଁଥିଲି ।"

"ହଁ ମାଆ କୁହନ୍ତୁ ।"

"ପୁଅରେ ! ଏଠାରେ ଗରମ ପ୍ରବଳ ହେଉଛି । ତେଣୁ ମୋର ଏହି କୋଠରୀରେ ଗୋଟିଏ ଏ.ସି. ଲଗାଇଦେ । ପଙ୍ଖାର ପବନ ବହୁତ ଗରମ ହେଉଛି । ଏଠାରେ ମିଳୁଥିବା ରୁଟି ଓ ଅନ୍ୟାନ୍ୟ ଖାଇବା ଥଣ୍ଡା ହୋଇଯାଉଛି । ତେଣୁ ଗୋଟିଏ ଓଭନ ମଧ୍ୟ ଲଗାଇଦେ । ଖାଇବା ଥଣ୍ଡା ହୋଇଥିବାରୁ ବହୁତ ଥର ଭୋକରେ ହିଁ ଶୋଇବାକୁ ପଡୁଛି । ଗରମ ପାଣି ପିଇବାକୁ ପଡୁଛି । ଗୋଟିଏ ଫ୍ରିଜ୍ ମଧ୍ୟ ଆଣିଦେ । ଏ ଖଟ ମଧ୍ୟ ବହୁତ ପୁରୁଣା, ଭଲ ନିଦ ହଉନାହିଁ । ତେଣୁ ଖଟ ସହ ଅନ୍ୟାନ୍ୟ ଜିନିଷ ଆଣିଦେ ।"

ରାଜେଶ ମାଆଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ରାଗିଯାଇ କହିଲା, "ମାଆ, ଆପଣ ଏଠାରେ ବହୁତ ବର୍ଷ ହେଲା ରହିଲେଣି, କେବେହେଲେ ଏସବୁ ସାମଗ୍ରୀର ଦାବି କରି ନଥିଲେ । ବର୍ତ୍ତମାନ ଯେତେବେଳେ ମୃତ୍ୟୁବରଣ କରିବାକୁ ଯାଉଛନ୍ତି, ସେତେବେଳେ ଏସବୁର ଲାଳସା କ'ଣ ପାଇଁ ? କ'ଣ ଏସବୁ ଖର୍ଚ୍ଚ ନିରର୍ଥକ ନୁହେଁ ?"

ମାଆ ସ୍ନେହରେ କହିଲେ, "ନାହିଁ, ସେ କଥା ନୁହେଁ । ଏଠାରେ ବହୁତ ପ୍ରକାରର ଅସୁବିଧା ରହିଛି । ମୋତେ ତୋର ଚିନ୍ତା ଅଛି । କାହିଁକିନା, କାଲି ତୋର ପିଲାମାନେ ତୋତେ ମଧ୍ୟ ଏଠାରେ ହିଁ ଆଣି ଛାଡ଼ିବେ । ତେଣୁ ସେତେବେଳେ ତୋତେ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ନ ହେବାକୁ ପଡ଼ୁ, ବାସ୍ ସେଥିପାଇଁ ହିଁ ମୁଁ ଏସବୁ କହୁଥିଲି ।"

❖

# ବିଜୟ ପଥେ

ମାନସ କୁମାର ପାଢ଼ୀ



**ବା**ବାଙ୍କ ମନ୍ଦିର କାଳିଆର ଏବେ ଆଶ୍ରୟସ୍ଥଳୀ । ମାଲିକ ବ୍ରହ୍ମେଶ୍ୱର ମହାଦେବଙ୍କ ପାଖରେ ଷଣ୍ଢ କରି ଛାଡ଼ି ଦେଇଥିଲେ । ହେଲେ ସେଠି ପୂର୍ବରୁ ଥିବା କଷରା ଷଣ୍ଢଟା ତାକୁ ରଖେଇ ଦେଲାନି । ଭୋକ ଆଉ ଭୟ ଯୋଗୁଁ ସେ ଶିବ ମନ୍ଦିର ଛାଡ଼ି ଆସି ବାବାଙ୍କ ମନ୍ଦିରରେ ଆଶ୍ରୟ ନେଲା । ଯେଉଁ କଳାରଙ୍ଗଟି ଲାଗି ମାଲିକ ତାକୁ ଗୋଟେ ଅପାରଗ, ଅଳସୁଆ ବଳଦ ହେବ ବୋଲି କହୁଥିଲେ, ଯେଉଁ କଳାରଙ୍ଗ ପ୍ରତି ତା'ର ଜନ୍ମରୁ ଘୃଣା ଭାବ ଥିଲା ତାହାର ସେହି କଳାରଙ୍ଗ ଲାଗି ସେ ବାବାଙ୍କ ମନ୍ଦିର ବେଢ଼ାରେ ରହିବାର ସୁଯୋଗ ପାଇ ଥିବାରୁ ସୃଷ୍ଟିକର୍ତ୍ତାଙ୍କ ଉପରେ ଥିବା ଅଭିମାନ ତା'ର ତୁଟିଗଲା । ମୁଣ୍ଡ ତା'ର ନଇଁ ଯାଇଥିଲା । ତତ୍‌କ୍ଷଣାତ୍ । ସେତିକିବେଳେ କେତେଜଣ ଭକ୍ତଙ୍କ ଆଖିରେ ପଡ଼ିଯାଇଥିଲା କାଳିଆ । ହରିବୋଲ, ହୁଳହୁଳିରେ କମ୍ପିଗଲା ବେଢ଼ା ।

କାଳିଆକୁ କେତେକ ସାଷ୍ଟାଙ୍ଗ ପ୍ରଣିପାତ କଲେ ତ କେତେକ ଆଉଁସି ପକାଇଲେ ତା' ହାଡୁଆ ଦେହକୁ । ଭକ୍ତଙ୍କ ଶୁଭଦୃଷ୍ଟିରେ ପଡ଼ିଲା କାଳିଆ । ଭକ୍ତଙ୍କୁ ଚିହ୍ନିଲା । ତେଣୁ ସେ ଆଉ ଭୋକିଲା ରହିଲା ନାହିଁ ।

କାଳିଆ ଶୁଣିଥିଲା ତା' ମାଲିକ ମାଲିକିଆଣୀକୁ କହୁଥିଲେ, ଏବେ କାଳେ ଦେଶରେ ଭକ୍ତମାନଙ୍କର ପ୍ରଭାବ ବଢ଼ି ବଢ଼ି ଚାଲିଛି । ଆଜି ଅନୁଭବ କଲା । କେଡ଼େ କେଡ଼େ ଦାମୀ ଦାମୀ ଭକ୍ତ ଆସୁଛନ୍ତି ମନ୍ଦିରକୁ । ଗୋଟା ଗୋଟା ସେଓ ତା' ପାଟିରେ ଠେସି ଦେଉଛନ୍ତି । ଆଉଁସି ପକାଉଛନ୍ତି ତା' କଳା ହାଡ଼ରା ଦେହକୁ ।

ଏଣିକି ଅୟସ ଆରାମ ଭିତରେ କଟିଲା କାଳିଆର ଦିନଗୁଡ଼ା । କଳା ଦେହ ତା'ର ଚିକ୍କଣ ହୋଇଗଲା । ସେ ଗୋଟେ ଗଜା ଷଣ୍ଢ ପରି ଦିଶିଲା ଅଳ୍ପ କେଇ ଦିନ ଭିତରେ । ଏତେ ସୁଖ ଭିତରେ ବି ତା'ର ମନେ ପଡ଼େ ପିଲାଦିନର ଦୁଃଖ । ଆଉ କଷରା ଷଣ୍ଢ କଥା । ତା'ପରେ ସେ ବହେ ହସେ ମନେମନେ । ମନ୍ଦିର ବେଢ଼ାରେ ସକାଳୁ କଷରା ଛଡ଼ାଫୁଲ ପାଦୁକ ସାଙ୍ଗରେ ଗଦା ହେଉଥିବା କଦଳି ଚୋପା ଖାଏ । ପଞ୍ଚାଏ ଲୋକ ତ ଅଛନ୍ତି ଖାଲି ଲାଙ୍ଗୁଡ଼ରେ, ଚୂଳରେ ହାତମାରି ମୁଣ୍ଡିଆ କଷି ଦେଇଯାଆନ୍ତି । ଚୋପାଟିଏ ବି ଦିଅନ୍ତିନି ଖାଇବାକୁ । ଦିନ ଦଶଟାକୁ ବେଢ଼ାରୁ ବାହାରେ କାଳିଆ । ସବୁ କୃଷକମାନଙ୍କର ଉପାସ୍ୟ ସେ । ତା'ରି ପିଲାମାନେ ବଡ଼ ହୋଇ କୃଷିକ୍ଷେତ୍ରରେ କାମ କରି ଦେଶକୁ ଆହାର ଯୋଗାଉଛନ୍ତି । ମୋଟାମୋଟି କହିବାକୁ ଗଲେ ସେ କୃଷକମାନଙ୍କର ଏକମାତ୍ର ସାହାରା । ଏଇ ଭାବନା ନେଇ ।

କିନ୍ତୁ ଏବେ ମଣିଷ ସହ ଯୁଗ ବଦଳିଲାଣି । ବିଲବାଡ଼ିରେ ପଶି କ'ଣ ଦି'ଟା ଖାଇଦେଲେ କଷରା ଉପରେ ପଡ଼େ କେବେ ଗରମ ପାଣି ତ କେବେ ଠେଙ୍ଗା ପାହାର । କଷରା ବୁଝି ପାରେନି ମଣିଷମାନଙ୍କ ଆଧ୍ୟାତ୍ମିକତା ଯାଉଛି କୁଆଡ଼େ । ଜାଣି ପାରେନା ତା' ପିଲାମାନେ ଏବେ ଅକର୍ମା ହୋଇ କଂସେଇକୁ ବିକ୍ରୀ ହେଉଛନ୍ତି ବୋଲି ।

ତଥାପି ଅଞ୍ଚଳରେ ତା'ର ଆଦବ କାଇଦା ସେ ଅକ୍ଷୁଣ୍ଣ ରଖିଥାଏ । ତା'ର ପତିଆରା ପାଇଁ ସେ ଅଞ୍ଚଳରେ ବିଖ୍ୟାତ । ଆଖପାଖ ଚାରିପାଞ୍ଚଟି ଗାଁରେ ତା'ର ଆଧିପତ୍ୟ । କାହାକୁ ସେ ରଖେଇ ଦେଇନି ତା' ଇଲାକାରେ । ଟିକିଏ ହେତୁ ପାଇଯାଇଥିବା ବାଛୁରୀମାନଙ୍କୁ, ଯେଉଁମାନଙ୍କୁ କି ଷଣ୍ଢ କରି ତାଙ୍କ ମୁନିବ ଆଣି ମନ୍ଦିର ବେଢ଼ାରେ ଛାଡ଼ି ଚାଲି ଯାଇଥାଆନ୍ତି ନିର୍ମମ

ଭାବେ ଭୁଷି ଭୁଷି ବାହାର କରିଦିଏ । ଅବଶ୍ୟ କେତେକଙ୍କୁ ରଖେ । ଯେଉଁମାନେ ଭବିଷ୍ୟତରେ ତା'ର ଆଧିପତ୍ୟ ପ୍ରତି ବିପଦ ସୃଷ୍ଟି କରିବେ ନାହିଁ ବୋଲି ତା'ର ହୃଦ୍‌ବୋଧ ହୁଏ । ମୋଟ ଉପରେ ସେ ଅଞ୍ଚଳରେ ସେ ଗୋଟିଏ ମାତ୍ର ଷଣ୍ଢ । ବାହାର ଷଣ୍ଢ ପୂରେଇ ଦେଇନି କି ନିଜ ଇଲାକାରେ ଷଣ୍ଢପରି ଷଣ୍ଢଟିଏ ଉତୁରିବାକୁ ଦେଇନି ।

ଆଗ କାଳେ ଏମିତିକା ମଣିଷଙ୍କୁ ରାଜା କୁହାଯାଉଥିଲା । ଏକଛତ୍ରବାଦୀ ବି । ଗଣତନ୍ତ୍ର ଗଣତନ୍ତ୍ର ବୋଲି ରଟ ଲଗାଇଥିବା ଲୋକମାନେ ବି ଏହିଭଳି ଏକାଧିପତ୍ୟକୁ ପସନ୍ଦ କରନ୍ତି । ତାଙ୍କୁ ପାର୍ଟି ହାଇ କମାଣ୍ଡ କୁହାଯାଏ । ତାଙ୍କ ନାମରେ ଭୋଟ ଚାଲେ । ପାର୍ଟି ଜିତିଗଲେ ଦେଶ ବି ଚାଲେ ।

କଷରାର ନୃସଂଶତା କଥା ଭାବିଲା ବେଳକୁ ଦେହ ଶୀତେଇ ଯାଏ କାଳିଆର । କାଳେ ଯଦି କଷରା ଜାଣିବ ଯେ ଏଠି ଆଶ୍ରୟ ନେଇଛି ହୁଏତ ମାରି ମାରି ବିଦା କରିଦେବ । ଅବା ଜୀବନରେ ମାରିଦେବ । କାରଣ କାଳିଆ କାନରେ ପଡ଼ିଲାଣି ସେ କାଳେ ଗୋଟାଏ ଭଲ ଷଣ୍ଢଟିଏ ହେବ । ନବ କୃଷକମାନେ କହୁଛନ୍ତି । ତଥାପି ପୁରୁଣାକାଳିଆ ଚାଷୀ କେତେଜଣ ନାପସନ୍ଦ କରନ୍ତି କାଳିଆକୁ । ଜର୍ସି ଅଣ୍ଡିରାଟା କି' ଷଣ୍ଢ ? ନିଜେ ତ ହଳ କରି ପାରିବନି ବୋଲି ମାଲିକ ଷଣ୍ଢ କରିଦେଲା । ଯା' ବାଛୁରୀ କ'ଣ କ୍ଷେତ ଚଷିବେ ?

ଯୁଗ କିନ୍ତୁ ବଦଳୁଥିଲା । ବଳଦର ଆଉ ବିଶେଷ ଆବଶ୍ୟକତା ନଥିଲା ଚାଷରେ । ଦେଶୀ ବଳଦ ଅପେକ୍ଷା ଜର୍ସି ଗାଈ ପାଳି ଲାଭବାନ ହେଉଥିଲା ଚାଷୀ । ମାଛ ଚାଷ, କୁକୁଡ଼ା ଚାଷ ପରି ଗୋ-ପାଳନକୁ ଏବେ ଗୋରୁ ଚାଷ କୁହାଗଲାଣି । ଯେଉଁଠି ବଳଦଙ୍କର ସ୍ଥାନ ନାହିଁ କହିଲେ ଚଳେ । ଯୁବଚାଷୀମାନେ ମଧ କଷରାକୁ ଚାହୁଁନଥିଲେ; ତେଣୁ କାଳିଆର ପ୍ରଭାବ ବଢୁଥିଲା ।

ମନ୍ଦିର ସଂଖ୍ୟା ବି ବଢୁଥିଲା ଦେଶରେ ଭକ୍ତମାନଙ୍କ ତୁଳନାରେ । କିନ୍ତୁ ଭିନ୍ନ ପନ୍ଥାର ଭକ୍ତମାନେ ସେମାନଙ୍କ ଇଷ୍ଟଙ୍କ ଲାଗି ମନ୍ଦିର କରୁଥିଲେ । ରାସ୍ତାକଡ଼ରେ ନୂଆ ନୂଆ ମନ୍ଦିର ହେଉଥିଲା ଯୋଗାଯୋଗ ସୁବିଧା ଲାଗି । ଭଲ ବି ବେପାର ଚାଲୁଥିଲା ରାସ୍ତାକଡ଼ିଆ ମନ୍ଦିରରେ । ଯେଉଁ ଠାକୁରଙ୍କୁ ରାସ୍ତା କଡ଼ରେ ସୁବିଧାରେ ପାଇ ହେଉଥିଲା ତାଙ୍କୁ ଯାଇ ଗହୀର ମଝିରେ, ଅପନ୍ତରାରେ ଦେଖିବାର ଆବଶ୍ୟକତା ଉପଲବ୍ଧି କରୁନଥିଲା ଆଧୁନିକ ମଣିଷ ।

ଚାରିଥାକିଆ ରାସ୍ତା ହେବାକୁ ସରକାର ଜମି ଅଧିଗ୍ରହଣ କଲେ । କେତେ ଲୋକଙ୍କ ଘର ସହ କେତେ ମନ୍ଦିର ବି ଭଙ୍ଗା ଯିବାକୁ ଆଦେଶ ଆସିଲା । ବେଆଇନ ଭାବେ ଗଢ଼ାଯାଇଥିବା ମନ୍ଦିରଗୁଡ଼ିକ ଭଙ୍ଗା ଯିବ । ସାଧାରଣରେ ଅସନ୍ତୋଷ ବ୍ୟାପିଲା । ଭକ୍ତମାନେ ଉସୁକାଇଲେ ଆନ୍ଦୋଳନ ଲାଗି । କିନ୍ତୁ ନ୍ୟାୟାଳୟ ଆଦେଶ ଦଳମତ ନିର୍ବିଶେଷରେ ତାମିଲ ହେଲା । ବାବାଙ୍କ ଭକ୍ତମାନେ ମନ୍ଦିରକୁ ତେଣିକି କୁଟୀର କହିଲେ, ଘର କହିଲେ, ଆଶ୍ରମ କହିଲେ ତଥାପି ସରକାର ଶୁଣିଲେ ନାହିଁ । ଭାଙ୍ଗିଦେଲେ ।

ଭାଙ୍ଗିଦେଲେ ମଧ କାଳିଆର ସ୍ୱପ୍ନ । ଷଣ୍ଢତ୍ୱ ପ୍ରାପ୍ତ ହେବା ପର୍ଯ୍ୟନ୍ତ ସେ ମନ୍ଦିରରେ ରହିପାରିଲା ନାହିଁ । ଏଣିକି ତା' ଜୀବନ ପ୍ରତି ବିପଦ ଘନେଇ ଆସିଲା । କଷରାର କୋପ ଦୃଷ୍ଟିରେ ପଡ଼ିଲା ସେ । ପଞ୍ଚାଏ ଚୋକା ସବୁଦିନ ତାକୁ ଆଡ଼େଇ ବାଡ଼େଇ ନେଇ ଯାଆନ୍ତି କଷରା ପାଖକୁ । ଷଣ୍ଢ ଲଢ଼େଇ ଦେଖିବା କାଳେ ମହାଦେବଙ୍କୁ ଦେଖିବା ସହ ସମାନ । କାଳିଆ ଲହୁ ଲୁହାଣ ହୁଏ । ହର ହର, ହିର୍ ହିର୍ ଶବ୍ଦରେ ପଡ଼ିଆ ବିଲ କମ୍ପୁଥାଏ ।

ଜୀବନ ବିକଳରେ କାଳିଆ ଦୌଡ଼େ । ପଛରେ କଷରା । ଦିନରାତି ଲୁଚି ଲୁଚି ନିଜ ଜୀବନ ପ୍ରତି ଲୋଭ ଛାଡ଼ି ଗଲାଣି କାଳିଆର । ଥରେ ଏମିତି ଦୌଡୁ ଦୌଡୁ ଭାବିଲା ନା ବୁଲି ପଡ଼ି ମୁଣ୍ଡ ପକେଇଦେବା ।

ହତ୍ୱବା ପ୍ରାପ୍ୟସେ ସ୍ୱର୍ଗଂ ଜିତ୍ୱବା ଭୋକ୍ଷସେ ମହୀଂ । ତ ବୁଲିପଡ଼ିଲା କାଳିଆ । ବେପଗୁଆ କଷରା ମୁଣ୍ଡରେ ମୁଣ୍ଡରେ ଲଢ଼ିଗଲା କାଳିଆ । କାଳିଆର ଆକସ୍ମିକ ଆକ୍ରମଣରେ କଷରାର ଗୋଡ଼ ଖସିଗଲା । ତ କାଳିଆ ଭୁଷି ଚାଲିଲା କଷରାକୁ । ଲୋକମାନେ ବାଡ଼ିଆ ବାଡ଼ି କରି କାଳିଆକୁ ଅଟକାଇଲେ । କଷରା ଆଉ ଉଠି ପାରିଲାନି ସେଠୁ ।

କାଳିଆକୁ ଦାଣ୍ଡରେ ବୁଲାଇଲେ ଯେଉଁମାନେ ଗୋରୁ ଚାଷୀଥିଲେ । କଷରା ପରି ଗୋଟେ ଦେଶୀ ଷଣ୍ଢ ଚାହୁଁ ନଥିଲେ ଗାଁରେ । ସେମାନେ କହିଲେ ଏଥର ବୁଢ଼ାମାନେ ହଳ ଲଙ୍ଗଳ ବଞ୍ଚାଇବାକୁ କଷରାକୁ ଘରେ ଆଣି ରଖନ୍ତୁ । ମନ୍ଦିରରେ ରହିବ କାଳିଆ । ଗାଁ ଯାକର ସବୁ ଗାଈ ଏଣିକି ଜର୍ସି ବାଛୁରୀ ଜନ୍ମ କରିବେ ।

ଗ୍ରାମର ସେହି ଚିର ଆକାଂକ୍ଷିତ ପୁରୁଣା ଶିବ ମନ୍ଦିରରେ ଏଣିକି ରହିଲା କାଳିଆ । କଷରା ବେଳେ ବେଳେ ଆସେ ମନ୍ଦିରଠୁ ଦୂରରେ ଛିଡ଼ାହୁଏ କାଳିଆ ଡରରେ । ତା'ର ହୃତ ଗୌରବକୁ ମନେ ପକାଏ ।

❖



# ଯନ୍ତ୍ରଣାର ରଙ୍ଗ

**ଶାନ୍ତନୁ ମହାପାତ୍ର**

**ଘ**ଟଣାଟା ଅତି ସାମାନ୍ୟ ହେଲେ ମଧ୍ୟ ଧୀରେ ଧୀରେ ଅସାମାନ୍ୟ ଭାବରେ ହୃଦୟକୁ ଆନ୍ଦୋଳିତ କଲା । ସେଇ କୁନି ଝିଅଟି ବିଷୟରେ ଅଧିକ କିଛି ଜାଣିବା ପରେ ମନଟା ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲା । କିଛି କରିବାର ସାଧ ଥିଲେ ଅବଶ୍ୟ କରିଥା'ନ୍ତି, କିନ୍ତୁ..... ।

ଏକ ବିଶେଷ କାର୍ଯ୍ୟରେ ସେଦିନ ଭୁବନେଶ୍ୱରର ଏକ ଗେଷ୍ଟ ହାଉସ୍‌ରେ ରାତ୍ରିଯାପନ କରିବାକୁ ପଡ଼ିଥିଲା । ସକାଳୁ ସକାଳୁ ଶୌଚ ସ୍ନାନାଦି କାର୍ଯ୍ୟ ସମାପନ କରି ଜଳଖିଆ ଟିକିଏ ଖାଇବା ଉଦ୍ଦେଶ୍ୟରେ ବାହାରକୁ ଆସିଲି । ଆଗ ଛକରେ ଗୋଟିଏ ଜଳଖିଆ ଦୋକାନ ଥିବାର ସୂଚନା ପାଇବା ପରେ ସେଇଠିକୁ ଗଲି ।

ଦୋକାନ ମାଲିକ ଜଣେ ବୟସ୍କା ସ୍ତ୍ରୀ ଲୋକ । ମାଉସୀ ବୋଲି ସମ୍ବୋଧନ କରିବାରେ କିଛି ଅସୁବିଧା ନ ଥିଲା । ବରା ଛଣା ସରିଥିଲା । ଇଟଲି ବି ଥୁଆ ହୋଇଥିଲା । ପୁରି ଛାଣିବା ପାଇଁ ପ୍ରସ୍ତୁତି ଚାଲିଥିଲା ।

ଇଟଲି ସହିତ ଘୁଗୁନି ମଗାଇ ଖାଇବା ଆରମ୍ଭ କରି ଦେଇଥିଲି । ମୋର ଆସ୍ଥାନ ଥିଲା ମହଜୁଦ ଥିବା ସମୁଦାୟ ଦୁଇଟି ପ୍ଲାଷ୍ଟିକ୍ ଷ୍ଟୁଲ୍‌ରୁ ଗୋଟାଏ ।

ଏତିକିବେଳେ ଆସିଲା କୁନି ଝିଅଟିଏ । ବୟସ ଦଶ କି ଏଗାର ହେବ । ଡଉଲ ଡାଉଲ ଚେହେରା । ଶ୍ୟାମଳ ରଙ୍ଗର କୁନି ମୁହଁଟିକୁ ଦେଖିଲେ ପେଟ ପୂରିଯିବ । ଆଖି ଯୋଡ଼ିକ ତ କେଉଁ ଅପସରୀ ଠାରୁ ଛଡ଼େଇ ଆଣିଛି ଅବା । ପୁରୁଣା ଫ୍ରକ୍‌ଟିଏ ପିନ୍ଧିଥିଲା ।

ସେ କୁନି ମୁହଁଟି କିନ୍ତୁ ଉଦାସିଆ ଉଦାସିଆ ଲାଗୁଥିଲା । ଯେମିତି କେହି ଛଡ଼ାଇ ନେଇଛି କିଛି । ଛାତିତଳେ ଭରି ରହିଛି ଅନେକ ଅକୁହା ବେଦନା ।

ମୁଁ ଖାଉଥିଲି ଓ ତାକୁ ଲକ୍ଷ୍ୟ କରୁଥିଲି । ଖଣ୍ଡେ କୋଡ଼ିଏ ଟଙ୍କିଆ ନୋଟ୍ ମାଉସୀ ଆଡ଼କୁ ବଢ଼ାଇ ଧୀରସ୍ୱରରେ କହିଲା- "ଛଅଟା ପୁରି ଦିଅ ।"

ମାଉସୀ କହିଲା- "କୋଡ଼ିଏ ଟଙ୍କାରେ ତ ଚାରିଟା ପୁରି ହେବ, ଛଅଟା କେମିତି ହେବ ।"

ଏତିକି କଥା ସହିତ ମାଉସୀର ଗୋଟେ କରୁଣ ଚାହାଣୀ ଖେଳିଗଲା ଝିଅଟିର ମୁଖମଣ୍ଡଳ ଉପରେ । ଚୁପ୍‌ଚାପ ଠିଆ ହୋଇଥିଲା ସେ । ତା' ଶୁଖିଲା ମୁହଁର ଭାବକୁ ବୋଧହୁଏ ମାଉସୀ ବୁଝି ସାରିଥିଲା । ମୁଁ କିନ୍ତୁ କିଛି ବୁଝି ପାରୁ ନଥିଲି ।

ତେବେ ସମୁଦାୟ ପରିସ୍ଥିତିରୁ ଏତିକି ଅନୁମାନ କରୁଥିଲି ଯେ ଛୁଆଟି ବୋଧହୁଏ କିଛି ଖାଇବାକୁ ଇଚ୍ଛା କରୁଛି । ସେଇଥିପାଇଁ ଅଧିକ ଦୁଇଟା ପୁରି ମାଗୁଛି । କିଛି ସମୟ ଚିନ୍ତାକରି କହିଲି, "ଝିଅ, କ'ଣ ଖାଇବୁ କି ?"

ମୋ ମୁହଁକୁ ସାମାନ୍ୟ ଚାହିଁ ଅନ୍ୟଆଡ଼କୁ ମୁହଁ ବୁଲାଇଦେଲା ।

ସଂକୋଚରେ ଆଉ ସ୍ୱାଭିମାନରେ । ଅଜ୍ଞାନ ପ୍ରାଣୀ ପଶୁପକ୍ଷୀମାନଙ୍କର ବି ସ୍ୱାଭିମାନ ଥାଏ । ତାଙ୍କ ସାମ୍ନାରେ କେହି ଅଚିହ୍ନା ଲୋକ କିଛି ଖାଦ୍ୟ ଥୋଇଦେଲେ ସେମାନେ ହଠାତ୍ ଖାଇ ନିଅନ୍ତି ନାହିଁ । ଆମେ ତ ସହଜେ ମଣିଷ । ବୟସ ତା'ର କମ୍ ହେଲେ କ'ଣ ହେଲା, ଅପରିଚିତ ଲୋକଠୁ କେମିତି ଖାଇଦେବ ଯେ ? ସ୍ୱାଭିମାନ ବୋଲି କିଛି ଅଛି ନା ନାହିଁ ?

ତଥାପି ବାଧ କଲାପରି ମାଉସୀକୁ କହିଲି, "ମାଉସୀ, ତାକୁ ଦୁଇଟା ବରା ଦିଅ ତ !"

ଡେରି ନ କରି ଗୋଟେ ଚଉପଦୀରେ ଦୁଇଟା ବରା ମାଉସୀ ତାକୁ ଧରାଇଦେଲା । ଯାହାହେଉ ତା କୁନି କୁନି ହାତରେ ସେତକ ଧରିଲା । ମୋତେ ଖୁସି ଲାଗିଲା । ଖାଇବ ନିଶ୍ଚୟ । କୋଡ଼ିଏ ଟଙ୍କିଆ ନୋଟ୍ ତା' ବାଁ ହାତରେ ଅତି ଯତ୍ନରେ ଧରିଥାଏ ।

ମୁଁ ତାକୁ ଲକ୍ଷ୍ୟ କରୁଥାଏ । ଧୀରେ ଧୀରେ ଖାଇବା ଆରମ୍ଭ କଲା । ମୋ ପାଖରେ ପଡ଼ିଥିବା ଷ୍ଟୁଲଟିରେ ତାକୁ ବସିବାକୁ କହିଲି । ବସିଲା ଏବଂ ଖାଇ ଚାଲିଲା । ଚାହୁଁ ଚାହୁଁ ଦୁଇଟାଯାକ ବରା ଖାଇଦେଲା ।

ତା' ଚଉପତି ଖାଲି ହେବାର ଦେଖି ପୁଣି ମାଉସୀକୁ କହିଲି, "ମାଉସୀ....., ଆଉ ଦୁଇଟା ବରା ତାକୁ ଦିଅ ତ !"

ମୋ କଥାକୁ ଅପେକ୍ଷା କରିଥିଲା ପରି ମାଉସୀ ପୁଣି ଦୁଇଟା ବରା ତା' ଚଉପଦୀରେ ଥୋଇଦେଲା । ସେ ମନା କଲାନି । ଗରମ ଗରମ ବରା ଏ ଦୁଇଟା ବି କିଛିକ୍ଷଣ ମଧ୍ୟରେ ଖାଇଦେଲା ।

ମୁଁ ଆଶ୍ଚର୍ଯ୍ୟ ହେଲି । ପିଲାଟି ଭୋକିଲା ଥିଲା ନିଶ୍ଚୟ । ପୁଣି ପଚାରିଲି- "ଆଉ ଖାଇବୁ ?"

କିଛି କହିଲାନି । ନୀରବ ରହିଲା । ତା'ର ମନୋଭାବକୁ ମୁଁ ଜାଣିବା ପୂର୍ବରୁ ମାଉସୀ ବୋଧହୁଏ ଜାଣି ସାରିଥିଲା କି କ'ଣ, ମୁଁ କିଛି କହିବା ପୂର୍ବରୁ ପୁଣି ଦୁଇଟା ବରା ତା' ଚଉପଦୀରେ ଥୋଇଦେଲା । ନିକଟରେ ବସି ଘଟଣାର ପୂର୍ବାପର ପରିସ୍ଥିତିକୁ ଆକଳନ କରିବାକୁ ଚେଷ୍ଟା କରୁଥିଲି । ପାରୁ ନଥିଲି ।

ଖାଇ ସାରି ହାତ ଧୋଇଲି । ଘୁଗୁନି ସହିତ ଚାରିଟା ଇଡଲି ସକାଳ ଜଳଖିଆରେ ମୋ ପାଇଁ ଯଥେଷ୍ଟ । ଅଥଚ ଏ ଛୁଆଟା ଛଅଟା ବରା... । ଆଶ୍ଚର୍ଯ୍ୟ ଯେତିକି ଅନୁଶୋଚନା ବି ସେତିକି । ଛୁଆଟା କେତେ ଭୋକିଲା ଥିଲା କେଜାଣି ?

ପୁଣି ଥରେ କଅଁଳ ସ୍ୱରରେ କହିଲି- "ମା, ଆଉ ଗୋଟେ ଖାଆ ।"

ଏଥର ମୁଣ୍ଡ ହଲାଇ ମନାକଲା ।

-ପାଣି ପିଇବୁ ?

ମୁଣ୍ଡ ହଲାଇ ହଁ କଲା । ପାଖରେ ଥୁଆ ହୋଇଥିବା ପାଣି ଗ୍ଲାସ୍‌ଟା ଧରାଇ ଦେଲି । ସେତକର ବି ଅଧା ପିଇଦେଲା । କିଛିଟା ସନ୍ତୋଷ ମିଳୁଥିଲା ମୋତେ । କିନ୍ତୁ ସନ୍ତୋଷ ଯେତିକି ଥିଲା ତା'ଠାରୁ ଯଥେଷ୍ଟ ଅଧିକ ବ୍ୟାକୁଳତା ବଢ଼ି ବଢ଼ି ଯାଉଥିଲା ।

ତା ପିଠିକୁ ସାମାନ୍ୟ ଆଉଁସି ଦେଇ ପଚାରିଲି, "ମା, ପେଟ ପୂରିଲା ?"

ମୁଣ୍ଡା ହଲାଇ ହଁ କହିଲା । ମୋ ମୁହଁକୁ ଟିକିଏ ଚାହିଁଲା । ଯେମିତି ମୁଁ ତା" 'ର ଅତି ଆପଣାର ମଣିଷଟେ । ଅନେକ ଦିନରୁ ନିବିଡ଼ ସଂପର୍କରେ ବନ୍ଧା ଆମେ । ଆଖି ଛଳଛଳ କରି କହିଲା, "କାଲି ରାତିରୁ କିଛି ଖାଇ ନଥିଲି । ଭାରି ଭୋକ ଲାଗୁଥିଲା ।"

ତା' ଶୁଖିଲା ମୁହଁରେ ଓଦା ଓଦା ଆଖିର ଚାହାଣୀ ସାଙ୍ଗକୁ କୋହଭରା କଥା ପଦକ ମୋତେ ଖୁବ୍ କଷ୍ଟ ଦେଉଥିଲା । ଭାରାକ୍ରାନ୍ତ ମନକୁ ନେଇ ଚୁପ୍‌ଚାପ୍ ସେଇ ଷ୍ଟୁଲ୍ ଉପରେ ବସିଥିଲି । ଏ ସଂସାରରେ ଭୋକିଲା ପ୍ରାଣୀର ଦୁଃଖ ବୋଧହୁଏ ସବୁଠୁ ଉପରେ । ଭୋକର ଜ୍ୱାଳା କେବଳ ଅନୁଭବୀ ହିଁ ଜାଣେ ।

ପୁରି ଛଣା ସରିଥିଲା । ତରକାରୀ ସହ ଚାରିଟା ପୁରି ଗୋଟିଏ ପଲିଥିନ୍‌ରେ ଭରି ମାଉସୀ ତାକୁ ଧରାଇଦେଲା । କୋଡ଼ିଏ ଟଙ୍କିଆ ନୋଟ୍‌ଟା ବଢ଼ାଇ ଦେଇ ସେ ଯିବାକୁ ବାହାରିଲା ।

ମନର ଉଦ୍‌ବେଗକୁ ନିୟନ୍ତ୍ରଣ କରି ନପାରି ପଚାରିଲି, "ଏତକ କାହାପାଇଁ ନେଉଛୁ ?"

- "ମୋ ସାନଭାଇ ପାଇଁ । ଏକୁ ଖାଇ ସେ ସ୍କୁଲ ଯିବ ।"

– "ଆଉ ତୁ ସ୍କୁଲ ଯିବୁନି ?"

– "ନାଁ । ମା' ତା ବାପଘରକୁ ଯିବ । ବାପା ବି ସାଥିରେ ଯିବେ । ମତେ ଘର ଜଗିବାକୁ ହେବ ।"

ଆହୁରି ଅଧିକ କିଛି ଜାଣିବାକୁ ଇଚ୍ଛା ଥିଲେ ବି ପଚାରି ପାରିଲିନି । ବିବେକ ବାଧା ଦେଲା । ସେ ତରତର ହୋଇ ଚାଲି ଯାଉଥିଲା । ତା' ଚଲାପଥକୁ ଚାହିଁ ରହିଥିଲି । କିଛିକ୍ଷଣ ମଧ୍ୟରେ ରାସ୍ତା ଆରପଟ ସାମ୍ନା ଗଳିରେ ଅଦୃଶ୍ୟ ହୋଇଗଲା ।

ମନରେ ଅନେକ ପ୍ରଶ୍ନ । ସମସ୍ତଙ୍କର ପରିବେଶ ଓ ପରିସ୍ଥିତିକୁ ଆକଳନ କରିବା ସମ୍ଭବ ନୁହେଁ । କେତେବେଳେ କେମିତି କାହାକୁ ସାମାନ୍ୟ ସମବେଦନା ଜଣାଇ ଆମେ କିଛିଟା ଆତ୍ମସନ୍ତୋଷ ପାଆନ୍ତି ସିନା ମାତ୍ର ସେତିକିରେ କାହାରି ପରିସ୍ଥିତି ସୁଧୁରି ଯାଏନି କି ଯନ୍ତ୍ରଣା ହ୍ରାସ ପାଏନି । ଗଭୀର ଭାବରେ ଚିନ୍ତାମଗ୍ନ ଥିଲି ।

ମୋ ଭାବାବେଗକୁ ବୋଧହୁଏ ଠିକ୍‌ରୂପେ ଅନୁଭବ କରୁଥିଲା ମାଉସୀ । କହିଲା, "ତା କଥା ଭାବୁଛ କି ବାପା ! ବଡ଼ ଦୁଃଖିନୀଟିଏ । ମା' ଛେଉଣ୍ଡ ଛୁଆଟା ଗତ କରୋନାରେ ତା' ମା' ମରିଗଲା ପରେ ତା' ବାପା ଆଉ ଗୋଟେକୁ ଆଣି ରଖିଛି । ତା'ର ଗୋଟେ ଛୁଆ ହେଲାଣି । ସେ ଛୁଆଟା ନୂଆ ନୂଆ ସ୍କୁଲ ଯାଉଚି । ସେ ମାଇକିନାଟା ଷ୍ଟାଇଲ୍ ବାଲି ଖଣ୍ଡେ । ତା' ବାପ ତ ତାକୁ ଖାଲି ମୁଣ୍ଡେଇଚି । କାର୍ ଖଣ୍ଡେ କାହାର ଚଲଉଚି ଯେ ସେଥିରେ ମାଇକିନାକୁ ବସେଇକି ବୁଲୋଉଚି । ସବୁ ରୋଜଗାର ସେ ମାଇକିନା ପଛରେ ଉଡ଼ୋଇଛି । ପଛ ମାଇପ ଘଇତାଠୁ ବଳକା ପରା ।

ଏ ଛୁଆଟାର କିନ୍ତୁ ଭାଗ୍ୟ ଖରାପ । ଭାରି ହିନସ୍ତା ହେଉଛି ବିଚାରୀ । ଆଡ଼ ଆଖିରେ ଦେଖୁନାହାନ୍ତି ତାକୁ । ଭଲକରି ମୁଠେ ଖାଇବାକୁ ଦେଉନାହାନ୍ତି କି ଭଲରେ ଖଣ୍ଡେ ପିନ୍ଧିବାକୁ ଦେଉ ନାହାନ୍ତି । ପାଠ ପଢ଼େଇବେ କ'ଣ ଓଲଟା ଚାକରାଣୀ ପରି ଯାବତୀୟ ଘର କାମ କରଉଛନ୍ତି । ପାପୀ ମଣିଷଗୁଡ଼ା । ସେ ଘଇତା ମାଇପ ଦୁଇଟା ପରା ମତେ ଥରେ କହୁଥିଲେ, ସେ ଛୁଆଟାକୁ ଏଇ ଦୋକାନରେ ରଖିବାପାଇଁ । ମୋତେ କ'ଣ ଦଇବ ଛାଡ଼ିଛି, ଛୋଟ ଛୁଆକୁ କାମରେ ଲଗେଇବି ? ପୋଲିସ୍ ବାନ୍ଧିବ ନାଇଁ !

ଛୁଆଟାକୁ ଦେଖିଲେ ମୋତେ ବି ଦୁଃଖ ଲାଗେ । ହେଲେ ମୁଁ କ'ଣ କରି ପାରିବି ? ମୋ ଘରେ ତ ପୁଅ ବୋହୂ ନାତି ନାତୁଣୀ ପଣ୍ଟେ । ମୁଁ ସେମାନଙ୍କ ଦୟାରେ ବଞ୍ଚିଛି । ମୁଁ କାହାକୁ ଆଶ୍ରା ଦେବି ? ତୁମେ ଯେମିତି ଆଜି ଖାଇବାକୁ ଦେଲ ମୁଁ ସେମିତି ବେଳେବେଳେ ଦିଏ । ହେଲେ କିଛି ଲାଭ ନାହିଁରେ ବାପ । ଠାକୁର ଏକା ଭରସା ।

କଥା ସବୁ କହୁଥିବା ବେଳେ ମାଉସୀ ଆଖିରେ ଲୁହ ଜକେଇ ଆସୁଥିଲା । କାନିରେ ପୋଛୁଥିଲା ସେ ।

ମୁଁ କହିଲି, "ଯଦି ଛୁଆଟି ପ୍ରତି ଏତେ ଅନ୍ୟାୟ ହେଉଛି, କେହି ପୋଲିସ୍‌କୁ ଜଣାଉ ନାହାନ୍ତି କାହିଁକି ?"

– "ଜଣାଇଥିଲେ ରେ ବାପା । ସାହି ପଡ଼ିଶାରୁ କିଏ ଥାନାରେ କହି ଦେଇଥିଲେ । ଥାନା ବାବୁ ଆସିଥିଲେ । ପଚରାପଚରି କରି ସବୁ ସତ ଜାଣିବା ପରେ ବାପଟାକୁ ଥାନାକୁ ଧରି ନେଇଥିଲେ । ହେଲେ ସେ ଛୁଆଟା କ'ଣ ଛାଡ଼ିଲା ? ବାପଟା ସିନା ଅମଣିଷଟାଏ । ଝିଅ ପ୍ରତି ସ୍ନେହ ଶ୍ରଦ୍ଧା ନାହିଁ କିନ୍ତୁ ଝିଅଟା ବାପକୁ ବହୁତ ଭଲ ପାଏ । ବାପାକୁ କୁଣ୍ଢେଇ ଧରି ଏତେ କାନ୍ଦିଲା ଯେ ପୋଲିସ୍ ବାଧ୍ୟହୋଇ ତାକୁ ଛାଡ଼ିଦେଲା । ଅବଶ୍ୟ ତାଗିଦ୍ କରି ଦେଇ ଯାଇଛି । ଝିଅକୁ ଅଣଦେଖା କଲେ ପୁଣି ଆସି ବାନ୍ଧି ନେଇଯିବୁ ବୋଲି କହି ଯାଇଛନ୍ତି ।

ବାପଟା ସିନା ଟିକିଏ ନରମି ଯାଇଛି, ହେଲେ ସେ ସାବତ ମା'ଟା ତ ମଣିଷ ନୁହେଁ । ରାକ୍ଷାସୁଣୀଟାଏ । ହାତ ସହିତ ଭାତରେ ବି ମାରୁଛି । ମଣିଷପଣିଆ ବୋଲି ଟିକିଏ ନାହିଁ ।

ଏତେଗୁଡ଼ାଏ କଥା ଶୁଣିବା ପରେ ମନଟା ବିଚଳିତ ହୋଇ ଉଠୁଥିଲା । ଅନ୍ୟମନସ୍କ ଭାବରେ ସେଠାରୁ ଆସିଲି । କାର୍ଯ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ମୁଁ ତା'ରି କଥା ହିଁ ଭାବୁଥିଲି । ଆଉ ଥରେ ତାକୁ ଭେଟିବାର ଆଗ୍ରହ କ୍ରମଶଃ ଦୃଢ଼ରୁ ଦୃଢ଼ତର ହେଉଥିଲା ।

❖



# ଗୋଟିଏ ଗୋଟିଏ ଶବ୍ଦ


ମୂଳ ଅସମୀୟା : ଗାଳ୍ପିକ ଅତନୁ ଭଟ୍ଟାଚାର୍ଯ୍ୟ

ଅନୁବାଦ : ଶାନ୍ତନୁ କୁମାର ନାୟକ


ହଠାତ୍ ସେ ଆଖିରେ ପଡ଼ିଗଲା ।

ମୁଁ ତା' ପାଖକୁ ଯିବାକୁ ଇଚ୍ଛା କଲି । ବ୍ରହ୍ମପୁର ବଜାରର ସେ ଭିଡ଼ ଭିତରକୁ ଠେଲିପେଲି ପଶି ତା' ବାମ ହାତକୁ ଧରି କହିଲି, 'ଜିତୁ ?'

ସେ ଡାହାଣ ହାତରେ ମୋ ହାତକୁ ଛଡ଼ାଇବାକୁ ଚେଷ୍ଟା କଲା । ମୁଁ କିନ୍ତୁ ଛାଡ଼ିଲି ନାହିଁ, ଆହୁରି ଜୋର୍‌କରି ଧରିଲି ତା' ହାତକୁ, କହିଲି, "ଜିତୁ, ମୋତେ ଦେଖ୍, ତୁ କ'ଣ ମୋତେ ଚିହ୍ନି ପାରୁନାହୁଁ ?"

ଜିତୁ ମୋତେ ଚିହ୍ନିଚି କି ନାହିଁ, ତା'ର କିଛି ପ୍ରତିକ୍ରିୟା ଦେଖାଇଲା ନାହିଁ । ଅଥଚ ମୁଁ ଅନୁଭବ କଲି ତା' ହାତର ଶକ୍ତି ଦୁର୍ବଳ ହୋଇଆସୁଛି, ମୋତେ ପ୍ରତିରୋଧ କରିବାର କ୍ଷମତା ତା'ର ହ୍ରାସ ପାଉଛି ।

ମୁଁ ପଚାରିଲି, "ଏତେଦିନ ଧରି ତୁ କେଉଁଠି ଥିଲୁ ?"

ସେ କିଛି କହିଲା ନାହିଁ । ମୋ ପ୍ରଶ୍ନର ଉତ୍ତର ଦେବା ବଦଳରେ ଏପାଖ ସେପାଖକୁ ଅନାଇଲା । ବିରକ୍ତି ପ୍ରକାଶ କଲା । ଅତ୍ୟନ୍ତ ଦୁର୍ବଳ ଭାବେ କହିଲା, "ଘରକୁ ଯାଉଛି ।"

ମୁଁ ତା' କଥାକୁ ଇଗ୍‌ନୋର କଲି ଏବଂ ତାକୁ ଏକ ପ୍ରକାର ଜୋର ଜବରଦସ୍ତ କରି ମୋ ବସାକୁ ନେଇ ଆସିଲି ।

ସେ ରୁମ୍‌ରେ ଇତସ୍ତତଃ ଏଣେତେଣେ ପଡ଼ିଥିବା ବହିଗୁଡ଼ାକୁ ଉଦାସୀନ ଭାବରେ ଅନାଇ ରହିଲା । ଘରକୋଣରେ ଛୋଟ ଟେବୁଲ ଉପରେ ଥିବା ଆସ୍‌ଟ୍ରେ ଓ ସିଗାରେଟ୍ ପ୍ୟାକେଟ୍ ଉପରେ ଦୃଷ୍ଟି ପକାଇଲା । ମୁଣ୍ଡ ଉଠାଇ ଛାତରେ ଝୁଲୁଥିବା ସିଲିଂ ଫ୍ୟାନ୍‌କୁ ଅନାଇଲା । ଫ୍ୟାନ୍‌ଟି ସ୍ଥିର ଥିଲା ।

ମୁଁ ଫ୍ୟାନ୍‌ର ସୁଇଚ୍‌କୁ ଟିପିଲି । ଫ୍ୟାନ୍ ବୁଲିଲା । ଘର କୋଣରେ ଛୋଟ ଟେବୁଲ ଉପରୁ ସିଗାରେଟ୍ ପ୍ୟାକେଟ୍ ସଙ୍ଗେ ଦିଆସିଲ ବକ୍ସକୁ ଆଣି ଜିତୁକୁ ଦେଲି । ସେ କିନ୍ତୁ ସିଗାରେଟ୍, ଦିଆସିଲ ବକ୍ସ ଦେଖି କିଛି ବି ଆଗ୍ରହ ପ୍ରକାଶ କଲାନାହିଁ । ଦିନେ ଶବ୍ଦକୁ ଶବ୍ଦ ସଙ୍ଗେ ଯୋଡ଼ି ବେଶ୍ ଚମତ୍କାର କବିତା ବାନ୍ଧୁଥିବା ପିଲା, ସାଧାରଣ ଜନତାଙ୍କ ପାଇଁ ସରକାରଙ୍କ ସଙ୍ଗେ ବିପ୍ଳବ କରିବା ନିମନ୍ତେ ମୋ ସଙ୍ଗେ ଗପୁଥିବା ପିଲାଟା କେମିତି ନୀରବି ଯାଇଛି । ମୋ ବହି ଥାକରେ ବେଶ୍ ବିପ୍ଳବଧର୍ମୀ କବିତା, ଗଳ୍ପ, ଉପନ୍ୟାସକୁ ବି ଧ୍ୟାନ ଦେଉନାହିଁ । ମୁଁ ଆଶ୍ଚର୍ଯ୍ୟ ହେଲି ।

ମୁଁ ପଚାରିଲି, "ତୋର କ'ଣ ହୋଇଛି କହ ? ବହୁଦିନ ହେଇଗଲାଣି ତୁ କେଉଁଠି ଥିଲୁ ।" ସ୍ୱାଭାବିକ ଭାବରେ ସେ ସ୍ଥିର ରହିଲା । କିଛି ପ୍ରତି ଉତ୍ତର ଦେଲା ନାହିଁ ।

ମୁଁ ପୁଣି ପଚାରିଲି, "ତୁ କ'ଣ ଜଙ୍ଗଲରେ ଥିଲୁ । ଥରେ ଚିତ୍ର ତୋତେ କେଉଁଠି ଗୋଟେ ଦେଖିଥିଲା ବୋଲି କହୁଥିଲା । ତୁ ହଠାତ୍ କୁଆଡ଼େ ଅନ୍ତର୍ଦ୍ଧାନ ହେଇଗଲୁ । ଭୁବନ ସାହୁ କହୁଥିଲା ଯେ, କୋରାପୁଟ ପୋଲିସ୍ ତୋତେ ଖୋଜୁଛି । ମୋର ବିଶ୍ୱାସ ତୁ ସେତେବେଳେ ବୋଧହୁଏ ବ୍ରହ୍ମପୁରରେ ଥିଲୁ ।

ଚିତ୍ର, ଭୁବନ ସାହୁ, କୋରାପୁଟ ପୋଲିସ, ବ୍ରହ୍ମପୁର ଏସବୁ କଥା ଶୁଣିଲାପରେ ମଧ୍ୟ ସେ ଅସହାୟ ଭାବରେ ବସି ରହିଲା । ତା' କପାଳରେ ଅନୁତାପର ଭ୍ରୂକୁଞ୍ଚନର ଲେଶମାତ୍ର ଚିହ୍ନ ନଥିଲା ।

ସେ ଉଦାସୀନ ଭାବରେ କହିଲା, "ମୁଁ ଘରକୁ ଯାଉଛି ।" ମୁଁ ଅପ୍ରତ୍ୟାଶିତ ପଚାରିବସିଲି, "ତୁ ଘରକୁ ଯିବୁ ? ଏବେ ତୋ ଘର କେଉଁଠି ? ସେ ଘରେ ତୋ ସଙ୍ଗେ ଆଉ କିଏ କିଏ ରହୁଛନ୍ତି ?" ସେ ମୋତେ ଅସହାୟ ଭାବରେ ଅନାଇଲା ଏବଂ ତା'ର ଘର ଠିକଣା ବୋଧହୁଏ ମନେ ପକାଇବାକୁ ଚେଷ୍ଟା କଲା ।

ମୁଁ ପଚାରିଲି, "କିଏ ଜଣେ କହୁଥିଲା ଶିବିରରେ ଥିଲାବେଳେ ତୋର ଗୋଟିଏ ପିଲା ଅଛି ବୋଲି ।"

ଏଥର ସେ ଆଶ୍ଚର୍ଯ୍ୟ ହୋଇ ମୋତେ କେବଳ ଚାହିଁ ରହିଲା ।

ମୁଁ ସ୍ମିତ ହସଟିଏ ହସିଦେଲି । "ମୁଁ ମଧ୍ୟ ତୁମମାନଙ୍କ ଧାଡ଼ିର ଜଣେ ବ୍ୟକ୍ତି ଥିଲି । ଏବେ ମଧ୍ୟ ମୋର ଲୋକ ଅଛନ୍ତି । ପୋଲିସ, ଗଣମାଧ୍ୟମ, ସାମ୍ବାଦିକ ଏମାନେ ମୋର ପରିଚିତ ଅଛନ୍ତି । କିଛି କିଛି ଖବର ମୋତେ ମିଳେ ସେମାନଙ୍କ ପାଖରୁ । କିନ୍ତୁ କିଛି ଭୁଲ୍ ଖବର ମଝିରେ ପାଇଥିଲି । ଯାହା ବି ହେଉ ତୋର ଯେଉଁ ଝିଅଟି ସହ ସମ୍ପର୍କ ଥିଲା ସେ କିଏ ?"

ଅଳସୁଆ ଭାବେ ସେ ବିଛଣା ଉପରେ ଶୋଇଲା ।

ମୁଁ ଆଉ କିଛି ପଚାରଲି ନାହିଁ । ଭାବିଲି ବର୍ତ୍ତମାନ ଯାକୁ ବ୍ୟତିବ୍ୟସ୍ତ କରିବା ଉଚିତ ନୁହେଁ ।

ବାହାରୁ ସୁଲୁସୁଲୁ ପବନ ଘରଭିତରକୁ ଝରକା ଦେଇ ପଶି ଆସୁଛି । ତା'ର ଅସଜଡ଼ା ଇସତ୍ ନୁଖୁରାବାଳକୁ ମୃଦୁ ପବନ ସ୍ପର୍ଶ କରୁଛି । କ୍ଳାନ୍ତ ଦେଖାଯାଉଛି ତା'ର ଶୁଖିଲା ମୁହଁଟି । ଅନିଦ୍ରା ଆଖିଯୋଡ଼ିକ ଶାନ୍ତି ଖୋଜୁଛି । କଉଁଠୁ ଗୋଟିଏ କି ଗନ୍ଧ ଆସି ମୋ ନାକକୁ ସ୍ପର୍ଶ କଲା । ହଁ ଏଇଟା ତ ଏଇ ଶ୍ରାବଣ ମାସର ମେଘୁଆ ପାଗର ଉସୁମୁଳିଆ ଗନ୍ଧ । ମୋ ନାକ ରୁନ୍ଧି ହୋଇଯାଉଛି ।

ମୁଁ ସେ ଗନ୍ଧକୁ ଭ୍ରୁକ୍ଷେପ ନ କରି ତା' ସାର୍ଟକୁ ଅନାଇଲି । ସାର୍ଟର କଲର ପାଖରେ କନା କିଛି ଚିରି ଯାଇଛି । ଅଣ୍ଟା ବେଲ୍ଟ ଜୋତା ଉପରେ ଏକ ଅସାବଧାନତାର ଚିହ୍ନ ଲେସି ହୋଇଯାଇଛି ।

ସେ ଏମିତି ପୋଷାକ ପିନ୍ଧି କୁଆଡ଼େ ଯାଉଥିଲା ? ବଜାରକୁ ନୂଆ ପୋଷାକ କିଣିବାକୁ ଆସିନଥିଲା ତ ? ସେଇ ବଜାର ଗଳିରେ ଯା'କୁ କିଏ ଅପେକ୍ଷା କରିଥିଲା କି ? ଯାହା ହାତରେ ଚମଡ଼ା ବ୍ୟାଗ୍‌ଟିଏ ଥିବ ଆଉ ସେ ବ୍ୟାଗ୍‌ରେ କିଛି ଟଙ୍କାଥିବ ? ଯା' ପକେଟ୍‌ରେ ସେମିତି କିଛି ଗୁପ୍ତ ତଥ୍ୟ ନାହିଁ ତ ? କୌଣସି ବିଶେଷ ଖବର କିମ୍ବା କିଛି ଅଘଟଣ ଘଟାଇବା ପାଇଁ ନିର୍ଦ୍ଦେଶନାମା ନାହିଁ ତ ?

ତା' ଶରୀର କମ୍ପି ଉଠିଲା । ଆଖିପତା ପକାଇ ଅସ୍ପଷ୍ଟଭାବରେ କହିଲା, "ମୁଁ କିଛି ଶବ୍ଦ ଶୁଣୁଛି ।"

ମୁଁ ଏ ଶବ୍ଦ ସମ୍ପର୍କରେ ନିଶ୍ଚିତ ହେବା ପାଇଁ ତା' ମୁହଁକୁ ଚାହିଁ ରହିଲି । ଏଥର ସେ ସ୍ପଷ୍ଟଭାବରେ କହିଲା "ମୁଁ ଶବ୍ଦ ଶୁଣୁଛି । ରାତି, ହଁ ରାତିର ଶବ୍ଦ ।"

"ରାତିର ଶବ୍ଦ ! ରାତିର କ'ଣ ସ୍ୱତନ୍ତ୍ର ଶବ୍ଦ ଶୁଣାଯାଏ କି ?" ମୁଁ ଜିଜ୍ଞାସାରେ ପଚାରିଲି ।

"ମୁଁ ଶୁଣୁଛି" ସେ ଆତ୍ମବିଶ୍ୱାସର ସହ କହିଲା ।

'କେମିତି ?' ମୁଁ ପଚାରିଲି- "ରାତିର ଶବ୍ଦ କେମିତି ଶୁଣାଯାଏ ?" ସେ ଚୁପ୍‌ହୋଇ ରହିଲା ।

ମୁଁ କହିବାକୁ ଆରମ୍ଭ କଲି, "ଝିଙ୍କାରିର ଶବ୍ଦ, ପେଚାର ରଡ଼ି, ଦୂରରୁ ଭାସିଆସୁଥିବା ଛୋଟ ଛୁଆର କୁଆଁ କୁଆଁ ଶବ୍ଦ...." ମୋ କଥା ସରିନାହିଁ । ସେ ହଠାତ୍ କହିଉଠିଲା, "ଓହୋ, ନା ସେମିତି ନୁହେଁ । ଛାଡ଼, ମୁଁ ବୋଧେ ପାଗଳ ହୋଇଯିବି । ମୁଁ ବୋଧେ ପାଗଳ ହୋଇଗଲିଣି ।"

"ବୋଧହୁଏ କେଉଁଠି ମୁଁ ପଢ଼ିଥିଲି, କିଛି କିଛି ଶବ୍ଦ ବିଷର୍ଣ୍ଣତାର ସ୍ୱରଭଳି । ଅନ୍ତରରେ ହାହାକାର ଥାଏ ଅଥଚ ଗଳା ରୁଦ୍ଧ ହୋଇଥାଏ ।" ମୁଁ ପଚାରିଲି, "ତୋତେ ଭଲରେ ନିଦ ହେଉଛି କି ନାହିଁ ?" ସେ ମୋ ପ୍ରଶ୍ନର ସିଧାସଳଖ ଉତ୍ତର ଦେଲା ନାହିଁ । ସେ ପୁଣି କହିଲା, " ମୋତେ ଡର ଲାଗୁଛି । ବହୁତ ଡର ଲାଗୁଛି ।"

"କେମିତିକା ଡର !" ମୁଁ ପଚାରିଲି, "କେହି ତୋତେ ଡରାଉଛି କି ? ନା' ତୁ ଖରାପ ସ୍ୱପ୍ନ ଦେଖୁଛୁ । ଭୂତ, ପ୍ରେତ, ଜଙ୍ଗଲର ହିଂସ୍ର ଜନ୍ତୁ, ମନ୍ତ୍ର, ତନ୍ତ୍ର.... । ଏମିତି କିଛି କ'ଣ ଦେଖୁଛୁ କି ?"

ସେ ପୂର୍ବପରି କହିଲା, "ମୁଁ ଅଜବ ଶବ୍ଦ ଶୁଣୁଛି ! ଅଜବ କୋଳାହଳ । ମୁଁ ପୂର୍ବରୁ କେବେ ଶୁଣି ନଥିବା ଶବ୍ଦ । କିସମ୍ କିସମ୍ ଶବ୍ଦ ।"

'କ'ଣ ?' ମୁଁ ଆଶ୍ଚର୍ଯ୍ୟ ହେଲି । ସେ ଉଦାସ ଭାବରେ କହିଲା, "ମୁଁ ଜାଣେ

ନାହିଁ ।" ମୁଁ କିଛିକ୍ଷଣ ନୀରବିଗଲି । ଲକ୍ଷ୍ୟକଲି ଝରକାରୁ ଦୂର ଦିଗ୍‌ବଳୟକୁ ସେ ଉଦାସ ଚାହାଣୀରେ ଚାହିଁ ରହିଛି । କିଏ ଜାଣେ ବୋଧହୁଏ ଏ ନିଃଶବ୍ଦ ରାତିର କୌଣସି ସ୍ଥାନରୁ ଭାସି ଆସୁଥିବା କିଛି ଶବ୍ଦକୁ ସେ ଏକ ଧ୍ୟାନରେ ଶୁଣୁଛି ।

'ରାତିର ଶବ୍ଦ!'

ରାତି ହେବାକୁ ଆହୁରି କିଛି ସମୟ ତ ବାକି ଅଛି । ରାତିର ଶବ୍ଦ କ'ଣ ଏ ସନ୍ଧ୍ୟାରେ ଶୁଣାଯାଏ ନା କ'ଣ ? ମୁଁ ଏକଥା ପଚାରିଲି ନାହିଁ । ସେ ସିଗାରେଟ୍ ପକେଟରୁ ସିଗାରେଟ୍‌ଟେ କାଢ଼ି ଓଠରେ ଚାପିଧରି ନିଆଁ ଲଗାଇଲା । ମୁଁ କହିଲି, "ଚାଲ, ଟିକେ ବାହାରକୁ ଯିବା ।"

ସେ ନିଜର ସମ୍ମତି ଯୋଗୁଁ କିଛି ଆପତ୍ତି କଲାନାହିଁ । ଆମେ ବସାରୁ ବାହାରି ଏକ ଅଣଓସାରିଆ ଗଳିଦେଇ ପ୍ରଶସ୍ତ ପିଚୁ ରାସ୍ତାକୁ ବାହାରିଲୁ । ସେଠାରେ ଲମ୍ବିଯାଇଥିବା ଧାଡ଼ିଏ ଦୋକାନ, ଜନସେବା କେନ୍ଦ୍ର, ତା' ପାଖକୁ ଲାଗିଯିବା ଗୋଟିଏ ମଟର ଗ୍ୟାରେଜ୍‌କୁ ଅତିକ୍ରମ କଲୁ । ଏଇ ସମୟ ମଧ୍ୟରେ ଆମେ ଉଭୟ ଉଭୟଙ୍କୁ କିଛି ବି ଅଭିବ୍ୟକ୍ତି ପ୍ରକାଶ କରିଲୁ ନାହିଁ । ମୋତେ ଭୋକ ଲାଗିସାରିଲାଣି । ବୋଧହୁଏ ଏକପ୍ରକାର ଆଶ୍ୱସ୍ତି, ତଥାପି ମୁଁ ଭାବିଲି ଗୋଟିଏ ହୋଟେଲକୁ ଯାଇପାରନ୍ତେ କିମ୍ବା କୌଣସି ଗୋଟିଏ ସିନେମା ହଲ୍‌କୁ ଯାଇ ନୃତ୍ୟ, ଗୀତ, ଯୁଦ୍ଧ ସଙ୍ଗେ ଉଦ୍ୟୁକ୍ତ କିଛି ସଂଳାପକୁ ଉପଭୋଗ କରିପାରନ୍ତେ ।

ସୂର୍ଯ୍ୟ କେତେବେଳୁ ଅଦୃଶ୍ୟ ହୋଇଗଲେଣି ଅଥଚ ଆକାଶର ଶେଷ ରଶ୍ମି ମେଲାଣି ନେଇନାହିଁ । ଦୂରରେ ଏବେ ବି ଦିଗନ୍ତର ସୀମାରେଖା ଦୃଶ୍ୟମାନ ହେଉଛି । ଏବେ ବି ଦେଖାଯାଉଛି ପକ୍ଷୀମାନେ ଦିବସର କ୍ଳାନ୍ତ ଶରୀରକୁ ଧରି ନିଜ ବସା ଅଭିମୁଖେ ଆସୁଥିବାର ଦୃଶ୍ୟ ।

- "ତୁ ଶୁଣୁଛୁ କି ?" ସେ ପଚାରିଲା ।

- "କ'ଣ ?"

"ଶବ୍ଦ, ସେଇ ଶବ୍ଦଟି ।" ସେ ହତାଶ ସ୍ୱରରେ ପଚାରି ଦେଇ ହଠାତ୍ ରାସ୍ତାର ମଝିରେ ଅଟକି ରହିଲା । ମୁଁ ତା' ମୁହଁକୁ ଚାହିଁଲି । ଅସ୍ପଷ୍ଟ ଆଲୁଅରେ, ତା' ମୁହଁରେ ଶିଶୁତ୍ୱକୁ ମୁଁ ଉପଲବ୍ଧି କରିଲି ।

ମୁଁ ପଚାରବାକୁ ଚାହୁଁଥିଲି- ଏଇ ଯେଉଁ ଶବ୍ଦ ଶୁଣାଯାଉଛି ସେଇଟା କ'ଣ କାନତଡ଼ା ପଡ଼ିଗଲା ଭଳି ଶବ୍ଦ ! ମୋର କହିବାର ଅର୍ଥ ହେଉଛି- ଏମିତି କିଛି ବିସ୍ଫୋରଣର ଆୱାଜ, କିମ୍ବା ଅତଡ଼ାଖାଇ ଭୂମିରେ କଚାଡ଼ି ହୋଇ ପଡୁଥିବା ବିରାଟକାୟ ଗଛର ଶବ୍ଦ ! ଅଥଚ ମୁଁ କିଛି ପଚାରିଲି ନାହିଁ ।

- "ଏବେ ମୁଁ ଯାଉଛି" ସେ କହିଲା ।

- "କେଉଁଠିକୁ ଯିବୁ ?"

- "ମୁଁ ଘରକୁ ଯିବି, ଏବେ ଘରକୁ ଯିବି ।"

ମୁଁ ତା' ମୁହଁରେ ଘରକୁ ଯିବାର ଆଗ୍ରହକୁ ଉପଲବ୍ଧି କଲି । ବର୍ତ୍ତମାନ ସେ ଘରକୁ ଚାଲିଯିବାଟା ହିଁ ଉଚିତ ହେବ ଭାବିଲି ।

- "ଯାଆ" ମୁଁ କହିଲି ।

ସେ କିନ୍ତୁ ଗଲାନାହିଁ । କିଛି ସମୟ ସେମିତି ଛିଡ଼ା ହୋଇ ଗୁଣୁଗୁଣୁ ହୋଇ କ'ଣ କହିଲା । ମୁଁ କିଛି ବୁଝିପାରିଲି ନାହିଁ । ମୋ ଅବୁଝାକୁ ନେଇ ନିଃସନ୍ଦେହରେ ଆଉ ଥରେ ସେ କହିଲା, "ଝିଅପାଇଁ ମୋତେ ଡର ଲାଗୁଛି ।"

- "ଝିଅ ! ତୋରି ଝିଅ !" ସେ ମୁଣ୍ଡ ଟୁଙ୍ଗାରିଲା ।

- ହେଲା, ଝିଅ ପାଇଁ କାହିଁକି ଡରୁଛି ! ମୁଁ ପଚାରିଲି, "ଘରେ କ'ଣ ସେ ଏକୁଟିଆ ଅଛି କି ?"

- ସେ କହିଲା, "ମୁଁ ଶବ୍ଦକୁ ଭୟ କରେ, ଶବ୍ଦ ମୋତେ ଡରାଏ ।"

- କିଛି ଶବ୍ଦ ନିଶ୍ଚିତ ଭୟଙ୍କର ଅଟେ । କିଛି ଶବ୍ଦ ସରୀସୃପ ଭଳି । କେତେକ ଶବ୍ଦ ଭୂକମ୍ପନର ମୃଦୁ ଶବ୍ଦ ଭଳି ଅସ୍ପଷ୍ଟ...., ତାକୁ କେମିତି ଶବ୍ଦ ଶୁଣାଯାଏ ମୁଁ ପଚାରିବାକୁ ଚାହୁଁଥିଲି କିନ୍ତୁ ପଚାରିଲି ନାହିଁ । ମୁଁ ଭାବିଲି ବର୍ତ୍ତମାନ କିଛି ପ୍ରଶ୍ନ କରିଲେ ସେ ହୁଏତ ବିବ୍ରତ ହୋଇପାରେ । ତେଣୁ ଏ ପ୍ରସଙ୍ଗକୁ ପରିବର୍ତ୍ତନ କରି ମୁଁ ଏକ ନୂତନ ପ୍ରସଙ୍ଗ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଲି ।

- "ତୁ ଆଉ କବିତା ଲେଖୁଛୁ କି ନାହିଁ ?" ମୁଁ ପଚାରିଲି ।

ସେ ଉତ୍ତର ଦେଲା ନାହିଁ । ମୁଁ ପୁଣି ପଚାରିଲି, "ତୁ କେତେଦିନ ହେଇଗଲାଣି କବିତା ଲେଖୁନାହୁଁ ?" ସେ ଧୀରେ କହିଲା, "ମୁଁ ଲେଖିପାରୁନାହିଁ ।"

- "ତୁ କାହିଁକି ଲେଖି ପାରୁନାହୁଁ ?"

- "ବହୁତ କଷ୍ଟ ହେଉଛି" ସେ ନିର୍ବିକାରଭାବେ କହିଲା ।

- "କଷ୍ଟ କାହିଁକି ହେଉଛି" ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ।

- "ଶବ୍ଦମାନଙ୍କ ପାଇଁ" ସେ କହିଲା ।

"ସେହି ଶବ୍ଦଗୁଡ଼ିକ ରାତିର ଶବ୍ଦ କି ?" ମୁଁ ପଚାରିଲି ନାହିଁ, ମୁଁ ମଧ୍ୟ ପୁନର୍ବାର ପଚାରିବାର ଆବଶ୍ୟକତା ମନେ କଲିନାହିଁ ଯେ "ସେହି ଶବ୍ଦଗୁଡ଼ିକ କେବଳ ରାତିରେ ଶୁଣାଯାଉଥିବା ଗଭୀର, ଭାବୋଦ୍ଦୀପକ, କୌତୂହଳ ଉଦ୍ରେକକାରୀ କୌଣସି ଅସୀମ ଉତ୍ସରୁ ଭାସି ଆସୁଥିବା କିଛି ଶବ୍ଦ କି ?"

ମୁଁ ଗମ୍ଭୀରତାରେ ତା"ର ମନର ଭାବକୁ ବୁଝିବାକୁ ଚେଷ୍ଟାକଲି । ଅନେକ ସମୟରେ ମୋତେ ବି କିଛି କିଛି ଶବ୍ଦ ଟାଣେ । ରେଳଗାଡ଼ିର ଶବ୍ଦ ସଙ୍ଗେ ତା'ର ହର୍ଣ୍ଣ ଶୁଣିଲେ ମୁଁ ପାଗଳ ଭଳି ହୋଇଯାଏ । ମୋତେ ଲାଗେ ସେଇ ଟ୍ରେନ୍‌ରେ ବସି ବହୁଦୂରକୁ ଚାଲିଯିବି ।

ଜିତୁ ତା'ର ଭ୍ରୂକୁ ଉଠାଇ ମୋତେ ନିଷ୍କ୍ରିୟଭାବେ ଅନାଇଲା । ଆମେ ଦୁହେଁ ଶବ୍ଦଟିଏ ମଧ୍ୟ ଉଚ୍ଚାରଣ କରୁ ନାହୁଁ । କିଛି ସମୟ ନୀରବରେ ରହିଲୁ । ସେତେବେଳକୁ ବଜାରକୁ ଆସିଥିବା ଲୋକମାନଙ୍କର ପ୍ରତ୍ୟାବର୍ତ୍ତନ ଯୋଗୁଁ ଟ୍ରାଫିକ୍‌ରେ କୋଳାହଳ ବୃଦ୍ଧି ପାଉଥିଲା । ଦୋକାନ, ବଜାର, ରାସ୍ତାକଡ଼ର ଆଲୁଅ ଧୀରେ ଧୀରେ ଜଳି ଉଠିଲା । ଗ୍ଲୋସାଇନ୍ ବୋର୍ଡ଼ରେ ବିଚିତ୍ର ବର୍ଣ୍ଣିଳ ବଡ଼ବଡ଼ ଅକ୍ଷରସବୁ ଉଦ୍ଭାସିତ ହୋଇଉଠିଲା । ହୋଡ଼ିଂ ସବୁରେ ରଙ୍ଗବେରଙ୍ଗର ଆଲୁଅ ପଡ଼ି ଚକ୍‌ମକ୍ କଲା । ଖଣ୍ଡେ ଦୂରରେ ବସ୍‌ଷ୍ଟାଣ୍ଡ । ହୁଏତ ସେହି ସ୍ଥାନରୁ ଯାତ୍ରୀ, କଣ୍ଡକ୍ଟରଙ୍କର କଥା କଟାକଟି, ବସ୍‌ଗୁଡ଼ିକର ଅବିରତ ହର୍ଣ୍ଣ ଆଉ ଅସହାୟ କୌଣସି ଜଗୁଆଳିର ଆପ୍ରାଣ ହୁଇସିଲ୍‌ର ଶବ୍ଦସବୁ ଭାସିଆସୁଛି ।

ରାତ୍ରିର ଶବ୍ଦ ସମୂହ ବୋଧହୁଏ ଏମିତି ଆସିଥାଏ । ଆକସ୍ମିକ ଜାଗିଉଠିଥିବା ଗୋଟିଏ ବ୍ୟସ୍ତତା ଭଳି ହୁଏତ ଶବ୍ଦସବୁର ଗୋଟିଏ ଆରୋହଣ ଘଟେ, ଆଉ ତା' ପ୍ରତି ଲୟ ମଧ୍ୟ ରହେ । କିନ୍ତୁ ସେ ଶବ୍ଦସମୂହ ଧାବମାନ ଅଶ୍ୱଖୁରାର ଶବ୍ଦ ଭଳି ଛନ୍ଦବଦ୍ଧ ନୁହେଁ କିମ୍ବା ବର୍ଷାର ଶବ୍ଦ ଭଳି ସୁନ୍ଦର ନୁହେଁ ।

କିନ୍ତୁ ରାତ୍ରିର ହୁଏତ ସ୍ୱତନ୍ତ୍ରଭାବେ ଗୋଟିଏ ଶବ୍ଦ ଅଛି । ବୋଧହୁଏ ଜିତୁ ସେହି ଶବ୍ଦଟି ଶୁଣୁଛି । ଯେମିତି କୌଣସି ବସ୍ତି ଧୀରେ ଧୀରେ ଭାଙ୍ଗିଯିବାକୁ ଆରମ୍ଭ କରୁଛି, ସତେଅବା ସେଠି ଫାଟ ପଡ଼ିଆସିଲାଣି । ଗୋଟି, କ୍ଷୟ, ହଁ..... ଯେମିତି ଗୋଟିଏ ଅବକ୍ଷୟ । କିନ୍ତୁ ସେହି ଶବ୍ଦଗୁଡ଼ିକ କେତେବେଳେ ଶୁଣାଯାଏ ? ମଣିଷ ଅନ୍ତରରେ ଭୀଷଣ ନୀରବତା ରହିଲେ.... ? ହୁଏତ ଜିତୁ ସେଇଆକୁ ଉପଲବ୍ଧି କରୁଛି । .... କୌଣସି କଠିନ ଶକ୍ତି ତାକୁ ସମ୍ପୂର୍ଣ୍ଣଭାବେ ନୀରବ କରିଦେଇଛି । ମୋର କୌତୂହଳ ହେଲା, ଶିବିରର ତା'ର ଶେଷ ସ୍ମୃତି ସଂପର୍କରେ ଆଉ ଦଳର ଶେଷ କଥାବାର୍ତ୍ତା, ଦୁଃଖ, କାନ୍ଦ ସବୁ ଜାଣିବାକୁ ।

"ତୁ ସେମାନଙ୍କ ସହିତ ରହିଗଲୁ କିନ୍ତୁ ମୁଁ ବହୁ ଆଗରୁ ସେମାନଙ୍କ ଦଳରୁ ବାହାରି ଆସିଲି ।"

ଜିତୁ ନୀରବ ରହିଲା । ଇତିମଧ୍ୟରେ ଆମେ ଦୁହେଁ ଜନସମାଗମରୁ ବାହାରି ଆସିଲୁ । ଗଳିଟିର ଶେଷ ମୁଣ୍ଡରେ ଝାପ୍‌ସା ଆଲୁଅ ଯେଉଁଠି ପଡ଼ିଥିଲା ସେଓଠି ଗୋଟିଏ ପଥର ଉପରେ ମୁଁ ବସି..... ବୁଲିପଡ଼ି ଦେଖିଲି, ଜିତୁ ଖଣ୍ଡେ ଦୂରରେ ଡଷ୍ଟବିନ୍ ଉହାଡ଼ରେ ପରିସ୍ରା କରୁଛି ।

ଚାରିଆଡ଼କୁ ଆଖିବୁଲାଇ ଆଣି ମୁଁ ତାକୁ ଧୀରେ କରି ପଚାରିଲି, "ଫାଷ୍ଟ ବାଟାଲିୟନର ଯେଉଁ ଅଘଟଣ ଘଟିଥିଲା ତୁ ସେଥିରେ ସାମିଲିଥିଲୁ କି ?"

ସେ ନାହିଁ ଉଦ୍ଦେଶ୍ୟରେ ମୁଣ୍ଡ ହଲାଇଲା ।

ମୁଁ ପୁଣି ପଚାରିଲି, "କୋରାପୁଟର ସୁଙ୍କିଘାଟି, କଳାହାଣ୍ଡିର ଟାପରଙ୍ଗରେ ଘଟିଥିବା ଘଟଣାରେ ତୁ ଜଡ଼ିତ ଥିଲି କି ?

ସେ ପୁନର୍ବାର ମୁଣ୍ଡ ହଲାଇ ମନାକଲା । ଗଳି ଅତିକ୍ରମ କରୁଥିବା ଗୋଟିଏ ମଟର ସାଇକେଲର ଆଲୁଅରେ ଦେଖିଲି ତା' ଆଖିରୁ ଲୁହ ବୋହୁଛି ।

"କ'ଣ ହେଲା ?" ମୁଁ ବିବ୍ରତ ହୋଇ ପଚାରିଲି ।

କିଛି ସମୟ ନୀରବିଯାଇ ସେ କହିଲା, "କୋରାପୁଟର ପ୍ୟାରେଡ୍ ଗ୍ରାଉଣ୍ଡର ଯେଉଁ ଅଘଟଣ ଘଟିଥିଲା ମୁଁ ସେଇଥିରେ ହିଁ ଜଡ଼ିତ ଥିଲି । ସେଇଟା ଧ୍ରୁବ ସାରଙ୍କର ଆଦେଶ ଥିଲା, କିନ୍ତୁ ମୁଁ ସ୍ୱପ୍ନରେ ବି ଭାବିନଥିଲି ଯେ, ଛୋଟ ଛୋଟ ପିଲାମାନେ ମରିଯିବେ ବୋଲି ।"

"ତା'ପରେ" ?

"ତା'ପରେ ମୁଁ ଆଉ କିଛି ଜାଣିନି । ବଣ୍ଡାଘାଟି, ଦୁଧାରୀ, ସୁଙ୍କି, ରାଇଘର, କଳାହାଣ୍ଡି, ଆମ୍ବପାଣି ଘାଟି ଏମିତି ବହୁ ସ୍ଥାନରେ ମୁଁ ନିଜକୁ ଲୁଚାଇ ରଖିଥିଲି । ପରେ ଖବର କାଗଜରୁ ପଢ଼ିଥିଲି, ଟିଭିରେ ନ୍ୟୁଜ୍ ଦେଖିଥିଲି ।

"ବିନୁ ?"

ସେ କହିଲା, "ବିନୁ ମୋ ସହିତ ଚାଲି ଆସିଲା । ମୁଁ ତାକୁ ବହୁତ ବୁଝାଇଥିଲି କିନ୍ତୁ ସେ ମୋ କଥା ଶୁଣିଲା ନାହିଁ ।" "ତୋର ସବୁକଥା ସେ କ'ଣ ଜାଣିଛି ?" ମଝିରେ ମୁଁ ପଚାରିଲି ।

"ନା, ମୁଁ କହି ନଥିଲି, ନିଜ ପରିଚୟକୁ ତା' ପାଖରେ ଲୁଚାଇ ରଖିଛି । ମୁଁ ନୂଆ ଜୀବନଟେ ଆରମ୍ଭ କରିବାକୁ ଚାହୁଁଥିଲି କିନ୍ତୁ ଇଏ ମୋ ପଛେ ପଛେ ଗୁଡ଼ାଇ ଗୁଡ଼ାଇ ଆସୁଛି ।"

କିଏ ? ମୁଁ ଉତ୍କଣ୍ଠାରେ ପଚାରିଲି, "କିଏ ତୋ ପଛରେ ଗୁଡ଼ାଇ ଗୁଡ଼ାଇ ଆସୁଛି ?"

"ସେଇ ଶବ୍ଦ, ସେଇ ରାତିର ଶବ୍ଦ"

ଆମେ ଦୁହେଁ କିଛି ସମୟ ଚୁପ୍‌ଚାପ୍ ରହିଲୁ । ମୁଁ ପକେଟ୍‌ରୁ ସିଗାରେଟ୍ କାଢ଼ି ସେଥିରେ ନିଆଁ ଲଗାଇଲି । ଆମ ପାଖଦେଇ ଯାଉଥିବା ରିକ୍ସାରେ ଲମ୍ଫଦେଇ ବସିପଡ଼ି ସେ ରିକ୍ସା ଚାଳକକୁ କ'ଣ ନିର୍ଦ୍ଦେଶ ଦେଇ ମୋତେ ଅପେକ୍ଷା କଲା । ମୁଁ ମଧ୍ୟ ରିକ୍ସାରେ ଯାଇ ବସିଲି । ମୁଁ କେବେ ଯାଇନଥିବା ଗୋଟିଏ ଅପ୍ରଶସ୍ତ ରାସ୍ତାରେ ରିକ୍ସାଟି ଗଡ଼ିଚାଲିଲା । କିଛିବାଟ ଅତିକ୍ରମ କଲାପରେ ସହରର ଅନ୍ୟ ଏକ ପ୍ରାନ୍ତରରେ ଗୋଟିଏ ଛୋଟ ଦୁଇ ବଖରା ଘର ସମ୍ମୁଖରେ ରିକ୍ସାଟି ଅଟକିଲା । ଜିତୁ ଅସହାୟ ଭାବରେ ତା' ପେଣ୍ଟ ପକେଟକୁ ଅଣ୍ଡାଳିଲା । ମୁଁ ତାକୁ ଅପେକ୍ଷା ନ କରି ରିକ୍ସାଭଡ଼ା ଦେଇଦେଲି । ଘରଭିତରକୁ ପଶିଗଲା ମାତ୍ରେ ନାଲି ଉପରେ ହଳଦୀ ଛିଟ ପଡ଼ିଥିବା ଫ୍ରକଟିଏ ପିନ୍ଧି ଛୋଟ ଝିଅଟି ଅନ୍ୟ ବଖରାରୁ ବାହାରିଆସିଲା । ବୋଧହୁଏ ବାପାଙ୍କ ସହିତ ଜଣେ ଅଚିହ୍ନା ଲୋକଙ୍କୁ ଦେଖି ନିଜକୁ ସଂଯତ କରିନେଲା । ମୁଁ ନିର୍ବିକାରରେ ଜିତୁକୁ ଅନାଇଲି । ଜିତୁ ମୋତେ ଅନାଇ ଦୁଃଖମିଶା ମୃଦୁ ହସଟିଏ ହସିଦେଇ ଝିଅକୁ କୋଳେଇ ନେଲା ।

ଦୃଶ୍ୟଟି ଅବଶ୍ୟ ମୋତେ ଭଲଲାଗିଲା । ଘରକାନ୍ଥ ଆରପଟେ ମାନେ ଅନ୍ୟ ବଖରାରେ ଜଣେ ନାରୀର ଉପସ୍ଥିତିକୁ ମୁଁ ଅନୁଭବ କଲି । ସେ କହିଲା, "କିନ୍ତୁ ମୁଁ ଶୋଇପାରୁନାହିଁ । ରାତି ରାତି ମୁଁ ଉଜାଗର ହୋଇ ରହୁଛି । ଶବ୍ଦ ଶୁଣୁଛି । କେବଳ ଶବ୍ଦ ଶୁଣୁଛି । ଯେତେବେଳେ ଶବ୍ଦ ଶୁଣେ ସେତେବେଳେ ମୁଁ ବିଛଣାରୁ ଉଠିଆସି ପାଣିନିଏ । ଘର ରାସ୍ତାକୁ ଯାଇ ବିଡ଼ିରେ ନିଆଁ ଲଗାଇ ଟାଣେ । ବାହାରକୁ ବାହାରିବାକୁ ଚାହେଁ କିନ୍ତୁ ବାହାରିପାରେନା, ଯେଉଁଠିକୁ ପାରି ସେଇଠିକୁ ଯାଇପାରିବି ନାହିଁ । ପୋଲିସ୍‌ର ଭୟ । ପୁଣି ବାରଣ୍ଡାରୁ ଘର ଭିତରକୁ ପଳାଇଆସେ । ମଶାରିକୁ ଟେକି ବିନୁର ମୁହଁକୁ ଦେଖେ । ଝିଅର ମୁହଁ ଦେଖେ । ଆଉ ଏ ଝିଅର ମୁହଁ ଦେଖିଲା ମାତ୍ରେ....... ।"

ସେ ସେଇଠି ରହିଗଲା ।

ମୁଁ ଆଗ୍ରହରେ ପଚାରିଲି, "ଝିଅର ମୁହଁ ଦେଖିବା ମାତ୍ରେ..... !?"

ଜିତୁ ଧୀରେ ଧୀରେ ଉତ୍ତେଜିତ ହେଲା । ନିଜ ଗଳାକୁ ଚାପିଚାପି କହିଲା, "ମୋ ଝିଅର ମୁହଁ ଦେଖିଲା ମାତ୍ରେ ସେଦିନର ସେ ପ୍ୟାରେଡ଼୍ ଗ୍ରାଉଣ୍ଡର ଘଟଣା ମନେ ପଡ଼ିଯାଉଛି । ଟିଭିର ଯେଉଁ ବିଭତ୍ସ ଦୃଶ୍ୟ ଦେଖାଉଥିଲା ସେ ଦୃଶ୍ୟସବୁ ମୋ ଆଖିଆଗରେ ନାଚିଉଠୁଛି । ମୁଣ୍ଡ ଭିତରେ ପଶିଯାଉଛି ଗୋଟିଏ ବଡ଼ ଶବ୍ଦ । ଶବ୍ଦଟା ଆହୁରି ବଢ଼େ, ଜୋରରେ ବଢ଼େ, ଆହୁରି ଜୋରରେ ବଢ଼େ । ସେହି ସମୟରେ ମୁଁ ଘରେ ରହିପାରୁନି । ମୁଁ ଅଣନିଃଶ୍ୱାସୀ ହୋଇପଡ଼େ । ସେଇ ସମୟରେ ମୁଁ ଦୌଡ଼ି ଦୌଡ଼ି ବାହାରକୁ ପଳାଇଯାଏ । ମୁକ୍ତଭାବରେ ନିଃଶ୍ୱାସ ନେବାପାଇଁ ଖୋଜିଖୋଜି ଖୋଲାପଡ଼ିଆକୁ ଚାଲିଯାଏ । କିନ୍ତୁ ସେଇଠି ମଧ୍ୟ ଅଧିକ ସମୟ ରହିପାରେନି । ମୁଁ ଅନୁଭବ କରେ ସବୁ ପଡ଼ିଆ ଯେମିତି ଗୋଟିଏ ପ୍ୟାରେଡ଼୍ ଗ୍ରାଉଣ୍ଡ । ପାଦତଳେ ଯେମିତି ଗୋଟିଏ ଗାତ । ଢାଙ୍କିଦିଆ ଯାଇଥିବା ଗୋଟିଏ ଗୋଟିଏ ଗାତ ।

ମୁଁ ଅକସ୍ମାତ୍ ତା' ଡାହାଣ ହାତକୁ ଧରିଲି । ଉଡ଼ିକରି କାନ୍ଦିଲା ସେ । ଧକେଇ ଧକେଇ କାନ୍ଦି ଅସହାୟ ଭାବରେ କହିଲା, "ମୋତେ ବଞ୍ଚାଅ ।"

❖



# ଦେବୀ ମୁହଁ

ଡକ୍ଟର ରଞ୍ଜନ ପ୍ରଧାନ

**ଦେବୀ**ଙ୍କ ମୁହଁରେ ରଙ୍ଗର ଚୂଡ଼ାନ୍ତ ପ୍ରଲେପ ଦେଇ ସାରିବା ପରେ ସନ୍ନ୍ୟାସୀ ମହାରଣା ଚମକି ପଡ଼ିଲା । ଅପଲକ ନୟନରେ ସନ୍ନ୍ୟାସୀ ମହାରଣା ଦେବୀଙ୍କ ମୁଖମଣ୍ଡଳକୁ ଚାହିଁ ରହିଥିଲା । ସନ୍ନ୍ୟାସୀ ମହାରଣାକୁ ତା' ପୃଥିବୀ ଠାଏ ସ୍ଥିର ହୋଇଗଲା ଭଳି ମନେହେଲା । ତାକୁ ଲାଗିଲା ଏ ପୃଥିବୀ, ଜୀବଜଗତ, ଗ୍ରହ, ଉପଗ୍ରହ, ନକ୍ଷତ୍ର, ସୌରମଣ୍ଡଳ, ଛାୟାପଥ; ସବୁକିଛି ସ୍ଥିର ।

ଦେବୀ ଦୁର୍ଗାଙ୍କ ମୁହଁ ତା'ହେଲେ କାହା ମୁହଁ ସହ ମେଳ ଖାଉଛି ? ସନ୍ନ୍ୟାସୀ ମହାରଣା ଭାବିଲା । ଭାବିଲା । ଭାବିଲା । ବହୁତ ସମୟ ଭାବିଲା ପରେ ଦେବୀଙ୍କ ମୁହଁ ତାର କେହି ପରିଚିତ ମଣିଷର ମୁହଁ ଭଳି ଦିଶିଲା । ତେବେ ଏ ମୁହଁ କାହାର ?

ଆରେ, ଏ ଦେବୀଙ୍କ ମୁହଁ ଅବିକଳ ସୋଲି ନୂଆଉ'ର ମୁହଁ ଭଳି ଦିଶୁଚି ତ !

ସନ୍ନ୍ୟାସୀ ମହାରଣାର ଛାତି ଧାଉଁକିନା କଲା ।

ସୋଲି ନୂଆଉ'ର ଓଠ, ସୋଲି ନୂଆଉ'ର ତୀଖ ନାକ, ସୋଲି ନୂଆଉ'ର ନାକତଳ କଳାକାଇ, ସୋଲି ନୂଆଉ'ର ତରଙ୍ଗାୟିତ ଆଖି, ସୋଲି ନୂଆଉ'ର କପାଳ; ସୋଲି ନୂଆଉ'ର ସବୁ କିଛି ମିଶି ଯାଉଛି ଦେବୀ ମୂର୍ତ୍ତି ସହ । ଏମିତି କେମିତି ହେଲା ?

ଦେବୀ ଦୁର୍ଗାଙ୍କୁ ଗଢୁଗଢୁ ସେ କ'ଣ ତା' ଅଜାଣତରେ ସୋଲି ନୂଆଉ'କୁ ଗଢ଼ି ଦେଇଛି ?

ଆଃ... । ଜୀବନରେ ସେ କେତେ ଦେବୀ, ଠାକୁରାଣୀଙ୍କ ମୂର୍ତ୍ତି ଗଢ଼ିଛି, ମାତ୍ର ଏଇ ଦେବୀଙ୍କ ମୂର୍ତ୍ତି ଗଢ଼ିଲା ବେଳୁ ତାକୁ କାହିଁକି ଭିନ୍ନ ଅନୁଭବ ହେଉଛି ।

ସୋଲି ନୂଆଉ' ଏବେ କତରାରେ ପଡ଼ି ଘୁଅ, ମୂତରେ ଘାଣ୍ଟି ହେଉଛି । ମରିବ ମରିବ ହେଉଛି । କିନ୍ତୁ ଯମ ତାକୁ ନଉନି । ଯମ ତାକୁ ନେଇ ଯାଆନ୍ତା ଭଲା । ଏ ଦୁଃଖ, ଯନ୍ତ୍ରଣା ସେ ଦେଖି ପାରନ୍ତାନି । ସନ୍ନ୍ୟାସୀ ମହାରଣା କାନ୍ଦି ପକାଇଲା ।

ମୂର୍ତ୍ତି କାରିଗର ସନ୍ନ୍ୟାସୀ ମହାରଣା ପ୍ରକୃତିସ୍ଥ ହେଲା । ଦେବୀଙ୍କ ମୁହଁକୁ ଘଡ଼ିଏ ଚାହିଁଲା । ଆଉ ଟିକେ ପରେ ଦେବୀ ଦୁର୍ଗାଙ୍କ ଚକ୍ଷୁଫିଟା ନୀତି ହେବ । ବ୍ରାହ୍ମଣ, ପୁରୋହିତ ପହଞ୍ଚି ଗଲେଣି । ନିର୍ଜଳା ଉପବାସରେ ଅଛି ସନ୍ନ୍ୟାସୀ ମହାରଣା । ଆଜି ସପ୍ତମୀ ପୂଜା । ଅପଲକ ନୟନରେ ଦେବୀଙ୍କ ମୁହଁକୁ ଚାହିଁ ରହିଥିଲା ସନ୍ନ୍ୟାସୀ ମହାରଣା । ଯେମିତି ଏଇ ପ୍ରଥମ ଥର ପାଇଁ ଚାରି ଚକ୍ଷୁର ମିଳନ ଘଟୁଛି । ଏ ମିଳନ ସ୍ରଷ୍ଟା ଓ ସୃଷ୍ଟିର ।

ସନ୍ନ୍ୟାସୀ ମହାରଣା ସ୍ରଷ୍ଟା । ସେ ସର୍ଜନା କରିଛି ଦେବୀଙ୍କୁ । ଖାଲି ଦେବୀଙ୍କୁ କାହିଁକି, ଯେତେ ପାର୍ଶ୍ୱ ଦେବଦେବୀ ଯଥା– ଶ୍ରୀଗଣେଶ, କାର୍ତ୍ତିକେୟ, ମା' ଲକ୍ଷ୍ମୀ, ସରସ୍ୱତୀ, ଦେବୀ ଦୁର୍ଗାଙ୍କ ବାହନ ସିଂହ ଓ ମହିଷାସୁରକୁ ବି ସେ ନିଜ ହାତରେ ସୃଷ୍ଟି କରିଛି ।

ସତରେ ଦେବୀ ଦୁର୍ଗା କ'ଣ ତା'ର ସୃଷ୍ଟି ? କିଏ ସ୍ରଷ୍ଟା ? କିଏ ସୃଷ୍ଟି ? ସନ୍ନ୍ୟାସୀ

ମହାରଣା ଦେବୀ ଦୁର୍ଗାଙ୍କ ସ୍ରଷ୍ଟା ନା ମହାମାୟୀ ଦୁର୍ଗତିନାଶିନୀ ଦେବୀ ସନ୍ନ୍ୟାସୀ ମହାରଣାର ସ୍ରଷ୍ଟା ? ଓଃ, ସନ୍ନ୍ୟାସୀ ମହାରଣାର ମୁଣ୍ଡ ଗୋଳମାଳ ହୋଇଯାଉଥିଲା । କେବଳ ସୋଲି ନୂଆଉ'ର ମୁହଁ ହିଁ ତାକୁ ଜକଜକ ଦିଶୁଥିଲା । ଆହାଃ, ବିଚାରୀ ସୋଲି ନୂଆଉ' ! କେତେ କଷ୍ଟ ପାଉଛି । ତା'ର ମୃତ୍ୟୁ ହୋଇ ଯାଉନି କାହିଁକି ?

ଆଜି ପ୍ରଥମ ଥର ପାଇଁ ସନ୍ନ୍ୟାସୀ ମହାରଣା ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି । ତାହା ପୁଣି ସୋଲି ନୂଆଉ' ପାଇଁ । ସୋଲି ନୂଆଉ'ର ମୁକ୍ତି ପାଇଁ । ସୋଲି ନୂଆଉ'କୁ ସବୁଦିନ ପାଇଁ ଏ ପୃଥିବୀରୁ ସ୍ୱର୍ଗକୁ ନେଇଯିବା ପାଇଁ ।

ଏଇ ସୋଲି ନୂଆଉ' ହିଁ ସନ୍ନ୍ୟାସୀକୁ ପ୍ରେମ କ'ଣ ଶିଖେଇଛି । ଏ ପୃଥିବୀକୁ ଭଲ ପାଇବା ଶିଖାଇଛି । ଆକାଶକୁ ଭଲ ପାଇବା ଶିଖେଇଛି । ଗଛକୁ ଭଲ ପାଇବା ଶିଖେଇଛି । ନଈକୁ ଭଲ ପାଇବା ଶିଖେଇଛି । ପାହାଡ଼କୁ ଭଲ ପାଇବା ଶିଖେଇଛି ।

ସୋଲି ନୂଆଉ' ହିଁ ସନ୍ନ୍ୟାସୀ ମହାରଣା ଜୀବନର ଅମ୍ଳଜାନ । କହିବାକୁ ଗଲେ, ଏଇ ସୋଲି ନୂଆଉ' ପାଇଁ ସେ ଆଜିଯାଏ ବଞ୍ଚି ରହିଛି । ସୋଲି ନୂଆଉ' ହିଁ ତା' ଜୀବନର ଆଧାର । ସୋଲି ନୂଆଉ' ତାକୁ ପ୍ରେମ, କରୁଣା ଶିଖେଇଛି । ସୋଲି ନୂଆଉ' ପାଇଁ ଏ ପୃଥିବୀ ତାକୁ ସୁନ୍ଦର ମନେ ହୋଇଛି ।

ଆଜି ସୋଲି ନୂଆଉ' ମୃତ୍ୟୁ ଶଯ୍ୟାରେ ପଡ଼ି ଘୁଅ, ମୂତରେ ଘାଣ୍ଟି ହେଉଛି । ମୃତ୍ୟୁକୁ ଅପେକ୍ଷା କରିଛି । କେତେବେଳେ ଶେଷ ପବନ ଟିକକ ସ୍ଥିର ହୋଇଯିବ, ଆଉ ସୋଲି ନୂଆଉ' ଏମିତି ଏକ ମୂର୍ତ୍ତି ପାଲଟିଯିବ ?

ଆଃ, ସନ୍ନ୍ୟାସୀର ହୃଦୟ ଥରି ଉଠିଲା । ସନ୍ନ୍ୟାସୀ କ'ଣ ସତରେ ସୋଲି ନୂଆଉ'ର ମୃତ୍ୟୁ କାମନା କରୁଛି ? ସେ ପାପୀ । ସେ ପାମର । ସେ ନରାଧମ । ସନ୍ନ୍ୟାସୀ କାନ୍ଦ କାନ୍ଦ ହୋଇଗଲା । ତା' ଆଖି ଛଳଛଳ ଓଦା ହୋଇଗଲା ।

ପୂର୍ବରୁ ସନ୍ନ୍ୟାସୀ ଅନେକ ମୂର୍ତ୍ତି ଗଢ଼ିଛି । ସବୁଠୁ ବଡ଼ କଥା ହେଉଛି, ସେ ବର୍ଷବର୍ଷ ଧରି ମୂର୍ତ୍ତି ଗଢି ଆସୁଛି । ସେ ଅଞ୍ଚଳର ଯେତେ ଦେବୀ ମୂର୍ତ୍ତି, ସବୁ ସନ୍ନ୍ୟାସୀ ମହାରଣା ଗଢ଼େ । ଜୀବନରେ ଏମିତି ହଜାର ହଜାର ସଂଖ୍ୟାରେ ମୂର୍ତ୍ତି ଗଢ଼ି ସାରିଲାଣି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, କୌଣସି ମୂର୍ତ୍ତି କାହା ସହ ସାମଞ୍ଜସ୍ୟ ରଖନ୍ତି ନାହିଁ । ଗୋଟିଏ ମୂର୍ତ୍ତି ଆଉ ଗୋଟିଏ ମୂର୍ତ୍ତିଠାରୁ ଭିନ୍ନ ହୋଇଥାଏ । ଗୋଟିଏ ମୂର୍ତ୍ତିର ମୁହଁ ଅନ୍ୟ ମୂର୍ତ୍ତିର ମୁହଁଠାରୁ ଅଲଗା ହୋଇଥାଏ । ଯଦିଓ ସମାନ ବାଉଁଶ, ବତା, ଝୋଟ, ନଡ଼ା, ମାଟି, କାଦୁଅ, ରଙ୍ଗ ସେ ବ୍ୟବହାର କରିଥାଏ । ଏତେ ପ୍ରକାର ମୂର୍ତ୍ତିର ପରିକଳ୍ପନା ସେ କେମିତି କରିପାରେ ? ମୂର୍ତ୍ତିମାନଙ୍କର ମୁହଁରେ ଏଭଳି ଭିନ୍ନତା କେମିତି ଆଣିପାରେ ? ବର୍ଷ ବର୍ଷ ଧରି ସେ ଏହି ଦୁର୍ଗାପୂଜା କମିଟି ପକ୍ଷରୁ ମୂର୍ତ୍ତି ଗଢ଼ି ଆସୁଛି । ଅଥଚ କୌଣସି ବର୍ଷ ଦେବୀ ଦୁର୍ଗାଙ୍କ ମୁହଁ ଓ ଗଢ଼ଣ ଏକା ଭଳି ହୋଇନାହିଁ ।

ଈଶ୍ୱର ଏ ଜୀବଜଗତ ଓ ସୃଷ୍ଟି ସର୍ଜନା କରିଛନ୍ତି ବୋଲି ସେ ଜାଣେ । ଈଶ୍ୱର ମଣିଷକୁ ଗଢ଼ିଛନ୍ତି । ଈଶ୍ୱରଙ୍କ ସୃଷ୍ଟି ସତରେ କେତେ ବିଚିତ୍ର ! ଜଣେ ମଣିଷ ଆଉ ଜଣେ ମଣିଷ ସହ ମେଳ ଖାଇ ନଥାଏ । କାହାର ମୁହଁ କାହା ସହ ସାମଞ୍ଜସ୍ୟ ନଥାଏ । ଧନ୍ୟ ଈଶ୍ୱର । ଧନ୍ୟ ସନ୍ନ୍ୟାସୀ ମହାରଣା । ଏ ଦୁହେଁ ଏତେ ଭିନ୍ନ ଚେହେରାମାନଙ୍କର ପରିକଳ୍ପନା କେମିତି କରି ପାରନ୍ତି କେଜାଣି ?

ଈଶ୍ୱର ମଣିଷ ଗଢ଼ନ୍ତି । ସନ୍ନ୍ୟାସୀ ମହାରଣା ଈଶ୍ୱରଙ୍କୁ ଗଢ଼େ । ଈଶ୍ୱରଙ୍କୁ ଜୀବନ୍ୟାସ ଦିଏ । ଆଜି ଦେବୀଙ୍କ ଚକ୍ଷୁ ଫିଟାଇ ସେ ଠାକୁରାଣୀଙ୍କୁ ଜୀବଦାନ କରିବ । ତା'ହେଲେ ସନ୍ନ୍ୟାସୀ ମହାରଣା କ'ଣ ଈଶ୍ୱର ? ଯଦି ସନ୍ନ୍ୟାସୀ ମହାରଣା ଈଶ୍ୱର, ତା'ହେଲେ ତା' ଭିତରେ ଏତେ ଦୁଃଖ କାହିଁକି ? ଏତେ ବେଦନା କାହିଁକି ? ତା' ଆଖିରେ ଏତେ ଲୁହ କାହିଁକି ? ଛାତିରେ କୋହ କାହିଁକି ?

ସନ୍ନ୍ୟାସୀ ମହାରଣା ଜାଣେ, ଈଶ୍ୱରଙ୍କର କିଛି ଦୁଃଖ ନଥାଏ । କାରଣ ଈଶ୍ୱରଙ୍କର କିଛି କାମନା ନଥାଏ । କାମନା ହିଁ ଦୁଃଖର କାରଣ ।

ସନ୍ନ୍ୟାସୀ ମହାରଣା ଜାଣେ, କେବଳ ଏ ମଣିଷର ହିଁ ଦୁଃଖ ଥାଏ । ମଣିଷ ତା' ଇଚ୍ଛାରେ ଦୁଃଖମାନଙ୍କୁ ତା'

ଛାତି ତଳେ ଠୁଳାଏ । ଗଦା କରେ । ଦୁଃଖର ପାହାଡ଼ ଉପରେ ବସି ଆଖିରୁ ଲୁହ ଗଡ଼ାଏ । କିନ୍ତୁ ଈଶ୍ୱରଙ୍କର ଏସବୁ ଦୁଃଖଫୁଃଖ ନାହିଁ । ଈଶ୍ୱର ସାରୁପତ୍ର ଭଳି । ପାଣିର ସଂସ୍ପର୍ଶରେ ଆସିଲେ ବି ସାମାନ୍ୟ ଓଦା ହୁଅନ୍ତି ନାହିଁ କିମ୍ବା ନିଜକୁ ଭିଜାଇବା ପାଇଁ ପାଣି ବୁନ୍ଦାକୁ ଅଟକାଇ ରଖନ୍ତି ନାହିଁ । ଈଶ୍ୱର ସଂସାର, ମୋହ, ମାୟାଠାରୁ ଊର୍ଦ୍ଧ୍ୱରେ ।

ହେସ୍, ତୁଚ୍ଛାଟାରେ ତାକୁ କେହି କେହି ଈଶ୍ୱର କହୁଛନ୍ତି । ସେ କାହିଁକି ବା ଈଶ୍ୱର ହେବ । ସେ ରକ୍ତ, ମାଂସ, ହାଡ଼ରେ ଗଢ଼ା ସୁଦ୍ଧୁ ମଣିଷଟାଏ । ସନ୍ନ୍ୟାସୀ ମହାରଣା ନିଜକୁ ପରିହାସ କଲା । ନିଜକୁ ମିଛ ଈଶ୍ୱରଙ୍କ ଖୋଳପାରୁ ମୁକ୍ତ କରାଇଲା ।

ସତରେ କ'ଣ ସନ୍ନ୍ୟାସୀ ମହାରଣା ଦୁଃଖୀ ? ତା' ଛାତି ତଳେ ଦୁଃଖସବୁ ଠୁଳ ହୋଇଛନ୍ତି ? କାହିଁକି ସନ୍ନ୍ୟାସୀ ମହାରଣା ଏତେ ଦୁଃଖୀ ? ସେ ତ ଏତେ ସୁନ୍ଦର ମୂର୍ତ୍ତି ଗଢୁଛି । ସେମାନଙ୍କ ମୁହଁରେ ହସ ଫୁଟାଉଛି ।

ସନ୍ନ୍ୟାସୀ ମହାରଣାର ଦୁଃଖ ସୋଲି ନୂଆଉ' । ସୋଲି ନୂଆଉ' ତାକୁ ଜୀବନରେ ଦୁଃଖ କ'ଣ ଶିଖେଇଛି । ସୋଲି ନୂଆଉ' ତାକୁ ପ୍ରେମ କ'ଣ ଶିଖେଇଛି । କରୁଣା ଶିଖେଇଛି । ସମ୍ବେଦନଶୀଳତା ଶିଖେଇଛି । ସୋଲି ନୂଆଉ' ତା' ହାତ ଧରି ଦୁଃଖର ଚିତ୍ର ଆଙ୍କିବା ଶିଖେଇଛି ।

ସମସ୍ତେ କହୁଛନ୍ତି, ଏବର୍ଷ ଦେବୀ ମୂର୍ତ୍ତି ଅତି ସୁନ୍ଦର ଓ କମନୀୟ ହୋଇଛି । ଏବର୍ଷ ଦେବୀଙ୍କ ମୁହଁରେ କ୍ରୋଧ ଅପେକ୍ଷା କରୁଣାର ଭାବ ଫୁଟି ଉଠୁଛି । ଆହାଃ, ଦେବୀ କ'ଣ ମହିଷାସୁର ପ୍ରତି ସଦୟ ହୋଇଛନ୍ତି ? ସେ କ'ଣ ମହିଷାସୁରକୁ ବଧ ନ କରି ମୁକ୍ତ କରିଦେବେ ?

ସମସ୍ତେ ସନ୍ନ୍ୟାସୀ ମହାରଣାର ହାତକୁ ତାରିଫ କରୁଛନ୍ତି । ଏହି ଶୀର୍ଣ୍ଣ ଶିରାଳ ବାମନ ମଣିଷଟି କେମିତି ଏତେ ସୁନ୍ଦର ଠାକୁରାଣୀ ମୂର୍ତ୍ତି ଗଢ଼ିପାରେ ? ଏମିତି ଜଣେ ରସଶୂନ୍ୟ ଦୁଃଖୀ ମଣିଷ କ'ଣ ଏତେ ସୁନ୍ଦର ନାରୀର ଛବିକୁ ମନ ଭିତରେ ପରିକଳ୍ପନା କରିପାରେ ?

ପିଲାଟି ଦିନୁ ସୋଲି ନୂଆଉ' ସନ୍ନ୍ୟାସୀକୁ ପୁଅ ଭଳି ପାଳିଛି । ବାପ, ମା' ଛେଉଣ୍ଡ ସନିଆ ସୋଲି ନୂଆଉ'ର ଆଶ୍ରା ପାଇ ଛୋଟରୁ ବଡ଼ ହୋଇଛି । ସୋଲି ନୂଆଉ' ସନ୍ନ୍ୟାସୀକୁ କେବେ ଦିଅର ବୋଲି ଭାବିନି । ବରଂ ନିଜର ପୁଅ ଭଳି ଶ୍ରଦ୍ଧା ଆଦର କରିଛି । ପଡ଼ା ପଡ଼ିଶାକୁ ସିନା ଦିଅର-ଭାଉଜ । କିନ୍ତୁ ସୋଲି ନୂଆଉ' ଆଉ ସନ୍ନ୍ୟାସୀର ଏ ସମ୍ପର୍କ ମା' ଓ ପୁଅର । ଏକଥା ସୋଲି ନୂଆଉ' ଜାଣେ । ସନ୍ନ୍ୟାସୀ ଜାଣେ ।

ସନ୍ନ୍ୟାସୀ ବର୍ଷକର ହୋଇଥିବା ବେଳେ ବାପା ମା' ଆର ପାରିକୁ ଚାଲି ଯାଇଥିଲେ । ବଡ଼ଭାଇ ଗୋବିନ୍ଦା ପାଖରେ ସେ ବଢ଼ିଥିଲା । ଗୋବିନ୍ଦା ସନ୍ନ୍ୟାସୀକୁ ସାନ ଭାଇ ନୁହେଁ ବରଂ ନିଜ ପୁଅ ଭଳି ପାଳି ବଡ଼ କରିଥିଲା । ଆଃ, ବିଚରା ଗୋବିନ୍ଦା ଭାଇ । ସେ ଏବେ ପାଗଳ ହୋଇ କୋଉଠି ବୁଲୁଛି । ଏବେ ସେ ସନ୍ନ୍ୟାସୀର ଛାଇ ଦେଖିଲେ ଚିହିଁକି ଉଠୁଛି । ଏ କ'ଣ ସେହି ଗୋବିନ୍ଦା ଭାଇ, ଯିଏ ସନ୍ନ୍ୟାସୀକୁ ଘଡ଼ିଏ ନ ଦେଖିଲେ ତା' ପ୍ରାଣ ଛାଡ଼ି ଯାଉଥିଲା ?

ଭାଗ୍ୟର ବିଡ଼ମ୍ବନା । କପାଳ ଲିଖନ । ଗୋବିନ୍ଦା ଭାଇର ମୁଣ୍ଡବୁଲା ବେମାର ବାହାରିବା ଦିନୁ ସେ ସବୁକିଛି ଭୁଲି ଯାଇଛି । ଦିନ ଦିନ ରାତି ରାତି ଗୋବିନ୍ଦା ଭାଇ ଆକାଶକୁ ଅନେଇ ଦାଣ୍ଡ ପିଣ୍ଡାରେ ଗୁମ୍ ମାରି ବସୁଛି । ମନେମନେ ହସୁଛି । ପୁଣି ବେଳେବେଳେ ଦେହରୁ ଲୁଗା, କପଡ଼ା ଉତାରି ରାସ୍ତାରେ ଧାଉଁଛି । ଆଉ କେତେବେଳେ ପିଲାଙ୍କ ଭଳି କଇଁ କଇଁ ହୋଇ କାନ୍ଦୁଛି । କିଏ କହୁଛି, ଗୋବିନ୍ଦା ବାୟା ହୋଇଯାଇଛି । ଆଉ କିଏ କହୁଛି, ତା'ର ମତିଭ୍ରମ ହୋଇଛି । ଗାଁ ମାଇପେ କିନ୍ତୁ ଭିନ୍ନ କଥା କୁହାକୁହି ହୁଅନ୍ତି । ସେମାନେ କୁହନ୍ତି- 'ଏ ସୋଲି ଆଉ ସନିଆ ପାଇଁ ପରା ଗୋବିନ୍ଦା ଭଳି ସରଳ ନିର୍ମାୟା ପିଲାର ଏ ଦଶା ।'

ଗୋବିନ୍ଦା ଏବେ କାହାରିକୁ ଆଉ ଚିହ୍ନି ପାରୁନି । କାହାକୁ କ'ଣ କହୁଛି, ସେ ଜାଣି ପାରୁନି । ଏମିତିକି ତା' ସାନଭାଇ ସନ୍ନ୍ୟାସୀ ଆଉ ନିଜ ସ୍ତ୍ରୀ ସୋଲିକୁ ବି ସେ ଚିହ୍ନି ପାରୁନି । ଗାଁଲୋକେ ବାର କଥା କହନ୍ତି । ସଜ ମାଛରେ ପୋକ ପକାନ୍ତି । ସନ୍ନ୍ୟାସୀ

ସହିତ ସୋଲିର ସମ୍ପର୍କକୁ ନେଇ ଟୁପୁରୁ ଟାପର ହୁଅନ୍ତି। ଗୋବିନ୍ଦା କୁଆଡ଼େ ସୋଲି ଆଉ ସନିଆ ପାଇଁ ପାଗଳ ହୋଇଯାଇଛି ବୋଲି ଗାଁ ମାଇପେ କୁହାକୁହି ହୁଅନ୍ତି। ଆଉ କେହିକେହି କହନ୍ତି, ବାହାଘରକୁ ପନ୍ଦର ବର୍ଷ ପୂରିଯିବା ସତ୍ତ୍ୱେ ସୋଲିର କୋଳକୁ ପିଲାଛୁଆ ଆସିଲେନି। ସେହି କାରଣରୁ ଗୋବିନ୍ଦାର ମନ ଉଣା। ଗାଁ ଲୋକେ ବାର କଥା କହନ୍ତି।

ସୋଲି ନୂଆଉ'ର କୋଳକୁ ପିଲାଟିଏ ନ ଆସିଲେ କ'ଣ ହେଲା ? ପିଲାର ମା' ହୋଇପାରିନି ବୋଲି ସୋଲି ନୂଆଉ' ମନରେ କେବେ ଦୁଃଖ ହୁଏନା। ସନ୍ନ୍ୟାସୀକୁ ତ ସୋଲି ନୂଆଉ' ନିଜର ପୁଅ ବୋଲି ଧରି ନେଇଥାଏ। ସନ୍ନ୍ୟାସୀ ବି ସୋଲି ନୂଆଉ'ଠାରୁ ମା'ର ସ୍ନେହ ସୁଖ ପାଏ। ଗୋବିନ୍ଦା ବି ସାନଭାଇକୁ କେବେ ପର ଭାବିନି। ନିଜ ପୁଅଠୁ ଅଧିକ ଶ୍ରଦ୍ଧା କରିଛି। ହସଖୁସିରେ ସେମାନଙ୍କ ସଂସାର ଚାଲିଥିଲା। କେଜାଣି, କାହାର ନଜର ଲାଗିଗଲା ସେମାନଙ୍କ ସୁଖର ସଂସାରରେ ? ଏବେ ସବୁକିଛି ଏପଟ ସେପଟ ହୋଇଗଲା। ଗୋବିନ୍ଦା ଭାଇ ପାଗଳ ହୋଇଗଲା। ସୋଲି ନୂଆଉ' ପକ୍ଷାଘାତ ବେମାରରେ ଶଯ୍ୟାଶାୟୀ ହୋଇ ପଡ଼ିଲା। ଏ ସମସ୍ତଙ୍କ ବୋଝ ଏବେ ସନ୍ନ୍ୟାସୀର ମୁଣ୍ଡରେ।

ସନିଆ ସିନା ବଡ଼ ହୋଇ ସନ୍ନ୍ୟାସୀ ହେଲା। କେଜାଣି କାହିଁକି ଆଉ ବାହା ହେବାକୁ ମନ କଲାନି। ଦିନରାତି ମୂର୍ତ୍ତି ଗଢ଼ିବା, ଚିତ୍ର ଆଙ୍କିବା, ବିବାହବ୍ରତ, ମେଳା ମହୋତ୍ସବରେ ଅନ୍ୟମାନଙ୍କ କାନ୍ଥରେ ଝୋଟିଚିତା ଆଙ୍କିବା ଆଦି କାମରେ ବୁଡ଼ି ରହିଲା।

ସନ୍ନ୍ୟାସୀ ଭଲ ଖଞ୍ଜଣି ବଜାଏ। ସଞ୍ଜରେ ମଠରେ ଭଜନ କୀର୍ତ୍ତନରେ ମାତିଲା। ନିଶ ଦାଢ଼ି ଛାଡ଼ି ସନ୍ନ୍ୟାସୀ ସତକୁ ସତ ଜଣେ ସନ୍ନ୍ୟାସୀଙ୍କ ଭଳି ଦିଶିଲା। ଏହି କାରଣରୁ ଗାଁଲୋକେ ତାକୁ ସନ୍ନ୍ୟାସୀ ବାଆଜି ବୋଲି ଡାକିଲେ। ପିଲାଠୁ ବୁଢ଼ା, ସମସ୍ତଙ୍କର ସେ ପ୍ରିୟ 'ସନ୍ନ୍ୟାସୀ ବାଆଜି' ପାଲଟିଗଲା ଓ ବାହାସାହା ହୋଇ ଘର ସଂସାର କରିବାକୁ ଭୁଲିଗଲା।

ଗାଁ ମାଇପେ କୁହାକୁହି ହେଲେ, ସୋଲି ପାଇଁ ପରା ସେ ସନ୍ନ୍ୟାସୀ ବାହା ନ ହୋଇ ଓଥଡ଼ା ରହିଗଲା। ସେ ସୋଲିଟା ସନିଆକୁ କି କିମିଆ କଲା କେଜାଣି ? ପିଲାଟାର ଜୀବନକୁ ନର୍କ କରିଦେଲା। ନାରୀ ମାୟା ନାରାୟଣଙ୍କୁ ଅଜଣା। ସନ୍ନ୍ୟାସୀ ପୁରୁଷ ପିଲା। ତା'ର ବା କ'ଣ ଦୋଷ ? ଆଉ କେହି କୁହାକୁହି ହେଲେ ସୋଲିଟା ସେ ସନ୍ନ୍ୟାସୀକୁ ଓଷଦ କରିଦେଇଛି।

ଗାଁ ମାଇପିଙ୍କ ଏସବୁ ଟୁପୁରୁଟାପର ଗୋବିନ୍ଦା, ସନ୍ନ୍ୟାସୀ ଆଉ ସୋଲି କାନରେ ପଡ଼େ। ପ୍ରଥମେ ପ୍ରଥମେ ଗୋବିନ୍ଦା ଏସବୁ କିଛି ଶୁଣୁ ନଥିଲା। ଗାଁ ମାଇପିଙ୍କ ଉପରେ ଚିଡୁଥିଲା। ରାଗୁଥିଲା। କିନ୍ତୁ ସମୟ ଗଡ଼ିବା ସହ ଗୋବିନ୍ଦାର ମାନସିକ ସ୍ଥିତି ବଦଳିଗଲା। ସେ ନିଜ ସ୍ତ୍ରୀ ସୋଲି ଆଉ ସାନଭାଇ ସନ୍ନ୍ୟାସୀକୁ ସନ୍ଦେହ କରିବାକୁ ଆରମ୍ଭ କଲା। ଆଉ ସେ ସନ୍ଦେହ ହିଁ ଗୋଟିଏ ସୁନାର ସଂସାରରେ ନିଆଁ ଲଗେଇ ଦେଲା।

ଏଣିକି ଗୋବିନ୍ଦା ଆଉ ସନିଆକୁ ଭଲ ଦୃଷ୍ଟିରେ ଦେଖିପାରେନା। ଯୋଉ ସନିଆକୁ ସେ ପୁଅ ଭଳି ଭାବୁଥିଲା, ଏବେ ସେଇ ସନିଆ ତା'ର ପ୍ରତିଦ୍ୱନ୍ଦ୍ୱୀ ପାଲଟି ଯାଇଛି। ଏହା ସନ୍ନ୍ୟାସୀକୁ ଭାରି ବାଧେ। ଏଇ ଗୋବିନ୍ଦା ଭାଇ ସନିଆକୁ ଘଡ଼ିଏ ନ ଦେଖିଲେ ରହି ପାରୁ ନଥିଲା। ସନିଆ ନ ଖାଇଲା ପର୍ଯ୍ୟନ୍ତ ଗୋବିନ୍ଦାର ପେଟକୁ ଦାନା ଯାଉ ନଥିଲା। ସୋଲି ନୂଆଉ' ନୂଆ ନୂଆ ବାହା ହୋଇ ଆସିଥିବାବେଳେ ଗୋବିନ୍ଦା ଭାଇ ତାଗିଦ କରି କହିଥିଲା– 'ଏ ମାଇକିନା ବୁଦ୍ଧି ବାହାର କରିବୁନି ଏ ଘରେ। ଆଜିଠୁ ଏ ବାପ ମା' ଛେଉଣ୍ଡ ପିଲାକୁ ତୋ'ର ପିଲା ମନେକରି ପାଳିବୁ। ଏଠି ଭାଇ ଭାଗ ବସାଇବୁନି।'

ଗୋବିନ୍ଦା ଭାଇ ସବୁବେଳେ କହେ– 'ଏ ସନିଆଟା ପରା ମୋ' ଜୀବନ।'

ସନ୍ନ୍ୟାସୀର ଏବେ ବି ମନେ ପଡ଼େ ସେଦିନର କଥା। ଏତିକି ବକଟେ ପିଲା ଥିଲା। ଗୋବିନ୍ଦା ଭାଇର ନୂଆ ବାହାଘର ହୋଇଥାଏ। ଚତୁର୍ଥୀ ରାତିରେ ଗୋବିନ୍ଦା ଭାଇ ଓ ସୋଲି ନୂଆଉ' ମଝିରେ ସେ କେମିତି ଶୋଇବାକୁ ଜିଦ୍ କରିଥିଲା। ବାଧ୍ୟ ହୋଇ ଗୋବିନ୍ଦା ଭାଇ ଆଉ ସୋଲି ନୂଆଉ' ସନିଆକୁ ସେଇ ବାସର ରାତିରେ ସେମାନଙ୍କ ପାଖରେ ଶୁଆଇଥିଲେ।

ସେତେବେଳେ ସନ୍ନ୍ୟାସୀ କ'ଣ ବା ଜାଣିଥିଲା, ଚତୁର୍ଥୀ ରାତି କ'ଣ ? ବାସର ରାତି କ'ଣ ? ସେ ଖାଲି ମା'ର ଉଷୁମ କୋଳ ମନେ କରି ସୋଲି ନୂଆଉ'କୁ କୁଣ୍ଢେଇ ଧରି ଶୋଇ ଯାଇଥିଲା ପରଦିନ ସକାଳ ହେବା ପର୍ଯ୍ୟନ୍ତ। ଆଜି ସେକଥା ଭାବିଲେ ଅତୀତ ତାକୁ ସ୍ୱପ୍ନ ଭଳି ଅବାସ୍ତବ ମନେହୁଏ।

ସନିଆ ସବୁବେଳେ ନିଜକୁ ଲକ୍ଷ୍ମଣ ମନେକରି ଭାଇ ଗୋବିନ୍ଦାକୁ ପ୍ରଭୁ ରାମଚନ୍ଦ୍ରଙ୍କ ଭଳି ଭକ୍ତି କରେ। ସମ୍ମାନ କରେ। ସୋଲି ନୂଆଉ'କୁ କେବେ ବି ସିଧା ଦୃଷ୍ଟିରେ ଚାହିଁନି। ସୋଲି ନୂଆଉ'କୁ ନେଇ କିଛି ବି ପାପ ଚିନ୍ତା ତା' ମନକୁ ଆସିନି। ସୋଲି ନୂଆଉ'କୁ ଦେବୀଟିଏ ଭଳି ମନର ଆସନରେ ବସାଇ ନିରନ୍ତର ଭକ୍ତି କରିଛି। ଉପାସନା କରିଛି।

ଆଜିକାଲି ଗୋବିନ୍ଦା ଭାଇ ସନ୍ନ୍ୟାସୀ ଉପରେ ସନ୍ଦେହ କରେ। ମାରଧର କରେ। ଗାଳିଗୁଲଜ କରେ। ସନ୍ନ୍ୟାସୀ ସବୁ ସହିଯାଏ କେବଳ ସୋଲି ନୂଆଉ'ର ମୁହଁକୁ ଚାହିଁ। ବିଚାରୀ ଜୀବନରେ କେତେ କଷ୍ଟ ସହିଛି। ନ ହେଲେ, ସନ୍ନ୍ୟାସୀ ଅନେକ ଥର ଭାବିଲାଣି, ନା ଆଉ ନୁହଁ। ଏଣିକି ସେ ଏ ଘର ଛାଡ଼ି କେଉଁଆଡ଼େ ଚାଲିଯିବ। ଗାଁ ଛାଡ଼ି ଚାଲିଯିବ। କେଉଁଆଡ଼େ ନିଖୋଜ ହୋଇଯିବ। ନିରୁଦ୍ଦିଷ୍ଟ ହୋଇଯିବ। ଯେଉଁ ଘରକୁ ସେ ସ୍ୱର୍ଗଠୁ ଅଧିକ ପବିତ୍ର ବୋଲି ଭାବୁଥିଲା; ଏବେ ତାହା ନର୍କଠୁ ବଳିଗଲାଣି।

ଅନେକ ଥର ସନ୍ନ୍ୟାସୀ ଭାବିଛି; ସେ ଗାଁ ଛାଡ଼ି ସହରକୁ ପଳାଇବ। ସହରରେ କେଉଁଠି ଆର୍ଟ ସେଣ୍ଟର ଖୋଲି ପେଣ୍ଟିଂ ବ୍ୟବସାୟ କରିବ। କିନ୍ତୁ ସୋଲି ନୂଆଉ'ର କରୁଣ ମୁହଁକୁ ଥରେ ଚାହିଁଦେବା ପରେ ତା' ନିଷ୍ପତ୍ତି ବଦଳିଯାଏ। ସେ ଗାଁ ଛାଡ଼ି ପାରେନା। ସୋଲି ନୂଆଉ'କୁ ଛାଡ଼ି ପାରେନା। ପ୍ରକୃତରେ କହିବାକୁ ଗଲେ, ସନ୍ନ୍ୟାସୀ ବିନା ସୋଲି ନୂଆଉ' ଘଡ଼ିଏ ବି ବଞ୍ଚି ପାରିବନି। ଆଉ ସନ୍ନ୍ୟାସୀ ବି ସୋଲି ନୂଆଉ'କୁ ଛାଡ଼ି ରହି ପାରିବନି।

ସନ୍ନ୍ୟାସୀ ମହାରଣା ଆଗରେ ଅତୀତର ସ୍ମୃତିସବୁ ଜୀବନ୍ତ ହୋଇ ଉଠୁଥିଲେ। ଏଣେ ସପ୍ତମୀ ପୂଜା ପାଇଁ ବ୍ରାହ୍ମଣ ପୁରୋହିତ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଦେବୀ ମୂର୍ତ୍ତିଙ୍କର ଚକ୍ଷୁଫିଟା ପାଇଁ ସମସ୍ତେ ସନ୍ନ୍ୟାସୀ ମହାରଣାକୁ ଅପେକ୍ଷା କରିଥାନ୍ତି। ସନ୍ନ୍ୟାସୀ ମହାରଣା ଦେବୀଙ୍କର ଚକ୍ଷୁ ଫିଟାଇ ଦେଲେ ପୂଜାକାର୍ଯ୍ୟ ଯଥାବିଧିରେ ଆରମ୍ଭ ହେବ। କିନ୍ତୁ ସେହିକ୍ଷଣି ସନ୍ନ୍ୟାସୀର ଇଚ୍ଛା ହେଲା, ଏ ଦେବୀ ମୁଖାକୁ ସେ ଭାଙ୍ଗି ଦେଇ ଆଉଥରେ ଗଢ଼ିବ। ଆଉ କିଛି କ୍ଷଣରେ ଦେବୀଙ୍କ ସପ୍ତମୀ ପୂଜା ଆରମ୍ଭ ହେବ। ଏବେ ତା' ପାଖରେ ସମୟ ଅଛି ଯେ, ନୂଆ ମୁଖାଟିଏ ଗଢ଼ିଦେବ ? ସନ୍ନ୍ୟାସୀ ପୁଣି ଅନ୍ୟମନସ୍କ ହୋଇ ପଡ଼ିଲା।

ସୋଲି ନୂଆଉ' ଏ ଘରକୁ ବାହା ହୋଇ ଆସିବା ବେଳକୁ ସନ୍ନ୍ୟାସୀ ଚାରି ପାଞ୍ଚ ବର୍ଷର ଛୁଆ ହୋଇଥାଏ। ବାପ, ମା' ଛେଉଣ୍ଡ ହୋଇଥିବାରୁ ସନ୍ନ୍ୟାସୀ ବଡ଼ଭାଇ ଗୋବିନ୍ଦା ପାଖରେ ବଢ଼ିଥିଲା। ଗୋବିନ୍ଦା ହିଁ ସନ୍ନ୍ୟାସୀକୁ ବାପା, ମାଆର ଆଦର ଦେଇ ବଢ଼ାଇଥିଲା। ଗୋବିନ୍ଦା ବିଲରେ ଗଧଙ୍କ ଭଳି ଖଟିଛି। କିନ୍ତୁ ସନିଆକୁ ପାଠ ପଢ଼ାଇବାକୁ ଗାଁ ସ୍କୁଲକୁ ପଠାଇଛି। ସନ୍ନ୍ୟାସୀ ଜଣେ ମେଧାବୀ ଛାତ୍ର ଥିଲା। ଗାଁ ସ୍କୁଲରେ ସେ ସବୁ ଶ୍ରେଣୀରେ ପ୍ରଥମ ହେଉଥିଲା। ଶିକ୍ଷକମାନେ ବି ତାକୁ ଆଦର କରୁଥିଲେ। ଅସଲରେ କହିବାକୁ ଗଲେ ସୋଲି ନୂଆଉ' ପାଇଁ ସନ୍ନ୍ୟାସୀ ସବୁଥିରେ ଭଲ କରୁଥିଲା। ଭଲ ପାଠ ପଢୁଥିଲା।

ସନିଆ ଭଲ ପାଠ ପଢୁ। ଭଲ ମଣିଷ ହେଉ। ବଡ଼ ମଣିଷ ହେଉ। ଗାଁ ଠାକୁରାଣୀଙ୍କ ନିକଟରେ ସୋଲି ନୂଆଉ' ଏତିକି ପ୍ରାର୍ଥନା କରେ। ସୋଲି ନୂଆଉ' ସନିଆର ସମସ୍ତ ଯତ୍ନ ନିଏ। ଖୁଆଇ ପିଆଇ ସ୍କୁଲକୁ ପଠାଏ। ମୁଣ୍ଡ କୁଣ୍ଡାଇ ଦିଏ। ପେଣ୍ଟ ସାର୍ଟ ପିନ୍ଧାଇ ସ୍କୁଲକୁ ପଠାଏ। ଏମିତିକି ସନିଆର ଗୁଅ, ମୂତ ପ୍ୟାଣ୍ଟ ଧୁଏ।

ବିଧିର ବିଧାନ ବଡ଼ ବିଚିତ୍ର। ସେଇ ସୋଲି ନୂଆଉ'କୁ ଆଜି ସନ୍ନ୍ୟାସୀ ନିଜ କୋଳରେ ବସେଇ ଖୁଆଇ ଦେଉଛି। ଶୋଇବା ପାଇଁ ବିଛଣା ପାରିଦେଉଛି। ସୋଲି ନୂଆଉ'ର ଗୁଅମୂତ ଭିଜା ଶାଢ଼ୀ ବଦଳାଇ ଦେଉଛି। ଦାନ୍ତ ଘସାଇ ଦେଉଛି। ଝାଡ଼ା-ପରିସ୍ରା କରାଇ ଦେଉଛି। ସନ୍ନ୍ୟାସୀର କୋଳରେ ରୋଗିଣା

ସୋଲି ନୂଆଉ' ଲାଗନ୍ତି ବର୍ଷେ କି ଦୁଇବର୍ଷର ଶିଶୁ ଭଳି। ସନ୍ନ୍ୟାସୀ ନିଜକୁ ସେତେବେଳେ ଜଣେ ଦାୟିତ୍ୱବାନ ବାପା ବୋଲି ଭାବିନିଏ। ସୋଲି ନୂଆଉ' ସନ୍ନ୍ୟାସୀର କୋଳରେ ଯେମିତି ତା' ଟିକି ଝିଅ!

ବିଚାରୀ ସୋଲି ନୂଆଉ' ପକ୍ଷାଘାତ ବେମାର ପରଠୁ ସେମିତି ଗୋଟିଏ ସ୍ଥାନରେ ପଡ଼ି ରହୁଛି। ଉଠି ବସିପାରୁନି। ସେଇଠି ହଗୁଚି। ସେଇଠି ମୁତୁଚି। ସନ୍ନ୍ୟାସୀ ସୋଲି ନୂଆଉ'ର ଝାଡ଼ା ସଫା କରେ। ମାଟି ଗାଡୁଆରେ ପରିସ୍ରା କରାଏ। ଆହାଃ, ବିଚାରୀ କେତେ କଷ୍ଟ ସହୁଛି!

ସନ୍ନ୍ୟାସୀ ସୋଲି ନୂଆଉ'ର ଉଭା ନଙ୍ଗଳା ରୂପ ଦେଖେ। ଗୁଅ, ମୂତ ପଚପଚ ପୁରୁଣା ଶାଢ଼ୀ ବଦଳେଇ ସୋଲି ନୂଆଉ'କୁ ନୂଆ ଶାଢ଼ୀ ପିନ୍ଧେଇ ଦେବାବେଳେ ସନ୍ନ୍ୟାସୀର ସର୍ବାଙ୍ଗ ଥରିଉଠେ। ପ୍ରଥମ କରି ଜଣେ ନାରୀର ସର୍ବାଙ୍ଗକୁ ସେ ଛୁଏଁ। ଆଖି ପୂରାଇ ସୋଲି ନୂଆଉ'ର ନଗ୍ନ ଚେହେରା ଦେଖେ। ତା' ବକ୍ଷକୁ ଛୁଏଁ। ସୋଲି ନୂଆଉ' ତାକୁ ମନେହୁଏ ଯେମିତି ବର୍ଷକର ଶିଶୁ।

ହାଇସ୍କୁଲରେ ପଢ଼ିଲାବେଳେ ସନ୍ନ୍ୟାସୀ ପ୍ରଥମ କରି ଜଣେ ନାରୀର ଦେହକୁ ସ୍ପର୍ଶ କରିଥିଲା। ତା' ଉପର ଶ୍ରେଣୀରେ ପଢୁଥିବା କଲ୍ୟାଣୀ ନାମକ ଜଣେ ଝିଅର ବକ୍ଷୋଜକୁ ସେ ସ୍ପର୍ଶ କରିଥିଲା ଯେ, ସପ୍ତାହେ କାଳ ଭୋକ ଶୋଷ ଭୁଲି ଯାଇଥିଲା। ତା' ଦେହ ହାତ ଥରି ଉଠିଥିଲା। ତା' ଛାତି ରୁନ୍ଧି ହୋଇଯାଇଥିଲା। ତା' ପାକସ୍ଥଳୀରେ ହଜମ ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା। ତା' ଶିରା, ଧମନୀରେ ରକ୍ତ ପ୍ରବାହ ଠପ୍ ହୋଇଯାଇଥିଲା। ତା' ମସ୍ତିଷ୍କ, ସ୍ନାୟୁ, ସୁଷୁମ୍ନା କାଣ୍ଡ ଅଚଳ ହୋଇ ପଡ଼ିଥିଲେ। ତା' ବୃକ୍କ ଆଉ ମୂତ୍ର ଛାଣି ନଥିଲା କି ଫୁସ୍‌ଫୁସ୍ ଅମ୍ଳଜାନ ସଫା କରି ନଥିଲା। ତା' ମାଂସପେଶୀ ଶିଥିଳ ହୋଇଯାଇଥିଲା। ଅଥଚ ଏବେ ସେ ସୋଲି ନୂଆଉ'ର ସର୍ବାଙ୍ଗ ସ୍ପର୍ଶ କଲେ ବି ତା' ଦେହରେ ସେମିତି ଅନୁଭବ କିଛି ହୁଏନି। ସନ୍ନ୍ୟାସୀର ସେତେବେଳେ ଅନୁଭବ ହୁଏ, ସେ ନିର୍ବାଣକୁ ହାସଲ କରି ନେଇଛି। ତା'ର ବୁଦ୍ଧତ୍ୱ ପ୍ରାପ୍ତ ହୋଇଛି।

ସନ୍ନ୍ୟାସୀର ଏବେ ବି ସ୍ପଷ୍ଟ ମନେ ପଡ଼େ, ଯେତେବେଳେ ଅନ୍ଧାର ଜାଲୁଜାଲୁଆ ରାତିରେ ଲାଲ୍ ଟୁକୁଟୁକୁ ସାଧବ ବୋହୂଟିଏ ଭଳି ସୋଲି ନୂଆଉ' ସବାରୀରୁ ଓହ୍ଲେଇ ଘର ଅଗଣାରେ ପ୍ରଥମ ପାଦ ଥାପିଥିଲା, ଲାଲ୍ ଅଳତା ବୋଳା ସେ ଚକ୍ ଚକ୍ ପାଦ ଦୁଇଟି ତାକୁ ବିଭୋର କରି ଦେଇଥିଲା। ତା' ପିଲା ମନରେ ସେ ଭାବି ବସୁଥିଲା, ତା' ପ୍ରିୟ ଅଗଣା ରୂପକ ପୁଷ୍କରିଣୀର ଟିକିଟିକି ଢେଉରେ ଦୁଇଟି ସଦ୍ୟ ପ୍ରସ୍ଫୁଟିତ ନାଲି କଇଁ ଦୋଳି ଖେଳୁଛନ୍ତି! ସେଇ ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାର ରାତିରେ ହାତେ ଲମ୍ବା ଓଢ଼ଣୀ ଭିତରୁ ସୋଲି ନୂଆଉ'ର ମୁହଁକୁ ସେ ଦେଖି ନେଇଥିଲା। ସେଇ ମୁହଁ ହିଁ ଆଜିଯାଏ ସ୍ଥିରଚିତ୍ର ଭଳି ତା' ମନ ଭିତରେ ଛାପି ହୋଇ ରହିଯାଇଛି। ସୋଲି ନୂଆଉ'ର ସେହି ମୁହଁକୁ ଆଜି ଦେବୀଙ୍କ ମୂର୍ତ୍ତିରେ ଦେଖିବା ପରଠୁ ସନ୍ନ୍ୟାସୀ ଅନ୍ୟମନସ୍କ ହୋଇ ପଡୁଛି।

ସନ୍ନ୍ୟାସୀର ସେବର୍ଷ ମାଟ୍ରିକ ପରୀକ୍ଷା ଦେବାର ଥିଲା। କିନ୍ତୁ ନିୟତିର ନିୟମ ଅଲଗା। ସୋଲି ନୂଆଉ'କୁ ପକ୍ଷାଘାତ ରୋଗ ଆକ୍ରମଣ କଲା। ସୋଲି ନୂଆଉ'ର ଗୋଡ଼ ଦୁଇଟି ଅଚଳ ହୋଇଗଲା। ସୋଲି ନୂଆଉ' ଶଯ୍ୟାଶାୟୀ ହୋଇପଡ଼ିଲା। ଏହା ମଧ୍ୟରେ ଗୋବିନ୍ଦା ଭାଇର ମୁଣ୍ଡବୁଲା ରୋଗ ବି ବାହାରି ସାରିଥିଲା। ତା'ର ପ୍ରିୟ ସୁନାର ସଂସାର ଉପରେ ବଜ୍ର ପଡ଼ିଯାଇଥିଲା। ସନ୍ନ୍ୟାସୀର ପାଠପଢ଼ାରେ ଡୋରି ବନ୍ଧା ହୋଇଗଲା। ସେ ଆଉ ମାଟ୍ରିକ ପରୀକ୍ଷା ଦେଇ ପାରିଲାନି।

ଘରେ ଶଯ୍ୟାଶାୟୀ ରୋଗୀଣା ଭୁଆଶୁଣୀର ସବୁ ଦାୟିତ୍ୱ ସନ୍ନ୍ୟାସୀ ଉପରେ ନ୍ୟସ୍ତ ହେଲା। ଅବଶ୍ୟ ସୋଲି ନୂଆଉ'କୁ ସନ୍ନ୍ୟାସୀ ପ୍ରଥମେ କେନ୍ଦ୍ରାପଡ଼ା, ପରେ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲା। କିନ୍ତୁ ସୋଲି ନୂଆଉ'ର ପକ୍ଷାଘାତ ରୋଗ ଭଲ ହେଲାନି। ସେବେଠୁ ସୋଲି ନୂଆଉ' ଅନ୍ଧାରି ଘର ଭିତରେ ଶୋଇ ରହେ। ସନ୍ନ୍ୟାସୀ ତା' ଉପରେ ଚାଦରଟିଏ ଘୋଡ଼େଇଦିଏ। ସୋଲି ନୂଆଉ'ର ପଦ୍ମକଢ଼ୀ ଭଳି ମୁହଁଟି ସେ ମଳିନ ଚାଦର ଭିତରୁ ଫୁଟି ଦିଶୁଥାଏ। ଆହାଃ, ବିଚାରୀ! କି ଦୋଷ କରିଥିଲା। ଠାକୁର ତାକୁ ଏତେବଡ଼ ଦଣ୍ଡ ଦେଲେ।

ଚିତ୍ରକଳା ପ୍ରତି ପିଲାଟି ଦିନୁ ସନ୍ନ୍ୟାସୀର ଆଗ୍ରହ ଥିଲା। ପ୍ରାଇମେରୀ ସ୍କୁଲରେ ପାଠ ପଢ଼ିଲା ବେଳେ ନିଜ ସ୍କୁଲ୍ ପାଇଁ ସେ ଗଣେଶ ଓ ସରସ୍ୱତୀ ମୂର୍ତ୍ତି ତିଆରି କରେ। ଶିକ୍ଷକମାନେ ତାକୁ ଭାରି ଭଲ ପାଉଥିଲେ। ହାଇସ୍କୁଲରେ ପଢ଼ିବାବେଳେ ସବୁଠୁ ବଡ଼ ଗଣେଶ ମୂର୍ତ୍ତି ନିର୍ମାଣ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

ମୂର୍ତ୍ତି କାରିଗର ଭାବେ ସନ୍ନ୍ୟାସୀ ବାଆଜି ସେ ଅଞ୍ଚଳରେ ବେଶ୍ ଜଣାଶୁଣା। ସୋଲି ନୂଆଉ' ରୋଗରେ ପଡ଼ି ଶଯ୍ୟାଶାୟୀ ହେବା ପରେ ସନ୍ନ୍ୟାସୀ ମହାରଣା ଆଉ ବାହା ହେଲାନି। ଏମିତି ନୁହେଁ, ତା' ବାହାଘର ପାଇଁ କେଉଁଠି ପ୍ରସ୍ତାବ ପଡ଼ିନି। ଅନେକ ପ୍ରସ୍ତାବ ଆସିଛି। ମାତ୍ର, ସନ୍ନ୍ୟାସୀ ସେସବୁକୁ ଅଗ୍ରାହ୍ୟ କରିଦେଇଛି।

ଆଜି ସନ୍ନ୍ୟାସୀ ମହାରଣାକୁ ଏସବୁ ସ୍ୱପ୍ନ ଭଳି ମନେ ହେଉଛି।

ଦଶହରା ଭସାଣୀ ରାତିରେ ଗାଁ ଯୁବକ ସଂଘ ଘରେ ବସି ଟୋକାଟାକଳାଏ ନିର୍ଦ୍ଧୁମ ମଦ ପିଇଲେ। ଗଞ୍ଜେଇ ଟାଣିଲେ। ମାତାଲ ହେଲେ। ସମସ୍ତେ ନିଶାରେ ଟଳମଳ। କାହାର ଗୋଡ଼ ତଳେ ଲାଗୁ ନଥାଏ। ଉନ୍ମତ୍ତ ଯୁବକମାନେ ଆଜି ଦେବୀ ଦୁର୍ଗାଙ୍କୁ ନଦୀରେ ଭସାଇ ମେଲାଣି ଦେବେ। ଦେବୀଙ୍କୁ ବିସର୍ଜନ କରିବେ। ବ୍ୟାଣ୍ଡପାର୍ଟି, ଡିଜେ ଶବ୍ଦରେ ଖଣ୍ଡମଣ୍ଡଳ ପ୍ରକମ୍ପିତ ହେଉଥାଏ। ଦେବୀ ଦୁର୍ଗାଙ୍କୁ ଟ୍ରାକ୍ଟର ଡାଲାରେ ବସେଇ ଗାଁ ପରିକ୍ରମା କରାଯାଉଥାଏ।

ସୋଲି ନୂଆଉ'ର ସମସ୍ତ ସେବାସୁଶ୍ରୂଷା କରି ନୂଆ ଶାଢ଼ୀ ପିନ୍ଧେଇ ମୁଣ୍ଡରେ ସିନ୍ଦୁର ବୋଳି ଦେଇ ସନ୍ନ୍ୟାସୀ ମହାରଣା ଗାଁ ଦାଣ୍ଡକୁ ଆସିଲା। ନିଜ ପିଣ୍ଡାରେ ଠିଆ ହୋଇ ସନ୍ନ୍ୟାସୀ ଶେଷ ଥର ପାଇଁ ଦେବୀ ମା'ଙ୍କୁ ଦର୍ଶନ କଲା। ଦେବୀ ମା'ଙ୍କ ମୁହଁରେ ସେ ଉଜ୍ଜ୍ୱଳତା ନ'ଥାଏ। ସନ୍ନ୍ୟାସୀ ଏକ ଲୟରେ ଚାହିଁ ରହିଥାଏ ଦେବୀ ମା'ଙ୍କ ମୁହଁକୁ।

ଶେଷରେ ବାଜା, ବାଣ, ରୋଷଣୀ କରି ଦେବୀଙ୍କୁ ନିଆଗଲା ଗୋବରୀ ନଈକୁ। ସନ୍ନ୍ୟାସୀ ମହାଣା ବି ଚାଲିଥାଏ ଭସାଣୀ ଶୋଭାଯାତ୍ରାରେ। ମଦ୍ୟପ ଯୁବକମାନେ ଦେବୀଙ୍କୁ ନଦୀରେ ଭସାଇବା ବେଳେ ଟଣାଓଟରା ଭିତରେ ଦେବୀଙ୍କ ହାତ, ଗୋଡ଼, ମୁଣ୍ଡ ଭାଙ୍ଗି ଅଲଗା ହୋଇଯାଇଥିଲା। ଦେବୀଙ୍କ ମୁହଁ ପାଣି ଭିତରେ ଧୀରେ ଧୀରେ ବୁଡ଼ି ଯାଉଥିବାବେଳେ ସେଥିରୁ ସୋଲି ନୂଆଉ'ର ମୁଖା ଉତୁରି ଯାଉଥିବାର ସନ୍ନ୍ୟାସୀକୁ ମନେ ହେଉଥିଲା।

ଦେବୀଙ୍କୁ ବିସର୍ଜନ କରି ସନ୍ନ୍ୟାସୀ ମହାରଣା ଘରକୁ ଫେରି ଦେଖିଲା ବେଳକୁ ସୋଲି ନୂଆଉ' ଆଉ ବଞ୍ଚି ନଥିଲା। ଦେବୀ ମା'ଙ୍କ ସହ ସୋଲି ନୂଆଉ' ବି ଏ ଧରାଧାମରୁ ବିସର୍ଜନ ନେଇ ସାରିଥିଲେ। ଆଃ, ସନ୍ନ୍ୟାସୀର ଛାତି ଫାଟି ପଡୁଥିଲା। ତା' ହୃଦୟ ଚିପୁଡ଼ି ହୋଇ ରକ୍ତ ନିଗିଡ଼ି ପଡୁଥିଲା।

ସୋଲି ନୂଆଉ'ର କୋକେଇ ବନ୍ଧା ଯାଉଥିଲା। କାଠ, ବାଉଁଶ, ପାଳ ଦଉଡ଼ି ଯୋଗାଡ଼ ହେଉଥିଲା। ରାମ୍ ନାମ୍ ସତ୍ୟ ହେ, ହରି ନାମ୍ ସତ୍ୟ ହେ, କହି କହି ଗାଁ ଭାଇମାନେ ଗୋବରୀ ନଈକୂଳକୁ ଯାଉଥିଲେ। ସେତେବେଳେ ସମସ୍ତେ ଗୋବିନ୍ଦାକୁ ଖୋଜୁଥିଲେ। ଗୋବିନ୍ଦା ତ କିଛିଦିନ ତଳୁ କେଉଁଆଡେ ନିଖୋଜ ହୋଇଯାଇଥିଲା।

କଥା ପଡ଼ିଲା କିଏ ସୋଲିକୁ ମୁଖାଗ୍ନି ଦେବ? ଶେଷରେ ସାହିଭାଇ ସ୍ଥିର କଲେ, ସୋଲିକୁ ସନ୍ନ୍ୟାସୀ ହିଁ ମୁଖାଗ୍ନି ଦେଉ। ସେୟା ହିଁ ହେଲା।

ସନ୍ନ୍ୟାସୀ ମହାରଣା ସୋଲି ନୂଆଉ' ମୁହଁରେ ନିଆଁ ବରିଆ ଗୁଞ୍ଜି ଦେଲାବେଳେ ସୋଲି ନୂଆଉ'ର ମୁହଁରୁ କ୍ରମେ ମଣିଷର ମୁଖା ଉତୁରି ଯାଇଥିଲା। ସୋଲି ନୂଆଉ' ଦେବୀ ପାଲଟି ଯାଉଥିଲା। ସୋଲି ନୂଆଉ'ର ମୁହଁ ଦେବୀ ଦୁର୍ଗାଙ୍କ ଭଳି ଝଲସି ଉଠୁଥିଲା।

❖



# ପ୍ରକୃତ ସେବା

ମୂଳହିନ୍ଦୀ : ସୁରେନ୍ଦ୍ର କୌର
ଅନୁବାଦ : ନଗେନ୍ଦ୍ର ନାଥ ପଟ୍ଟନାୟକ

'ଆଂଟି ! ତୁମ ପୋଷାକ ସବୁ ନେଇଯାଅ, ସିଲେଇ ତ ହୋଇଯାଇଛି । କେବଳ ଯାହା ବୋତାମ କାମ ବାକି । ମାମା ବେମାର ପଡ଼ିଛନ୍ତି, ମୁଁ ତାଙ୍କୁ ଦେଖିବାକୁ ଗାଁ ଯାଉଛି ।'

'ସୁନୀତା ! ଏ ଅଧାଳିଆ କାମ କିଏ ପୂରା କରିବ ? କେବଳ ଦି' ଦିନ ପରେ ଏଇ ପୋଷାକତକ ଗାଁ ପଡ଼ିଆରେ ବଂଟନ କରିବାକୁ ପଡ଼ିବ ।'

ସୁନୀତା ପୁଣି ନିଜର ବିବଶତା ପ୍ରକାଶ କଲାବେଳକୁ ଛକମୁଣ୍ଡରେ ଥିବା ଝଙ୍କା ନିମଗଛ ମୂଳେ ବସିଥିବା ଦରଜୀ ମାଷ୍ଟର ଉପରେ ନଜର ପଡ଼ିଲା ଅର୍ଚ୍ଚନାର । କପଡ଼ା ସିଲେଇ କରିବା ସଙ୍ଗେସଙ୍ଗେ ମରାମତି କାମ ବି କରେ ସେଇ ମାଷ୍ଟର । ଅର୍ଚ୍ଚନା ଗୋଟାଏ ସ୍ୱୟଂ ସହାୟକ ସଂସ୍ଥାର ସଚିବ, ଯିଏକି ନିଜ ଦଳଙ୍କ ସାଙ୍ଗରେ ଗ୍ରାମ ସମୀପସ୍ଥ ପ୍ରାଥମିକ ବିଦ୍ୟାଳୟରେ ପୋଷାକପତ୍ର ଓ ପାଠ୍ୟ ଉପକରଣ ବିତରଣ କରୁଥାଏ । ଟେଲର୍ ମାଷ୍ଟରଙ୍କୁ ଡ୍ରେସ ଦେଉ ଦେଉ ସେ କହିଲା– 'ମାଷ୍ଟର ଆଜ୍ଞା, ଏ ଭିତରେ ଅଶୀଟି ଫ୍ରକ୍ ଅଛି, କେବଳ ଯାହା ବୋତାମ ଲଗେଇବା କାମ ବାକି, କାଲି ସନ୍ଧ୍ୟାବେଳ ମଧ୍ୟରେ କଣ କରିଦେବେ ତ ?'

"ହଉ ମ୍ୟାଡ଼ାମ୍, ଆପଣ କାଲି ସଂଜବେଳକୁ ଆସି ନେଇଯିବେ ।"

ପରଦିନ ସେ ଡ୍ରେସ୍ ନେବା ସକାଶେ ପହଁଚିଲା ମାତ୍ରେ ଦରଜୀ ମାଷ୍ଟର ବ୍ୟାଗ୍‌ଟି ସାମନାରେ ଥୋଇଦେଇ କହିଲେ, "ଗଣି ନିଅନ୍ତୁ ମ୍ୟାଡ଼ାମ୍, ପୂରାପୂରି ଅଶୀଟା ଫ୍ରକ୍, ବୋତାମ ଲଗା ହୋଇଛି ।"

: 'ଧନ୍ୟବାଦ୍ ମାଷ୍ଟର ଆଜ୍ଞା, ଏଇ ନିଅନ୍ତୁ ଆପଣଙ୍କ ପ୍ରାପ୍ୟ ରାଶି' କହି ଅର୍ଚ୍ଚନା ଦରଜୀ ମାଷ୍ଟରଙ୍କ ହାତକୁ ପଇସା ବଢ଼ାଇ ଦେଲାବେଳକୁ ମାଷ୍ଟର ଗୋଟାଏ ଖୁବ୍ ବଡ଼ ପ୍ୟାକେଟ୍ ଅର୍ଚ୍ଚନାକୁ ଦେଉ ଦେଉ କହିଲା : "ମ୍ୟାଡାମ୍ ! ଏଇଟା ମୋ ଆଡୁ, ଆପଣ ଧରନ୍ତୁ । ଆପଣ ଯେଉଁ ସ୍କୁଲ ଯାଉଛନ୍ତି ସେଇଠିକାର ପିଲାମାନଙ୍କ ମଧ୍ୟରେ ବାଣ୍ଟିଦେବେ ।"

: 'ଏଥିରେ କ'ଣ କି ?' ଅବାକ୍‌ହୋଇ ପଚାରିଲା ଅର୍ଚ୍ଚନା ।

: 'କୋଡ଼ିଏଟି ଫ୍ରକ୍ ଅଛି ଏଥିରେ, ଯାହା ମୁଁ ଦି' ମାସ ଭିତରେ ସିଲେଇ କରି ରଖିଥିଲି ।

: 'କିନ୍ତୁ ଏତେ ଗୁଡ଼େ ଖର୍ଚ୍ଚ ଆପଣ କାହିଁକି କରିବେ ?'

: 'ମ୍ୟାଡ଼ାମ ! ମୁଁ କେବଳ ପରିଶ୍ରମ କରିଛି; ଆପଣଙ୍କ ଭଳି ଲୋକ ମୋ ଦ୍ୱାରା ସିଲେଇ କରାଇଛନ୍ତି । ସେ ସିଲେଇ ହୋଇଥିବା ପୋଷାପତ୍ରଗୁଡ଼ିକରୁ ଅଳ୍ପ ଅଳ୍ପ ଟୁକୁଡ଼ା କନା ବଳି ପଡ଼େ । ମୁଁ ସେସବୁ ଟୁକୁଡ଼ା କପଡ଼ାରେ ଏ ପୋଷାକଗୁଡ଼ିକ ତିଆରି କରିଛି । ଆପଣ ତ ଭଲକାମ କରୁଛନ୍ତି, ଏଥିରେ ଟିକିଏ ପୁଣ୍ୟ ଅର୍ଜ୍ଜନ କରିବାର ସୁଯୋଗ ମତେ ଦେଲେ ଆପଣଙ୍କର କୃପା ହେବ ।'

ଅର୍ଚ୍ଚନା ପ୍ୟାକେଟ୍ ଖୋଲି ନିରେଖିଲା । ଖୁବ୍ ସୁନ୍ଦର କାମକରା ରଙ୍ଗବେରଙ୍ଗର ଫ୍ରକ୍‌ସବୁ ସେଥିରେ ରଖା ହୋଇଥିଲା । 'ମାଷ୍ଟର ଆଜ୍ଞା ! ଆମେ ଆପଣଙ୍କ ଏଇ ଉପହାର ନିଶ୍ଚିତରୂପେ ପିଲାମାନଙ୍କୁ ଦେଇଦେବୁ ।' ଦରଜୀ ମାଷ୍ଟର ମନ କୃତଜ୍ଞତାରେ ଭରିଗଲା, ଯୋଡ଼ହସ୍ତରେ ସେ ଅର୍ଚ୍ଚନାଙ୍କୁ ଧନ୍ୟବାଦ ଜଣାଇଲା । ଅର୍ଚ୍ଚନା ବାଟସାରା ଭାବିଭାବି ଫେରୁଥିଲେ ମାଷ୍ଟରଙ୍କ ସେଇ ଅମୂଲ୍ୟ ଉପହାର ନେଇ । ତା' ଛଡା, ସୀମିତ ଉପକରଣ ଥାଇ ସୁଦ୍ଧା ସମାଜ ସେବାର ଭାବନା ମନରେ ଥିଲେ ସେବା କରିବାର ମାର୍ଗ ମିଳିଯାଏ– ଏଇ ପ୍ରେରଣାକୁ ସେ ମନରେ ଗଂଠିଧନ ଭଳି ସମ୍ପାଦି ଥିଲେ ।

ମୋ-୯୪୩୮୩୩୨୧୩୮

❖



# ଦେବୀ

ବିଚିତ୍ର ବିଶ୍ୱାଳ

ନଈ ପଠାରେ କାଶତଣ୍ଡି ଶରତ ଆକାଶର ଶୁଭ୍ର ଫେନିଳ ବଉଦ ଆଡ଼କୁ ମୁହଁ କରି ମୁଣ୍ଡ ହଲେଇବା ଆରମ୍ଭ କରିଦେଇଥିଲା । ପବନରେ ପାର୍ବଣର ଉତ୍ସାହ ମହମହ ହେଉଥିଲା । ଭଲ ଚଳିବାବାଲା ଲୋକମାନେ ଦଶହରାକୁ ନେଇ ମନେମନେ ଯୋଜନା କରୁଥିଲେ । ଏ ବର୍ଷ ଦଶହରାଟା ଅଧିକ ଜାକଜମକରେ କରିବା ପାଇଁ କମିଟିବାଲା ନିଷ୍ପତ୍ତି ନେଇ କାମରେ ଲାଗିପଡ଼ିଥିଲେ । ମୁଖ୍ୟ ଦାୟିତ୍ୱ ଥିଲା କମିଟିର ମୁଖିଆ ବ୍ରହ୍ମାନନ୍ଦ ମିଶ୍ରଙ୍କ ଉପରେ । ତାଙ୍କରି ନିର୍ଦ୍ଦେଶରେ କମିଟିର ଆଗୁଆ ଯୁବକମାନେ ଚାନ୍ଦା ଆଦାୟ କାମରେ ଲାଗିପଡ଼ିଥିଲେ । ଏ ବର୍ଷ ସୂର୍ଯ୍ୟପ୍ରତାପପୁର ଗାଁର ଦଶହରାର ମୁଖ୍ୟ ବାର୍ତ୍ତା ଥିଲା ସମାନତା । ତେଣୁ ଦେବୀ ପୂଜାର ସାଜସଜ୍ଜା ଦେଶର ନୂଆ ସାଂସଦ ଭବନର ଆକୃତିର ହେବାପାଇଁ ଯୋଜନା ହୋଇଥିଲା । ପ୍ରତିବର୍ଷ ସାମନାରେ ସମ୍ବିଧାନ ପ୍ରଣେତା ଆମ୍ବେଦକର ଓ ସମ୍ବିଧାନ ପୁସ୍ତକର ଏକ ସୁଉଚ୍ଚ କଟ୍ଆଉଟ୍ ବି ଲାଗିବାର ଯୋଜନା ହୋଇଥିଲା । ପ୍ରତିବର୍ଷ ସୂର୍ଯ୍ୟପ୍ରତାପପୁରର ଦଶହରା ଯେକୌଣସି ଗୋଟିଏ ପ୍ରସଙ୍ଗକୁ ନେଇ ହୋଇଥାଏ । ଏହାହିଁ ସୂର୍ଯ୍ୟପ୍ରତାପପୁର ଦଶହରାର ମୁଖ୍ୟ ବିଶେଷତ୍ୱ । ଗତବର୍ଷ ପ୍ରସଙ୍ଗ ଥିଲା ପରିବେଶ । ତେଣୁ ଦଶହରାର ସାଜସଜ୍ଜା ହୋଇଥିଲା ପାହାଡ଼, ଜଙ୍ଗଲ ଓ ଝରଣାପରି । ବହୁତ ପ୍ରଶଂସା ପାଇଥିଲା ସେହି ପ୍ରସଙ୍ଗ ଓ ତା'ଠାରୁ ଅଧିକ ପ୍ରଶଂସା ପାଇଥିଲେ ସେହି ଚିନ୍ତାଧାରାର ଜନକ ବ୍ରହ୍ମାନନ୍ଦ ମିଶ୍ର । ଖାସ୍ କେବଳ ଏହି ପ୍ରସଙ୍ଗ ଭିତ୍ତିକ ସାଜସଜ୍ଜା ପାଇଁ ସୂର୍ଯ୍ୟପ୍ରତାପପୁରର ଦଶହରା ସେ ଅଞ୍ଚଳରେ ପ୍ରସିଦ୍ଧ । ପ୍ରତ୍ୟେକ ବର୍ଷ କେଉଁ ନା କେଉଁ ମନ୍ତ୍ରୀ ସୂର୍ଯ୍ୟପ୍ରତାପପୁର ଦଶହରାକୁ ନିଶ୍ଚୟ ଆସନ୍ତି । ପ୍ରକୃତରେ କହିବାକୁ ଗଲେ ସୂର୍ଯ୍ୟପ୍ରତାପପୁର ଦଶହରା କାର୍ଯ୍ୟକ୍ରମକୁ ଆସିବା ପାଇଁ ମନ୍ତ୍ରୀମାନେ ଗୋଡ଼ ଟେକି ବସିଥାନ୍ତି ।

ଏ ବର୍ଷ ବି ଏହି ସମାନତା ପ୍ରସଙ୍ଗଟା ମିଶ୍ରେଙ୍କ ମୁଣ୍ଡରୁ ହିଁ ବାହାରିଛି । ସମସ୍ତେ ଆଶାବାଦୀ ଏ ବର୍ଷ ବି ଗତ ବର୍ଷ ପରି ସାରା ଅଞ୍ଚଳରେ ନାଁ ନେବ ତାଙ୍କ ଦଶହରା ସାଜସଜ୍ଜା । ଯଥେଷ୍ଟ ପୂର୍ବରୁ ଆମ୍ବେଦକରଙ୍କର ଓ ସମ୍ବିଧାନ ପୁସ୍ତକର କଟ୍ଆଉଟ୍ ତିଆରି ପାଇଁ ଅର୍ଡ଼ର ଦିଆ ସରିଛି । ଚାନ୍ଦା ଆଦାୟ ବି ଶେଷ ଚରଣରେ ପହଞ୍ଚିଗଲାଣି । ନୂଆ ସଂସଦ ଭବନ ଆକୃତିର ସାଜସଜ୍ଜା ପାଇଁ ବାଉଁଶ ପୋତା କାମ ସରି ଗଲାଣି । ଏବେ କପଡ଼ା ସିଲିଙ୍ଗ୍ କାମ ଚାଲିଛି । ବ୍ରହ୍ମାନନ୍ଦ ମିଶ୍ର ଦିନରେ ଦୁଇବେଳା ଉପସ୍ଥିତ ରହି କାମର ତଦାରଖ କରୁଛନ୍ତି । କେବଳ ଯୁବକମାନଙ୍କ ଉପରେ ଦାୟିତ୍ୱ ଦେବାକୁ ତାଙ୍କର ଭରସା ପାଉନି । ଆଜିକାଲି ଯେଉଁ ପିଲା ! କେତେବେଳେ ମଦ ପିଇ କୁଆଡ଼େ ଯିବେ ଯେ, ଠିକ୍ ସମୟରେ ଟେଣ୍ଟବାଲାଙ୍କୁ କାମ ବତେଇ ପାରିବେନି । ଶେଷକୁ ସବୁ ଭଲ ଭିତରେ ଗୋଟିଏ ଖୁଣ ରହିଯିବ । ତେଣୁ ମିଶ୍ରେ ନିଜେ ଓ ଦୁଇତିନିଜଣ ଅନୁଗାମୀଙ୍କୁ ଧରି ଦିନରେ ଦୁଇ ବେଳା କାମର ତଦାରଖ କରନ୍ତି । ମିଶ୍ରେଙ୍କ ଗୋଟିଏ ଗୁଣ, ସବୁ କାମ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ସରିବା ଦରକାର । ତାଙ୍କରି ନିର୍ଦ୍ଦେଶମତେ କାମ ଠିକ୍ ଠାକ୍ ଚାଲିଥିବାରୁ ବେଶ୍ ଖୁସି ଥାଆନ୍ତି ବ୍ରହ୍ମାନନ୍ଦ ମିଶ୍ର ।

ଆଉ ଚାରିଦିନ ପରେ ସପ୍ତମୀ ପୂଜା । ନିଃଶ୍ୱାସ ନେବାକୁ ବି ବେଳ ନଥାଏ ତାଙ୍କୁ । ପୂଜା ପାଇଁ ଏ ବର୍ଷ ଆଉ ଜଣେ ନୂଆ ଓ ଭଲ ପଣ୍ଡିତ ଯୋଗାଡ଼ କରିଛନ୍ତି ସେ ନିଜେ । ଗୋଟିଏ ଦିନ ପୂର୍ବରୁ ପଣ୍ଡିତ ଆସିବେ ବୋଲି କଥା ଦେଇଛନ୍ତି । ପାଉଣାର ପରିମାଣକୁ ନେଇ ମିଶ୍ରଙ୍କର ଚିନ୍ତା ନାହିଁ । କିନ୍ତୁ ମନ୍ତ୍ରପାଠ ଏକ ନମ୍ବର ହେବା ଦରକାର । ଗତ ବର୍ଷ ସେ ବୁଢ଼ା ପଣ୍ଡିତଙ୍କ ମନ୍ତ୍ରପାଠ ତାଙ୍କ ମନକୁ ଯାଇନଥିଲା । ତେଣୁ ଗତ ବର୍ଷ ସରୁ ସରୁ ସେ ନୂଆ ପଣ୍ଡିତ ଖୋଜିବା କାମରେ ଲାଗିପଡ଼ିଥିଲେ ।

ଦଶହରାର ପ୍ରସ୍ତୁତି ପୂରା ଜୋରସୋରରେ ଚାଲିଥିଲା; ଆଉ ମାତ୍ର ଚାରିଦିନ ସପ୍ତମୀ ପୂଜା ଥିବା ବେଳେ ଗୋଟେ ଖବର କ୍ଷେପଣାସ୍ତ୍ର ପରି ଆସି ପଡ଼ିଲା ବ୍ରହ୍ମାନନ୍ଦ ମିଶ୍ରଙ୍କ ଉପରେ । କ୍ଷେପଣାସ୍ତ୍ର ନୁହେଁ ତ ପରମାଣୁ ବୋମା ପରି ପ୍ରଳୟଙ୍କାରୀ ଥିଲା ସେହି ଖବର । ସେହି ଖବରର ମାଡ଼ରେ ଏକବାରେ ଦୋହଲି ଗଲେ ବ୍ରହ୍ମାନନ୍ଦ ମିଶ୍ରେ । ତାଙ୍କ ପୁରୁଣା ରକ୍ତଚାପ ଏକାବେଳକେ ମୁଣ୍ଡ ଉପରକୁ ଉଠିଗଲା । କେଶ ଭର୍ତ୍ତି ତାଙ୍କ କାନ ଦି'ଟା ଠିଆ ହୋଇଗଲା । ନାକପୁଡ଼ା ବାଟେ ଅଣଚାଶ ପବନ ବୋହିଲା । ତୁରନ୍ତ ପୂଜାସ୍ଥଳ ଛାଡ଼ି ସେ ଘରକୁ ଫେରିଆସିଲେ । ତାଙ୍କ ମୁହଁରୁ ପତ୍ନୀ ମଞ୍ଜୁ ଦେବୀ ସେ ଖବର ଶୁଣି ତାଙ୍କର ବି ରକ୍ତଚାପ ଓ ଶର୍କରା ଉଭୟ ବଢ଼ିଗଲା । କାନ୍ଦ କାନ୍ଦ ଦିଶିଲା ତାଙ୍କ ମୁହଁ ।

ମୁଣ୍ଡ ଉପରେ ପୂଜା । ତା' ସହିତ ପୁଣି ଏପରି ଖବର ! କ'ଣ କରିବେ କିଛି ବୁଝି ପାରୁ ନଥିଲେ ବ୍ରହ୍ମାନନ୍ଦ ମିଶ୍ର । ପରଦିନ ପୂଜା ସ୍ଥଳକୁ ଯାଇପାରିଲେ ନାହିଁ ସେ । ବାରମ୍ବାର ଖବର ଆସୁଥିଲା କମିଟି ଲୋକମାନଙ୍କ ପାଖରୁ । କାହାର ପେମେଣ୍ଟ ହେବାର ଥିଲା ତ, କେଉଁ କାମକୁ ସେ ଦେଖି ଶେଷ ସମ୍ମତି ଦେବାର ଥିଲା । ହେଲେ ସେ ଯାଇପାରୁନଥିଲେ । କିନ୍ତୁ ସେ ତ ମୁଖ୍ୟ । ନ ଗଲେ ନ ଚଳେ । ଖବରଟି ବ୍ରହ୍ମାନନ୍ଦ ମିଶ୍ରଙ୍କୁ ଏପରି ବିଚଳିତ କରିଦେଇଥିଲା ଯେ, ସେ ଆଉ କେଉଁଥିରେ ମୁଣ୍ଡ ପୂରେଇ ପାରୁନଥିଲେ । ତାଙ୍କର ସମଗ୍ର ଅସ୍ତିତ୍ୱ ଦୋହଲି ଯାଇଥିଲା । ଏଇ ଗୋଟିଏ ଦିନରେ ସେ ଦଶବର୍ଷ ଅଧିକ ବୁଢ଼ା ହୋଇଯାଇଥିବା ପରି ଦିଶୁଥିଲେ । ତାଙ୍କ ପତ୍ନୀଙ୍କ ଅବସ୍ଥା ବି ତଦ୍ରୂପ ଥିଲା ।

ଖବରଟି କେଉଁ ଛୋଟ ମୋଟ ନଥିଲା । ବ୍ରହ୍ମାନନ୍ଦ ମିଶ୍ରଙ୍କ ସବୁଠାରୁ ଜଘନ୍ୟ ଖବର ଥିଲା ସେଇଟା ।

ବ୍ରହ୍ମାନନ୍ଦ ମିଶ୍ରଙ୍କ ଏକମାତ୍ର ଝିଅ ଦେବୀ ଭଲ ପାଉଥିଲା ହରିଜନ ସାହିର କୌଣସି ଗୋଟିଏ ପିଲାକୁ । ଶାସନୀ ବ୍ରାହ୍ମଣ ବ୍ରହ୍ମାନନ୍ଦ ମିଶ୍ର । ସାରା ଜୀବନ ତାଙ୍କର ବିତିଛି ହିନ୍ଦୁଶାସ୍ତ୍ରର ପ୍ରଥା ପରମ୍ପରାକୁ ପାଳନ କରି ଓ ତା'ର ସୁରକ୍ଷା ପାଇଁ । ଆଜି ତାଙ୍କରି ନିଜ ରକ୍ତ ଭଲପାଉଛି କୌଣସି ଗୋଟିଏ ହରିଜନ ପିଲାକୁ । ଏକଥା ଭାବିବା ବେଳକୁ ଯେମିତି ତରଳ ନିଆଁ କଂସାଏ ତାଙ୍କ ଶିରା ପ୍ରଶିରା ଦେଇ ବୋହିଯାଉଛି ।

ସାରା ବ୍ରାହ୍ମଣ ଶାସନରେ ତାଙ୍କ କଥା ହେଉଛି ବେଦ । କେତେ ଲୋକମାନଙ୍କୁ ନୀତି ଶାସ୍ତ୍ର କଥା ସେ ଶୁଣାନ୍ତି । କେବଳ ସାଧାରଣ ଲୋକ ନୁହଁନ୍ତି, ନେତା, ମନ୍ତ୍ରୀ ଓ ବଡ଼ ଅଫିସରମାନଙ୍କ ସହିତ ତାଙ୍କ ବସାଉଠା । ଆଖପାଖ ଶହେ ଖଣ୍ଡ ଗାଁକୁ ଯାଆନ୍ତି ସେ ନ୍ୟାୟ ନିଶାପ କରିବା ପାଇଁ । ଆଜି ତାଙ୍କର ଝିଅ ତାଙ୍କ ନିଜ ତିଆରି ଶୃଙ୍ଖଳା ଭାଙ୍ଗିଛି । ପୂର୍ବ ପୁରୁଷମାନଙ୍କ ଦ୍ୱାରା ତିଆରି ହୋଇଥିବା ପଥର ପ୍ରାୟ ନୀତି ନିୟମକୁ ପାଦରେ ଦଳି ଦେଇଛି । ଯେତେ ଯେତେ ବ୍ରହ୍ମାନନ୍ଦ ଏ କଥା ଭାବୁଥାନ୍ତି, ସେତେ ସେତେ ସେ ବିଚଳିତ ହୋଇଯାଉଥାନ୍ତି ।

ଝିଅ ସହିତ ସିଧାସଳଖ କଥା ହେବାପାଇଁ ପ୍ରସ୍ତାବ ଦେଲେ ତାଙ୍କର ପତ୍ନୀ । ଚମକି ଉଠିଲେ ବ୍ରହ୍ମାନନ୍ଦ ମିଶ୍ର । ପତ୍ନୀକୁ କଡ଼ା ସ୍ୱରରେ ତାଗିଦ୍ କଲେ ସେମିତି ନ କରିବା ପାଇଁ । କାରଣ ସେ ଜାଣିଥିଲେ ଥରେ ନେଡ଼ି ଗୁଡ଼ କହୁଣୀକୁ ବୋହିଗଲେ ଆଉ ଫେରେଇ ଆଣିବା ସମ୍ଭବ ନୁହେଁ । ଯେଉଁ ଲୋକଟା ଏ ଖବର ଦେଇଥିଲା ସେ ତାଙ୍କର ଖୁବ୍ ବିଶ୍ୱସ୍ତ ଓ ହିସାବରେ ସଂପର୍କୀୟ ବି' । ତେଣୁ ସେ ମିଛ କହିବାର ପ୍ରଶ୍ନ ଉଠୁନଥିଲା । କିଛି ଗୋଟାଏ ଖାସ୍ ଖବର ନ ପାଇଲେ ସେ କହିବନି ଏତେ ବଡ଼ କଥା । ତେଣୁ ଖବରର ସତ୍ୟାସତ୍ୟ ବିଷୟରେ ଆଦୌ ବି ସନ୍ଦେହ ନଥିଲା ବ୍ରହ୍ମାନନ୍ଦ ମିଶ୍ରଙ୍କର । ତା' ଛଡ଼ା ଝିଅର ହାବଭାବ ବି କିଛି ଦିନ ହେବ ଟିକିଏ କେମିତି ଅଲଗା ଅଲଗା ଲାଗୁଥିଲା ତାଙ୍କୁ । ତେଣୁ ସେ ଖବର ବାବଦରେ ନିଶ୍ଚିତ ଥିଲେ । କିନ୍ତୁ ସେ ଚାହୁଁଥିଲେ ପ୍ରଥମେ ସନ୍ଧାନ କରିବେ ପିଲାଟି କିଏ; ତା'ପରେ ଯାଇ ଝିଅ ସହ କଥାବାର୍ତ୍ତା । ତେଣୁ କୌଣସି ପରିସ୍ଥିତିରେ ବି' ଖବରଟା ସେ ଜାଣିଛନ୍ତି ବୋଲି ଝିଅକୁ ଜଣେଇବାକୁ ଚାହୁଁ ନଥିଲେ । ଏତେ ଟେନ୍‌ସନ୍ ଓ ଚିନ୍ତାରେ ଥିଲେ ବି' ଝିଅ ଆଗରେ ଖୁବ୍ ସାଧାରଣ ବ୍ୟବହାର

କରୁଥିଲେ ସେ । ଯେମିତି କିଛି ବି' ଜାଣିନାହାନ୍ତି ।

କମିଟି ସଭ୍ୟମାନଙ୍କ ତରଫରୁ ଘନ ଘନ ଖୋଜା ପଡ଼ିଲା । ତେଣୁ ପୂଜା ସ୍ଥଳକୁ ନ ଯାଇ ଆଉ ଚାରା ନାହିଁ । ସେମିତି ଛପର ଉଡ଼ିଯାଇଥିବା ଘର ପରି ମନ ନେଇ ସେ ପୂଜାସ୍ଥଳକୁ ଗଲେ । ସେଠାରେ କିଛି ସମୟ ଏପଟ ସେପଟ ହୋଇ ଆବଶ୍ୟକୀୟ କାମ ସାରି ନିଜର ଦୁଇଜଣ ଅନୁଗତ ଯୁବକଙ୍କ ସହାୟତାରେ ଖବର ନେବାକୁ ଚେଷ୍ଟା କଲେ, କିଏ ସେ ହରିଜନ ଟୋକା, ଯିଏ ତାଙ୍କର ଏକମାତ୍ର ଝିଅକୁ ଭଲ ପାଇବାକୁ ଦୁଃସାହସ କରିପାରିଲା । ସେ ବୁଝି ଯାଇଥିଲେ କଥାଟାକୁ ଚାପିକି ରଖିଲେ ଓ କିଛି ଅନୁସନ୍ଧାନ ନ କଲେ ଭବିଷ୍ୟତରେ ପସ୍ତେଇବାକୁ ପଡ଼ିପାରେ । ତେଣୁ ସେ ବାଧହୋଇ ତାଙ୍କର ଅତ୍ୟନ୍ତ ଅନୁଗତ ଯୁବକ ଦୁଇଜଣଙ୍କ ସାହାରା ନେଲେ । ତାଙ୍କୁ କଡ଼ା ତାଗିଦ୍ ଥିଲା ଏକଥା ଯେମିତି ଚାରୋଟି କାନ ବ୍ୟତୀତ ପଞ୍ଚମ କାନ ହେବନି ।

ବେଲ ବରଣୀ ପରେ ସପ୍ତମୀ ପୂଜା ଆରମ୍ଭ ହୋଇଯାଇଥିଲା । ପଣ୍ଡିତ ମନ୍ତ୍ର ପଢ଼ା ଆରମ୍ଭ କରିଦେଇଥିଲେ । ଚାରିଆଡ଼େ ଚଣ୍ଡୀପାଠରେ କମ୍ପୁଥିଲା । ଆଖପାଖ ଗାଁର ସ୍ତ୍ରୀ ଲୋକମାନେ ଭୋଗଥାଳି ଧରି ସଭାସ୍ଥଳୀକୁ ଧାଡ଼ି ଲଗେଇଲେଣି । ଦଶହରା ଦିନ ପୂଜା ସ୍ଥଳୀକୁ ମାନ୍ୟବର ଜଳସେଚନ ତଥା ଅବକାରୀ ମନ୍ତ୍ରୀ ଆସିବାକୁ ନିଶ୍ଚିତ ହୋଇଯାଇଥିଲା । ଗୋଟିଏ ଫୋନ୍‌ରେ ଏହା ସମ୍ଭବ କରେଇ ପାରିଥିଲେ ବ୍ରହ୍ମାନନ୍ଦ ମିଶ୍ରେ । ତାଙ୍କ ପାରିବା ପଣିଆର ଚର୍ଚ୍ଚା ଅଞ୍ଚଳ ସାରା ହେଉଥିଲା । ମନ୍ତ୍ରୀ ତାଙ୍କ ବିଧାୟକ ପାଣ୍ଠିରୁ କମିଟି ଘର ତିଆରି କରିଦେବାକୁ ବି' ଏକ ପ୍ରକାର ଫାଇନାଲ ପ୍ରତିଶ୍ରୁତି ଦେଇଥିଲେ ।

ବଡ଼ ପାରିବାର ଥିଲେ ସେ ଯୁବକ ଦୁଇଜଣ । ସଞ୍ଜ ସୁଦ୍ଧା ଖବର ପହଞ୍ଚିଲା ବ୍ରହ୍ମାନନ୍ଦ ମିଶ୍ରଙ୍କ ପାଖରେ ।

ଯାହା ଖବର ସେ ପାଇଲେ, ସେ ଖବର ଥିଲା ପୂର୍ବର ଖବର ଠାରୁ ଆହୁରି ମାରାତ୍ମକ । ସେ ଯୁବକ ଦୁଇଜଣ ଯଦି ପାଖରେ ନ ଥାନ୍ତେ, ତେବେ ଖବର ପାଇବା ମାତ୍ରେ ସେହି ମୁହୂର୍ତ୍ତରେ ଚିତ୍କାର କରି ଘରଟାକୁ ଫଟେଇ ଦେଇଥାନ୍ତେ ବ୍ରହ୍ମାନନ୍ଦ ମିଶ୍ର । ଯୁବକ ଦୁଇଜଣ ଯିବା ପର୍ଯ୍ୟନ୍ତ ସେତିକି ସମୟ ନିଜକୁ ନିୟନ୍ତ୍ରଣ କରିବାକୁ କମ୍ କଷ୍ଟ କରିବାକୁ ପଡ଼ିନାହିଁ ତାଙ୍କୁ । ସେମାନେ ଅପସାର ହେବା ମାତ୍ରେ ଚିତ୍କାର କରି ଡାକ ପକାଇଲେ ତାଙ୍କ ସ୍ତ୍ରୀଙ୍କୁ । ଶୋଇବା ଘର ପଲଙ୍କ ଉପରୁ ନିଜ ପୃଥୁଳକାୟ ଦେହକୁ ଏକ ରକମ ଘୋଷାଡ଼ି ଆଣି ଦୌଡ଼ି ଆସିଲେ ପତ୍ନୀ । ବ୍ରହ୍ମାନନ୍ଦ ମିଶ୍ରଙ୍କ ଆଖି ଓ ମୁହଁକୁ ଦେଖି ସେ ବୁଝିଗଲେ ଝଡ଼ ନିଶ୍ଚୟ । ଏତେଦିନ ହେଲା ତାଙ୍କ ସହିତ ଘର କଲେଣି, ସେ ଠିକ୍ ଜାଣନ୍ତି ସ୍ୱାମୀଙ୍କ ଏଭଳି ରୂପର ପରିଣାମ କ'ଣ ହୁଏ । ସେ ଭୟଙ୍କର ଭାବେ ଡରିଗଲେ ।

ବ୍ରହ୍ମାନନ୍ଦ ମିଶ୍ର ବସିଥିଲେ । ନିଶ୍ଚଳ ହୋଇ ବସିଥିଲେ । ବୋଧହୁଏ ସେ ନିଜକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିଲେ । ଚୁପ୍‌ଚାପ୍ କେବଳ ଠିଆ ହେଲେ ମଞ୍ଜୁ ଦେବୀ । କିଛି ବି ପଚାରିଲେନି । ସେ ବି କିଛି ସମୟ ଚୋକି ଦେବାକୁ ଚାହୁଁଥିଲେ ।

ନିଜ ରୁମ୍‌ରେ ଶୋଇ ମୋବାଇଲ୍‌ରେ ଚାଟିଙ୍ଗ୍ କରୁଥିବା ତାଙ୍କ ଝିଅ ଦେବୀ ତା' ନନା ତଥା ବ୍ରହ୍ମାନନ୍ଦ ମିଶ୍ରଙ୍କ ପାଟି ଶୁଣି ଟିକେ କାନେଇଲା ନନାଙ୍କ ରୁମ୍‌ଆଡ଼େ । କିନ୍ତୁ ସବୁ କିଛି ନିରବତା ଦେଖି ପୁଣି ନିଜ କାମରେ ମନ ଦେଲା । ମୋବାଇଲ ଭିତରକୁ ଗୋଟିଏ ଗୋଟିଏ ମେଜେସ୍ ପଶି ଆସିବା ବେଳକୁ ଖୁସିରେ କୁରୁଳି ଉଠୁଥିଲା ଝିଅ । ତା' ହାତ ସାଇଁ ସାଇଁ ହୋଇ ଚାଲୁଥିଲା ମୋବାଇଲ୍‌ର ସ୍କ୍ରୀନ୍ ଉପରେ । କେତେବେଳେ ଲଭ୍ ଇମୋଜୀ ତ କେତେବେଳେ କିସ୍ ଇମୋଜୀ ଉଦ୍‌ଭାସିତ ହେଉଥିଲା ମୋବାଇଲ୍‌ର ସ୍କ୍ରୀନ୍ ଉପରେ । ଇମୋଜୀର ପ୍ରଭାବ ଆଖି ବାଟଦେଇ ମୁଣ୍ଡକୁ ସଂଚରି ଯାଉଥିଲା ଦେବୀର ।

ଦ୍ୱିତୀୟ ଖବରଟା ପରମାଣୁ ବୋମାଠାରୁ ବି ଆହୁରି ଭୟଙ୍କର ଥିଲା ବ୍ରହ୍ମାନନ୍ଦ ମିଶ୍ରଙ୍କ ପାଇଁ । ତାଙ୍କ କାନ ଉଠିବା ଦିନ ଠାରୁ ଯାହା ଶୁଣିନଥିଲେ, ସେମିତି ଗୋଟିଏ କଥା ସେ ନିଜ ଝିଅ ବିଷୟରେ ଶୁଣୁଥିଲେ ।

ତାଙ୍କ ଝିଅ ଦେବୀ ହରିଜନ ସାହିର କେଉଁ ଟୋକାକୁ ଭଲ ପାଉନଥିଲା । ଭଲ ପାଉଥିଲା ପାଣୁ ମଳିକର ଝିଅ କଞ୍ଚନା ମଳିକକୁ । ଲୁଚି ଲୁଚି ତା' ଘରକୁ ଯାଏ ଦେବୀ ଓ ଅନ୍ତରଙ୍ଗ ହୁଅନ୍ତି ସେମାନେ । ଓଃ..... ଏ କଥା ଭାବିବା ମାତ୍ରେ ନିଆଁ ଲାଗିଯାଉଥିଲା ବ୍ରହ୍ମାନନ୍ଦ ମିଶ୍ରେଙ୍କ ଦେହରେ । ମୁହଁଟା ବିକୃତିଆ ହୋଇଯାଉଥିଲା ତାଙ୍କର । କଥାଟା ଶୁଣୁ ଶୁଣୁ ବାନ୍ତି ଉଠେଇ ଆସିଲା ମଞ୍ଜୁ ଦେବୀଙ୍କର । ଝିଅ ପିଲାଟା ପୁଣି ଝିଅ ପିଲାଟାକୁ ଭଲ ପାଉଛି କ'ଣ ! ଛିଃ ଛିଃ..... କି କଳିକାଳ ହେଲା !

ବ୍ରହ୍ମାନନ୍ଦ ମିଶ୍ର ଆଉ ନିୟନ୍ତ୍ରଣ କରିପାରିଲେନି ନିଜକୁ । ଚିତ୍କାର କରି ଡାକ ପକେଇଲେ ଝିଅକୁ । ମୁଣ୍ଡରେ ହାତ ଦେଇ ସାପ ପରି ଫଁ ଫଁ ହେଉଥିଲେ ମଞ୍ଜୁ ଦେବୀ ।

ବେଫିକର ଭାବେ ଆସିଲା ଦେବୀ । ତାକୁ କେଉଁ ଜଣା ଯେ, ତା ନନାଙ୍କର ପାରା ଏବେ କେଉଁଠି ପହଞ୍ଚିଛି ! ସେ ତ ପ୍ରେମ ଦୁନିଆରେ ମଗ୍ନ ଅଛି । ତା' ଛଡ଼ା ତାକୁ ତ' ଟିକେ ବି' ଖବର ନାହିଁ ଯେ ତା' ପ୍ରେମ କାହାଣୀ ତା' ନନାଙ୍କ ପାଖରେ ପହଞ୍ଚି ଯାଇଛି ବୋଲି । ଚୁପ୍‌ଚାପ୍ ଆସି ମା' ପାଖରେ ଠିଆହେଲା ଦେବୀ । ଟିକେ ଘୁଞ୍ଚିଗଲେ ତା' ପାଖରୁ ମଞ୍ଜୁ ଦେବୀ ଘୃଣାରେ । ଅଳ୍ପ ଟିକେ ଆଶ୍ଚର୍ଯ୍ୟ ହେଲା ଦେବୀ, ମା'ର ଏପରି ପ୍ରତିକ୍ରିୟାରେ । କୌଣସି ଆଳି ଅଳଙ୍କାର ନ କରି ଚଢ଼ାଗଳାରେ ପ୍ରଶ୍ନ କଲେ ତା' ନନା ବ୍ରହ୍ମାନନ୍ଦ ମିଶ୍ର । ତୁ ହରିଜନ ସାହିରେ କାହାକୁ ଗୋଟେ ଭଲ ପାଉଛୁ ଓ ତା' ଘରକୁ ଯିବା ଆସିବା କରୁଛୁ ।

ଖଣ୍ଡେ ବରଫ ଗଳ ଗଳ ହୋଇ ଗଳିଗଲା ଦେବୀର ଶିରା ପ୍ରଶିରାରେ । ଶିତେଇ ଉଠିଲା ତା'ର ଦେହ ଏପରି ଅପ୍ରତ୍ୟାଶିତ ପ୍ରଶ୍ନରେ । ନିଜକୁ ଟିକେ ସଜାଡ଼ି ନେଇ ଅପେକ୍ଷାକୃତ ନରମ ଗଳାରେ ଉତ୍ତର ଦେଲା ଦେବୀ- "କେତେଦିନ ହେଲା ଭାବୁଥିଲି ମା'କୁ କହିବି ବୋଲି ଏ କଥା ଓ ମା' ମାଧ୍ୟମରେ ତୁମକୁ ଜଣେଇବାକୁ ବି' ଚାହୁଁଥିଲି ମୁଁ । ତୁମେ ଯଦି ଜାଣିଲଣି, ତେବେ ଆଉ ଲୁଚେଇବି କାହିଁକି ? ହଁ, ମୁଁ ହରିଜନ ସାହିର ଗୋଟେ ପିଲାକୁ ଭଲ ପାଉଛି ।' ତା' ନନାଙ୍କ ଆଗରେ ଏପରି ଜବାବ ଦେବାକୁ ଏତେ ସାହସ କେଉଁଠୁ ଓ କେମିତି ଆସିଲା, କଥାଟା କହିସାରିବା ପରେ ହୃଦୟଙ୍ଗମ କରୁଥିଲା ଦେବୀ ।

"...... କାହାକୁ ଭଲ ପାଉଛୁ" ଝପଟି ଆସି ପଚାରିଲେ ମଞ୍ଜୁଦେବୀ ।

"କହ୍ନାକୁ ।" ଦେବୀର ଧୀର ଓ ସଂକ୍ଷିପ୍ତ ଉତ୍ତର ।

ହଠାତ୍ ନିଜ ଚୌକିରୁ ଉଠି ଆସି ତାଏ କରି ଗୋଟେ ଚଟକଣା କସିଦେଲେ ବ୍ରହ୍ମାନନ୍ଦ ମିଶ୍ର ଦେବୀ ଗାଲରେ । ଦେବୀର ଗୋରା ଗାଲଟି ପାଣ୍ଡୁର ରଙ୍ଗ ଧାରଣ କରି ଆସୁଥିଲା । ପୁଣି ଚିତ୍କାର କଲେ ମିଶ୍ରେ, "ଆଜି ଏଇ ମୁହୂର୍ତ୍ତରେ ଏ ସବୁ ନାଟକ ବନ୍ଦ ହେବା ଦରକାର । ଛିଃ, ଛିଃ.... ମୋ ଝିଅ ହୋଇ ଶେଷରେ ତୁ..... । ତୋତେ ଆଉ କେହି ମିଳିଲେନି ? ହରିଜନ ସାହିରେ ପୁଣି ଗୋଟିଏ ଝିଅ ପିଲାକୁ ! ଲଜ୍ଜା ଓ ଘୃଣାରେ ମୋ ମୁଣ୍ଡ ଛିଣ୍ଡି ଯାଉଛି । ଏ ସୃଷ୍ଟିରେ କ'ଣ ଏମିତି କେବେ କେଉଁଠି ହୋଇଛି ? ମାନ, ସମ୍ମାନ, ଇଜ୍ଜତ, ମହତ ସବୁ ପୋଡ଼ି ଖାଇଲୁ । ପାଠ ଦି' ଅକ୍ଷର ପଢ଼ିଲୁ ବୋଲି କ'ଣ ତୁ ନୀତି, ନିୟମ, ପରମ୍ପରା ସବୁ ଭୁଲିଗଲୁ ! ଏଇ ଦଶହରା ପରେ ତୋର ବାହାଘର କରିବାକୁ ମୁଁ ଗୋଟିଏ ଭଲ ଯୋଗ୍ୟ ପାତ୍ର ଯୋଗାଡ଼ କରୁଛି । ସେତେଦିନ ଯାଏ ତୋର ବାହାରକୁ ଯିବା ଆସିବା ବନ୍ଦ ।" ଏତକ କଥା କହିସାରି ଚୌକି ଉପରେ ଦୁମ୍‌ହୋଇ ବସିପଡ଼ିଲେ ବ୍ରହ୍ମାନନ୍ଦ ମିଶ୍ର ।

ଚାପୁଡ଼ାର ଚିହ୍ନଟା ଫୁଟିକି ଦିଶୁଥିଲା ଦେବୀର ଗାଲରେ । ଚାରି ଟୋପା ଲୁହ ନିଗିଡ଼ି ଆସିଥିଲା ତା' ଗାଲ ଉପରକୁ ।

"କ'ଣ କହୁଛୁ ? ନନା ପରା କ'ଣ ପଚାରୁଛନ୍ତି" ଝିଙ୍ଗାସି କରି କହିଲେ ମଞ୍ଜୁଦେବୀ ।

ଲୁହକୁ ସେମିତି ବୋହିବାକୁ ଛାଡ଼ିଦେଇ ଅପେକ୍ଷାକୃତ ନରମ ଗଳାରେ ଦେବୀ କହିଲା, "ମୁଁ କିନ୍ତୁ କେଉଁ ପୁଅକୁ ବାହା ହୋଇପାରିବିନି ମା' । ପୁଅମାନେ ମୋତେ ଜମା ବି ପସନ୍ଦ ନୁହନ୍ତି । ନନା ଓ ଭାଇଙ୍କୁ ଛାଡ଼ି ଆଉ କେଉଁ ପୁଅମାନଙ୍କୁ ଦେଖିଲେ ମୋତେ କେମିତି ଗୋଟେ ଅସ୍ୱାଭାବିକ ଲାଗେ । ମୋତେ ଝିଅମାନେ ବେଶି ଭଲ ଲାଗନ୍ତି । ମୁଁ କେଉଁ ପୁଅକୁ ବାହା ହୋଇପାରିବିନି ।

"ପୁଅକୁ ବାହା ହେବୁନି, ଆଉ କ'ଣ ଝିଅକୁ ବାହାହେବୁ ? ତୋ ମୁଣ୍ଡ ପାଗଳ ହୋଇଗଲାଣି ନା କ'ଣ ?" ମଞ୍ଜୁଦେବୀ ଟାଣିକି ବସେଇଦେଲେ ଦେବୀକୁ । ପୁଣି କହିଲେ, "ଦେଖ ମା' ତୁ ଝିଅ ପିଲାଟା, ତୋତେ ଗୋଟେ ପୁଅକୁ ହିଁ ବାହା ହେବାକୁ ହେବ । ଏମିତି ଅଲାଜୁକ କଥା ସବୁ କହିଲେ, ଆମ ପରିବାର, ତୋ ନନାଙ୍କ ମାନ, ସମ୍ମାନ, ଇଜ୍ଜତର କ'ଣ ହେବ କହିଲୁ । ମୋ ମା'ଟା ପରା ସେମିତି ଅସଭ୍ୟ କଥାଗୁଡ଼ା କହନା ।"

"କିନ୍ତୁ ମା', ମୁଁ ସତ କହୁଛି, ମୋତେ ପୁଅ ପିଲାଗୁଡ଼ା କେମିତି କେମିତି ଲାଗନ୍ତି । ସେମାନଙ୍କ ପାଇଁ ମୋ ନାରୀ ଦେହ ଜମା ବି ଆକର୍ଷିତ ହୁଏନି, ଯେମିତି କହ୍ନାକୁ ଦେଖିଲେ କି କହ୍ନାକୁ ପାଖରେ ପାଇଲେ ମୋ ଦେହ ଭିତରେ ଏକ ଅଦ୍ଭୁତ ଆକର୍ଷଣର ତରଙ୍ଗ ଖେଳିଯାଏ । କହ୍ନାକୁ ବି ସେମିତି ପୁଅ ପିଲାଙ୍କ ପ୍ରତି ଜମା ଆକର୍ଷଣ ଆସେନି ।

ଆମେ ଦୁଇ ଜଣ ଦୁଇଜଣଙ୍କୁ ବହୁତ ଭଲପାଉ । ମୋତେ କୌଣସି ଗୋଟେ ପୁଅ ସହିତ ବାହା କରିଦେଲେ ମୁଁ ଜମା ବି ଖୁସି ହୋଇପାରିବିନି । ମୁଁ ଜମା ବି କୌଣସି ପୁଅ ସହିତ ରହିପାରିବିନି । ମୋ ନିଜକୁ ମୁଁ ଭଲ ଭାବେ ଚିହ୍ନି ସାରିଲିଣି ମା' । ମୋତେ ଝିଅମାନେ ହିଁ ଭଲ ଲାଗନ୍ତି । କଳ୍ପନା ମୋତେ ବହୁତ ଭଲ ଲାଗେ ।"

ତା' କଥା ସରିବା ପୂର୍ବରୁ ଆଉ ଗୋଟେ ଚାପୁଡ଼ା ବସିଲା ତା' ଗାଲରେ । ଏଥର ଚାପୁଡ଼ାଟା ମାରିଥିଲେ ମଞ୍ଜୁ ଦେବୀ । "ଏ ସମାଜରେ ନୀତି ନିୟମ କ'ଣ କିଛି ନାହିଁ । ପାଠ ଦି' ଅକ୍ଷର ପଢ଼ିଲୁ ବୋଲି କ'ଣ ଇନ୍ଦ୍ର ଚନ୍ଦ୍ର ମାନିବୁନି । ତୋତେ ସଫା ସଫା କହିଦେଉଛି ଏ ଧର୍ମଛଡ଼ା କାମ ସବୁ ବନ୍ଦ କର । ତୋ ନନାଙ୍କ କଥା ଟିକିଏ ଭାବେ ।" ଶେଷଆଡ଼କୁ ଭାରି କରୁଣ ଶୁଭିଲା ମଞ୍ଜୁ ଦେବୀଙ୍କ ସ୍ୱର ।

କାନ୍ଦି କାନ୍ଦି ନିଜ ରୁମ୍‌କୁ ଚାଲିଗଲା ଦେବୀ । ଡହ ଡହ ଗରମ ନିଃଶ୍ୱାସ ଛୁଟୁଥିଲା ବ୍ରହ୍ମାନନ୍ଦ ମିଶ୍ରଙ୍କ ନାକପୁଡ଼ାରୁ । ତାଙ୍କ ମୁଣ୍ଡର ଶିରା କେତେଟା ଫୁଲି ଉଠୁଥିଲା । ତାଙ୍କ ପାଖକୁ ଯାଇ ପିଠି ଆଉଁସି ଦେଲେ ମଞ୍ଜୁଦେବୀ । ହାତକୁ ଛାଟି ଦେଇ ପୁଣି ଥରେ ଚିଲେଇ ଉଠିଲେ ବ୍ରହ୍ମାନନ୍ଦ ମିଶ୍ର, ଆଜିଠାରୁ ତା'ର ଏ ଘରୁ ବାହାରକୁ ଯିବା ଆସିବା ବନ୍ଦ । ଦଶହରା ସରିଲେ ମୁଁ ତା'ର ବାହାଘର କରିଦେବି ।

ଦୁମ୍‌ଦୁମ୍ ହୋଇ ଘରୁ ବାହାରି ଚାଲିଗଲେ ବ୍ରହ୍ମାନନ୍ଦ ମିଶ୍ର । ଥପ୍ ହୋଇ ବସିଥିଲେ ମଞ୍ଜୁଦେବୀ । ନିଜ ରୁମ୍ ଭିତରେ କଇଁ କଇଁ ହୋଇ କାନ୍ଦୁଥିଲା ଦେବୀ । ସେ ବୁଝି ପାରୁ ନଥିଲା ତା'ର ଭୁଲ୍ ରହିଲା କେଉଁଠି । ସ୍କୁଲ୍‌ରେ ପଢ଼ିବାବେଳେ ତା'ର ପିଉସୀମାନଙ୍କ ବାହାଘର ଦେଖି ସେ ବି ସେଇ ଛୋଟ ବୟସରେ ନିଜକୁ ମନେ ମନେ ବୋହୂ ବେଶରେ ସଜାଉଥିଲା । ବାଜାବଜେଇ ବାଣ ଫୁଟେଇ ଗାଡ଼ି ଚଢ଼ି ବର ଆସିବା ବେଳେ ସେ ବି ନିଜ ପାଇଁ ସେମିତି ଗୋଟେ ରାଜକୁମାର ପରି ବରର କଳ୍ପନା କରୁଥିଲା । କିନ୍ତୁ ଟିକେ ବୟସ ବଢ଼ିବା ପରେ ହାଇସ୍କୁଲ୍‌କୁ ଆସୁ ଆସୁ ସେ ବୁଝିପାରିଲା ଯେ, ତା' ସାଙ୍ଗରେ ପଢୁଥିବା ଅନ୍ୟ ଝିଅମାନଙ୍କ ପରି ସେ ନୁହେଁ । ତା' ବୟସର ଝିଅମାନେ କେତେ କିଏ ଶ୍ରେଣୀର ପୁଅମାନଙ୍କ ପ୍ରତି ଆକର୍ଷିତ ହେଉଥିବା ବେଳେ ତାକୁ କାହିଁକି ଜମା ବି ଆକର୍ଷଣ ଲାଗୁ ନଥିଲା ପୁଅମାନଙ୍କ ସାନ୍ନିଧ । ଧୀରେ ଧୀରେ ସେ ବୁଝିପାରିଲା ପୁଅମାନଙ୍କ ଅପେକ୍ଷା ତା' ଦେହ ଓ ମନ ଝିଅମାନଙ୍କ ପ୍ରତି ଆକର୍ଷିତ ହେଉଛି । ଯେଉଁଦିନ ତାକୁ କ୍ଲାସ୍‌ର ହ୍ୟାଣ୍ଡସମ୍ ଟୋକାଟା ଗୋଟେ ପ୍ରେମ ଚିଠି ଦେଇଥିଲା, ସେତେବେଳେ ତା' ଛାତି ଜମା ବି ଧଡ଼୍ ଧଡ଼୍ ହୋଇ ନଥିଲା । ପହିଲି ପ୍ରେମର ପୁଲକରେ ତା' ଦେହଟା ଜମା ବି ଶିହରି ଉଠି ନଥିଲା । ଓଲଟି ତାକୁ ଭାରି ହସ ଲାଗିଥିଲା । ଚିଠିଟାକୁ ପଢ଼ି ସାରିବା ପରେ ସେ ବହେ ହସିଥିଲା ଓ ସେମିତ ସେମିତି ନେଇ ଫେରେଇ ଦେଇଥିଲା ସେ ଟୋକାକୁ । ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲା ସେ ଟୋକା । ହେଲେ ହସି ହସି ଫେରି ଆସିଥିଲା ଦେବୀ । କିନ୍ତୁ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ ଗାର୍ଲସ୍ କମନ୍ ରୁମ୍‌ରେ କୌଣସି ଏକ କଥାରେ ହସି ହସି ଯେଉଁ ଦିନ ପ୍ରଥମେ ସେ କଳ୍ପନାର କାନ୍ଧ ଉପରେ ହାତ ରଖି ଦେଇଥିଲା, ସେଦିନ ଚାଉଁକରି ତା' ଦେହରେ କରେଣ୍ଟ ଖେଳିଗଲା ପରି ଲାଗିଥିଲା । ସେଦିନ ବାହାନା କରି ସେ ଅନେକ ଥର କଳ୍ପନାକୁ ଛୁଇଁଥିଲା । ଭାରି ଭଲ ଲାଗୁଥିଲା ତାକୁ । ତା' ଯୌବନର ପ୍ରଥମ ଆକର୍ଷଣକୁ ସେଇଠି ଖୋଜି ପାଇଥିଲା ସେ । ଅନେକ ଦିନ ଧରି ଯାହା ନିରୁଦ୍ଦିଷ୍ଟ ଥିଲା, ହଠାତ୍ ତାକୁ ତାହା ମିଳିଯାଇଥିଲା କଳ୍ପନା ପାଖରେ । କଳ୍ପନାର ସାବନା ଦେହ, ଗହୀରିଆ ଆଖି, ନରମ ଛାତି ସବୁ ଭଲ ଲାଗିଥିଲା ତାକୁ । ତା'ପରେ ତା'ର ମିଳାମିଶା ବଢ଼ିଥିଲା କଳ୍ପନା ସହିତ । କଳ୍ପନା ବି ଉପଭୋଗ କରୁଥିଲା ତା'ର ସାନ୍ନିଧ । ଧୀରେ ଧୀରେ ତାକୁ ଆଉ ବାହାନା କରିବାକୁ ପଡ଼ିଲା ନାହିଁ କଳ୍ପନାକୁ ଛୁଇଁବାକୁ । କଳ୍ପନା ବି ସେତିକି ଆଗ୍ରହୀ ହେଲା ତାକୁ ଛୁଇଁବାକୁ । ସେମାନେ ବୁଝିଗଲେ ସେମାନେ ପ୍ରେମରେ ପଡ଼ିଯାଇଛନ୍ତି । ଧୀରେ ଧୀରେ ସେ ବି ଜାଣିଲା ଯେ, କଳ୍ପନା ବି ତା' ପରି । ତା'ର ବି ପୁଅ ପିଲାଙ୍କ ପ୍ରତି ଆକର୍ଷଣ ଆସେ ନାହିଁ । ଧୀରେ ଧୀରେ ସେମାନେ ପରସ୍ପର ସହିତ ବାରମ୍ବାର ମିଶିଲେ । ଲୁଚି ଲୁଚି ଉଭୟ ପରସ୍ପରକୁ ପାଇ ତୃପ୍ତ ହେଲେ । ସେମାନଙ୍କ

ପ୍ରେମ ଏତେ ଗଭୀର ହେଲା ଯେ, ପରସ୍ପରକୁ ଟିକିଏ ବି ନ ଦେଖିଲେ ରହିପାରିଲେ ନାହିଁ । ଚୁମ୍ବକ ଲୁହାକୁ ଆକର୍ଷଣ କରିବା ପରି ସେମାନେ ଟାଣି ହୋଇଯାଉଥିଲେ ପରସ୍ପରଙ୍କ ଆଡ଼କୁ । ବ୍ରାହ୍ମଣ ଶାସନର ଦେବୀର ଘରକୁ ଆସିବା ସମ୍ଭବ ନଥିଲା ହରିଜନ ସାହିର କଳ୍ପନା ମଲିକ ପାଇଁ । ତେଣୁ ଟିକିଏ ସମୟ ପାଇବା ମାତ୍ରେ ଲୁଚି ଲୁଚି କଳ୍ପନାର ଘରକୁ ଚାଲି ଯାଉଥିଲା ଦେବୀ । ଦୁହେଁ ବସି ଗପୁଥିଲେ ସେମାନଙ୍କ ମନ ଗହନର ଅନେକ କଥା । ପରସ୍ପରକୁ ଛୁଉଁଥିଲେ ଓ ଆନନ୍ଦର ସମୁଦ୍ରରେ ଲୀନ ହୋଇଯାଉଥିଲେ । ସାରା ଜୀବନ ସାଥୀ ହୋଇ ରହିବେ ବୋଲି ଉଭୟ ଶପଥ କରିଥିଲେ । ଦେବୀ ସମୟ ଓ ସୁଯୋଗ ଖୋଜୁଥିଲା ନିଜ ଘରେ ଏ କଥାଟା ଜଣେଇବା ପାଇଁ । ହେଲେ ସେ ସମୟ ଓ ସୁଯୋଗ ଆସିବା ପୂର୍ବରୁ ସବୁ ଗଡ଼ବଡ଼ ହୋଇଗଲା ଉଭୟଙ୍କ ଜୀବନରେ ।

ଦେବୀର ବାରମ୍ବାର ହରିଜନ ସାହିକୁ ଯିବା ଆସିବାକୁ ନେଇ ଲୋକଙ୍କ ମନରେ ସନ୍ଦେହ ହୋଇଥିଲା । ତେଣୁ ଖବର ଉଡ଼ି ବୁଲୁଥିଲା ଦେବୀ ପ୍ରେମ କରୁଛି କେଉଁ ଗୋଟେ ହରିଜନ ଟୋକାକୁ । କିନ୍ତୁ କଥାଟା ଏବେ ସଫା ହୋଇଯାଇଛି ତା' ନନା ଓ ମା'ର ପାଖରେ । ଘରଟା ଭିତରେ କାନ୍ଦି କାନ୍ଦି ଦେବୀ ନିଜ ଦେହକୁ ଚାହୁଁଥିଲା ଓ ମନ ଭିତରକୁ ନିରେଖୁଥିଲା । ହେଲେ ସେ କେଉଁଠି ବି ନିଜକୁ ଭୁଲ୍ ବୋଲି ପାଉ ନଥିଲା ।

ଦେବୀକୁ ଘରେ ଏକପ୍ରକାର ବନ୍ଦ କରି ରଖାଯାଇଥିଲା । ତା'ର ପ୍ରେମ ପାଇଁ ତା'ର ସବୁ ବିଦ୍ରୋହ, ସବୁ ଯୁକ୍ତି ଫେଲ୍ ମାରୁଥିଲା । ସେ ଭାବିଥିଲା ଦିନେ ଦୁଇଦିନ ନ ଖାଇଲେ ମା' ମନ ହୁଏତ ତରଳିଯିବ । କିନ୍ତୁ ସେମିତି କିଛି ବି ହେବାର ସମ୍ଭାବନା ନଥିଲା । ଗୋଡ଼େ ଗୋଡ଼େ ତାକୁ ଜଗୁଥିଲେ ମା' । ନନା ବି ପୂଜା ମଣ୍ଡପରୁ ଫେରିବା ମାତ୍ରେ ମା' ସହିତ କଥାବାର୍ତ୍ତା କରୁଥିଲେ ତା' ବିଷୟରେ । ଏଇ ଦୁଇ ଦିନ ଭିତରେ କେତେଜଣଙ୍କ ସହିତ ତା' ବାହାଘର ବିଷୟରେ ନନା ଫୋନ୍‌ରେ କଥାବାର୍ତ୍ତା କରୁଥିବାର ସେ ବି ଶୁଣୁଛି । କଳ୍ପନାକୁ ଛାଡ଼ି ଆଉ କେଉଁ ପୁଅ ସହିତ ବାହାଘର କଥା ଶୁଣିବା ବେଳକୁ ତା' ଛାତି ଭିତରଟା କୋରି ହୋଇଯାଉଛି । କୌଣସି ପୁଅ ସହିତ ବାହାଘର ବିଷୟ ଭାବିଦେବା ବେଳକୁ ତା' ମୁହଁଟା ଯେମିତି ଘୃଣାରେ ବିକୃତ ହୋଇଯାଉଛି । ଦେବୀ ବୁଝି ପାରୁ ନଥିଲା କେମିତି ତା' ନନା ଓ ମା' ବୁଝି ପାରୁନାହାନ୍ତି, ସେ ଅନ୍ୟ ଝିଅମାନଙ୍କ ପରି ସମାନ ନୁହେଁ । ତାକୁ ଯଦି ଭଗବାନ ସେମିତି କରି ଗଢ଼ିଲେ, ତେବେ ସେଥିରେ ତା'ର ବା ଦୋଷ କ'ଣ ! ଯଦି ତୁମେମାନେ ସବୁ ନିୟମର କଥା କହୁଛ, ତେବେ ସେଇ ପ୍ରକୃତି ତ ତା' ନିୟମରେ ମୋତେ ଗଢ଼ିଛି । ମୋ ଭିତରେ ପୁଅଙ୍କ ପ୍ରତି ଆକର୍ଷିତ ହେବାର ପ୍ରକୃତି ନଦେଇ ଝିଅଙ୍କ ପ୍ରତି ଆକର୍ଷିତ ହେବାର ପ୍ରକୃତି ଦେଇଛି । ଏହା ତ ପ୍ରକୃତି । ଏହା ତ ନିୟମ । ଏହାକୁ ମାନି ନେବାରେ ଅସୁବିଧା କେଉଁଠି ? ଏସବୁ କଥା କେବଳ ନିଜକୁ ନିଜେ କହୁଥିଲା ଦେବୀ । ହେଲେ ଆଉ କାହାରିକୁ ବୁଝେଇ ପାରୁ ନଥିଲା । ଏ ଦୁନିଆରେ ସମସ୍ତେ ଏକାପରି ହୋଇପାରିବେନି ବୋଲି କେମିତି ଏ ସମାଜ ବୁଝି ପାରୁନି ! ଭୟଙ୍କର ଭାବେ ଅସହାୟତାରେ ଛନ୍ଦି ହୋଇଯାଉଥିଲା ଦେବୀ । ତା' ଆଖି ଆଗରେ ବାରମ୍ବାର କଳ୍ପନାର ଶାବେନା ମୁହଁ ଓ ନିରୀହ ଆଖି ନାଚି ଉଠୁଥିଲା ।

ନିଜ ନନା ଓ ମା'ଙ୍କ ପ୍ରତିକ୍ରିୟା ବିଷୟରେ କଳ୍ପନାକୁ କିଛି ବି' କହିନି ଦେବୀ । ସେ ଫୋନ୍ କଲେ ଯଥାସମ୍ଭବ ନିଜ ମନୋଭାବକୁ ଲୁଚେଇ ସ୍ୱାଭାବିକ ଭାବେ କଥାବାର୍ତ୍ତା କରୁଛି ସେ, କାଳେ ତା'ର ମନ ଦୁଃଖ ହେବ ବୋଲି । ତଥାପି ନିଜ ମନରୁ ଅବସ୍ଥାକୁ ଲୁଚେଇବାରେ ସଂପୂର୍ଣ୍ଣ ସଫଳ ହୋପାରିନଥିଲା ସେ । କଳ୍ପନା ଜାଣି ପାରିଲା ତା'ର ମନ ଦୁଃଖ ଅଛି ବୋଲି ଓ କୌଣସି ଗୋଟିଏ ବିଷୟକୁ ନେଇ ସେ ଚିନ୍ତିତ ଅଛି ବୋଲି । ଯାତୁ ସାତୁ କଥା କହି କଳ୍ପନାକୁ ସିନା ଭୁଲେଇଦେଲା, ହେଲେ ନିଜକୁ ଭୁଲେଇବ କେମିତି ?

ଦେବୀ ପୂଜା ସ୍ଥଳରେ ନୂଆ ସଂସଦ ଭବନ ଆକୃତିର ବିଶାଳକାୟ ସାଜସଜ୍ଜା ହୋଇଥିଲା । ସାଧାରଣ ଲୋକମାନେ ଭ୍ରମରେ ପଡୁଥିଲେ, ଏହା ପୂଜାର ସାଜସଜ୍ଜା ନା ସତକୁ ସତ ସଂସଦ ଭବନ । ତା ସାମନାରେ ସମାନତାର ବାର୍ତ୍ତା ବହନ କରୁଥିବା ସମ୍ବିଧାନ ପୁସ୍ତକ ସହିତ

ଆମ୍ବେଦକରଙ୍କର ଏକ ବିଶାଳକାୟ କଟ୍‌ଆଉଟ୍ ଲଗାଯାଇଥିଲା । ଦେଖଣାହାରୀମାନେ ବାଃ ବାଃ କରୁଥିଲେ ବ୍ରହ୍ମାନନ୍ଦ ମିଶ୍ରଙ୍କର ଚିନ୍ତାଧାରାକୁ । ଏପରି ଏକ ସାମାଜିକ ବିଷୟକୁ ଦଶହରାର ପ୍ରସଙ୍ଗ କରିଥିବାରୁ ସବୁ ପ୍ରଶଂସା କୁଢ଼େଇ ହୋଇ ପଡୁଥିଲା ମିଶ୍ର ମହୋଦୟ ଓ ତାଙ୍କ କମିଟିର ସଭ୍ୟମାନଙ୍କ ଉପରେ ।

ନବମୀ ଯାଇ ଦଶମୀ ପୂଜା ଆରମ୍ଭ ହୋଇଯାଇଥିଲା । ଭିଡ଼ ଜମା ହେଉଥିଲେ ପୂଜା ମଣ୍ଡପରେ । କିନ୍ତୁ ଦେବୀକୁ ଅନୁମତି ନ ଥିଲା ବାହାରକୁ ବାହାରିବା ପାଇଁ ।

ଭସାଣୀର ଦୁଇ ଦିନପରେ ଦେବୀର ବାହାଘର ହେବା ପାଇଁ ପ୍ରାୟତଃ ଠିକ୍ ହୋଇଯାଇଥିଲା । ପୂଜାପାଇଁ ଚାରିଆଡ଼େ ଗହଳି ଚହଳି ଲାଗିଥିବା ବେଳେ ଦେବୀର ଭିତରଟା ଏକଦମ୍ ନୀରବ ଥିଲା । ନିଜର ଅସହାୟ ଭବିଷ୍ୟତକୁ ଦେଖି ସେ ବିଳିବିଳେଇ ଉଠୁଥିଲା । କେଉଁ ଗୋଟେ ପୁରୁଷକୁ ସେ ବାହା ହୋଇପାରିବନି ବୋଲି ସେ ଦୃଢ଼ ନିଶ୍ଚିତ ଥିଲା । କିନ୍ତୁ ବାପା ମା'ଙ୍କ ଜିଦ୍ ସାମ୍ନାରେ ସେ ନିରୁପାୟ ହୋଇପଡୁଥିଲା ।

ଅସହାୟତା ମଣିଷକୁ ଭାଙ୍ଗିଦିଏ ଓ ସେଇ ଅସହାୟତା ମଣିଷକୁ ଦୃଢ଼ ବି କରିଦିଏ । ଦଶହରାର ସଞ୍ଜ ପାକଳ ହୋଇଆସିବା ବେଳକୁ ଦେବୀ ଦୃଢ଼ ହୋଇଯାଇଥିଲା । ସେ କେଉଁ ପୁରୁଷକୁ ବାହା ହୋଇପାରିବନି ବୋଲି ମନେ ମନେ ନିଷ୍ପତ୍ତି ନେଇ ସାରିଥିଲା । ସେଥିପାଇଁ ଅତି ସନ୍ତର୍ପଣରେ ନିଜ ରୁମ୍‌ରେ ଆଣି ଲୁଚେଇ ଦେଇଥିଲା ଗୋଟେ ପୁରୁଣା ଶାଢ଼ୀ । ଜୀବନ ନଥିବା ଗୋଟେ ଶରୀରକୁ ହୁଏତ ସେମାନେ ବାହା ଦେଇ ପାରନ୍ତି କେଉଁ ପୁରୁଷ ସହ । କିନ୍ତୁ ଜୀବନ୍ତ ଦେବୀକୁ ନୁହେଁ । ଏତିକି ନିଷ୍ପତ୍ତି ନେଇ ସାରିବା ପରେ ରାତିର ଆଗମନକୁ ଅପେକ୍ଷା କରୁଥିଲା ଦେବୀ ।

ଦେବୀର ବାହାଘର ସମୟରେ କିଛି ଅସୁବିଧା ନ ହେବା ପାଇଁ ପୂର୍ବରୁ କଳ୍ପନା ମଳିକକୁ ଉଚିତ୍ ଶିକ୍ଷାପାଇଁ ବ୍ୟବସ୍ଥା କରିଥିଲେ ବ୍ରହ୍ମାନନ୍ଦ ମିଶ୍ର । ନିଜର ଅନୁଗତ ଦୁଇ ଯୁବକଙ୍କୁ ମଦ ପିଇବା ପାଇଁ ଟଙ୍କାଦେଇ ପଠେଇ ଦେଲେ କଳ୍ପନା ମଳିକର ଭୁଲ୍ ପାଇଁ ତାକୁ ଶାସ୍ତି ଦେବାକୁ ।

କଟ୍ ଆଉଟ୍‌ରେ ଠିଆ ହୋଇ ସ୍ମିତହାସ୍ୟ ଦେଉଥିଲେ ଆମ୍ବେଦକର । ସମ୍ବିଧାନ ପୁସ୍ତକର ପ୍ରତିକୃତି ଜୟଗାନ କରୁଥିଲା ସମାନତାର । ମଦ ପିଇ ସାରି ଯୁବକ ଦୁଇଜଣ ଛୁଟିଗଲେ କଳ୍ପନା ମଳିକର ଘରକୁ । ଦେବୀ ଆସିନାହିଁ ବୋଲି ଦଶହରା ବି ବୁଲିବାକୁ ଯାଇନଥିଲା କଳ୍ପନା । ମାଇକ୍‌ରେ ଉଚ୍ଚସ୍ୱରରେ ପଢ଼ା ଯାଉଥିଲା ଦଶହରା ପୂଜାର ମନ୍ତ୍ର । ଗଗନ ପବନ ଚାରିଆଡ଼େ ମିଶି ଯାଉଥିଲା ମନ୍ତ୍ରର ମାଦକତା । ଦେବୀଙ୍କ ପ୍ରତିମା ପୂଜା ପାଉଥିଲା ମଣ୍ଡପରେ । କଳ୍ପନା ଉପରେ ପ୍ରତିଶୋଧ ନେଇଗଲେ ବ୍ରହ୍ମାନନ୍ଦ ମିଶ୍ର, ମଦ୍ୟପ ଯୁବକମାନଙ୍କ ମାଧ୍ୟମରେ ।

ଫ୍ୟାନ୍‌ରେ ଶାଢ଼ୀଟିକୁ ବାନ୍ଧି ଉଚ୍ଚତାକୁ ମାପିନେଲା ଦେବୀ । ଦେବୀ ପୂଜାର ମନ୍ତ୍ର ପାଠ ତାକୁ ଆହୁରି ନିଶ୍ଚିତ କରିଦେଉଥିଲା ତା' ନିଷ୍ପତ୍ତିରେ । ଶାଢ଼ୀର ଅପର ପାର୍ଶ୍ୱଟା ବେକରେ ଗଳେଇବା ପୂର୍ବରୁ ବାଜି ଉଠିଲା ଦେବୀର ମୋବାଇଲ ଫୋନ୍ । ସ୍କ୍ରୀନ୍ ଉପରେ ଭାସିଉଠିଲା କଳ୍ପନାର ନାଁ । ଶେଷ ସମୟରେ କଳ୍ପନା ସହ ଦି'ପଦ କଥା ହେବାକୁ ତା'ର ଭାରି ଇଚ୍ଛା ହେଲା । କାଲି ସକାଳୁ ହୁଏତ ସେ କଳ୍ପନା ପାଖରେ ନଥିବ । ତେଣୁ ମରିବା ପୂର୍ବରୁ କଳ୍ପନାର ଆଦରବୋଳା କଥା ଦି'ପଦକୁ ଛାତିରେ ରଖିବାକୁ ସେ ଉଚିତ୍ ମଣିଲା । ନିଜକୁ ଯଥାସମ୍ଭବ ସ୍ୱାଭାବିକ ରଖି ହାଲୋ କହିଲା ଦେବୀ । ଜମାରୁ ବି ଜାଣି ପାରିଲାନି କଳ୍ପନା ତା' ମନର ଅବସ୍ଥା । କିନ୍ତୁ ସେ ଏ କ'ଣ ଶୁଣୁଛି । କଳ୍ପନା କୁହୁଳେଇ କୁହୁଳେଇ କାନ୍ଦୁଛି । ଓଃ...... କି ଯନ୍ତ୍ରଣାଭରା ସ୍ୱର ! ତା' ଯନ୍ତ୍ରଣାଭରା କାନ୍ଦ ସଞ୍ଚରି ଗଲା ଦେବୀର ଛାତି ଭିତରକୁ । ଆଃ..... ବାହାରି ଆସିଲା ଦେବୀର ମୁହଁରୁ । ହାତ ଦି'ଟା ଶକ୍ତ ହୋଇଉଠିଲା ଦେବୀର ।

ଦେବୀ ପୂଜା ସରିଯାଇଥିଲା । ସକାଳର ଆକାଶ ସଫା ଦିଶୁଥିଲା । ଦଶହରା ପୂଜାର କାର୍ଯ୍ୟବ୍ୟସ୍ତତା ଜନିତ କ୍ଲାନ୍ତି ଯୋଗୁ ଟିକେ ଡେରିରେ ଉଠିଲେ ବ୍ରହ୍ମାନନ୍ଦ ମିଶ୍ର । ମଞ୍ଜୁ ଦେବୀ ବି । ହେଲେ ତା'ର ଅନେକ ପୂର୍ବରୁ ସବୁ ସରିଯାଇଥିଲା ।

ମଞ୍ଜୁ ଦେବୀ ଓ ବ୍ରହ୍ମାନନ୍ଦ ମିଶ୍ର ପ୍ରସ୍ତୁତି ଆରମ୍ଭ କରୁଥିଲେ ଝିଅ ବାହାଘର ପାଇଁ ।

ଦେବୀକୁ ଉଠେଇବା ପାଇଁ ତା' ରୁମ୍‌କୁ ଗଲେ ମଞ୍ଜୁ ଦେବୀ । କିନ୍ତୁ...... ।

ଫାନ୍‌ରୁ ଝୁଲୁଥିଲା ଖାଲି ଶାଢ଼ୀଟିଏ ।

କଳ୍ପନା ମଳିକ ବି ନଥିଲା ତାଙ୍କ ଘରେ ।

❖



# ଶେଷ ଚିଠି

## ଗିରିଜା ଶଙ୍କର ମିଶ୍ର

ସ୍କୁଲମାନଙ୍କରେ ଖରାଛୁଟି ହୋଇଗଲାଣି । ପିଲେ ବି ଗାଁକୁ ଯିବାପାଇଁ ବାପା ମା'ଙ୍କ ପାଖରେ ଅଳିକଲେଣି । ଅଧିକାଂଶ ଚାକିରିଆ ଲୋକଙ୍କ ପରିବାର ଛୁଟି କାଟିବାକୁ ଚାଲିଗଲେଣି ନିଜ ଗାଁକୁ । ଯୋଉମାନେ ଅଛନ୍ତି, ଦିନବେଳା ଘରୁ ବାହାରୁ ନାହାଁନ୍ତି । ଏମିତିରେ କେନ୍ଦୁଝରରେ ଖରା ଅତି ଉତ୍କଟ । ଚାକିରିଆ ଅଫିସ୍ ବାହାରିଗଲା ପରେ ଘୋ ଘୋ କମ୍ପୁଥିବା ବଳଦେବଜୀଉ କଲୋନି ଲାଗୁଛି ଖାଁ ଖାଁ ।

କଲୋନୀ ମୁଣ୍ଡରେ ମିଶ୍ର ପରିବାରର ଘର । ପରିବାର କହିଲେ ଦି' ଭାଇ, ଦି' ଯାଆ, ବଡଭାଇଙ୍କ ଦି' ପୁଅ ଓ ସାନଭାଇର ଝିଅ ମାମୁନି । ଦି' ବଖରା ଘରେ ଚଳିବାକୁ ଅସୁବିଧା ହୁଏ । ମାତ୍ର ମନ ମିଳିଲେ ଘର ସ୍ୱର୍ଗ ରୀତିରେ ମିଶ୍ରଘରେ ଦୁଇ ଭାଇ ଦୁଇ ଯାଆ ଓ ପିଲାମାନେ ଚଳନ୍ତି । ଘରଠୁଁ କିଛି ଦୂରରେ ସାନଭାଇ ଜାଗାଟେ କିଣି ଘର ବନାଉଛନ୍ତି । ଘର ତୋଳା ସାରିଲେ ଉଠିଯିବେ ନୂଆ ଘରକୁ । ଯେତେଦୂର ସମ୍ଭବ ଆର ଖରାଛୁଟି ବେଳକୁ । ସାନଭାଇ ଦିଲୀପ ଶିକ୍ଷକ । ସାନବୋହୂଟି ଶିକ୍ଷୟତ୍ରୀ ।

ଧୁମ୍ ଖରାବେଳଟାରେ ମିଶ୍ରଘର ଦି'ଯାଆ ଖାଇବା ଶେଷ କରି ଆରାମ୍ କରୁଛନ୍ତି ଘର ଭିତରେ ଫ୍ୟାନ୍ ତଳେ ଆଉ ଗୋଟେ ଟେବୁଲ ଫ୍ୟାନ୍ ଲଗେଇ । ଏତିକିବେଳେ ଶୁଭିଲା ଲୁହାଗେଟ୍ ଖୋଲିବା ଶବ୍ଦ ଓ ବିଜୁ ମା'ର ଅତି ପରିଚିତ ସ୍ୱର- "ବୋହୂମା' ମାନେ ଖାଇସାରିଲଣି ? ଶୋଇପଡ଼ିଛ କି ??"

ସାନବୋହୂ ବିରକ୍ତ ହେଇ କହିଲେ- "ମୋରି ମଥା ଟୋବେଇବ ଏଇନେ । କହିବ- ମୋ ଲାଗି ଚିଠି ଲେଖିଦିଅ । କାହିଁକି ଯେ ଚିଠି ପରେ ଚିଠି ଲେଖୁଛି, ଗୋଟିଏ ଚିଠିର ବି ଉତ୍ତର ଆସୁନି ।" ସାନଯାଆକୁ ବୁଝେଇଲେ ବଡବୋହୂ - "ସ୍ନେହୀ ମଣିଷଟା ବିଜୁ ମା' । ତା' ବଡପୁଅ ରାଜୁଟା ବଡ ଖେଚଡା ଆରେ ତୁ ବାହାରେ ଯାଇ ଚାକିରୀ କଲୁ, ମା'ଟା ଏଠି ବେସ୍ତ ହଉଚି, ନିଜଆଡୁ ଚିଠିଟିଏ ତ ଦଉନୁ, ଚିଠି ପାଇ ଉତ୍ତର ବି ଲେଖୁନାହୁଁ । କ'ଣ କହିବା ଆଜିକା ପିଲାଙ୍କୁ ?"

ମିଶ୍ରଘର ପଛପଟକୁ ଲମ୍ବିଛି ଯେ ଧାନକ୍ଷେତ, ତିନି କିଆରି ଛାଡି ବିଜୁ ମା'ର ବାସ । ପଲସ୍ତରା ହେଇ ନଥିବା ଇଟା ସିମେଣ୍ଟର ବଖୁରିଟିଏ ଆଜବେଷ୍ଟସ୍ ଘର । ଡାକ୍ତରବାବୁ, ଯିଏ ଚାକିରି କରନ୍ତି, କେନ୍ଦୁଝର ବାହାରେ, ତାଙ୍କରି ଫାର୍ମ ଘରର ଶେଷ ବଖରାଟିଏ ବିଜୁ ମା' ପରିବାରକୁ ବିନା ଭଡାରେ ଛାଡିଦେଇଛନ୍ତି । କେନ୍ଦୁଝର କେନ୍ଦୁଲିଫ୍ ଅଫିସ୍‌ରେ ଅସ୍ଥାୟୀ ପିଅନ କାମ କରେ ବିଜୁବାପା ବଳରାମ । ପରିବାରର ସ୍ୱଚ୍ଛ ଦରମାରେ ଯାଇତାଇ ମେଣ୍ଟିଯାଏ । ଡାକ୍ତରବାବୁଙ୍କ ନାନାଦି ଫୁଲ, ଫଳ ଓ ପରିବାରେ ଭରା ଫାର୍ମହାଉସ୍‌ର ଜଗାରଖା, ମୁଲିଆ ମାନଙ୍କ ଦୈନନ୍ଦିନ କାମ ତଦାରଖ ଦାୟିତ୍ୱ ବିଜୁପରିବାରର । ସେ ବାବଦରେ ଡାକ୍ତରବାବୁ ବଳରାମକୁ ଦିଅନ୍ତି ଦି ଚାରିଶ' ଟଙ୍କା । ସେ ଟଙ୍କା ବଳରାମ ହାଣ୍ଡିଆ ପିଆରେ ସାରେ । ରୋଜ ଅଫିସ୍ ବନ୍ଦ ହେଲାପରେ ତା'ପାଦ ଯୋଡିକ ଆପେ ଟାଣି ହେଇଯାଆନ୍ତି ପୁରୁଣା ବଜାରର ପରିତ୍ୟକ୍ତ ରାଜବାଟୀ ପାଖ ହାଣ୍ଡିଆ ଭାଟିକି । ହାଣ୍ଡିଆ ପିଇଲା ବେଳେ ସବୁକିଛି ଭୁଲିଯାଏ ବଳରାମ । ସେ ଯେ ସରଳ ଆଦିବାସୀ ମଣିଷଟେ, ତା'ର ଯେ ସ୍ତ୍ରୀ ପିଲାର ପରିବାରଟେ ଅଛି....ସବୁକିଛି । ନିଶା

ଜମିଲେ ଭାଟି ଛାଡେ । ଡେରି ରାତିରେ ଘରକୁ ଫେରିଲେ ତା ପାଟିରୁ ଅସଭ୍ୟ ଗାଳିର ବାତୁଳି । ତା'ର ଗାଳିଗୁଲଜକୁ ନୀରବରେ ସହିଯାଏ ବିଜୁ ମା' । ଦି ବୋହୂଙ୍କୁ କାମରେ ସାହାଯ୍ୟ କରେ ଆଗ୍ରହ୍ୟ ଓ ଆନ୍ତରିକତା ସହ । ମୁହଁରେ ସବୁବେଳେ ପାଇଁ ଲାଖିଥାଏ ହସ ସତେ ଯେମିତି ଗଲା ରାତିରେ କିଛି ଘଟିନି ଘରେ । କେତେବେଳେ କେମିତି ଫାର୍ମରୁ କଞ୍ଚା-କଖାରୁଟିଏ, କଖାରୁ ଫୁଲ କି ଡଙ୍କରୁ ମେଞ୍ଚେ ଧରି ଆସେ ମିଶ୍ର ପରିବାର ଲାଗି । ଜୋର୍ କରି ଯାଚିଲେ କେତେ ନାହିଁ ନାହିଁ କରି ପଇସା ରଖେ ଅନିଚ୍ଛାରେ । ହସି ହସି କୁହେ କଥା, ନିରଳସ ଭାବେ କରୁଥାଏ କାମ । କେହି କିଛି ହେଲେ ଜାଣିପାରିବେନି ତା'ଘର ଭିତରର ହାଲ୍ ।

ସତେ ଯେମିତି ରାତିର ତିକ୍ତତାକୁ ଗିଳି ଦେଇଥାଏ ବହଳ ଅନ୍ଧାର ।

"ବଡବୋହୂ ତମେ ଶୁଅ । ଦିଦି ଚାଲମ ଟିକେ" । -କହି ବିଜୁ ମା' ସାନବୋହୂଙ୍କୁ ଡାକିନେଲା ବାରଣ୍ଡାକୁ । ସାନବୋହୂ ମନତଳର ସାମାନ୍ୟ ବିରକ୍ତି ଭାବକୁ ମନତଳେ ଚାପିଦେଇ କାଗଜ କଲମ ଧରିଲେ । ବିଜୁ ମା'ର ସ୍ନେହ ଶ୍ରଦ୍ଧା ପାଖେ ଏ ସାମାନ୍ୟ ବିରକ୍ତି ତୁଚ୍ଛ ।

"ଆସ ଆସ ଏଇଠି ବସ" କହି ବିଜୁ ମା' କବାଟ କଣରୁ ସଉପଟେ ଆଣି ପାରିଦେଲା ତଳେ । ସାନବୋହୂ ହସିକି କହିଲେ, "ବଳରାମକୁ କହୁନୁ ଚିଠି ଲେଖିଦିଅନ୍ତା ।"

"ନାଇଁମ ଦିଦି, ତମେ ମୋ ଲାଗି ଦି'ଚାରି ଧାଡ଼ି ଗାରେଇ ଦିଅ ।"

"ହଉ ହେଲା, ଏବେ କହ କ'ଣ ଲେଖିବୁ ପୁଅ ପାଖକୁ ?"

"ବିଜୁ ମା କହିଲା, ଲେଖ ଦିଦି -

ରାଜୁରେ ତର୍ ମା କହୁଛେ । କେନ୍‌ତା ଅଛୁ ? କେବେ ଆସ୍‌ବୁ ? ତତେ ଦେଖିବାକେ ମନ ହେଲାଣ । ଚାରି ମାସ କଣ୍ଟ ଦେଇଥିଲୁ ଯେ ଚାରି ମାସ ତ ଟପିଗଲାଣି । ଏଇଥର ତୁ ଆ, ତତେ ବିହା କରେଇଦେମି । ତୁ ତେଣିକି ବୁଲୁଥା' । ତିରିଲାଟା ତ ମର୍ ପାଖେନି ରହିବ । ତର୍ ବୁଆଟା କିଛି ବୁଝେନି । ହାଣ୍ଡିଆ ଭଲ୍ ତ ସେ ଭଲ୍ । ଘରେ ହଲ୍ଲା କରୁଛେ । ତୁଇ ଯେ ଗତଥର ନାଲି ଶାଢ଼ୀଟେ ଆଉ ଯାତରା ଖରଚା ଦେଇକି ଯାଇଥିଲୁ, ସେତିକି । ତର୍ ବୁଆ କିଛି ଦଉନେ । ଓଲଟା ମାଡଗାଳି ଦଉଛେ, ଖରାପ ଭାଷାଗୁରା କହୁଛେ । ଛି, କେନ୍‌ତା କହିମି ପୁଅଟା ଆଗେ ସେ ଖରାପ ଖରାପ ଭାଷାଗୁରା.... ।"

"କ'ଣ ହେଲା !! ଚିହିଁକି ଉଠିଲେ ସାନବୋହୂ - "ବଳରାମ ତତେ ପୁଣି ମାରଧର କରୁଛି ? ନନା ତାକୁ ସେଦିନ ଖୁବ୍ ଗାଳିଗୁଲଜ କଲେ । ସେ ଦୋଷୀଙ୍କ ଭଳି ମୁଣ୍ଡ ପୋତି ଛିଡା ହେଇଥାଏ । ନନା ତ ରାଗିକି ଥିଲେ । କଡ଼ା ଗଳାରେ ପଚାରିଲେ, ହାଣ୍ଡିଆ ପିଇ ଆଉ ହଲ୍ଲା କରିବୁ ? କହିଲା ନାଇଁ ନନା । ନନା ପୁଣି ପଚାରିଲେ, ଅଫିଓ୍ ବନ୍ଦ ହେଲା ପରେ ସିଧା ଘରକୁ ଯିବୁ ? କହିଲା, ହଁ ନନା, ଏଠୁ ତ ସୁନାପିଲା ଭଳି 'ହଁ ନନା' ନାଇଁ ନନା, କହି ପଳଉଛି; ସେଠି ଘରେ ଯାଇ କାହିଁ କରୁଛି ? ରହ ଆଜି ନନାଙ୍କୁ କହୁଛି ।"

ବିଜୁମା ଡରିଗଲା । କାକୁତି କରି କହିଲା - ନାଇଁ ଦିଦି, ନନାକେ ନାଇଁ କୁହ । ଆଉ ବେଶୀ ପିଆପିଇ କରୁନି । ମାରଧର କରୁନି । ମିଛକଥା ଟିକେ ଲେଖିଲେ ପୁଅଟା କାଳେ ମନ ବଳେଇବ ଚାଲିଆସିବା ଲାଗି, ସେଇଥିନାଗି...ହଉ ଆଉ ଦି'ପଦ ଯୋଡିଦିଅ । - ଆସିଲାବେଳେ ବିଜୁ ଲାଗି ବସେନା ସେଣ୍ଟ ବୋତଲଟିଏ ଆଣିବୁ । ଏବେ ମୁଁ ରହିଲି । ଚିଠି ପଠେଇବୁ ମିଶ୍ର ନନା ଘର ଠିକଣାରେ । ଦିଦି ମ ! ଲଫାଫା ଉପରେ ତମ ଘର ଠିକଣାଟା ବି ଲେଖି ଦଉଥିବ । ସେ ଜାଣେ ଯେ, କାଳେ ଭୁଲିଯାଇଥିବ ।"

ଚିଠି ମୋଡିମାଡି ଲଫାପାଟିରେ ଭରି ଅଠା ମାରିଲାବେଳେ ସାନବୋହୂ କହିଲେ, "ତୁ ବାଳରାମ ଅଫିସ୍ ଠିକଣା କାହିଁକି ଦଉନୁ ?"

ବିଜୁ ମା' ଜିଭ କାମୁଡି ପକେଇଲା । କହିଲା, "ନାଇଁମ ଦିଦି, ତାର୍ ବୁଆ ହାତେ ଚିଠି ପଡିଗଲେ କହିବ, ଦିଦିଙ୍କୁ କହି ଚିଠିରେ ତା ନାଁରେ ଚୁଗୁଲି କରୁଛି ବୋଲି । ତୁମେ ମନେକରି ଡାକବାକ୍ସରେ ଚିଠି ପକେଇଦେବ ।"

ବିଜୁ ମା' ଚାଲିଗଲା ହସିଦେଇ । ତା'ର ହସହସ ମୁହଁ ଜିଭ କାମୁଡି ପକେଇ ଆଖି ବଡ ବଡ ଭଙ୍ଗୀ ଭାରି ଭଲ ଲାଗେ ସାନବୋହୂଙ୍କୁ ।

ସେଇଦିନ ରାତିରେ ଘଟିଲା ଅଘଟଣ ବିଜୁ ମା'ଘରେ । ପଦୁଟେ କହିଛି ବିଜୁ ମା' "କାହିଁକି ପଇସା ସାରି ବିଷଗୁରା ପିଉଛ"... ମାଡି ଆଇଲା ବଳରାମ । ଗୋଳ ଶୁଭିଲା ବସ୍ତିରିଆ ଆଉଟହାଉସ୍ ଘରୁ- "ଶାଳୀ... !!! ମର୍ ପଇସାରେ ମୁଇଁ ପିଇଲି, ମର୍ ପଇସାରେ ମୁଇଁ ପିଇଲି, ମର୍ ଯା' ମନ ତା'କଲି, ତର୍ କ'ଣ ଗଲା ବେ ? ଭେଳକି ନଗେଇଛୁ ଗୁଟେ ।" କହୁ କହୁ ବିଜୁ ମା' ପିଠିରେ ବର୍ଷିଦେଇଗଲା ବିଧା,

ଗୋଇଠା, ଚାପୁଡ଼ା । ମନବୋଧ ହେଲା ପରେ ଫେରି ପଡୁଥିଲା, ଦୁଆରବନ୍ଧରେ ଝୁଣ୍ଟିଲା ତା ଟଳମଣ ପାଦ । ତଳେ କଚାଡ଼ି ଦେଇ ପଡ଼ିଲା ବଳରାମ । ଢ଼ୋ' ଶବ୍ଦରେ ଚମକି ଉଠି ବିଜୁ ମା' ଦେଖିଲା ଗେରସ୍ତ ତଳେ ପଡ଼ିଛି ଫାଁ ଗିଳି । ଦିହ ଦରଜ ଭୁଲି କଷ୍ଟେମଷ୍ଟେ ବଳରାମକୁ ଟେକି ଘୋଷାଡ଼ି ନେଇଗଲା ଘର ଭିତରକୁ ।

କବାଟ କୋଣରେ ଜାକିଜୁକି ହେଇ ଜରରେ ଥରୁଥିଲା ବିଜୁ ।

"ବଡବୋହୂ ! ଆଉ ବଞ୍ଚିବିନି ବେଶିଦିନ ।" ତା'ପରଦିନ ମିଶ୍ରଘରେ କୋଶଳା ଶାଗ କେରାଏ, କଖାରୁ ଫୁଲ କେଇଟା ଦେଲାବେଳେ କହିଲା ବିଜୁ ମା' ।

ବଡବୋହୂ ଅନୁମାନ କଲେ, ଠିକଣା ସମୟରେ ନ ଖାଇ, ବଳରାମ ଉପରେ ରାଗ କରି ପେଟ ଖାଲି ରଖିବା ହେତୁରୁ ଦେହ ଦୁର୍ବଳ ଲାଗୁଛି । ଆଖି ଦେଖେଇ କହିଲେ- "ଦେବି ଯେ ଗୋଟେ ଚଟକଣି...ସେଃ.... କ'ଣ ନା ମରିଯିବି । ରାତିରେ ବଳରାମ ଝଗଡ଼ା କଲା କି ? ମାରଧର କରିଛି କି ?"

"ନାଇଁ ନାଇଁ ବଡବୋହୂ । ତାଙ୍କ ଦେହ ଭଲ୍ ନାଇଁ ।"

"ସତ କହୁଛୁ ?" ବଡବୋହୂ ତାଗିଦା କଲା ଭଳି ପଚାରିଲେ ।

"ଆଖି ଛୁଉଁଛି । ସତସତିକା ଦି' ଆଖିରେ ଆଙ୍ଗୁଠି ମାଡ଼ିଦେଲା ବିଜୁ ମା' ।

ବଡବୋହୂ ଜାଣୁଥିଲେ, ବିଜୁ ମା' ମିଛ କହୁଛି । ଘଣ୍ଟ ଘୋଡ଼ାଉଛି ବଳରାମକୁ । ହେଲେ ସତକୁ ଯେତେ ମିଛ ଫଳେଇବାକୁ ଚେଷ୍ଟା କଲେ ବି ହାରିଯାଉଛି ଆଦିବାସୀ ସ୍ତ୍ରୀଟା ।

ବଡବୋହୂ ଦୀର୍ଘଶ୍ୱାସ ପକାଇଲା ।

କେତେ ଘୋଡେଇବ ? କେତେ ସହିବ ? ରୋଜ୍ ମରଧର ମାରଧର ?

ଗଡୁଥାଏ ଦିନ, ଗଡ଼ି ଚାଲୁଥାଏ ଜୀବନ । ଚାହୁଁ ଚାହୁଁ ଖରାଦିନ କଟିଗଲା । ବର୍ଷା ଆସିଲା । ବିଜୁ ମା' ଦିନେ ଦି'ଦିନ ଅନ୍ତରରେ ଆସି ମୁହଁ ଶୁଖାଏ । ପୁଣି ହୁଏ ହସ ହସ । "ବଡ ଅଦ୍ଭୁତ ମାଇପିଟା !!" ନିଜ ଭିତରେ କୁହାକୁହି ହୁଅନ୍ତି ଦୁଇ ଯାଆ ।

ସାନବୋହୂ ତରତର ହେଉଥିଲେ । ନୂଆ ଶାଢ଼ି ପିନ୍ଧି ବାହାରୁଥିଲେ କୁଆଡେ । ମନଟା ଚିଡ଼ିଚିଡ଼ା ଲାଗିଲା । ଭାବ ଲୁଚେଇ ସେ କହିଲେ, "ସ୍କୁଲ କାମରେ ଡି.ଆଇ ଅଫିସ୍ ବାହାରିଛି । ମାମିନାକୁ କହ, ତୋର ଯେତେ ଚିଠି ଲୋଡ଼ା, ସେ ଲେଖିଦବ ।"

ସାନବୋହୂ ବାହାରିଗଲେ । ମାମିନା ସାନବୋହୂଙ୍କ ସାତ ବରଷର ଝିଅ । ପଢ଼େ ଦ୍ୱିତୀୟ ଶ୍ରେଣୀରେ । ଲେଖିବାକୁ ହମହମ ହୁଏ । ବିଜୁ ମା' ତାକୁ ଗେହ୍ଲା କରିପକେଇଲା । କୋଳକୁ ଆଉଜେଇ ନେଇ କହିଲା, "ମୋ ଲାଗି ଚିଠି ଲେଖିଦବୁ ?" ମାମିନା ଜୋରରେ ଟୁଙ୍ଗାରି ଦେଲା ମୁଣ୍ଡ । ବୋଧେ କହିଲା- "କାହିଁକି ନୁହେଁ ? ନିଶ୍ଚେ ଲେଖିଦେବି ।"

"ମୋ ସୁନା ଝିଅ" କହି ବିଜୁ ମା' ଘରୁ କାଗଜ କଲମ ଆଣି ଥୋଇଦେଲା ମାମିନା ଆଗରେ । ଯାହା ଡାକିଲା, ମାମିନା ଡ଼ିମାଡ଼ିମା ଅକ୍ଷରରେ ମାଙ୍କଡ ରାମ୍ପୁଡ଼ିଲା ଭଳି ଲେଖିଲା । ମା' ଆସିଲା ପରେ ଧରେଇଦେଲା । ସାନବୋହୂ ତାକୁ ଲଫାପାରେ ଭରି ଠିକଣା ଲେଖନ୍ତି ଓ ସୁବିଧା ଦେଖି ଡାକବାକ୍ସରେ ପକେଇ ଦିଅନ୍ତି ।

ଏମିତି ଚାଲିଲା ତେଣିକି ଚିଠି ଲେଖା ପର୍ବ । ମାମିନା ଜରିଆରେ ।

ମାମିନା ବିଜୁ ମା'ଲାଗି ଲେଖିସାରିଲାଣି କେତେ ଚିଠି ।

କାର୍ତ୍ତିକ ପୁନେଇଁ ବଡ଼ି ଭୋଉରୁ ବୋଇତ ଭସେଇ ସାରି ଘରକୁ ଫେରୁଥାନ୍ତି ଦି ବୋହୂଯାକ, ବାଟରେ ଭେଟ ପଡ଼ିଗଲେ ବିଜୁ ମା'ର ଛୋଟ ସଂସାର । ବିଜୁ ହାତ ଧରି ଆଗରେ ବାଳରାମ, ପଛରେ ନାଳିଶାଢ଼ି ପିନ୍ଧି ଓଢ଼ଣା ଟାଣି ବିଜୁମା' ଦିଶୁଥାଏ ସାଧବ ବୋହୂ ଭଳି ସୁନ୍ଦର ।

ବଳରାମ ସଲଜ୍ଜ ହସଟେ ହସି ମଥା ନୁଏଇଁ ବୋହୂ ଦିହିଁଙ୍କୁ ଦଣ୍ଡବତ ହେଲା ।

"କୁଆଡେ ବାହାରିଲ ସକାଳୁ ସକାଳୁ ସଜେଇ ହେଇ ?" ପଚାରିଲେ ବଡବୋହୂ ।

ମୁହଁରେ ନିତିଦିନିଆ ସ୍ମିତହାସ ଫୁଟେଇ ବିଜୁ ମା' କହିଲା- "ସୁଆମପାଟଣା ମେଳା ଦେଖି ବାହାରିଛୁ । ଫେରିଲାବେଳେ ହାଟ କରି ଆସିବୁ ।"

ତା ଦି' ଚାରିଦିନ ପରର କଥା ।

ସଞ୍ଜ ବୁଡ଼ିଲା ପରେ ପରେ ଲୁହା ଗେଟ୍ ଆରପଟୁ ବଳରାମର "ନନା, ନନା" ରଡ଼ି ଶୁଣି ମିଶ୍ରନନା ବିରକ୍ତି ସହ ଜୋର୍ ଜୋର୍ ପାଦ ପକେଇ ଗେଟ୍ ପାଖକୁ ଗଲେ ଓ ପଚାରିଲେ, "କ'ଣ ହେଲା କିରେ, କାହିଁକି ରଡ଼ି ଛାଡୁଛୁ ଏଡେ ଜୋରରେ ?"

ବଳରାମ ହାଣ୍ଡିଆ ନିଶ୍ଚେ ପିଇଥାଏ, ପାଦ ଟଳମଳ ହେଉଥାଏ । ଦି'ହାତ ଯୋଡ଼ି ଜୁହାର ହେଲା ଓ ବଡ ବ୍ୟସ୍ତ ହେଇ କହିଲା, "ନନା, ବିଜୁ ମା'ର ଦିହ କ'ଣ ହେଇଯାଉଛି । ଅଚେତ୍ ହେଇ ପଡ଼ିଛି ବାରଣ୍ଡାରେ । ମୁଣ୍ଡ ବୁଲେଇ ଦଉଚି, ପେଟ ଚିପି ଧରି ବାନ୍ତି କଲାଣି । ଦି' ଚାରିଥର । ମରିଯିବ କି କ'ଣ, ତେମେ ଟିକେ ଆସ ।"

ମିଶ୍ରନନା ବଳରାମର କଥାକୁ ଗୁରୁତ୍ୱ ଦେଲେ ନାହିଁ । ନଜର ପଡିଲା ତା'ଟଳମଳ ପାଦ ଉପରେ । କହିଲେ, "ହଉ ହଉ, ଗ୍ୟାସ୍ ବଟିକା ଦଉଚି, ନେଇଯା' । ପେଟରେ ଗ୍ୟାସ୍ ହେଇଯାଇଥିବ ବାନ୍ତି କଲେ, ଚିନି ଲୁଣ ପାଣି ପେଇବୁ ।"

ବଟିକା ନେଇ ଫେରିଗଲା ବଳରାମ ଟଳିଟଳି ।

ବଡବୋହୂ ସ୍ୱାମୀଙ୍କୁ ବାଧ କଲେ- "ଶୁଣୁଛ ! ବିଜୁ ମା' କେବେଠାରୁ କହୁଚି ତା'ଦେହ କଥା । କାଳେ କିଛି ହେଇଯାଇଥିବ । ଚେତା ବୁଡେଇ ପଡିଛି ବୋଲି ବଳରାମ କହିଲା ପରା । ଚାଲ, ଦେଖି ଆସିବା ।"

କାହିଁକି କେଜାଣି ମିଶ୍ରନନା ମନାକଲେ ନାହିଁ । ସ୍ତ୍ରୀଙ୍କ କଥା କାଟି ଦେଲେ ନାହିଁ ।

ବିଜୁ ମା'ର ଅବସ୍ଥା ସତରେ ସାଂଘାତିକ ହେଇଯାଇଥିଲା । ମିଶ୍ରନନା ତୁରନ୍ତ ଆମ୍ବୁଲାନ୍ସ ଡକେଇଲେ । ମେଡିକାଲ୍ ନେଲେ । ଲକ୍ଷଣ ଦେଖି ଡାକ୍ତର ଘୋଷଣା କଲେ- "ପିଓର୍ ପଏଜନିଂ କେସ୍ । ବିଜୁ ମା' ବିଷ ଖାଇଦେଇଛି ।"

ବଳରାମର ନିଶା ଉତୁରିଗଲା । ରଡିକରି କାନ୍ଦିଲା- "ମୋ ସଂସାର ଉଚ୍ଛନ୍ନ କରିଦେଲା ଲୋ ।" କହୁକହୁ ଲଥ୍ କରି ତଳେ ବସିଗଲା । ଅଳ୍ପକ୍ଷଣ ପରେ ପୁଣି ଭୂତ ଲାଗିଲା ପରି ଉଠିପଡ଼ି କହିଲା - "ଏଠି ଆଉ ରଖିବିନି । ନେଇଯିବି ଗୁଣିଆ ପାଖକୁ । ଦି'ଫୁଙ୍କାରେ ବିଷ ଝଡିଯିବ । ଉଠି ବସିବ ଟେଙ୍ଗା ହେଇ ।"

"ଚୋପ୍" । ଜୀବନର ପ୍ରଥମଥର ଲାଗି ମିଶ୍ରନନା ଏଡେ ଜୋର୍‌ରେ ଚିଲେଇ ଉଠିଲେ । ରାଗରେ ଥରୁଥାନ୍ତି ଗୋଟାପଣେ । ଗୋରାମୁହଁ ରଙ୍ଗା ପଡିଯାଇଥିଲା ତାଙ୍କର ।

"ଖବରଦାର ବଳରାମ ! ଗୁଣିଚୁଣି କଥା କହିଚୁ ତ ଏକା ଜାବୁଡାକେ ତୋ ନିଶା ଖସେଇଦେବି ।

ତାଙ୍କ ରୁଦ୍ର ମୂର୍ତ୍ତି ଦେଖି ପୁରାପୁରି ସାଙ୍କୁଳିଗଲା ବଳରାମ ।

ମିଶ୍ରନନା ମୁଣ୍ଡରେ ହାତଦେଇ ବସିଗଲେ । ବଡବୋହୂ କାନ୍ଦିପକେଇଲେ ।

ଆରମ୍ଭ ହେଲା ଯନ୍ତ୍ରଣାଦାୟକ ଚିକିତ୍ସା । ନାଲି ପଟାସ୍ ପାଣି ନଳି ବାଟେ ପିଏଇଲେ, ବିଜୁ ମା' ପାଟିରେ ପେଟଯାକେ ରବର ନଳି ଭର୍ତ୍ତି କରି । ପ୍ରତି ଦୁଇ ମିନିଟ୍‌ରେ ବିକଟାଳ ଚିତ୍କର କରି ବାନ୍ତି କରୁଥାଏ ବିଜୁ ମା' ।

ବେଶି କାଳ ଆଉ ସାହିପାରିଲେନି ବଡବୋହୂ । ମୁଣ୍ଡ ବୁଲେଇଦେଲା । ସ୍ତ୍ରୀର ବେହୋସ୍ ହବାର ଉପକ୍ରମ ଦେଖି ଅନିଚ୍ଛା ସତ୍ତ୍ୱେ ହସ୍‌ପିଟାଲ୍ ଛାଡିଲେ ମିଶ୍ରନନା ।

ସାରା ରାତି ଦି'ଯାଆଙ୍କୁ ଆଉ ନିଦ ନାହିଁ । ପ୍ରତି ମୁହୂର୍ତ୍ତରେ ଦିଶି ଯାଉଥାଏ ବିଜୁ ମା'ର ମୁହଁ । ଗେଟ୍ ଖୋଲି ଶାଗ କେରିଏ ହାତରେ ଧରି, ନାଲି ଶାଢ଼ୀ ପିନ୍ଧି ମୁହଁରେ ସ୍ମିତହାସ ଉକୁଟେଇ ଆସୁଥିବା ବିଜୁ ମା' ।

"ହେ ଭଗବାନ୍ !! ବିଜୁ ମା'ଟାକୁ ଭଲ କରିଦିଅ । କାହିଁକି ଏତେ ଯନ୍ତ୍ରଣା ଦଉଛ ସରଳ ମାଇପିଟାକୁ, କି ଦୋଷ ସେ କଲା ।" ଠାକୁରଙ୍କ ଆଗରେ ନିଉଛାଳି ହଉଥାନ୍ତି ଦି' ଯାଆ ।

କେତେବେଳେ ହଜିଯାଇଛି ରାତି । ଆରଦିନ ସକାଳୁ ବଡବୋହୂ କୁଅମୂଳେ ଛିଡା ହୋଇଥାନ୍ତି, ଦେଖିଲେ ବଳରାମ ଆସୁଛି ବିଜୁ ହାତକୁ ଧରି ।

"ବିଜୁ ମା'କୁ ଆଣିଲୁନି କି ସାଙ୍ଗରେ ?" ଅତିଶୟ ଉଗ୍ର ଭାବେ ପଚାରିଲେ ବଡବୋହୂ ।

ବଳରାମର ଉତ୍ତର ଥିଲା ଆକସ୍ମିକ ଅପ୍ରତ୍ୟାଶିତ ରୁକ୍ଷ ।

"ମାରି ତ ଦେଲ, ପୁଣି ପଚାରୁଛ କ'ଣ ?"

ବଡବୋହୂ କାଠ ପାଲଟିଗଲେ ।

ତା'ପରଠାରୁ ବଳରାମ ଆଉ ବିଜୁକୁ କଲୋନୀରେ କେହି ଦେଖିନାହାନ୍ତି ।

ଡାକ୍ତରବାବୁଙ୍କ ଫାର୍ମ ହାଉସ୍‌ର ଶେଷ କୋଠରିଟି ହେଇଗଲା ରିକ୍ତ, ଖାଁ ଖାଁ ।

କୁଆଡେ ଚାଲିଗଲା ବଳରାମ । ବିଜୁକୁ ସାଙ୍ଗରେ ନେଇ !!

ବିତିଗଲାଣି ଛଅମାସ । ଆସିଗଲାଣି ଗ୍ରୀଷ୍ମ । ଏଥର ଗ୍ରୀଷ୍ମର ପ୍ରଭାବ ଆଗଠାରୁ ଅଧିକ । ଅଦୂରର ଲଣ୍ଡା ପାହାଡ ତଳେ ଆଦିବାସୀ ମୁଖିଆ ଧରଣୀପେନୁକୁ ବଳି ଯାଚିବାର ପ୍ରସ୍ତୁତି କରୁଥାଇପାରେ । ସାନବୋହୂଙ୍କ ଘର ତୋଳାହେଇ ସାରିଛି । ସରିଛି ବି ଗୃହପ୍ରତିଷ୍ଠା କର୍ମ । ଏଇ ଖରାଛୁଟିରେ କଲୋନୀ ଛାଡି ଉଠିଯିବେ ନିଜ ଘରକୁ । କାହାରି ମନରେ ହସନାହିଁ । ଅଲଗା ହବାର ଦୁଃଖ ସମସ୍ତିଙ୍କୁ ଘାରିଛି ।

ଜିନିଷପତ୍ର ବନ୍ଧାବନ୍ଧି ଆରମ୍ଭ ହେଲା । ମିଶ୍ରନନାଙ୍କ ସାନଭାଇ ଦିଲୀପ ଦରକାରୀ କାଗଜପତ୍ର ଗୁଡିଗୁ ତନଖି କରୁଅଛି । କିଛି ସାଇତି ରଖିଛନ୍ତି ଏବଂ କିଛି ଫିଙ୍ଗି ଦଉଛନ୍ତି ଡଷ୍ଟବିନ୍‌କୁ । ସାନବୋହୂ ତେଣେ ବଡଯାଆଙ୍କ ସହ ମିଶି ଛୋଟ ଛୋଟ ଜିନିଷ ବନ୍ଧାବନ୍ଧିରେ ବ୍ୟସ୍ତ ।

ଅଚାନକ ଅଠାଦିଆ ଲଫାଫାଟିଏ ଫିଙ୍ଗି ଦଉ ଦଉ ଅଟକିଗଲେ ଦିଲୀପ । ଲଫାପା ଉପରେ ଠିକଣା ଲେଖାଯାଇନି । ଅଦମ୍ୟ କୌତୂହଳ ସହ ଲଫାଫାଟି ଚିରିଲେ । ଭିତରେ ମୋଡାମୋଡି ଖଣ୍ଡେ କାଗଜ । ନିଶ୍ଚେ ଚିଠିଟିଏ । ଖୋଲି ଦେଖିଲେ । ଢ଼ିମା ଢ଼ିମା ଅକ୍ଷର ଦେଖି ଜାଣିଗଲେ, ନିଶ୍ଚେ ମାମିନା ଲେଖିଛି ଚିଠି । ପ୍ରଥମ ଦୁଇ ଚାରି ଧାଡି ପଢ଼ିଦେଇ ହେଲେ ସ୍ତମ୍ଭୀଭୂତ । ଧୈର୍ଯ୍ୟ ଧରି ପଢ଼ିଗଲେ ଶେଷ ଯାକେ । ଧାଡି ପରେ ଧାଡି । ସେତେବେଳକୁ ଆଖିରେ ଲୁହ ଜକେଇ ଆସିଲାଣି, ରଙ୍ଗା ପଡିଲାଣି ମୁହଁ ।"କ'ଣ ପଢୁଚ ମ ଏତେ କାଳ ?" ଦିଲୀପଙ୍କୁ ଲକ୍ଷ୍ୟକରି ପଚାରିଲେ ସାନବୋହୂ ତାଗିଦ୍ କଲା ଭଳି ।

ଦିଲୀପଙ୍କ ଆଖି ଛଳ ଛଳ; ଆଖି ମିଶିଲା ସ୍ତ୍ରୀଙ୍କ କୌତୂହଳୀ ଆଖି ସହ । ପାଟିରୁ ସ୍ଫୁରୁ ନ ଥାଏ ବଚନ । ଚିଠି ଖଣ୍ଡିକ ସ୍ତ୍ରୀଙ୍କ ହାତକୁ ବଢ଼ାଇ ଦେଉ ଦେଉ ପାଟିରୁ ନିସ୍ତେଜ ଭାବେ ବାହାରିଲା- "ବିଲୁ ମା'ର ଚିଠି...ବୋଧେ ତା' ଶେଷ ଚିଠି..."

ବିଲୁ ମା' ନାମଟି ଶୁଣିବା ମାତ୍ରକେ ସାନବୋହୂଙ୍କ ଦେହରେ ଯେମିତି ବିଦ୍ୟୁତ୍ ସ୍ରୋତ ପ୍ରବାହିତ ହେଇଗଲା । ଥରିଲା ହାତରେ ଚିଠିଟିକୁ ପଢ଼ିଗଲେ ଧୈର୍ଯ୍ୟ ଧରି, "ରାଜୁ...ରେ, ତର୍ ମା' କହୁଛେ । ଛୁଆ ମର୍ ଭଲରେ ଥା' । ତର୍ କଥା ଭାରି ମନେପଡୁଛି । କ'ଣ ହେଲାରେ ଧନ, ମା' ଉପରେ ରାଗୁଚୁ । ନା ମା'କୁ ପୁରାପୁରି ଭୁଲିଗଲୁ ? ବିଲୁଟା ସିନା ମର୍ ପୁଅ, କିନ୍ତୁ ତା'ଜନମ ଆଗରୁ ତ ମୁଁ ତର୍ ମା' ବନିସାରିଥିଲି । ତୁ ତୋ ଜନମ୍ କଲା ମା'କୁ ଝୁରି କେତେ କାନ୍ଦୁ ତତେ ମୁଁ ବୁଝାଏ । ମୁଇଁ ତୋର୍ ମା' ବୋଲି କହେ । ହେଲେ ତୁଇ ତ ଜମାରୁ ବୁଝୁନା । ମତେ ନୂଆ ମା' ଡାକଲୁ । ଥରୁଟେ ମା' ବୋଲି ଡାକଲୁନି । ବୁଆ ଉପରେ, ମର୍ ଉପରେ ରାଗ୍, କାହିଁକି ମତେ ବିହାକରି ଘରକେ ଆଣିଲା ବୋଲି । ତର୍ ବୁଆ ଏବେ ବେଶୀ ବେଶୀ ପିଉଛେ । ବେଶୀ ବେଶୀ ହଲ୍ଲା କରୁଛେ ବାରଣ କଲେ ମାରଧର କରୁଛେ । ସେଦିନ ମୋ ପେଟରେ ପିଠିରେ ବିଡ଼ି ଚେଙ୍କ ଦେଇଦେଲା । ଯନ୍ତ୍ରଣାରେ ମୁଁ କଲବଲ ହେଇଗଲି । ମୁଁ ଆଉ ସହିନାଇଁପାରେ । ମରିଯିବି । ବିଲୁ ତତେ ନାଗଲା, ଆଉ ମୋ ପକ୍ଷରୁ ଚିଠି ନାଇଁ ପାଇବୁ.... ।"

ଚିଠି ଶେଷ ବି ହେଇନି । ଲମ୍ବା ଚିଠି ହେତୁରୁ ହୁଏତ ମାମିନା ଚିଡିଯାଇଛି, ଶେଷ ଆଡକୁ ଅକ୍ଷରଗୁଡ଼ା ବେଶି ବେଶି ଢ଼ିମା ଢ଼ିମା କରି ଲେଖିଛି ।

ଏଇ ଯେମିତି କଇଁ କଇଁ କାନ୍ଦି ଉଠିବେ ସାନବୋହୂ । ଉଠେଇ ଆସିଲା କୋହ । ପାଟିରୁ ଖସିଗଲା । "ଓଃ ମା" ତା'ପରେ ଘର ଭିତରେ ଛାଇଗଲା ଶ୍ମଶାନର ନୀରବତା । ଶୁଭୁଛି ଖାଲି ଖାଲି କାନ୍ଥଘଣ୍ଟାର ଟିକ୍-ଟିକ୍ ଶବ୍ଦ । ସେକେଣ୍ଡ କଣ୍ଟା ଟକ୍-ଟିକ୍ କରି ଆଗକୁ ମାଡି ଚାଲିଛି । କିନ୍ତୁ ଅଟକି ଯାଇଛି ସମୟ । ଆଗକୁ ନ ଗଲେ ନାଇଁ ପଛକୁ ଫେରିଯାଆନ୍ତାନି ଏ ବିପନ୍ନ ସମୟ । ଫେରିଯାଆନ୍ତାନି ଗ୍ରୀଷ୍ମ ଭାରାକ୍ରାନ୍ତ ସମୟରୁ କାର୍ତ୍ତିକର ସେ ଶୀତ ସକାଳକୁ । ବିଲୁ ମା'ର ଚିଠିଟିଏ ଲେଖିଦେବା ଲାଗି ବାରମ୍ବାର ଅନୁରୋଧ ପ୍ରତି ସାନବୋହୂଙ୍କ ମନରେ ଯେ ପ୍ରଚ୍ଛନ୍ନ ପ୍ରସନ୍ନତା ଥିଲା; ତାହା ପ୍ରକଟିତ ହୋଇଗଲା ।

ମାମିନା ବଦଳରେ ନିଜେ ଲେଖି ପୋଷ୍ଟ କରିଦେବା ଲାଗି । ସ୍ନେହୀ ମଣିଷଟା ପ୍ରତି ଏତିକି ନିଶ୍ଚେ ଥିଲା ତାଙ୍କର ସର୍ବନିମ୍ନ କର୍ତ୍ତବ୍ୟ । ଆଃ ! ସାମାନ୍ୟ କର୍ମଟିକୁ ଠିକ୍ ଭାବେ ତୁଲେଇ ପାରିଲେନି ସେ !!

ଏ ଚିଠି ଯଦି ଠିକ୍‌ବେଳେ ପୋଷ୍ଟ ହେଇଥାନ୍ତା, ଚିଠି ପାଇ ପଢ଼ିଲା ପରେ ହୁଏତ ରାଜୁ ମନରେ ଆସିଥା'ନ୍ତା ପରିବର୍ତ୍ତନ । ହୁଏତ ସେ ଅନୁଭବିଥାନ୍ତା ମା'ର ଦୁଃଖ ଓ ଧାଇଁ ଆସିଥାନ୍ତା ତୁରନ୍ତ । ବୁଝେଇଥାନ୍ତା ବୁଆକୁ । ବୋଧ ଦେଇଥାନ୍ତା ମା'କୁ । ନୂଆ ମା' ବଦଳରେ ଡାକିଥାନ୍ତା ମା'ବୋଲି । ସେତିକିରେ ପୂରି ଉଠିଥାନ୍ତା ବିଲୁ ମା'ର ହୃଦୟ । ତୃପ୍ତ ହେଇଯାଇଥାନ୍ତା ତା' ଅନ୍ତରାତ୍ମା । ସବୁ କଷ୍ଟ ଭୁଲି ବଞ୍ଚିବାର ଇଛା ହେଇଯାଇଥା'ନ୍ତା ବଳବତ୍ତର ପୁନର୍ବାର । ପୁଣି ଶୁଭିଥା'ନ୍ତା ଲୁହା ଗେଟ୍ ଖୋଲି "ବୋହୂମାନେ ଘରେ ଅଛ ?" ଡାକା ନାଲିଶାଢ଼ୀରେ ସାଧବ ବୋହୂ ଭଳି ଝଟକୁଥିବା ବିଲୁ ମା'ର ସେ ଡାକ ।

ସାନବୋହୂ ସ୍ତମ୍ଭୀଭୂତ । ଯେମିତି କାଠ ପଥର ।

କେଇକ୍ଷଣ ଲାଗି ସ୍ତମ୍ଭୀଭୂତ ହେଇଯାଇଥିବା ମୁହୂର୍ତ୍ତ ପୁଣି ଆଗକୁ ବଢ଼ିଲା । ବିଲୁ ମା' କିନ୍ତୁ ମରିଯାଇଛି ।

ବିଲୁ ମା' ଆଉ ନାହିଁ ।

ଖୋଜିଲେ ପାଇ ହେବନି, ଚାହିଁଲେ ଦେଖି ହବନି ତାକୁ ।

ସାନବୋହୂଙ୍କ ଆଖିରେ ଭର୍ତ୍ତି ହେଇଥିଲା ଲୁହ । ହାତରୁ ଖସି ପଡିଥିଲା ଚିଠି । ବିଲୁ ମା'ର ଶେଷ ଚିଠି, ଯାହା ପୋଷ୍ଟ ହେଇ ନ ପାରି ହେଇସାରିଥିଲା ଅଲୋଡ଼ା ।

❖



# ମୂଳିଶାଗ

ସତପଥି ରୋଜାଲିନ୍ ବେହେରା

**ଫା**ଲ୍‌ଗୁନ ମାସ ଶେଷ ଆଡ଼କୁ ବୋଧହୁଏ, ମନେ ପଡୁନି ଠିକ୍‌ରେ । ଦାମନଯୋଡ଼ି ଆସିବା ମୋଟେ ଦଶ ବାରଟା ଦିନ ହେଇଥାଏ । କଟକ ଭୁବନେଶ୍ୱରରେ ନାହିଁ ନଥିବା ଗରମ ବେଳେ ସେଠି ଅଦ୍ଭୁତ ଶୀତଳତା, ଏକ ରୋମାଞ୍ଚକର ପାଣିପାଗ । କଳା ଘୁମର ପାହାଡ଼ମାଳା, ଗୋଟେ ପାହାଡ଼ର ଲାଞ୍ଜିଠୁ ଆଉ ଗୋଟିଏ ପାହାଡ଼ର ଆରମ୍ଭ । ପାହାଡ଼ ଦେହରେ ଉଚ୍ଚାଉଚ୍ଚା ସବୁଜ ଅରଣ୍ୟ, ଏକଦମ୍ ଘଞ୍ଚ, ପାଖରୁ ଦେଖିଲେ ଭିତର ଅନ୍ଧାରିଆ ଅନ୍ଧାରିଆ ଦେଖାଯାଏ । ସେଇ ଅନ୍ଧାରିଆ ଜଙ୍ଗଲୀ ରାସ୍ତାଦେଇ ସକାଳ ହେଲେ ପାହାଡ଼ି ସ୍ତ୍ରୀଲୋକ ସବୁ ଟୋକେଇ ମୁଣ୍ଡେଇ ଗଡ଼ନ୍ତି । କାହାର ପରିବା, କାହାର ଫଳ କାହାର ଶୁଖୁଆ ଆଉ କାହାର ତେଲଏ ମଦ, ଝୁଣା, କାଠ ଧୁଆଁପତ୍ର, ବିଭିନ୍ନ ଜଙ୍ଗଲୀ ଶାଗ, ଜଙ୍ଗଲୀ ଛତୁ, କରଡ଼ି... ଏମିତି କେତେ କ'ଣ ଧରି ସେମାନେ ହାଟକରି ଆସନ୍ତି । ଯଦିଓ ସପ୍ତାହକୁ ଦୁଇଦିନ ହାଟପାଳି, କିନ୍ତୁ କେତେଜଣ ସବୁଦିନିଆ, କଲୋନୀରେ ବୁଲିବୁଲି ବେପାର କରନ୍ତି । ପାହାଡ଼ ଭଳି ପାହାଡ଼ି ମଣିଷମାନେ ବି ଭାରି ସରଳ ଆଉ ସୁନ୍ଦର । ସେମାନଙ୍କର ପରିଶ୍ରମ ଆଗରେ ସେମାନଙ୍କର ଜିନିଷର ମୂଲ୍ୟ ଏକଦମ୍ ତୁଚ୍ଛ ଲାଗେ । ଯେଉଁ ଜିନିଷକୁ ଦୋକାନୀମାନେ ଚଢ଼ା ଦରରେ ଗ୍ରାହକମାନଙ୍କୁ ବିକ୍ରି କରନ୍ତି ସେଇ ଜିନିଷକୁ ପୁଣି ସଜାଡୋଳା ହେଇଥିବ ତାକୁ ସେମାନେ ଦୁଆର ଦୁଆର ବୁଲି କମ୍ ଦରରେ ବିକ୍ରି କରିଆସନ୍ତି । ସେମାନଙ୍କର ଚିହ୍ନା ଅଚିହ୍ନା କିଛି ନାହିଁ, ନୁନି ନୁନିରେ ସମ୍ବୋଧନ କରନ୍ତି ମହିଳାମାନଙ୍କୁ ଦେଖିଲେ ଏବଂ ପୁରୁଷମାନଙ୍କୁ ବାବୁ ବୋଲି ।

ଟୋକେଇ ମୁଣ୍ଡେଇ ଗୋଟିଏ ପରଜୁଣୀ ବୁଢ଼ୀ ଦି'ତିନି ଦିନକୁ ଥରେ ଆସି ପନିପରିବା ଦେଇଯାଏ । ନାଁ ତା'ର କିଆରା । ମୁଣ୍ଡରେ ଟୋକେଇ ତ ନୁହେଁ ଯେମିତି ଗୋଟାଏ ସାନ ପୃଥିବୀ, ସକଳ ଜିନିଷ ସେଇଠି । ନାନା ପ୍ରକାରର ପରିବା, ଶାଗ, ଡାଲି, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଗୁଣ୍ଡ ମସଲା, ତେନ୍ତୁଳି, ଆମ୍ବୁଲ...ଯାହା ଖୋଜିବ । ଥରେ କଥା ଛଳରେ ପଚାରିଲି-ମାଉସୀ ଏତେ ଜିନିଷ ଧରି କେମିତି ଆସୁଛ ପାହାଡ଼ ପଥୁରୀ ଘାଟିମାଟି ରାସ୍ତା ଦେଇ ? ବୁଢ଼ୀ ହସିଦେଲା । "କ'ଣ ଆଉ କରବା, ଖଟଲେ ଖାଁଏବୁ..ହଁ ଯେ ହେଲେ "ଏ ବୟସରେ ଏତେ ତାକତ କୋଉଠୁ ଆସୁଛି ? କହିଲା ଆମି ଶାଗ ଖାଁଉଚୁ, ମାଣ୍ଡିଆ ପେଜ ପିଉଚୁ...ଏଟା ଆମକେ ବେଶି ତାକତ ଦେବାର । ଆଚ୍ଛା ମାଉସୀ ତୁମର ଆଡେ କି କି ଶାଗ ସବୁ ମିଳେ ? "ସେ କଣ୍ଟାମାରିସା, ଲେନି ଶାଗ, ଛୁନ ଛୁନିଆ, ସିରଲି, ଗୁଦଗୁଦିଆ, ସୋରିଷ ଶାଗ, ଝୁମ୍ପୁରି, ଚାକୁଣ୍ଡା, ଗିଲିରି ଫୁଲ, କାମୁଡା, ଖଡ଼ା, କୋବି ଶାଗ, ମୂଳି ଶାଗ... ଏମିତି ଆକା ନୁନି...ନବୁ ବୋଇଲେ ଆନିଦେବି । ଏବେ ଏଇ ମୂଳି ଶାଗ ଦି' ବିଡ଼ା ଅଛେଁ ନେଇଥା ଆରି କେବେ

ଆଇଲେ ଘିଡି ଆଏବି । ମୂଳା ନାଁ ଶୁଣୁଶୁଣୁ ୟାଙ୍କର ପାଗ ବିଗିଡ଼ିଯାଏ । ଖାଇବା ତ ପଛ କଥା । ତଥାପି ଛନଛନିଆ ପତ୍ର ଦେଖି ରହିପାରିଲେନି ନେଇଆସିଲି । ଆମର ସେପଟେ ମୂଳା ଖାଆନ୍ତି, ପତ୍ରକୁ ଫିଙ୍ଗି ଦିଅନ୍ତି । ନହେଲେ ମନହବ ଯଦି ମିଶା ମିଶିଆ ଶାଗରେ ଦି' ଚାରିଟା ପକେଇ ଭଜା ହୁଏ । ଏମିତି ବିଡ଼ା ବାନ୍ଧି କୋଉଠି ବିକ୍ରି ହବାର ନଜରରେ ଆସିନି କାଇଁ । ଇଚ୍ଛା ନଥାଇ ବି ବିଡ଼ାଏ ରଖିଲି । ସେଥିରୁ ଅଧ ବିଡ଼ାଏ ରସୁଣ ଲଙ୍କା ଦେଇ ଆଳୁ ସାଙ୍ଗରେ ମିଶେଇ ଭାଜିଲି, ଆଉ ଅଧିକ ସଞ୍ଜବୁଡକୁ ବରା କରି ଛାଣିଲି । ସେ ବରାର ଏତେ ପ୍ରଶଂସା ମୋ ସ୍ୱାମୀ କଲେ ଯେ ମୋତେ ଭାବିଲା ବେଳକୁ ଆଶ୍ଚର୍ଯ୍ୟ ଲାଗିଲା । ଏମିତି ତ ଲାଗିଲା ଯେ ନା ଯେ ଆମ ସେପଟ ମୂଳାପତ୍ର ଭଳିଆ ନୁହଁ, ଯେ ନିଶ୍ଚୟ ଅଲଗା ଧରଣର ମୂଳା, ନହେଲେ କ'ଣ ଏତେ ସୁଆଦିଆ ଲାଗିଥାନ୍ତା ? ମନେମନେ ସ୍ଥିର କଲି ସେ ମାଉସୀ ଆସିଲେ ଏଥର ଯେମିତି ହେଲେ ତିନିଚାରି ବିଡ଼ା ରଖିବି । କିନ୍ତୁ କ'ଣ ହେଲା କେଜାଣି ବୁଢ଼ୀ ଆଉ ଆସିଲାନି । ମାସେ ପରେ ବିତିଗଲା ଅଥଚ ତା'ର ଦେଖାନାହିଁ ।

ସକାଳୁ ଚା'କପ୍‌ଟା ଧରି ବାଲ୍‌କୋନୀରେ ବସିଗଲେ ଦୂରରୁ ଦିଶିଥାଏ ସେଇ ସାନସାନ ପାହାଡୀ ଗାଁ ସବୁ । ଭାବେ କିଆରା ମାଉସୀ ଗାଁ ବୋଧେ ସେଇଆଡ଼ର ହେଇଥିବ । ଲିଟିଗୁଡ଼ା, ବାଇଗୁଡ଼ା, କୁମୁଲିପୁଟ କୁମ୍ଭିଗୁଡା, ଜିଲ୍ଲାର ଏମିତି କେତେ କ'ଣ ଗାଁ ନାଁ ସବୁ କୁହେ ୟୁଆଡୁ ତା'ସାଙ୍ଗ ପରଜୁଣୀମାନେ ମିଶିକରି ଆସନ୍ତି । ପହାଡ ତଳଦେଶକୁ ଧାନ ମାଣ୍ଡିଆ ଆଦିର ଚଉଡ଼ା ଶସ୍ୟକ୍ଷେତ, ଉପରକୁ କାନ୍ଦୁଲ, ହରଡ, ସୁଆଁ ସବୁ । ବଡ଼ ସୁନ୍ଦର ଦେଖାଯାଏ । କ୍ଷେତ କଡ଼େକଡ଼େ ବୋଧହୁଏ ପନିପରିବା ଲାଗିଥାଏ କି କ'ଣ ସବୁଜା ସବୁଜା ଦେଖାଯାଏ । ଠିକ୍‌ରେ ଠଉରେଇ ହୁଏନି ଏତେ ଦୂରରୁ ଖାଲି ଡେଙ୍ଗାଡେଙ୍ଗା ମକାଗଛଗୁଡ଼ା ବେଶି । ମୋଟେଇ ମୋଟେଇ ତେନ୍ତୁଳି ଗଛ ସବୁ ସ୍ପଷ୍ଟ ଦେଖାଯାଏ, ତାରି ମୂଳରେ ମଣିଷମାନେ ବସାଉଠା ଯା'ଆସ କରିବାର ଦେଖାଯାଏ । କ୍ରମେ ଖରା ମାଡ଼େ, ଦିନ ବଢ଼େ, ପାହାଡୀ ମଣିଷମାନେ ଲୁଚିଯାନ୍ତି ଯିଏ ଯାହା କର୍ମ ବାଟେ । ପହାଡ଼ ମଥାନ ଛୁଇଁ ଦ୍ୱିପ୍ରହରକୁ ଖରା ଚିକ୍‌ଚିକ୍ କରେ ପରଜୁଣୀ ବୁଢ଼ୀର ତେଲ ଜରଜର ଜୁଡ଼ା ଭଳି । ସଞ୍ଜ ହେଲେ ପାହାଡ଼ ଖୋଲରୁ ଜନବସତି ଆଡ଼କୁ ଗାଈ ମଇଁଷିମାନଙ୍କର ଧାଡ଼ି ଲାଗେ । ଯିଏ ଯେଝା କାମସାରି ଲେଉଟି ଆସନ୍ତି, ତେନ୍ତୁଳି ଗଛମୂଳ ପୁଣି ଗହଳ ଚହଳ ଲାଗେ । ପାହାଡ଼କୁ ପାହାଡ଼ ଲଗାଲଗି, ଛନ୍ଦାଛନ୍ଦି ତେଣୁ ସୂର୍ଯ୍ୟ ମାହାପୁରୁ ଖୋଲ ଖୋଜନ୍ତି କୋଉପଟେ ବୁଡ଼ିବେ ବୋଲି । ଧୀରେଧୀରେ ସଞ୍ଜ ଗଡ଼ି ପାହାଡୀ ଦେଶକୁ ରାତି ଆସେ, ଜଙ୍ଗଲର କନ୍ଦି ବିକନ୍ଦିରେ ଅନ୍ଧାର ପଶେ । ଗାଁ ସବୁ ବିଲୀନ ହେଇଯାଏ ଅନ୍ଧାରର କାଳିମା ଭିତରେ, ଖାଲି ଠାକୁ ଠା ଜୁକୁଜୁକୁ କ୍ଷୀଣ ଆଲୁଅ ଦିଶେ । କେଡ଼େ ଶାନ୍ତ ସୁନ୍ଦର ସେହି ଜଙ୍ଗଲ ମୂଲକ । ସ୍ୱାମୀଙ୍କ ଆଗରେ ଜିଦି କରେ ସେଇ ଗାଁ ଆଡ଼େ ଯିବାପାଇଁ, ମନ ଡାକେ କାହିଁକି ସିଆଡେ ବୁଲିଆସିବାକୁ । ସେ କିନ୍ତୁ ଆକଟ କରନ୍ତି, ନୂଆ ଜାଗା, ଆମେ କାହାକୁ ଜାଣିଛେ ଏଠି ? ସହଜେ ତ ଟେରରିଷ୍ଟ ଏରିଆ.... । ମୁଁ ନୀରବ ରୁହେ ।

ଅନେକ ଦିନ ଚାଲିଗଲା । ଥରେ ଭୀଷଣ ଜର ହେଲା । ଜର ଛାଡିଯିବା ପରେ ପାଟିକୁ କିଛି ରୁଚିଲାନି । ମନହେଲା ମୂଳା ଶାଗରେ ଚାଉଳ ପିଠୋଉ ଦେଇ ତାଓ୍ୱା ଭଜା କରନ୍ତି, ରାଗୁଆ ରାଗୁଆ କରି ଖାଆନ୍ତି । ସଞ୍ଜକୁ ବାବୁ ପ୍ଲାଣ୍ଟରୁ ଫେରିବାପରେ ହାଟକୁ ବାହାରିଲୁ । ବୋଧହୁଏ ଶୁକ୍ରବାର ହାଟ ବସୁଥିଲା ଭେଜାପୁଟରେ, ଠିକ୍‌ରେ ମନେନାହିଁ ଅବଶ୍ୟ । ନାଲ୍‌କୋ ପ୍ଲାଣ୍ଟରୁ ସିଧା ଗଡ଼ିଲେ ନାଲ୍‌କୋ କଲୋନୀ ଆଡ଼କୁ ଏକ ଗୋଲେଇ ଛକ ଆସେ ମାଥାଲ୍ ପୁଟ, ଆଉ ସେଠୁଁ ଡାହାଣ ହାତି ଆଗକୁ ମାଡ଼ିଲେ କେତେ ମିଟର ପରେ ଆସେ ଭେଜାପୁଟ । ନାଲ୍‌କୋ ତତ୍ତ୍ୱାବଧାନରେ ରାସ୍ତାର ଉଭୟ ପାର୍ଶ୍ୱରେ ସୁନ୍ଦର ସୁନ୍ଦର ସବୁଜ ଗଛ ସବୁ ଲଗାଯାଇଛି । ଆଉ ସବୁ ଗଛଗୁଡ଼ାକ ଫୁଲ ଭର୍ତ୍ତି । ରାସ୍ତା ତଳକୁ କେଇ ଫୁଟ ଖସିଗଲେ ବସ୍ତି ଛୋଟଛୋଟ ମୁଣ୍ଡ ଟେକିଛି । ଉଠା

ମୂଳିଆ ସେମାନେ, ଅନ୍ୟ ରାଇଜରୁ ଆସି ଏଠି କାମ କରନ୍ତି କିଛି ବର୍ଷ ପୁଣି କାମ ସରିଲେ ଫେରିଯାନ୍ତି । ନିରୀହ ମଣିଷଗୁଡ଼ା । ରାତିହେଲେ ହାଣ୍ଡିଆ ଆଉ ମହୁଲି ନିଶାରେ ଦିନଯାକର କଷ୍ଟକୁ ଭୂମିଷ୍ଠ କରେଇବାରେ ଯେମିତି ସେମାନେ ତାଲିମ୍‌ପ୍ରାପ୍ତ... । ଦାମନଯୋଡ଼ିରେ ନାଲ୍‌କୋ ପ୍ଲାଣ୍ଟର ବିସ୍ତୃତ ତଥା ଯାନ୍ତ୍ରିକ କାୟା ଆଉ ତହିଁରେ ଏମାନଙ୍କର ଗହଳି ଚହଳି ମୋଟାମୋଟି ଭାବରେ ଦେଖିଲେ ସ୍ଥାନଟିରେ ସହରୀ ଆଉ ଜଙ୍ଗଲୀ ଜୀବନର ମିଶ୍ରିତ ଶୈଳୀ ପରିଲକ୍ଷିତ ହୁଏ ।

ହାଟପାଳି ଦିନ ଅପେକ୍ଷାକୃତ ବେଶି ଗହଳିଚହଳି ଲାଗେ ଜାଗାଟି । ଯଥେଷ୍ଟ ଚଉଡ଼ା ବିଶିଷ୍ଟ ପିଚୁ ରାସ୍ତାର ଉଭୟ ପାର୍ଶ୍ୱରେ ପରିବା ବିକାଳିମାନେ ପରିବା ପସରା ଖୋଲି ବସନ୍ତି । ସେମାନଙ୍କ ଭିତରେ କେତେଜଣ ମୂଳ ଚାଷୀ ଓ କେତେଜଣ ବେପାରୀ । ପୁରୁଷମାନଙ୍କ ଅପେକ୍ଷା ମହିଳା ବିକାଳିମାନେ ବେଶି ବସନ୍ତି । ହଁ ଅବଶ୍ୟ ପାହାଡୀ ଇଲାକା ମାନଙ୍କରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ କର୍ମଠ । ଏଠି ବର୍ଷ ତମାମ ସବୁଜ ପନିପରିବା ଚାଷ ହୁଏ । ତେଣୁ କୋବି ମୂଳା ଭଳି ଶୀତ ଦିନିଆ ପରିବା ମଧ୍ୟ ଏଠି ବର୍ଷସାରା ମିଳିଥାଏ । ଏତେ ତଟକା ପରିବା ଆଗରୁ କେବେ ଦେଖିନଥିଲି ସତରେ । ପରିବା ଭଳିଆ ବି ସେ ପରଜା ସ୍ତ୍ରୀଲୋକ ମାନଙ୍କର ମୁହଁ, ଏକଦମ୍ ସଜସଜ । ହାଟ ତାଙ୍କର ଯାତ୍ରା, ତାଙ୍କ ସମ୍ମିଳନୀ ଆଉ ତାଙ୍କ ସଭା, ତାଙ୍କର ପର୍ବ ଜାଣ । ମୁଣ୍ଡରେ ତେଲମାରି ବାଙ୍କୁଲି ଜୁଡାରେ ଫୁଲ ପେନ୍ଥା ଖୋଷା ହେଇଥିବ, ନାଲି ହଳଦୀର ଫୁଲପକା ଲୁଗାକୁ ଦେହରେ ମୁଣ୍ଡରେ ତା'ର ମୋଡ଼ାମୋଡ଼ା ପିତଳ ନହେଲେ ରୁପାର ଗହଣା । ଗୋଟିଏ ଗୋଟିଏ ପାହାଡ଼ୀ ଫୁଲ ଭଳିଆ ହାଟର ସୌନ୍ଦର୍ଯ୍ୟ ବଢ଼ାଉଥିବେ ସେମାନେ । ହାଟ ସରିଲା, ଯାହା ଯେମିତି ଆଣିବା କଥା ଆଣିଲୁ, ହେଲେ ମୁଖ୍ୟ ଜିନିଷଟି ମିଳିଲାନି, ମୂଳି ଶାଗ । ନିରାଶ ହେଇ ଫେରିଲୁ ।

ଠିକ୍ ପରଦିନ ସକାଳେ ତେର ଚଉଦ ବର୍ଷର ଝିଅଟେ ଶାଗ ବିକି ଆସିଥିଲା । ଶାଗ ପଛେ କିଣା ହବ ଆଗ ବୁଢ଼ୀ କଥା ପଚାରିଦେଇ ଆସେ ଭାବି ତଳକୁ ଗଲି । ଝୁଡିରେ ଅନେକ ରକମର ଶାଗ । ସେଦିନ କିଆରା ମାଉସୀ ଏମିତି କେତେ କ'ଣ ଶାଗମାନଙ୍କର ନାଁ ସବୁ କହିଥିଲା । ଆଛା ଝିଅ ମୁଁ ଶାଗ ନେବି ଯେ ଆଗ କହିଲୁ ତୁ କୋଉ ଗାଁରୁ ଆସିଛୁ ? କିଆରା ମାଉସୀଙ୍କୁ ଜାଣୁ ? ଝିଅଟା କିଛି ଉତ୍ତର ଦେଲାନି । ମୁଁ ପୁଣି ପଚାରିଲି ସେ ଅନ୍ୟମନସ୍କ ରହିଲା । ଆଣ୍ଠୁ ଉପର ଯାଏ ଖଦି, ଜଡ଼ା ତେଲ ମରା ଚିକ୍କଣ ଜୁଡ଼ା, ଜୁଡ଼ାରେ କାନ କଡ଼କୁ ଧଳା ଫୁଲଟେ ନେଥାଏ, ହଳଦୀ ଗରଗର ମୁହଁ ହାତ, ଅଳସେଇ ଅଳସେଇ ଚାହାଣି, ମଠେଇ ମଠେଇ ଚାଲି... । ଝିଅଟିର ଚେହେରାରେ ଏକ ଅଦ୍ଭୁତ ଆକର୍ଷଣ । ଶାଗ ତୋଳି ଯାଇଥିଲା, ଜାନବର ଘୋଷାଡ଼ି ନେଲା ଆଉ ଫେରିନାହିଁ; ମନ ଦୁଃଖରେ ଝିଅଟି ଉତ୍ତର ଦେଲା ।

ଚମକି ପଡ଼ିଲି । କାରଣ ଯାହା ହେଇଥାଉ ହେଲେ ନିଜକୁ ଦୋଷୀ ଲାଗିଲା ଏମିତି ଲାଗିଲା ମୋରି ପାଇଁ ହିଁ ଶାଗ ତୋଳିବାକୁ ଜଙ୍ଗଲକୁ ଗଲା; ଆଉ ଏମିତି ଅବସ୍ଥା ହେଲା । ତୁ ତାଙ୍କର କ'ଣ ଲାଗିବୁ ? ଝିଅ ନା କ'ଣ ? ହଇ... ମୁଣ୍ଡ ହଲେଇ ଉତ୍ତର ଦେଲା । ଶାଗ ଖାଇବାର ଇଚ୍ଛାଟା ମରିଯାଇଥିଲା, ବାସ୍ ଏମିତି ଝିଅଟି ହାତକୁ ପଚାଶ ଟଙ୍କିଆଟେ ବଢ଼େଇଦେଇ ଭିତରକୁ ପଳେଇଆସିଲି । ଦେଖିବାକୁ ଗଲେ କିଆରା ମାଉସୀ ପାଖରେ କିଛିଟା ଋଣୀ ହେଇଯାଇଥିଲି । ବେଳେବେଳେ ଖୁଚୁରା ପଇସା ନଥିଲେ କିମ୍ବା କିଣିବାକୁ ଇଚ୍ଛା ନ ଥିଲା ବେଳେ ମାଉସୀ ଜୋର୍ କରି ବ୍ୟାଗ୍‌ରେ ପୂରେଇଦେବ ନେ ନୁନି, ରଖଥା, ଟିକରା ନଥାଉ, ଆରି କେବେ ଆସିଲେ ଦବୁଁ । ମନଟା ପୂରା ଓଜନିଆ ହେଇଗଲା । ଏମିତି ଗୋଟେ ଖବର ଶୁଣିଲା ପରଠୁଁ । ଦିନଯାକ ମୁହଁଟା ତା'ର ଆଖିରେ ନାଚିଲା । କିଛିଦିନ ଅବାଗିଆ ଅବାଗିଆରେ କଟିଗଲା ।

ଶାଗ ଖାଇବା ଛାଡି ଦେଇଥିଲି, ସଅକ ମରିଯାଇଥିଲା ସେବେଠୁଁ ।

❖



# କୁନି ମାତାଜୀ

ସୁଜାତା ମହାପାତ୍ର

**ଥ**ରେ ମୁଁ ବୋଉକୁ ପଚାରିଦେଲି, କୁନିମାତାଜୀ କାହିଁକି ବାହାହୋଇ ନାହାନ୍ତି ? କାଳେ ସିଏ ମୋ କଥା ଶୁଣିଦେବେ, ବୋଉ ମୋ ପାଟିରେ ହାତଦେଇ ମୋତେ ବାରିପଟକୁ ନେଇଗଲା । ସେତେବେଳକୁ କୁନିମାତାଜୀ ଠାକୁର ପୂଜାସାରି ଧ୍ୟାନରେ ବସିଥିଲେ । ବୋଉ ମତେ ଚୁପ୍ ଚୁପ୍ ହୋଇ କହିଲା "ମାତା ପରା ସନ୍ନ୍ୟାସିନୀ ହୋଇଯାଇଛନ୍ତି, ସନ୍ନ୍ୟାସିନୀ ମାନଙ୍କୁ ବାହାହେବା ମନା । ସେମାନେ ପରା ଦୀକ୍ଷାନେଇ ସଂସାର ତ୍ୟାଗ କରିଛନ୍ତି । ଆଉ ପୁଣି ସଂସାରରେ ପଶିବେ କାହିଁକି ?" ମୁଁ ସବୁବୁଝିଲା ପରି ବୋଉ କଥା ଶୁଣି ଚୁପ୍ ହୋଇଗଲି । ଅବଶ୍ୟ ମୁଁ ସେତେବେଳକୁ ମାତ୍ର ଏଗାରବର୍ଷର ଆଉ ପଞ୍ଚମ ଶ୍ରେଣୀରେ ପାଠ ପଢୁଥାଏ । ଏମିତି କୌତୁହଳବଶତଃ କୁନିମାତାଙ୍କ କଥା ବୋଉକୁ ସିନା ପଚାରିଦେଲି, ମାତ୍ର ମୋ ମନରେ କୁନିମାତାଙ୍କୁ ନେଇ ଅନେକ ପ୍ରଶ୍ନ । ତାଙ୍କ ବାପା, ମା କେମିତି ତାଙ୍କୁ ଘରୁ ଛାଡ଼ିଦେଲେ ? ତାଙ୍କୁ ଘରୁ ଛାଡ଼ିଲା ବେଳେ ସେମାନେ କେତେ କାନ୍ଦିନଥିବେ ? ଝିଅକୁ ଛାଡ଼ି ସେମାନେ କେମିତି ରହିଥିବେ ଇତ୍ୟାଦି । ଆଜିବି କୁନିମାତାଙ୍କ କଥା ଭାବିଲେ ମୋ ମନରେ ଖୁବ୍ ଭାବାନ୍ତର ସୃଷ୍ଟିହୁଏ । ସେଦିନ ତ ଆଉ ଏବେ ନାହିଁ । କୁନିମାତାଙ୍କ ସ୍ମୃତି ଟିକକ କିନ୍ତୁ ମୋ ମନରେ ଆଜି ବି ଉଜ୍ଜୀବିତ ହୋଇ ରହିଛି ।

ଦୁଇ ତିନିମାସ ଅନ୍ତରରେ କୁନିମାତା ନିଶ୍ଚୟ ଆମ ଘରକୁ ଆସନ୍ତି ଆଉ ପନ୍ଦରଦିନ ଖଣ୍ଡେ ରହି ପୁଣି ଚାଲିଯାଆନ୍ତି । ସିଏ କୁଆଡ଼େ ଯାଆନ୍ତି ପୁଣି କେବେ ଆସିବେ, ସେ ସବୁକଥା କିଛି ହେଲେ କହନ୍ତି ନାହିଁ । ଯେମିତି ହଠାତ୍ କରି ତାଙ୍କର ଆବିର୍ଭାବ ହୁଏ, ସେମିତି ହଠାତ୍ କରି ତାଙ୍କର ପ୍ରସ୍ଥାନ ମଧ୍ୟ ହୁଏ । ମାତ୍ର ଯେଉଁଦିନ କୁନିମାତା ଆମ ଘରକୁ ଆସନ୍ତି, ଆମକୁ ଲାଗେ ଯେମିତି ଘର ମଣିଷ ଜଣେ ଏଇ କିଛିଦିନ ହେଲା ଘରେ ନଥିଲେ; ପୁଣି ଆଜି ଘରକୁ ଫେରି ଆସିଲେ । ମାତାଜୀ ଘରେ ପହଞ୍ଚିଲା ମାତ୍ରେ ବୋଉ ବେକରେ ଲୁଗା ଗୁଡେଇ ହୋଇ ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରେ, ଆଉ ସିଏ କାନ୍ଧରେ ଝୁଲାଇଥିବା ତାଙ୍କର ବିରାଟ ଥଳିଟିକୁ ନେଇ ଠାକୁରଘର ପାଖରେ ରଖେ, ବାଉଁଶ ବେଣ୍ଟ ଲାଗିଥିବା ବଡ଼ ଛତାଟାକୁ ନେଇ ଠାକୁରଘର କଣରେ ଡେରେ, ଆଉ ବଡ଼ କଂସାଡାଲରେ ଡାଳେ ପାଣିନେଇ ତାଙ୍କ ପାଦ ଧୋଇଦିଏ । ନିଜର ଲୁଗା କାନିରେ ତାଙ୍କର ପାଦକୁ ପୋଛିପକାଏ । କୁନିମାତା ଆଶୀର୍ବାଦ ଦେବା ମୁଦ୍ରାରେ ଆୟୁଷ୍ମତୀ ହୋଇ ଥାଅ, ଚୂଡ଼ି ସିନ୍ଦୂର ବଜ୍ର ହେଉ କହି ବୋଉ ମୁଣ୍ଡରେ ହାତବୁଲାଇ ଆଣି ଘର ଭିତରକୁ ବିଜେ କରନ୍ତି । ଆଉ ଆମ ସମସ୍ତଙ୍କ ନାଁ ଧରି ବଡ଼ ପାଟିରେ ଡାକପକାନ୍ତି । ଆମ ଚାରି ଭାଇଭଉଣୀଙ୍କର ନାଁ ତାଙ୍କର ଜିଭ ଅଗରେ ଥାଏ ଯେମିତି । "ଆରେ ପିଲାମାନେ ! ସବୁ କୁଆଡ଼େ ଗଲରେ ?" ଆମେ ସବୁ ଜଣ ଜଣ ହୋଇ ଯାଇ ମାତାଜୀଙ୍କ ପାଦଛୁଇଁ ଆଶୀର୍ବାଦ ନେଉ । ସେମିତି ନକଲେ, ପରେ ବୋଉ ଆମର ନିଶ୍ଚୟ ବିରକ୍ତ ହେବ ବୋଲି ମନରେ ସବୁବେଳେ ଭୟଟିଏ ଥାଏ । ବୋଉର ସାଧୁ ସନ୍ନ୍ୟାସୀମାନଙ୍କ ପ୍ରତି ଅଖଣ୍ଡ ଭକ୍ତି । ତା ପିଲାମାନେ ମଧ୍ୟ ତାରି ପଥ ଅନୁସରଣ କରନ୍ତୁ ବୋଲି ତାର ଆନ୍ତରିକ ଇଚ୍ଛା ।

ଘରକୁ କୁନି ମାତାଜୀ ଆସିଲେ ବୋଉର କାମ ଆହୁରି ବଢ଼ିଯାଏ। ଆମ ଚାରିଛୁଆଙ୍କ ଜଞ୍ଜାଳ ସାଙ୍ଗକୁ ଇଏ ଆଉ ଗୋଟିଏ ଅଧିକ ଜଞ୍ଜାଳର ଭାର ତା ଉପରେ ପଡ଼େ। ତଥାପି ଏତେ କାମ ଭିତରେ ମଧ୍ୟ ବୋଉ କେବେ ବ୍ୟସ୍ତ କି ବିରକ୍ତ ହୁଏ ନାହିଁ। ଓଲଟା କହେ ଆରେ! ଅଶେଷ ପୁଣ୍ୟଫଳ ଥିଲେ ଘରକୁ ସାଧୁ ସନ୍ନ୍ୟାସୀ ଆସନ୍ତି। ନହେଲେ ଦେଖୁନ; ତୁମ ଗାଁରେ ଏତେ ଘର ଥାଉ ଥାଉ କୁନିମାତା କଣ ଆଉ କୋଉଠିକି ଯାଆନ୍ତି ? ଆମର ସୌଭାଗ୍ୟ ଯେ ସିଏ ପନ୍ଦରଦିନ, ମାସେ ଆସି ଆମ ସହିତ ରହୁଛନ୍ତି। ତା ଛଡ଼ା ଗୁରୁଭାଇଙ୍କ ଘରକୁ ଯିବେନି ତ ଆଉ କୁଆଡ଼େ ଯିବେ ? ଆମେ ବୋଉ କଥାରୁ ଏତିକି ବୁଝୁ ଯେ କୁନିମାତା ଆମର ଗୁରୁ ଭଉଣୀ। ତାଙ୍କର ଗୁରୁ ଯିଏ, ମୋ ଜେଜେ ଜେଜେମାଙ୍କ ଗୁରୁ ମଧ୍ୟ ସିଏ ଥିଲେ ବୋଲି ଆମେ ବୋଉ ପାଖରୁ ଶୁଣିଥାଉ। ଗୁରୁ କଣ ସେକଥା ମୁଣ୍ଡରେ ପଶିବା ଭଳି ବୟସ ମୋର ତ ହୋଇନଥିଲା, ମୋ ସାନ ଭାଇଭଉଣୀ ମାନେ ମୋ ପାଖରୁ ଆହୁରି ଛୋଟ ଛୋଟ ଥିଲେ। କିନ୍ତୁ ବୋଉର କଥା ଆମ ପାଇଁ ବେଦର ଗାର ଥିଲା । କିଏ ଏତେ କଥାରେ ପଶିବ, ସେଇ ନ୍ୟାୟରେ ବୋଉ କଥା ମାନିଗଲେ ଭଲ। ବୋଉ ଖୁସି ହେବ।

କୁନି ମାତାଜୀଙ୍କର ପ୍ରକୃତ ନାମ ଥିଲା କୁମୁଦିନୀ ମାତା। ମାତ୍ର ଏତେବଡ଼ ନାଁଟା କିଏ ମନେରଖିବ, ସେଥିପାଇଁ ଆମେ ତାଙ୍କୁ କୁନିମାତା ବୋଲି ଡାକୁ। ଅନ୍ୟଏକ କାରଣ ହେଲା କୁନିମାତାଙ୍କ ଚେହେରା। କୁନିମାତାଙ୍କ ଚେହେରା ଥିଲା ଗୋଟେ ଅଦ୍ଭୁତ ପ୍ରକାରର। ତାଙ୍କର ଉଚ୍ଚତା ସାଢ଼େ ଚାରିଫୁଟ ଖଣ୍ଡେ ହେବ। ଦେହର ରଙ୍ଗ ପୂରାପୂରି କଳା। ମୁହଁର ଗଢ଼ଣ ଅତି ମନ୍ଦ ନୁହେଁ। କିନ୍ତୁ ଦିଶନ୍ତି ବୟସ୍କ ସ୍ତ୍ରୀ ଲୋକମାନଙ୍କ ପରି। ମାତ୍ର ତାଙ୍କର ବୟସ ଅତିବେଶୀରେ ପଇଁତିରିଶରୁ ଚାଳିଶି ବର୍ଷ ଭିତରେ ହେବ। ମୁଣ୍ଡର ବାଳ ସବୁ ଖୁବ୍ ଲମ୍ବା ତାଙ୍କର ଗୋଇଠି ପର୍ଯ୍ୟନ୍ତ ଛୁଏଁ। ସେଥିପାଇଁ ମୁଣ୍ଡରେ ଗୋଟେ ବଡ଼ ଖୋସା କରିଥାଆନ୍ତି ସିଏ। କପାଳରେ ତିଳକର ରାମାନନ୍ଦି ଚିତା, ସେ ଚିତା ପୁଣି ନାକର ମଝି ପର୍ଯ୍ୟନ୍ତ ଲମ୍ବିଥାଏ। ସବୁବେଳେ ପାନ ଖାଉଥିବାରୁ ଓଠ ଦୁଇଟି କସରା ରଙ୍ଗର। ବେକରେ ତୁଳସୀମାଳ ସହିତ ରୁଦ୍ରାକ୍ଷର ମାଳ। ହାତରେ ସେ ରୁଦ୍ରାକ୍ଷର ଛୋଟମାଳକୁ ଚୂଡ଼ିପରି ପିନ୍ଧିଥାନ୍ତି। ଦେହରେ ଗେରୁଆ ରଙ୍ଗର ସାୟା ବ୍ଲାଉଜ ସହିତ ଗେରୁଆ ରଙ୍ଗର ଶାଢ଼ୀ। କମ୍ ଉଚ୍ଚତା ହେତୁ ଦିଶନ୍ତି ବାମନଙ୍କ ପରି। ହାତଗୋଡ଼ ଚାରୋଟି ଛୋଟ ଛୋଟ ଆଉ ଟିକିଏ ବଙ୍କା ମଧ୍ୟ। କାନ୍ଧରେ ଓହଳା ହୋଇଥାଏ ଗେରୁଆ ରଙ୍ଗର ଗୋଟିଏ ବଡ଼ ଥଳି ସାଙ୍ଗକୁ ବେତ ବେଣ୍ଟର ଛତାଟିଏ । ଏତେ ଏତେ ବାଟ ସିଏ ଚାଲି ଚାଲି ଯିବା ଆସିବା କରନ୍ତି, ମାତ୍ର ପାଦରେ ଚପଲ ପିନ୍ଧନ୍ତି ନାହିଁ। ମୁହଁଟି ସବୁବେଳେ ହସ ହସ, ସେଇ ହସଟି ହିଁ ତାଙ୍କ ଚେହେରାର ସବୁଠାରୁ ଆକର୍ଷଣୀୟ ଜିନିଷ।

କାନ୍ଧରେ ପକାଇଥିବା ଥଳିଟି ଗୋଟିଏ ଭୋଜବିଦ୍ୟାର ବାକ୍ସପରି। ତାରି ଭିତରେ ଦୁନିଆଯାକର ଜିନିଷ। ଦୁଇଖଣ୍ଡ ଶାଢ଼ୀ ବ୍ଲାଉସ୍ ଠାରୁ ଅଇନା, ପାନିଆ, ମାଳି, ପାନବଟୁଆ। ତାଙ୍କ ଗୁରୁଙ୍କ ଫଟୋ ସହିତ କିଛି ଭଜନ ଜଣାଣର ଚଟିବହି, ତିଳକ, ରୁଦ୍ରାକ୍ଷ ଏମିତି ଏମିତି ତାଙ୍କର ନିତ୍ୟ ବ୍ୟବହାର୍ଯ୍ୟର ପ୍ରତ୍ୟେକ ଜିନିଷ ସେଇ ଥଳିଟି ଭିତରେ ଥାଏ। ଥଳିଟି ପକେଇ ଚାଲିଲାବେଳେ ସିଏ ଦିଶନ୍ତି ଇତିହାସ ବହିରେ ଦେଖିଥିବା ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ପରି।

ଗେରୁଆ ରଙ୍ଗ ଯେ ସଂହତିର ପ୍ରତୀକ। ଠିକ୍ ସେମିତି ଗେରୁଆ ବସ୍ତ୍ର, ଗେରୁଆ ବ୍ୟାଗ ସବୁ ତାଙ୍କର ଗେରୁଆ ରଙ୍ଗର, ମନ ମଧ୍ୟ ତାଙ୍କର ଗେରୁଆ ଗେରୁଆ, ତାଙ୍କର ବ୍ୟବହାର ମଧ୍ୟ ଠିକ୍ ସେଇଭଳି। ଅମ ଘରେ ପହଞ୍ଚି ପହଞ୍ଚି ଠିକ୍ ନିଜଘର ପରି ସିଏ ତାଙ୍କର ନିଜ କାମରେ ଲାଗିଯାଆନ୍ତି । ଯେତେବେଳେ ପହଞ୍ଚନ୍ତୁ ପ୍ରଥମେ ପୋଖରୀ ତୁଠକୁ ଯାଇ ଲୁଗାପଟା ଧୁଆଧୋଇ କରି ଗାଧୋଇ ଆସନ୍ତି। ନ ଗାଧୋଇଲା ପର୍ଯ୍ୟନ୍ତ ସିଏ ଠାକୁର ଘରେ ପଶନ୍ତି ନାହିଁ। ତାପରେ ଆସି ମୁଣ୍ଡଟିକୁ ଚିକ୍କଣ କରି କୁଣ୍ଡାନ୍ତି, ଚିତା ଲଗାନ୍ତି, ତାପରେ ଠାକୁରଙ୍କୁ ମୁଣ୍ଡିଆମାରି ଖାଇବା ପାଇଁ ବସନ୍ତି। ମାତା ଖାଇବସିଲା ବେଳେ ବୋଉର ଶକ୍ତ ଆଦେଶ ଘରେ କେହି ପାଟିତୁଣ୍ଡ କରିବ ନାହିଁ। ତେଣୁ ଆମେ ସବୁ ଭାଇଭଉଣୀ ବୋଉ କଥା ମାନି ଖୁବ୍ ଧୀରସ୍ଥିର ଭାବରେ ଆମ ନିଜ ନିଜ କାମ କରୁଥାଉ। ମାତାଙ୍କୁ ଯାହା ଖାଇବାକୁ ଦେଲେ ସିଏ ଖୁସି ମନରେ ଖାଆନ୍ତି। ଖାଦ୍ୟରେ କୌଣସି ବାଛ ବିଚାର ନଥାଏ ତାଙ୍କର। ଖାଇସାରିବା ପରେ ମାତା ଠାକୁର ଘରକୁ ଲାଗିଥିବା ଛୋଟ ଷ୍ଟୋର୍‌ରୁମ୍‌ଟାରେ ଖଟିଆ ଖଣ୍ଡେ ପକାଇ ନିଘୋଡ଼ ନିଦରେ ଶୋଇପଡ଼ନ୍ତି। ତାଙ୍କର ମୃଦୁ ଘୁଙ୍ଘୁଡ଼ି ଶବ୍ଦ ଖରାବେଳଟା ସାରା ଘରଟା ଭିତରେ ଗୁଞ୍ଜୁରୁ ଥାଏ।

ଠିକ୍ ଚାରିଟା ବେଳକୁ ସିଏ ନିଦରୁ ଉଠିପଡନ୍ତି। ସେଇ ଖଟିଆ ଉପରେ ବସି ତାଙ୍କ

ପାନବଟୁଆରୁ ପାନ ଭାଙ୍ଗି ଖାଆନ୍ତି। ବୋଉ ହାତକୁ ମଧ୍ୟ ସାଦା ପାନଖଣ୍ଡେ ବଢ଼େଇ ଦିଅନ୍ତି। ଅଧାଘଣ୍ଟା ଯାଇଥିବ କି ନାହିଁ ଏଥର ତାଙ୍କର ଚା ପିଇବା ବେଳ । କ୍ଷୀର ଚା ପିଅନ୍ତି ନାହିଁ, ସେଥିପାଇଁ ତାଙ୍କର ନାଲି ଚା ଦରକାର। ଗୋଟାଏ କଂସା ଗ୍ଲାସରେ ଗ୍ଲାସେ ନାଲି ଚା ଆଉ ମୁଢ଼ି କି ଉଖୁଡ଼ା ଗିନାଏ ଧରି ସୁଡୁସୁଡୁ ଶବ୍ଦ କରି ସେତକ ଚା ପିଅନ୍ତି। ଚା ପରେ ପୁଣି ପାଟିରେ ପାନଖଣ୍ଡେ ଗେଞ୍ଜି ସିଏ ଗାଁ ଆଡ଼େ ବାହାରନ୍ତି। ମାତା ଯେଉଁଦିନ ପହଞ୍ଚନ୍ତି, ସେଇଦିନ ହିଁ ସିଏ ଗାଁଟା ସାରା ବୁଲିଆସନ୍ତି। ଆମର ଛୋଟିଆ ଗାଁଟିଏ। ଗାଁରେ ମାତ୍ର ଆଠ ଦଶଘର। ଆମ ପୂର୍ବ ପୁରୁଷ ଥିଲେ ଜଣେ। ଏବେ ପିଢ଼ି ପରପିଢ଼ି ବଢ଼ି ବଢ଼ି ଦଶୋଟି ଘରରେ ପରିଣତ ହୋଇଛି। ମାତା ଆସିଛନ୍ତି ବୋଲି ସମସ୍ତେ ମାତାଙ୍କୁ ଦେଖିଲେ ଖୁସି ହୁଅନ୍ତି। ତାଙ୍କୁ ମୁଣ୍ଡିଆ ମାରି ତାଙ୍କର ଆଶୀର୍ବାଦ ଗ୍ରହଣ କରନ୍ତି। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତଙ୍କର ନାଁ ମାତା ମନେ ରଖିଥାନ୍ତି। କାହାର କେତୋଟି ଝିଅ କାହାର କେତୋଟି ପୁଅ ସମସ୍ତଙ୍କ କଥା ମାତାଙ୍କୁ ଜଣା। ସମସ୍ତଙ୍କୁ ମାତା ଖୋଜି ଲୋଡ଼ି ପକାନ୍ତି। ତେଣୁ ମାତାଙ୍କ ଉପରେ ସମସ୍ତେ ଖୁସି; ତାଙ୍କୁ ଭଲପାଆନ୍ତି, ଭକ୍ତି ମଧ୍ୟ କରନ୍ତି। ସେମିତି ଠିଆ ଠିଆ ମାତା ସମସ୍ତଙ୍କ ଘର ବୁଲିଆସନ୍ତି ମାତ୍ର ମାତା ଆମଘର ଛଡ଼ା କେଉଁଠି ପାନଖଣ୍ଡେ ମଧ୍ୟ ଖାଆନ୍ତି ନାହିଁ। ସନ୍ଧ୍ୟା ନହେଉଣୁ ଘରକୁ ଫେରି ମାତା ପୁଣି ଗାଧୋଇ ପଡ଼ନ୍ତି। ଲୁଗା ପଟା ଶୁଖେଇ ଦେଇ ଠାକୁରଙ୍କ ପାଖରେ ସନ୍ଧ୍ୟାବତୀ ଜଳେଇବା ପରେ ଧୂପ ଦୀପ ନୈବେଦ୍ୟ ସବୁ ଦିଅନ୍ତି। ତାପରେ ଆରମ୍ଭ ହୁଏ ତାଙ୍କର ଭଜନ କୀର୍ତ୍ତନ। ତାଙ୍କ ଗୁରୁଙ୍କର ଲିଖିତ ଖୁବ୍ ସୁନ୍ଦର ସୁନ୍ଦର ଭଜନ ଗାଆନ୍ତି ମାତା। ଆମେ ସବୁ ଭାଇଭଉଣୀ ଆଉ ସନ୍ଧ୍ୟାରେ ପାଠ ପଢ଼ିବୁ କଣ ଠାକୁର ଘର ଦୁଆର ମୁହଁରେ ବସି ମାତାଙ୍କ ଭଜନ ଶୁଣୁ, ବେଳେବେଳେ ତାଙ୍କ ସହିତ ଆମେ ମଧ୍ୟ ଭଜନ ଗାଉ। ବୋଉ ସହିତ ଗାଁର ଅନେକ ଲୋକ ସନ୍ଧ୍ୟାରେ ଆସି ଆମଘରେ ମାତାଙ୍କ ସହିତ ଭଜନ ଗାଆନ୍ତି, ଶୁଣନ୍ତି। ମାତା ଘରେ ରହିଲେ କେମିତି ଏକ ଆଧ୍ୟାତ୍ମିକ ପରିବେଶ ସାରା ଗାଁଟା ଯାକରେ ସୃଷ୍ଟି ହୋଇଯାଏ। ବେଳେବେଳେ ଭଜନ ଶୁଣୁ ଶୁଣୁ ରାତି ଆଠଟା ବାଜିଯାଏ– ହେଲେ ସମୟ ଜଣାପଡ଼େନି। ତାପରେ ଯିଏ ଯେଝା ଘରକୁ ଫେରନ୍ତି।

ବୋଉ ସେତେବେଳକୁ ରୋଷେଇବାସ ସାରି ଦେଇଥାଏ । ଦିନଭଳି ରାତିରେ ମଧ୍ୟ ଭାତ ଡାଲି ତରକାରୀ ଭଜା ସବୁ ହୋଇଥାଏ। ମାତା ରାତିରେ ଭାତ ଖାଆନ୍ତି। ଆଜିପରି ସେତେବେଳେ ରୁଟିର ପ୍ରଚଳନ ନଥିଲା। ଘରେ ତ ଧାନଚାଉଳ ଯାହାକୁ ଯେତେ; ତେଣୁ ଦୁଇଓଳି ଭାତ ଖାଇବା ସ୍ୱାଭାବିକ। ଯାହା ରୋଷେଇ ହୋଇଥାଏ ମାତା ଖୁବ୍ ଆଗ୍ରହର ସହ ଖାଆନ୍ତି। ବୋଉର ହାତରନ୍ଧା ଖାଉ ଖାଉ ବୋଉକୁ ପ୍ରଶଂସାରେ ପୋତି ପକାନ୍ତି। ମାତା ଖାଇସାରିଲା ପରେ ଆମେ ସବୁ ଖାଉ, ସବା ପଛରେ ବୋଉ ଖାଏ। ବୋଉ ଖାଇପିଇ ରୋଷେଇଘର କାମ ସାରି ଆସିଲା ବେଳକୁ ମାତାଙ୍କର ମୃଦୁ ଘୁଙ୍ଗୁଡ଼ି ଶବ୍ଦ ସେତେବେଳକୁ ଶୁଭୁଥାଏ ।

ଭୋର ଚାରିଟା ବେଳକୁ ମାତା ଶଯ୍ୟାତ୍ୟାଗ କରନ୍ତି। ପ୍ରଥମେ ଠାକୁରଙ୍କ ପାଇଁ ଆମ ବାଡ଼ିରୁ ଟୋକେଇ ଭର୍ତ୍ତି ଫୁଲ ତୋଳନ୍ତି। ଆମ ବାଡ଼ିରେ ସେତେବେଳକୁ ନାନା ଜାତିର ଫୁଲ ଫୁଟିଥାଏ । ଫୁଲତୋଳା ସରିଲେ ନିଜର ନିତ୍ୟକର୍ମ ସାରି ବାଡ଼ିରେ ଥିବା ପୋଖରୀକୁ ଗାଧୋଇବାପାଇଁ ଯାଆନ୍ତି । ପ୍ରଥମେ ପୋଖରୀରେ ପଶିଲା ପରେ ଚିତ୍ ହୋଇ ପାଣି ଉପରେ ଘଣ୍ଟାଏ ଭାସନ୍ତି। ଚିତିପହଁରା ମୁଦ୍ରାରେ ତାଙ୍କର ଗାଧୁଆ ଆରମ୍ଭ ହୁଏ। ଚିତ୍ ହୋଇ ପାଣି ଉପରେ ଘଣ୍ଟା ଘଣ୍ଟା ଧରି ଭାସିବା କୌଣସି ଯୋଗାସନ ଠାରୁ କମ୍ ନୁହେଁ ବୋଲି ବୋଉ କୁହେ। ସକାଳୁ ସକାଳୁ ଆମେ ସବୁ ନିଦରୁ ଉଠିଲା ବେଳକୁ ମାତା ଆମ ପୋଖରୀରେ ଭାସମାନ ଅବସ୍ଥାରେ ଥାଆନ୍ତି। ସୂର୍ଯ୍ୟ ସେତେବେଳକୁ ଉଇଁଆସି ପୋଖରୀ ହୁଡ଼ାରେ ଥିବା ସବୁଜ କଦଳୀ ପତ୍ର ଉପରେ ନାରଙ୍ଗୀ ରଙ୍ଗର ଛିଟା ବିଛାଇ ଦେଇଥାନ୍ତି। ବଡ଼ ବଡ଼ ନଡ଼ିଆ ଗଛର ପତ୍ର ଫାଙ୍କରୁ ଲୁଚକାଳି ଖେଳୁଥାଏ ସୂର୍ଯ୍ୟ କିରଣ। ଏପରି ଅବସ୍ଥାରେ ପ୍ରାୟ ଏକଘଣ୍ଟା ରହିଲା ପରେ ମାତା ସ୍ନାନ କରନ୍ତି ମୁହଁରେ ସେତେବେଳକୁ ତାଙ୍କର ଥାଏ ଅନେକ ସ୍ତୋତ୍ର ଆଉ ମନ୍ତ୍ର। ଏଥର ଘରମୁହାଁ ହୁଅନ୍ତି ମାତା। ସକାଳର ପବିତ୍ର ପ୍ରହରରେ ଗେରୁଆ ବସ୍ତ୍ର ଧାରିଣୀ ମାତାଙ୍କୁ ଦେଖିଲେ ମନରେ ସ୍ୱତଃ ଭକ୍ତିଭାବ ଜାଗ୍ରତ ହୁଏ।

ସେତେବେଳକୁ ମାତା ଦିଶୁଥାଆନ୍ତି ତପସ୍ୱାରିଣୀ ତଥା ପବିତ୍ର ସାଧ୍ୱୀଙ୍କ ପରି। ମୁହଁରେ ଅନେକ ସ୍ତୋତ୍ର ଆଉ ମନ୍ତ୍ର ସହିତ ପ୍ରଥମେ ତୁଳସୀ ପୂଜା କରନ୍ତି। ତାପରେ ଫୁଲ ସବୁକୁ ମାଳ ଗୁନ୍ଥନ୍ତି । ମୁହଁରେ ଥାଏ ଅନେକ ଭଜନ ଓ ଜଣାଣ। ଖୁବ୍ ସୁଲଳିତ କଣ୍ଠ ତାଙ୍କର। ତାପରେ ତାଙ୍କର ଆରମ୍ଭ ହୁଏ ଠାକୁର ପୂଜା। ଏତେ ନିବିଷ୍ଟ ଚିତ୍ତରେ ସିଏ ପୂଜା କରନ୍ତି ଯେ ଲାଗେ ଯେମିତି ସିଏ ଏ

ଜଗତରେ ନାହାନ୍ତି ଅନ୍ୟ କେଉଁ ସତ୍ତା ସହିତ ଏକାକାର ହୋଇ ଯାଇଛନ୍ତି। ପୂଜା କଲାବେଳେ ଭଜନ ବୋଲିଲା ବେଳେ ଆଖିରୁ ତାଙ୍କର ଧାର ଧାର ହୋଇ ଲୁହ ବହିଯାଏ। ମାତା ରହିବା ଦିନସବୁରେ ଆମ ଘରର ପରିବେଶ ପୂରାପୂରି ବଦଳିଯାଏ। ଆମେ ପିଲାସବୁ ସେତେବେଳେ ଖୁବ୍ ଶୃଙ୍ଖଳିତ ହୋଇଯାଉ । ପୂରାପୂରି ସୁନାପିଲା। ସେଥିପାଇଁ ମାତା ମଧ୍ୟ ଖୁବ୍ ଖୁସି ହୁଅନ୍ତି। ବୋଉକୁ କହନ୍ତି, ତୋ ପିଲାମାନେ ଖୁବ୍ ସୁଧାର । ଯାହାହେଉ ତୋର ସଂସ୍କାର ଅଛି ବୋଲି ତୋ ପିଲାମାନଙ୍କ ଉପରେ ତାର ପ୍ରଭାବ ପଡ଼ିଛି। ମାତାଙ୍କ କଥାଶୁଣି ବୋଉ ହସିଦିଏ, କହେ ଆପଣଙ୍କର କୃପା। ମାତା ଘରେ ରହିବା ଦିନତକ ବୋଉର ମନ ମଧ୍ୟ ଖୁସିଥାଏ। ତାକୁ ଯେତେ ପରିଶ୍ରମ ପଡୁ ପଛେ ସାଧୁ ସନ୍ନ୍ୟାସୀମାନଙ୍କ ସେବାରେ ସିଏ ଆନନ୍ଦ ପାଏ ।

ବାପାଙ୍କର ଚାକିରି କଟକରେ। ସପ୍ତାହରେ ଶନିବାର ସନ୍ଧ୍ୟାରେ ବାପା ଘରକୁ ଆସନ୍ତି। ରବିବାରଟା ରହି ପୁଣି ସୋମବାର ସକାଳୁ ଚାଲିଯାଆନ୍ତି। ବୋଉ ଉପରେ ଘରଟା ଯାକର ଦାୟିତ୍ୱ। ଘରର ସବୁ କଥା ବୋଉ ସୁଚାରୁରୂପରେ ତୁଲାଇଥାଏ। ସିଏ ଆମର ପାଠପଢ଼ା ହେଉ କି ବନ୍ଧୁବାନ୍ଧବ ଚର୍ଚ୍ଚା ହେଉ କି ସାଧୁ ସନ୍ନ୍ୟାସୀମାନଙ୍କ କଥା ହେଉ; ସବୁକଥା ବୋଉ ବୁଝେ। ଜମିବାଡ଼ି, ଧାନ ଅମଳ, ବିରି ମୁଗ ଅମଳ, ହଳିଆ ମୂଲିଆଙ୍କ କଥା ସବୁ ବୋଉର ଦାୟିତ୍ୱ। ବାପା ଖାଲି ପଇସା ରୋଜଗାର କରନ୍ତି ସିନା; ସିଏ ଏ ସବୁଥିରେ ମୁଣ୍ଡ ପୂରାନ୍ତି ନାହିଁ। ବୋଉ ମଧ୍ୟ ଘରକଥା ତାଙ୍କ ଆଗରେ କିଛି ହେଲେ କହେ ନାହିଁ।

ଶନିବାର ସନ୍ଧ୍ୟାରେ ବାପା ଘରକୁ ଆସିଲେ ମାତା ବାପାଙ୍କୁ ଦେଖି ଖୁବ୍ ଖୁସି ହୁଅନ୍ତି, ଯେମିତି ମା' ପୁଅକୁ ଦେଖିଲେ ଆନନ୍ଦିତ ହୁଏ ଠିକ୍ ସେମିତି ବାପା ମାତାଙ୍କୁ ପ୍ରଣାମ କଲାବେଳେ ମାତା ତାଙ୍କର ଆଶୀର୍ବାଦ ତକ ଜୁଡ଼ାଇ ପକାନ୍ତି । ବାପାଙ୍କ ମୁଣ୍ଡକୁ ଆଉଁଶି ଦେଇ "ଆୟୁଷ୍ମାନ ହୋଇଥାଅ" ବୋଲି ଅନେକ ଥର କହନ୍ତି। ବାପା ମଧ୍ୟ ମାତାଙ୍କ ପାଇଁ ଦୁନିଆ ଯାକର ଜିନିଷ ନେଇ ଆସିଥାନ୍ତି। ପାନରେ ଖାଇବେ ବୋଲି ସୁବାସିତ ଗୁଣ୍ଡି, ତିଳକ, ନିର୍ମାଲ୍ୟ, ଶୀତଦିନ ହୋଇଥିଲେ ଚାଦର ଇତ୍ୟାଦି ନେଇକରି ଆସିଥାନ୍ତି। ମାତା ଖୁବ୍ ଖୁସି ହୁଅନ୍ତି ଆଉ ଆମମାନଙ୍କ ପାଇଁ ସାଲେପୁର ରସଗୋଲା ଚକ୍‌ଲେଟ୍ ଇତ୍ୟାଦି ଆଣିଥାନ୍ତି। ମିଠାହାଣ୍ଡି ଆସିଲେ ପ୍ରଥମେ ବୋଉ ଠାକୁର ପୂଜାପାଇଁ ଦୁଇଚାରିଟା ଅଲଗା କାଢ଼ି ରଖିଦିଏ । ତାପରେ ଆମକୁ ସବୁ ଦିଏ। ମାତା, ବାପାଙ୍କୁ କେବେ ନାଁଧରି ଡାକନ୍ତି ନାହିଁ । ବାପା ଘରେ ଥିଲା ପର୍ଯ୍ୟନ୍ତ ଖାଲି ପୁଅରେ ପୁଅରେ ହେଉଥାନ୍ତି। ମାତାଙ୍କ ସହିତ ଆମ ପରିବାରର କେମିତି ଏକ ନିବିଡ଼ ବନ୍ଧନ। ପନ୍ଦରଦିନ ମାସେ ରହି ମାତା ଯେଉଁଦିନ ଚାଲିଯାଆନ୍ତି, ସେଦିନ ଆମେ ସମସ୍ତେ ଦୁଃଖୀ ହୋଇଯାଉ। ବୋଉ ତ ତାଙ୍କୁ ବିଦାୟ ଦେଲାବେଳେ କାନ୍ଦିପକାଏ । ବୋଉର କାନ୍ଦ ଦେଖି ମାତା କହନ୍ତି, "ଆରେ ମା! ଆମେ ପରା ସନ୍ନ୍ୟାସୀ, ଆମକୁ ଆଉ ମୋହମାୟାରେ ବାନ୍ଧନା, ମୁଁ ପୁଣି ଆସିବି" କହି ମାତା ପଛକୁ ନ ଚାହିଁ ଚାଲିଯାଆନ୍ତି। ଆମକୁ ଲାଗେ ଆମର କେହିଜଣେ ଖୁବ୍ ନିଜଲୋକ ଆମକୁ ଛାଡ଼ି ଚାଲିଯାଉଛନ୍ତି। କିଛିଦିନ ପର୍ଯ୍ୟନ୍ତ ମାତାଙ୍କୁ ଆମେ ଝୁରିହେଉ। ବୋଉ ତ ବେଶ୍ କିଛିଦିନ ମନଦୁଃଖ କରି ରହେ।

କେବେ କେବେ ମାତା ଛଅ ଛଅ ମାସ ଧରି ଆସନ୍ତି ନାହିଁ। ବୋଉ କହେ ଆଉକେଉଁ ଗୁରୁଭାଇଙ୍କ ଘରକୁ ଯାଇଥିବେ। ଏମିତି ସାରାବର୍ଷ ମାତା ବିଭିନ୍ନ ଆଡ଼େ ଯାଇଥାନ୍ତି। ତେଣୁ ମାତାଙ୍କର କିଛି ସ୍ଥାୟୀ ଠିକଣା ନ ଥାଏ। କେବଳ ବର୍ଷାଦିନ ଚାରିମାସ ମାତା ତାଙ୍କ ଗୁରୁଙ୍କ ଆଶ୍ରମରେ ରହନ୍ତି। ଯାହା ପୁରୀ ପାଖରୁ ଷାଠିଏ କିଲୋମିଟର ଦୂରରେ ଅବସ୍ଥିତ। ତାଙ୍କପରି ଅନେକ ସନ୍ନ୍ୟାସୀ ସନ୍ନ୍ୟାସିନୀ ସେହି ମଠରେ ରହନ୍ତି। ଗୁରୁଙ୍କ ସେବାପୂଜାରେ ତାଙ୍କ ଦିନ କଟେ। ଗୁରୁଙ୍କ ରଚିତ ଭଜନ କୀର୍ତ୍ତନ ଗାନ କରିବା, ମଠରେ ଥିବା ଗୋଶାଳାରେ ଗୋମାତାଙ୍କର ସେବା କରିବା। ଗୁରୁଙ୍କ ମାର୍ଗଦର୍ଶନକୁ ପ୍ରଚାର ପ୍ରସାର କରିବା ସେମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଥିଲା। ସାରାବର୍ଷ ସେମାନେ ଓଡ଼ିଶାର ବିଭିନ୍ନ ଗ୍ରାମ ଓ ସହର ବୁଲି ବୁଲି ଗୁରୁଭାଇ ମାନଙ୍କ ପରିବାର ସହିତ ରହି, ଗୁରୁଙ୍କ ମହିମା ପ୍ରଚାର କରୁଥିଲେ।

ଆମେ ପିଲାଟିବେଳୁ ଦେଖି ଆସୁଥିବା କୁନିମାତାଜୀ ଆସ୍ତେ ଆସ୍ତେ ବୟସ୍କ ହେଉଥିଲେ। ଏବେ ଆଉ ବେଶୀ ବାଟ ସିଏ ଯିବା ଆସିବା କରିପାରୁ ନଥିଲେ। ଏବେ ତାଙ୍କର ଆସିବା ଯିବା ଅନେକଟା କମି ଯାଇଥିଲା। ମୁଁ ସେତେବେଳକୁ ସ୍କୁଲ ପାଠସାରି କଲେଜରେ ଆଡ୍‌ମିସନ ନେଇସାରିଥିଲି। ଆମେ ସମସ୍ତେ ଗାଁରୁ କଟକ ସିଫ୍ଟ ହୋଇଯିବୁ ବୋଲି ବାପା କହୁଥାନ୍ତି। ଝିଅପିଲାଟା କୋଉଠି କାହିଁକି ହଷ୍ଟେଲରେ ରହିବ, ସେଥିପାଇଁ ଆମେ ସମସ୍ତେ ଗାଁରୁ କଟକ ଚାଲିଯିବୁ ବୋଲି ବାପା, ବୋଉ ମନସ୍ଥିର କରି ସାରିଥାନ୍ତି। କଟକରେ

ବାପାଙ୍କୁ ଅଫିସ କ୍ୱାଟର ମିଳିଥାଏ। ମଝିରେ ମଝିରେ ସ୍କୁଲ ଛୁଟି ହେଲେ ଆମେ ଯାଇ ବାପାଙ୍କ ପାଖରେ କଟକରେ ରହିକରି ଆସୁ। ଆରମ୍ଭରୁ ଜେଜେମାଙ୍କ ପାଇଁ କେବଳ ବୋଉ ଗାଁ ଛାଡ଼ି ଯାଇପାରୁ ନଥିଲା। କାରଣ ଜେଜେମା ନିଜ ଗାଁ ଘର ଛାଡ଼ି କୁଆଡ଼େ ଯିବାକୁ ରାଜି ହେଉନଥିଲେ। ଯେହେତୁ ବାପା ଜେଜେମାଙ୍କର ଏକମାତ୍ର ସନ୍ତାନ, ସେଥିପାଇଁ ମା' ମନରେ କଷ୍ଟ ଦେବେନାହିଁ ବୋଲି ଆମେମାନେ ଗାଁରେ ରହୁଥିଲୁ। ଜେଜେମାଙ୍କର ଆଦେଶ ସବୁବେଳେ ବାପାଙ୍କର ଶିରୋଧାର୍ଯ୍ୟ।

ଏବେ ଜେଜେମାଙ୍କ ଦେହାନ୍ତ ହେବା ଦୁଇବର୍ଷ ପୂରିବାକୁ ବସିଲାଣି । ପ୍ରଥମ ଦ୍ୱିତୀୟ ଶ୍ରାଦ୍ଧ ମଧ୍ୟ ସରିଲାଣି। ଜେଜେ ଜେଜେମାଙ୍କର ତ୍ରିବେଣୀରେ ଅସ୍ଥି ବିସର୍ଜନ କାମ ମଧ୍ୟ ସରିଗଲାଣି। ବାପା ଏଥର ପୁତ୍ରଦାୟରୁ ମୁକ୍ତ। ଆମେ ଚାରି ଭାଇଭଉଣୀ ଏବେ ଆସ୍ତେ ଆସ୍ତେ ବଡ଼ ହେଉଥିଲୁ। ଆମର ପାଠପଢ଼ା ନେଇ ବାପା ଚିନ୍ତିତ ଥିଲେ। ତେଣୁ ଗାଁ ଅପେକ୍ଷା ସହରରେ ବେଶୀ ସୁଯୋଗ ଥିବାରୁ ବାପା ସହରରେ ଆମମାନଙ୍କ ପଢ଼ାପଢ଼ି ପାଇଁ ମନ ସ୍ଥିର କରି ସାରିଥିଲେ। ଆମେ ସମସ୍ତେ କଟକ ଚାଲିଯିବାର ପ୍ରସ୍ତୁତି କରିବା ଭିତରେ ଦିନେ କୁନିମାତାଜୀ ଆସି ଘରେ ପହଞ୍ଚିଲେ।

ସେଥର ମାତା କିନ୍ତୁ ଖୁବ୍ ରୋଗୀଣା ଦିଶୁଥିଲେ। ତାଙ୍କ ଚେହେରାର ସେ ଔଜଲ୍ୟ ଆଦୌ ନଥିଲା କହିଲେ ଚଳେ। ଆମେ ସବୁ କଟକ ଚାଲିଯିବା ଖବର ଶୁଣି ଖୁବ୍ ଦୁଃଖୀ ହୋଇଗଲେ ସିଏ, ବାପାଙ୍କୁ କହିଲେ "ଆରେ! ତୁମେମାନେ ସବୁ କଟକ ଚାଲିଗଲେ ଏ ଘର କଣ ଆଉ ଘର ହୋଇ ରହିବ? ଏ ଘର ବାଡ଼ି ବଗିଚାର ଦାୟିତ୍ୱ କାହାକୁ ଦେଇକରି ଯିବୁରେ ପୁଅ, ତୁମେ ସବୁ ନରହିଲେ ସବୁ ଉଜୁଡ଼ିଯିବ।" ମାତାଙ୍କ କଥାଶୁଣି ବାପା ହସିଥିଲେ, "କହିଲେ ମାତା! ଆପଣ ତ ଜାଣନ୍ତି ଖାଲି ବୋଉ ମନରେ ଦୁଃଖ ଦେବିନାହିଁ ବୋଲି ପିଲାମାନଙ୍କୁ ଗାଁରେ ଛାଡ଼ିଥିଲି। ଏବେ ତ ଆଉ ବୋଉ ନାହିଁ । ମୁଁ କଟକରେ ରହିଲେ ମଧ୍ୟ ମୋ ପିଲାମାନଙ୍କ ଦାୟିତ୍ୱ ବୋଉ ଉପରେ ଥିଲା। ଏବେ ଆଉ କାହା ଭରସାରେ ଏଠାରେ ପିଲାମାନଙ୍କୁ ଛାଡ଼ିବି। ଘର ତ ମୋର ମୂରବିଶୂନ୍ୟ ହୋଇଗଲା। ପିଲାମାନେ ଆସ୍ତେ ଆସ୍ତେ ବଡ଼ ହେଉଛନ୍ତି, ସେମାନଙ୍କର ଉଚ୍ଚଶିକ୍ଷା ପାଇଁ ମୁଁ ଚିନ୍ତିତ। ଏଣୁ ସମସ୍ତେ ଆମେ ସହର ଚାଲିଯିବୁ ବୋଲି ମନସ୍ଥ କରିଛୁ। ଗୋଟାଏ ଜାଗାରେ ସମସ୍ତେ ରହିଲେ ମୋର ଆଉ ଚିନ୍ତା ରହିବ ନାହିଁ। ଆଉ ଏ ଗାଁ ଘର ଆମ ହଳିଆ ଜଗୁନି ଏସବୁ ବୁଝିବ। ମଝିରେ ମଝିରେ ମୁଁ ଆସି ଦେଖି ଯାଉଥିବି।"

କୁନିମାତା ବାପାଙ୍କ କଥା ଶୁଣି କିଛି କହିଲେ ନାହିଁ; ସିନା କିନ୍ତୁ ମନେ ମନେ ଖୁବ୍ ଦୁଃଖୀ ହୋଇଗଲେ। ବୋଉ କହିଲା "ମାତା ଆପଣ ଏଠିକୁ ଯେମିତି ଆସୁଥିଲେ ସେମିତି କଟକ ଯିବେ। ଆପଣଙ୍କୁ ନିଶ୍ଚୟ ଭଲ ଲାଗିବ । କେତେ ବାଟ ଅବା! ହେଇ ହେଇ ବସ୍ ଭଡ଼ା ଅଢ଼େଇ ଟଙ୍କା, ଆପଣ ନିଶ୍ଚୟ ଆସିବେ । ଆମକୁ ଭଲ ଲାଗିବ।" ବୋଉକଥା ଶୁଣି ମାତା କିଛି କହିଲେ ନାହିଁ ସିନା ତାଙ୍କର ମନର ଅବସ୍ଥା ଜମା ଭଲ ନଥିଲା। ସେଥରକ କୁନିମାତା ମାତ୍ର ଆଠଦିନ ରହି ଚାଲିଗଲେ। ଆମେ ସବୁ କଟକ ଚାଲିଆସିଲୁ। ଆଉ କୁନିମାତାଙ୍କ ସହ ଦେଖା ହୋଇନାହିଁ। ତାଙ୍କର ସ୍ମୃତି ଆସ୍ତେ ଆସ୍ତେ ମନରୁ ଫିକା ହୋଇଯିବାରେ ଲାଗିଥିଲା। ପାଠପଢ଼ାର ଚାପ, ସହରୀ ଜୀବନଶୈଳୀ ଭିତରେ ଆଉ ମାତାଙ୍କ ସହିତ କେବେ ଦେଖା ହୋଇନାହିଁ ସିନା ମାତ୍ର ତାଙ୍କର ସ୍ମୃତି ଟିକକ ଏବେ ବି ମନରେ ସଜଳ ହୋଇ ରହିଛି। ଏବେ ମାତା ଆଉ ଅଛନ୍ତି କି ନାହିଁ ସେ କଥା ମଧ୍ୟ ଜାଣି ହେଉନାହିଁ। ବେଳେବେଳେ ବାପା କୁହନ୍ତି ଆଶ୍ରମ ଆଡ଼େ ଯାଇ ବୁଲି ଆସିବାକୁ- ଆଉ ମାତାଙ୍କୁ ଦର୍ଶନ କରି ଆସିବାକୁ। ଚତୁର୍ମାସ୍ୟା ଚାରିମାସ ମାତା ଆଶ୍ରମରେ ରହନ୍ତି ବୋଲି ବୋଉ ସବୁବେଳେ କୁହେ।

ସନ୍ନ୍ୟାସୀର ଜୀବନ ପ୍ରକୃତରେ ଏକ ସାଧକର ଜୀବନ। ସେ ଜୀବନ ଭିତରେ ସାଂସାରିକ ମାୟା, ମମତା, ମୋହର ସ୍ଥାନ ନାହିଁ। ମାୟାଶୂନ୍ୟ ହୋଇ ସାଧନା କରିବା, ମୋହମୁକ୍ତ ହୋଇ ଜୀବନଧାରଣ କରିବା ଏକ ତପସ୍ୟା। ଆଉ ସେହି ତପଶ୍ଚର୍ଯ୍ୟା ହିଁ ସନ୍ନ୍ୟାସ ଜୀବନର ପରମ ପରାକାଷ୍ଠା। ପିଲାଦିନର ସେଇ କୁନିମାତାଙ୍କ ସ୍ମୃତି ଆମମାନଙ୍କ ମନରେ ସିନା ଏକ ଅଭୁଲା ସ୍ମୃତି ହୋଇ ରହିଥିଲା, ମାତ୍ର ମାତା ଯେ ଆମମାନଙ୍କୁ ମନେ ରଖିଥିବେ, ସେ କଥାର ପ୍ରତ୍ୟୟ ମୋର ଆଦୌ ନଥିଲା। କାରଣ ଆମପରି ଅନେକ ଗୁରୁଭାଇଙ୍କ ଘରକୁ ମାତା ଯିବା ଆସିବା କରୁଥିଲେ। ସେମାନଙ୍କୁ ସମସ୍ତଙ୍କୁ ମନେରଖିବା ସତରେ କଣ ତାଙ୍କ ପକ୍ଷରେ ସମ୍ଭବ? ମାୟା ମମତା ମୋହର ଉର୍ଦ୍ଧ୍ୱରେ ପରା ତାଙ୍କର ଜୀବନ।

❖

# ରଙ୍ଗ

ସୁସ୍ମିତା ପଟେଲ



ମୁଁ କହୁଥିଲି ନା ଯେତେବେଳେ ତାକୁ ଦେଖିବାକୁ ଆସିବେ ତୁ ଲୁଚି ରହିଥିବୁ । ପଦାକୁ ବାହାରିବୁ ନାହିଁ । ଦେଖୁନୁ ତୋ ପାଇଁ ତାର ସବୁ ପ୍ରସ୍ତାବ ଭାଙ୍ଗି ଯାଉଛି ।

ଲୋକେ ତାକୁ ଛାଡି ତୋତେ ବୋହୂ କରିବା ପାଇଁ ପ୍ରସ୍ତାବ ଦେଇ ଚାଲି ଯାଉଛନ୍ତି । ଆଉ କେତେଦିନ ବା ତାକୁ ଏମିତି ଘରେ ବସେଇଥିବୁ । ଭଗବାନ ତାକୁ ଏ କଳାରଙ୍ଗ କାହିଁକି ଦେଲେ କେଜାଣି । ଏ ରଙ୍ଗ ଆମ ଜୀବନରେ ଅଭିଶାପ ପାଲଟି ଯାଇଛି ଯେପରି । ହେ ଭଗବାନ ତୁ ସିନା କଳା, କାଳିଆ ଠାକୁର; ହେଲେ ଏ କଳାରଙ୍ଗ କ'ଣ ଲୋକଙ୍କ ଆଖିରେ ଭଲ ଲାଗୁଛି ? ଦେଖୁନ ମୋ ନାତୁଣୀ ଏଇଥିପାଇଁ କେତେ ପ୍ରକାରର କଥା ଶୁଣିବାକୁ ପାଉଛି । ଆଈମା ଭଗବାନଙ୍କୁ ଅଭିମାନ କରି ଏକଥା କହନ୍ତି ।

ଡିଡିଲି ମୋ ବଡ଼ ଭଉଣୀ । ତାପରେ ମୁଁ ଓ ସବାଶେଷ ମୋ ସାନଭାଇ । ମୁଁ ଡିଡିଲିକୁ ନାନୀ ଡାକେ । ଆଈମାର ଏତାଦୃଶ୍ୟ କଥାରେ ନାନୀକୁ ଖରାପ ଲାଗେନି, ତାଠୁ ବେଶୀ ଖରାପ ଲାଗେ ମୋତେ । ମୁଁ କହେ ମୋ ନାନୀକୁ ମନାକରି ଯେଉଁମାନେ ଫେରି ଯାଇଛନ୍ତି, ତାଙ୍କର ଭାଗ୍ୟ ଖରାପ୍ । ମୋ ନାନୀ ପରିକା ସୁନାନାକୀ ବୋହୂଟିଏ ଲଣ୍ଠନ ଧରିକି ଖୋଜିଲେ ବି ମିଳିବେନି ତାଙ୍କୁ ।

ଆଈମା ଆଖିରୁ ଲୁହ ପୋଛନ୍ତି । ଚ "ହଁ ଲୋ,- ହେଲେ କିଏ ଏସବୁ ଦେଖୁଛି । ସମସ୍ତଙ୍କୁ ବାହ୍ୟ ସୁନ୍ଦରତା ଯୁକ୍ତ ଝିଅ ଦରକାର । ଆଭ୍ୟନ୍ତରୀଣ ଗୁଣ କିଏ ଦେଖୁଛି କହିଲୁ ?"

ଆଈ ମା ଆଖିରୁ ଲୁହ ପୋଛେ ।

ମା ବି ଚୁପ୍ ରହେ । ତାକୁ ବି ଲାଗେ ଆଈମା ଠିକ୍ କହୁଛନ୍ତି । ନାନୀ କିଛି କହେନାହିଁ । ସବୁ ଶୁଣି ସାରିବା ପରେ ଏତିକି ମାତ୍ର କହେ, ମୁଁ ବାହା ହେବିନି । ରିମ୍‌ଝିମ୍‌କୁ ଏବେ ଦେଖେଇବା । ତାକୁ ବାହା କରିଦେବା । ନାନୀ ଯେତେବେଳେ କହେ ମୋତେ ଭାରୀ ବାଧେ ଏକଥା, ଦୁଃଖ ବି ଲାଗେ । ମୋ ନାନୀ ଦେଖିବାକୁ ବହୁତ୍ ସୁନ୍ଦରୀ, ଗୋଟିଏ ଚାଉଳରେ ଗଢ଼ା । ସୁନ୍ଦର ନାକନକ୍ସାରେ ମୋ ନାନୀ କୌଣସି ଅପ୍ସରାଠୁ କମ୍ ନୁହେଁ । ହେଲେ ଏ ସବୁକୁ ଆଢୁଆଳ କରି କଳା ରଙ୍ଗ ଆଗଭର ହୋଇ ବାଟ ଓଗାଳେ; କାରଣ ମୋ ନାନୀର ରଙ୍ଗ କଳା ।

ମା କହେ ନାନୀ ଯେତେବେଳେ ଛୋଟ ଥିଲା ସେ ତାକୁ କହେ, "ମାଆ ! ତୋ ଦେହର ରଙ୍ଗ ଏତେ ସଫା ଆଉ ମୋର କାହିଁକି ଏତେ ମଇଳା ? ମୋତେ ଭଲକି ଘସି ଦେବୁ ତ ସାବୁନ ଲଗାଇ । ସଫା ହୋଇଯିବି ।" ମା ହସେ । କହେ ତୋତେ କାଳିଆ ଠାକୁର ବହୁତ୍ ଭଲ ପାଆନ୍ତି ତ । ସେଇଥିପାଇଁ ତାଙ୍କ ଦେହର ରଙ୍ଗରୁ କିଛି ତୋତେ ଦେଇ ଦେଇଛନ୍ତି । ନାନୀ ମୋର ଖୁସି ହୋଇଯାଏ । ବୟସ ବଢ଼ି ବଢ଼ି ଯାଉଥିଲା । ନାନୀ ପାଇଁ ବାହାଘର ପ୍ରସ୍ତାବ ଆସୁଥିଲା ହେଲେ ନାନୀର ରଙ୍ଗ ପାଇଁ ସମସ୍ତେ ଅପସନ୍ଦ କରି ଚାଲି ଯାଉଥିଲେ । ସମସ୍ତଙ୍କ ଜିଦ୍ ସେମାନେ ତାଙ୍କ ସାନଝିଅକୁ ଯଦି ଦେବେ, ତା ହେଲେ ବାହାଘର ହେବ ।

ବଡ଼ଝିଅ ଥାଉ ଥାଉ ଏ କିପରି ସମ୍ଭବ, ବାପା କହନ୍ତି । ସେବେଠୁ ମୋତେ ମନା କରାଗଲା ଯେତେବେଳେ ନାନୀକୁ ଦେଖିବାକୁ ଆସିବେ, ତୁ ଆଉ ବାହାରିବୁନି । ଘରେ ସମସ୍ତଙ୍କ ମନ ଦୁଃଖ । ଏପଟେ ମୋର ବିବାହ ବୟସ ଆସିଗଲାଣି ବୋଲି ବେଶୀ କରି ନାନୀର ବାହାଘର ପାଇଁ ଏତେ ତରତର ହେଉଥିଲେ ସମସ୍ତେ । ତାଙ୍କ ମତରେ ଝିଅ ଘିଅ । ବେଶୀ ଦିନ ହେଲେ ଗନ୍ଧାଏ । ସେଦିନ ମା'ଙ୍କୁ ନାନୀ କହୁଥିବାର ଶୁଣିଲି, "ମା ତୁ କହୁଥିଲୁ ନା ଏ ରଙ୍ଗ କାଳିଆଙ୍କର ! ସେ ମୋତେ ଭଲ ପାଆନ୍ତି ବୋଲି ତାଙ୍କ ରଙ୍ଗରୁ ଦେଇଛନ୍ତି ।" ହଁ ଲୋ, ତୁ ଠିକ୍ କହୁଥିଲୁ କିନ୍ତୁ ତାଙ୍କର ରଙ୍ଗ ତାଙ୍କୁ ହିଁ ଭଲ ଦିଶେ ଲୋ । ଏବେ ରିମ୍ ଝିମ୍‌କୁ ବାହା କରିବା ।"

ମା କହିଲେ, "କାହିଁକି ତୁ କୋଉ ଗୁଣରେ ଊଣା କି ? ତୋ ରଙ୍ଗ ଯାହା ହେଉ, ତୋ ହୃଦୟ ତ ଖାଣ୍ଟି ସୁନା ମୋ ଝିଅ । କାହିଁକି ତୁ ମନଦୁଃଖ କରୁଛୁ ? ରଙ୍ଗ ନୁହେଁ ଦିନେ କିଏ ନା କିଏ ତୋ ଗୁଣ ଦେଖି ଆସିବେ ଦେଖିବୁ । ମା' ଓ ନାନୀଙ୍କର ଏ କଥାରେ ମୁଁ ଲୁହେଇ ଯାଇଥିଲି ସେଦିନ । ମୋତେ ନିଜକୁ ହିଁ ଦୋଷୀଟିଏ ପରି ଲାଗୁଥିଲା ।

ଦିନ ଏମିତି ବିତିଯାଉଥିଲା । ନାନୀ ପାଇଁ ଆଉ ପ୍ରସ୍ତାବ ଆସୁନଥିଲା । ମୋ ମନା କରିବା ସତ୍ତ୍ୱେ ଏବେ ମୋ ପାଇଁ ଦେଖାଚାହାଁ କରିବାର ନିର୍ଣ୍ଣୟ ହେଲା ।

କିଛି ଦିନ ପରେ ଘରକୁ ପ୍ରସ୍ତାବ ଆସିଲା । ନାନୀ ମୋତେ ବହୁତ୍ ଭଲ ଭାବରେ ସଜେଇ ଦେଲା । ମୋତେ ଏସବୁ ଭଲ ଲାଗୁ ନଥାଏ । କିନ୍ତୁ ଅନ୍ୟ ଉପାୟ ବି ନ ଥିଲା । ମା ମୋତେ ବୁଝେଇଲା ଦୁଇ ଦୁଇଟା ଝିଅ ଯଦି ଏମିତି ବସିରହିବେ ତା ହେଲେ କ'ଣ କରିବା ଆମେ ? ଅନ୍ତତଃ ତୁ ହେଲେ ବାହା ହୋଇ ଯା । ବୟସ ଗଡ଼ିଗଲେ ତୋ ପାଇଁ ବି ଆଉ ପ୍ରସ୍ତାବ ଆସିବନି । ମୋ ପାଖରେ କୌଣସି ଚାରା ନଥିଲା ଆଉ ।

ନାନୀ ମୋତେ ଖୁବ୍ ସୁନ୍ଦର ଭାବରେ ସଜେଇଦେଲା । କହିଲା କାହାର ନଜର ନ ଲାଗୁ ମୋ ଭଉଣୀକୁ । ଦେଖି କେତେ ସୁନ୍ଦର ଦେଖାଯାଉଛୁ । ମୁଁ ନାନୀକୁ ଚାହିଁ ରହିଥାଏ । ନାନୀ ମନରେ ତିଳେ ବି ଦୁଃଖ ନାହିଁ । ଏକଥା ସେ ଜାଣି ଜାଣି ଜଣାଏ ସମସ୍ତଙ୍କୁ ।

ନାନା ପ୍ରକାରର ଜଳଖିଆ ନାନୀ ଆଜି ନିଜେ ତିଆରି କରିଥିଲା, କାରଣ ସେ ବହୁତ ଭେରାଇଟିର ପିଠା, ଫାଷ୍ଟଫୁଡ୍, ମିଠା ତିଆରି କରି ଜାଣିଥିଲା ।

କୁଣିଆ ଆସିଯାଇଥିଲେ । ଏବେ ତିତିଲି ଆଉ ରିମ୍‌ଝିମ୍ ଏକା ସାଙ୍ଗରେ ଆସି ସମସ୍ତଙ୍କୁ ମୁଣ୍ଡିଆ ମାରିଲେ । ସମସ୍ତେ ଜଳଖିଆ ଖାଇ ତାର ତାରିଫ୍ କରୁଥାନ୍ତି ।

ଏ ହାତରେ ଯାଦୁ ଅଛି । କିଏ ଏସବୁ ତିଆରି କରିଛି । ବୟୋଜ୍ୟେଷ୍ଠ ବ୍ୟକ୍ତି ଜଣେ ପଚାରିଲେ । ତିତିଲି ନାନୀ କହିଲା ମୁଁ ତିଆରିଛି । ଆଉ ଅଛି ଆଣୁଛି ।

ନା ରେ ମା' ବହୁତ୍ ଖାଇଦେଲୁ । ଏବେ ତ ଏମିତି ସବୁଦିନ ଖାଇବାକୁ ମିଳିବ । ନା କ'ଣ କହୁଛ । ତାଙ୍କ ସାଙ୍ଗରେ ଆସିଥିବା ପୁଅ ଓ ତା' ମାଆ ବି ମୁଣ୍ଡ ଟୁଙ୍ଗାରିଲେ ।

ତା ହେଲେ ହେଲା ଆଉ ।

ବାପା କିଛି ବୁଝି ପାରିଲେନି । କହିଲେ "ଆପଣ ବୋଧେ ଭୁଲ୍ ଶୁଣିଲେ । ଏସବୁ ମୋ ବଡ ଝିଅ ତିଆରିଛି । ରିମ୍‌ଝିମ୍ ନୁହେଁ ।" "ମୁଁ ଠିକ୍ ଶୁଣିଛି ସମୁଦୀ । ମୁଁ ଜାଣେ ଏସବୁ ତିତିଲି ମାନେ ଆପଣଙ୍କ ବଡ଼ ଝିଅ ତିଆରି କରିଛି । ସତରେ ତା' ହାତରେ ଯାଦୁ ଅଛି । ଆପଣ ଏକା କ'ଣ ଖାଲି ଏ ସ୍ୱାଦିଷ୍ଟ ଭୋଜନରେ ହକ୍‌ଦାର୍ ? ନା ନା ସେକଥା ହୋଇପାରିବନି । ଏବେ ଆମକୁ ବି ସେ ହାତର ଯାଦୁ ଦରକାର ।"

ମୁଁ କିଛି ବୁଝି ପାରୁନି ସମୁଦୀ.... ଆପଣ କ'ଣ କହିବାକୁ ଚାହୁଁଛନ୍ତି । ବାପା ଆଶ୍ଚର୍ଯ୍ୟ ହୋଇ କହିଲେ । ସମୁଦୀ ତୁମର ଯଦି ଆପତ୍ତି ନାହିଁ ତା ହେଲେ ଆପଣ ଆପଣଙ୍କର ଦୁଇ ଝିଅଙ୍କୁ ଆମକୁ ଦେଇଦିଅନ୍ତୁ । ବଡକୁ ବଡପୁଅ ପାଇଁ ଆଉ ସାନକୁ ମୋ ସାନ ପୁଅ ପାଇଁ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ପରସ୍ପରକୁ ଚାହୁଁଥିଲେ ମୋ ମନରେ ଖୁସିର ଲହରୀ ଖେଳିଯାଇଥିଲା । ନାନୀ ବିନା କିଛି ରିଏକ୍ସନ୍‌ରେ ସେଠି ଠିଆ ହୋଇ ସମସ୍ତଙ୍କୁ ଚାହୁଁଥିଲା ।

ମିଠା ପ୍ଲେଟ୍‌ରୁ ଖଣ୍ଡେ, ଖଣ୍ଡେ ଏବେ ସମସ୍ତଙ୍କର ହାତରେ ଥିଲା । ଏତେ ବଡ଼ ସମସ୍ୟାର ସମାଧାନ ଏପରି ଭାବରେ .... କେହି ବିଶ୍ୱାସ କରି ପାରୁନଥିଲେ ।

ଆଈମା' ତିତିଲିକୁ ଅଶ୍ରୁଳ ନୟନରେ ଚାହିଁ ରହିଥିଲେ ।

❖




# ଅଭଦ୍ର ଲୋକ

ଯୋଗେଶ୍ୱର ପଣ୍ଡା

**ସି**କନ୍ଦରାବାଦ୍ ରେଳ ଷ୍ଟେସନ୍‌ର ଏକ ନମ୍ବର ପ୍ଲାଟ୍‌ଫର୍ମ । ସମୟ ପାଖାପାଖି ରାତି ଦଶଟା ଅଧେ । ତଥାପି ଗହଳି ଯେ ଗହଳି । ସୋରିଷ ପକେଇଲେ ଗୋଟେ ବି ତଳେ ପଡିବନି । ଯେତିକି ଗହଳି ତାର ଅର୍ଦ୍ଧାଧିକ ଲୋକେ ଅପେକ୍ଷା କରିଛନ୍ତି ସେଇ ଟ୍ରେନ୍‌କୁ ଯୋଉଟା ତିନି ଘଂଟା ବିଳମ୍ବ ଅଛି । ନାନ୍ଦେଡ୍‌ରୁ ସମ୍ବଲପୁର ଯାଉଥିବା ନାଗାବଳୀ ଏକ୍ସପ୍ରେସ୍ । ରାତି ଯେତିକି ବଢୁଛି, ଲୋକଙ୍କ ସଂଖ୍ୟା କମିବା ବଦଳରେ ବଢିବଢି ଯାଉଛି । ପ୍ରାୟ ସମସ୍ତେ ଖବର ପାଇସାରିଥିବେ ଯେ, ଟ୍ରେନ୍‌ଟି ତିନିଘଂଟା ବା ତାଠୁ ବି ଆହୁରି ବିଳମ୍ବରେ ସିକନ୍ଦରାବାଦ୍‌ରେ ପହଂଚିବ ତେଣୁ ଯିଏ ଯାହା ସୁବିଧା ମୁତାବକ ଜଣେ ଜଣେ ଷ୍ଟେସନ୍‌ରେ ପହଂଚୁଥିଲେ ।

ଆମେ ବି ପହଂଚି ସାରିଥିଲୁ ଷ୍ଟେସନ୍‌ରେ । ଗହଳି ଯୋଗୁଁ ସେଠି ଅଣନିଃଶ୍ୱାସୀ ଲାଗିଯାଉଥିଲା । ଲୋକ ଖାଲି ହାଉଯାଉ ଷ୍ଟେସନ୍ ସାରା । ଏମିତି ଏତେ ଲୋକ ଯିବାର ଥାଉଛି ଗୋଟେ ଦିନରେ ! ଆମେ ସିନା ବୁଲିବାକୁ ଆସିଥିଲୁ ବୋଲି ଘରକୁ ଫେରୁଛୁ; ଏତେ ଲୋକଙ୍କର ଗୋଟେ ସହରରେ କେମିତି କାମ ପଡୁଚି କେଜାଣି ? ଏମିତି ସବୁ କଥା ମନକୁ ଆସୁଥିଲା ।

ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଟ୍ରେନ୍ ଲାଗିଲା ପାଂଚ ନମ୍ବର ପ୍ଲାଟଫର୍ମରେ । ଏକ ନମ୍ବରରେ ଲାଗିବ ବୋଲି ଆଗରୁ ଅନୁମାନ୍ କରି ଅପେକ୍ଷା କରିଥିବା ଆମ ସମେତ ଅନେକ ଯାତ୍ରୀ ଧାଁ ଦଉଡ ଆରମ୍ଭ କରିଦେଲେ ପାଂଚ ନମ୍ବର ପ୍ଲାଟଫର୍ମ ଆଡେ । ଅଧିକ ଲଗେଜ୍ ଧରିଥିବା ଲୋକମାନେ ଧାଇଁଲେ ଲିଫ୍‌ଟ୍ ଆଡେ । ଆଉ କିଛି ଲୋକ ଲିଫ୍‌ଟ ଗହଳି ଦେଖି ଭାରି ଲଗେଜ୍ ମଧ୍ୟ ଦୁଇଦୁଇ ଜଣ ଟେକାଟେକି କରି ସିଡିରେ ଗଲେ । ଟ୍ରେନଟି ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ସିକନ୍ଦରାବାଦ ଷ୍ଟେସନ୍‌ରେ ରହିବା ପରେ ଛାଡିଲା ।

ଆମେ ଥିଲୁ ତୃତୀୟଶ୍ରେଣୀ ଏସିରେ । ଆମେ ଅର୍ଥାତ୍ ମୁଁ, ପତ୍ନୀ, ପୁଅ ଓ ବଡଭାଇ, ଭାଉଜ, ତାଙ୍କ ପୁଅ । ଆମେ ପାଖାପାଖି ବର୍ଥ ପାଇଯାଇଥିଲୁ ଓ ଆମକୁ ମିଳିଥିବା ବେଡସିଟ୍, ତକିଆ, କମ୍ବଳ ଆଦିକୁ ସଜାସଜି କରି ଶୋଇବାର ଉପକ୍ରମ କରୁଥିଲୁ । କିଛିଲୋକ ତଳ ବର୍ଥର ସନ୍ଧାନ୍‌ରେ ଏପଟ ସେପଟ ହେଉଥିଲେ । କେହିକେହି ତଳ ବର୍ଥ୍ ବାଲାଙ୍କୁ ଉପରକୁ ଯିବାକୁ ଅନୁରୋଧ କରୁଥିଲେ । ଆମର ପିଲାମାନେ ଯେହେତୁ ଛୋଟ ଥିଲେ ସେମାନେ ତାଙ୍କ ମାଆ ମାନଙ୍କ ସହ ତଳ ବର୍ଥ୍‌ରେ ଶୋଇଥିଲେ ଓ ଆମ ଦୁଇଭାଇଙ୍କୁ ମିଳିଥିଲା ମଝି ବର୍ଥ୍ । ସବା ଉପର ବର୍ଥ୍ ପାଇଥିବା ପତି ପତ୍ନୀ ଦୁଇଜଣ ସିଟ୍ ଖୋଜି ଖୋଜି ଆସି ପହଂଚିଲେ ଗୋଟେ ଛୋଟ ଗୋଲଗାଲିଆ ଛୁଆଟିଏକୁ ଧରି । ସେମାନେ ବ୍ୟସ୍ତ ଜଣା ପଡୁଥିଲେ । ବଡବଡ ଦୁଇଟା ବେଗ୍ ଆଣି ରଖିଲେ ତଳେ, ଆମ ବର୍ଥ୍ ପାଖରେ ଯାହାକି ଆମ ଆଡକୁ ମାଡିବସିଲା ଭଳି ରହୁଥିଲା ।

ଆମେ ସେତେବେଳ ଯାଏଁ ଶୋଇନଥିଲୁ । ମଝି ବର୍ଥ୍ ଖୋଲା ହୋଇନଥିଲା । ଆମେ ସମସ୍ତେ ତଳ ବର୍ଥ୍‌ରେ ବସି କଥାବାର୍ତ୍ତା କରୁଥିଲୁ । ଉପରବର୍ଥ୍ ପାଇଥିବା ସେ ଦମ୍ପତି ଆସି ପ୍ରଥମେ ଆମ ତଳ ସିଟ୍‌ରେ ବସିଲେ । ମହିଳା ଜଣକ ପିଲାଟିକୁ ଧରି ଗେଲ କରୁଥାଏ । ଲୋକଟି ତା ସ୍ତ୍ରୀକୁ ସମ୍ଭବତଃ ତେଲୁଗୁ ଭାଷାରେ କିଛି କହିଲା ଓ ଆଉଗୋଟେ ବର୍ଥ୍ ଆଡକୁ ଗଲା

। ଆମେ ଯାହା ଅନୁମାନ କଲୁ, ସେମାନଙ୍କର ଯେହେତୁ ଛୋଟ ଛୁଆ ଅଛି ତେଣୁ ସେମାନେ ତଳ ବର୍ଥ୍ ପାଇଁ ଚେଷ୍ଟା କରୁଥାଇ ପାରନ୍ତି । ଲୋକଟି ଗଲା ପରେ ଆମେ ଆମ ଆମ ଭିତରେ ଟିକେ କଥା ହେଲୁ । ଆମେ ବିଚାରକଲୁ ତାଙ୍କୁ ଗୋଟେ ତଳ ବର୍ଥ୍ ଯାଚିବୁ । ପିଲାଟାକୁ ଦେଖି ଦୟା ଲାଗୁଥିଲା । ମହିଳାଟି ଅପେକ୍ଷାକୃତ ମୋଟା ଓ କଳାଥିଲା । ତା ସ୍ୱାମୀଟା ମଧ୍ୟ କଳା ମଚ୍ ମଚ୍ । ଏସବୁ ସତ୍ତ୍ୱେ ତାଙ୍କ ସହିତ ଥିବା ସେ ଛୋଟ ଛୁଆଟା ଯେ ଏତେ ମାତ୍ରାରେ ଗୋରା ଓ ସୁନ୍ଦର ଥିଲା,- ତାହାହିଁ ଆମକୁ ବିସ୍ମିତ କରୁଥିଲା ।

ଆମେ ସେମାନଙ୍କ ବିଷୟରେ ଅନେକ ଭିନ୍ନ ଭିନ୍ନ ଅନୁମାନ ଲଗାଉଥିଲୁ, ଯେମିତିକି ସେମାନେ ପିଲାଟିକୁ କୋଉ ଅନାଥାଶ୍ରମରୁ ଆଣିଥାଇ ପାରନ୍ତି ଅବା ତାଙ୍କର କୋଉ ସମ୍ପର୍କୀୟଙ୍କ ପିଲା ହେଇଥିବ ଯାହାର କି ମାଆ ବାପା ଦୁର୍ଘଟଣାରେ ପ୍ରାଣ ହରାଇଥାଇ ପାରନ୍ତି । ଆମ ଭିତରୁ ଆଉ ଜଣେ କହିଲେ ହୁଏତ ସେମାନେ ଆଉ କାହାର ପିଲା ଚୋରି କରିଥାଇ ପାରନ୍ତି ଓ କୌଣସି ଔଷଧ ଦେଇ ସେପିଲାର ମୁହଁ ବନ୍ଦ କରିଦେଇଥିବେ, ଯୋଉଥିପାଇଁ ପିଲାଟି ମୋଟେ କାନ୍ଦୁ ନାହିଁ । ଏମିତି ଅନେକ ଭିନ୍ନ ଭିନ୍ନ କଥା ଆଲୋଚନା ପରେ ଆମେ ସେ ସ୍ତ୍ରୀଲୋକଟିକୁ ଗୋଟେ ତଳ ସିଟ୍ ଯାଚିଲୁ । ସ୍ତ୍ରୀଲୋକଟି କିଛି ନବୁଝିଲା ପରି ହେଲା । ହାତ ହଲାଇ ତେଲୁଗୁ ଭାଷାରେ କେବଳ ଗୋଟେ ଶବ୍ଦ କହୁଥିଲା- ଅର୍ଥଂ ଚେସ୍କୁଲେଦୁ । ଆମେବି ତା କଥା ବୁଝି ପାରୁନଥିଲୁ । ତାପରେ ଆମେ ତାକୁ ହାତଠାରି " "ତଳ ସିଟ୍‌ରେ ଶୋଇବାକୁ ତୁମେ ଯଦି ଚାହଁ ଶୋଇପାର'' ବୋଲି କହିଲୁ । ସେ ବୁଝିଲା କିନ୍ତୁ ପୁଣି କଣ ଗୋଟେ ତେଲୁଗୁ ଭାଷାରେ କହିଲା- ବାବୁ.. ଲେଦୁ । ଏ ଟାଇପ୍‌ର କଣ ଗୋଟେ କହିଲା, ଆମେ କିନ୍ତୁ ବୁଝି ପାରିଲୁନି । ମୁଁ ଖାଲି "ଲେଦୁ' ବୋଇଲେ "ନାହିଁ' ବୋଲି ବୁଝିଲି । ମୋର ଜଣେ ଖଣ୍ଟି ତେଲୁଗୁ ଜାଣିଥିବା ସାଙ୍ଗଙ୍କ ସୌଜନ୍ୟରୁ ଏ ଶବ୍ଦଟି ମୁଁ ଶିଖିଥିଲି । ସେ ସ୍ତ୍ରୀଲୋକର ଠାରନାରରୁ ଆମେ ଯାହା ବୁଝିଲୁ, ସେ କହୁଛି ତାର ବାବୁ ଅର୍ଥାତ୍ ସ୍ୱାମୀ ତଳ ସିଟ୍ ପାଇଁ କୋଉଠି ଗୋଟେ ଏଇ ବଗିରେ ହିଁ କଥା ହୋଇଥିଲା ତେଣୁ ସେ ଆସିଲା ପରେ ଯାହା କଥା । ଆମକୁ ଭାରି ଆଶ୍ଚର୍ଯ୍ୟ ଲାଗିଲା, ସେ ଠାର ବୁଝି ଯାଉଛି ଅଥଚ ହିନ୍ଦୀ ବୁଝି ପାରୁନି । ଭାରତରେ ହିନ୍ଦୀ ନବୁଝିବା ଲୋକ ମଧ୍ୟ ଅଛନ୍ତି !

କିଛି ସମୟ ପରେ ତା ସ୍ୱାମୀ ଆସିଲା । ସେମାନେ ତାଙ୍କ ଭାଷାରେ କିଛି କଥାଭାଷା ହେଲେ ଓ ଆମକୁ ଆଉ କିଛି ନକହି ଦିହେଁ ତାଙ୍କ ପାଇଁ ଉଦ୍ଦିଷ୍ଟ ଉପର ସିଟ୍‌କୁ ହିଁ ପଳେଇଲେ । ଆମଦ୍ୱାରା ଯଚା ଯାଇଥିବା ତଳ ସିଟ୍‌କୁ ପ୍ରତ୍ୟାଖ୍ୟାନ କରି ସେମାନେ କାହିଁକି ଛୋଟ ପିଲାଟାକୁ ଧରି ଉପରକୁ ଗଲେ ଆମେ ବୁଝି ପାରିଲୁନି । ତେଣୁ ପାଖାପାଖି ଘଂଟାଏ ନଶୋଇ ନିଜନିଜ ସିଟ୍‌ରେ ଥାଇ ତାର ସମ୍ଭାବ୍ୟ କାରଣମାନ ଆଲୋଚନା କଲୁ । ଅବଶ୍ୟ ଆମ ପିଲାମାନେ ସେତେବେଳକୁ ନିଘୋଡ ନିଦରେ ଶୋଇ ପଡିଥିଲେ । ପାଖାପାଖି ସମସ୍ତେ ଆମ ବଗିର ଶୋଇପଡିଥିଲେ, ଗୋଟେ ଛୁଆକୁ ଛାଡି, ଯିଏକି ଅପେକ୍ଷାକୃତ ବଡ ପାଟିରେ ଭେଁଭେଁ ରଡି ଛାଡୁଥିଲା ।

ଆମେ ତାଙ୍କ ବିଷୟରେ ବଡ ପାଟିରେ କଥା ହେଲା ବେଳେ ନିର୍ଦ୍ୱନ୍ଦ୍ୱରେ କଥା ହେଉଥିଲୁ ସେ ଭଲ ହେଉ କି ମନ୍ଦ । କାହିଁକିନା ଆମେ ନିଶ୍ଚିତ ଥିଲୁ ଯେ, ଏ ତେଲୁଗୁ ଦମ୍ପତି ହିନ୍ଦୀ ଠିକ୍‌ରେ ବୁଝି ପାରୁନାହାଁନ୍ତି; ଆଉ ଓଡିଆ କଣ ବୁଝିବେ ? ସ୍ତ୍ରୀ'ଟି ତ ଓଡିଆ କି ହିନ୍ଦୀ କିଛି ବି ବୁଝୁନି ଆଉ ସ୍ୱାମୀଟା ଯଦି ବି ବୁଝିଲା, ତାହେଲେ ହିନ୍ଦୀ ବୁଝିବ । ଓଡିଆର ତ ପ୍ରଶ୍ନ ଉଠୁନି । ତଥାପି ଆମ ଭିତରେ ଶଙ୍କା ଜାତ ହେଉଥାଏ, ଯଦି ଲୋକଟି ଓଡିଆ ବୁଝୁଥିବ ! ତେଣୁ ତାଙ୍କ ବିଷୟରେ କିଛି ମନ୍ଦ କଥା ହେଲା ବେଳେ ଅର୍ଥାତ୍ ସେମାନେ କେତେ ଅଭଦ୍ରଙ୍କ ଭଳି ଆମ ସାହାଯ୍ୟକୁ ପ୍ରତ୍ୟାଖ୍ୟାନ କଲେ, ଆମ ସାଙ୍ଗେ କିଛି କଥାନହେଇ ସେମାନେ ତାଙ୍କର ଚୁପ୍ ଚାପ୍ ଯାଇ ଶୋଇପଡିଲେ, ସ୍ୱାମୀସ୍ତ୍ରୀ ଦୁହେଁ କଳା ଥିବା ସତ୍ତ୍ୱେ ପିଲାଟା କେମିତି ଏତେ ଗୋରା, ପିଲାଟା କାହିଁକି କାନ୍ଦୁନି ଟିକେବି ଯଦିଓ ଆମ ବର୍ଥରେ ଥିବା ଆଉ ଗୋଟେ ଦିଟା ପିଲା ଟ୍ରେନ୍‌ରେ ଚଢ଼ିବାଠୁ ଆଉ କାନ୍ଦ ବନ୍ଦ କରିବାର ନାଁ ନେଉ ନାହାଁନ୍ତି, ଏମିତି ସମୟରେ ସ୍ୱରକୁ ଅପେକ୍ଷାକୃତ ଧୀର କରିଦେଉଥିଲୁ ।

ରାତିର ଅନ୍ଧାରକୁ ଚିରି ଟ୍ରେନ୍‌ଟି ଦ୍ରୁତ ଗତିରେ ମାଡିଚାଲିଥିଲା ତାର ଗନ୍ତବ୍ୟସ୍ଥଳ ଆଡକୁ । ଆମେ କେତେବେଳେ ଶୋଇପଡିଲୁ ଆମକୁ ମଧ୍ୟ ଜଣାନାହିଁ । ଆମେ ଉଠିଲା ବେଳକୁ ଉପର ସିଟ୍‌ର ସେ ଛୁଆଟି ଖିଲି ଖିଲି ହସି ତା ମାଆ ସହ ଖେଳୁଛି । ବାପା ତାର ଶୋଇଛି । ଆମ ପିଲାମାନେ ଉଠି ଖେଳିବା ଆରମ୍ଭ କରିଦେଲେ । ଯେହେତୁ ଦଶଟା ପାଖାପାଖି ଆମେ ବିଶାଖାପାଟଣାରେ ଓହ୍ଲେଇ ଯିବାର ଥିଲା, ତେଣୁ ଆମେ ଆମର ବ୍ୟାଗ୍‌ପତ୍ର ସଜଡା ସଜଡି ଆରମ୍ଭ କରିଦେଲୁ । ହାଇଦ୍ରାବାଦ୍ ବୁଲିବା ପରେ ଆମର ଯୋଜନା ଥିଲା ଆଉ ଦୁଇ ଦିନ ବିଶାଖାପାଟଣାରେ ବୁଲି ଘରକୁ ଫେରିବୁ ।

ଆମ ହାବଭାବ ଦେଖି ଆମ ଉପର ସିଟରେ ଥିବା ସେ ତେଲୁଗୁ ଦମ୍ପତି ଜାଣିଗଲେ ବୋଧେ ଯେ, ଆମେ ପରବର୍ତ୍ତୀ ଷ୍ଟେସନ୍‌ରେ ଓହ୍ଲେଇବୁ ତେଣୁ ସେମାନେ ତଳକୁ ଚାଲିଆସିଲେ । ଅବଶ୍ୟ ସକାଳ ହେଲା ବୋଲି ବି ତଳକୁ ଆସିଥାଇପାରନ୍ତି । ସେ ଯାହାବି ହେଉ, ସେମାନେ ତଳକୁ ଆସି ଆମ ସହ ବସିଲେ । ତାଙ୍କ ଛୁଆଟିର ମୁହଁରେ ହସ ଲାଖି ରହିଥିଲା । ଆମକୁ କିନ୍ତୁ ଆଶ୍ଚର୍ଯ୍ୟ କରୁଥିଲା ସେ ପିଲାର ସୁନ୍ଦର ରୂପ ଓ ଗୋରା ରଙ୍ଗ । ତଥାପି ସେମାନେ ଆମ ସହ ଏତେ କଥାବାର୍ତ୍ତା କରୁନଥିଲେ । ଭାଷା ଯୋଗୁଁ ତାଙ୍କୁ ଅସହଜ ଲାଗୁଥାଇପାରେ ବୋଲି ଆମେ ଅନୁମାନ କଲୁ ।

ବଡ ଭାଇ ମୋବାଇଲ୍ ଚେକ୍ କରି କହିଲେ ଆଉ ପାଂଚ ମିନିଟ୍ ଭିତରେ ଆମ ଷ୍ଟେସନ୍ ଆସିଯିବ । ଆମେ ଲଗେଜ୍ ଧରି ଗେଟ୍ ଆଡକୁ ଅଗ୍ରସର ହେଲୁ । ସେତିକି ପର୍ଯ୍ୟନ୍ତ ମଧ୍ୟ ସେମାନେ ଆମ ସହ ହସିକି କଥା ପଦେବି ହେଇନଥିଲେ । ଆମ ନଜର ପିଲା ଉପରୁ ହଟୁନଥାଏ ।

ବିଶାଖାପଟଣାରେ ଆମେ ତରତର ହେଇ ଓହ୍ଲେଇ ପଡିଲୁ । ସବୁ ବେଗ୍‌ପତ୍ର ଆସିଲା ନା ନାହିଁ ଯାଂଚ୍ କଲା ବେଳକୁ ମୋର ହଠାତ୍ ମନେ ପଡିଲା ମୁଁ କାନ୍ଧରେ ଝୁଲେଇଥିବା ବେଗ୍‌ଟି ଟ୍ରେନ୍‌ରେ ହିଁ ରହି ଯାଇଛି । ଆମ ସମସ୍ତଙ୍କ ମୁହଁ ପୁରା ଫିକା ପଡିଗଲା । ଏତେ ସବୁ ବୁଲାବୁଲିର ମଜାଟା ଯେମିତି ଏଇ ଗୋଟିଏ ବେଗ୍ ରେ ହିଁ ରହିଯାଇଛି । ହଁ ସତ କଥା । ସେଇ ବେଗ୍‌ରେ ରହିଯାଇ ଥିଲା ମୋର ଡିଏସ୍‌ଏଲ୍‌ଆର୍ କ୍ୟାମେରା । ହାଇଦ୍ରାବାଦ୍ ଟୁର୍‌ର ସବୁ ସ୍ମୃତିକୁ ଧରି ରଖିଥିବା ସେଇ ବେଗ୍‌ଟି ଯେ ଟ୍ରେନ୍‌ରେ ରହିଗଲା, ଭାବିଲେ ବିଚଳିତ ଲାଗି ଯାଉଥିଲା । ମୁଁ ଧାଇଁଲି ଆମ ବଗି ଆଡେ । ଟ୍ରେନ୍ ସେତେବେଳକୁ ଷ୍ଟେସନ୍ ଛାଡିବା ପାଇଁ ଗ୍ରୀନ୍ ସିଗିନାଲ୍ ଦେଇସାରି ହର୍ନ ମାରୁଥିଲା । ବଡ ବିଷମ ପରିସ୍ଥିତିରେ ପଡିଗଲା ମଣିଷ । ଚଢିଲେ ମଲି, ନଚଢିଲେ ମଲି ।

ଟ୍ରେନ୍ ଧୀରେଧୀରେ ଗତି କରିବା ଆରମ୍ଭ କଲାବେଳକୁ ହିଁ ଆମ ବଗିରୁ ସେ ତେଲୁଗୁ ଦମ୍ପତି ତାଂକ ବେଗ୍ ପତ୍ର ଧରି ଗୋଟେ ପ୍ରକାର ଡେଇଁଲା ଭଳି ଓହ୍ଲେଇ ପଡିଲେ । ମୁଁ ଯଦିଓ ବଗି ଆଡକୁ ଦୌଡୁଥାଏ କିନ୍ତୁ ଚଳନ୍ତା ଟ୍ରେନ୍‌ରେ ଚଢିବି ନା ନାହିଁ ସ୍ଥିର କରି ପାରୁନଥାଏ । ଠିକ୍ ସେତିକି ବେଳେ ମୋତେ ଦେଖି ସେ ତେଲୁଗୁ ସ୍ତ୍ରୀଲୋକର ସ୍ୱାମୀଟି ମୋ ଆଡକୁ ହସି ହସି ଦୌଡି ଆସିଲା, "ଭାଇନା ଭାଇନା' କହି । ମୋ ଆଡକୁ ମୋର ଡିଏସ୍‌ଏଲ୍‌ଆର୍ କ୍ୟାମେରା ଥିବା କାନ୍ଧଝୁଲା ବେଗ୍‌ଟିକୁ ବଢେଇ ଦେଇ କହିଲା- ଭାଇନା, ବେଗ୍ ଟା ଆପଣ ଛାଡି ଦେଇଥିଲେ ଟ୍ରେନ୍‌ରେ । ଭେଟ ହୋଇପାରିବି ନା ନାହିଁ ଭାବି ଭାବି, ତଥାପି ଓହ୍ଲାଇ ପଡିଲି । ଯାହା ହେଉ ଭେଟ ହେଇ ଗଲା । ମୋ ବେଗ୍ ପାଇ ମୋତେ କୋଟିନିଧି ମିଳିଗଲା ପରି ଲାଗିଲା ।

ମୁଁ ଯେତିକି ଆଶ୍ଚର୍ଯ୍ୟ ହେଉଥିଲି, ନାଟକୀୟ ଢଙ୍ଗରେ ମୋ ବେଗ୍‌ଟି ମିଳିଗଲା ବୋଲି, ତତୋଧିକ ବିସ୍ମିତି ହେଉଥିଲି ଲୋକଟି ମୁହଁରୁ ଭାଇନା ଡାକ ଶୁଣି ଅର୍ଥାତ୍ ଓଡିଆ ଶୁଣି । ଆମେ ଯେଉଁ ଗୋଟେ ପ୍ରକାର ନିଶ୍ଚିତ ହେଇ ଯାଇଥିଲୁ ଯେ, ସେମାନେ ତେଲୁଗୁ ଲୋକ ଓଡିଆ କୁଆଡୁ ଜାଣିବେ, ଏ ଭାବନାଟା ଆମର ଭୁଲ୍ ଥିଲା ବୋଲି ମୁଁ ଗ୍ରହଣ କରିପାରୁନଥିଲି । ମୋତେ ଆହୁରି ଖରାପ୍ ଲାଗୁଥିଲା, ସେତେବେଳର କଥା ଭାବି ଯେତେବେଳେ କି ଆମେ ଟ୍ରେନ୍‌ରେ ସେମାନଙ୍କ ବିଷୟରେ ଓଡିଆରେ ବଡ ପାଟିରେ ବିଭିନ୍ନ କଥା ହେଉଥିଲୁ ସେମାନେ ଓଡିଆ ଜାଣିନାହାଁନ୍ତି ଭାବି ।

ତାଙ୍କୁ କେମିତି ଧନ୍ୟବାଦ୍ ଦେବି ଜାଣି ପାରୁନଥିଲି । ତାଙ୍କ ସହ ମୁଣ୍ଡଟେକି କଥା ହେବାର ସତ୍ ସାହସ ମୋର ନଥିଲା ଭଳି ଲାଗୁଥିଲା । ତାଙ୍କର ଦୁଇ ହାତ ପାପୁଲିକୁ ମୋର ହାତମୁଠାରେ ଧରି ମୁଁ ଛଳ ଛଳ ହୋଇଗଲି । ତାଙ୍କର କିନ୍ତୁ କିଛି ପ୍ରତିକ୍ରିୟା ନଥିଲା । ମୋତେ ଆହୁରି ଆଶ୍ଚର୍ଯ୍ୟ କରି ସେମାନେ ଯେତେବେଳେ କହିଲେ ଯେ, ସେମାନଙ୍କୁ ପ୍ରକୃତରେ ଯାଉର ପରବର୍ତ୍ତୀ ଷ୍ଟେସନ୍ ଅର୍ଥାତ୍ ବିଜୟନଗରମ୍ ରେ ଓହ୍ଲାଇ ବ୍ରହ୍ମପୁର ପଟେ ଯାଉଥିବା ଆଉ ଏକ ଟ୍ରେନ୍ ଧରି ଇଚ୍ଛାପୁରମ୍ ଯିବାର ଥିଲା, କିନ୍ତୁ କେବଳ ଏଇ ବେଗ୍ ପାଇଁ ହିଁ ସେମାନେ ଏଇଠି ଓହ୍ଲାଇ ପଡିଲେ, ସେତେବେଳେ ମୋ ମୁଣ୍ଡ ତାଙ୍କ ଆଗରେ ଆପେ ଆପେ ନଇଁ ପଡିଲା । ମୋର ଧନ୍ୟବାଦ୍ ରେ ସେମାନେ ଧନ୍ୟ ହେଉଥିଲେ ନା ନାହିଁ ତା ତ ଜଣା ପଡୁନଥିଲା, କିନ୍ତୁ ମୁଁ ଆହୁରି ଲଜ୍ଜିତ ହେଇ ଯାଉଥିଲି । ତିନିଜଣଙ୍କ ମୁହଁରେ ସେଇ ଶିଶୁ ସୁଲଭ ହସ ନେଇ ସେମାନେ ଫେରି ଯାଉଥିଲେ ଆଉ ମୁଁ, ମୋର ଡିଏସ୍‌ଏଲ୍‌ଆର୍ କ୍ୟାମେରା ଥିବା ବେଗ୍ ପାଇବା ସତ୍ତ୍ୱେ ମଧ୍ୟ ଖୁସି ହୋଇ ପାରୁନଥିଲି ।

❖

# ଅଙ୍କ ଆତଙ୍କ

ଅଶୋକ କୁମାର ମିଶ୍ର



**ଅ**ଫିସ୍‌ରୁ ଫେରି ଫୁଲବାଣୀର ସରକାରୀ କ୍ୱାଟରରେ ପାଦ ଦେଉ ଦେଉ ଶାଶ୍ୱତଙ୍କୁ ପରିସ୍ଥିତିଟା କିଛି ଅସ୍ୱାଭାବିକ ଲାଗିବାର ଅନୁଭବ ହେଲା । ଅନ୍ୟ ଦିନ ପରି ଅଳକା ବା ପୁଅ ବବୁ, ଦାଣ୍ଡ ଦୁଆରେ କାହାକୁ ଦେଖିଲେନି ସେ । ଘୋର ଗମ୍ଭୀର ବାତାବରଣରୁ ଘର ଭିତରର ପାଣିପାଗର ପୂର୍ବ ସୂଚନା ଆକଳିବାକୁ ଚେଷ୍ଟା କରୁଥିଲେ ଶାଶ୍ୱତ । କାହିଁ ଘଡ଼ଘଡ଼ି ସହ ବର୍ଷା ଅବା କୁଆପଥର ମାଡ଼ ସହ ପ୍ରବଳ ବର୍ଷା, ଘନଘନ ବିଜୁଳି କି କାଳ ବୈଶାଖୀ, ଏମିତି କିଛି ଅବା ଅବେଳ ଝଡ଼ର ପୂର୍ବାନୁମାନ, କିଛିର ସୂଚନା ତ ମିଳି ନ ଥିଲା ।

ସକାଳ ଅଫିସ୍ ବାହାରିବା ବେଳକୁ ସବୁ କିଛି ସ୍ୱାଭାବିକ ଦେଖିଥିଲେ ସେ । ବବୁ ସ୍କୁଲ ବସ୍‌ରେ ବସି ପାଠ ପଢ଼ିବାକୁ ବାହାରି ସାରିଥିଲା । କାମବାଲୀ ଆସି ତ କାମ କରି ଯାଇ ସାରିଥିଲା । ତେଣୁ ଅଳକାର ମୁଡ୍ ଖୁବ୍ ଭଲ ଥିଲା । କାମ ସହ ଗୁଣୁଗୁଣୁ ଗୀତଟେ ଗାଉ ଥାଏ । ବେସର ଦେଇ ମାଛ କରିଥିଲା ଅଳକା, ଭାରି ସୁଆଦିଆ ଥିଲା । ଭାତ ଖାଇ ସେ ଅଫିସ୍ ଯିବା ବେଳକୁ ଅଳକା ଟିଫିନ୍ ବକ୍ସ, ପାଣି ବୋତଲ ଡ୍ରାଇଭର ହାତକୁ ବଢ଼ାଇ ଦେଇ 'ବାୟ' କରିଥିଲା ତାଙ୍କୁ । ବେଶୀ ଡେରି ନକରି ଜଲ୍‌ଦି ଫେରିବାକୁ ତାଗିଦ୍ ବି କରିଥିଲା ।

ହଠାତ୍ କ'ଣ ଏମିତି ହେଲା ଯେ, କେଉଁଠୁ ଯେମିତି କଳାହାଣ୍ଡିଆ ମେଘଟାଏ ଆସି ଘରର ଆକାଶକୁ, ଏମିତି ମେଘାଚ୍ଛନ୍ନ କରି ରଖିବ, ଶାଶ୍ୱତ ଜାଣି ପାରିଲେ ନାହିଁ । ଯେମିତି ଅନେକ ସମୟରେ ପାଗ ପରିବର୍ତ୍ତନର କୂଳକିନାରା ପାଣିପାଗ ବିଭାଗ ପାଏ ନାହିଁ, ଶାଶ୍ୱତ ବି ଆମ ଦେଶୀ ସରକାରୀ ପାଣିପାଗ ବିଭାଗ ଭଳି ଅନେକ ପାଗ ପରିବର୍ତ୍ତନର ଟେର୍ ପାଆନ୍ତି ନାହିଁ । ତା'ଛଡା କୋଉ ବିବିସିର ପାଣି ପାଗ ସୂଚନା ଯେ, ଅନୁମାନ ନିର୍ଭୁଲ ରହିବ ? ସକାଳୁ ପନ୍ଦର ମିନିଟ୍ ବର୍ଷା ହୋଇ ଟେଷ୍ଟ ମ୍ୟାଚ୍ ବିଗାଡ଼ି ଦେବା ଭଳି ଅନୁମାନ ସଠିକ୍ ହେବ ?

ଯେତ ସବୁ ଘରର କଥା, ତା ଛଡ଼ା ନାରୀ ମନ ଓ ପାଣିପାଗ ସବୁ ସମାନ । ଘଡ଼ି ଘଡ଼ିକେ ବଦଳେ । ଖବର ରଖିବା ଏକ ମୁସ୍କିଲ ବ୍ୟାପାର ।

ଆଜି ଭୁବନେଶ୍ୱରରୁ ପରିଦର୍ଶନ କରିବାକୁ ବଡ ହାକିମ ଆସିଥିଲେ । ଶାଶ୍ୱତ ଉପରେ ଭାରି ଖୁସି । ତିନି ବର୍ଷ ହୋଇଗଲା ଶାଶ୍ୱତର ଫୁଲବାଣୀରେ । ଭୁବନେଶ୍ୱର ଟ୍ରାନ୍ସଫର ପାଇଁ ସେ ନେହୁରା ହୋଇ କିଛି କହିବା ପୂର୍ବରୁ ଫୁଲବାଣୀ ଭଳି ଅନୁନ୍ନତ ଅଞ୍ଚଳରେ ତୁମ ଭଳି ଦକ୍ଷ ଅଫିସ୍‌ର ମାନଙ୍କର ଖୁବ୍ ଆବଶ୍ୟକତା ଅଛି ଓ ତୁମ କାମରେ ଖୁସି ହୋଇ ତୁମକୁ ମାସେ ଟ୍ରେନିଂ ପାଇଁ ମୁମ୍ବାଇ ପଠାଇବାକୁ ସୁପାରିଶ୍ କରିଛି ବୋଲି କହି ଚାଲିଗଲେ । ଆଉ ଦୁଇବର୍ଷ ପରେ ତୁମକୁ ମୋ ପାଖକୁ ଭୁବନେଶ୍ୱର ନେଇ ଯିବି ବୋଲି କହିଲେ ।

"ଶଳା ନିଜେ ଦୁଇବର୍ଷ ମୁଖ୍ୟାଳୟରେ ରହିବ କି ନାହିଁ ଠିକ୍ ନାହିଁ, କହୁଛି କ'ଣ ନା ଦୁଇ ବର୍ଷ ପରେ ମୋତେ ନେଇଯିବ । ଏତେ ପାରିଲା ବାଲା । ମୋତେ ପିଲାଛୁଆଙ୍କୁ ଛାଡି ମାସଟିଏ ଘରୁ ମୁମ୍ବାଇ ପଠାଇ ମୋର ଉପକାର କରିଦେଲା ବୋଲି ବାହାସ୍ଫୋଟ ମାରୁଛି । ଏ ଟ୍ରେନିଂ ଖବରଟା ଶୁଣି ଅଳକାର କଣ ପ୍ରତିକ୍ରିୟା ହେବ ଭାବିବା ବେଳକୁ ଘରର ଆଭ୍ୟନ୍ତରୀଣ ପାଣିପାଗର ଏଇ ଅବସ୍ଥା ।"

ଶାଶ୍ୱତ ଅନୁଭବ କଲା ତାର ସବୁ ଅଙ୍ଗ ଯେମିତି ବିଗିଡ଼ି ଯାଇଛି । ଡ୍ରାଇଭରକୁ ସକାଳେ ଠିକ୍ ସମୟରେ ଆସିବାକୁ ତାଗିଦ୍ କରି ବିଦା କରିବାବେଳକୁ ଦାଣ୍ଡ ଦୁଆର ଭିତରୁ ହଠାତ୍ ଖୋଲିଗଲା । ଦଲକାଏ ପବନ ଯେମିତି ସୁ ସୁ ବତାସ ସହ ଅଜାଡି ହୋଇ ପଡ଼ିଲା ଶାଶ୍ୱତ ଉପରେ ।

"ତୁମର କଣ ଅଛି ? ଅଫିସ୍ ଭଲ ତ ତୁମର ଭଲ । ତିନି ବରଷ ହେଲାଣି ଏଇ ଜଙ୍ଗଲଟାରେ ମା ପୁଅଙ୍କୁ ଛାଡି ମଜା ଦେଖୁଛ । ଏଠି କିଏ ପାଖରେ ଅଛି ଭଲରେ ଦି ପଦ କଥା ହେବା ପାଇଁ ? ଛୋଟ ମାର୍କେଟଟେ, ସେ ବି ସନ୍ଧ୍ୟା ହେଉ ହେଉ ବନ୍ଦ । କୁଆଡେ ଯାଇ ବୁଲି ଆସି ହେବ ନାହିଁ । ବିଜୁଳି କେବେ ରହୁଛି ତ କେବେ ନାହିଁ । ଟିଭି ସିରିଏଲଟେ ଦେଖୁଥିବ ଠିକଣା ବେଳେ ଲାଇନ୍ ଚାଲିଯିବ । ଫ୍ୟାନ୍, ଏସି ସବୁ ବନ୍ଦ । କେମିତି ରହିବ ମଣିଷ ଏଠି ? ବବୁର ପାଠପଢ଼ା କେବେ ଦେଖୁଛ ? ସେ କେଉଁ କ୍ଲାସ୍‌ରେ ପଢୁଛି ଜାଣିଛ ? ତାର ମାର୍କ ସିଟ୍ କେବେ ଦେଖିଲଣି ? ତାକୁ ଅଙ୍କ ବହି କେବେ ଖୋଲି କରିବା ଦେଖିଛ ? ତୁମେ ଫେରିବା ବେଳକୁ ସେ ଢୁଳାଇବାର ନାଟକ କରୁଛି । ପାଠ ପଢ଼ କହିଲେ ଭିଡ଼ିଓ ଗେମ୍ ଖେଳୁଛି, ନହେଲେ ସାହିତ୍ୟ ବହିଟେ ଧରି ବସୁଛି । ଏଠି ଇଣ୍ଟର ନେସ୍‌ନାଲ୍ ସ୍କୁଲ ନାହିଁ । ବେଙ୍ଗୀ ନାନୀ ଫୋନ୍ କରିଥିଲା । ତା ପୁଅ ସେଇ ବବୁ ସାଙ୍ଗରେ ପଞ୍ଚମରେ ପଢୁଛି, ଇଣ୍ଟର ନେସ୍‌ନାଲ ସ୍କୁଲରେ । ଅଙ୍କରେ ଶହେରୁ ଶହେ ରଖିଛି, ତା କ୍ଲାସ୍‌ରେ ଫାଷ୍ଟ ଆସୁଛି । କଣ ଗୋଟାଏ ଜୁନିଅର ମେଥ୍ ଅଲିମ୍ପିୟାଡ୍ ପରୀକ୍ଷା ଦେଇ ସାର୍ଟିଫିକେଟ୍ ପାଉଛି । ଆର ବର୍ଷ ନାନୀ ତାକୁ ଆଇଇ ଆଇ ଟି କୋଚିଂ ରେ ଦେବ । ଆଉ ଏଠି ବବୁ, ଦଳେ ଗଧା ପିଲାଙ୍କୁ ସାଙ୍ଗ କରିଛି । କୋଉ ଗୋଟେ ଇସ୍କୁଲ୍‌ରେ ଦେଇଛ, ଭଗବାନ ଜାଣନ୍ତି । ତାର ଭବିଷ୍ୟତ ତୁମେ ଖରାପ କରୁଛ । ସେ ବଡ଼ ହେଲେ କଣ କରିବ ? ଅଙ୍କ ବହି ଦେଖିଲେ ଯେ ଡରୁଛି ସେ କଣ ଆଇ ଆଇ ଟି କି ଏନ୍ ଆଇ ଟି କରିବ ? ତାର ମୂଳଦୁଆ ବିଗାଡିବା ପାଇଁ ତୁମେହିଁ ଦାୟୀ ।"

ତୁହାଏ ବର୍ଷା ଯେମିତି ଭିଜାଇ ଦେଇ ଗଲା ଶାଶ୍ୱତଙ୍କୁ । ସପ୍ତାହେ ପରେ ମାସଟିଏ ପାଇଁ ମୁମ୍ବାଇକୁ ଟ୍ରେନିଂରେ ଯିବା ଖବରଟା କେମିତି ଦେବେ ସେ ଅଳକାକୁ ?

ଫୁଲବାଣୀ ଭଳିଆ ଜାଗା । ଇଂଗ୍ଲିସ୍ ମିଡ଼ିୟମ୍ ସ୍କୁଲରେ ଓଡ଼ିଆ ମିଡ଼ିୟମ୍‌ରେ ପଢ଼ା ଚାଲିଛି । ସରକାରୀ ସ୍କୁଲରେ ସବୁ ବିଷୟ ପାଇଁ ଶିକ୍ଷକ ନାହାଁନ୍ତି । ସରସ୍ୱତୀ ଶିଶୁ ମନ୍ଦିର ସ୍କୁଲଟା ଭଲ ହେବ ବୋଲି ବବକୁ ସେଠି ପଢ଼ଉଛନ୍ତି । ଭଲ ପ୍ରାଇଭେଟ ସ୍କୁଲଟେ ନାହିଁ, ଆଉ ଏଠି ଇଣ୍ଟରନେସ୍‌ନାଲ୍ ସ୍କୁଲ ? ଏବେ ଏଇ ଝଡ଼ଟାକୁ ପାରି କରିବା ପାଇଁ କିଛି ଗୋଟେ କରିବାକୁ ହେବ ତାଙ୍କୁ । ଶାଶ୍ୱତଙ୍କୁ କିଛି ବାଟ ଦିଶୁ ନଥାଏ ।

"ତୁମେ ଅଫିସ୍‌କୁ କହି ଦେଉନ, ମୋର ପିଲାର ପଢ଼ାପଢ଼ି ପାଇଁ ଭୁବନେଶ୍ୱର ଟ୍ରାନ୍ସଫର କରିଦିଅ । ତିନିବର୍ଷ ଏଠି ରହିଲିଣି । ମୁହଁ ତ ଖୋଲିବନି ତୁମେ ? ଆଜି ପରା ବଡ ହାକିମ ଆସିଥିଲେ । ତେଲାତେଲି କରି ଟ୍ରାନ୍ସଫର ପାଇଁ କହିଲନି ? ତୁମେ କଣ ଏକା ତୁମ ଅଫିସ୍‌ର କାମ କରିବାକୁ ଠିକା ନେଇଛ ? ଅନ୍ୟମାନେ ତ ବର୍ଷ ବର୍ଷ ଭୁବନେଶ୍ୱରରେ ଅଛନ୍ତି ? ସେମାନେ କାହିଁ ଫୁଲବାଣୀ ଆସି ନାହାନ୍ତି ?"

ଅଗତ୍ୟା ଶାଶ୍ୱତକୁ ବାଧ୍ୟ ହୋଇ ମିଛ କହିବାକୁ ହେଲା । ହାକିମ ମୋ କାମ ଦେଖି ଭାରି ଖୁସି ହେଲେ । ମୋତେ ତାଙ୍କ ପାଖକୁ ଭୁବନେଶ୍ୱରକୁ ନେଇ ଯିବେ ବୋଲି କହିଛନ୍ତି । (କେତେ ଦିନେ ନେବେ ଉହ୍ୟ ରହିଲା ।)

"ସେ କଥା ଆଉ କାହାକୁ କହିବ ? କାମ ଦେଖି ଏମିତି ଟ୍ରାନ୍ସଫର, ପ୍ରମୋସନ୍ ହେଉ ଥିଲେ ତୁମେ କ'ଣ ବାରିପଦା ପରେ ଫୁଲବାଣୀକୁ ଟ୍ରାନ୍ସଫର ହୋଇ ଆସିଥାଆନ୍ତ ?"

ମିଛରେ ଫେଲ୍ ମାରିଲା ପରେ ଶାଶ୍ୱତ କହିବାକୁ ଲାଗିଲେ ବବୁ ସ୍କୁଲର ସବୁଠୁ ଭଲ ଅଙ୍କ ସାର୍‌ଙ୍କ ପାଖକୁ ଯାଉଛି । ଏଥର ସେ ନିଶ୍ଚୟ ଭଲ କରିବ । ମୁଁ ପୁଣି ସରକାରୀ ସ୍କୁଲରେ ପଢ଼ି ଇଞ୍ଜିନିୟରିଙ୍ଗରେ କେମିତି ପାଇଲି ? ମୋ ବାପା ନିଜେ ଅଙ୍କ ଶିକ୍ଷକ । ମୋର ଅଙ୍କ ଏତେ ଭଲ ହେଉଥିଲା । ଶହେରୁ ଶହେ ରହୁଥିଲା । ଆମ ଫେମିଲିରେ ଅଙ୍କ ଜିନ୍‌ରେ ଅଛି । ବବୁର କେମିତି ଅଙ୍କ ହେବ ନାହିଁ ?

"କଣ କହିଲ ? ତୁମ ପରିବାରର ଜିନ୍‌ରେ ଭଲ ଅଙ୍କ ହୁଏ, ଆଉ ବବୁ ମୋ ଜିନ୍ ନେଇଛି ବୋଲି ତା'ର ଅଙ୍କ ହେଉନି ? ଏଇୟା କହିବାକୁ ଚାହୁଁଛ ତ ? ବୁଝିଲ, ମୋ ବାପା ତୁମଠାରୁ ବଡ଼ ଇଞ୍ଜିନିଅର୍ ଥିଲେ । ହୀରାକୁଦ ବନ୍ଧ କାମ କିଏ କରିଛନ୍ତି ?

ଓଃ...ହୋ, ଅସଟା ଭୁଲ୍ ଜାଗାରେ ବାଜି ଗଲା କି ? ଭାବିଲେ ଶାଶ୍ୱତ ।

"ତୁମେ ତ ଅଙ୍କ ସାରଙ୍କ ଜନ୍ମଦିନକୁ ଡାକିଥିଲେ, ଗଲ ନାହିଁ । ତମକୁ ପାର୍କର ପେନ୍‌ଟେ ନେଇଯିବା ପାଇଁ କହିଥିଲି ନା ?"

"ଆରେ ୟେ ଗୋଟେ କଥା ? ବଚୁ ପରୀକ୍ଷା ପାଇଁ ପାଠ ପଢ଼ିବନି, ଆଉ ଟ୍ୟୁସନ ସାରଙ୍କୁ ବଚୁ ପାଇଁ ମୁଁ ଲାଞ୍ଚ ଦେବି ? ନାଇଁ ସେମିତି ହୁଏ ନାହିଁ । କୁଆଡେ ଗଲା ସେ ବଚୁ ? ମୋତେ ଚାହା ଟିକିଏ ଦିଅ । ମୁଁ ଆଜିଠାରୁ ବଚୁକୁ ଅଙ୍କ ପଢ଼ାଇବି ? ଦେଖିବି କେମିତି ଅଙ୍କ ହେବନି ବଚୁର ?

ଝଡ଼ଟା ଟିକେ ଥମିଗଲା ଯେମିତି । ଅଳକାଠୁ ଚାହା ପିଇ ସାରିବା ପରେ ଶାଶ୍ୱତ ଡାକ ଛାଡିଲେ "ବଚୁ, ବଚୁ" । କେତେ ସମୟ ପରେ ଉତ୍ତର ମିଳିଲା, "ମୁଁ ଏବେ କମ୍ପ୍ୟୁଟର ଗେମ୍ ଖେଳୁଛି, ତା'ପରେ ବିଜ୍ଞାନ ପଢ଼ିବି, କାଲି କ୍ଲାସ୍ ପରୀକ୍ଷା ଅଛି ।"

"ସେ ସବୁ ଫନ୍ଦିଫିକର ଆଉ କାହା ପାଖେ କରିବୁ । ମୋ କଥା ମାନି ସୁନାପିଲା ଭଳି ଅଙ୍କ ବହି ଓ ଅଙ୍କ ଖାତା ନେଇ ଆସିଯା କହୁଛି । ନ ହେଲେ ମୋତେ ଦେଖିବୁ" କହିଲେ ଶାଶ୍ୱତ । ମୁଣ୍ଡରେ ବୋଝେ ବାଳ । ଉପରକୁ ଠିଆ ହୋଇ କୁଣ୍ଡା ହୋଇଛି । ମସରୁମ୍ କଟ କି କଣ ? ଗୋଡ଼ ହାତ ଖେଳି ସାରି ଧୁଆ ହୋଇନାହିଁ । ମୁହଁରେ, ହାତରେ ଦୁଇଟି ଖଣ୍ଡିଆଚିହ୍ନ । ଆଖି ଭାରି ଭାରି । ମନ ମୋବାଇଲ୍ ଗେମ୍ ଉପରେ । କିଛି ନ ଜାଣିଲା ପରି ଠିଆ ହୋଇଛି ।

ଏଡେ ବଡ ଝଡ଼ଟା ଶାଶ୍ୱତ ଉପରେ ବହିଗଲା । ସେ ଯେମିତି କିଛି ଜାଣିନି ? ଆଖି ଦୁଇଟା ଯେମିତି ଅତି ସରଳ । ସାବଧାନ ପୋଜିସନ୍‌ରେ ଆସି ଠିଆ ହୋଇଗଲା ।

"ଅଙ୍କ କେମିତି ଲାଗୁଛି ?" "ଟ୍ୟୁସନ୍ ସାର୍ କେମିତି ପଢ଼ାଉଛନ୍ତି ?"

ସବୁ ପ୍ରଶ୍ନ ପାଇଁ ଗୋଟିଏ ସଂକ୍ଷିପ୍ତ ଉତ୍ତର "ଭଲ" କହି ଠିଆ ହେଲା ବଚୁ ।

"ଆରେ ଅଙ୍କ ବହି ଆଉ ଖାତା କାହିଁ ? ଆଣିବାକୁ କହିଲି ପରା ?"

ବସ୍ତାନୀ ଭାରି ବୋଲି ଆଜିକାଲି ଅଧା ବହି ଖାତା ଇସ୍କୁଲରେ ରହୁଛି । କାଲି ଅଙ୍କ କ୍ଲାସ ସରିଲେ ମିଳିବ । ଦିନେ ଛାଡି ଦିନେ ଅଙ୍କ ପିରିୟଡ଼ ଅଛି ବୋଲି ସେମିତି । ଦିନେ ଛାଡି ଦିନେ ଘରକୁ ବହି ଖାତା ମିଳୁଛି ।

"ହଉ ଏବେ ଅଙ୍କ କଣ ସବୁ ପଢ଼ା ହେଉଛି କହିଲୁ, ମୁଁ ପ୍ରଶ୍ନ ଦେବି, ତୁ କଷି ଦେଖାଇବୁ ।"

"ଏବେ ଶତକଡ଼ା ସରି, ସମୟ ଦୂରତା ଅଙ୍କ ପଢ଼ା ହେଉଛି ।"

"ବେଶ୍ ଭଲ ହେଲା; ସମୟ ଦୂରତା ଅଙ୍କ କରିବା । ଭାରି ଆଗ୍ରହର ସହ ମନ ଦେଇ ଶୁଣୁଥାଏ ବଚୁ । ମୁହଁ ଆଗରେ ଉଡୁଥିବା ମଶାକୁ ଘଉଡ଼ାଇ, ବିରକ୍ତ କରୁଥିବା ବାଳଗୁଡ଼ିକୁ ପଛକୁ କରି ବୁଜି ଆସୁଥିବା ଆଖିକୁ ମେଲା ରଖିବାର ସବୁ ଡ୍ରାମା କଲା ବଚୁ । ତା ଆଗ୍ରହ ଦେଖି ଶାଶ୍ୱତ ଉତ୍ସାହିତ ହୋଇପଡି କହିଲା ଟ୍ରେନ୍ ଉଭୟ ଦିଗରୁ କିମ୍ବା ପଛରୁ ଆସି ଆଗକୁ ଯିବା ଦେଖିଥିବୁ । ଆଜି ସେହି ଅଙ୍କ ତୋତେ ଭଲ କରି ବୁଝାଇ ଦେବି ।"

"ବେଙ୍ଗୀ ମାଉସୀ ପୁଅ ଓମ୍ କହୁଥିଲା ତାଙ୍କ ସ୍କୁଲ୍‌ରେ ଅଙ୍କ ସାର ଦୁଇଟା ଖେଳନା ଟ୍ରେନ୍ ଆଣି ଏଇ ଅଙ୍କ ବୁଝାଇ ଥିଲେ ବୋଲି ସେ ଭଲଭାବେ ସମୟ ଦୂରତା ଅଙ୍କ ବୁଝି ଯାଇଛି ।"

"ତୁ ମୋତେ କଣ କହିବାକୁ ଚାହୁଁଛୁ ? ବିନା ଖେଳଣା ଟ୍ରେନ୍‌ରେ ଏଇ ଅଙ୍କ କଣ ବୁଝି ହେବନି । ଦୁଇଟା ଗ୍ଲାସ୍ ଆଣି ବୁଝାଇ ଦେଲେ ତୁ ଠିକ୍ ବୁଝି ପାରିବୁ । ଧରି ନେବୁ ଦୁଇଟା ଅଲଗା ଦିଗରୁ ଆସୁଥିବା ଦୁଇଟା ଟ୍ରେନ୍ ।" ବଲବଲ କରି ବଚୁ ଚାହିଁ ରହିଲା, ଯେମିତି ଖେଳନା ଟ୍ରେନ୍ ବିନା ତାକୁ ବୁଝିବାରେ ଅସୁବିଧା ହେଉଛି ।"

ଠିକ୍ ଅଛି, ତୋତେ ଶତକଡା ଅଙ୍କ ତ ଭଲ ଭାବରେ ଜଣା ଥିବ ? ସ୍କୁଲରେ ପଢ଼ା ସରିଛି ବୋଲି କହୁଥିଲୁ । କହିଲୁ ଦେଖି ଜଣେ ଦୋକାନୀ ତା ଜିନିଷର ଦାମ୍ ........ ପ୍ରତିଶତ ବଢ଼ାଇ ଦେଲା । ତାପରେ ଦଶ ପ୍ରତିଶତ ଡିସ୍କାଉଣ୍ଟ ବା ଛାଡ ଦେଇ ଜିନିଷ ବିକ୍ରି କଲା, ତାର ଲାଭ ହେବନା କ୍ଷତି ହେବ ?

ବଚୁ ଚୁପ୍ ରହି ମନେମନେ ବହୁତ କିଛି ହିସାବ କଲାଭଳି ଅଭିନୟ କଲା । ଶାଶ୍ୱତ ଉତ୍ସାହିତ ହୋଇ ଉଦାହରଣ ଦେଇ ବୁଝାଇବାକୁ ଚେଷ୍ଟା କଲେ । ଧରିନିଅ ଏଇ ପେନ୍‌ର ଦାମ୍ ଶହେ ଟଙ୍କା । ସବୁବେଳେ କାହାର ଶତକଡ଼ା ହିସାବ କରୁଛ ଦେଖିବ । ବାପାଙ୍କ ମୁହଁକୁ ଚାହିଁ ଧଡ଼୍ କରି ବଚୁ ଉତ୍ତର ଦେଲା "ଲାଭ କି କ୍ଷତି କିଛି ହେବ ନାହିଁ ।" ଶାଶ୍ୱତ ରାଗି ଉଠି କହିଲେ ନିଦ ତ ମାଡ଼ି ପଡ଼ିଲାଣି । କିଛି ଜାଣୁ ନାହୁଁ । ମୁଁ

ମିଛଟାରେ ଟ୍ୟୁସନ ସାର୍‌ଙ୍କୁ ଟଙ୍କା ଗଣୁଛି ଯାହା । ମାନସାଙ୍କରେ ମୁଁ ସବୁବେଳେ ପ୍ରଥମେ ଠିକ୍ ଉତ୍ତର ଦେଉଥିଲି । ତୁ ମୂର୍ଖଟେ କଉଠୁ ଆସିଲୁ । ଦେବି ଦୁଇ ଆପଡ଼ । ବଚ୍ଚୁ କହିବାକୁ ଲାଗିଲା.... କାଲି ମୋର ବିଜ୍ଞାନ ପରୀକ୍ଷା ଥିଲା ।

ସେପଟୁ ଅଳକାର ପାଟି ଶୁଭିଲା, ପିଲାଟାକୁ ନ ବୁଝାଇ ଏମିତି ମାରି ପିଟି କଣ ପାଠ ପଢ଼ାଇବ ? ରୋଷେଇ ହୋଇ ଗଲାଣି, ଆସ ଖାଇ ଦିଅ ।

"ହଁ ଆସୁଛି" କହି ବଚ୍ଚୁ ଦୌଡିଗଲା ଖାଇବା ଟେବୁଲ ପାଖକୁ ।

ବଚ୍ଚୁ ବିଛଣାକୁ ଯିବା ପରେ ଅଳକା ଜିଦ୍ କଲେ ତାକୁ ବେଙ୍ଗୀ ନାନୀ ପାଖକୁ ପଠାଇ ଭଲ ସ୍କୁଲରେ ନାମ ଲେଖାଇ ଦିଅ, ତୁମେ ତାକୁ ପଢ଼ାଇ ପାରିବ ନାହିଁ ।

ସେ ବହୁତ ଚଗଲା ହେଉଛି, ଅଙ୍କ ପ୍ରତି ଡର ନ ଭାଙ୍ଗି ସେଠିକି ପଠାଇ ଦେଲେ ସେ ଆହୁରି ବାଲୁଙ୍ଗା ହୋଇଯିବ । ଏମିତି କିଛି ସ୍ଥିର କରି ନ ପାରି ଶାଶ୍ୱତଙ୍କ ପିତା ରିଟାୟାର୍ଡ ଅଙ୍କ ଶିକ୍ଷକ ବିପ୍ରଚରଣଙ୍କୁ ମାସଟିଏ ଆଣି ବଚ୍ଚୁର ଅଙ୍କପଢ଼ା ଦେଖିବା ଲାଗି ଘରକୁ ଡାକିବା ଠିକ୍ ହେବ ବୋଲି ସ୍ଥିର ହେଲା । ଶାଶ୍ୱତ ସେହି ସମୟରେ ଟ୍ରେନିଂ ବି ସାରି ପାରିବେ ।

ବିପ୍ରଚରଣ ହସି କରି କହିଲେ ଯେ ଗୋଟିଏ କଥା, ତୁମେ ଦୁହେଁ ଅଯଥା ବ୍ୟସ୍ତ ହେଉଛ । ବଳଭଦ୍ରର ଝିଅ ବି ଫୁଲବାଣୀରେ କାମ କରୁଛି, ମାସଟିଏ ଯାଇ ବୁଲି ଆସିବାକୁ ତାକୁ ଥିଲା, ଆମେ ଦୁଇ ତିନି ଦିନରେ ଫୁଲବାଣୀ ପହଞ୍ଚି ଯିବୁ ।

ଠିକଣା ସମୟରେ ବିପ୍ର ବାବୁ ଓ ଲେଙ୍ଗୁଟିଆ ସାଙ୍ଗ ବଳଭଦ୍ର ଫୁଲବାଣୀରେ ପହଞ୍ଚିଲେ ଓ ଶାଶ୍ୱତ ଟେନିଂ ପାଇଁ ମୁମ୍ବାଇ ଗଲେ । ବଚ୍ଚୁର ଖୁସି କହିଲେ ନ ସରେ ।

ଗୋଟିଏ ମିନିଟ୍ ବି କେହି କାହା ପାଖ ଛାଡ଼ୁ ନ ଥାନ୍ତି । ଜେଜେ ନାତିକୁ ଅଙ୍କ ଓ ନାତି ବଚ୍ଚୁ ଜେଜେଙ୍କୁ ମୋବାଇଲ୍ ପାଠ ପଢ଼ାଇବାରେ ଲାଗିଗଲେ । ପଣକିଆ, ମାନସାଙ୍କଠାରୁ ଆରମ୍ଭ ହୋଇ ଘଣ୍ଟା ଘଣ୍ଟା ଅଙ୍କକଷା ଦେଖି ଅଳକା ଭାରି ଖୁସି ତ । ଜେଜେ ବିପ୍ରଚରଣ ବଚ୍ଚୁକୁ ଅଙ୍କ କଷିବାକୁ ଦେଇ ନିଜ କାମରେ ବ୍ୟସ୍ତ ରହିଲେ । ଦିନେ ଏମିତି ବେଳରେ ଆସି ପହଞ୍ଚିଲେ ସାଙ୍ଗ ରିଟାୟାର୍ଡ ପୋଲିସ୍ ସବ୍‌ଇନ୍‌ସ୍ପେକ୍ଟର ବଳଭଦ୍ର । ବିପ୍ର ବଚ୍ଚୁକୁ ଅଙ୍କ କଷିବାକୁ ଦେଇ ଫୁଲବାଣୀ ସକାଳ ମାର୍କେଟ୍ ଯାଇଥାନ୍ତି । ଏମିତି ପଚାରୁ ପଚାରୁ ବଚ୍ଚୁ କହିଲା ଅଙ୍କ କଷୁଛି । ବଳଭଦ୍ରଙ୍କଠାରୁ ବଚ୍ଚୁ ଯେମିତି ଶୁଣିଛି ପିଲା ବେଳେ ତାଙ୍କର ଅଙ୍କ ଭଲ ହେଉ ଥିଲା ଓ ଶହେରୁ ଶହେ ରହୁଥିଲା, ଆଉ ଛାଡିଲା ନାହିଁ । ମୋତେ ଏଇ ଅଙ୍କଟା ବୁଝେଇ ଦିଅ ଜେଜେ । ତାଙ୍କ ଦେହ ମୁଣ୍ଡରୁ ଝାଳ ବୋହିଗଲା । ପାଣି ଗିଲାସେ ପିଇଲେ । ପଞ୍ଚମ ଶ୍ରେଣୀ ପିଲାକୁ ଏମିତି କଷ୍ଟ ଅଙ୍କ ? ଅଳକା ଆଣି ଚାହା ଥୋଇଲା ।

"ପୋଖରୀ ଭିତରେ ତୈଳାକ୍ତ ମହୀଖୁଣ୍ଟ । ମାଙ୍କଡ ମିନିଟ୍‌ରେ ଦୁଇ ଫୁଟ୍ ଉପରକୁ ଯାଉଛି ଓ ତାପରେ ଫୁଟେ ତଳକୁ ଖସୁଛି । ଏମିତି କେତେ ସମୟ ଲାଗିବ ପନ୍ଦର ଫୁଟର ଖୁଣ୍ଟ ଉପରେ ପହଞ୍ଚିବାକୁ ।

ବଚ୍ଚୁ ଆଗେ ପଚାରିଲା "ଖୁଣ୍ଟ ଦେହରେ ତେଲ କିଏ ଲଗାଇଲା," ତା'ପରେ ପ୍ରଶ୍ନ "ମାଙ୍କଡ କଣ ପାଣିରେ ପହଁରି ଗଲା ?" "ତାକୁ କଣ ବାହାରେ ଖାଇବାକୁ ମିଳିଲା ନାହିଁ ?" ପୋଖରୀ ମଝିରେ ଖୁଣ୍ଟ କିଏ ପୋତିଲା, ତା ଉପରେ ମାଙ୍କଡ କାହିଁକି ଚଢ଼ିଲା ?" ଏମିତି କେତେ କଣ ?

ଇଆଡ଼େ ଉତ୍ତର ଆସୁ ନାହିଁ, ତା' ଉପରେ ଏ ଟୋକାଟାର ପ୍ରଶ୍ନ ସରୁନାହିଁ । ବଳଭଦ୍ର ଆଉ ଚାହା କ'ଣ ପିଇବେ ? ଅଳକାକୁ ମୋର ଗୋଟିଏ ଅର୍ଜେଣ୍ଟ କାମ ଅଛି କହି ବଳଭଦ୍ର ଭାଗିଲେ ।

"ବଳିଆକୁ ଛାଡିଦେଲୁ କାହିଁକି ? ତାକୁ ଅପେକ୍ଷା କରିବାକୁ କହିଲୁ ନାହିଁ ? ଏଠି ଫୁଲବାଣୀରେ ତ ତା'ର କିଛି କାମ ନ ଥିବ ।"

"ବଚ୍ଚୁ ପାଖରେ ବସି ଅପେକ୍ଷା କରିଥିଲେ ଆପଣଙ୍କୁ । ହଠାତ୍ କ'ଣ ଅର୍ଜେଣ୍ଟ କାମ ମନେ ପଡ଼ିଲା, ଚାହା ବି ପିଇ ନାହାନ୍ତି, ଉଠି ଚାଲିଗଲେ ।"

ଆରେ ବଚ୍ଚୁ ଭୁଲରେ ତାକୁ ଅଙ୍କ କଷିବାକୁ କହିଲୁ କି ? ଅଙ୍କକୁ ବଳିଆର ଭାରି ଡର । ସବୁବେଳେ ଫେଲ୍ ହୁଏ । ବଡ କଷ୍ଟରେ ମୋ ସାହାଯ୍ୟ ପାଇ ମେଟ୍ରିକ୍ ପରୀକ୍ଷା ପାଶ୍ କରିଛି ।

ବଚ୍ଚୁ, ଅଳକା ଓ ବିପ୍ରଚରଣ ସମସ୍ତେ ଏକା ସଙ୍ଗେ ହୋ ହୋ ହୋଇ ହସି ଉଠିଲେ ।

❖



# ବାପା

ସୁଦର୍ଶନ ମହାପାତ୍ର

**ଆ**ଜି ସକାଳେ କ'ଣ ହୋଇଛି ପୁଅକୁ ପଚାର ।"

ସଦ୍ୟ ଟୁରରୁ ଫେରିଥିବା ସୁବ୍ରତ, ପତ୍ନୀଙ୍କର ଏମିତି କଥାରେ ବିଚଳିତ ହୋଇ ପଡିବା ସ୍ୱାଭାବିକ ।

- "ଆଜି ଜେଜେଙ୍କର କ'ଣ ହୋଇଛି ମୁନା ? ତାଙ୍କର କିଛି ଅସୁବିଧା ହୋଇଛି କି ?" - "ତୁମର ଖାଲି ଚିନ୍ତା ତୁମ ବାପାଙ୍କ ପାଇଁ । ପୁଅର କ'ଣ ଅସୁବିଧା ହେଲା, ସେ ଚିନ୍ତା ନାହିଁ ।" ଉତ୍‌କ୍ଷିପ୍ତ ସ୍ୱରରେ କହିଲେ ପତ୍ନୀ ।

ସୁବ୍ରତ ଗୋଟିଏ ସ୍ୱସ୍ତିର ନିଃଶ୍ୱାସ ନେଲେ । ଯାହା ହେଉ ବାପା ଠିକ୍ ଅଛନ୍ତି !- "ବାପା ଜାଣିଲ, ମାମା ମୋ ପାଇଁ ବନେଇଥିବା ଚାଓମିନ ଜେଜେ ଖାଇଦେଲେ । ମାମା ଆଉଥରେ ବନେଇବାରେ ମୋର ସ୍କୁଲ ବାହାରିବା ଡେରି ହୋଇଗଲା ।" ଅଭିଯୋଗ କଲା ପୁଅ ।

"ଶୁଣିଲ ତ ତୁମ ବାପାଙ୍କ କାରନାମା । ଏଇ ଖାଦ୍ୟ କେବେ ଦେଲେ ଖାଇବାକୁ ନାରାଜ ଥିବା ଲୋକ ଆଜି ପୁଣି କେମିତି କେଜାଣି ପ୍ଲେଟ୍‌କୁ ଫଟାଫଟ ଶେଷ କରିଦେଲେ ? ତା'ପରେ ଅଧଘଣ୍ଟା ଆଗରୁ ଖାଇଥିବା ଲୋକ ପୁଣି କେମିତି ପ୍ଲେଟ୍ ଭର୍ତ୍ତି ଚାଓମିନ୍ ଖାଇ ପାରିଲେ ? ମଣିଷ ନା ଆଉକିଛି ?" ନିଜର କ୍ରୋଧକୁ ଉଦ୍ଗାରିବାକୁ ଚେଷ୍ଟା କରୁଥିଲେ ପତ୍ନୀ ।

ସ୍ୱାତୀଙ୍କର ଏମିତି ପ୍ରତିକ୍ରିୟା ସୁବ୍ରତଙ୍କୁ ଆଦୌ ଭଲ ନ ଲାଗିଲେ ବି ସେଇ ମୁହୂର୍ତ୍ତରେ କିଛି କହିବାକୁ ଉଚିତ୍ ମନେ କଲେନାହିଁ ।

ଏଇ ଦୁଇ ମାସ ତଳେ ବାପାଙ୍କ ଦେହ ବହୁତ ଖରାପ ହୋଇ ଯାଇଥିଲା । ତାଙ୍କର ହାତ, ଗୋଡ ଯେତେବେଳେ ଥରଥର ହେଲା, ସୁବ୍ରତ ବାପାଙ୍କୁ ନେଇ ନର୍ସିଂହୋମ୍‌ରେ ଭର୍ତ୍ତି କରେଇଲେ । ଦେହରୁ ସୋଡିୟମ୍, ପୋଟାସିୟମ୍ ଆଦି କମିଯିବାରୁ ଏମିତି ହେଉଛି ବୋଲି ଜାଣି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା ଚାଲିଲା । ଠିକ୍ ପାଞ୍ଚଦିନ ବେଳକୁ ବାପା ଟିକିଏ ସୁସ୍ଥ ଜଣା ପଡିଲେ ତ' ନର୍ସିଂହୋମ ଛାଡିବାର ନିଶା ତାଙ୍କର ବଳବତ୍ତର ହେଲା ।

ନର୍ସିଂହୋମ୍‌ରେ ରହିବେନି କି କିଛି ଖାଇବେ ନାହିଁ ବୋଲି ଜିଦ୍ ଧରି ବସିଲେ ସେ । ସେମାନେ ଖାଇବାକୁ ବାଧ କରିବାରୁ "ମୋ ପୁଅ ପାଖକୁ ଖବର ପଠାଅ । ମୋତେ ଆସି ନେଇଯିବ ଏଠୁ" ଚିତ୍କାରରେ ପାଖ ବେଡ୍‌ର ରୋଗୀମାନଙ୍କର ନିଦ ଭାଙ୍ଗିଗଲା । ସେତେବେଳକୁ ରାତି ଗୋଟାଏ । କହିବା ବାହୁଲ୍ୟ ସୁବ୍ରତ ସେଇ ରାତିରେ ସେଇଠି ପହଞ୍ଚି ବାପାଙ୍କୁ କେତେ ପ୍ରକାର ବୁଝାସୁଝା କରିବା ପରେ ସେଇ ରାତିଟା ସେଇଠି ରହି ପରଦିନ ସକାଳୁ ପୁଅ ସହିତ ବାହାରି ପଡିଲେ ଘରକୁ ।

ଏଇ କେତେ ଦିନ ହେବ ବାପାଙ୍କ ଠାରେ ଭୁଲି ଯିବା ଲକ୍ଷଣ ଦେଖାଯାଉଛି । ତା'ପରକୁ ଡାଇବେଟିସ୍, ପ୍ରେସର ଏବେ ଖୁବ୍ ବଢ଼ି ରହୁଛି । ନିୟମିତ ଡାକ୍ତର ପରାମର୍ଶ କଲାପରେ ମଧ ସେମିତି କିଛି ସୁଫଳ ମିଳିନାହିଁ । ବରଂ ଏଇ ବୟସରେ ଏଇପରି ସବୁ ପରିସ୍ଥିତି ଦେଇ କାହାକୁ କାହାକୁ ଗତି କରିବାକୁ ପଡ଼ିଥାଏ ବୋଲି ଡାକ୍ତର ପରୋକ୍ଷରେ ବୁଝାଇଛନ୍ତି; ତା' ବୋଲି ବାପାଙ୍କୁ କ'ଣ ହତାଦର କରିହେବ ?

ବୋଉ ଥିଲେ ହୁଏତ ଘରର ପରିସ୍ଥିତି ଏମିତି ହେଉନଥାନ୍ତା । ସେ ସବୁକିଛି ସମ୍ଭାଳି ନେଉଥାନ୍ତା । ହେଲେ ସେ ଏବେ ଆରପାରିରେ । "ମୋର କିଛି ରୋଗ ବଇରାଗ ନାହିଁ ।" ବୋଲି ଖୁସି ବ୍ୟକ୍ତ କରି ଲୋଟଣିପାରା ଭଳି ଖଟୁଥିବା ଲୋକ ଯେ ହଠାତ୍ ହାର୍ଟଆଟାକ୍‌ରେ ଚାଲିଯିବ କିଏ ଜାଣିଥିଲା ?

ଯେଉଁକାମ ସବୁ ନ କରିବା କଥା ସେଇ କାମ ଏବେ କରି ବସୁଥିଲେ ବାପା । ଏଇ ଯେମିତି ରାତିରେ ନିଦ ଭାଙ୍ଗିଲା ମାତ୍ରେ ଉଠିପଡ଼ି ଘରର ଯେତେ ସବୁ ଲାଇଟ୍ ସୁଇଚକୁ ବାରମ୍ବାର ଅନ୍ ଅଫ୍ କରୁଥିଲେ । ପଚାରିଲେ ସେ ଏମିତି କିଛି ଆଉ କରିବେନି ବୋଲି କହି ଚୁପ୍ ଚାପ୍ ବିଛଣାକୁ ଯିବେ । କିଛି ସମୟ ପରେ ପୁଣି ସେଇସବୁ କଥାର ପୁନରାବୃତ୍ତି ।

ଡାଇବେଟିସ୍ ପାଇଁ ମିଠା ଜିନିଷ ଖାଇବାକୁ ମନା ଥିବା ସତ୍ତ୍ୱେ ତାଙ୍କ ଆଖିରେ ସେସବୁ ଜିନିଷ ପଡ଼ିଲା ମାତ୍ରେ ତାକୁ ଖାଇବାକୁ ଜିଦ୍ କରୁଥିଲେ । ନଦେଲେ କେତେବେଳେ ଚୁପ୍ ଚାପ୍ ବାହାରକୁ ବାହାରି ବଜାରରୁ କାକରା, ରସଗୋଲା ବା ଲଡୁ ଇତ୍ୟାଦି ଖାଇଦେଇ ଆସୁଥିଲେ । ଚିହ୍ନା ଲୋକ କେହି ବାପାଙ୍କୁ ଜଳଖିଆ ଦୋକାନରେ ଦେଖି କେବେ କେବେ ଘରେ କହିଦେଉଥିଲେ ତ କଥା ସରିଲା ।

ଦେହ ବିଷୟରେ ବାପାଙ୍କୁ ସଚେତନ କରାଇବାକୁ ଯାଇ ସ୍ୱାତୀ ବେଳେବେଳେ ସମ୍ଭ୍ରମତା ଭୁଲି ଯାଉଥିଲେ ।

ବାଥରୁମ୍ ନଯାଇ ବେଳେ ବେଳେ ବେଡ୍‌ରେ କିମ୍ୱା ସେଇ ରୁମ୍‌ର ଚଟାଣରେ ପରିଶ୍ରା କରି ଦେଉଥିଲେ ବାପା । ଏସବୁ ନେଇ ଖୁବ୍ ଅଶାନ୍ତି ବ୍ୟକ୍ତ କରୁଥିଲେ ସ୍ୱାତୀ, ଯଦିଓ କେବେ ନିଜେ ରୁମ ବା ବିଛଣାକୁ ପରିଷ୍କାର କରୁନଥିଲେ । ସୁବ୍ରତ ଥିଲେ ନିଜେ ସେସବୁ କାମ ଯତ୍ନର ସହ ସମ୍ପାଦନ କରୁଥିଲେ କିମ୍ୱା ବାପାଙ୍କ କାମ ପାଇଁ କେବେ ଘୃଣା କରୁନଥିବା ମାଳତୀ ଏସବୁ କରୁଥିଲା । ଦୀର୍ଘ କୋଡ଼ିଏ ବର୍ଷ ହେବ ଘରେ କାମ କରୁଥିବା ବୃଦ୍ଧା ମାଳତୀ ଘରର ଖୁବ୍ ବିଶ୍ୱସ୍ତ ଏବଂ ଆଜ୍ଞାକାରୀ କହିଲେ ଚଳେ ।

ଏଇ ଅସୁବିଧା ପାଇଁ ବାପାଙ୍କ ରୁମ୍‌ରେ ବାଲଟିଟିଏ ରଖିଲେ ସୁବ୍ରତ ବାବୁ । ବାପାଙ୍କୁ ବୁଝାଇ କହିଲେ ସବୁକଥା । ହେଲେ ବାଲ୍‌ଟିର ବ୍ୟବହାର କରିବାକୁ ବାପା ଭୁଲି ଯାଉଥିଲେ ବେଳେ ବେଳେ ।

ବାପାଙ୍କ ବିଷୟରେ ଭାବିବା ଭିତରେ, "ଜେଜେ ମିଳୁ ନାହାନ୍ତି" ବୋଲି ଅଚାନକ ଖବର ଦେଲା ମୁନା ତ ସୁବ୍ରତ ବାବୁ ଯେମିତି ଚମକି ପଡିଲେ । ପାହାଚ କେତୋଟି ଡେଇଁ ତଳ ଗେଟ୍ ପାଖରେ ପହଞ୍ଚିଲା ପରେ ଯାଇଁ ଆଶ୍ୱସ୍ତ ହେଲେ ସୁବ୍ରତ ବାବୁ । ବାପା ଗେଟ୍‌ର ତାଲା ଖୋଲି ନାହାନ୍ତି ମାନେ ଘରେ କେଉଁଠି ନିଶ୍ଚୟ ଅଛନ୍ତି ବୋଲି ନିଶ୍ଚିତ ହେଲେ ସୁବ୍ରତ ବାବୁ ।

ତନ୍ନ ତନ୍ନ କରି ଘର ସାରା ଖୋଜିଲା ପରେ ଯେଉଁ ଜାଗାରେ ଏବଂ ଯେଉଁ ଅବସ୍ଥାର ବାପା ମିଳିଲେ ସେଇଟା ସୁବ୍ରତ ବାବୁଙ୍କୁ ସ୍ତମ୍ଭୀଭୂତ କରିଦେଲା ।

ବାପା ଖଟ ତଳେ ହାମୁଡେଇ ଶୋଇଥିଲେ ପ୍ରାୟ । ବାପାଙ୍କର ଏ ଅବସ୍ଥା ଦେଖି ସୁବ୍ରତଙ୍କ ଆଖି ଲୋତକାପ୍ଳୁତ ହୋଇଗଲା । କେତେ କହିବା ପରେ ବାପା ବାହାରକୁ ଆସିଲେ ।

– "ତୁ ଘରକୁ ଆସିଲେ ମୋତେ ନେଇ ନର୍ସିଂହୋମରେ ପୁଣି ଛାଡି ଦେଇ ଆସିବୁ ବୋଲି ବୋହୂ କହିଥିଲା । ସେଇଥିପାଇଁ ମୁଁ ଏଇ ଖଟ ତଳେ ଲୁଚିଥିଲି ।"

– "ତୁମେ ମୁନା ପାଇଁ ରହିଥିବା ଟିଫିନ୍‌କୁ ଖାଇ ଦେଇଥିଲ ବୋଲି ସ୍ୱାତୀ ଏମିତି କହିଥିଲା ।"

– "ମୁନା ପାଇଁ ଚାଓମିନ୍ କରିବେ ବୋଲି ସକାଳେ ବୋହୂ ମୁନାକୁ କହୁଥିବାର ଶୁଣିଥିଲି । ମୋତେ ଯେଉଁ ବ୍ରେଡ ଦେଇଥିଲେ ଇଚ୍ଛା ହେଲାନି ବୋଲି ନ ଖାଇ ହଟକେଶ ଭିତରେ ଲୁଚେଇ ଦେଇଛି ।" ବାପାଙ୍କର ଏଇ ହରକତର କଥା ସୁବ୍ରତଙ୍କୁ ଯେମିତି ବାପା ନୁହଁନ୍ତି ଆଉ ଗୋଟିଏ ଛୋଟ ପୁଅ କରିଥିବାର ପ୍ରତୀୟମାନ ହେଲା ।" ବାପାଙ୍କ କଥାରେ ଛାତି ଭିତରୁ କୋହ ଉଠୁଥିବାର ଅନୁଭବ କଲେ ସୁବ୍ରତ ।

– "ସକାଳ କଥା ସବୁ ମନେ ଅଛି ତାହେଲେ । ଆଉ ସବୁ କଥା ଭୁଲି ଯାଉଛନ୍ତି କେମିତି ?" ସ୍ୱାତୀ କଥାରେ ବିଚଳିତ ଦେଖାଗଲେ ବାପା ।

– "ଏବେଠୁ ଆଉ କିଛି ଭୁଲିବିନି । ତୁମକୁ ଆଉ ଜମା ହଇରାଣ କରିବିନି । ମୋତେ ନର୍ସିଂହୋମ୍‌ରେ ଭର୍ତ୍ତି କରାଅନି । ମୁଁ ଏଇଠି ତୁମ ପାଖରେ ରହିବି ।" ବାବାଙ୍କ କଣ୍ଠରେ ଥିଲା ଅନୁନୟର ସ୍ୱର, ଅନୁରାଗର ଝଲକ... !

ରାତି ଖାଇବା ସାଥିରେ ଏକାବେଳକେ ଦୁଇଟି ରସଗୋଲା ଦେଖି ସେଦିନ ଆଶ୍ଚର୍ଯ୍ୟ ହେଲେ ବାପା । ପୁଅ ଆଡକୁ ଚାହିଁଲେ ସତୃଷ୍ଣ ଆଖିରେ ।

ସେଦିନ ରାତିରେ ସମସ୍ତେ ଆରାମ୍‌ରେ ଶୋଇଲେ । ବାପା ଥରକ ପାଇଁ ବି ଉଠି ଲାଇଟ୍ ସୁଇଚ୍‌କୁ ଅଫ୍ ଅନ୍ କରିନଥିଲେ କିମ୍ବା କୌଣସି ପ୍ରକାର ଶବ୍ଦ କରି ନଥିଲେ ।

ସୁବ୍ରତ ସକାଳୁ ଉଠି ବାପାଙ୍କ ଶିଷ୍ଟତାର ପ୍ରଶଂସା ଶୁଣିଲେ ସ୍ୱାତୀଙ୍କ ଠାରୁ । ଚାଲ ଚାଲ ହୋଇ ଯାଇ ବାପାଙ୍କ ରୁମର ଅଧା ଆଉଜା କବାଟ ଫାଙ୍କାରେ ଉଣ୍ଡି ଦେଖିଲେ । ବାପା କାହାନ୍ତି ? ବିଛଣାରେ ଟିକିଏ ବି ଲୋଟାକୋଟା ଆସିନି ....।

କବାଟ ଖୋଲି ଭିତରକୁ ଚାହିଁଲେ ସୁବ୍ରତ । ବାପା ଚେୟାର ଉପରେ ବସିଛନ୍ତି । ଏଥର ଭିତରକୁ ଗଲେ । ବାପାଙ୍କ ସାମ୍ନାରେ ବାଲତି ଥୁଆ ହୋଇଛି ସେମିତି ନା ବାଲ୍‌ତିରେ ନା ଚଟାଣରେ କିମ୍ବା ବିଛଣାରେ ପରିସ୍ରାର ଚିହ୍ନ ବର୍ଣ୍ଣ ଥିଲା ।

ବାପାଙ୍କୁ ଯାଇଁ ଛୁଇଁଲା ସୁବ୍ରତ । ଦେହ ବରଫ ଭଳି ଥଣ୍ଡା... !

– "ବାପା.... !"

ପୁଅର ଲହରିଆ "ବାପା" ଡାକରେ ଆଉ ଆଖି ଖୋଲି ନଥିଲେ କିମ୍ବା ଜବାବ ଦେଇନଥିଲେ ବାପା... !!!

❖

# 'ମୁକୁର'ର ଲେଖକ, ପାଠକ ଓ ବିଜ୍ଞାପନଦାତାଙ୍କ ପାଇଁ

## ସୂଚନା

- 'ମୁକୁର' ପତ୍ରିକାକୁ ଗଳ୍ପ ପଠାଇବା ସମୟରେ ନିଜର ସମ୍ପୂର୍ଣ୍ଣ ଡାକ ଠିକଣା ସହିତ ମୋବାଇଲ ନମ୍ବର ଦେବାକୁ ଅନୁରୋଧ ।
- 'ମୁକୁର' ଏକ ଷାଣ୍ମାସିକ ଗଳ୍ପ ପତ୍ରିକା । ଏଥିରେ ଉପନ୍ୟାସ, ଫିଚର୍ ଏବଂ ଅନ୍ୟ ଆଲୋଚନା ମଧ୍ୟ ପ୍ରକାଶ ପାଏ । ମାତ୍ର କବିତା ପ୍ରକାଶ ପାଏ ନାହିଁ ।
- ଲେଖକ ଲେଖିକାମାନେ 'ମୁକୁର'କୁ ଗଳ୍ପ ପଠାଇବାବେଳେ ସର୍ବାଧିକ ୩୦୦୦-୩୫୦୦ ଶବ୍ଦ ମଧ୍ୟରେ ଲିଖିତ ଗଳ୍ପ ପଠାଇବାକୁ ଅନୁରୋଧ । 'ମୁକୁର' ତରୁଣ ଏବଂ ନୂଆ ଲେଖକ ଲେଖିକାମାନଙ୍କୁ ପ୍ରାଧାନ୍ୟ ଦେବ ।
- ଲେଖକ ଲେଖିକାମାନେ 'ମୁକୁର'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ଲେଖା ପୋଷ୍ଟାଲ କିମ୍ବା ଇ-ମେଲ ମାଧ୍ୟମରେ ପଠାଇ ତିନିମାସ ଅପେକ୍ଷା କରିବା ଦରକାର । ମୁକୁର'କୁ ପଠାଉଥିବା ଲେଖାଗୁଡ଼ିକ ଫେରସ୍ତ ଦେବାର ବ୍ୟବସ୍ଥା ନାହିଁ । ଲେଖକ ଲେଖିକାମାନେ ନିଜ ପାଣ୍ଡୁଲିପିର ନକଲଟିଏ ନିଜ ପାଖେ ରଖିବା ଉଚିତ ।
- ଫୋନ୍ ଯୋଗେ କୌଣସି ଲେଖା ସଂପର୍କରେ ଅନୁସନ୍ଧାନର ଉତ୍ତର ଦେବା ସମ୍ଭବ ନୁହେଁ ।
- 'ମୁକୁର'ପାଇଁ ଲେଖା ପଠାଇବାର ଠିକଣା- ସମ୍ପାଦକ, ମୁକୁର, ୨ଡି/୩୧୮, ସେକ୍ଟର-୧୧, ସି.ଡ଼ି.ଏ, କଟକ-୭୫୩୦୧୫, ଓଡ଼ିଶା, Email : mukura@mukura.co / mukurapatrika@gmail.com
- 'ମୁକୁର'ରେ ସୁଲଭ ମୂଲ୍ୟରେ ବହି ବିଜ୍ଞାପନ ପ୍ରକାଶ ପାଏ । ପ୍ରକାଶକ / ଲେଖକମାନେ ଶ୍ରୀ ସରୋଜ ମିଶ୍ର, ମୋବାଇଲ୍ ନଂ. ୯୮୬୧୫୮୪୮୬ଙ୍କ ସହ ଯୋଗାଯୋଗ କରିପାରିବେ ।
- 'ମୁକୁର'ରେ କେଉଁ ଲେଖା ପ୍ରକାଶ ପାଇବ ନା ନ ପାଇବ ସେ ସଂପର୍କରେ ସମ୍ପାଦନା ମଣ୍ଡଳୀର ନିଷ୍ପତ୍ତି ଚୂଡ଼ାନ୍ତ ।



# ଅଚିହ୍ନା ଭୂଗୋଳ

ଡକ୍ଟର ଚିତ୍ତରଂଜନ ବେହେରା

**ନ**ଭେମ୍ବର ମାସର ଶୀତୁଆ ସକାଳ। ସୀତାକାନ୍ତଙ୍କ ମନ ଆକାଶରେ ଅନେକ ଉଦ୍‌ବେଳନ। ଶିଶୁ ମଡ଼କ ଅଞ୍ଚଳ ଭାବରେ କୁଖ୍ୟାତି ଅର୍ଜନ କରିଥିବା ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ନଗଡ଼ାକୁ ଯିବେ।

ସେ ଦେଖିବେ ସେଠାକାର ପରିସ୍ଥିତି। ସେଇ ଇଲାକାର ଲୋକମାନଙ୍କୁ। ଯାହାଙ୍କ ପାଇଁ ଆଜି ସରକାରୀ କଳଠାରୁ ଆରମ୍ଭ କରି ସାଧାରଣ ଲୋକ ଚଳଚଞ୍ଚଳ। ସେଇ ମୃତ୍ୟୁର ଉପତ୍ୟକାରେ ତାଙ୍କର ଆଜି ପାଦ ପଡ଼ିବ।

ସୀତାକାନ୍ତଙ୍କୁ ଏଭଳି ନିରାଟ ସତ୍ୟକଥା ସ୍ୱପ୍ନ ପରି ଲାଗୁଥିଲା। ସତରେ ମୃତ୍ୟୁ କ'ଣ ଏମିତି ଆସି କଅଁଳା ଛୁଆମାନଙ୍କୁ ନେଇଯାଏ। ପୁଣି ଭାବେ, ମୃତ୍ୟୁ ତ କିଛି ନୁହଁ। ସେ ଏକ ବିଦୂଷକ। କାହା ପାଖରେ ବି ତା' ସମ୍ପର୍କରେ ଧାରଣା ନ ଥାଏ। ଆଉ ସୀତାକାନ୍ତ କେମିତି ଜାଣିଥା'ନ୍ତେ। ସୀତାକାନ୍ତ ସ୍ଥିର ଓ ସ୍ଥିତପ୍ରଜ୍ଞ ହେବାକୁ ଚେଷ୍ଟା କରୁଥିଲେ। ପାହାଡ଼ ପାଖରେ ଥିବା ତିନିଟି ବସ୍ତି ସବୁଜ ଉପତ୍ୟକାର ଉପବନ। ନୀରବ ନିର୍ବାସନରେ ନିୟତିର କୋଳରେ ଯେଉଁମାନେ ସେଠି ଅବସ୍ଥାନ କରୁଛନ୍ତି, ସେମାନେ ଆଦିମ ଅଧିବାସୀ ଜୁଆଙ୍ଗ ସଂପ୍ରଦାୟର। ସେଇ ଅଚିହ୍ନା ଇଲାକା ଆଜି ବିଶ୍ୱ ବିଦିତ ଅପପୁଷ୍ଟି ଓ ଶିଶୁ ମଡ଼କ ପାଇଁ।

ସେଇ ନିର୍ଜନ ସବୁଜ ଉପତ୍ୟକାରେ ପାଦ ଦେଇ ନଥିଲେ ସୀତାକାନ୍ତ ଜାଣିପାରି ନଥାନ୍ତେ ସେ ଅଞ୍ଚଳର ଅବିକଶିତ କଅଁଳିଆ କଢ଼ିମାନଙ୍କ କଥା। ଜାଣି ପାରି ନଥାନ୍ତେ ସେଇ ଅପରିଚିତ ଅବହେଳିତ ଇଲାକା ସଂପର୍କରେ। ନେତାଙ୍କ ଆଖିରେ ସୁନାର ସୁକିନ୍ଦା କୁହାଯାଉଥିବା ଏଇ ଅଞ୍ଚଳରେ ପୁଣି ଏମିତି ଏକ ଅବିକଶିତ, ଅପନ୍ତରିଆ ଇଲାକା ଥାଇପାରେ, ସୀତାକାନ୍ତ ନିଜକୁ ନିଜେ ବିଶ୍ୱାସ କରି ପାରୁ ନଥିଲେ। ଏକବିଂଶ ଶତାବ୍ଦୀର ପାଦଦେଶରେ ପହଞ୍ଚି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାପାଇଁ ଛାତି ଫୁଲେଇ ବାଟ ଚାଲୁଥିବା ମଣିଷମାନେ ଯେ ଆଉ ଦଳେ ମଣିଷଙ୍କୁ ଚିହ୍ନିପାରୁ ନାହାନ୍ତି, ସେମାନଙ୍କ ସମ୍ପର୍କରେ ଜାଣି ପାରୁ ନାହାନ୍ତି, ଏହା ବଡ଼ ବିସ୍ମୟବୋଧ ହେଉଥିଲା। ଚନ୍ଦ୍ରକୁ ପାଦ ବଢ଼ାଉଥିବା ମଣିଷ ନିଜ ପୃଥିବୀ ସଂପର୍କରେ ପୁଣି ଏତେ ଅଜ୍ଞ!

ସେଇଥିପାଇଁ ତ ସୀତାକାନ୍ତଙ୍କ ମନରେ ଅନେକ ଉତ୍କଣ୍ଠା ଓ ଆଗ୍ରହ। ସେ ସ୍ଥାନ ଦେଖିବା ପାଇଁ ତାଙ୍କ ମନରେ ଏତେ ଉତ୍ସାହ ଓ ଉଦ୍ଦୀପନା। ସୁଯୋଗ ଅପେକ୍ଷାରେ ଥିଲେ ସୀତାକାନ୍ତ ଯେମିତି ହେଲେ ବି ସେଇ ସ୍ଥାନ ପରିଭ୍ରମଣରେ ଯିବେ, ସେଠାକାର ଲୋକଙ୍କୁ ଦେଖିବେ। ସେମାନଙ୍କ ସହ ମିଶିବେ। ପଦେ ଅଧେ କଥା ହେଇ ସେମାନଙ୍କର ଅଭାବ ଅସୁବିଧା ସଂପର୍କରେ ଜାଣିବେ।

ସେଦିନ ଥାଏ ନଭେମ୍ବର ୨୫ ତାରିଖ। ଶୀତର ଶୀତଳ ସ୍ପର୍ଶ ଧରଣୀରାଣୀକୁ ପୁଲକିତ କରୁଥାଏ। ଦିନ ଆଉ ଆଗପରି ବଡ଼ ନାହିଁ। ସୂର୍ଯ୍ୟ ଉଇଁବା ଏବଂ ଅସ୍ତଯିବା ଭିତରେ ଦିନ କେମିତି ଚାଲିଯାଉଛି ଜଣା ପଡୁ ନଥାଏ। ବଣପାହାଡ଼ ଘେରା ବସ୍ତିର ସାରା

ଦେହରେ ଜଡ଼େଇ ହେଇଯାଉଛି ବିବର୍ଣ୍ଣ ପାଉଁଶିଆ ପ୍ରଲେପ।

ବସ୍ତିର ଚାରିକଡ଼କୁ ମେଘଭଳି ଘୋଟି ଦେଉଛି ଅନ୍ଧାର। ସାରା ବସ୍ତିର ଶିରାପ୍ରଶିରା ଆପେଆପେ ଥମିଯାଉଛି। ନିସ୍ତେଜ୍ ହେଇଯାଉଛି ତାର ପ୍ରାଣସ୍ପନ୍ଦନ। ଏଠିକି ଥରେ ଅନ୍ଧାର ଓହ୍ଲେଇ ଆସିଲେ ସବୁ ବନ୍ଦ। ଘନ ଅନ୍ଧାର ଭିତରେ ସବୁ ସ୍ୱପ୍ନ, ସକଳ ସମ୍ଭାବନା ଆପଣା ଉଦାରପଣରେ ହଜିଯାଏ। ହଜି ଯାଏ ସବୁକିଛି।

ସଞ୍ଜ ନଇଁଲେ ପାହାଡ଼ ତଳକୁ ଓହ୍ଲାଇ ହେବ ନାହିଁ। ସେଥିପାଇଁ ସଅଳ ସଅଳ ଫେରିବାକୁ ହେବ। ସୀତାକାନ୍ତ ଏବଂ ତାଙ୍କର ଟିମ୍ ଜଲଦି ଜଲଦି କାମ ସାରିବାକୁ ଚେଷ୍ଟା କରୁଛନ୍ତି।

ପ୍ରାଚୁର୍ଯ୍ୟଭରା, ସୌନ୍ଦର୍ଯ୍ୟମୟୀ ପ୍ରକୃତିର କୋଳରେ ବାସ କରୁଥିବା ସେଇ ଅବହେଳିତ ଜୁଆଙ୍ଗ ଜନଜାତିର କଥା ଟିକକ କ'ଣ ଜାଣିବା ପାଇଁ କେବଳ ଏଇ ଯାହା ପ୍ରୟାସ।

ସେଦିନ ଆକାଶରେ ମେଘ ନଥିଲା କି ପୃଥିବୀକୁ କୁହୁଡ଼ିର ମାୟା ଆଚ୍ଛନ୍ନ କରି ନ ଥିଲା। ପାଗ ଥିଲା ଅତ୍ୟନ୍ତ ଅନୁକୂଳ। ଟାଣଖରା ନଥିଲା କି ଏତେ ଶୀତ ମଧ୍ୟ ନଥିଲା। ଗୋଟିଏ ଫେଣ୍ଟାଫେଣ୍ଟି ମୃଦୁଭାବକୁ ପୃଥିବୀ ଅନୁଭବ କରୁଥିଲା। ସେଇ ଅନୁଭବ ଭିତରେ ହଜି ଯାଉଥିଲେ ସୀତାକାନ୍ତ ତାଙ୍କ ଦେହମନରେ ଅଜଣା ସୋରିସୋରି ଶୀତଳ ଶିହରଣ।

କମ୍ପାନୀର ସିଏମଡିଙ୍କ ସହିତ ସୀତାକାନ୍ତ ଓ ଅନ୍ୟ ସତୀର୍ଥ ସହଯୋଗୀ ସେଇ ନିର୍ଜନ ଉପତ୍ୟକାର ଶିଖରକୁ ଚଢ଼ିବେ। କେମିତି ରହୁଥିବେ ସେଇ ଆଦିମ ଅଧିବାସୀ ପାହାଡ଼ ଶିଖରର ସେଇ ସମତଳ ଅଞ୍ଚଳରେ। ଇଚ୍ଛା ଥିଲେ ଉପାୟ ବଳେବଳେ ଆସେ। ସତରେ ସୀତାକାନ୍ତଙ୍କ ପାଇଁ ଗୋଟିଏ ସୁଯୋଗ ଜୁଟିଗଲା। ସେ ସିଏମ୍‌ଡ଼ିଙ୍କ ଗାଡ଼ିରେ ବାହାରି ପଡ଼ିଲେ ଉପେକ୍ଷିତ ଇଲାକା ଭାବରେ ଖ୍ୟାତ ସେଇ ନିର୍ଜନ ସବୁଜ ଉପତ୍ୟକାକୁ। କଅଁଳିଆ ସକାଳ। ଖରାର ତେଜ ଆଦୌ ନାହିଁ କହିଲେ ଚଳେ। ଶୀତୁଆ ଆକାଶଟା ଦୂର ଦିଗ୍‌ବଳୟ ପାଖରେ ଯେମିତି ଧାନବିଲରେ କାମ କରୁଥିବା ତରୁଣୀଟିଏ ପରି ଅଣ୍ଟାଭାଙ୍ଗି ନଇଁପଡ଼ିଛି। ସୀତାକାନ୍ତଙ୍କୁ ମନେ ହେଉଛି ଯେ ଯେମିତି ଆକାଶ, ପୃଥିବୀ ସେଇଠି କୋଳାକୋଳି ହୋଇ ପ୍ରେମ ବାଣ୍ଟୁଛନ୍ତି ନିବିଡ଼ ଆଲିଙ୍ଗନ ଭିତରେ।

ସୀତାକାନ୍ତଙ୍କ ମନରେ ଉଦଗ୍ର ଉତ୍କଣ୍ଠା। କଟକରୁ କାଳିଆପାଣି ପ୍ରାୟ ଚାରି ଘଣ୍ଟାର ରାସ୍ତା। ଯଦିଓ ଜାତୀୟ ରାଜପଥ, ମାତ୍ର ରାସ୍ତାର ଅବସ୍ଥା ଆଦୌ ଭଲ ନାହିଁ । ଠା କୁ ଠା ଫଡ଼ାଫଡ଼ା ହେଇ ପିଚୁ ଉଠି ଯାଇଛି । ଗୋଟିଏ ଦି' କିଲୋମିଟର ଅନ୍ତରରେ ହମ୍ପସ୍ । ଗାଡ଼ି ଥରେ ବ୍ରେକ୍ କଷିଲେ ପୁଣି ତା' ସ୍ପିଡକୁ ଫେରିବାକୁ କିଛି ସମୟ ନିଏ । ଏମିତି ଏମିତି ଗାଡ଼ି ପହଞ୍ଚି ସାରିଥିଲା କାଳିଆପାଣିରେ।

ଦିନ ଯେତିକି ବଢୁଥିଲା, ଖରାର କଅଁଳିଆ ତେଜ କ୍ରମଶଃ ବଢୁଥିଲା। ହେଲେ ଶୀତଦିନିଆ ଖରା ଦେହରେ ବାଜିଲେ ଭଲ ଲାଗୁଥିଲା। ସେଠୁ ଆଉ ୧୫/୧୬ କିଲୋମିଟର ରାସ୍ତା ଗଲା ପରେ ପଡିବ୍ ସେଇ ନିର୍ଜନ ଉପତ୍ୟକା।

ସେଠୁ ଆଉ ୬କି.ମି. ପାହାଡ଼ ଚଢ଼ିଲେ ପଡ଼ିବ ସେଇ ଅବହେଳିତ ଏବଂ ଲୋକଲୋଚନର ଉହାଡ଼ରେ ରହିଯାଇଥିବା ଜୁଆଙ୍ଗ ବସ୍ତି। କହିବାକୁ ଗଲେ ଓଡ଼ିଶାର ଇଥିଓପିଆ। ଅପପୁଷ୍ଟିର ଅପନ୍ତରା ଇଲାକା।

ସେ ଅନୁଭବ କରୁଥିଲେ – କେମିତି ହେଇଥିବେ ସେଇ ଲୋକମାନେ ? ଟିଭି, ଖବରକାଗଜ ପୃଷ୍ଠାରୁ ସେଇ ପିଲାମାନଙ୍କ ବିକୃତ ଓ ବିକଟାଳିଆ ଚେହେରା ଦେଖି ସେ ଯେତିକି ବ୍ୟତିବ୍ୟସ୍ତ ହୋଇଛନ୍ତି; ସେ ପାଖରୁ ଦେଖିଲେ ନିଜକୁ ସମ୍ଭାଳି ପାରିବେ କି ନାହିଁ ଚିନ୍ତାରେ ପଡ଼ି ଯାଇଥାନ୍ତି ସୀତାକାନ୍ତ। ସି.ଏମ୍.ଡ଼ି ଆଗେଆଗେ ପ୍ରଖର ଗତିରେ ପାହାଡ଼ ଚଢ଼ି ଚାଲିଥାଆନ୍ତି, ସତେ ଯେମିତି ସେ ଆଗରୁ ପାହାଡ଼ ଚଢ଼ା ଅଭ୍ୟାସ ରଖିଛନ୍ତି। ଡଗଡଗ ହେଇ ତୀଖ ପାହାଡ଼ ଉପରେ ପଦଚାରଣ କରି ଖେପି ଯାଉଥାନ୍ତି ଖଣ୍ଡେଲେଖାଏଁ ବାଟ। ପଛକୁ ଅନାଇ କଣ ସବୁ କହିପକାଉଥାନ୍ତି। ସୀତାକାନ୍ତ ସିଏମ୍‌ଡ଼ିଙ୍କ ଏପରି ଆବେଗ ଦେଖି ତାଜୁବ୍ ହୋଇ ଯାଉଥାନ୍ତି। ସେ କେବେ ଜୀବନରେ ପାହାଡ଼ ଚଢ଼ି ନାହାଁନ୍ତି। ସେମିତି କିଛି ଅଭ୍ୟାସ ବି ନାହିଁ ।

ଶାରୀରିକ ପରିଶ୍ରମ ଜୀବନରେ କେବେ କରି ନାହାଁନ୍ତି ସୀତାକାନ୍ତ। ତଥାପି ତାଙ୍କର ଉଦ୍ୟମ ଓ ଆଗ୍ରହ ଆଗରେ ସବୁ ହାର ମାନିବ ଏକଥା ସେ ଜାଣିଥିଲା। ମନ ଭିତରେ କଅଁଳି ଉଠିଥିବା ଉତ୍ସାହର କଢ଼ି କ୍ରମଶଃ ପ୍ରସ୍ଫୁଟିତ ହେଉଥିଲା। ମନୋବଳ ଦୃଢ଼ ହେଉଥିଲା। ସମସ୍ତେ ଆଗେଆଗେ ମାଡ଼ି ଚାଲିଥାନ୍ତି ଶାଳବଣର ସରୁ ସର୍ପିଳ ଚଲାରାସ୍ତାରେ ଆଗକୁ ଆଗକୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ। ସୀତାକାନ୍ତ ସାମାନ୍ୟ ପଛରେ ପଡ଼ି ଯାଇଥାନ୍ତି। ତାଙ୍କୁ ପ୍ରଥମେ ପ୍ରଥମେ ଏମିତି କଷ୍ଟ ଅନୁଭବ ହେଲା ସତେ ଯେମିତି ଛାତିରୁ ହୃଦୟଟା ଗଳି ପଡ଼ିବ। କଲିଜାଟା ଛିଡ଼ି ପଡ଼ିବ। ଦମ୍‌ଦମ୍ ହେଇ ଛାତି ପଡୁଥାଏ ଉଠୁଥାଏ ।

ହୃତ୍‌ସ୍ପନ୍ଦନ ଏତେ ବଢ଼ି ଯାଇଥିଲା ଯେ ତାଙ୍କୁ ଲାଗୁଥିଲା ଯେମିତି ସେଇଠି ତାଙ୍କ ହୃଦୟତନ୍ତ୍ରୀ ଅଟକି ଯିବ। ଅଳ୍ପକେ ତାଙ୍କ ପ୍ରାଣ ଚାଲିଯିବ ସେଇ ଶିଶୁମାନଙ୍କ ଭଳି। ଯୋଗକୁ ସେମିତି କିଛି ହେଲାନି। କିଛି ସମୟ ପାହାଡ଼ ଚଢ଼ିବା ପରେ ପହଞ୍ଚି ଯାଇଥିଲେ ନାଲିଆ ଡାବରେ। ପାହାଡ଼ ଉପରେ ଥିବା ଏକ ସମତଳ ଅଞ୍ଚଳ। ଜାଗାଟି ସ୍ୱର୍ଗର ନନ୍ଦନବନ ଭଳି ସୁଷମା ସୁଶୋଭିତ।

ସେଠି ଛିଡ଼ା ହେଇ ଦେଖିଲେ ସବୁଜ ବନପ୍ରାନ୍ତର ମନ ମୋହିନେବ। ପାହାଡ଼ ଢ଼ାଲୁରେ ସୋରିସୋରି ସୋରିଷର ସୁନାକ୍ଷେତରେ ପୁଷ୍ପମାନେ ପବନର ସ୍ପର୍ଶରେ ନୃତ୍ୟରତ। ସେମାନେ ଯେମିତି ପରସ୍ପରକୁ ସସ୍ନେହରେ ଆଲିଙ୍ଗନ କରୁଛନ୍ତି। ଚୁମ୍ବନ ଦେଉଛନ୍ତି। ପରସ୍ପର ଭାବ ବିନିମୟ କରୁଛନ୍ତି ସବୁ ଭେଦଭାବ ଭୁଲି। ଆହା କି ସୁନ୍ଦର ସେଇ ମନୋରମ ଦୃଶ୍ୟ ! ସୀତାକାନ୍ତଙ୍କ ମନ ଅଫୁରନ୍ତ ପୁଲକରେ ଭରିଗଲା। ଚହଲିଗଲା ତାଙ୍କ ହୃଦୟ ସେଇ ସୌନ୍ଦର୍ଯ୍ୟ ଖଚିତ ଭୂସ୍ୱର୍ଗକୁ ଦେଖି। ଶୋଭାକୁ ଆହୁରି ବର୍ଦ୍ଧନ କରୁଥିଲା ମୁଣ୍ଡ ଉପରକୁ ଉଠି ଆସିଥିବା ସୂର୍ଯ୍ୟଙ୍କ କିରଣ। ସୁଶୋଭିତ ସୁଷମାଭରା ଅଂଚଳକୁ ଦେଖି ତା'ର ମନେ ପଡ଼ି ଯାଉଥିଲା ପ୍ରକୃତି କବି ଓ୍ୱର୍ଡସ ଓ୍ୱର୍ଥଙ୍କ ଡାଫୋଡିଲ୍ କବିତାର କେଇଟି ପଦ।

ସେଇ ଭୂସ୍ୱର୍ଗ ସୀତାକାନ୍ତଙ୍କୁ ଯେତିକି ଆକର୍ଷିତ କରିଥିଲା, ସେତିକି ଆତ୍ମୀୟତା ଭରି ଦେଇଥିଲା ତାଙ୍କ ହୃଦୟରେ। ତାଙ୍କ ମନ ଉଚ୍ଚାଟ ହେଇ ଉଠୁଥିଲା। ସେଇଠି ରହିଛି ମାତ୍ର ୩ଟି ନୁଆଁଣିଆ ଚାଳଛପର ଘର- ତିନିଟି ପରିବାର। ଏଇ ତିନିଟି ପରିବାରକୁ ନେଇ ଗଠିତ ହୋଇଛି ଜୁଆଙ୍ଗ ବସ୍ତି ନାଲିଆ ଡାବ। ଏଇ ନାଁଟି କିଏ ଦେଇଛି, କାହିଁକି ଦେଇଛି, ସେ କଥାକୁ ସେ ବିଚାର କରୁ ନଥିଲେ। କେବଳ ନୈସର୍ଗିକ ସୌନ୍ଦର୍ଯ୍ୟକୁ ପ୍ରାଣଭରି ଉପଭୋଗ କରୁଥିଲେ।

ଗାଁର ଚାରିକଡ଼େ ସୋରି ସୋରି ସୋରିଷର କ୍ଷେତ ସୁନାଫୁଲ ପରି ଗାଁକୁ ଘେରି ରହିଛି। ଚାରିଆଡ଼େ ଘଞ୍ଚ ବନାନୀ-ପାହାଡ଼-ଜଙ୍ଗଲ। ରାତି ହେଲେ ଅନ୍ଧ ଅନ୍ଧାରର ବିଜେ। ସମଗ୍ର ଅଞ୍ଚଳ କଳା ଚାଦର ଢାଙ୍କି ହୋଇ ଶୋଇପଡ଼େ। ସେଇ ଗାଁ ଟପି ଆଗକୁ ଆଉ ୩ କିଲୋମିଟର ପରେ ପଡ଼ିଲା ଉପର ନଗଡ଼ା। ସରୁ ପାଦଚଲା ବନ୍ଧୁର ରାସ୍ତା ଛଡ଼ା ଅନ୍ୟ ଉପାୟ କିଛି ନାହିଁ ସେଠିକୁ ଯିବାକୁ। ସେଇ ରାସ୍ତାରେ ଆଗପଛ ହୋଇ ଚାଲିଥାନ୍ତି ସାତଜଣ ସହରୀ ସମଧର୍ମା ମଣିଷ। ପ୍ରକୃତିର ଅପୂର୍ବ ଶୋଭାଶିରୀ ଭିତରେ ବଞ୍ଚୁଥିବା ସେଇ ଅଭାବୀ ମଣିଷଙ୍କ ମେଳକୁ ଯିବାପାଇଁ ସୀତାକାନ୍ତଙ୍କର ଯେମିତି ଅଫୁରନ୍ତ ଉତ୍କଣ୍ଠା, ଠିକ୍ ସେମିତି ତାଙ୍କ ମୁଖ୍ୟ, ସିଇଓ ଏବଂ ଅନ୍ୟ ସହଯୋଗୀ ବି ଅନୁଭବ କରୁଥିବେ ନିଶ୍ଚୟ।

ସମସ୍ତେ ଛୁଟି ଚାଲିଥାନ୍ତି ଆଗକୁ ଆଗକୁ । ମଝିରେ ମଝିରେ କିଛି ରଙ୍ଗରସ ଆଳାପ-ଆଲୋଚନା ଚାଲିଥାଏ । ଏ ଭିତରେ ସେମାନେ କେତେବେଳେ ଉପର ନଗଡ଼ାର ସେଇ ଅପରିଚିତ ଆକାଂକ୍ଷିତ ଇଲାକାରେ ପାଦଥାପି ସାରିଲେଣି, ସେମାନଙ୍କୁ ଜଣାପଡ଼ିଲା ନାହିଁ। ଦୂରରୁ ଦିଶି ଯାଉଥାଏ ଜୁଆଙ୍ଗ ବସ୍ତି, ମାତ୍ର ୧୦/୧୨ଟି ନୁଆଁଣିଆ ଚାଳଛପର ଘର। ଡାଉଆ ରଙ୍ଗର ମାଟିକାନ୍ଥ ଅଳତାପିନ୍ଧା ନବବଧୂର ପାଦପରି ଦୂରକୁ ଝଟକୁ ଥିଲା। ଘରସିନା ଛୋଟ; କିନ୍ତୁ ଥିଲା ଖୁବ ଆକର୍ଷଣୀୟ।

ନୁଆଣିଆ ଘରଗୁଡ଼ିକ ଏତେ ସୁନ୍ଦର ଦିଶୁଥିଲା ଯେ ସହରର କୋଠାବାଡ଼ି ତା ଆଗରେ ଯେମିତି ତୁଚ୍ଛ ହେଇଯିବ। କାନ୍ଥରେ ଥିଲା ଆଦିବାସୀ ଭାବନାର ସାଙ୍କେତିକ ଚିତ୍ର। କ'ଣ ସବୁ ସଂକେତ କରୁଥିଲା, ତାହା ସୀତାକାନ୍ତ ମନେମନେ ଖୋଜୁଥିଲେ। ଘରର

କାନ୍ଥ ଯେମିତି ଚିକ୍କଣ, ସେଠାକାର ମଣିଷମାନଙ୍କର ମନ ସେମିତି ପରିଷ୍କାର ଓ ହୃଦୟସ୍ପର୍ଶୀ । କୌଣସି ଆବିଳତା ସେମାନଙ୍କୁ ସ୍ପର୍ଶ କରିପାରିନାହିଁ। ହିଂସା, ଅସୂୟା କ'ଣ ସେମାନେ ଯେମିତି ଜାଣନ୍ତି ନାହିଁ। ସରଳ ହୃଦୟ, ନିଷ୍କପଟ ପ୍ରାଣ ଓ ସରଳ ମନର ସଂଯମ ଏଇଠି ଏଇମାନଙ୍କ ପାଖରୁ ଏ ସହରୀ ସଭ୍ୟ ଶିକ୍ଷିତ ମଣିଷ କିଛି ଶିଖିବାର ଆବଶ୍ୟକତାକୁ ଅନୁଭବ କରୁଥିଲେ ସୀତାକନ୍ତ।

ଖାଇପିଇ ମସ୍ତିରେ ଜୀବନ ଜିଇବା ସେମାନେ ଯେମିତି ସଂକଳ୍ପ କରି ନେଇଛନ୍ତି। ଦୁଃଖ କ'ଣ ସେମାନେ ଜାଣନ୍ତି ନାହିଁ। ସବୁକୁ ଆପଣାର ଭାବି ଆଦରି ନେଇଛନ୍ତି। ପ୍ରକୃତିକୁ ଈଶ୍ୱର ମାନିଛନ୍ତି। ସାତ / ଆଠଟି ସହରୀ ମଣିଷଙ୍କୁ ଦେଖୁଦେଖୁ ଗୁଳ୍‌ଗାଳ୍ ହେଇ ଘରୁ ବାହାରି ଆସିଥିଲେ କିଛି ମରଦ / ମାଇପେ। ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସବୁ ରୁଣ୍ଡ ହୋଇ ଯାଇଥିଲେ ଗୋଟିଏ ଜାଗାରେ। ସୀତାକାନ୍ତ ସେମାନଙ୍କୁ ଦେଖୁଦେଖୁ ତାଙ୍କ ମନ ଭିତରେ କେମିତି ଏକ ଆଶଙ୍କା ଆବୋରି ବସିଥିଲା। ଯେ କ'ଣ ? ଏମାନେ ମଣିଷ ଛୁଆ ନା' ଆଉ କ'ଣ ? ବୁଝି ପାରୁ ନଥିଲେ। ମଝିରେ ମଝିରେ ସେ ଅନ୍ୟମନସ୍କ ହେଇ ଯାଉଥିଲେ।

କାହାର ପେଟଟା ହାଣ୍ଡି ଭଳି ବଡ଼ ତ କାହାର ଦିହରେ ପୂଳେ ବୋଲି ମାଉଁସ ନାହିଁ। କା' ନାକରୁ ନିଗିଡ଼ି ପଡୁଛି ପୂଳାପୂଳା ପଚା ଶିଙ୍ଘାଣି। ନଳି ନଳି ଗୋଡ଼ ହାତ। ଲଙ୍ଗଳା ଫୁଙ୍ଗୁଳା କଳାକିଟିକିଟିଆ ବିଚିକିଚିଆ ଦେହ। ବଡ଼ ଦାରୁଣ ଦୃଶ୍ୟ ।

ହବନି ବା କେମିତି ? ସୀତାକାନ୍ତ ନିଜକୁ ନିଜେ ବୁଝାଉଥିଲେ। ସେମାନେ ଆଉ କ'ଣ ଏମିତି ଖାଉଛନ୍ତି ଯେ ହୃଷ୍ଟପୁଷ୍ଟ ହେଇବାହାରିବେ। ପ୍ରକୃତି କୋଳରେ ବଢୁଥିବା ଏଇ ମଣିଷମାନେ କ'ଣ ବା ଜାଣିଛନ୍ତି ଆଜିକାଲିର ଦୁନିଆ ବିଷୟରେ। ହେଇହେଇ ଭାତ ଗଣ୍ଡିଏ, ଲୁଣଲଙ୍କା ହେଲା ତାଙ୍କର ପ୍ରଧାନ ଖାଦ୍ୟ। ନଚେତ ପାହାଡ଼ରୁ ସଂଗ୍ରହ କରିଥିବା ସାକର, ନ ହେଲେ କନ୍ଦମୂଳ ଓ ହେଇହେଇ ଜଙ୍ଗଲର କିଛି ଫଳମୂଳ। ସାକର କନ୍ଦା ଖାଇ ସେଇ ଜୁଆଙ୍ଗ ବସ୍ତିର ଛୁଆ ଆଉ କେମିତି ହେଇଥାନ୍ତେ ଯେ ?

ଏମିତି ଏକ ବସ୍ତି ଏଠାରେ ଅଛି ଓ ଲୋକମାନେ ଏଠାରେ ବସବାସ କରୁଛନ୍ତି ଏକଥା ସୀତାକାନ୍ତ ବିଶ୍ୱାସ କରିପାରୁ ନଥିଲେ। କାହିଁକି କେଜାଣି ତାଙ୍କ ମନ ଆକାଶରେ ଡାଙ୍କି ହେଇ ଯାଉଥିଲା କଳା ବାଦଲ ଭଳି ଅଜଣା ଆଶଙ୍କା। ପ୍ରାଚୁର୍ଯ୍ୟଭରା ଇଲାକାର ଏଭଳି ଏକ ନୈସର୍ଗିକ ସ୍ଥାନକୁ କେମିତି ନେତାମନ୍ତ୍ରୀ, ପ୍ରଶାସକ ଠାବ କରିପାରିଲେ ନାହିଁ। କେମିତି ଜାଣିପାରିଲେ ନାହିଁ ଏମାନଙ୍କ ଜୀବନ ଜୀବିକାର କଥାକୁ ?

ଗୋଟିଏ ନୁଆଣିଆ ଛୋଟ କୁଡ଼ିଆ ଘରେ ମାତ୍ର ଦୁଇଜଣ। ସେମାନଙ୍କର ଶରୀର ଶୀର୍ଣ୍ଣ- ମଳିଛିଆ କପଡ଼ା ଖଣ୍ଡେ ଖଣ୍ଡେ ପିନ୍ଧିଛନ୍ତି। ଆଖି କୋରଡ଼ରେ ପଶିଯାଇଛି। ସାଙ୍ଗରେ ଯାଇଥିବା ସତ୍ୟ ଏସବୁ କେବେ ଦେଖି ନାହିଁ। ତାକୁ ଖାପଛଡ଼ା ଲାଗୁଥିଲା। ସେ ସୀତାକାନ୍ତଙ୍କୁ ପଚାରିଲା ଏମିତି ମଣିଷ ଏ ଦୁନିଆରେ ପୁଣି ଅଛନ୍ତି। ଦି' ଦି'ଟା ପିଲା ତାଙ୍କର ମରି ଯାଇଥିଲେ। ସତ୍ୟକୁ ଘଟଣା ଯେତିକି ବ୍ୟଥିତ କରୁଥିଲା, ସୀତାକାନ୍ତଙ୍କୁ ତାର ଶହେଗୁଣ। ଇଏ ଇଲାକା ତ ଆଉ ଭୂଗୋଳରୁ ବାହାରେ ନାହିଁ। ଆମ ନାକ ନିଶ ତଳେ ଥିବା ପ୍ରାକୃତିକ ଶୋଭା ସୁଷମାଭରା ଏଇ ଭୂଖଣ୍ଡ କେମିତି ଅଜଣା ଅଶୁଣା ହେଇ ରହିଲା। ଇଏ ଆଉ ସହରୀ ମଣିଷର ଚାଲ ନୁହେଁ ତ ! ତେବେ କାହିଁକି ଏମିତି ହେଉଛି। କାରଣ ଖୋଜି ଗଭୀର ପୀଡ଼ା ପାଉଥିଲେ ଦରଦୀ ସୀତାକାନ୍ତ। ଏକବିଂଶ ଶତାବ୍ଦୀରେ ପୁଣି ସୁନାର ସୁକିନ୍ଦା ଭଳି ପ୍ରାଚୁର୍ଯ୍ୟଭରା ଅଞ୍ଚଳରେ ପୁଣି ଏମିତିକା ମଣିଷ ଅଛନ୍ତି, ସୀତାକାନ୍ତ ବିଶ୍ୱାସ କରି ପାରୁ ନଥିଲେ। ତାଙ୍କ ମନରେ ସରକାରଙ୍କ ପ୍ରତି ଥିବା ସଦ୍‌ଭାବ ଆସ୍ତେଆସ୍ତେ ବଦଳି ଯାଉଥିଲା। ବଦଳି ଯାଇଥିଲା ସମଗ୍ର ବ୍ୟବସ୍ଥା ପ୍ରତି ଥିବା ଆସ୍ଥା ଓ ବିଶ୍ୱାସ। କୁଳୁକୁଳୁ ହେଇ ଚାହୁଁଥିବା ସେଇ ନିରୀହ ଜୁଆଙ୍ଗ ଶିଶୁଙ୍କ ମୁହଁକୁ ଚାହିଁଦେଲା ପରେ ବ୍ୟସ୍ତ ହେଇ ପଡ଼ିଥିଲେ ସୀତାକାନ୍ତ। ପାଦ ଅଟକି ଯାଉଥିଲା। ମନ ଦବି ଯାଉଥିଲା। ପ୍ରାଣ ଥମି ଯାଉଥିଲା।

ସେଇଠୁ ପୁଣି ମଝି ନଗଡ଼ା ଆଉ ତା' ପରେ ତଳ ନଗଡ଼ା। ତିନି ନଗଡ଼ା ଯିବାପରେ ପୂରା ପରିଚିତ ହୋଇ ସାରିଥିଲେ

ସେଇ ତିନିଟି ଭୂଖଣ୍ଡ ସହ। ୩ଟି ଯାକ ଭୂଖଣ୍ଡର ଭୂଗୋଳକୁ ପରଖ କଲାବେଳେ ସେଠାରେ ସମୁଦାୟ ସତୁରୀ ଲୋକଙ୍କୁ ଠାବ କରିଥିଲେ। କୋଉ କାଳରୁ ଏଇଠି ବସବାସ କରି ଆସୁଛନ୍ତି। ମଣିଷ ଏତେ ଆଗକୁ ଏବେ ଯାଇ ସାରିଲାଣି ଯେ ପଛକୁ ଚାହିଁବାକୁ ଆଉ ତା'ର ସମୟ ନାହିଁ । ଆଉ ଏଇ ଜୁଆଙ୍ଗମାନେ ଏତେ ବର୍ଷ ପରେ ଜୀବନସ୍ରୋତକୁ ଆସି ପାରିଲେନି, କ'ଣ ସେମାନଙ୍କୁ ଜୀବନ ସ୍ରୋତକୁ ଅଣାଗଲା ନାହିଁ, ଏମିତି ପ୍ରଶ୍ନରେ ସୀତାକାନ୍ତଙ୍କ ମନଆକାଶ ଭାରି ଭାରି ହେଇ ଉଠୁଥିଲା।

ସୀତାକାନ୍ତ ବୁଝିପାରୁ ନଥିଲେ ଅନ୍ଧବିଶ୍ୱାସର ଅନ୍ଧ ଅର୍ଗଳୀ ଭିତରେ ବଂଚୁଥିବା ବତୁରା ଜୀବନରୁ କେବେ ମୁକୁଳିବେ ଏମାନେ। ତାଙ୍କ ଚାରିପାଖରେ ତ ସବୁ ଥାଇ ବି ସେ ମଝିରେ ମଝିରେ ଆକ୍ତାମାକ୍ତା ହୋଇ ଯାଉଛନ୍ତି। ତଥାପି ଭାବୁଛନ୍ତି ଆଉ ତାଙ୍କ ଅସଜଡ଼ା ଜୀବନକୁ ଆହୁରି ସଜାଡ଼ିବାକୁ। ଅଥଚ ଏଇ ଜୁଆଙ୍ଗମାନଙ୍କ ଜୀବନ କ'ଣ ସତରେ ଜୀବନ ? ସତରେ କ'ଣ ସଭ୍ୟତାର ବିକାଶରେ ଏମାନଙ୍କର ଆଦୌ ବିକାଶ ଘଟିନି ? ନା' ସେମାନେ ଜାଣି ଜାଣି ଏମିତି ଏକ ଜୀବନକୁ ଆଦରି ପ୍ରକୃତି କୋଳକୁ ଆବୋରି ନେଇଛନ୍ତି ।

ଯା' ଭିତରେ ସିଏମ୍‌ଡ଼ି ସେଇ ଅବହେଳିତ ଉପତ୍ୟକାର କେତେକ ନଗଡ଼ାର ସବୁ ଜୁଆଙ୍ଗ ଜନନୀଙ୍କୁ କିଛି ବାସନ ସେଟ୍, ଟଙ୍କା ଓ ଲୁଗାପଟା ବାଣ୍ଟି ସାରିଲେଣି। ସେମାନେ ସିନା ଏ ସବୁକୁ ନେଉଥାନ୍ତି, କିନ୍ତୁ ଜଣାପଡୁଥାଏ, ଯେମିତି ସେମାନଙ୍କ ମଧ୍ୟରେ ଏସବୁରେ କିଛି ମତଲବ ନାହିଁ। ଅନାଗ୍ରହ ସହକାରେ ବଦାନ୍ୟବ୍ୟକ୍ତିଙ୍କ ଦାନକୁ ଗ୍ରହଣ କରୁଛନ୍ତି। ସୀତାକାନ୍ତ ସେମାନଙ୍କ ଗହଣରେ କିଛି ଫଟୋ ଉଠାଇବା ସହ ପ୍ରକୃତିସ୍ଥ ହେଲା ବେଳକୁ ସୂର୍ଯ୍ୟ ଦୂର ପାହାଡ଼ ତଳକୁ ଖସିବାକୁ ଆରମ୍ଭ କଲେଣି। ସୂର୍ଯ୍ୟଦେବଙ୍କ ଲାଲ ଟହଟହ ଦେହଟା ଚମତ୍କାର ଦିଶିଯାଉଛି। ସେମାନଙ୍କୁ ପାହାଡ଼ ତଳକୁ ଫେରିବାକୁ ପଡ଼ିବ। ସଂଜ ନଇଁବା ପୂର୍ବରୁ ପାହାଡ଼ରୁ ଓହ୍ଲାଇବାକୁ ପଡ଼ିବ, ନ ହେଲେ ଅନ୍ଧାର ଆବୋରି ବସିଲେ ଫେରିବା ମୁସ୍କିଲ ହେବ। ସେଇଥିପାଇଁ ତରତର ହେଇ କେତେବେଳେ ସେମାନେ ପାହାଡ଼ ଖସି ଆସିଲେ ଜାଣି ପାରିଲେ ନାହିଁ।

ତଳେ ପହଞ୍ଚିଲା ବେଳକୁ ସଂଜ ନଇଁ ଆସୁଥିଲା। ଦୂର ପାହାଡ଼ ଉହାଡ଼ରେ ସୂର୍ଯ୍ୟ ଦେବତା ବୁଡ଼ି ଯାଉଥିଲେ। ମାଛି ଅନ୍ଧାର ଡେଇଁ ସେମାନେ ଗାଡ଼ି ନିକଟକୁ ଆସି ଯାଇଥିଲେ। ପଛରେ ରହିଯାଇଥିଲା ସେଇ ଅବିକଶିତ, ଅବହେଳିତ, ଅପନ୍ତରିଆ ନିର୍ଜନ ଇଲାକା ଓ ସେଠାକାର ମଣିଷମାନେ। ସୀତାକାନ୍ତ ଲଥ୍ କରି ଗାଡ଼ିରେ ବସି ପଡ଼ିଲେ। ଗାଡ଼ି ଧୂଳି ଉଡ଼େଇ ଛୁଟି ଆସିଥିଲା ଓଏମ୍‌ସି ଡାକ ବଙ୍ଗଳାକୁ। ସୀତାକାନ୍ତଙ୍କ ମନରେ ଥିବା ପ୍ରଶ୍ନ ସେମିତି ପ୍ରଶ୍ନ ହେଇ ରହିଯାଉଥିଲା। ସତରେ ଏଇ ମଣିଷମାନଙ୍କ ଭାଗ୍ୟକୁ କେବଳ ଭଗବାନ ହିଁ ସଜାଡ଼ି ପାରିବେ, ମଣିଷ ନୁହେଁ।

ସେଇ ଅପହଞ୍ଚ ଉପତ୍ୟକାର ନିରହଂକାର ଜୁଆଙ୍ଗଙ୍କୁ ଦେଖିଲା ପରେ ସୀତାକାନ୍ତଙ୍କ ମନରେ ବସା ବାନ୍ଧିଥିବା ଅହଂକାରର ଅଳନ୍ଧୁତକ ଝାଡ଼ି ହେଇଗଲା। ତାଙ୍କର ସବୁ ସ୍ୱାଭିମାନ ଆପେଆପେ ଭାଙ୍ଗି ଚୂରମାର୍ ହେଇଯାଉଥିଲା । ତାଙ୍କ ଆଗରେ ଠିଆ ହେଇ ଯାଉଥିଲା ସକାଳର ସୁନେଲି ସୂର୍ଯ୍ୟଙ୍କ ପରି ଅନ୍ୟ ଏକ ସରଳ ସମ୍ଭାବନା।

ତଥାପି କିଛି ନ ଜାଣିଲା ଭଳି ପ୍ରଶ୍ନ କରୁଥିଲେ ଅନ୍ୟମାନଙ୍କୁ। ଅନ୍ୟମାନେ ତାଟକା ହେଇଯାଉଥିଲେ ସେଇ ଲଙ୍ଗଳା ଫୁଙ୍ଗୁଳା ଛୁଆମାନଙ୍କୁ ଦେଖି। କି ବିଚିତ୍ର ଏ ସଂସାର। ବିଧାତାର କୋଉ ଗତି ? ଏଭଳି ଅପହଞ୍ଚ ଅଞ୍ଚଳ ପୁଣି ଏ ଦୁନିଆର ଅଛି। ସୀତାକାନ୍ତ ଗମ୍ଭୀର ହେଇ ସତ୍ୟକୁ ପଚାରୁଥିଲେ।

ସହକର୍ମୀ ସତ୍ୟ ବା କ'ଣ ଉତ୍ତର ଦେବେ। ତାଙ୍କ ପାଖରେ ବା କି ଉତ୍ତର ଅଛି। ସିଏ ବି ତ ଏମାନଙ୍କ ସାଙ୍ଗରେ ଯାଇଛନ୍ତି।

ସୀତାକାନ୍ତଙ୍କ ମନଟା ଚହଲି ଯାଉଥିଲା। ସେଇ ଲଙ୍ଗଳା ଫୁଙ୍ଗୁଳା, ସିଙ୍ଘାଣି ନାକିଆ, ବଡ଼ପାଟିଆ ପିଲାଙ୍କ ଆଡ଼କୁ ଥରେ ଆଖି ପୂରେଇ ଅନାଇଲେ। ସେଇ ଛୋଟଛୋଟ କୁଡ଼ିଆ ଘର ଆଡ଼େ ଆଉ ଥରେ ତାଙ୍କ ଛଅଁାଣ ଆଖିଟା ପହଁରେଇ

ଆଣିଲା । ହଠାତ୍ ଯେମିତି ତାଙ୍କ ଛାତି ଫଟେଇ ଦଲକାଏ ପ୍ରଚଣ୍ଡ କୋହ ଉଠି ଆସିଲା । ତାଙ୍କ ଆଖି ବି ଲୁହ ଢଳଢଳ ହେଇଗଲା ।

ଏତିକିବେଳେ ସତ୍ୟ ଡାକି ଦେଲେ । ଚାଲନ୍ତୁ, ଯିବା । ଡେରି ହେଇଯିବ । ସୀତାକାନ୍ତ ପ୍ରକୃତିସ୍ଥ ହେଲେ । ମନକୁ ସଜାଡ଼ି ନେବାକୁ ଚେଷ୍ଟା କରୁଥିଲେ । ପ୍ରକୃତିସ୍ଥ ହେବା ପାଇଁ ଦୀର୍ଘ ନିଃଶ୍ୱାସଟିଏ ନେଲେ । ମନର ମଲାଟ ଡେଇଁ ଲେଖି ହେଇ ଯାଉଥିଲା ସେଇ ଅଚିହ୍ନା ଭୂଗୋଳର ଇତିବୃତ୍ତ ।

ଗୋଟିଏ ପରେ ଗୋଟିଏ ଘର ବୁଲି ଅଇଲାରୁ ତାଙ୍କ ମନ ଆହୁରି ବିକଳ ହେଇଉଠିଲା । ଚରଣ, ମାନସୀ ଆଦି ଛୁଆଙ୍କ ନିରୀହ ମୁହଁର ଭାଷାକୁ ପଢୁଥିଲେ ସେ । ପ୍ରାଚୁର୍ଯ୍ୟଭରା ଓଡ଼ିଶା ଭିତରେ ପୁଣି ଏଭଳି ଏକ ଅବହେଳିତ, ଅପନ୍ତରା ଇଲାକା ରହିଛି, ତାହା ତାଙ୍କ କଳ୍ପନା ବାହାରକୁ ଚାଲି ଯାଉଥିଲା ।

ଯୋଉଠି ଅପପୁଷ୍ଟି ପାଇଁ ଏକ କି ଦୁଇ ନୁହେଁ କୋଡ଼ିଏ କୋଡ଼ିଏ ଜଣ ଶିଶୁ ଅକାଳରେ ଝଡ଼ି ପଡ଼ିଲେ, ସେଇ ଅଜଣା ଇଲାକା କେମିତି ଆମ ଭୂଗୋଳ ପୋଥିରୁ ଅଲଗା ଓ ଅଚିହ୍ନା ହେଇ ରହିଗଲା । ତାହା ହିଁ ସୀତାକାନ୍ତଙ୍କ ମନକୁ ବାରମ୍ବାର ମଡ଼ୁଚି ଦେଉଥିଲା । ତାଙ୍କର ଇଚ୍ଛା ହେଉଥିଲା ସେଇ ଜନନେତାମାନଙ୍କୁ ପ୍ରଶ୍ନପଚାରି ଘାଇଲା କରିଦେବାକୁ ।

କିଏ ଦାୟୀ ? ସରକାର, ପ୍ରଶାସନ, ଲୋକପ୍ରତିନିଧି ନା ନିଜେ କୁଆଁଙ୍ଗମାନେ ? କିଏ ? କିଏ ? କିଏ ଏଥିପାଇଁ ଦାୟୀ ? ସୀତାକାନ୍ତଙ୍କ ସାମ୍ନାରେ ଏଇ ଅଚିହ୍ନା ଭୂଗୋଳର ସ୍ଥିତିକୁ ନେଇ ନାନା ପ୍ରଶ୍ନବାଚୀ । ସେ ବାରମ୍ବାର ନିଜ ଚେତନାଠାରୁ ଦୂରକୁ ଚାଲିଯିବାକୁ ଚେଷ୍ଟା କରୁଥା'ନ୍ତି । କୋଟି ଜନ୍ମର ପୁଣ୍ୟ ଫଳ ପରେ ମଣିଷ ଜନ୍ମ ନେଇଥିବା ଈଶ୍ୱର ମାନଙ୍କର ପୁଣି ଏ ଅବସ୍ଥା । ବଣ ଜଙ୍ଗଲ ଘେରା ପାହାଡ଼ ଛାତିରେ ଏମାନେ ନିଜକୁ ସମର୍ପିତ କରି ଦେଇଛନ୍ତି । ଜଙ୍ଗଲ କୋଳରେ ବଢ଼ିଥିବା ଏଇ କୁଆଁଙ୍ଗଙ୍କ ଜୀବନଚର୍ଯ୍ୟାକୁ ନେଇ ତାଙ୍କ ଭିତରେ ଯେଉଁ ଜିଜ୍ଞାସାବୋଧଟି ସୃଷ୍ଟି ହେଲା, ତାହା ତାଙ୍କୁ ସେମାନଙ୍କ ଜୀବନଶୈଳୀ ସମ୍ପର୍କରେ ଚେତେଇ ଦେଉଥିଲା ।

ସୀତାକାନ୍ତଙ୍କ ଗାଡ଼ିର ଗତି ବଢ଼ି ସାରିଥାଏ । ସେ କେବଳ ଖୋଜୁଥା'ନ୍ତି ଆଉ ଖୋଜୁଥା'ନ୍ତି । ତାଙ୍କ ଅନ୍ତରାତ୍ମା ଅନନ୍ତ ଆକାଶ ତଳେ ବିଳପି ଉଠୁଥିଲା । କ୍ରମଶଃ ସୀତାକାନ୍ତ ବୋକା ପାଲଟି ଯାଉଥା'ନ୍ତି । ସଭ୍ୟତା ଗଢ଼ି ସଭ୍ୟ ହେଇ ବଞ୍ଚିବା ଶିଖିଥିବା ମଣିଷମାନଙ୍କ ଭିତରେ ପୁଣି ଗୋଟିଏ ଫାଙ୍କ, ବିଭେଦ, ବ୍ୟତିକ୍ରମ.... ତାଙ୍କ ଆଖିରେ ଲୋତକର ବିନ୍ଦୁ ଜକେଇ ଆସୁଥିଲା ।

ସବୁ ସମ୍ଭାବନା ଯେ ଆତ୍ମହତ୍ୟା କରୁଥିଲେ ତାଙ୍କରି ଆଖି ଆଗରେ ।

ନିଜ ଉଦାସିଆ ମନର ଅମୃତ ଭୂମି ଉପରେ କିଏ ଯେମିତି ମେଞ୍ଚାଏ ଅଳିଆ ଫିଙ୍ଗି ନଷ୍ଟ କରି ଦେବାକୁ ବସିଥିଲା । ସୀତାକାନ୍ତଙ୍କ ଉଦାସୀ ମନ ତାଙ୍କ ପ୍ରାଣକୁ କଲବଲ କରି ଦେଉଥିଲା । ତାଙ୍କ ମନରେ ଭୂତ ସବାର ହେଉଥିଲା । ସେଇ ଅଚିହ୍ନା ଭୂଗୋଳକୁ ନେଇ ସେ ଅଶ୍ୱସ୍ତିବୋଧ କରୁଥିଲେ । ଖୁବ୍ ଅସହ୍ୟ ହେଇ ପଡୁଥିଲା ଏସବୁ ତାଙ୍କ କ୍ଷେତ୍ରରେ । ଆଖି ଆଗରେ ନାଚି ଯାଉଥିଲା ସେଇ ଭୂଖଣ୍ଡର କଙ୍କାଳସାର, ପେଟୁଆ, ହାଡୁଆ, ନାକ ଫଣଫଣ କରୁଥିବା, ଆଖି କୋରଡ଼ରେ ପଶି ଯାଇଥିବା ଭବିଷ୍ୟତ ଦାୟାଦଙ୍କ ଚିତ୍ରପଟ । ପିଲାମାନଙ୍କ କରୁଣ ଚେହେରା ସୀତାକାନ୍ତଙ୍କ ଚିତ୍ତକୁ ଚହଲାଇ ଦେଉଥିଲା । ଖୁବ ଅସହ୍ୟ ବୋଧ ହେଉଥିଲା ତାଙ୍କୁ ।

ଏ ଭିତରେ ସୀତାକାନ୍ତଙ୍କ ଗାଡ଼ି ଡାକବଙ୍ଗଳା ଫାଟକ ପାରି ହେଇ କଳା ମୁଚୁମୁଚୁ ପିଚୁ ପିନ୍ଧା ମୁଖ୍ୟ ରାସ୍ତା ଧରି ସାରିଥିଲା । ପଛରେ ରହି ଯାଉଥିଲେ, ଅପନ୍ତରିଆ, ଅଚିହ୍ନା ଭୂଖଣ୍ଡର ମଣିଷ । ପଛରେ ରହି ଯାଉଥିଲେ ଭୂଗୋଳ ଭିତରେ ଅଚିହ୍ନା ମଣିଷ । ସୀତାକାନ୍ତଙ୍କୁ ଲାଗୁଥିଲା ଏ ସବୁ ସଭ୍ୟତାଠାରୁ ବହୁ ଦୂରରେ । ସତ୍ୟଠାରୁ ବହୁଦୂରକୁ ଚାଲିଯାଉଥିଲା ତାଙ୍କ ଭାବନା ।

❖



# ଗାନ୍ଧିବାଦୀ

ଡ. ଅରବିନ୍ଦ ରାୟ

**ଗା**ନ୍ଧୀଙ୍କ ପାଇଁ ଏତେ କଥା ।

ତେଣୁ ସେମାନେ ଯୁକ୍ତି କଲେ ନାଟକର ନାଁ ରହୁ – ଗାନ୍ଧୀ ।

ଯୁବକମାନଙ୍କର ଯୁକ୍ତି କିନ୍ତୁ ଥିଲା ଅଲଗା । ସେମାନେ କହିଲେ ନାଥୁରାମ ଗାନ୍ଧୀଙ୍କୁ ହତ୍ୟା କରିବା ଥିଲା ଏକ ଐତିହାସିକ ଆବଶ୍ୟକତା । ତେଣୁ ଏ ନାଟକର ନାଁ ରହୁ – ନାଥୁରାମ ।

ତା'ପରେ ଗାନ୍ଧୀଙ୍କ ସପକ୍ଷରେ କହୁଥିବା ବୟସ୍କ ଲୋକମାନେ ଗାନ୍ଧୀଙ୍କ ସତ୍ୟ-ଅହିଂସା ନୀତି କଥା କହିଲେ । ତାଙ୍କ ବଳିଦାନର ଲମ୍ବା ତାଲିକା ଦେଲେ । ଦେଶ ପାଇଁ ତାଙ୍କ ଜୀବନକୁ ସେ କିପରି ଉତ୍ସର୍ଗ କରିଦେଇଥିଲେ ସେକଥା କହିଲେ । ତେଣୁ ସେମାନେ ଯୁକ୍ତି କଲେ ନାଟକର ନାଁ ଗାନ୍ଧୀ ହେଲେ ତାହା ଆମ ନାଟ୍ୟ କମିଟି ଓ ଆମ ଗ୍ରାମ ବା ପଞ୍ଚାୟତ କେବଳ ନୁହେଁ ଆମ ଅଞ୍ଚଳ ପାଇଁ ଏକ ଗୌରବମୟ ଘଟଣା ହେବ ।

ନାଥୁରାମଙ୍କ ସପକ୍ଷରେ ଯୁକ୍ତି କରୁଥିବା ଯୁବକମାନେ ବେଶ୍ ଉଚ୍ଚଶିକ୍ଷିତ ଓ ସମ୍ଭ୍ରାନ୍ତ ଥିଲେ । ସେମାନେ ତାଙ୍କ ଗାଁର ମୁରବୀମାନଙ୍କୁ ହେୟ ଜ୍ଞାନ କରୁନ'ଥିଲେ ମଧ୍ୟ ସେମାନେ ତଥ୍ୟ ଦେଇ ଯୁକ୍ତି କରୁଥିଲେ । ଏଇ ଅଳ୍ପ କେଇ ମାସ ତଳେ ଭଲ ବେତନରେ ଗୋଟାଏ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି ପାଇଥିବା ତରୁଣ, ସିଦ୍ଧାର୍ଥ କହିଲା – ଆପଣମାନେ ସମସ୍ତେ ଗୁରୁଜନ ଓ ଅଭିଜ୍ଞ । ଆପଣମାନେ ଇତିହାସ ଜାଣନ୍ତି । କିନ୍ତୁ ଆପଣମାନେ ଯେଉଁ ବାରମ୍ବାର କହୁଛନ୍ତି ଯେ, ଗାନ୍ଧିଜୀଙ୍କ ବଳିଦାନ ଯୋଗୁ ଏ ଭାରତ ସ୍ୱାଧୀନ ହେଲା, ତାହା ପୂରାପୂରି ଠିକ୍ ନୁହେଁ । କାରଣ, ଏ ଦେଶକୁ ବିଦେଶୀ ହାତରୁ ମୁକ୍ତ କରିବା ପାଇଁ ଭଗତ୍ ସିଂ, ଖୁଦିରାମ, ଏପରିକି ସୁଭାଷ ବୋଷଙ୍କ ବଳିଦାନ କଥା ଆପଣମାନେ ଭୁଲିଯାଉଛନ୍ତି । ଆପଣମାନେ ଜାଣନ୍ତି ଉଣେଇଶ ଏକତିରିଶ୍ ମସିହା ମାର୍ଚ୍ଚ ମାସରେ କଂଗ୍ରେସର ବାର୍ଷିକ ଅଧିବେଶନରେ ଭଗତ ସିଂହଙ୍କ ସାହସିକତାକୁ ପ୍ରଶଂସା କରି ଏକ ପ୍ରସ୍ତାବ ପାରିତ ହୋଇଥିଲା । ଗାନ୍ଧିଜୀ ଏହି ପ୍ରସ୍ତାବକୁ ପ୍ରଥମରୁ ବିରୋଧ କରିଥିଲେ । ପରେ ଯେତେବେଳେ ମୁମ୍ବାଇର ଗଭର୍ଣ୍ଣରଙ୍କୁ ଗୁଳିମାଡ଼ ହେଲା, ସେତେବେଳେ ଗାନ୍ଧିଜୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଭଗତ୍ ସିଂହଙ୍କୁ ପ୍ରଶଂସା କରିବାର ଫଳ ଏହି ହିଂସା । ତେଣୁ ଗାନ୍ଧିଜୀ ଏ ଦେଶର କ୍ରାନ୍ତିକାରୀ ବୀରମାନଙ୍କୁ ସବୁବେଳେ ବିରୋଧ କରୁଥିଲେ ।

ତରୁଣ ସିଦ୍ଧାର୍ଥ ପ୍ରଗଳ୍ଭ ହୋଇ ଏମିତି ଗାନ୍ଧୀ ନୀତିର ଦୋଷ ଦୁର୍ବଳତା ସଂପର୍କରେ କହିଚାଲିଥିବାବେଳେ – ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ପଣ୍ଡା କହିଲେ – ବାବୁରେ ! ତୁମମାନଙ୍କର ବୁଝିବା ଭୁଲ୍ । ଗାନ୍ଧିଜୀ ଏ ଦେଶର କ୍ରାନ୍ତିକାରୀମାନଙ୍କୁ

ବିରୋଧ କରୁନ'ଥିଲେ ସେ କ୍ରାନ୍ତିକାରୀମାନେ ଗ୍ରହଣ କରିଥିବା ହିଂସା ଓ ରକ୍ତପାତର ପନ୍ଥାକୁ ବିରୋଧ କରିଥିଲେ।

ଏମିତି ସେଦିନ ସଂଧ୍ୟାରେ ମା' ବୁଢ଼ୀଠାକୁରାଣୀ ନାଟ୍ୟ କମିଟିର ସଭାରେ ଚାଲିଥିଲା ଯୁକ୍ତି ପରେ ଯୁକ୍ତି। ସେ ବର୍ଷ ଦେଶ ସ୍ୱାଧୀନତାର ପଚସ୍ତରୀ ବର୍ଷ ପୂରୁଥିଲା। ତେଣୁ ନାଟ୍ୟ କମିଟି ତରଫରୁ ମା' ବୁଢ଼ୀଠାକୁରାଣୀ ପଡ଼ିଆରେ ଏକ ଆଲୋଚନା ବୈଠକ ଆୟୋଜିତ ହୋଇଥିଲା। ନାଟ୍ୟ କମିଟିର ସଭାପତି ତଥା ସେହି ଗାଁର ଜଣେ ବୟସ୍କ ବ୍ୟକ୍ତି ନିତ୍ୟାନନ୍ଦ ରାୟ ହିଁ ପ୍ରଥମେ ପ୍ରସ୍ତାବ ଦେଲେ ଯେ, ଏ ବର୍ଷ ଯେହେତୁ ସାରା ଦେଶରେ ସ୍ୱାଧୀନତାର ପଚସ୍ତରୀ ବର୍ଷ ପୂରଣ ଉତ୍ସବ ହେଉଛି – ଆମ ଗାଁ ନାଟ୍ୟ କମିଟି ତରଫରୁ ଏକ ଐତିହାସିକ ନାଟକ ପରିବେଷଣ କରିବା। ସେ ଏ ପ୍ରସ୍ତାବ ଦେବା ମାତ୍ରେ କିଛି ବୟସ୍କ ବ୍ୟକ୍ତି ତାଳି ମାରି ତାଙ୍କ କଥାକୁ ସମର୍ଥନ କରିବା ସହ କହିଲେ ଏ ବର୍ଷ ନାଟକର ନାଁ ହେବ ଗାନ୍ଧୀ। ତା'ପରେ ଆରମ୍ଭ ହେଲା ବାଦାନୁବାଦ। ସଭାରେ ଉପସ୍ଥିତ ବୟସ୍କମାନେ ଗାନ୍ଧୀଙ୍କ ବଳିଦାନ ପ୍ରସଙ୍ଗକୁ ମନେ ପକାଇ ଯୁକ୍ତି ଉପସ୍ଥାପନ କରୁଥିବାବେଳେ, ଯୁବକମାନେ ତାଙ୍କ ହାତରେ ଥିବା ମୋବାଇଲ ସେଟ୍‌ରୁ ଭିଡ଼ିଓ, ଫଟୋ, ଚିଠି ଆଦି ଦେଖାଇ ଗାନ୍ଧୀଙ୍କ ନୀତିର ଘୋର ସମାଲୋଚନା କରୁଥାନ୍ତି। ସେମାନେ ଯୁକ୍ତି କରି କହୁଥାନ୍ତି – ଦେଶ ସ୍ୱାଧୀନ ହେବା ମାତ୍ରେ ଭାରତ ପାକିସ୍ଥାନରେ ଯେଉଁ ଧର୍ମ ଓ ଜାତିଭିତ୍ତିକ ଦଙ୍ଗା ହେଲା, ସେତେବେଳେ ଗାନ୍ଧିଜୀ ତାକୁ ପ୍ରଶମିତ କରିବାକୁ ଯେଉଁ ଅନଶନ କରିଥିଲେ ସେଥିରେ ସେ ସର୍ତ୍ତ ରଖିନ'ଥିଲେ ପାକିସ୍ଥାନର ମନ୍ଦିରରେ ଥିବା ମୁସଲମାନ ମଧ୍ୟ ମନ୍ଦିର ଖାଲି କରନ୍ତୁ ବୋଲି ! ଯୁବକମାନେ ତାଙ୍କର ଏହି ଯୁକ୍ତିକୁ ତଥ୍ୟ ଓ ସତ୍ୟରେ ପରିଣତ କରିବା ପାଇଁ ସାଙ୍ଗେ ସାଙ୍ଗେ ନେଟ୍‌ଫ୍ଲେକ୍ସରୁ ଏକ ଛୋଟ ସିନେମାର ଅଂଶ ଦେଖାଇଲେ। ତେଣୁ ସେମାନେ ଯୁକ୍ତି କଲେ ନାଟକର ନାଁ ରହୁ ନାଥୁରାମ। ଲୋକେ ଦେଖନ୍ତୁ ନାଟକକୁ ଓ ସେହିମାନେ ହିଁ ସ୍ଥିର କରନ୍ତୁ – ଗାନ୍ଧୀ ଠିକ୍ ଥିଲେ ନା ନାଥୁରାମ ଠିକ୍ ଥିଲେ।

ଗାଁର ବୟସ୍କ ବ୍ୟକ୍ତିମାନେ ଆଶଙ୍କା କରିନ'ଥିଲେ ଯେ, ଏହି ଯୁବକମାନେ ଏପରି ତଥ୍ୟ ଦେଇ ସେମାନଙ୍କ ସହ ତର୍କ କରିବେ ବୋଲି ! ସେମାନେ ଅନ୍ୟ ଉପାୟ ନ'ପାଇ ଆଉ ଏକ ପ୍ରସ୍ତାବ ଦେଲେ ଯେ – ପିଲାମାନେ ତୁମ କଥା ରହୁ – ଆମ କଥା ବି ରହୁ। ଏଥର ନାଟକର ନାଁ ରହୁ – "ଗାନ୍ଧୀ – ଗଡ଼ସେ।"

ମା' ବୁଢ଼ୀଠାକୁରାଣୀ ପଡ଼ିଆକୁ ପ୍ରକମ୍ପିତ କରି ସମସ୍ତେ ହର୍ଷଧ୍ୱନି କଲେ ଓ ତାଳିମାରି ଏ ପ୍ରସ୍ତାବକୁ ଗ୍ରହଣ କଲା ପରେ ନାଟକର ତାରିଖ ଓ ସ୍ଥାନ ସମ୍ପର୍କରେ ଆଲୋଚନା ହେଲା।

ସେଦିନ ନାଟକର ବିଷୟ, ସ୍ଥାନ ଓ ସମୟ ସ୍ଥିର ହୋଇଯିବା ପରେ ଦେଖାଦେଲା ପୁଣି ଏକ ସମସ୍ୟା। ସ୍ୱାଧୀନତା ଆନ୍ଦୋଳନ ସମୟର ଏପରି ଏକ ନାଟକ ମଞ୍ଚସ୍ଥ କରିବାକୁ ହେଲେ ଚରିତ୍ର ଉପଯୋଗୀ ଅଭିନେତା ଆବଶ୍ୟକ ବୋଲି ନିର୍ଦ୍ଦେଶକ ଶରତ ବିଶ୍ୱାଳ ଜଣାଇ ଦେଲେ। ସେମାନେ ତାଙ୍କ ଗାଁରେ ପ୍ରତିବର୍ଷ ନାଟକ ମଞ୍ଚସ୍ଥ କରୁଥିବାରୁ ଗାଁରେ ଅନେକ ଅଭିନେତା ସୃଷ୍ଟି ହୋଇଥିଲେ। ଗାଁ ଛକ ମୁଣ୍ଡରେ ଚା' ଦୋକାନ କରିଥିବା ବସନ୍ତମୁହାଁ ନିତେଇ ସାହୁ, ସଂକୀର୍ତ୍ତନ ଆଖେଡ଼ାରେ ଗାୟକ ହେଇ ସୁର୍ ଧରୁଥିବା ଅଖିଆ ପରିଡ଼ା, କଲିକତାର ଚଟକଳରେ କାମ କରୁଥିବା ଓ ଫି ବର୍ଷ ଡ୍ରାମା ବେଳକୁ ମାସେ ଛୁଟି ନେଇ ଗାଁକୁ ଆସୁଥିବା ଦୀନା ପାଳ, ମହାନ୍ତି ଘର ରାଇସ୍ ମିଲ୍‌ରେ କାମ କରୁଥିବା ଟୁନା ଭୋଇ ଆଉ କଟକରେ ଗୋଟେ ପ୍ରାଇଭେଟ୍ କମ୍ପାନୀରେ କାମ କରୁଥିବା କ୍ଷୀର କାଣ୍ଡି, ଗାଁ ସାରା ଯଜମାନୀ କରୁଥିବା ପ୍ରସନ୍ନ ମିଶ୍ର ଆସି ନିର୍ଦ୍ଦେଶକଙ୍କ ପାଖରେ ଅଭିନୟ କରିବାକୁ ପହଞ୍ଚି ସାରିଥିଲେ। ହେଲେ ନିର୍ଦ୍ଦେଶକ ଶରତ ବିଶ୍ୱାଳ ଭାରି କଡ଼ା ମିଜାଜ୍‌ର ଲୋକ। ତାଙ୍କ ନାଟକରେ ସେ କୌଣସି କଥା ଚଳେଇ ନିଅନ୍ତି ନାହିଁ। ସେ ରୋକଠୋକ୍ କହିଲେ – ଏ ନାଟକ ହୋଇପାରିବ ନାହିଁ। ଶରତ ବିଶ୍ୱାଳଙ୍କ ଠାରୁ ଏମିତି କଥାଶୁଣି ଗାଁର ବୟସ୍କ ଠାରୁ

ଯୁବକମାନେ ସମସ୍ତେ ଚମକି ପଡ଼ିଲେ। ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ପଣ୍ଡା କହିଲେ- ବିଶ୍ୱାଳେ! ଏ ଡ୍ରାମା ମଞ୍ଚସ୍ଥ କରିବାରେ କ'ଣ କିଛି ଅସୁବିଧା ଅଛି ?

ଶରତ ବିଶ୍ୱାଳ ତାଙ୍କ ନିଶକୁ ସାଉଁଳିଲେ ଓ ତାଙ୍କ ଗୋଲ୍ ଗୋଲ୍ ଆଖି ଦି'ଟା ସମସ୍ତଙ୍କ ଉପରେ ପହଁରେଇ ଦେଇ ପଚାରିଲେ - ମତେ ଆଗ କୁହ ଗାନ୍ଧୀ କାହାନ୍ତି ?

ଗାଁ ସାରା ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଚାହିଁଲେ।

ନିର୍ଦ୍ଦେଶକ ଶରତ ବିଶ୍ୱାଳ ମନ୍ଦ କଥା କହୁ ନାହାନ୍ତି । ଆମ ଏ ଗାଁରେ ସେମିତି ଗାନ୍ଧୀ ହେଲାଭଳିଆ ଅଭିନେତା କାହାନ୍ତି ? ଗୋଲ୍ ମୁଣ୍ଡ, ବଡ଼ କାନ, ଡଗ ଡଗ ଚାଲି, ପତଳା ଶରୀର। ଏମିତି ଲୋକ ଆମ ଗାଁରେ କାହାନ୍ତି !

ଗାଁ ସାରା ଲୋକ ଏମିତି ଚିନ୍ତାରେ ଥିବାବେଳେ ଶରତ ବିଶ୍ୱାଳ ପୁଣି ଏକ ଆତଙ୍କ ଖେଳାଇବା ପରି କହିଲେ - ଖାଲି କ'ଣ ଗାନ୍ଧୀ, ତମର ଏଠି ନାଥୁରାମ ହେଲାଭଳି ତ ମୁଁ କାହାକୁ ଦେଖୁନି।

ଗାଁ ଲୋକମାନେ କିଛି ସମୟ ନୀରବ ରହିବା ପରେ କହିଲେ - ନାଇଁ ନାଇଁ ଆମ ଗାଁରେ ଏତେ ଯୁବକ ଅଛନ୍ତି - କାହାକୁ ଜଣେ ନାଥୁରାମ କରି ଦେଲେ ଚଳିବ।

ଚଳିବ ? - ଶରତ ବିଶ୍ୱାଳ ଏକ୍‌ବାର ଚିତ୍କାର କଲା ପରି ପଚାରିଲେ। ତା'ପରେ ସେ କହିଲେ ଚଳାଚଳି ମୋ ଦ୍ୱାରା ହେବ ନାହିଁ। ତମେମାନେ ସବୁ ଭାବିଛ, ନାଥୁରାମ ଗୋଟାଏ ସାଧାରଣ ମଣିଷ ଥିଲା - ନୁହେଁ ? ଗାନ୍ଧୀଙ୍କୁ ମାରିବାକୁ ଯିଏ ପଣ କରି ଆସିଥିବ, ସିଏ ନିଜ ଭିତରେ କେତେ ଶକ୍ତ ହୋଇଥିବ ଭାବି ପାରୁଛ ! ତା' ଭିତରେ ସେତିକି ତେଜ ଥିବ ତା' ଆଖିରେ ସେତିକି ଚମକ ଥିବ ଆଉ ତା' ସ୍ୱରରେ ସେତିକି ଉଦ୍ଦାମତା ଥିବ, ତା'ହେଲେ ଯାଇ ସେ ନାଥୁରାମ ହେବ। ତା' ନ'ହେଲେ ଗୋଟାଏ ଯାହାକୁ ମନ ତାକୁ ଧରି ଆଣିଲେ ଚଳିବନି। ତମେମାନେ ଆଉ କୋଉ ଡାଇରେକ୍ଟରକୁ ନେଇ କାମ କର, ମୁଁ ପାରିବିନି।

ଶରତ ବିଶ୍ୱାଳଙ୍କ ପରି ନିର୍ଦ୍ଦେଶକଙ୍କୁ ଛାଡ଼ିଲେ, ଆଉ ଜଣେ କାହାକୁ ନେଇ ସେମାନେ ଡ୍ରାମା କରିବେ, ସେ କଥା ସେ ଗାଁ ସାରା ଲୋକ ଚିନ୍ତା କରି ପାରିଲେ ନାହିଁ। ଏ ଗାଁରେ ଦୀର୍ଘ ପଚାଶ ବର୍ଷ ହେଲା ପ୍ରତିବର୍ଷ ରଜ ବେଳକୁ ଡ୍ରାମା ହେଉଛି। ଆଗରୁ ରବି ମହାନ୍ତି ବୋଲି ଜଣେ ବୟସ୍କ ଯାତ୍ରା ଅଭିନେତା ନିର୍ଦ୍ଦେଶନା ଦବାକୁ ଆସୁଥିଲେ। କିନ୍ତୁ ଶରତ ବିଶ୍ୱାଳ ଯେଉଁ ବର୍ଷ ଆସି 'ହଳଦୀଘାଟ' ବହିର ନିର୍ଦ୍ଦେଶନା ଦେଇ ନାଟକ ମଞ୍ଚସ୍ଥ କରାଇଲେ - ସେହି ବର୍ଷଠାରୁ ତାଙ୍କର ଲୋକପ୍ରିୟତା ବଢ଼ିଯାଇଛି। ଜଣେ ନାଟ୍ୟ ନିର୍ଦ୍ଦେଶକ ଭାବରେ ତାଙ୍କର ବେଶ୍ ଖ୍ୟାତି। ଗାଁର ପିଲାଠୁଁ ବୁଢ଼ା ସମସ୍ତେ ତାଙ୍କୁ ଯଥେଷ୍ଟ ସମ୍ମାନ ଦିଅନ୍ତି। ସେ ଭାରି ହସଖୁସିଆ ମିଜାଜର ମଣିଷ। ଖୁବ୍ ସାଦା ସିଧା ବି। ପୁରୁଣା ସାଇକେଲ୍‌ଟିଏ ଚଳାଇ ଚଳାଇ ସେ ଦଶ କିଲୋମିଟର ଦୂରରେ ଥିବା ତାଙ୍କ ଗାଁରୁ ପ୍ରତିଦିନ ସଂଧ୍ୟାରେ ଆସି ପହଞ୍ଚି ଯାଆନ୍ତି। ଖାଇବା ପିଇବାରେ କୌଣସି ଆପତ୍ତି ନ'ଥାଏ। ଦେଖିଲେ ମନେ ହୁଅନ୍ତି ଖୁବ୍ ନିରୀହ ଓ ସାଧାରଣ। କିନ୍ତୁ ଥରେ ନାଟକର ରିହଲସାଲ୍ ଆରମ୍ଭ ହୋଇଗଲେ ସତେ ଅବା ସେ ଏକ ଭିନ୍ନ ମଣିଷ ପାଲଟି ଯାଆନ୍ତି। ତାଙ୍କର ଗୋଲ ଗୋଲ ଦି'ଟା ଆଖି ଡୋଳା ବୁଲାଇ ସେ ଅଭିନେତାଙ୍କୁ ଏମିତି ଗର୍ଜନ ଶୁଣାନ୍ତି ଯେ, ସେମାନେ ଏକାବେଳକେ ଡରିଯାଆନ୍ତି। ନିର୍ଦ୍ଦେଶନା ଦେବା ବେଳେ ସେ ଆଉ ବଡ଼ ସାନ ମାନନ୍ତି ନାହିଁ। ଛାଟ ଖଣ୍ଡେ ହାତରେ ଧରିଥାନ୍ତି - ସାମାନ୍ୟ ଭୁଲ୍ ହେଲେ ପିଟି ଦେଇ ଯାଆନ୍ତି। ଏମିତି କଠୋର ଅନୁଶାସନ ଶେଷରେ ସେ ଯେଉଁ ନାଟକଟି ପରଷି ଦିଅନ୍ତି - ତାହା ଏତେ ଚମତ୍କାର ହୁଏ ଯେ, ବହୁଦିନ ଯାଏ ସେ ନାଟକର ଆଲୋଚନା ହୁଏ। ତେଣୁ ଶରତ ବିଶ୍ୱାଳଙ୍କୁ ବାଦ୍ ଦେଇ ସେ ଗାଁରେ ଆଉ ଡ୍ରାମା ହବା

କଥା କେହି ଚିନ୍ତା କରି ପାରନ୍ତି ନାହିଁ।

ଗାନ୍ଧୀ ଓ ନାଥୁରାମ ରୋଲ୍ ତା'ହେଲେ କରିବ କିଏ ?

ଗାଁ ସାରା ଲୋକ ଏମିତି ଏକ ଦ୍ୱନ୍ଦ୍ୱରେ ଥିବା ବେଳେ ନିର୍ଦ୍ଦେଶକ ଶରତ ବିଶ୍ୱାଳ ଚାହିଁଲେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରତ୍ନାକର ପଣ୍ଡାଙ୍କୁ। ଖାଲି ଚାହିଁଲେ ନାହିଁ, ସେ ତାଙ୍କ ଚଉକିରୁ ଉଠିଆସି ରତ୍ନାକର ପଣ୍ଡାଙ୍କ ଚାରିପାଖରେ ଥରେ ବୁଲି ବୁଲି ତାଙ୍କୁ ନିରୀକ୍ଷଣ କଲେ।

ଲୋକମାନେ ତଟସ୍ଥ ହୋଇ ଚାହିଁଥା'ନ୍ତି।

ଶରତ ବିଶ୍ୱାଳଙ୍କ ଆଖିରେ ଆଖିଏ ଲୁହ ଜକେଇ ଆସିଲା। ତାଙ୍କ ଛାତି ଭିତରେ କ'ଣ ସବୁ ଯେମିତି ଅଟକି ଗଲାପରି ଲାଗିଲା। ସେ ହଠାତ୍ ରତ୍ନାକର ସାର୍‌ଙ୍କୁ ଜାବୁଡ଼ି ଧରି କହିଲେ - ଗାନ୍ଧୀ - ଅବିକଳ ଗାନ୍ଧୀ।

ଆପଣ ଏଇଠି ଅଛନ୍ତି - ମହାତ୍ମା ! ଆମେ ମିଛୁଟାରେ ଏଣେତେଣେ ଖୋଜୁଛୁ ! ରତ୍ନାକର ସାର୍ ବି କିଛି ନ' ବୁଝିପାରି ବସାରୁ ଖସିପଡ଼ିଥିବା ଚଢ଼େଇ ଛୁଆଟି ପରି ସମସ୍ତଙ୍କୁ ଜୁଳୁଜୁଳୁ କରି ଚାହୁଁଥାନ୍ତି।

ନିର୍ଦ୍ଦେଶକ ଶରତ ବିଶ୍ୱାଳ ରତ୍ନାକର ସାର୍‌ଙ୍କ ଦି' ହାତକୁ ଧରି ଆସ୍ତେ ଠିଆ କରେଇ ଦେଇ ଏକ ପ୍ରକାର ଚିତ୍କାର କଲେ- ଗା - ଆ - ନ୍ଧୀ। ତାଙ୍କ ସ୍ୱରରେ ସଭାରେ ଉପସ୍ଥିତ ଥିବା ସାରା ଗାଁର ଲୋକ ବି ଚିତ୍କାର କଲେ ଗା - ଆ - ନ୍ଧୀ। ଗା - ଆ - ନ୍ଧୀ।

ରତ୍ନାକର ପଣ୍ଡା ଯୋଡ଼ ହସ୍ତରେ ସମସ୍ତଙ୍କୁ କହିଲେ - ମତେ କ୍ଷମା କରନ୍ତୁ ଆପଣମାନେ। ମୁଁ ଜୀବନରେ ଅଭିନୟ କେବେ କରିନି। ଆଉ ଆଜି ଏ ବୟସରେ କି ଅଭନୟ କରିବି !

ଶରତ ବିଶ୍ୱାଳ କହିଲେ - ସାର୍ ! ଆପଣ ପିଲାମାନଙ୍କୁ ସତ୍ୟ - ଅହିଂସା କଥା ଶିକ୍ଷା ଦେଇଛନ୍ତି କି ନାହିଁ ?

ରତ୍ନାକର ପଣ୍ଡା ନୀରବରେ ଖାଲି ଚାହିଁଲେ।

ଶରତ ବିଶ୍ୱାଳ ପୁଣି ପଚାରିଲେ - ଏ ଗାଁରେ ଛୁଆଁ ଅଛୁଆଁ ଭେଦଭାବ ତୁଟାଇବାକୁ ଆପଣ ସଭା କରିଥିଲେ କି ନାହିଁ ?

କରିଥିଲି। ରତ୍ନାକର ପଣ୍ଡା ସଂକ୍ଷେପରେ କହିଲେ।

ଶରତ ବିଶ୍ୱାଳ ପୁଣି ପଚାରିଲେ - ଏ ଗାଁରେ ମଦ ଦୋକାନ ନ'ଖୋଲୁ, ଏ ଗାଁର ପିଲାମାନେ ଗାଁ ପୋଖରୀ ଠାରୁ ଗାଁ ରାସ୍ତା ଯାଏ ସବୁ ପରିଷ୍କାର କରନ୍ତୁ ବୋଲି ଆପଣ ସଭାରେ କୁହନ୍ତି କି ନାହିଁ ?

ରତ୍ନାକର ପଣ୍ଡା କିଛି କହିବା ପୂର୍ବରୁ ଗାଁର ଯୁବକ କେତେଜଣ ଠିଆ ହୋଇ କହିଲେ - ସାର୍‌ଙ୍କ ଯୋଗୁ ଆମ ଗାଁର ନାଁ ଟେକ। ଜଣେ ଦି'ଜଣଙ୍କୁ ଛାଡ଼ିଦେଲେ ଏ ଗାଁରେ ସମସ୍ତେ ସାର୍‌ଙ୍କୁ ବେଶ୍ ଭକ୍ତି କରନ୍ତି।

ଶରତ ବିଶ୍ୱାଳ କହିଲେ - ତା'ହେଲେ ଆପଣ ଗାନ୍ଧୀ ହେବେ ନାହିଁ ତ କିଏ ହବ ? ଖାଲି କ'ଣ ଖଦଡ଼ ପିନ୍ଧି, ଗୋଲ ଚଷମା ପିନ୍ଧିଲେ କେହି ଗାନ୍ଧୀ ହେଇ ଯାଆନ୍ତି !

ସେତିକି ବେଳେ ଭୁବନେଶ୍ୱରରେ ଗୋଟେ ଜଳଖିଆ ଦୋକାନରେ କାମ କରୁଥିବା ଫନିଆ ପରିଡ଼ା କହିଲା - ଆଜ୍ଞା, ଥରେ ନ'ତାଲା ଆଗରେ ଗୋଟେ ଲୋକ ଦିହସାରା ବାର୍ଣ୍ଣିସ୍ ବୋଳି ପୂରାପୂରି ଗାନ୍ଧୀଙ୍କ ଷ୍ଟାଚ୍ୟୁ ହୋଇ ହାତରେ ଗୋଟେ ରସଗିନା ଧରି ଭିକ ମାଗୁଥିଲା। ଗାନ୍ଧୀ କ'ଣ ଏମିତି ଭିକାରୀ ଥିଲେ ?

ଶରତ ବିଶ୍ୱାଳ ଫନିଆକୁ ଇସାରାରେ ଇସାରାରେ ଚୁପ୍ ରହିବାକୁ କହି ସଭାରେ ଉପସ୍ଥିତ ଗ୍ରାମବାସୀଙ୍କୁ କହିଲେ - ଦେହରେ ରଙ୍ଗ ବୋଳି, ହାତରେ ଠେଙ୍ଗା ଧରି, ଅଣ୍ଟାରେ ଘଣ୍ଟାଟିଏ ଝୁଲେଇଲେ ଯେମିତି କେହି ସତକୁ ସତ ଗାନ୍ଧୀ ହୁଅନ୍ତି ନାହିଁ, ସେମିତି ଆଣ୍ଠୁ ଲୁଚୁ ନ'ଥିବା ଖଦଡ଼ ପିନ୍ଧି, ଲୋକଙ୍କୁ ସତ୍ୟବାଦୀ ହୁଅ, ଦୁର୍ନୀତି କର ନାହିଁ ବୋଲି ପ୍ରବଚନ ଦଉଥିବା ମଣିଷମାନେ ବି ଗାନ୍ଧୀ ହେଇ ଯାଆନ୍ତି ନାହିଁ। ଗାନ୍ଧୀ ଏକ ସାଧନା। ଗାନ୍ଧୀ ଏକ ଜୀବନବ୍ୟାପୀ ସଂକଳ୍ପ ଓ ସିଦ୍ଧିର ପ୍ରତିରୂପ।

ରତ୍ନାକର ସାର୍ ଏ ଗାଁରେ କେତେ ଛାତ୍ରଙ୍କୁ ଗାନ୍ଧୀଙ୍କ ନୀତି ଆଦର୍ଶ କଥା କହିଛନ୍ତି, ନିଜେ ବି ଗାନ୍ଧୀ ବିଚାରାଧାରାକୁ କାମରେ ଲଗେଇଛନ୍ତି - ଏ ଗାଁକୁ ଗାନ୍ଧୀଙ୍କ ଆଶ୍ରମ ପରି ଗଢ଼ିବାକୁ ପ୍ରାଣପଣେ ଉଦ୍ୟମ କରିଛନ୍ତି- ସିଏ ଏଥର ନାଟକରେ ଗାନ୍ଧୀ ହେବେ ନାହିଁ ତ ଆଉ କିଏ ହବ ?

ରତ୍ନାକର ହାତ ଯୋଡ଼ି ଠିଆ ହେଲେ। ତାଙ୍କ ଆଖିରେ ଆଖିଏ ଲୁହ। ତାଙ୍କ କଣ୍ଠ ରୁଦ୍ଧି ହୋଇ ଆସୁଥିଲା।

ସେ କିଛି କହି ନ'ପାରି ସମସ୍ତଙ୍କୁ ହାତଯୋଡ଼ି ପ୍ରଣାମ କଲେ ଓ କହିଲେ - ସକଳ ଚେଷ୍ଟା ସତ୍ତ୍ୱେ ଏ ଗାଁରେ କିଛି ରଚନାତ୍ମକ କାମ ମୁଁ କରିପାରିଲି ନାହିଁ। ତାହା ମୋର ଅବସୋସ। ତା'ପରେ ସେ ଚୁପ୍‌ଚାପ୍ ବସିଗଲେ। ଲୋକମାନେ ଆଉ ଥରେ ଚିତ୍କାର କଲେ - ଗା-ଆ-ନ୍ଧୀ, ଗା-ଆ-ନ୍ଧୀ।

ଗାନ୍ଧୀ ଚରିତ୍ର ପାଇଁ ରତ୍ନାକର ସାର୍‌ଙ୍କୁ ଲୋକମାନେ ପାଇଯିବା ପରେ, ଚିନ୍ତା ପଡ଼ିଲା - ନାଥୁରାମ କିଏ ହବ !

ଶରତ ବିଶ୍ୱାଳଙ୍କ କଥା ଅନୁସାରେ କେଉଁ ଯୁବକ ମୁହଁରେ ଅଛି ସେ ଔଜଲ୍ୟ, କାହା ଭିତରେ ଅଛି ସେ ଉଦାମତା, ଓ କାହା ପାଖରେ ଅଛି ଗାନ୍ଧୀଙ୍କୁ ହତ୍ୟା କରିବାର ଯୁକ୍ତିସିଦ୍ଧ ଦୃଢ଼ତା। ସମସ୍ତେ ଏମିତି ଚିନ୍ତାରେ ଥିବାବେଳେ ହଠାତ୍ ଭିଡ଼ ପଛରୁ ଠିଆ ହେଇ ପଡ଼ି - ଟୁନା ପରିଡ଼ା କହିଲା - ମୁଁ ହେବି ନାଥୁରାମ।

ସଭାରେ ସହସା ଏକ ଗୁଞ୍ଜରଣ ଖେଳିଗଲା ଓ ପରେ ପରେ ସମସ୍ତେ ନୀରବ ହୋଇଗଲେ। ଟୁନା ପରିଡ଼ାଟା ଗୋଟାଏ ଦୁର୍ଦ୍ଦାନ୍ତ ଯୁବକ। ଏ ଗାଁର ଏକ ବ୍ୟତିକ୍ରମ ସେ। କଥାକଥାକେ ରାଗିଯାଏ ଓ ଧମକାଏ। ତାକୁ ଭୟରେ କେହି କିଛି କହନ୍ତି ନାହିଁ। ଗାଁର ଗୋଚର ଜମି ମାଡ଼ି ବସିଛି। ତାକୁ ବୁଝେଇ ସୁଝେଇ ଭଲ ରାସ୍ତାକୁ ଆଣିବାକୁ ଏଇ ରତ୍ନାକର ସାର୍ ବହୁବାର ଉଦ୍ୟମ କରିଛନ୍ତି। ହେଲେ ଟୁନା ଯୋଉ ବଦ୍‌ମାସକୁ ସେଇ ବଦ୍‌ମାସ। ବେକରେ ମୋଟା ସୁନା ଚେନ୍ ପକେଇଥିବ। ମୁହଁରେ ଅନେକ କଟା ଦାଗ। ଗାଁ ଦାଣ୍ଡରେ ସେ ଯେତେବେଳେ ତା' ବୁଲେଟ୍ ଚଲେଇ ଯାଏ, ଭୟରେ ଲୋକମାନେ ବାରଣ୍ଡାକୁ କି ଘରକୁ ଉଠି ଯାଆନ୍ତି। ଟୁନା ଥିବ, ଥିବ ହଠାତ୍ ମାସେ ଦି' ମାସ ଗାଁରୁ କୁଆଡ଼େ ଗାଏବ ହେଇଯିବ। ଲୋକେ ଭାବନ୍ତି - ଟୁନା କେଉଁ କେଶ୍‌ରେ ଜେଲ୍ ଯାଇଛି ବୋଧେ। ଲୋକେ ଆଶ୍ୱସ୍ତ ହୁଅନ୍ତି। ପୁଣି କିଛି ଦିନପରେ ଟୁନା ଗାଁକୁ ଏକ ନୂଆ ଆତଙ୍କ ହୋଇ ଫେରି ଆସେ। ଟୁନାର ବାପା ଗାଁରେ ଚାଷବାସ କରନ୍ତି। ଘରେ ରୋଗିଣୀ ବୋଉ ଓ ପୋଲିଓ ରୋଗାକ୍ରାନ୍ତା ସାନ ଭଉଣୀ। ସେମାନେ କେମିତି ଚଳନ୍ତି କ'ଣ କରନ୍ତି - ସେ କଥା ପ୍ରତି ଟୁନାର ଟିକେ ହେଲେ ନିଘା ନ'ଥାଏ।

ଏମିତି ଏକ ଯୁବକ ଯେ ହଠାତ୍ ଉଠିପଡ଼ି ଅଭିନୟ କରିବ ବୋଲି କହିବ, ଏକଥା କିଏ ଭଲା କାହିଁକି ବିଶ୍ୱାସ କରନ୍ତା ! ତା'ଛଡ଼ା, ଏଇ ଟୁନାକୁ ଭଲ ରାସ୍ତାକୁ ଆଣିବାକୁ ରତ୍ନାକର ସାର୍ ତାକୁ ଯେତେଥର ବୁଝାଇଛନ୍ତି, ସେତେଥର ସେ ତାଙ୍କ କଥା ନ'ଶୁଣି ବାଟ ଭାଙ୍ଗି ଚାଲିଯାଇଛି। ଗାଁର ଗୋଚର ଜମି ଗୋରୁଗାଈଙ୍କ ପାଇଁ ମୁକ୍ତ କରିଦେବାକୁ ଯେଉଁଦିନ ରତ୍ନାକର ତାକୁ ବୁଝାଇବାକୁ ଯାଇଥିଲେ - ସେହିଦିନ ଟୁନା ତାଙ୍କୁ ଅଜବ ଯୁକ୍ତି କରି କହିଥିଲା - ଗୋଚର ଜମିରେ ଖାଲି ଗୋରୁ ଚରିବେ ବୋଲି କିଏ କହିଲା ? ମୁଁ ଏଇଠି ଧାନ କଲେ ତା' କୁଣ୍ଡା ଗୋରୁ ଖାଇବେ। ନଡ଼ାକୁଟା ବି ଗୋରୁ ଖାଇବେ। ତେଣୁ ଗୋଚର ଜମି ଠିକ୍‌ରେ ଗୋରୁଙ୍କ କାମରେ ଲାଗିବ। ତମେ ଏଠୁ ଯାଅ ଭାରି। ଏମିତି ଗୋଟାଏ ଉଦ୍‌ଭ୍ରାନ୍ତ ଯୁବକ ପୁଣି ଅଭିନୟ କରିବ ! ତାହା ପୁଣି ଯେଉଁ ନାଟକରେ ରତ୍ନାକର ସାର୍‌ଙ୍କ ପରି ଦେବୋପମ ଲୋକ ଗାନ୍ଧୀ ଭୂମିକାରେ ଅଭିନୟ କରିବେ ! ଲୋକମାନେ ତଟସ୍ଥ ହୋଇ ପରବର୍ତ୍ତୀ ମୁହୂର୍ତ୍ତକୁ ଅପେକ୍ଷା କରୁଥିବା କେତେ ନିର୍ଦ୍ଦେଶକ ଶରତ ବିଶ୍ୱାଳ କହିଲେ - ହଁ, ହଁ ମୁଁ ଏମିତି ଜଣେ ସାହସୀ ଯୁବକଙ୍କୁ ଖୋଜୁଥିଲି। ଯିଏ ମାନସିକ ଭାବେ

ଖୁବ୍ ଦୃଢ଼ ଓ ସ୍ୱେଚ୍ଛାକୃତ ଭାବେ ନାଥୁରାମ ହେବାକୁ ଆଗେଇ ଆସିବ। ତା'ପରେ ସେ ଟୁନାକୁ ପାଖକୁ ଡାକି କହିଲେ - ଆସ, ଆସ ବାବୁ! ଗାଁ ସାରା ସମସ୍ତେ ଯେମିତି ହଠାତ୍ ମୂକ ପାଲଟି ଗଲେ। କାହାରି ମୁହଁରେ ପଦେ ହେଲେ ଭାଷା ନାହିଁ। ଶରତ ବିଶ୍ୱାଳ ଏ କ'ଣ କରୁଛନ୍ତି! ଗାଁର ସବୁଠାରୁ ଦୁର୍ଦ୍ଦାନ୍ତ ଗୋଟେ ଅପରାଧି ଶ୍ରେଣୀର ଯୁବକକୁ ଏମିତି ଏକ ନାଟକରେ ଗୋଟେ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରିବାକୁ କହି ସେ ମହା ବିପଦକୁ ଆମନ୍ତ୍ରଣ କରୁନାହାନ୍ତି ତ!

ନିର୍ଦ୍ଦେଶକ ଶରତ ବିଶ୍ୱାଳଙ୍କ ଆହ୍ୱାନକୁ ଗ୍ରହଣ କରିବା ପରି ଟୁନା ପରିଡ଼ା ଭିଡ଼ ଭିତରେ ପାହୁଣ୍ଡ ପକେଇ ଦୁମ୍ ଦୁମ୍ ହୋଇ ଆଗକୁ ମାଡ଼ିଗଲା।

ଶରତ ବିଶ୍ୱାଳ ଟୁନାର କାନ୍ଧରେ ହାତ ରଖିଲେ ଓ ପଚାରିଲେ - ନାଥୁରାମ ବିଷୟରେ ତୁମେ କିଛି ଜାଣ ବାବୁ?

ହଁ, ସେ ଗାନ୍ଧିଜୀଙ୍କୁ ଫାୟାର କରିଥିଲା। ଟୁନା ବେଖାତିର ସ୍ୱରରେ ଏତକ କହିଲା ଓ ସମସ୍ତଙ୍କୁ ଥରେ ବୁଲିକି ଚାହିଁଲା।

ଶରତ ବିଶ୍ୱାଳ ଏଥର ଟୁନାକୁ ପଚାରିଲେ - ସେ ଗାନ୍ଧୀଙ୍କୁ କାହିଁକି ମାରିଲା ଜାଣ?

ନାଁ! ତା'ର ସେ ବୁଢ଼ା ସାଙ୍ଗରେ କିଛି ଦୁସ୍‌ମନି ଥିବ।

ଶରତ ବିଶ୍ୱାଳ ହସି ଦେଇ କହିଲେ- ନାଇଁରେ ବାବୁ! ଗାନ୍ଧୀଙ୍କ ସହ ତା'ର କିଛି ଦୁସ୍‌ମନି ନ'ଥିଲା। ଗାନ୍ଧୀ ଯେଉଁ ନୀତି କଥା କହୁଥିଲେ, ତାହା ତା'ର ପସନ୍ଦ ନ'ଥିଲା। ଗାନ୍ଧୀ ବିଚାର ସହ ନାଥୁରାମର ବିଚାର ମେଳ ଖାଉ ନ'ଥିଲା। ହେଲେ କ'ଣ ହେଲା- ସେ ତା' ବନ୍ଧୁକରେ ଗୋଟାଏ ମଣିଷ ଗାନ୍ଧୀଙ୍କୁ ସିନା ମାରିଦେଲା - ଗାନ୍ଧୀ ବିଚାରକୁ ମାରି ପାରିଲା କି? ଏବେ ସାରା ପୃଥିବୀରେ ଗାନ୍ଧିବାଦ ଓ ଗାନ୍ଧୀ ବିଚାରଧାରା ବଢ଼ି ଚାଲିଛି। ଲୋକେ ଗାନ୍ଧୀ ପରି ହେବାକୁ ଗୌରବ ମଣୁଛନ୍ତି। ତେଣୁ ଗାନ୍ଧୀଙ୍କର ମୃତ୍ୟୁ ନାହିଁ।

ଟୁନା କହିଲା - ମୁଁ ଏତେ କଥା ଜାଣିନି। ଏ ବର୍ଷ ଡ୍ରାମାରେ ରତନା ମାଷ୍ଟ୍ରେ ଯଦି ପାଆଟ କରିବେ ମୁଁ ବି ପାଆର୍ଟ କରିବି। ବାସ୍।

ଶରତ ବିଶ୍ୱାଳ ଆଉ ଥରେ ତା' ପିଠିରେ ହାତ ରଖି କହିଲେ - ବାବୁରେ, ସତ ଜୀବନ ଠାରୁ ଅଭିନୟ ଭାରି କଷ୍ଟ।

ସମସ୍ତେ ଜୀବନ ବଂଚନ୍ତି । କିନ୍ତୁ ଜୀବନ ବଂଚିବାର ଅଭିନୟ ସମସ୍ତଙ୍କୁ ଜଣା ନ'ଥାଏ। ସେଥିପାଇଁ ଅନେକ ହାରିଯାଆନ୍ତି। ତମର ଅଭିନୟ କରିବାକୁ ଆଗ୍ରହ ଅଛି - ଖୁସିର କଥା। ହେଲେ ଯେଉଁ ଚରିତ୍ରରେ ତମେ ଅଭିନୟ କରିବ, ଥରେ ସେ ଚରିତ୍ରର ଜୀବନ ଓ ଜୀବନକଥା ଜାଣିବା ଦରକାର।

ଟୁନା କହିଲା - ମତେ କ'ଣ କରିବାକୁ ହବ କୁହ।

ଶରତ ବିଶ୍ୱାଳ କହିଲେ - ସବୁଦିନ ରିହରସାଲ୍‌କୁ ଆସିବ। ମୋଠୁ ତମେ ନାଥୁରାମ ବିଷୟରେ ଆଗ ଶୁଣିବ। ମୁଁ ଯେମିତି କହିବି ସେମିତି ଆକ୍ଟିଂ କରିବ। ପାରିବତ?

ଲୋକମାନେ ତଟସ୍ଥ ହେଇ ଚାହିଁଥାନ୍ତି - ଟୁନା ପରିଡ଼ା ପରି ଆସାମୀ କ'ଣ ଶରତ ବିଶ୍ୱାଳଙ୍କ ସର୍ତ୍ତରେ କେବେ ରାଜି ହେବ! ସମସ୍ତେ ଆଶା କରୁଥାନ୍ତି ମନା କରିଦିଅନ୍ତା କି ଟୁନା ପରିଡ଼ା। ଗୋଟାଏ ମହା ଝାମେଲାରୁ ସମସ୍ତେ ମୁକ୍ତି ପାଇଯାଆନ୍ତେ! କିନ୍ତୁ ସମସ୍ତଙ୍କୁ ଚମକେଇ ଦେଇ ଟୁନା ପରିଡ଼ା କହିଲା - ମୁଁ ରାଜି!

ଟୁନାକୁ ନାଥୁରାମ ଚରିତ୍ରରେ ଅଭିନେତା ସଜାଇବା ଛଡ଼ା ସେ ଗ୍ରାମବାସୀଙ୍କର ଆଉ କିଛି ଉପାୟ ନ'ଥିଲା। ଯୁବକମାନେ ଜାଣିଲେ ଏ ବର୍ଷ ନାଟକ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ହେଇଗଲା। ଗାଁର ସବୁଠାରୁ ଭଦ୍ର, ଶାନ୍ତ, ସୁଧାର ଓ ଋଷିପ୍ରତିମ ରତ୍ନାକର ସାର୍ ହେବେ ଗାନ୍ଧୀ ଓ ଗାଁର ସବୁଠାରୁ ନଷ୍ଟ ଚରିତ୍ର, ହିଂସାଖୋର୍ ଟୁନା ପରିଡ଼ା ହେବ ନାଥୁରାମ। ନାଟକର ପରିଣତି କ'ଣ ହେବ ସମସ୍ତେ ଆଶଙ୍କାର ରହିଲେ। ରତ୍ନାକର ସାର୍ କିନ୍ତୁ ଟୁନାକୁ ପାଖକୁ ଡାକି ଯେତେବେଳେ ତାକୁ

ଆଶୀର୍ବାଦ ଦେବା ଭଙ୍ଗୀରେ ତା' ମୁଣ୍ଡରେ ହାତ ରଖିଲେ ଟୁନା ତାଙ୍କ ହାତଟାକୁ ଛାଟି ଦେଇ ସେଠୁ ଚାଲିଯିବା ପରେ ଗ୍ରାମବାସୀମାନେ ଶରତ ବିଶ୍ୱାଳଙ୍କୁ କହିଲେ- ଆଜ୍ଞା, ଏ ବଦମାସଟାକୁ କାହିଁକି ଆପଣ ବାଛିଲେ ? ଦେଖିଲେ ତ, କେମିତି ରତ୍ନାକର ସାର୍‌ଙ୍କ ହାତକୁ ଛାଟିଦେଇ ଚାଲିଗଲା ? ସେ କି ରୋଲ୍ କରିବ ? ସବୁ ଭଣ୍ଡୁର ହେବ ।

ଶରତ ବିଶ୍ୱାଳ ତାଙ୍କ ଦୀର୍ଘ ବର୍ଷର ନିର୍ଦ୍ଦେଶନା ଅଭିଜ୍ଞତାରୁ କହିଲେ - ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ । ସେ ପିଲା ଭିତରେ ରତ୍ନାକର ସାର୍‌ଙ୍କ ପ୍ରତି ଯେଉଁ ବିଦ୍ୱେଷ ଅଛି, ତାହାହିଁ ତ ମୋର ଦରକାର । ତା' ଭିତରେ ପ୍ରତିହିଂସା ଓ ନୀତି, ନିୟମକୁ ଅସ୍ୱୀକାର କରିବାର ଯେଉଁ ଆସ୍ପର୍ଦ୍ଧା ଅଛି, ତାହା ନାଥୁରାମ ଚରିତ୍ରର ମୌଳିକ ଆବଶ୍ୟକତା । ଆପଣମାନେ ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଭାବୁଛି, ଏ ବର୍ଷର ନାଟକ ସବୁଠାରୁ ସଫଳ ହେବ ।

ନିର୍ଦ୍ଦେଶକ ଶରତ ବିଶ୍ୱାଳଙ୍କ ଉପରେ ସମସ୍ତଙ୍କର ଗଭୀର ଆସ୍ଥା ଥିଲା । ତେଣୁ ନିର୍ଦ୍ଦିଷ୍ଟ ଦିନଠାରୁ ନାଟକର ରିହରସାଲ୍ ଆରମ୍ଭ ହେଲା । ନିର୍ଦ୍ଦେଶକ ଶରତ ବିଶ୍ୱାଳଙ୍କ ସର୍ତ୍ତ ମାନି କିନ୍ତୁ ଟୁନା ପରିଡ଼ା ସବୁଦିନ ଆଖେଡ଼ା ଘରକୁ ଆସୁ ନ'ଥିଲା । ସେ ଯେଉଁଦିନ ବି ଆସୁଥିଲା ଠୋ ଠୋ ଏକ ବିକଟାଳ ଶବ୍ଦରେ ତା' ବୁଲେଟ୍ ମୋଟର ସାଇକେଲ୍‌ଟି ଚଲେଇ ଆସୁଥିଲା ଓ ତା' ସାଙ୍ଗରେ ତା'ର କେତେଜଣ ଚେଲା ଚାମୁଣ୍ଡାଙ୍କୁ ସେ ଧରି ଆସୁଥିଲା । ସେ ଆସି କିଛି ସମୟ ନିର୍ଦ୍ଦେଶକଙ୍କ ପାଖରେ ବସିବା ପରେ ଇଚ୍ଛା ହେଲେ ଅଭିନୟ କରୁଥିଲା, ନ'ହେଲେ ଉଠି ଚାଲିଯାଉଥିଲା । ଗାଁ ସାରା ସମସ୍ତେ ଆଶଙ୍କା କରୁଥିଲେ - ଏଥର ଡ୍ରାମା ବିଫଳ ହେବା ନିଶ୍ଚିତ । ଖାଲି ବିଫଳ ନୁହେଁ କୌଣସି ଅଘଟଣ ବି ଘଟିପାରେ ।

ଏମିତି ଏକ ଅଘଟଣ ଆଶଙ୍କା କରୁଥିଲା ଟୁନା ପରିଡ଼ାର ଡାହାଣ ହାତ ବୋଲୋଉଥିବା ବିଶିଆ ମଳିକ । ତାକୁ ଯେତେବେଳେ ତା' ସ୍ତ୍ରୀ ପଚାରିଲା - ହଇଓ ! ତମ ଟୁନା ଭାଇର ଏମିତି ଡ୍ରାମାରେ ପାଆଟେ କରିବାକୁ କାଇଁ ଇଚ୍ଛା ହେଲା କିଓ ?ବିଶିଆ ବହୁ ସମୟ ଭାବିବା ପରେ କହିଲା - କା ଆଗେ କହିବୁନି । ତୁ ଜାଣିଚୁତ, ଟୁନା ଭାଇର ସେ ରତନା ମାଷ୍ଟର ଉପରେ ରାଗ କେତେ ! ଏ ଶାଳା ବୁଢ଼ା ବି ଭଦ୍ରଲୋକି ଦେଖେଇ ହେଇ ଟୁନା ଭାଇକୁ କହୁଥିଲା - ସେ ଗୋଚର ଜମି ଛାଡ଼ି ଦେବାକୁ । ସେଇ ବୁଢ଼ା କଥାରେ ମାତି ଗାଁ ସାରା ବି ଟୁନା ଭାଇଠୁ ସେତକ ଜମି ଛଡ଼େଇ ନବାକୁ ବସିଥିଲେ । ମୁଁ ଭାବୁଛି, ସେଇଦିନୁ ଟୁନା ଭାଇ ଓର ଉଣ୍ଡୁଥିଲା । ଏଥର ଡ୍ରାମାରେ ଟୁନା ଭାଇ ନାଥିଆ ନା କ'ଣ ଗୋଟେ ହେଇକି ଗାନ୍ଧୀ ବୁଢ଼ା ହେଇଥିବା ରତନା ମାଷ୍ଟରକୁ ବନ୍ଧୁକ ଫୁଟେଇବ !

ସିଏତ ସବୁ ମିଛି ମିଛିକା ଡ୍ରାମା କଥା । ଟୁନା ଭାଇ ଖେଳନା ବନ୍ଧୁକ ରତନା ସାର୍‌ଙ୍କୁ ଫୁଟେଇବ । କୋଉ ସତ ବନ୍ଧୁକ ହେଇଛି ନା, କୋଉ ସତରେ କିଏ କାହାକୁ ମାରୁଛି ! -ବିଶିଆର ସ୍ତ୍ରୀ ତା' ବୁଦ୍ଧିରୁ ଏତକ କହିଲା ।

ବିଶିଆ କହିଲା - ତୁ ଏଇଆ ବୁଝିଲୁ ! ଏଇଥିପାଇଁ ଟୁନା ଭାଇ ଚାନ୍ଦା ଦେଇ ଡ୍ରାମାରେ ମିଶିଛି ! ଦେଖିବୁ ରହ ମତେ ଲାଗୁଚି ସେଦିନ ଡ୍ରାମାରେ ସେ ଯଦି ସତକୁ ସତ ବନ୍ଧୁକ ଫୁଟେଇ ସେ ରତନା ବୁଢ଼ାକୁ ସଫା ନ'କରେ ମତେ କହିବୁ ।

ହେ ଭଗବାନ ! ନାଇଁ ନାଇଁ ତମେ ଟୁନା ଭାଇକୁ ଏସବୁ କରିବାକୁ ମନା କର । ଇଏ ତ ମିଛିମିଛିକା ଡ୍ରାମା । ଡ୍ରାମାରେ ଏମିତି ସତସତିକା ବନ୍ଧୁକ ଗୁଳି ....ହେ ଭଗବାନ !

ବିଶିଆ ତା' ସ୍ତ୍ରୀ ପାଟିକୁ ଚାପିଧରି କହିଲା - ଚୁପ୍ ଚୁପ୍ । ପାଟି କରନା । କାନ୍ଥ ବାଡ଼ର ବି କାନ ଅଛି ! ଟୁନା ଭାଇ ଯଦି ଏକଥା ଜାଣିବ ନା, ଆମକୁ ମିନ୍‌ଟିକରେ ଉଡ଼େଇ ଦବ ।

ବିଶିଆ ସ୍ତ୍ରୀର ଛାତି ଧଡ଼ ଧଡ଼ ହେଲା । ତା' ନିଃଶ୍ୱାସ ବନ୍ଦ ହୋଇଯିବା ପରି ଲାଗିଲା । ସେ ବିକଳ ହୋଇ ବିଶିଆର ମୁହଁକୁ ଚାହିଁ ଥିବା ବେଳେ ତା' ଆଖିରୁ ଧାର ଧାର ହେଇ ଲୁହ ବୋହିଯିବାକୁ ଲାଗିଲା । ସେ ତା ଲୁଗା କାନିରେ ସେ ଲୁହ ପୋଛି ଦେଇ

ମନେ ପକେଇଲା – ରତ୍ନାକର ସାର୍‌ଙ୍କ ନିରୀହ ମୁହଁଟିକୁ। ତାକୁ ସେହିକ୍ଷଣି ଦେଖାଗଲା ଗୋଟାଏ ମଞ୍ଚ ଉପରେ ଗାନ୍ଧୀ ବେଶରେ ବସିଥିବା ରତ୍ନାକର ସାର୍‌ଙ୍କ ଛାତିକୁ କେମିତି ଗୁଡୁମ୍ ଗୁଡୁମ୍ କରି ଗୁଳି ଚଳାଉଛି- ଟୁନା ପରିଡ଼ା ଓ ରତ୍ନାକର ସାର୍‌ଙ୍କ ଛାତିରୁ ପିଚ୍‌କାରୀ ମାରି ରକ୍ତ ବାହାରି ଆସୁଛି। ସେ ଆଉ ଆଗକୁ ଭାବି ପାରିଲା ନାହିଁ। ନିଜ ଜୀବନ ଭୟରେ ସେ ମୁହଁରେ ଲୁଗାଦେଇ ଚୁପ୍ ହେଇଗଲା।

ଅବଶେଷରେ ଆସିଲା ସେ ଉତ୍‌କଣ୍ଠିତ ସଂଧ୍ୟା। ମା' ବୁଢ଼ୀ ଠାକୁରାଣୀ ପଡ଼ିଆରେ ସୁସଜ୍ଜିତ ମଞ୍ଚ। ମଞ୍ଚର ତିନିପାଖ ଖୋଲା ଓ ପଛପାଖରେ ଏକ ରଙ୍ଗୀନ୍ ସ୍କ୍ରିନ୍ ଝୁଲୁଛି। ମଞ୍ଚର ଚାରିପଟେ ରଙ୍ଗୀନ୍ ଆଲୁଅର ସାଜସଜ୍ଜା। ସେ ଗାଁ ସାରା ଲୋକ କେବଳ ନୁହନ୍ତି, ଆଖପାଖ କେତେଗୋଟି ଗାଁର ଜନତା ଓ ସେମାନଙ୍କ ବନ୍ଧୁବାନ୍ଧବ ବି ଆସିଛନ୍ତି – "ଗାନ୍ଧୀ ଗଡ଼୍‌ସେ" ନାଟକ ଦେଖିବାକୁ। ସଂଜ ବୁଡୁବୁଡୁ ଠାକୁରାଣୀ ପଡ଼ିଆ ଗହଗହ କମ୍ପୁଛି।

ନାଟକ ଆରମ୍ଭ ହେଲା ବ୍ରିଟିଶ୍‌ମାନଙ୍କ ଭାରତ ଆଗମନ ଦୃଶ୍ୟରୁ। ଗାଁ ସଂକୀର୍ତ୍ତନର ଗାୟକ ଅଖିଆ ପରିଡ଼ା ବ୍ରିଟିଶ୍ ପୋଲିସ୍ ବେଶରେ ଓ କୁକୁର ଭୁକିବା ପରି ଇଂରାଜୀ କହି ଭାରି ମନ ମୋହୁଥାଏ। ଲୋକମାନେ ଜାଣିପାରୁ ନ'ଥାନ୍ତି କିଏ ତାଙ୍କ ଗାଁର ଚା' ଦୋକାନୀ ନିତେଇ ସାହୁ, କିଏ ଖିଲିପାନ ଦୋକାନୀ ବାବୁଲା ବିଶ୍ୱାଳ କି କିଏ ବିଲରେ ହଳ କରୁଥିବା ଧରମୁ ଭୋଇ। ବିଭିନ୍ନ ପୋଷାକ ଓ ରଙ୍ଗୀନ ଆଲୁଅରେ ସମସ୍ତେ ଯେମିତି ନୂଆନୂଆ ଲାଗୁଥା'ନ୍ତି।

ଶେଷରେ ଆସିଲା ସେହି ଦୃଶ୍ୟ। ମହାତ୍ମା ଗାନ୍ଧୀ ତାଙ୍କର ଅନୁଗାମୀମାନଙ୍କ ଗହଣରେ ପ୍ରାର୍ଥନା ସଭାକୁ ଆସିଲେ।

ରତ୍ନାକର ସାର୍‌ଙ୍କୁ ସେ ଚିତ୍ରାଳୟବାଲା ଏମିତି ସଜେଇ ଥିଲା, ଯେମିତି ସେ ଅବିକଳ ମହାତ୍ମା ଗାନ୍ଧୀ। ସେ ବି ସେମିତି ଗୋଲ୍ ଚଷମା ପିନ୍ଧି ଖାଲି ଦିହରେ ତାଙ୍କର ଦୁଇଜଣ ନାତୁଣୀ ବୟସର ଝିଅଙ୍କ କାନ୍ଧରେ ହାତ ରଖି ଯେତେବେଳେ ପ୍ରାର୍ଥନା ସଭାକୁ ଆସୁଥିଲେ, ନାଟକ ଦେଖୁଥିବା ଲୋକମାନେ ଘନ ଘନ ତାଳି ମାରି ସେମାନଙ୍କ ଆନନ୍ଦ ଓ ଉଲ୍ଲାସର ପ୍ରମାଣ ଦେଉଥିଲେ। ଏଥର ଗାନ୍ଧିଜୀଙ୍କ ସାମ୍ନାରେ ଆସି ଆଣ୍ଠୁମାଡ଼ି ବସିଯିବ। ନାଥୁରାମ ବେଶରେ ଟୁନା ପରିଡ଼ା।

ଦର୍ଶକମାନେ ତଟସ୍ଥ। ଏବେ ନାଥୁରାମ ଗାନ୍ଧିଜୀଙ୍କୁ ପ୍ରଣାମ କରିବା ମୁଦ୍ରାରେ ତାଙ୍କ ସାମ୍ନାରେ ନତଜାନୁ ହୋଇ ବସିବ ଓ ତା' ରିଭଲ୍‌ଭରରୁ ଗୁଳି ଚଳାଇବା ମାତ୍ରେ 'ହେ ରାମ୍' କହି ଗାନ୍ଧୀ ଟଳି ପଡ଼ିବେ।

ଦର୍ଶକମାନଙ୍କ ଭିତରେ ଥିଲା ବିଶିଆ ମଳିକ। ସେ ଅପେକ୍ଷା କରୁଥିଲା, କେତେବେଳେ ଟୁନାଭାଇ ସତକୁ ସତ ବନ୍ଧୁକରୁ ଗୁଳି ଚଳାଇବ ଓ ନାଟକରେ ଗାନ୍ଧୀ ହୋଇଥିବା ରତନା ମାଷ୍ଟର ଚିତ୍କାର କରି ଟଳି ପଡ଼ିବ। ତା'ପରେ ଯିଏ ଯୁଆଡ଼େ ପାରିବେ ଧାଁ ଧପଡ଼ ଆରମ୍ଭ କରିଦେବେ।

ପରଦା ପଛରେ ରହି ପ୍ରମ୍ପ୍‌ଟିଂ କରୁଥିବା ଲୋକଟି ଟର୍ଚ୍ଚ ଧରି ଏପଟ ସେପଟ ଧାଉଁଥାଏ। ନିର୍ଦ୍ଦେଶକ ଶରତ ବିଶ୍ୱାଳ ଉଇଙ୍ଗ୍‌ସ୍ କଡ଼ରେ ଠିଆ ହୋଇ ନାଟକର ସେ ଚରମ ମୁହୂର୍ତ୍ତକୁ ଅପେକ୍ଷା କରିଥାନ୍ତି। ତାଙ୍କରି ନିର୍ଦ୍ଦେଶନା ଅନୁସାରେ ନାଥୁରାମ ହୋଇଥିବା ଟୁନା ପରିଡ଼ା ଗାନ୍ଧୀ ହୋଇଥିବା ରତ୍ନାକର ସାର୍‌ଙ୍କ ପାଦ ପାଖରେ ଆଣ୍ଠେଇପଡ଼ି ତାଙ୍କ ଉପରକୁ ଗୁଳି ଚଳାଇବା ମାତ୍ରେ ପ୍ରଚ୍ଛଦରୁ ଏକ କରୁଣ ରାଗିଣୀର ଯନ୍ତ୍ର ସଙ୍ଗୀତ ଶୁଭିବ। ତା'ପରେ ନାଟକର ଶେଷ ଦୃଶ୍ୟର ଯବନିକା ପାତ ହେବ।

ଟୁନା ପରିଡ଼ା ନାଥୁରାମ ବେଶରେ ମଞ୍ଚକୁ ଗଲା। ଗାନ୍ଧୀ ବେଶଧାରୀ ରତ୍ନାକର ସାର୍‌ଙ୍କ ପାଦ ପାଖରେ ଆଣ୍ଠୁମାଡ଼ି ବସିଲା ଓ ହାତ ଯୋଡ଼ିଲା। ତା'ପରେ କ'ଣ ହେଲା କେଜାଣି ସେ ଥରେ ବୁଲିପଡ଼ି ଦର୍ଶକମାନଙ୍କୁ ଚାହିଁଲା ଓ ରତ୍ନାକର ସାର୍‌ଙ୍କୁ ଆପାଦମସ୍ତକ ଭଲକି ନିରୀକ୍ଷଣ କଲା। ସେ ଅନେକ ସମୟ ଯାଏ ଏମିତି ନିର୍ବାକ ହେଇ ରତ୍ନାକର

ସାର୍‌ଙ୍କୁ ଦେଖୁଥାଏ – ଲାଗୁଥାଏ, ଯେମିତି ସେ ତାଙ୍କୁ ଆଜି ପ୍ରଥମଥର ପାଇଁ ଦେଖୁଛି। ଦର୍ଶକଙ୍କ ମେଳରେ ବସିଥିବା ବିଶିଆ ମଳିକ ଭାବୁଥାଏ – ଟୁନା ଭାଇ କେତେବେଳେ ସତସତିକା ବନ୍ଧୁକ ଫୁଟେଇ ରତନା ମାଷ୍ଟରଙ୍କୁ ଖତମ୍ କରିବ।

ସମୟ ବିତିଯାଉଥାଏ। ଟୁନା ପରିଡ଼ା ସେମିତି ଅପଲକ ଆଖିରେ ଖାଲି ଚାହୁଁଥାଏ। ତା ସାମ୍ନାରେ ଗାନ୍ଧୀ ହୋଇ ମରଣକୁ ଅପେକ୍ଷା କରିଥିବା ରତ୍ନାକର ସାର୍‌ଙ୍କୁ। ଉଇଙ୍ଗସ୍ ପାଖରୁ ନିର୍ଦ୍ଦେଶକ ଶରତ ବିଶ୍ୱାଳ ଟୁନାକୁ ବହୁ ପ୍ରକାର ଇସାରା କରୁଥାନ୍ତି ଓ ଫିସ୍ ଫିସ୍‌କି କହୁଥା'ନ୍ତି – ଚଳା ବନ୍ଧୁକ, ଚଳା।

ଟୁନା ପରିଡ଼ା ଯେମିତି ଅନ୍ଧ, ମୂକ, ବଧିର ହୋଇ ଯାଇଥିଲା। ଗାନ୍ଧୀ ହୋଇଥିବା ରତ୍ନାକର ସାର୍ ବି ତଟସ୍ଥ ହୋଇ ଚାହିଁଛନ୍ତି। ଟୁନା ତାଙ୍କୁ ଏମିତି ଚାହୁଁଛି କାହିଁକି ? ତା'ର ଯେମିତି କିଛି ହେଲେ କିଛି ମନେ ପଡୁନି। ଦର୍ଶକମାନେ ନିରବ ନିସ୍ପନ୍ଦ। ସେମାନେ କିଏ କେତେ କଥା ଭାବୁଥାନ୍ତି। ନିର୍ଦ୍ଦେଶକ ଏ ନାଟକରେ ଆଉ ନୂଆକିଛି କରିବେକି ? ନା, ଟୁନା ପରିଡ଼ା କିଛି ଅଘଟଣ ଘଟେଇବ। କ'ଣ ବିଶ୍ୱାସ ଅଛି ତାକୁ! କିଛି ସମୟ ଏମିତି ନିରବରେ ବିତିଯିବା ପରେ ନିର୍ଦ୍ଦେଶକ ଶରତ ବିଶ୍ୱାଳ ବ୍ୟସ୍ତ ବିବ୍ରତ ହୋଇ ମଞ୍ଚର ଆଲୋକ ଲିଭାଇ ଦେବାକୁ ଇସାରା କଲେ।

ମଞ୍ଚ ଅନ୍ଧକାର ହୋଇଗଲା। ନାଟକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶେଷ ଦୃଶ୍ୟଟି ଏମିତି ବିଫଳ ହୋଇଯିବ ବୋଲି କେହି କେବେ ଭାବି ନ'ଥିଲେ। କଳାକାରମାନେ ମଞ୍ଚ ପଛର ପରଦା ଆଢୁଆଳକୁ ଯାଇ ଝାପ୍‌ସା ଆଲୁଅ ଝାପ୍‌ସା ଅନ୍ଧାରରେ ମ୍ରିୟମାଣ ହୋଇ କେବଳ ପରସ୍ପରକୁ ଚାହୁଁଥାନ୍ତି।

ଟୁନା ପରିଡ଼ା ମନରେ ଯେମିତି କୌଣସି ଅନୁଶୋଚନା ନ'ଥିଲା। ସେ ପରଦା ପଛରୁ ଗ୍ରୀନ୍ ରୁମ୍ ଆଡ଼କୁ ଚାଲିଯାଉଥିବାବେଳେ ନିର୍ଦ୍ଦେଶକ ଶରତ ବିଶ୍ୱାଳ ଖୁବ୍ ଉତ୍ତେଜିତ ହୋଇ ତାର ବାହାକୁ ଭିଡ଼ି ଧରିଲେ ଓ ସେମିତି ଉତ୍ତେଜିତ ସ୍ୱରରେ ପଚାରିଲେ – ତମେ ଯେ କ'ଣ କଲ ? ମୋ ଡ୍ରାମାଟାକୁ ଶେଷରେ ନଷ୍ଟ କରିଦେଲ ! ତମକୁ ଏତେ କରି କହିଥିଲି ଲାଷ୍ଟ ସିନ୍‌ରେ ଗାନ୍ଧୀଙ୍କୁ ମାରିବାକୁ। ଛିଃ ଛି, ଏଇ ସାମାନ୍ୟ କଥାଟା ମନେ ରହିଲା ନାହିଁ !

ନାଥୁରାମ ବେଶରେ ଠିଆ ହୋଇଥିବା ଟୁନା ପରିଡ଼ା ମୁହୂର୍ତ୍ତେ ନିର୍ଦ୍ଦେଶକଙ୍କ ମୁହଁକୁ ଚାହିଁଲା ଓ ତାଙ୍କ ଆଖିରେ ଆଖି ମିଳେଇ କହିଲା – ଆପଣ ପରା କହୁଥିଲେ ନାଥୁରାମ କୁଆଡ଼େ ଦିନେ ଗାନ୍ଧୀଙ୍କୁ ପ୍ରାର୍ଥନା ସଭାରେ ମାରିଦେଇଥିଲା ?

ହଁ ତ। ଶରତ ବିଶ୍ୱାଳ ସେମିତି ବିରକ୍ତିର ସହ କହିଲେ।

ତା'ହେଲେ ଆମ ଏ ରତ୍ନାକର ସାର୍‌ଙ୍କ ପରି ଗାନ୍ଧୀମାନେ ଆସିଲେ କୁଆଡୁ ? ଯୁଆଡ଼େ ଦେଖିବ ସେଠି ଗାନ୍ଧୀ ଆଉ ଗାନ୍ଧୀ। ବୁଝିଲେ ଆଜ୍ଞା ! ମୁଁ ଜାଣିଗଲି ଆପଣ ମତେ ମିଛ କହୁଛନ୍ତି। ମୁଁ ଏକା କ'ଣ, ମୋ ପରି ଏମିତି ଲକ୍ଷେ ଲୋକ ହେଲେ ବି ଗାନ୍ଧୀଙ୍କୁ ମାରି ପାରିବେ ନାହିଁ ବୋଲି ମୁଁ ବୁଝିଗଲି। ତା'ହେଲେ ମିଛଟାରେ ମୁଁ ସେ କାମ କରିଥା'ନ୍ତି କାହିଁକି ! କାଣି ସୁଦ୍ଧା ଗାନ୍ଧୀକୁ ମାରିବାକୁ କାହିଁକି ଏମିତି ମିଛ ଡ୍ରାମା ଚାଲିଛି ! ଗାନ୍ଧୀଙ୍କୁ ମାରିବାର ଏ ଧନ୍ଦା ବନ୍ଦ କର।

ମଞ୍ଚ ପଛର ସେ ଅଧା ଆଲୁଅ ଆଉ ଅଧା ଅନ୍ଧାରରେ ନାଥୁରାମ ବେଶରେ ଠିଆ ହୋଇଥିବା ଟୁନା ପରିଡ଼ାକୁ ଶରତ ବିଶ୍ୱାଳ କୁଣ୍ଢେଇ ଧରି ଭୋ ଭୋ ହୋଇ କାନ୍ଦୁ କାନ୍ଦୁ କହିଲେ-ବାବୁରେ ! ମୁଁ ଆଜି ମୋ ଜୀବନରେ ପ୍ରଥମ ଥର ପାଇଁ ଜଣେ ସଚ୍ଚା ଗାନ୍ଧିବାଦୀକୁ ଦେଖିଲି। ମୋ ଜୀବନ ଧନ୍ୟ ହୋଇଗଲା।

❖